ଠାକୁରଙ୍କ ଚିଠି



ଆସାମ-ବଙ୍ଗୀୟ ସାରସ୍ୱତ ମଠ

ଓଁ ତତ୍‌ସତ୍

ଠାକୁରଙ୍କ ଚିଠି

ଅଖଣ୍ଡ

[ଆସାମ-ବଙ୍ଗୀୟ ସାରସ୍ୱତ ମଠ-ପ୍ରତିଷ୍ଠାତା
ଶ୍ରୀମଦାଚାର୍ଯ୍ୟ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ପରମହଂସଦେବ କର୍ତ୍ତୃକ
ତଦୀୟ ଶିଷ୍ୟଭକ୍ତଗଣଙ୍କୁ ଲିଖିତ
ଅମୂଲ୍ୟ ଉପଦେଶପୂର୍ଣ୍ଣ ୩୦୭ ଖଣ୍ଡ ଚିଠିର ସମାବେଶ]

ଆସାମ-ବଙ୍ଗୀୟ ସାରସ୍ୱତ ମଠ

ଅନୁବାଦକ : ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା

ସର୍ବସ୍ୱତ୍ୱ ସଂରକ୍ଷିତ]

[ମୂଲ୍ୟ—150.00

ପ୍ରକାଶକ
ଶ୍ରୀମତ୍ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ
ଆସାମ-ବଙ୍ଗୀୟ ସାରସ୍ୱତ ମଠ
ପୋଃ— କୋକିଳାମୁଖ
ଜିଲ୍ଲା—ଯୋରହାଟ, ଆସାମ
ପିନ୍—୭୮୫୧୦୮

ମୁଦ୍ରାକର
ଶ୍ରୀମତ୍ ଯୋଗେଶଚୈତନ୍ୟ ବ୍ରହ୍ମଚାରୀ
ଯୋଗମାୟା ଯନ୍ତ୍ର
ଆସାମ-ବଙ୍ଗୀୟ ସାରସ୍ୱତ ମଠ
ପ୍ରଚାର ବିଭାଗ, ରାଜା ରାମଚାନ୍ଦ ଘାଟ ରୋଡ
ପୋଃ—ପାଣିହାଟି, କଲିକତା-୭୦୦୧୧୪

ପ୍ରଥମ ସଂସ୍କରଣ : ୧୪୨୪ (୨୦୧୬ ଇଂ)

—ଃ ପ୍ରାପ୍ତିସ୍ଥାନ ଃ—

୧। ଆସାମ-ବଙ୍ଗୀୟ ସାରସ୍ୱତ ମଠ, କୋକିଳାମୁଖ, ଯୋରହାଟ, ଆସାମ, ପିନ୍—୭୮୫୧୦୮, ମୋ—୯୪୩୫୦ ୫୩୧୩୪ ।

୨। ଆସାମ-ବଙ୍ଗୀୟ ସାରସ୍ୱତ ମଠ, ପ୍ରଚାର ବିଭାଗ, ରାଜା ରାମଚାନ୍ଦ ଘାଟ ରୋଡ଼, ପାଣିହାଟି, କଲିକତା-୭୦୦୧୧୪, ଫୋନ-(୦୩୩)୨୫୬୩-୫୪୮୬ ।

Web Site : www.absmath.org **E-Mail :** saraswatmath@gmail.com

୩। ସାରସ୍ୱତ ଆଶ୍ରମ, ଗୌତମ ନଗର, ଭୁବନେଶ୍ୱର, ଓଡ଼ିଶା ।

୪। କଦମକଣ୍ଡା ସାରସ୍ୱତ ଆଶ୍ରମ, ପୋः-କେନ୍ଦୁପାଟଣା, ଜିଲ୍ଲା-କଟକ, ଓଡ଼ିଶା ।

୫। ଶ୍ରୀଶ୍ରୀନିଗମାନନ୍ଦ ସାରସ୍ୱତ ଆଶ୍ରମ, ଲୋକନାଥ ରୋଡ଼, ପୁରୀ-୧, ଓଡ଼ିଶା ।

୬। ସାରସ୍ୱତ ମଠାନ୍ତର୍ଗତ ଆଶ୍ରମ ଓ ସଂଘସମୂହ ।



ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ପରମହଂସଦେବ

ପ୍ରଥମ ଓଡ଼ିଆ ସଂସ୍କରଣରେ ପ୍ରକାଶକଙ୍କ ନିବେଦନ

ଆସାମ-ବଙ୍ଗୀୟ ସାରସ୍ୱତ ମଠ ପ୍ରତିଷ୍ଠାତା ସଦ୍‌ଗୁରୁ ୧୦୮ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ପରମହଂସଦେବ ଅଧ୍ୟାତ୍ମଜଗତରେ ଏକ ଅସାଧାରଣ ଶକ୍ତିସମ୍ପନ୍ନ ମହାପୁରୁଷ । ସେ ସ୍ଥୂଳଦେହରେ ଅବସ୍ଥାନକାଳରେ ତ୍ୟାଗୀ ଓ ଗୃହୀ ଶିଷ୍ୟ-ଭକ୍ତଗଣଙ୍କ ପ୍ରତି ଯେଉଁ ଅମୂଲ୍ୟ ଆଦେଶୋପଦେଶପୂର୍ଣ୍ଣ ବହୁ ଚିଠିପତ୍ର ଲେଖିଛନ୍ତି । ଯତ୍‌ସାମାନ୍ୟ ତନ୍ମଧ୍ୟରୁ ଶ୍ରୀମତ୍ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ, ଶ୍ରୀମତ୍ ଶକ୍ତିଚୈତନ୍ୟ ବ୍ରହ୍ମଚାରୀ ଓ ଶ୍ରୀହରପ୍ରସାଦ ରାୟ ସେମାନଙ୍କ ଦୈନନ୍ଦିନ ଖାତାରେ ଲିପିବଦ୍ଧ କରନ୍ତି । ଶିଷ୍ୟ-ଭକ୍ତଗଣଙ୍କ ମଧ୍ୟରେ ସେହି ଅମୂଲ୍ୟ ବାଣୀଗୁଡ଼ିକ ପ୍ରଚାର ଉଦ୍ଦେଶ୍ୟରେ ''ଠାକୁରଙ୍କ ଚିଠି'' ନାମରେ ଶ୍ରୀହରପ୍ରସାଦ ରାୟକର୍ତ୍ତୃକ ଉତ୍ତର ବଙ୍ଗଳା ସାରସ୍ୱତ ଆଶ୍ରମ, ବଗୁଡାରୁ ତିନି ଖଣ୍ଡରେ ପ୍ରକାଶିତ ହୁଏ ।

''ଠାକୁରଙ୍କ ଚିଠି'' ପ୍ରଥମ ଖଣ୍ଡ ଓ ଦ୍ୱିତୀୟ ଖଣ୍ଡ ଶ୍ରୀଶ୍ରୀଠାକୁର ମହାରାଜ ସ୍ଥୂଳଦେହରେ ଅବସ୍ଥାନକାଳରେ ଯଥାକ୍ରମେ ୧୩୩୩ ଓ ୧୩୩୯ ସାଲରେ ପ୍ରକାଶିତ ହୁଏ ଏବଂ ତୃତୀୟ ଖଣ୍ଡ ଶ୍ରୀଶ୍ରୀଠାକୁର ମହାରାଜ ସ୍ଥୂଳଦେହରକ୍ଷା ପରେ ୧୩୪୫ ସାଲରେ ପ୍ରକାଶିତ ହୁଏ । ବଙ୍ଗଳାରେ ପଥମ ଅଖଣ୍ଡ ସଂସ୍କରଣରୁ ଅବିକଳ ଓଡ଼ିଆ ଭାଷାରେ ଅନୁବାଦିତ କରାଯାଇଛି । ଏହି ଚିଠି ଗୁଡ଼ିକୁ ଅନୁବାଦ କରିଛନ୍ତି ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା ଉକ୍ତ ଅନୁବାଦକୁ ଶ୍ରୀମତ୍ ଆଦିତ୍ୟଚୈତନ୍ୟ ବ୍ରହ୍ମଚାରୀ ସଂଶୋଧନ କରିଛନ୍ତି ।

ଏହି ସଂସ୍କରଣଟି ପ୍ରଥମ ଥର ପାଇଁ ଓଡ଼ିଆ ଭାଷାରେ ପ୍ରକାଶିତ ହେବାରୁ ଓଡ଼ିଶାର ଭକ୍ତସମାଜ ବିଶେଷ ଭାବରେ ଉପକୃତ ହେବେ ଏବଂ ଠାକୁରଙ୍କ

ସ୍ୱହସ୍ତ ଲିଖିତ ଚିଠି ପାଠକରି ଜୀବନ ଧନ୍ୟ କରିବେ । ପ୍ରକାଶନା କ୍ଷେତ୍ରରେ ଉତ୍କୃଷ୍ଟ କାଗଜ, ସୁନ୍ଦର ପ୍ରଚ୍ଛଦ ଓ ଯଥାସାଧ୍ୟ ନିର୍ଭୁଲ କରିବାକୁ ପ୍ରୟାସ କରାଯାଇଛି । ତଥାପି ଯଦି କିଛି ଭ୍ରମ-ପ୍ରମାଦ ରହି ଥାଏ, ଆଶାକରୁ ସେହି ଅନିଚ୍ଛାକୃତ ତ୍ରୁଟି ସହୃଦୟ ପାଠକଗଣ କ୍ଷମାସୁନ୍ଦର ଦୃଷ୍ଟିରେ ଦେଖିବେ ।

।। ଜୟଗୁରୁ ।।

ଆସାମ-ବଙ୍ଗୀୟ ସାରସ୍ୱତ ମଠ	ଶ୍ରୀଗୁରୁଚରଣାଶ୍ରିତ
ଭକ୍ତ ସମ୍ମିଳନୀ, ୧୪୨୪	**ସ୍ୱାମୀ ଦିବ୍ୟାନନ୍ଦ**

ଠାକୁରଙ୍କ ଚିଠି

ପ୍ରଥମ ଖଣ୍ଡ

ବଙ୍ଗଳା ସଂସ୍କରଣ

ପ୍ରଥମ ପ୍ରକାଶ—୧୩୩୩

ଦ୍ୱିତୀୟ ସଂସ୍କରଣ—୧୩୫୨

ତୃତୀୟ ସଂସ୍କରଣ—୧୪୦୫

ପ୍ରଥମ ସଂସ୍କରଣ (ଅଖଣ୍ଡ)—୧୪୧୮

ଉତ୍ସର୍ଗ

ମୋର ହୃଦୟର ଚିର ଆରାଧ୍ୟ ଦେବତା ! ଆଜି
ତୁମର ସମଷ୍ଟିରୂପର ମଙ୍ଗଳ କାମନା କରି
ତୁମର ପ୍ରଚାରିତ ଅମୃତର ବାଣୀ
ଗଙ୍ଗାଜଳରେ ଗଙ୍ଗାପୂଜା ଭଳି
ତୁମର ପୂଜା ଉଦ୍ଦେଶ୍ୟରେ
ଉତ୍ସୃଷ୍ଟ ହେଲା । ତୁମେ
ଗ୍ରହଣ କରି
କୃତାର୍ଥ
କର ।

ତୁମର—

ହରପ୍ରସାଦ

ଭୂମିକା

ଯୁଗେ ଯୁଗେ ମହାପୁରୁଷଗଣ ଆବିର୍ଭୂତ ହୋଇ ମୁମୁକ୍ଷୁ ଜୀବଗଣଙ୍କୁ ସତ୍ୟପଥରେ ପରିଚାଳିତ କରିବା ପାଇଁ ''ବାଣୀ'' ପ୍ରଚାର କରିଥାନ୍ତି । ତଦ୍ଦ୍ୱାରା ମୋହାନ୍ଧ ପ୍ରକୃତ ପଥ ଦେଖିବାକୁ ପାଏ, ବିପଥଗାମୀ ସୁପଥର ସନ୍ଧାନ ପାଏ, କାମୁକ ପ୍ରେମର ଉଦ୍ଦେଶ୍ୟ ପାଇ ନିଜକୁ ହରାଇ ସେହି ମହାପ୍ରେମିକର ପ୍ରେମସାଗରରେ ବୁଡ଼ିଯାଏ । ଆର୍ତ୍ତଜୀବର ଦୁଃଖ ଘୁଞ୍ଚାଇ ତାଙ୍କର ଚିରଶାନ୍ତିମୟ କୋଳକୁ ଟାଣି ନେବା ପାଇଁ ହିଁ ପରମ କାରୁଣିକ ଶ୍ରୀଭଗବାନଙ୍କର ଏହି ମଙ୍ଗଳମୟ ବ୍ୟବସ୍ଥା । ପ୍ରକୃତ ସତ୍ୟପିପାସୁ ତାର ଜନ୍ମଜନ୍ମାନ୍ତରର ଆକୁଳ ପିପାସା ଏହି ଅମୃତମୟ ବାଣୀରୁ ମେଣ୍ଟାଇ ନିଏ । ଦୁର୍ଭାଗା ସିଏ, ଯିଏ ଏପରି ସୁଯୋଗ ହେଳାକରି ହରାଇ ଥାଏ । କଳି–ଉପହତ ଜୀବ ପାଇଁ ପ୍ରଚାରିତ ଏହିପରି କେତୋଟି ବାଣୀ ''ଠାକୁରଙ୍କ ଚିଠି''ରେ ସନ୍ନିବେଶିତ ହୋଇ ଅଛି ।

''ଠାକୁରଙ୍କ ଚିଠି'' ଶ୍ରୀମଦାଚାର୍ଯ୍ୟ ସ୍ୱାମୀ ନିଗମାନନ୍ଦ ପରମହଂସଦେବ କର୍ତ୍ତୃକ ତାଙ୍କର ଶିଷ୍ୟ ଓ ଭକ୍ତଗଣଙ୍କୁ ଲିଖିତ ଅମୂଲ୍ୟ ଉପଦେଶପୂର୍ଣ୍ଣ କେତେଖଣ୍ଡ ଚିଠିର ସମାବେଶ ମାତ୍ର । ବିଷୟରେ ଅନାସକ୍ତି, ଶ୍ରୀଭଗବାନଙ୍କଠାରେ ଆତ୍ମସମର୍ପଣ ଏହାର ଛତ୍ରେ ଛତ୍ରେ ପ୍ରକଟିତ । ବେଦବାକ୍ୟ ଭଳି ଏହା ତ୍ୟାଗ–ବୈରାଗ୍ୟର ତୂର୍ଯ୍ୟନିନାଦରେ ଏବଂ ଜ୍ଞାନ-ଭକ୍ତିର ଅମୃତଧାରାରେ ହୃଦୟ ପୂର୍ଣ୍ଣ କରି ମାନବକୁ ଭୀତିସଙ୍କୁଳ ଜୀବନ-ପଥରେ ପରିଚାଳିତ କରିବାରେ ଅଦ୍ୱିତୀୟ । ଗୋଟିଏ କଥାରେ ''ଠାକୁରଙ୍କ ଚିଠି'' ଠାକୁରଙ୍କ ପ୍ରାଣର ଗଭୀରଭାବର ପୂର୍ଣ୍ଣ ଅଭିବ୍ୟକ୍ତି । ଏକାନ୍ତରେ

ବସି ନିଜର ପ୍ରିୟଜନଙ୍କୁ ଲକ୍ଷ୍ୟକରି ଲିଖିତ ଏହି ଚିଠିଗୁଡ଼ିକରେ ତାଙ୍କର ଅନ୍ତରର ଅନ୍ତରତମ ପ୍ରଦେଶର ସମସ୍ତ କଥା ହିଁ ବ୍ୟକ୍ତ ହୋଇ ଯାଇଅଛି ।

ଏହି ଚିଠିରେ ତାଙ୍କର ଉଦ୍‌ବୁଦ୍ଧ ଶିଷ୍ୟଙ୍କ ପ୍ରତି ପ୍ରାଣର ବ୍ୟାକୁଳତାର ଲକ୍ଷଣ ଅଛି, ତାଙ୍କ ହୃଦ-ନିକୁଞ୍ଜର ପୋଷା ପକ୍ଷୀଙ୍କ କଳକଣ୍ଠର ଲଳିତ କାକଳିର କଥା ଅଛି, ଶୋକସନ୍ତପ୍ତ ନିରାଶ ପ୍ରାଣ ପାଇଁ ଶାନ୍ତିର ନିର୍ଝର ଅଛି, ଆଉ ସାଧକର—ବିଶେଷତଃ ଗୃହସ୍ଥ ସାଧକର ଆଦର୍ଶ-ଜୀବନ ଗଠନୋପଯୋଗୀ ସମସ୍ତ ବସ୍ତୁ ହିଁ ବିଦ୍ୟମାନ ଅଛି । ଯେ କୌଣସି ମଧ ଗୋଟିଏ ଚିଠିର ଅନ୍ତର୍ନିହିତ ସତ୍ୟ ଜୀବନରେ ପ୍ରତିଫଳିତ କରି ପାରିଲେ ମାନବ ଧନ୍ୟ ଓ କୃତାର୍ଥ ହୋଇ ପାରିବ ।

ଶୋକରେ ସାନ୍ତ୍ୱନା, ହତାଶାରେ ଆଶା, ବିପଦରେ ଧୈର୍ଯ୍ୟ, ସର୍ବାବସ୍ଥାରେ ଭଗବତ୍‌ନିର୍ଭରତା, କର୍ମ, ଜ୍ଞାନ ଓ ଭକ୍ତିର ସମନ୍ୱୟ ଏବଂ ଏକମାତ୍ର ନିତ୍ୟ ସତ୍ୟ ଶ୍ରୀଭଗବାନଙ୍କର ଉପାସନାର ସହଜ କୌଶଳାଦି ଦ୍ୱାରା ଚିଠିଗୁଡ଼ିକ ଗୌରବାନ୍ୱିତ ହୋଇଅଛି । ପ୍ରକୃତପକ୍ଷରେ କହିବାକୁ ଗଲେ ଏହି ଚିଠି ଗୁଡ଼ିକ ଅମୃତର ଅଫୁରନ୍ତ ଉତ୍ସ ! ଯେ ଗ୍ରନ୍ଥାକାରରେ ଏଗୁଡ଼ିକୁ ପ୍ରକାଶ କଲେ, ସେ ଆମର ଧନ୍ୟବାଦାର୍ହ ।

ଜଗଦ୍‌ଗୁରୁ କୃପାପରବଶ ହୋଇ ଜଗତରେ ଯେଉଁ ସତ୍ୟର ଆଲୋକସମ୍ପାତ କରିଛନ୍ତି, ତାହା ପ୍ରତି ମାନବ-ହୃଦୟର ଅଜ୍ଞାନାନ୍ଧକାର ନାଶ କରି ସେମାନଙ୍କୁ ସତ୍ୟ ପଥରେ—ଶାନ୍ତି ପଥରେ ପରିଚାଳିତ କରୁ ଏବଂ ସେହି ପୂତଚରିତ ଋଷିକୁଳର ଆବିର୍ଭାବରେ ଧର୍ମଗତପ୍ରାଣ ଭାରତ ପୁଣି ସଞ୍ଜୀବିତ ହୋଇ ଉଠୁ, ଏହା ହିଁ ଏକାନ୍ତ ପ୍ରାର୍ଥନା ।

ବଗୁଡ଼ା,
ଝୁଲଣପୂର୍ଣ୍ଣିମା, ୧୩୩୩

ଶ୍ରୀ ସୁରେନ୍ଦ୍ରମୋହନ ଦାସଗୁପ୍ତ

ପ୍ରଥମ ସଂସ୍କରଣରେ ପ୍ରକାଶକଙ୍କ ନିବେଦନ

ଧ୍ୟାନମୂଳଂ ଗୁରୋର୍ମୂର୍ତ୍ତିଃ ପୂଜାମୂଳଂ ଗୁରୋଃ ପଦଂ ।
ମନ୍ତ୍ରମୂଳଂ ଗୁରୋର୍ବାକ୍ୟଂ ସିଦ୍ଧିମୂଳଂ ଗୁରୋଃ କୃପା ।।

ପାଠକଲେ ଅନିର୍ବଚନୀୟ ଆନନ୍ଦ ହୁଏ ଏବଂ ହୃଦୟରେ ଭାବର ହିଲ୍ଲୋଳ ପ୍ରବାହିତ ହୁଏ ଦେଖି, ମୋର ପରମ ପୂଜ୍ୟପାଦ ଆଚାର୍ଯ୍ୟ ଶ୍ରୀଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ପରମହଂସଦେବ ତାଙ୍କର ଶିଷ୍ୟ ଓ ଭକ୍ତଗଣଙ୍କୁ ଯେଉଁ ସବୁ ଉଦ୍ଦୀପନାପୂର୍ଣ୍ଣ ଓ ଆବେଗମୟ ଚିଠି ସମୟେ ସମୟେ ଲେଖିଥାନ୍ତି, ସେଥିରୁ ହିଁ କେତେଗୁଡ଼ିଏ ସଂଗ୍ରହ କରି ଗୋଟିଏ ଖାତାରେ ଲେଖି ରଖେ । ମୋର ସତୀର୍ଥମାନଙ୍କ ସନିର୍ବନ୍ଧ ଅନୁରୋଧରେ ଆଜି ସେହି ଚିଠିଗୁଡ଼ିକ ''ଠାକୁରଙ୍କ ଚିଠି''ରେ ପ୍ରକାଶ କଲି । ଆଶାକରେ, ଭାଗ୍ୟବାନ୍ ମୁମୁକ୍ଷୁ ମାତ୍ରେ ହିଁ ଏହା ପାଠ କରି ପଥ ଦେଖିବାକୁ ପାଇବେ ।

ଶୀଘ୍ର ଶୀଘ୍ର ପ୍ରକାଶ କରିବାକୁ ଚେଷ୍ଟା କରିବାରୁ ଚିଠିଗୁଡ଼ିକରେ ନାନାସ୍ଥାନରେ ଭ୍ରମପ୍ରମାଦ ରହି ଯାଇଛି । ଆଶା କରୁଛି ମରାଳଧର୍ମୀ ସୁଧୀ ପାଠକ ଏହି ଦୋଷ ଗ୍ରହଣ କରିବେ ନାହିଁ । କିମଧିକମିତି—

ବଗୁଡ଼ା,
ମହାଳୟା, ୧୩୩୩

ଶ୍ରୀ ହରପ୍ରସାଦ ରାୟ

ଦ୍ୱିତୀୟ ସଂସ୍କରଣରେ ପ୍ରକାଶକଙ୍କ ନିବେଦନ

ଆଜି ଦୀର୍ଘଦିନ ପରେ ''ଠାକୁରଙ୍କ ଚିଠି'' ପ୍ରଥମ ଖଣ୍ଡର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହେଲା । ଅଦୂର ଭବିଷ୍ୟତରେ ଏହି ଚିଠିର ପରବର୍ତ୍ତୀ କୌଣସି ଖଣ୍ଡ ପ୍ରକାଶର ଆଶା ବା ସମ୍ଭାବନା ନ ଥିବାରୁ ପ୍ରଥମ ସଂସ୍କରଣରେ ଏହାକୁ କୌଣସି ଖଣ୍ଡରେ ଅଭିହିତ କରାଯାଇ ନାହିଁ । କିନ୍ତୁ ଶ୍ରୀଶ୍ରୀଠାକୁରଙ୍କ ଅସୀମ କୃପାରୁ ଅଭାବନୀୟ ଭାବରେ ନୂତନ ନୂତନ ଚିଠି ସଂଗୃହୀତ ହୋଇ ପରେ ପରେ ଏହାର ଆହୁରି ଦୁଇଟି ଖଣ୍ଡ ପ୍ରକାଶିତ ହୋଇ ଯାଇଛି । ତେଣୁ ବର୍ତ୍ତମାନ ଏହି ଗ୍ରନ୍ଥକୁ ''ଠାକୁରଙ୍କ ଚିଠି—ପ୍ରଥମ ଖଣ୍ଡ'' ରୂପେ ଅଭିହିତ କରାଗଲା ।

କିପରିଭାବରେ ଏହି ଚିଠିଗୁଡ଼ିକ ସଂଗୃହୀତ ହୋଇଅଛି, ପ୍ରଥମ ସଂସ୍କରଣରେ ତାହାର ଉଲ୍ଲେଖ କରାଯାଇ ନାହିଁ । ଆଜି ସେହି ଇତିହାସ ବିବୃତ କରି ମୋର କର୍ତ୍ତବ୍ୟର ପରିସମାପ୍ତି କରୁଅଛି ।

ବଗୁଡ଼ା ଠାକୁରଙ୍କର ଅତ୍ୟନ୍ତ ପ୍ରିୟ । ବଗୁଡ଼ାର ଭକ୍ତଗଣଙ୍କୁ ଠାକୁର ଅତ୍ୟନ୍ତ ଭଲପାଉଥିଲେ । ତେଣୁ ପ୍ରତିବର୍ଷ ଯେପରି ସେ ଦୁଇ ତିନିଥର କରି ବଗୁଡ଼ା ଆସିଛନ୍ତି, ସେହିପରି ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ନିମିତ୍ତ ପ୍ରାଣର ଆବେଗରେ ବହୁ ଚିଠି ମଧ୍ୟ ଲେଖିଛନ୍ତି । ଶ୍ରୀଶ୍ରୀଠାକୁରଙ୍କ ସ୍ୱହସ୍ତ-ଲିଖିତ ଏହିପରି ବହୁ ଚିଠି ବଗୁଡ଼ାର ପ୍ରତ୍ୟେକ ଭକ୍ତଙ୍କ ନିକଟରେ ସଞ୍ଚିତ ଥିଲା । ମୁଁ ଏହି ଚିଠିଗୁଡ଼ିକ ପଢ଼ି ମୁଗ୍ଧ ହୋଇ ନିଜର ଚିତ୍ତଶୁଦ୍ଧି ପାଇଁ ଗୋଟିଏ ବନ୍ଧେଇ ଖାତାରେ ସେଗୁଡ଼ିକର ନକଲ କରି ରଖିଲି । ତାହା ଦେଖି ବଗୁଡ଼ାର ଆଦିକେଶବ ମୋର ପ୍ରାଣପ୍ରିୟ ଗୁରୁଭ୍ରାତା ଶ୍ରୀ ଗୋବିନ୍ଦଚନ୍ଦ୍ର ପୁତତୁଣ୍ଡ କହିଲେ—''ଦାଦା ! ଏହି ଚିଠିଗୁଡ଼ିକ ସହିତ ଆଉ କେତେଗୁଡ଼ିଏ ଚିଠି ସଂଯୋଗ କରି ଛପାଇଲେ ଭଲ ହେବ ।'' ଅତଃପର ତାଙ୍କର ପ୍ରେରଣାରେ ଅନୁପ୍ରାଣିତ ହୋଇ ମୁଁ ଚିଠି-ସଂଗ୍ରହରେ ପ୍ରବୃତ୍ତ ହେଲି । ଇତ୍ୟବସରରେ ୧୩୨୬ ସାଲର ୰ଝୁଲଣପୂର୍ଣ୍ଣମା

ତିଥିରେ ବଗୁଡ଼ାରେ ଆଶ୍ରମ ପ୍ରତିଷ୍ଠିତ ହେଲା, ଶ୍ରଦ୍ଧେୟ ସ୍ୱାମୀ ସ୍ୱରୂପାନନ୍ଦଜୀ ଏହାର ଅଧ୍ୟକ୍ଷରୂପେ ବଗୁଡ଼ା ଆସିଲେ । ସ୍ୱାମୀ ସ୍ୱରୂପାନନ୍ଦଜୀଙ୍କ ନିକଟରେ କେତେଗୁଡ଼ିଏ ଚିଠି ସଂଗୃହୀତ ହୋଇ ଥିଲା, ତାଙ୍କର ଅନୁମତି କ୍ରମେ ମୁଁ ସେଗୁଡ଼ିକ ମଧ୍ୟ ଖାତାରେ ନକଲ କରି ରଖିଲି । ଅତଃପର ସେହି ସବୁ ସଂଗୃହୀତ ଚିଠିରୁ ୧୦୬ଖଣ୍ଡ ଚିଠି ସ୍ୱାମୀ ସ୍ୱରୂପାନନ୍ଦଜୀଙ୍କ ଦେହରକ୍ଷା ପରେ ବିଗତ ୧୩୩୩ ସାଲରେ "ଠାକୁରଙ୍କ ଚିଠି"ରେ ପ୍ରକାଶ କରା ହୁଏ । ଏହି ଚିଠି ଭିତରୁ ପ୍ରାୟ ଅର୍ଦ୍ଧେକ ସ୍ୱାମୀ ସ୍ୱରୂପାନନ୍ଦଜୀଙ୍କ ଦ୍ୱାରା ସଂଗୃହୀତ । ଏଥିପାଇଁ ଆଜି ମୁଁ ତାଙ୍କ ଉଦ୍ଦେଶ୍ୟରେ ମୋର ଅନ୍ତରର ଐକାନ୍ତିକ କୃତଜ୍ଞତା ଜଣାଉଅଛି । ସେ ମୋର ଅକୃତ୍ରିମ ବନ୍ଧୁ ଥିଲେ, ତାଙ୍କର ସ୍ମୃତି ଅନ୍ତରରେ ଚିରଜାଗରୁକ୍ ରଖିବା ପାଇଁ ଏବଂ ଭକ୍ତସମାଜରେ ତାଙ୍କୁ ଚିର ଅମର କରିବା ପାଇଁ ତାଙ୍କର ପବିତ୍ର ନାମ ଏହି ଗ୍ରନ୍ଥ ମଧ୍ୟରେ ସଂଯୋଜିତ କରିଦେଇ ମୁଁ ଋଣମୁକ୍ତ ହେଲି ।

ପରବର୍ତ୍ତୀ ଖଣ୍ଡଦ୍ୱୟର ଚିଠି କିପରି ସଂଗୃହୀତ ହେଲା, ପରବର୍ତ୍ତୀ ସଂସ୍କରଣରେ ତାହାର ଇତିହାସ ବିବୃତ କରିବା ନ୍ୟାୟସଙ୍ଗତ ହେଲେ ମଧ୍ୟ ମୋର ବୟସର ଏବଂ କ୍ରମଃକ୍ଷୟିଷ୍ଣୁ ଦୈହିକ ସ୍ୱାସ୍ଥ୍ୟକୁ ଲକ୍ଷ୍ୟ କରି ଭବିଷ୍ୟତରେ ଏହାର ପରବର୍ତ୍ତୀ ସଂସ୍କରଣ ଦେଖିବାର ସୌଭାଗ୍ୟ ଜୁଟିବ କି ନାହିଁ, ଏହି ଆଶଙ୍କାରେ—ଏହି ଅବସରରେ ହିଁ ତାହା ପ୍ରକାଶ କରିବା ସମୀଚୀନ ବୋଧ କରୁଅଛି ।

ପ୍ରଥମ ଖଣ୍ଡ ପ୍ରକାଶ ପରେ ଅଳ୍ପ ସଂଖ୍ୟକ ଚିଠି ହିଁ ମୋର ଖାତାରେ ଲିପିବଦ୍ଧ ଥିଲା । ତାହା ଦ୍ୱାରା ସ୍ୱତନ୍ତ୍ରଭାବରେ କୌଣସି ଖଣ୍ଡ ପ୍ରକାଶର ସମ୍ଭାବନା ନ ଥିଲା । ଅତଃପର ବଗୁଡ଼ା ଆଶ୍ରମର ବର୍ତ୍ତମାନର ଅଧ୍ୟକ୍ଷ ଶ୍ରୀମତ୍ ଶକ୍ତିଚୈତନ୍ୟ ବ୍ରହ୍ମଚାରୀ ଶ୍ରୀଶ୍ରୀଠାକୁରଙ୍କର ସୁସ୍ପଷ୍ଟ ଇଙ୍ଗିତ ଓ ଉପଦେଶାନୁସାରେ ବଙ୍ଗଳା ଓ ଆସାମର ବିଭିନ୍ନ ସ୍ଥାନରୁ ନୂତନ ନୂତନ ଚିଠି ସଂଗ୍ରହ କରି ଠାକୁରଙ୍କ ଚିଠି ଦ୍ୱିତୀୟଖଣ୍ଡ ଓ ତୃତୀୟ ଖଣ୍ଡ ପ୍ରକାଶ

କରିବାର ସୁଯୋଗ କରାଇ ଦିଅନ୍ତି । ମୁଖ୍ୟତଃ ତାଙ୍କର ପୂର୍ଣ୍ଣ ସହାୟତା ଏବଂ ପ୍ରଚେଷ୍ଟାରେ ହିଁ ଦ୍ୱିତୀୟ ଓ ତୃତୀୟ ଖଣ୍ଡର ପ୍ରକାଶ ।

"ଠାକୁରଙ୍କ ଚିଠି" ପ୍ରଥମ ଖଣ୍ଡର ବର୍ତ୍ତମାନ ସଂସ୍କରଣରେ ଆହୁରି ଗୋଟିଏ ନୂତନ ଚିଠି ସଂଯୋଜିତ ହେଲା । ସୁତରାଂ ବର୍ତ୍ତମାନ ସଂସ୍କରଣରେ ଚିଠିର ସଂଖ୍ୟା ହେଲା ୧୦୭ । ସବୁ ଚିଠିଗୁଡ଼ିକ ମୂଳଖାତା ଦେଖି ଏଥର ଆମୂଳ ସଂଶୋଧନ କରି ଦିଆଯାଇଛି । ପ୍ରୟୋଜନ ବୋଧରେ ସ୍ଥାନେ ସ୍ଥାନେ ସଂଯୋଗ-ବିୟୋଗ ମଧ୍ୟ କରାଯାଇଛି । ଏହା ଫଳରେ "ଚିଠି" ଖଣ୍ଡିକ ଯେ ନବ ରୂପ ଧାରଣ କରିଅଛି ତାହା କହିବା ବାହୁଲ୍ୟ ମାତ୍ର ।

କାଗଜର ଏହି ଦୁର୍ମୂଲ୍ୟତା ଏବଂ ଦୁଷ୍ପ୍ରାପ୍ୟତା ଦିନରେ, ବିଶେଷତଃ ମୁଦ୍ରଣବ୍ୟୟର କଳ୍ପନାତୀତ ପରିବର୍ଦ୍ଧନ ସମୟରେ ଇଚ୍ଛାସତ୍ତ୍ୱେ ମଧ୍ୟ ଏହାର ପୂର୍ବମୂଲ୍ୟ ସ୍ଥିର ରଖି ପାରିଲି ନାହିଁ । ଟ ୧.୨୫ପ. ସ୍ଥଳେ ଟ୧.୫୦ପ. କରିବାକୁ ବାଧ୍ୟ ହେଲି ।

ପରମ ପ୍ରେମାସ୍ପଦ ସ୍ନେହଭାଜନ ଗୁରୁଭ୍ରାତା ଶ୍ରୀଯୁକ୍ତ ନାରାୟଣଦାସ ନନ୍ଦୀ, ବି.ଇ, ଇଞ୍ଜିନିୟର ମହାଶୟ ତାଙ୍କର ଅଜସ୍ର କାର୍ଯ୍ୟ ଭିତରେ ମଧ୍ୟ ସ୍ୱତଃପ୍ରବୃତ୍ତ ହୋଇ ଏହି ସଂସ୍କରଣର ସମ୍ପୂର୍ଣ୍ଣ ପ୍ରୁଫ୍ ଏକା ଦେଖି ଠାକୁରଙ୍କ ବାଣୀ ପ୍ରଚାରରେ ଯେଉଁ ସହାୟତା କଲେ, ତାହାର ବିନିମୟରେ ପ୍ରଚଳିତପ୍ରଥାରେ କୃତଜ୍ଞତା ପ୍ରକାଶ ନିତାନ୍ତ ଅକିଞ୍ଚିତ୍କର । ତେଣୁ କେବଳ ତାଙ୍କୁ ମୁଁ ମୋର ପ୍ରାଣର ଐକାନ୍ତିକ ପ୍ରୀତି ଓ ଭଲପାଇବା ଜଣାଇ ଶ୍ରୀଶ୍ରୀଠାକୁରଙ୍କ ଚରଣରେ ତାଙ୍କର ସର୍ବାଙ୍ଗୀଣ ମଙ୍ଗଳ କାମନା କରୁଅଛି ।

ଶୀଘ୍ର ଶୀଘ୍ର ପ୍ରକାଶ ପାଇଁ ଚେଷ୍ଟା କରିବାରୁ ଅଳ୍ପାଧିକ ଭ୍ରମପ୍ରମାଦ ଅବଶ୍ୟମ୍ଭାବୀ । ଆଶାକରେ ସୁଧୀ ପାଠକ ତାହା ସହ୍ୟ କରିବେ । ଅଳମତିବିସ୍ତରେଣ—

ବଗୁଡ଼ା	ନିବେଦକ
ଶ୍ରୀଶ୍ରୀକୃଷ୍ଣଜନ୍ମାଷ୍ଟମୀ, ୧୩୫୨	**ଶ୍ରୀ ହରପ୍ରସାଦ ରାୟ**

ଠାକୁରଙ୍କ ଚିଠି

ପ୍ରଥମ ଖଣ୍ଡ

(୧)

ମା, ଅଦ୍ୟ ତୁମର ପତ୍ର ପାଇ ବିସ୍ତାରିତ ଅବଗତ ହେଲି । କର୍ମସୂତ୍ରଫଳରେ ଯେତେବେଳେ ଯେଉଁଠାରେ ରୁହ, ନିଜେ ଧୈର୍ଯ୍ୟ ଓ ସ୍ଥୈର୍ଯ୍ୟ ଅବଲମ୍ବନ ନ କଲେ ଉଦ୍‌ବେଗ ଅଶାନ୍ତି ଦୂର ହେବ ନାହିଁ । ଏହି ଜଗତ୍ ଅଭାବ ଦେଇ ଗଢ଼ା । ଦୁଃଖିନୀ ଠାରୁ ରାଜରାଣୀ ପର୍ଯ୍ୟନ୍ତ ସମସ୍ତେ ଗୋଟିଏ ଅଭାବ ହାତରେ ଲାଞ୍ଛିତ । ପୂର୍ଣ୍ଣତ୍ୱରେ ନ ପହଞ୍ଚିବା ପର୍ଯ୍ୟନ୍ତ କାହାରି ମଧ୍ୟ କୌଣସି ସ୍ଥାନରେ ତୃପ୍ତି ହୋଇ ପାରିବ ନାହିଁ । ମନୁଷ୍ୟ ଇଚ୍ଛାପୂର୍ବକ ସୁଖର କଳ୍ପନାରେ ଦୁଃଖ ପାଉଅଛି । କେହି କାହାରି ସୁଖ–ଦୁଃଖର କାରଣ ନୁହନ୍ତି । ସ୍ଥାନ କାଳ ପାତ୍ର ନିମିତ୍ତ ମାତ୍ର । ଯେତେବେଳେ କର୍ମଫଳରେ ଅଶାନ୍ତି, ସେତେବେଳେ ଜୀବ ଯେଉଁଠାକୁ ଯିବ ଅଶାନ୍ତି ସଙ୍ଗେ ସଙ୍ଗେ ଉପସ୍ଥିତ ହେବ । ତେଣୁ କବି କହିଛନ୍ତି :—"ଅଭାଗା ଯେଉଁ ଆଡ଼େ ଚାହେଁ, ସାଗର ଶୁଖି ଯାଏ ।" ସୁତରାଂ ଚଞ୍ଚଳତା ବା ବ୍ୟାକୁଳତାରେ ଘୁରିବୁଲିଲେ ତୃପ୍ତି ହେବ ନାହିଁ । ଏହି ମାୟାର ମରୁମୟ ସଂସାରରେ ଶାନ୍ତିବାରି ମିଳେ ନାହିଁ, ସୁତରାଂ ଦୌଡ଼ାଦୌଡ଼ି କଲେ କ୍ଳାନ୍ତ ହୋଇ ପଡ଼ିବ । ତେଣୁ ମହାପୁରୁଷମାନଙ୍କ ଉପଦେଶ ଏହା ଯେ,—"ଯେ ସଂସାରର ପ୍ରକୃତ ରହସ୍ୟ ଜାଣି

ମରୀଚିକା-ଭ୍ରମ ବୁଝିଅଛି, ସେ ଆଉ ନ ଘୁରି ଯେଉଁଠାରେ ଯେଉଁ ଅବସ୍ଥାରେ ଅଛି ସେହିଠାରେ ବସି ଜଳ ପାଇଁ ପ୍ରାର୍ଥନା କରୁ, ଜଳ ଆପେ ତା ନିକଟରେ ଆସି ଉପସ୍ଥିତ ହେବ ; ଆଉ ମରୀଚିକାରେ ପ୍ରତାରିତ ହେବାର ଭୟ ରହିବ ନାହିଁ ।'' ତେଣୁ କହୁଛି, ବୃଥା ଚଞ୍ଚଳତା ଓ ବ୍ୟାକୁଳତା ପ୍ରକାଶ ନ କରି ମଙ୍ଗଳମୟ ଭଗବାନ୍ ଯେଉଁଭାବରେ ଯେଉଁଠାରେ ରଖିବେ ସେହିଭାବରେ ରହି ତାଙ୍କୁ ଡାକ ; ତାଙ୍କର ନାମ କର, ତାଙ୍କ ପାଇଁ ପାଗଳ ହୁଅ ; ସେ ଆପେ ଯାଚିଯା ସାଧିଯା ତୁମ ନିକଟରେ ଉପସ୍ଥିତ ହେବେ ; ନତୁବା ବ୍ରହ୍ମାଣ୍ଡ ଘୁରିବୁଲିଲେ ମଧ୍ୟ ତାଙ୍କର ସନ୍ଧାନ ମିଳିବ ନାହିଁ । ଆଉ ତାଙ୍କ ଉପରେ ନିର୍ଭର କରି ତାଙ୍କର ବ୍ୟବସ୍ଥାରେ ସନ୍ତୁଷ୍ଟ ରହି ତାଙ୍କର ଜୟ ଉଚ୍ଚାରଣ କର; ସେ ତୁମର ସମସ୍ତ ହୃଦୟ ଭରି ପ୍ରକାଶିତ ହେବେ । ତୁମେ କାଶୀ ଯିବାକୁ ଚାହିଁଛ, ସେଥିରେ ମୋର ଆପତ୍ତି ନାହିଁ, କିନ୍ତୁ ଏହା ଜାଣିରଖ, ଶାନ୍ତି ବା ସୁଖ ଜଗତର କୌଣସି ଗୋଟିଏ ସ୍ଥାନରେ ଜମାଟ ବାନ୍ଧିରହି ନାହିଁ ; ଆଉ ଯାହାର ଶାନ୍ତି ଅଛି, ଜଗତର ସର୍ବସ୍ଥାନରେ ତାହାର ଶାନ୍ତି ଅବ୍ୟାହତ । ମୋର ଆଶ୍ରମକୁ ଆସିଲେ ମଧ୍ୟ ମୋର ନିକଟରେ ରହି ହେବ ନାହିଁ । ଦୀନେଶ ଆସିଥିଲା, କିନ୍ତୁ କାହିଁ, କେହି ତ ଆଉ ତାକୁ ଆଶ୍ରମରେ ଦେଖିବାକୁ ପାଉ ନାହାନ୍ତି ? ପ୍ରାଣରେ ନ ପାଇଲେ ବାହାରେ ପାଇବା ବୃଥା ; ବୁଝିଲୁ ? ମାଗୋ ! ମାତୃତ୍ୱରେ ହୃଦୟ ପୂର୍ଣ୍ଣକର । ରମଣୀତ୍ୱ ଶୟତାନ୍‌ର ଉଚ୍ଛିଷ୍ଟ । ସୁତରାଂ ଜନନୀତ୍ୱ ବ୍ୟତୀତ ଭଗବାନଙ୍କର ପବିତ୍ର ମୂର୍ତ୍ତି କାହାରି ବି ନୟନଗୋଚର ହୁଏ ନାହିଁ । ସେ ସର୍ବତ୍ର, କିନ୍ତୁ ଭକ୍ତର ଉପଯୁକ୍ତ ଅବସ୍ଥା ନ ଆସିଲେ ସମ୍ମୁଖକୁ ଆସନ୍ତି ନାହିଁ । ଉପଯୁକ୍ତ କରିବା ପାଇଁ ହିଁ ସଂସାର-ହାପରେ ପୋଡ଼ନ୍ତି ;—ବୁଝିଲୁ ? ଆଶୀର୍ବାଦ କରୁଛି

ତୁମଠାରେ ମାତୃତ୍ୱ ପ୍ରତିଷ୍ଠିତ ହେଉ, ମାତୃସତ୍ତାରେ ତୁମେ ଚିରଦିନ ପାଇଁ ବିଲୀନ ହୋଇଯାଅ । ଇତି—

ଆଶୀର୍ବାଦକ—

ଠାକୁର

(୨)

ମୟମନସିଂହ

୨।୯।୧୭

ସ୍ନେହର ଇନ୍ଦୁ,

ତୁମର ଚିଠିଖଣ୍ଡିକରୁ ତୁମର ସରଳ ପ୍ରାଣର କୋମଳ କଥାଗୁଡ଼ିକ ପଢ଼ି ଗୋଟିଏ କ୍ଷୁଦ୍ର ହୃଦୟର ପ୍ରବଳ ଉଚ୍ଛ୍ୱାସ ସମ୍ୟକ୍ ଉପଲବ୍ଧି କଲି ଏବଂ କ୍ଷଣକାଳ ପାଇଁ ହର୍ଷ-ବିଷାଦର ଯୁଗପତ୍ ଉଦ୍‌ବେଳନରେ ଅଧୀର ମଧ୍ୟ ହୋଇଥିଲି । ଶାନ୍ତି ଏଠାରେ ନାହିଁ, ସୁତରାଂ ମତେ ଉତ୍ତର ଦେବାକୁ ପଡ଼ିଲା ।

ମୋର ଗରବିଣୀ ଇନ୍ଦୁ ! ମୁଁ ରାସ୍ତାର ଲୋକଙ୍କୁ ଡ଼ାକି ନେଉଛି, ତୋତେ ଡାକୁନି ; ଡାକିବି କାହିଁକି ? ପରକୁ ଡାକିବାକୁ ପଡ଼େ, ନିଜ ଲୋକଙ୍କୁ ଡାକିବି କାହିଁକି ? ମୁଁ ଜାଣେ ଯେଉଁମାନେ ମୋର, ସେମାନେ ମୋର ଆଦର ନ ପାଇଲେ ମଧ୍ୟ ଭକ୍ତିପ୍ରେମର ଶତବାହୁ ସୃଜନ କରି ମତେ ଜଡ଼େଇ ଧରିବେ । ଯେତେବେଳେ ଭୁଲିଯାଇଥିଲୁ ସେତେବେଳେ ଚିନ୍ତା କରୁଥିଲି ; ଏବେ ସ୍ମରଣ ହୋଇଛି ଆଉ ଚିନ୍ତା କରିବି କାହିଁକି ? ସାଗରରେ ଏବେ ଜୁଆର, ତେଣୁ ଦୂରେଇ ରହିଛ । ଯେମିତି ଭଟ୍ଟା ଧରିବ ତତ୍‌କ୍ଷଣାତ୍ ପ୍ରଖର ଟାଣରେ ସମୁଦ୍ର ଭିତରେ ଯାଇ ପଡ଼ିବୁ—ସହସା

ଅନନ୍ତରେ ଅହଂତ୍ୱ ବୁଡ଼ିଯିବ । ଏହା ସାଗରର ନିୟମ । କିନ୍ତୁ ନଦୀ ଇଚ୍ଛା କଲେ ପ୍ରେମବର୍ଷାରେ କୂଳ ଭସାଇ ସାଗରରେ ପଡ଼ିପାରେ । ତେବେ ତୁମ୍ଭେମାନେ ଅନ୍ତରଙ୍ଗ ଭକ୍ତ, ସୁତରାଂ ସଂସାରରେ ଜଳିପୋଡ଼ି ଅଶାନ୍ତି ଭୋଗକରି ମଧ୍ୟ ଭଗବନ୍ମହିମା ତୁମ୍ଭେମାନେ ପ୍ରଚାର ନ କଲେ ଆଉ କିଏ କରିବ ? ସ୍ୱଗଣ (ନିଜଲୋକ) ବ୍ୟତୀତ କିଏ ପରୀକ୍ଷା ଦେବ ? ତେଣୁ ଭଗବାନ୍ କବିର ମୁହଁରେ କହିଛନ୍ତି :—

"ପରୀକ୍ଷାରେ ନୁହେଁ ମମ ସ୍ୱଗଣ କାତର"

ତେବେ ବିଶ୍ୱାସର ଜୋରରେ ଆଶାନ୍ୱିତ ହୋଇ ସର୍ବ କାମନା ପରିତ୍ୟାଗ କରି ସାଗର ଆଡ଼କୁ ଚାହିଁ ରହିବା କର୍ତ୍ତବ୍ୟ । ଭଟ୍ଟା ଧରିଲେ ହିଁ ସାଗର ନଦୀର ସମସ୍ତ ଜଳ ଶୋଷି ନେବ ।

ଦେଖ୍ ଇନ୍ଦୁ, ପ୍ରାଣର କଥା ଶୁଣିବୁ ? ସନ୍ନ୍ୟାସର ସାଧନା କରି ଏହି ହୃଦୟ ଶୂନ୍ୟ ଆକାଶବତ୍ ହୋଇଥିଲା ; ଏବେ ସେହି ଶୂନ୍ୟ ହୃଦୟରେ ଗୋଟିଏ ପ୍ରେମର ଚିଦ୍‌ଘନ ଜଗତ ଗଢ଼ିଅଛି । ତୁମ୍ଭେମାନେ ହିଁ ଯେ ମୋର ସେହି ଜଗତର ଲୀଳା-ସହାୟକ ! ତୁମ୍ଭେମାନେ ହିଁ ଯେ ମୋର ପିତା-ମାତା, ସ୍ତ୍ରୀ-ପୁତ୍ର-କନ୍ୟା, ଦାସ-ଦାସୀ ପ୍ରଭୃତି ପାର୍ଷଦ ; ତୁମ୍ଭମାନଙ୍କୁ ଆଉ ଡାକିବି କ'ଣ ? ବରଂ ମୁଁ ସମୟାନୁସାରେ ତୁମ୍ଭମାନଙ୍କୁ ନ ପାଇଲେ ଅଭିମାନରେ ମୁହଁ ଫୁଲେଇ ବସି ରହିବି । ବୁଝିଲୁ ? ଯଦି ନ ବୁଝି ଥାଉ, ମୋର କା—ର ପାଦ-ଦୁଇଟି ବୁକୁରେ ଚାପିଧରିଲେ ସହଜରେ ବୁଝି ପାରିବୁ ।

"ମୋର କା—" କହିବାରୁ ରାଗ କଲୁନିତ ? କିଏ ଜାଣେ— ! ତୁ ମଧ୍ୟ ମୋର, ତେବେ କାହିଁକି ମତେ ମନର କଥା କହିବାକୁ ବା ପତ୍ର ଲେଖି ପାରୁନା ? ଯାହା ମନକୁ ଆସୁଛି ଲେଖ୍ ; ନହେଲେ ରାଗ

କରିବି । ଆଉ ଦେଖ୍, ସାଦା କାଗଜରେ କାଳି ବୋଳି ଦେଇ ପାରିବି, କିନ୍ତୁ ସବୁ ସମୟରେ ପତ୍ର ଲେଖିବା ସମ୍ଭବ ନୁହେଁ । ତୁମେ ଉଭୟେ ମୋର ଆଶୀର୍ବାଦ ଜାଣିବ । ମୁଁ ଗତକାଲି ମୟମନସିଂହ ଆସିଅଛି । ଆଗାମୀ କାଲି ସୋମବାର ଢାକା ଯିବି । * * * ଢାକା ଆଶ୍ରମର କାର୍ଯ୍ୟ ଆରମ୍ଭ ହୋଇଛି । ଅନ୍ୟାନ୍ୟ ମଙ୍ଗଳ ।

ତୁମ୍ଭମାନଙ୍କର—

ଠାକୁର

(୩)

ମଠ

୧୧।୧।୨୨

କଲ୍ୟାଣବରେଷୁ—

ପ୍ରିୟ ଅ— ! ତୁମର ବିବାହ ସମ୍ବନ୍ଧରେ ମୋର ମତାମତ ପୂର୍ବରୁ କାଳୀଘାଟରେ କହିଅଛି ; ଏବେ ବିବାହ କରୁଅଛ ଶୁଣି ଆନନ୍ଦିତ ହେଲି । ଶ୍ରୀଭଗବାନ୍ ଯାହାକୁ କୋଳକୁ ଟାଣିନେବେ, ସଂସାର ତାକୁ କୌଣସିଦିନ ବାନ୍ଧି ରଖିପାରିବ ନାହିଁ । ବରଂ ତୁମ୍ଭେମାନେ ଆଦର୍ଶ ଗୃହୀ ହୁଅ ଏହା ହିଁ ମୋର ଆନ୍ତରିକ କାମନା । ଗୃହସ୍ଥକୁ ନେଇ ହିଁ ସମାଜ । ସମାଜକୁ ଜଗ୍ରତ କରିବାକୁ ହେଲେ ଆଦର୍ଶ ଗୃହୀଙ୍କର ବିଶେଷ ପ୍ରୟୋଜନ । ଆଶୀର୍ବାଦ କରୁଛି, ତୁମ୍ଭେମାନେ ସମାଜର ସେହି ଅଭାବ ପୂର୍ଣ୍ଣ କର ।

ବିବାହିତ ଜୀବନ ବଡ଼ ଦାୟିତ୍ୱପୂର୍ଣ୍ଣ । ଆଶୀର୍ବାଦ କରୁଛି ସେହି କର୍ତ୍ତବ୍ୟବୁଦ୍ଧି ଓ ତଦନୁଯାୟୀ ଶକ୍ତି ତୁମ୍ଭେମାନେ ପ୍ରାପ୍ତ ହୁଅ ।

ଦାମ୍ପତ୍ୟଜୀବନରେ ଏକପ୍ରାଣରେ ମିଳିମିଶି ଉଭୟଙ୍କର ଭାବାବିଭବ ଚେଷ୍ଟାଦ୍ୱାରା ଉଭୟେ ପୂର୍ଣ୍ଣତ୍ୱଲାଭ କରି ପରିପୂର୍ଣ୍ଣ ଭଗବାନଙ୍କଠାରେ ବିଶ୍ରାମ ପ୍ରାପ୍ତ ହୁଅ । କାମର ଛଳନାରେ ଇନ୍ଦ୍ରିୟର ତାଡ଼ନାରେ ଯେଉଁମାନେ ଦାମ୍ପତ୍ୟଜୀବନ କଳୁଷିତ କରନ୍ତି, ସେମାନେ ପଶୁ ଓ ସମାଜର ଶତ୍ରୁ ; ଦାମ୍ପାତ୍ୟଜୀବନ ମଧୁମୟ, ପବିତ୍ରତାମୟ ଓ ପ୍ରେମମୟ । ତୁମ୍ଭେମାନେ ପ୍ରକୃତ ଦାମ୍ପତ୍ୟ ଜୀବନ ଲାଭ କର ।

ସଂସାର ହିଂସା-ଦ୍ୱେଷର ସ୍ଥାନ । ସେଥି ମଧ୍ୟରେ ରହି ନିଜକୁ ସମ୍ଭାଳି ଚଳିବା ହିଁ ସଂସାରର ପରୀକ୍ଷା । ସଂସାରରେ ରହି ସଂସାରକୁ ଭୟ କଲେ ଚଳିବ କିପରି ? ବରଂ ସଂସାରର ସର୍ବପ୍ରକାର ଘାତ-ପ୍ରତିଘାତରେ ନିଜକୁ ଅବିଚଳିତ ରଖିବା ହିଁ ବୀରତ୍ୱ । ବୀରାଚାରୀ ନ ହେଲେ ସଂସାର କରିବା କାପୁରୁଷର କର୍ମ ନୁହେଁ । ଏହି ସବୁ ଜାଣିଶୁଣି ସଂସାରରେ ପ୍ରବେଶ କରିବା ହେଉଛି ଆର୍ଯ୍ୟ-ରୀତି । ଏବେ ଅଶିକ୍ଷା ହେତୁ ସଂସାର ନରକରେ ପରିଣତ ହୋଇଅଛି । ଭଗବାନଙ୍କ ଉପରେ ନିର୍ଭର କରି ଚଳି ପାରିଲେ ସେ ସବୁଦିଗରୁ ସମ୍ଭାଳି ନେଇ ପରିଚାଳନା କରିବେ । କୌଣସି ଅବସ୍ଥାରେ ମଧ୍ୟ ନିର୍ଭରତା ଓ ନାମ ଜପ ଭୁଲ ନାହିଁ ।

ଆଶ୍ରମର ଦୁଇ-ତିନିଜଣ ସେବକ ଜ୍ୱରରେ ଶଯ୍ୟାଗତ । ଅନ୍ୟାନ୍ୟ କୁଶଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୪)

ଶାନ୍ତି ଆଶ୍ରମ

୨୭।୮।୧୯

ସ୍ନେହର କ୍ଷୀ—,

ବହୁଦିନ ପରେ ତୁମର ପତ୍ର ପାଇଲି । ତୁମେ ଓ ଶ୍ୟା—ଶାରୀରିକ ଭଲ ଅଛି ଶୁଣି ନିରୁଦ୍‌ବିଗ୍ନ ହେଲି ।

ମା ! ଏହି ସଂସାରର ସୁଖ-ଦୁଃଖ ସବୁ ମାୟାର ଖେଳ, ଅଜ୍ଞାନର ମୋହିନୀ ମୂର୍ତ୍ତି । ଜୀବ ନିଜକୁ ଭୁଲି ଏହି ମାୟାର ଖେଳରେ ମୁଗ୍ଧ ହୋଇ କେତେବେଳେ ବା ହସୁଅଛି ପୁଣି କେତେବେଳେ କାନ୍ଦୁଅଛି ; ତଥାପି ଜୀବର ଚୈତନ୍ୟ ହେଉ ନାହିଁ । ପଶୁ ଭଳି ଦୈହିକ ଭୋଗରେ ମତ୍ତ ହୋଇ ନାଚୁଅଛି, ପୁଣି ଭୋଗର ଅଭାବରେ ଅତୃପ୍ତିର ଦାବାନଳରେ ପୋଡ଼ି ମରୁଅଛି, ତଥାପି ସୁଖ ସୁଖ କହି ଚାରିଆଡ଼େ ଘୁରୁଛି । କିନ୍ତୁ ଦରିଦ୍ର କୁଳବଧୂଠାରୁ ରାଜ-ରାଜେଶ୍ୱରୀ ପର୍ଯ୍ୟନ୍ତ ସମସ୍ତେ ଅତୃପ୍ତ ଆକାଙ୍‌କ୍ଷାରେ ସର୍ବଦା ଅଶାନ୍ତି ଭୋଗ କରୁଛନ୍ତି । ବିକାର ରୋଗୀ ଯେପରି କେବେ ପାଣି ପିଇ ମଧ୍ୟ ତୃପ୍ତି ହୁଏ ନାହିଁ, ସେ ଅହରହ ପାଣି ପାଣି କରେ, ସାଂସାରିକ ନର-ନାରୀଙ୍କର ଅବସ୍ଥା ମଧ୍ୟ ତଦ୍ରୂପ । ସୁଖ କେଉଁଠି ଅଛି ସେମାନେ ଜାଣି ନାହାନ୍ତି । ସୁଖ ବାହାରେ ନାହିଁ—ସୁଖ ଅନ୍ତରରେ ; ସୁଖ ଭୋଗରେ ନାହିଁ—ସୁଖ ତ୍ୟାଗରେ ବା ଯୋଗରେ । ବାହ୍ୟ-ବିଷୟ ସଂଯୋଗରେ ଯେଉଁ ସୁଖ ହୁଏ ତାହା ଆସକ୍ତି-ପାପରେ କଳୁଷିତ । ମନ ଦ୍ୱାରା ଭଗବାନଙ୍କର ସ୍ୱରୂପ ଉପଲବ୍ଧି ହିଁ ପ୍ରକୃତ ନିର୍ମଳ ଓ ପବିତ୍ର ସୁଖ । ତୁମେ ମନ-ପ୍ରାଣ ପବିତ୍ର କରି ସଚ୍ଚିଦାନନ୍ଦ ଭଗବାନଙ୍କର ନାମ-ରୂପ ଚିନ୍ତା କର, ଆଉ ମୁହଁରେ ତାଙ୍କର ଜୟ

ଉଚ୍ଚାରଣ କର । ହୃଦୟ ଯେତେ ପବିତ୍ର ହେବ ସେତେ ନିର୍ମଳ ସୁଖ ଅନୁଭବ କରି ପାରିବ ; ବାହ୍ୟିକ ସୁଖ-ଦୁଃଖରେ ମନ ଚଞ୍ଚଳ ହେବ ନାହିଁ—ଲୋକଙ୍କ କଥାରେ ଚିତ୍ତ ବିଚଳିତ ହେବ ନାହିଁ, ସଂସାରର ଘାତ-ପ୍ରତିଘାତରେ ଅଶାନ୍ତି ଭୋଗ କରିବାକୁ ପଡ଼ିବ ନାହିଁ । ଏହା ବ୍ୟତୀତ ଅନ୍ୟ ପଥ ନାହିଁ । ତୁମେ ସ୍ୱାମୀ ଥାଇ ମଧ୍ୟ ସନ୍ନ୍ୟାସିନୀ, ସୁତରାଂ ଲୋକଙ୍କ ନିକଟକୁ ଗଲେ ଯଦି ଅଶାନ୍ତି ହେଉଛି, ନ ଗଲେ ଚଳିବ । ତୁମେ କାହାର କୌଣସି କଥାରେ ମୁଣ୍ଡଖେଳାଅନା, ଭଲ-ମନ୍ଦ ଭିତରକୁ ଯାଅନା । ତାହା ହେଲେ ଆଉ ଅଶାନ୍ତି ରହିବ ନାହିଁ । ନିଜ ଘରେ ବସି ଭଗବାନଙ୍କୁ ଚିନ୍ତା କର, ନାମ ଜପ କର ! ଭଗବାନ୍ ସୁଖ-ସ୍ୱରୂପ । ତାଙ୍କ ବ୍ୟତୀତ ଆଉ କେଉଁଠି ଲେଶମାତ୍ର ସୁଖ ନାହିଁ । ବାହ୍ୟ-ବିଷୟରେ ବା ଲୋକଙ୍କର ଭଲପାଇବା ଭିତରେ ସୁଖ ଖୋଜିଲେ ଅଶାନ୍ତି ସାର ହେବ । ସୁତରାଂ ସକଳ ବାସନା-କାମନା ଭୁଲି, ସୁଖ-ଦୁଃଖ ତାଙ୍କ ଚରଣରେ ସମର୍ପଣ କରି ତାଙ୍କଠାରେ ଆତ୍ମ-ନିର୍ଭର କରି ରୁହ । ଦେଖିବ—ହୃଦୟରେ ସୁଖର ତରଙ୍ଗ ଉଠିବ । ସେହି ନିର୍ମଳ ସୁଖ ସାଙ୍ଗରେ ଜାଗତିକ କୌଣସି ସୁଖର ତୁଳନା ହୋଇ ପାରେନା ।

ଶ୍ୟା—କୁ ଭଲପାଅ, ଯତ୍ନ କର । ଗୁରୁଜନ ବା ଅଭିଭାବକଙ୍କର ଅବାଧ୍ୟ ହୁଅ ନାହିଁ । ପାରିବ ତ ଗରୀବ ଦୁଃଖୀଙ୍କର ଉପକାର କର । ସମାଜାଚାର ଲଙ୍ଘନ କର ନାହିଁ । ତୁମେ ଭଲ ଅଛ ଜାଣିଲେ ମୁଁ ସୁଖୀ ହେବି । କାଲି ଅନାଥ ନିକେତନର ଦ୍ୱିତୀୟ ବାର୍ଷିକ ଉତ୍ସବ । ସେଥିପାଇଁ ସମସ୍ତେ ବ୍ୟସ୍ତ । ଅନ୍ୟାନ୍ୟ ମଙ୍ଗଳ । ତୁମେ ମୋର ଆଶୀର୍ବାଦ ଜାଣିବ ।

ଶୁଭାନୁଧ୍ୟାୟୀ—

ଠାକୁର

(୫)

ଶାନ୍ତି ଆଶ୍ରମ
ପୋ: କୋକିଳାମୁଖ
ଶ୍ରାବଣ ୨୯ ଦିନ

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଗୋ— ! ତୁମର ପତ୍ର ପାଇ ବିସ୍ତାରିତ ସମାଚାର ଅବଗତ ହେଲି । ଏଠାରେ ''ଜ୍ଞାନୀଗୁରୁ'' ୨ୟ ସଂସ୍କରଣ ଓ ''ପ୍ରେମିକଗୁରୁ'' ଛପା ହେଉଅଛି । ''ଆର୍ଯ୍ୟଦର୍ପଣ'' ଛପା ମଧ୍ୟ ଚାଲିଛି, ସୁତରାଂ ପ୍ରତ୍ୟହ ମୋତେ ''ପ୍ରୁଫ୍‌ସିଟ୍'' ସଂଶୋଧନ ପ୍ରଭୃତି କାର୍ଯ୍ୟ ଦେଖିବାକୁ ପଡ଼େ । ଏପରି ଅବସ୍ଥାରେ କୁଆଡ଼େ ଯିବାକୁ ନ ପଡ଼ିଲେ କାର୍ଯ୍ୟଗୁଡ଼ିକ ପୂଜା ପୂର୍ବରୁ ଶେଷ ହେବ । ମୁଁ ୨୦।୨୫ ଦିନ ପାଇଁ କାର୍ଯ୍ୟ ବନ୍ଦ ରଖି ବଗୁଡ଼ା ଯିବାର ବ୍ୟବସ୍ଥା କରିଥିଲି । ୰ଇଚ୍ଛାମୟୀଙ୍କ ଇଚ୍ଛା ପୂର୍ଣ୍ଣ ହେଉ ।

ବତ୍ସ ! ଅର୍ଥାଭାବ ପାଇଁ ଦୁଃଖ ପ୍ରକାଶ କରିଅଛ, କିନ୍ତୁ କେତେ ଲୋକଙ୍କର ତ ଅର୍ଥ ଅଛି—କାହିଁ, କିଏ ତ ସତ୍‌ବ୍ୟୟ କରେ ନାହିଁ ! ତୁମର ମଧ୍ୟ ଅର୍ଥ ଥିଲେ ଏପରି ମନୋବୃତ୍ତି ରହନ୍ତା ନାହିଁ ; ସଂସାର ମୋହରେ ବୁଡ଼ି ଯାଆନ୍ତ । ''ଧନ ଥିଲେ ମନ ହୁଏ ନା !'' ସୁତରାଂ ସବୁକିଛି ମଙ୍ଗଳମୟଙ୍କର ମଙ୍ଗଳବିଧାନ ଭାବି, ପ୍ରାଣ ଆନନ୍ଦରେ ବୁଡ଼ାଇ ରଖ । କେତେ ଦିନର ସଂସାର—କେତେ ଦିନର ବା ଅସୁବିଧା ? ସୁତରାଂ ଏହା ଭାବି ଅଶାନ୍ତି ଭୋଗ କର ନାହିଁ । ତୁମ୍ଭେମାନେ ଯଦି ସୁଖୀ ହୁଅ, ମୁଁ ଆଶ୍ରମ ଖର୍ଚ୍ଚରେ ବଗୁଡ଼ା ଆସି ପାରିବି ; କିନ୍ତୁ ପ୍ରୟୋଜନ କ'ଣ ? ସୁବିଧା ଓ ସୁଯୋଗ ଅନୁସାରେ ତୁମ୍ଭେମାନେ ଆଶ୍ରମକୁ ଆସିବ ।

ବୋଧାନନ୍ଦ ଓ ଚିଦାନନ୍ଦ ଗ୍ରାହକ ସଂଗ୍ରହ ଓ ଭିକ୍ଷାର୍ଥେ ପ୍ରସ୍ଥାନ କଲେ । ତୁମ୍ଭେମାନେ ମଧ୍ୟ ସେମାନଙ୍କ କାର୍ଯ୍ୟରେ ସହାୟତା କରିବ । ରଙ୍ଗପୁର, ଦିନାଜପୁର ପ୍ରଭୃତି ସ୍ଥାନରେ ପରିଚିତ ଲୋକ ଥିଲେ ସେମାନଙ୍କୁ ମଧ୍ୟ ଅନୁରୋଧ କରିବ, ଯେପରି ସେବକମାନଙ୍କୁ ସାହାଯ୍ୟ କରିବେ । ଅନ୍ୟାନ୍ୟ ମଙ୍ଗଳ । ମ— ବାବୁ ଓ ସୁ—କୁ ଆଶୀର୍ବାଦ ଜଣାଇବ, ତୁମେ ମଧ୍ୟ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଠାକୁର

(୬)

ଶାନ୍ତି ଆଶ୍ରମ

ମାଘ ୩୦ ଦିନ, ୧୩୨୦

କଲ୍ୟାଣବରେଷୁ—

ମୁଁ ନିରାପଦରେ ଯଥାସମୟରେ ଆଶ୍ରମରେ ପହଞ୍ଚିଛି । ତିସ୍ତା ଅନୁକୂଳର ବସାରେ ବାଧ୍ୟ ହୋଇ ଦିନେ ଅପେକ୍ଷା କଲି । କାରଣ, ପାର୍ବତୀପୁରରେ ଜାଣି ପାରିଲି ଯେ—ଜାନୁଆରୀ ମାସରୁ ହିଁ ସେହି ସୁବିଧା ଚାଲି ଯାଇଛି । ଯାହା ହେଉ ଆଶ୍ରମକୁ ଆସି ଯିବାରୁ ସବୁ ଦିଗରୁ ମଙ୍ଗଳ ହୋଇଛି । ନାମ ଖାରିଜ କରିବା ପାଇଁ ଚେଷ୍ଟା କଲେ ଏବେ କାର୍ଯ୍ୟ ହେବ । ଡେପୁଟୀ କମିଶନାର ଗ୍ରାମାଞ୍ଚଳରେ ଅଛନ୍ତି । ଆସଲେ ହିଁ ଚେଷ୍ଟା କରିବି । କୌଣସି ପ୍ରକାର ମକଦ୍ଦମା କରିବା ପ୍ରୟୋଜନ ହେବ ନାହିଁ । ଯେତେ ସତ୍ୱର ପାରିବି ଏହି କାର୍ଯ୍ୟ ସମ୍ପନ୍ନ କରି ମୁଁ ଢାକା ଯିବି । ତତ୍ପରେ ଉତ୍ତରବଙ୍ଗ ବୁଲି, ରାୟଗଞ୍ଜ ହୋଇ ୰କାଶୀଧାମକୁ ପ୍ରସ୍ଥାନ କରିବି ।

ଖୁକୀର ଅକାଳମୃତ୍ୟୁରେ ତୁମ୍ଭେମାନେ ପ୍ରାଣରେ ବଡ଼ ଆଘାତ ପାଇଅଛ । ତୁମ୍ଭମାନଙ୍କର ଅନେକଗୁଡ଼ିଏ ସନ୍ତାନ ମରି ଯାଇଛି । ସେ ଏକାଧାରରେ ତୁମ୍ଭମାନଙ୍କ ପୁତ୍ର-କନ୍ୟାର ସ୍ଥାନ ଅଧିକାର କରିଥିଲା ସତ୍ୟ, କିନ୍ତୁ କ'ଣ କରିବ, କାଳ ବଳବାନ୍—ନିୟତି ଅଲଙ୍ଘନୀୟ । କାରଣ ତାହା ମଧ୍ୟ ଭଗବାନଙ୍କର ବାସନା-ସଞ୍ଜାତ । ତେଣୁ କହୁଛି, ଏହି ଧକ୍କାରେ ଉଦ୍‌ବୁଦ୍ଧ ହୁଅ । ବିସ୍ମୃତିରେ ବୁଡ଼ି ରୁହ ନାହିଁ । ମହାମାୟାଙ୍କ ଲୀଳା-ରହସ୍ୟ ବୁଝିବାକୁ ଚେଷ୍ଟା କର । ଶୋକ-ତାପରେ ତମଃକୁ ଆଶ୍ରୟ କର ନାହିଁ । ମାଙ୍କୁ ସର୍ବଦା ପ୍ରବୁଦ୍ଧ କରାଅ । ଏପରି ପ୍ରାଣର ସହିତ ଆକୁଳ ପ୍ରାର୍ଥନା ଆଉ କେବେ ସେ କରି ପାରିଛନ୍ତି କି ? ସବୁ ତାଙ୍କର ଲୀଳା—ମଙ୍ଗଳମୟଙ୍କର ଖେଳ । "ମୁଁ" "ମୋର" ନେଇ ବାନ୍ଧି ହୁଅ ନାହିଁ । ଏହି ଧକ୍କାରେ ତୁମ୍ଭେମାନେ ଅନେକ ଊର୍ଦ୍ଧ୍ୱକୁ ଉଠିଯିବା କର୍ତ୍ତବ୍ୟ । ଅନର୍ଥକ ଶୋକ କରି ନିମ୍ନଗାମୀ ହୁଅନା । ଶୋକରେ ପ୍ରାଣର ମଇଳା ଧୋଇ ଯାଏ—ଚିତ୍ତଶୁଦ୍ଧି ହୁଏ, ସଙ୍କୀର୍ଣ୍ଣତା ସ୍ଥଳରେ ଉଦାରତା ଆସେ । ଯେତେବେଳେ ଶୋକରେ-ଦୁଃଖରେ ପ୍ରାଣ ଅସ୍ଥିର ହେବ, ସେତେବେଳେ ମା ମା ବୋଲି ବାଳକଙ୍କ ଭଳି ଧୂଳିରେ ଗଡ଼ି କାନ୍ଦିବ । ସଂସାରରେ ଅଛ—ଦୁଃଖ କଷ୍ଟ ନିତ୍ୟ ଭୋଗ କରିବାକୁ ପଡ଼ିବ । ସେଥିପାଇଁ ଦୃଢ଼ ହୁଅ । ଭଗବାନ୍ କାଢ଼ି ନ ନେଉଣୁ, ଚତୁର ହୁଅତ, ପ୍ରଥମରୁ ହିଁ ତାଙ୍କ ନାମରେ ଉତ୍ସର୍ଗ କରି ନିଶ୍ଚିନ୍ତ ହୁଅ; ତାଙ୍କର ଯେତେବେଳେ ଇଚ୍ଛା ହେବ ନେବେ । ତୁମର କ'ଣ ? ତୁମ୍ଭମାନଙ୍କର କାର୍ଯ୍ୟ ମାଙ୍କର ନାମ ନେବା । ସେୟା କର । ମା ମା ଡାକି ମାଙ୍କର ଆସନ ଟଳାଇ ଦିଅ । ମୋର ଏୟା ଆଦେଶ । ଆଶୀର୍ବାଦ କରୁଛି,

ତୁମ୍ଭମାନଙ୍କର ହୃଦୟ ଶୂନ୍ୟ କରାଇ ସେ ସ୍ଥାନ ଅଧିକାର କରି ବସନ୍ତୁ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୭)

ସାରସ୍ୱତ ମଠ

ଜ୍ୟୈଷ୍ଠ ୧୬ ଦିନ, ୧୩୨୨

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଶ୍ରୀମାନ୍ ଗୋ—ର ପତ୍ର ସହିତ ତୁମର ପତ୍ରଖଣ୍ଡିକ ପାଇ ଅବଗତ ହେଲି । ତୁମ୍ଭେମାନେ ଏତେ ଦୁର୍ବଳଚିତ୍ତ କାହିଁକି ? ସାମାନ୍ୟ କାରଣରେ ଏପରି ଚାଞ୍ଚଲ୍ୟ ପ୍ରକାଶ କର କାହିଁକି ? ପାଞ୍ଚଜଣ ମିଳିମିଶି ସଂସାର କରିବାକୁ ହେଲେ ନିତ୍ୟ କେତେ ପ୍ରକାରର ଘଟଣା ଘଟିଥାଏ । କଥା କଥାରେ ସଂସାର ତ୍ୟାଗ କରିଲେ ଚଳିବ କାହିଁକି ଇତିପୂର୍ବରୁ ନୀ—ର ମଧ୍ୟ ଏହିପରି ଏକ ପତ୍ର ପାଇଛି । ଶ୍ରୀଭଗବାନ୍ ଯାହାକୁ ବିବେକ-ବୈରାଗ୍ୟ ଦାନ କରି ଜୀବସେବାରେ ନିୟୋଜିତ କରିବେ, ସେ ଭିନ୍ନ ଏହି ଆଶ୍ରମରେ ଅନ୍ୟ କେହି ଆଶ୍ରୟ ପାଇବେ ନାହିଁ । କ୍ରୋଧବଶରେ ବା ଦୁଃଖରେ କିମ୍ବା ଅଭିମାନରେ କାପୁରୁଷଙ୍କ ଭଳି ସଂସାରତ୍ୟାଗ, ସନ୍ନ୍ୟାସର ସାଧନା ନୁହେଁ—ସ୍ୱାର୍ଥସାଧନର ନାମାନ୍ତର ମାତ୍ର । ବିଶେଷତଃ ସମସ୍ତ ଶିଷ୍ୟ ହିଁ ସଂସାର ତ୍ୟାଗ କଲେ, ସଂସାରଟାକୁ ଆଶ୍ରମରେ ପରିଣତ କରିବାକୁ ପଡ଼ିବ ; ନଚେତ୍ ସମସ୍ତଙ୍କୁ ସ୍ଥାନ ହେବ କାହିଁକି ?

ସୁତରାଂ ଗତ ବିଷୟ ଆଲୋଚନା କରି ଦୁଃଖ ନ ପାଇ, ସମସ୍ତେ ମିଳିମିଶି ଯେପରି ଥିଲ—ତଦନୁସାରେ କାଳାତିପାତ କର । ଭଗବାନଙ୍କୁ ନିର୍ଭର କରି, ସର୍ବାବସ୍ଥାରେ ତାଙ୍କ ନାମ ସ୍ମରଣ ମନନ କର । ନଚେତ୍ ସାରାଜଗତ ଘୁରିବୁଲିଲେ ମଧ୍ୟ ଶାନ୍ତି ପାଇବ ନାହିଁ । ସଂଯତ ହୁଅ । ଧୈର୍ଯ୍ୟ ଓ କ୍ଷମାକୁ ଅଙ୍ଗର ଭୂଷଣ କର । ମୁଁ ସତ୍ୱର ଉତ୍ତରବଙ୍ଗକୁ ଯିବି । ସାକ୍ଷାତରେ ସବୁ ଶୁଣିବି । ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୮)

ଓଁ ସଦ୍‌ଗୁରୁ

ଶାନ୍ତି ଆଶ୍ରମ
କାର୍ତ୍ତିକ ୫ ଦିନ

ସ୍ନେହର ଗୋ— !

ଘରକୁ ଯାଇଛ ଜାଣି ପତ୍ର ଲେଖି ନାହିଁ । ଯଥାସମୟରେ ଲୁଗା ପାଇଛି । ତୁମ ଇଚ୍ଛାନୁସାରେ ପୂଜା ଭିତରେ ତାହା ବ୍ୟବହାର କରିଅଛି । ବସ ! ଏଥର ବଙ୍ଗଳାର ନର-ନାରୀ ଲଙ୍ଗଳା, ସେମାନଙ୍କ ଲୁଗା ପିନ୍ଧିବା ପାଇଁ କାଁଥିକୁ ତୁମ ଭାଇମାନଙ୍କ ନିକଟକୁ କିଛି ପଠାଇଲ କି ? ଶୁଣିଲି ମୁଷ୍ଟିଭିକ୍ଷାଜୀବୀ ଭିଖାରୀ ମଧ୍ୟ ଦୁର୍ଦ୍ଦିନରେ ଦୁଃସ୍ଥଙ୍କର ସାହାଯ୍ୟ ପାଇଁ ଚେଷ୍ଟାକରୁଛନ୍ତି । ତୁମ୍ଭେମାନେ ଚେଷ୍ଟା କଲେ ବଗୁଡ଼ା ସହରରୁ ଗାଡ଼ିଏ ପୁରୁଣା ଲୁଗା ସଂଗ୍ରହ କରି ପାରିଥା'ନ୍ତ । ମୁଁ ନ କହିଲେ, ଉତ୍ତେଜିତ ନ

କଲେ ତୁମ୍ଭେମାନେ କ'ଣ ମୋର ମନ ବୁଝି କୌଣସି କାର୍ଯ୍ୟ କରିବ ନାହିଁ ? କାର୍ଯ୍ୟ ବ୍ୟତୀତ, ପଢ଼ି-ଶୁଣି କ'ଣ ବିଶ୍ୱରପ୍ରାଣରେ ପ୍ରାଣ ଢାଳି ଦେଇ ହୁଏ ? ବସ୍ ! ଜାଗ, ଉଠ, କାର୍ଯ୍ୟରେ ଲାଗିପଡ଼ । * * * ସେବକଗଣ ଲେଖିଛନ୍ତି, ଆଉ ସେବା-କାର୍ଯ୍ୟର ପ୍ରୟୋଜନ ନାହିଁ, କେବଳ ଟଙ୍କାର ଅଭାବ । ଦେଶବ୍ୟାପୀ ଦାରୁଣ ଦୁର୍ଭିକ୍ଷ । ମୁଁ ସେମାନଙ୍କୁ ଆଶ୍ରମକୁ ଚାଲି ଆସିବାକୁ ଲେଖିଲି । ଏଠାକୁ ଆସିଲେ ୩।୪ ଦଳ ହୋଇ ଭିକ୍ଷା ପାଇଁ ବାହାରିବେ । ପ୍ରାଣାଧିକ ଶ୍ରୀମାନ୍ ସୁ—ଓ ଯୋ—କୁ ମୋର ଆଶୀର୍ବାଦ ଜଣାଇବ । ତୁମ୍ଭେମାନେ ଦରିଦ୍ର, ଚାକିରୀ-ଉପଜୀବୀ, ତଦୁପରି ଋଣଗ୍ରସ୍ତ, ସୁତରାଂ ତୁମ୍ଭମାନଙ୍କର ନିଜର ସାହାଯ୍ୟ ଅସମ୍ଭବ । ବିଶେଷତଃ ତୁମେ ମାସକୁ ୫ଟଙ୍କା ଦେଇ ଆସୁଛ । ମୁଁ କେବଳ ତୁମ୍ଭମାନଙ୍କ ନିକଟରେ ଉପଦେଶ ଅନୁଯାୟୀ କାର୍ଯ୍ୟ ଚାହେଁ । ଚେଷ୍ଟା କଲେ ଅବଶ୍ୟ କିଛି ପାଇଥାନ୍ତ । ଆଲିପୁର ସାଢ଼େ ଚାରିଶତ ଟଙ୍କା ସାହାଯ୍ୟ କରିଥିଲେ ମଧ୍ୟ ମୋର ଭକ୍ତଗଣ ନାନା ଉପାୟରେ ସେଠାରୁ ଯଥେଷ୍ଟ ଟଙ୍କା ପଠାଇଛନ୍ତି । ପ୍ରାଣ ଚାହେଁ ; ଅନ୍ତତଃ ଖଣ୍ଡେ ପତ୍ର ଲେଖି ମଧ୍ୟ ଯଦି ମତେ ସନ୍ତୁଷ୍ଟ କରିଥାନ୍ତ— । ଅନ୍ୟାନ୍ୟ କୁଶଳ । ପତ୍ର ପାଠ କରି ଉତ୍ତର ଦିଅ ।

ଶୁଭାନୁଧ୍ୟାୟୀ—

ଠାକୁର

(୯)

ଓଁ ସଦ୍‌ଗୁରୁ

୪୮ ନଂ ପିଲଖାନା
ପୋ: ଅ: ଶିବାଳା
ବନାରସ, ୟୁ ପି,
ପୌଷ ୨୩ ଦିନ

ପ୍ରିୟ ସୁ— !

ଆସିବା ଅବଧି ତୁମ୍ଭମାନଙ୍କର ସମ୍ବାଦାଦି ପାଇ ନାହିଁ । ଗତକାଲି ଗୋ— ଓ ଯୋ—ର ପତ୍ର ପାଇ ସମସ୍ତ ବିଷୟ ଅବଗତ ହେଲି । ଆମେ ବନାରସ ଆସି ପାତାଳେଶ୍ୱରରେ ବସା ଠିକ୍ କରି ନ ପାରିବାରୁ ବାବୁ ତାରାଚରଣଙ୍କ ସାହାଯ୍ୟରେ ବଙ୍ଗାଳୀଟୋଲାରେ ଗୋଟିଏ ବସା ଠିକ୍ କରି ନଅ ଦିନ ସେଠାରେ ବାସ କରି ଏବେ ଏହି ବାଗାନବାଡ଼ୀ ଭଡ଼ା କରି ବାସ କରୁଅଛୁ । ଏଠାରେ କିଛିଦିନ ରହିବାକୁ ମନସ୍ଥ କରିଅଛି । * * *

ତୁମର ପିତୃଦେବ ଏବେ କିପରି ଅଛନ୍ତି ? ତାଙ୍କର ସ୍ଥୂଳଦେହଟି କେତେ ପରିମାଣରେ ସୁସ୍ଥ ହୋଇଛି କି ? ମୁଁ ଏବେ ତୀର୍ଥବାସ କରିବାକୁ ଆସିଛି, ବେଶି ପତ୍ରାଦି ଲେଖି ପାରିବି ନାହିଁ । ତୁମ୍ଭେମାନେ ଆନନ୍ଦରେ ରୁହ । ତୁମେ ତୁମର ସ୍ତ୍ରୀର ପରିଚୟ "ମୋର ଶିଷ୍ୟା" ଉଲ୍ଲେଖ କରିଥିଲ, କିନ୍ତୁ ଗୋ—ତାର ସ୍ତ୍ରୀକୁ "ମୋର ପୁତ୍ରବଧୂ" ରୂପେ ପରିଚିତ କରିଅଛି । ଭୁଲ ହୋଇ ନାହିଁ କି ? ତାହାର ସ୍ତ୍ରୀ, ଏ ସମ୍ବନ୍ଧ ବ୍ୟତୀତ ସେ ମୋର କେହି ନୁହେଁ । ମୋର ମାନସୀ କନ୍ୟାକୁ ପୁଅର ସ୍ତ୍ରୀ କରି ପରଝିଅ କରାଯାଇଛି । ମୁଁ ଯେ "ଜନକ-ଜନନୀ—ଜନନୀ", ତାହା ଭୁଲିଗଲେ

ଭବନଦୀର ତୀରରେ ଏକଚକ୍ଷୁ ହରିଣର ଦଶା ହେବ । ଏଠାରେ କୁଶଳ, ସମସ୍ତ ଭକ୍ତବୃନ୍ଦଙ୍କର କୁଶଳ ଲେଖିବ । ସମସ୍ତଙ୍କୁ ମୋର ଆଶୀର୍ବାଦ ଜଣାଇବ । ମା ମା ବୋଲି ଡାକ—ନାଚ—କାନ୍ଦ—ହସ—ଖାଅ—ଶୁଅ—ଘୁମାଅ । ଇତି—

ତୁମର—

ଠାକୁର

(୧୦)

ଓଁ

ସାରସ୍ୱତ ମଠ

୨୫।୫।୨୫

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଗୋ— ! ତୁମର ପତ୍ର ପାଇ ଅବଗତ ହେଲି । ତୁମର ଉଭୟଙ୍କର ଦେବତା ଏକ, କେବଳ ମନ୍ତ୍ର ଭିନ୍ନ ଭିନ୍ନ । ସୁତରାଂ ଉଭୟଙ୍କ ଗାୟତ୍ରୀ ଏକ । କୌଣସି ପଦ୍ଧତି-ଗ୍ରନ୍ଥରୁ ଗାୟତ୍ରୀ ସଂଗ୍ରହ କରିନେବ ଏବଂ ଶ୍ରୀମତୀକୁ ସନ୍ଧ୍ୟା ପ୍ରଣାଳୀ ଶିଖାଇ ଦେବ ।

ତାନ୍ତ୍ରିକୀ ସନ୍ଧ୍ୟା କରିବା ତୁମ୍ଭମାନଙ୍କ କର୍ତ୍ତବ୍ୟ କି ନୁହେଁ ଏ ସମ୍ବନ୍ଧରେ କୌଣସି ଅନୁମତି ଚାହିଁ ନାହିଁ । ସନ୍ଧ୍ୟା କରିବ ନିଶ୍ଚୟ କରି, ଦେବତା ଜାଣ ନାହିଁ ବୋଲି ଗାୟତ୍ରୀ ପାଇଁ ପତ୍ର ଲେଖିଅଛ । ଦେବତା ଜାଣିଥିଲେ ଆଉ ମତେ ପତ୍ର ଲେଖିବା ଦରକାର ହୁଅନ୍ତା ନାହିଁ, ମୁଁ ମଧ୍ୟ ଜାଣି ପାରି ନ ଥାନ୍ତି । ଗୁରୁର ଅଧିକାର ଶିଷ୍ୟ ଦ୍ୱାରା ହିଁ ସମ୍ପାଦିତ

ହୋଇଥାନ୍ତା । ବତ୍ସ ! ଶାସ୍ତ୍ରର ଆଦେଶ "ସ୍ୱଗୁରୋର୍ମତମାଶ୍ରୟେଚ୍ଛାନ୍ୟଥା ବିଫଳଂ ଭବେତ୍"; ପରର ନିନ୍ଦାରେ ସେମାନଙ୍କ ଗୁରୁଙ୍କ ବିଧାନାନୁସାରେ ଯେଉଁମାନେ କାର୍ଯ୍ୟ କରିବେ, ସେମାନଙ୍କର ନିଜେ ଗୁରୁ କରିବା କର୍ତ୍ତବ୍ୟ ନୁହେଁ । ଯାହାର ଗୁରୁ ଯେଉଁ ପଦ୍ଧତିରେ ଶିକ୍ଷା ଦିଅନ୍ତି, ତାହାକୁ ସେହି ପଦ୍ଧତିରେ ଚଳିବାକୁ ପଡ଼େ, ପରର ଦେଖି ବା ଥଟ୍ଟାବିଦ୍ରୂପ ଶୁଣି ଅନ୍ୟ ପଥରେ ଚାଲିଲେ "ଗୁରୁତ୍ୟାଗ" କରାହୁଏ । ସାଧାରଣଙ୍କ ସଙ୍ଗେ ମିଶିବ ନାହିଁ, ଲୋକଙ୍କର ଦେଖି ବିଚଳିତ ହେବ ନାହିଁ, ଦୀକ୍ଷା ସମୟରେ ମୁଁ ସେଥିପାଇଁ ପ୍ରତ୍ୟେକ ଶିଷ୍ୟକୁ ସତର୍କ କରେଇ ଦିଏ । "ଆଗମୋକ୍ତ ବିଧାନେନ କଲୌ ମନ୍ତ୍ରଂ ଜପେତ୍ ସୁଧୀଃ" । ଏଥିପାଇଁ ପ୍ରତ୍ୟେକଙ୍କ ମନ୍ତ୍ର ହିଁ ତନ୍ତ୍ରୋକ୍ତ, ନତୁବା ତାନ୍ତ୍ରିକ ବିଧାନରେ ମୁଁ ମୋର କୌଣସି ଶିଷ୍ୟ-ଶିଷ୍ୟାକୁ ପରିଚାଳିତ କରି ନାହିଁ । କରିଥିଲେ ନିଶ୍ଚୟ ଦୀକ୍ଷା ସଙ୍ଗରେ ସନ୍ଧ୍ୟା, ଗାୟତ୍ରୀ ଓ ପୂଜା-ପଦ୍ଧତି ପ୍ରଦାନ କରିଥାନ୍ତି । ସଦ୍‌ଗୁରୁଙ୍କ ପନ୍ଥାରେ ଚଳି ସାଧାରଣଙ୍କ ପଥରେ ମତି ଗଲା କାହିଁକି ? ବତ୍ସ ! ମୋ ସହିତ ସାକ୍ଷାତ ନ କରି ତୁମେ ସତ୍ତ୍ୱଶୁଦ୍ଧ ଋଷିପନ୍ଥାରେ କଳି-କଳୁଷିତ ରଜୋଗୁଣାତ୍ମକ ତନ୍ତ୍ରମତ ପୂରାଇବ ନାହିଁ । ପୂଜାଛୁଟି ପରେ ହିଁ ମୁଁ ଉତ୍ତରବଙ୍ଗକୁ ଯିବି, ସେତେବେଳେ ସବୁ ମିମାଂସା ହେବ । ଅତ୍ର ମଙ୍ଗଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଆଶୀର୍ବାଦକ—

ଠାକୁର

(୧୧)

ସାରସ୍ୱତ ମଠ
ପୋ: ଅ: କୋକିଳାମୁଖ, ଯୋରହାଟ
ଆସାମ
ବୈଶାଖ ୪ ଦିନ, ୧୩୨୪

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ହ— ! ମୁଁ ଗୋୟାଲପଡ଼ାରୁ ଆସି ତୁମର ପତ୍ର ପାଇ ଅବଗତ ହେଲି । ଅଧ୍ୟାତ୍ମ ଉନ୍ନତି, ଶ୍ରୀଭଗବାନ୍ ତଥା ଶ୍ରୀଗୁରୁ କୃପା ସାପେକ୍ଷ । ତପ, ଜପ, ଯୋଗାଦି ସାଧନ-ଭଜନ ଉପଲକ୍ଷ୍ୟ ମାତ୍ର । ତେବେ ଏଗୁଡ଼ିକର ପ୍ରୟୋଜନ ସେହି କୃପା ଆକର୍ଷଣ ହେତୁ । ମୁଁ ଯେତେବେଳେ ଶିଷ୍ୟରୂପେ ତୁମକୁ ଗ୍ରହଣ କରିଅଛି, ତୁମେ ଅନୁପଯୁକ୍ତ ହେଲେ ମଧ ସେହି କୃପାରୁ ବଞ୍ଚିତ ହେବ ନାହିଁ, କିନ୍ତୁ ତାହା ସମୟସାପେକ୍ଷ, ସମୟରେ ତାହା ଅବଶ୍ୟ ଉପଲବ୍ଧି ହେବ । କିନ୍ତୁ ଯେଉଁ ନାମ ଆଶ୍ରୟ କରିଅଛ ଏବଂ ମୁଁ ଯେଉଁ ପ୍ରକାରେ ତାହାର ସାଧନପ୍ରକ୍ରିୟା କହିଦେଇଛି, ତାହାର ନିତ୍ୟ-ନିୟମିତ ଅନୁଷ୍ଠାନ ଦ୍ୱାରା ସେହି କୃପା ସତ୍ତ୍ୱର ବୁଝି ପାରିବ । ତାହା ଫଳରେ ଗୁରୁଙ୍କ ପ୍ରତି ଭକ୍ତି-ବିଶ୍ୱାସ ଦୃଢ଼ ହେବ । ଗୁରୁଙ୍କ ଶକ୍ତିସଂଗ୍ରହ ସେତେବେଳେ ସହଜସାଧ ହେବ । ସୁତରାଂ ମତେ ନିର୍ଭର କଲେ ଓ ମୋର ଉପଦେଶ ଅନୁସାରେ ଜପ ଅନୁଷ୍ଠାନ କଲେ, ପ୍ରଭୂତ ଶ୍ରେୟଃ ସାଧିତ ହେବ ।

ଆଦର୍ଶ ପରିବାର ପ୍ରତିଷ୍ଠାରେ ପ୍ରବୃତ୍ତି ହୋଇଅଛି ଜାଣି ତୁମ ପ୍ରତି ସନ୍ତୁଷ୍ଟ ହେଲି । କିନ୍ତୁ ପତ୍ରରେ ସେ ସମ୍ବନ୍ଧରେ ଲେଖିବା ଅସମ୍ଭବ । ଏଥର ମୁଁ ଯେତେବେଳେ ବଙ୍ଗଳାକୁ ଯିବି, ସେତେବେଳେ ସେ ସମ୍ବନ୍ଧରେ ସବିଶେଷ

ଉପଦେଶ ଦେବି । ଆଉ ଏବେ ଯେଉଁ ନିୟମରେ ଜପ କରୁଅଛ, ସେହି ପ୍ରକାରେ ହିଁ କରୁଥାଅ, ସେଥିରେ କୌଣସି ବିଶେଷ କ୍ଷତି ହେବ ନାହିଁ । ସାକ୍ଷାତ୍ ହେଲେ ସଂଶୋଧନ କରି ଦେବି । ଏହି ସବୁ ବିଷୟ ପତ୍ରରେ ଲେଖିବା ଅପେକ୍ଷା ମୁହଁରେ କହି ଦେବା ହିଁ ଶ୍ରେୟଃ ; ତଦ୍ଵାରା ଶକ୍ତିସଞ୍ଚାର ହୋଇଥାଏ । ଯେତେଦିନ ପର୍ଯ୍ୟନ୍ତ ଚିତ୍ତଶୁଦ୍ଧି ହୋଇ ଶ୍ରୀଗୁରୁଙ୍କ ପ୍ରତି ନିଃସ୍ଵାର୍ଥ ଭଲପାଇବା ନ ଜନ୍ମେ, ସେତେଦିନ ପର୍ଯ୍ୟନ୍ତ ମନ୍ତ୍ର ଭିତର ଦେଇ ଗୁରୁଙ୍କ ଉପଦିଷ୍ଟ କର୍ମାନୁଷ୍ଠାନ ମଧ୍ୟ ଦେଇ ଗୁରୁଶକ୍ତି ଆହରିତ ହୋଇଥାଏ । ମୁଁ ସମ୍ଭବତଃ ଉତ୍ସବ ପରେ ଥରେ ବଙ୍ଗଦେଶକୁ ଯିବି ।

* * * ଉତ୍ସବ ସମାଗତ, ଢାକା ମୟମନସିଂହରୁ ଭକ୍ତଗଣ ଆସୁଛନ୍ତି । ଉତ୍ତରବଙ୍ଗରୁ ବୋଧ ହୁଏ କେହି ଆସିବେ ନାହିଁ । ସୁ— ଓ ଗୋ— କିପରି ଅଛି ? ସମସ୍ତଙ୍କୁ ମୋର ସ୍ନେହାଶୀର୍ବାଦ ଜଣାଇବ । ଆଶୀର୍ବାଦ କରୁଛି ତୁମ୍ଭେମାନେ ସତ୍ୟରେ ପ୍ରତିଷ୍ଠିତ ହୁଅ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୨)

ଓଁ ଶ୍ରୀଗୁରବେ ନମଃ

ଶାନ୍ତି ଆଶ୍ରମ

ମାଘ ୩୦ ଦିନ

ପ୍ରିୟ ସନ୍ତାନଗଣ,

ବହୁଦିନ ହେଲା ତୁମ୍ଭମାନଙ୍କ ନିକଟକୁ ପତ୍ରାଦି ଲେଖି ନାହିଁ । ମୁଁ ଆଶ୍ରମର କୌଣସି କୌଣସି ବିଶେଷ କାର୍ଯ୍ୟ ସମ୍ପନ୍ନ ଓ ନୂତନ ବର୍ଷର "ଆର୍ଯ୍ୟଦର୍ପଣ"

ପରିଚାଳନର ବନ୍ଦୋବସ୍ତ ପାଇଁ ଆଶ୍ରମକୁ ଆସିଅଛି । ଶୀଘ୍ର ଢାକା ଯିବି, ସେଠାରୁ ମୟମନସିଂହ ହୋଇ ଉତ୍ତରବଙ୍ଗକୁ ଯିବି । ତାପରେ କାଶୀକୁ ପ୍ରସ୍ଥାନ କରିବି । ପତ୍ରୋତ୍ତର ଆଶ୍ରମର ଠିକଣାରେ ଲେଖିବ ।

ଗତକାଲି ବଗୁଡ଼ାର ଲ— ବାବୁଙ୍କର ପତ୍ର ପାଇଛି । ତତ୍‌ସଙ୍ଗେ ତାଙ୍କର ଭାଇଙ୍କର ପତ୍ର ମଧ୍ୟ ପାଠ କଲି । ମୁଁ ଯେ ଏ ସମ୍ବନ୍ଧରେ ତାଙ୍କୁ କ'ଣ ଲେଖିବି ବା ଉପଦେଶ ଦେବି ଭାବି ପାରୁ ନାହିଁ । ବର୍ତ୍ତମାନ ହିନ୍ଦୁ ସମାଜର ଯେଉଁ ଅବସ୍ଥା, ସେଥିରେ ସାଧୁବାକ୍ୟ କଦାପି କାହାରି ମନଃପୂତ ହୁଏନା । ମନ ଯୋଗାଇ କଥା ନ କହିଲେ ମନ ମୁତାବକ ହୋଇ ହୁଏନା । "ସାଂସାରିକ ଲୋକଙ୍କର ବୁଦ୍ଧି ଯେଉଁଥିରେ ଜାଗ୍ରତ, ସାଧୁର ବୁଦ୍ଧି ସେଥିରେ ନିଦ୍ରିତ । ପୁଣି ସାଧୁ ଯେଉଁ ବିଷୟରେ ଜାଗ୍ରତ, ସାଂସାରିକ ଲୋକ ସେଥିରେ ଚିର-ନିଦ୍ରିତ"—ଗୀତାବାକ୍ୟ । ନତୁବା ବଡ଼ ଭାଇ ଛୋଟ ଭାଇକୁ ଉପଦେଶ ଦେଉଛନ୍ତି, "ଈଶ୍ୱର-ଦର୍ଶନ କର୍ମଫଳ ସାପେକ୍ଷ, କର୍ମଫଳଦାତା ଈଶ୍ୱର ଜୀବର କର୍ମାଧୀନ ।" ଏହା ଅପେକ୍ଷା ଈଶ୍ୱରଙ୍କ ସମ୍ବନ୍ଧରେ ଶୋଚନୀୟ ଧାରଣା ଆଉ କ'ଣ ହୋଇ ପାରେ ? ଏହିପରି ଅଭିଭାବକ ହିନ୍ଦୁ ପରିବାରର ଚାଳକ, ସୁତରାଂ ମୁଁ ମୋ ମନର କଥା ଲେଖିବାକୁ ବଡ଼ ସଙ୍କୁଚିତ ବୋଧ କରୁଅଛି । ମୋର ମତ ହେଉଛି ଯେ, ସାଂସାରିକ ସର୍ବ ବିଷୟରେ ଆମ୍ଭେମାନେ ସମ୍ପୂର୍ଣ୍ଣ ସ୍ୱାଧୀନ ; ମୋର ଅଧ୍ୟାତ୍ମ-ଜୀବନ ମୋର ପିତା-ମାତା ଅପେକ୍ଷା ମଧ୍ୟ ଉନ୍ନତ ହୋଇ ପାରେ । ପ୍ରମାଣ-ପ୍ରହ୍ଲାଦ । ସେ ପିତାଙ୍କର ବାକ୍ୟକୁ ବେଦବାକ୍ୟ ମନେ କରି ଯଦି ହରି ନାମ ଛାଡ଼ିଥାନ୍ତେ, କରୋମେତି ବାଇ ଯଦି ସ୍ୱାମୀଙ୍କ ବାକ୍ୟକୁ ବେଦବାକ୍ୟ ବୋଲି ସ୍ୱାମୀ ସଙ୍ଗରେ ଦେହସୁଖରେ ରତ ହୋଇଥାନ୍ତେ, ତେବେ ସେମାନଙ୍କର ଜୀବନ ସମ୍ପୂର୍ଣ୍ଣ ଅନ୍ୟ ରଙ୍ଗରେ

ରଞ୍ଜିତ ହୋଇଥାନ୍ତା । ତେଣୁ କହୁଛି, ସାଂସାରିକ ସୁବ୍ୟବସ୍ଥାର ବିଧି ସତ୍ୟ-ଧର୍ମାନ୍ବେଷୀ ପୁରୁଷଙ୍କର ଏକମାତ୍ର ଅନୁସରଣୀୟ ନୁହେଁ । ଆତ୍ମବିସ୍ମୃତ ଜୀବ ଉଦ୍‌ବୁଦ୍ଧ-ହୃଦୟର ଭୀଷଣ ଅବସ୍ଥା କ'ଣ ବୁଝିବ ? ମୋର ପ୍ରାଣର କଥା ହେଉଛି ଯେ, ଲ— ବାବୁ ଯେଉଁ ଭାବ ପାଇଛନ୍ତି, ଯଦି ତାଙ୍କର କେହି ପ୍ରକୃତ ବନ୍ଧୁ ଥାଆନ୍ତା, ତାହାହେଲେ ଜୋରକରି ମଧ୍ୟ ତାଙ୍କୁ ସେହି ଭାବରସରେ ବୁଡ଼ାଇ ରଖନ୍ତା, ନଚେତ୍ ରସ ବ୍ୟତୀତ ଭାବ ଯେ ଶୁଖିଯିବ ! କିନ୍ତୁ ଲ— ବାବୁ ଆଜି ହିନ୍ଦୁ ଆତ୍ମୀୟ ବନ୍ଧୁଙ୍କ ଅଭିସମ୍ପାତର କାରଣ ହେବାରେ ଲାଗିଛନ୍ତି । ହିନ୍ଦୁ ସମାଜର ଚରମ ଅଧଃପତନ ହୋଇଅଛି । ଏହା ବ୍ୟତୀତ ମୋର ଆଉ କିଛି କହିବାର ନାହିଁ ।

ଲ— ବାବୁଙ୍କର କର୍ତ୍ତବ୍ୟ, ଯାହାଦ୍ୱାରା ତାଙ୍କର ଭାବର ପରିଣତି ଓ ପରିପୁଷ୍ଟି ହେବ କାୟମନୋବାକ୍ୟରେ ତାହା ହିଁ କରିବା । ତେବେ ଅଭିଭାବକଙ୍କର ଅବାଧ ହୋଇ ମୁଁ କିଛି କରିବାକୁ କହିବି ନାହିଁ, ଯଦ୍ଦ୍ୱାରା ଗୋଟିଏ ପରିବାରର ଶୃଙ୍ଖଳା ଭଙ୍ଗ ହେବ, ମୁଁ ତାହାର ପକ୍ଷପାତୀ ନୁହେଁ । ବିଶେଷତଃ ଜନନୀଙ୍କ ଭଳି ହିତୈଷିଣୀଙ୍କୁ (ହିତାହିତ ନ ବୁଝିଲେ ମଧ୍ୟ) ମର୍ମପୀଡ଼ା ଦେଇ "ବୀର-ସାଧକ" ବ୍ୟତୀତ ସାଧାରଣଙ୍କ ଉନ୍ନତିର ଆଶା ବିଡ଼ମ୍ବନା । କାରଣ ଗୁରୁଜନଙ୍କର ଏକମୁଖୀ ଚିନ୍ତା ବା ଇଚ୍ଛା ସାଧକର ମନକୁ ଅଧଃପାତିତ କରେ । ସେତେବେଳେ ଦୁଇକୂଳ ହରାଇ ଜୀବନଟା ମାଟି ହୋଇଯିବ । ସୁତରାଂ ଗୁରୁଜନଙ୍କର ମତ ନେଇ ମୋ ବ୍ୟତୀତ ଅନ୍ୟ ଉପଯୁକ୍ତ ଭାବାନୁଯାୟୀ ଗୁରୁଙ୍କର ଶରଣାପନ୍ନ ହେବା କର୍ତ୍ତବ୍ୟ । ମୁଁ ଏପରି ସ୍ଥଳରେ ଯାହାକୁ ଶିଷ୍ୟରୂପେ ଗ୍ରହଣ କରିଅଛି, ସେହି ସ୍ଥାନରେ ହିଁ ଗୋଟିଏ ଅଶାନ୍ତି ଜମାଟ ବାନ୍ଧିଛି । ସୁତରାଂ ଏପରି ସ୍ଥଳରେ ମୁଁ ଆଉ ଶିଷ୍ୟ କରି ପାରିବି ନାହିଁ । ବଡ଼ ଜ୍ୱାଳା ହୁଏ, ଯନ୍ତ୍ରଣା ସହ୍ୟ କରିବାକୁ ପଡ଼େ । ଅନର୍ଥକ

ଅଶାନ୍ତିରେ ସ୍ୱରୂପ ଭୁଲିଯାଏ । ତୁମେ ମୋର ମନର ଭାବ ବୁଝାଇ କହିବ । ମୁଁ ଯେତେବେଳେ ବଗୁଡ଼ା ଯିବି, ସେତେବେଳେ ମୌଖିକ ଉପଦେଶ ଦେବି । ଶିଷ୍ୟଙ୍କୁ ଅର୍ଥାତ୍ ଯାହାର ଭାର ନେଇଛି ତାଙ୍କୁ ଆଦେଶ କରିବି—ଆଉ ସାଧାରଣଙ୍କୁ ଉପଦେଶ ଦେବି, ଏହା ହିଁ ମୋର ଜୀବନର ବ୍ରତ । ଉପଦେଶରେ ଯେ ଉଦ୍‌ବୁଦ୍ଧ ହେବ ମୋର ଆଦେଶ ପାଳନ ହିଁ ତାହାର କର୍ତ୍ତବ୍ୟ । ତାଙ୍କୁ ଅପରର ମୁଖ ଚାହିଁବାକୁ ପଡ଼ିବ ନାହିଁ । ମୋର ଶିଷ୍ୟ ହେଲେ ହିଁ, ସାମାଜିକ ବିଧି-ବ୍ୟବସ୍ଥାର ସହିତ ବିରୋଧ ଅବଶ୍ୟମ୍ଭାବୀ । ଯେଉଁମାନେ ମୋର ଶିଷ୍ୟ ହୋଇଛନ୍ତି, ସେମାନେ ଆଉ ବାପା, ମା, ଭାଇ, ଭଉଣୀଙ୍କ ସହିତ ଶାନ୍ତିରେ ରହିପାରୁ ନାହାନ୍ତି, ଆଉ ସେମାନଙ୍କୁ ଭଲ ଲାଗୁନାହିଁ । ତେବେ ସମସ୍ତ ପରିବାର ଯେଉଁଠାରେ ଶିଷ୍ୟ, ସେଠାରେ ଶାନ୍ତି-ତୃପ୍ତିର ଆବିର୍ଭାବ ହୋଇଅଛି ; ଜୋଡ଼ା-ତାଳି ସ୍ଥାନରେ ପ୍ରକୃତ ଏକତା ଆସିଅଛି । କିନ୍ତୁ ମୁଁ ବୁଝିଛି, ଲ— ବାବୁଙ୍କର ପରିବାରରେ ଅଶାନ୍ତି ହେବ । ମୋ ନିନ୍ଦା ଲ— ବାବୁଙ୍କୁ ସର୍ବଦା ଶୁଣିବାକୁ ପଡ଼ିବ । ମୋର ସାବଧାନତା ଅବଲମ୍ବନ ହିଁ କର୍ତ୍ତବ୍ୟ । ଆଉ ଲ— ବାବୁ ମଧ୍ୟ ଚାରିଦିଗକୁ ଭାବିଚିନ୍ତି ଦେଖନ୍ତୁ, ପ୍ରାଣ କ'ଣ କହୁଛି ? ଦୁଇଦିନର ସାମୟିକ ଉଚ୍ଛ୍ୱାସରେ ଯେପରି ସମସ୍ତ ଜୀବନଟା ପଣ୍ଡ ହୋଇ ନ ଯାଏ । ମୋ ବିଶ୍ୱାସ ଅଛି, ଭଗବାନ୍ ଯାହାଙ୍କୁ ଶ୍ରୀଚରଣତଳକୁ ଟାଣିବେ, ସାଂସାରିକ ବାଧାର ଶକ୍ତି ନାହିଁ ଯେ ସେହି ଟାଣକୁ ବାଧା ଦେଇପାରିବ । ଭଗବାନଙ୍କର ଜୟ ହେଉ । ମାୟା ଚିରଦିନ ତାଙ୍କର ଦାସୀ ମାତ୍ର । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ତୁମ୍ଭମାନଙ୍କର—

ଠାକୁର

(୧୩)

ସ୍ନେହର ଲ— !

ତୁମର ପତ୍ର ପାଇ ଆନନ୍ଦିତ ହେଲି । ପ୍ରାର୍ଥନାସ୍ୱରୂପ ଗୀତଟିରେ ଯାହା ନିବେଦନ କରିଅଛ, ତାହା ପ୍ରାଣଗତ ହେଲେ ମଙ୍ଗଳ ହେବ । ଶିଷ୍ୟର ଲକ୍ଷ୍ୟ ଏପରି ପ୍ରାର୍ଥନାରେ ଆସି ପହଞ୍ଚିଲେ ଗୁରୁଙ୍କର ମଧ୍ୟ ଆନନ୍ଦ । ପ୍ରତ୍ୟେକ ଗୃହୀଙ୍କୁ ଏହିପରି ହେବାକୁ ପଡ଼ିବ । ଯେଉଁମାନଙ୍କର ସମୟ ନାହିଁ, ଅଥଚ ବୁଝି ପାରିଲେ ସେମାନେ ନିଜର ପୁଅ-ଝିଅମାନଙ୍କୁ ସେହି ଶିକ୍ଷା ଦେଇ ସେହିପରି ଭାବରେ ଗଠିତ କରନ୍ତୁ । ଅନର୍ଥକ ଦୁଃଖ ଦୂର କରିବାର ବୃଥା ପରିଶ୍ରମ କରିବାକୁ ପଡ଼ିବ ନାହିଁ । ଏହି ଜଗତ ଯେ ଅଭାବ-ଅଶାନ୍ତି ଦେଇ ଗଢ଼ା । ସଂଯୋଗ-ବିୟୋଗ, ସୁଖ-ଦୁଃଖ, ରୋଗ-ଶୋକ, ବିରହ-ବିଚ୍ଛେଦ ଯେ ଏଠାକାର ଅନିବାର୍ଯ୍ୟ ନିତ୍ୟ ଘଟଣା । ଏହା ଦୂର ହେବାର ନୁହେଁ । କାହାରି ବି ଦୂର ହୋଇ ନାହିଁ । ଶ୍ରୀକୃଷ୍ଣଙ୍କୁ ସଖାରୂପେ ପାଇ ମଧ୍ୟ ପାଣ୍ଡବମାନଙ୍କର ବ୍ୟବହାରିକ ଦୁର୍ଗତି ଦୂର ହୋଇ ନାହିଁ । ଏହା ଅନିବାର୍ଯ୍ୟ । ଦୂର କରିବାକୁ ଗଲେ ବୋଝ ବଢ଼ିଯାଏ ମାତ୍ର । ସାଧୁ, ଶାସ୍ତ୍ର, ଗୁରୁମୁଖରୁ ଏହି ସତ୍ୟ ଲାଭ କରି, ଧୈର୍ଯ୍ୟ ଅବଲମ୍ବନପୂର୍ବକ ପ୍ରାରବ୍ଧ ଭୋଗ କରିବାକୁ ଶିକ୍ଷା ଓ ଅଭ୍ୟାସ କରିବା ହିଁ ପ୍ରତ୍ୟେକ ଗୃହୀଙ୍କର ପରମଧର୍ମ । ଅବସ୍ଥାନୁସାରେ କାନ୍ଦି ହସି, ନାଚି ବେତାଳିଆ ନ ହୋଇ, ସର୍ବାବସ୍ଥାରେ ସତ୍ୟରେ ପ୍ରତିଷ୍ଠିତ ରହିବାକୁ ପଡ଼ିବ । ଲକ୍ଷ୍ୟ ସ୍ଥିର ରଖିବ । ବୀରଙ୍କ ଭଳି କର୍ମଫଳ ଭୋଗ କରିବାକୁ ପଡ଼ିବ । ମନୁଷ୍ୟ ଶତଚେଷ୍ଟା କରି ମଧ୍ୟ ସ୍ତ୍ରୀ-ପୁତ୍ର-କନ୍ୟାଙ୍କର ଦୁଃଖ ଅଶାନ୍ତି ଦୂର କରି ପାରିବ ନାହିଁ, ତେବେ ଅବସ୍ଥାନୁସାରେ ଅର୍ଥବ୍ୟୟ କରିବାକୁ ପଡ଼ିବ । ଯଥା ସାଧ୍ୟ ସେବା-ଶୁଶ୍ରୂଷା କରିବାକୁ ପଡ଼ିବ ।

ବିୟୋଗ-ବିଚ୍ଛେଦରେ ଅଭିଭୂତ ହେଲେ ଚଳିବ ନାହିଁ, ବରଂ କରତୋୟାରେ ରଖି ଦେଇ ନିଶ୍ଚିନ୍ତରେ ମାଙ୍କର ନାମ କରିବାକୁ ପଡ଼ିବ ;—ଆଉ ବର୍ତ୍ତମାନର କର୍ତ୍ତବ୍ୟ ପାଇଁ ହସ ହସ ମୁଖରେ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ । ନିଜର ମତଲବ ସିଦ୍ଧି ହେଲା ନାହିଁ ବୋଲି ଶ୍ରୀଭଗବାନଙ୍କର ଦୟାଉପରେ, ଶକ୍ତିମତ୍ତାରେ ବା ବିଚାରରେ ସଂଶୟ ଘୋର ଅଜ୍ଞାନତା ମାତ୍ର । କାମନା ଥିଲେ କାମ୍ୟ ବସ୍ତୁର ବିୟୋଗ-ଦୁଃଖରେ ସଂଶୟ, କ୍ରୋଧ, ଅଭିମାନ ସ୍ୱାଭାବିକ । ସଦ୍‌ଗୁରୁଙ୍କ କୃପାରୁ ସତ୍ୟରେ କାମନା ପୁଞ୍ଜୀକୃତ ହେଲେ ଏହିପରି ବିଡ଼ମ୍ବିତ ହେବାର ଭୟ ରହେ ନାହିଁ । ବନ୍ଧନ ଉପରେ ବନ୍ଧନ କଷିବା ନିମିତ୍ତ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବାକୁ ସେତେବେଳେ ଲଜ୍ଜା ଲାଗେ । ଭଗବାନ୍ ବା ଗୁରୁକୃପା ମାନେ ଏହା ନୁହେଁ ଯେ—ସଂସାରରେ ସ୍ତ୍ରୀ-ପୁତ୍ର ନେଇ ବେଶ୍ ଆରାମରେ ଦିନ କେତୋଟି କଟେଇ ଦେବା । ବିଧି-ନିର୍ଦ୍ଧାରିତ ପ୍ରାରବ୍ଧ ଭୋଗକରି ମଦନ-ମରଣର ମଧ୍ୟ ଦେଇ ହସ ହସ ମୁଖରେ ଲକ୍ଷ୍ୟ ପଥରେ ଅଗ୍ରସର ହେବା ହିଁ ଯଥାର୍ଥ ସଦ୍‌ଗୁରୁ ବା ଭଗବାନଙ୍କର କୃପା । ତୁମର ପ୍ରାର୍ଥନାର ଛତ୍ରେ ଛତ୍ରେ ଏହି ଭାବ ହିଁ ପ୍ରକଟିତ । ବାସ୍ତବିକ ତୁମ୍ଭମାନଙ୍କର ବ୍ୟବହାରିକ ଅଭାବ ଅଶାନ୍ତି କମିବ ନାହିଁ । ବରଂ ସାଂସାରିକ ଦୀର୍ଘତାର ସଙ୍ଗେ ସେମାନଙ୍କର ଦୀର୍ଘତା ମଧ୍ୟ ବଢ଼ିଯିବ । ସେଥିରେ ଅଭିଭୂତ ବା ଅଧ୍ୟୁଷିତ ହେଲେ ଆଉ ଜୀବନରେ ଶାନ୍ତିର ଆଶା ନାହିଁ । ତେଣୁ କହୁଛି—ତୁମର ପ୍ରାର୍ଥନା ପ୍ରାଣଗତ ହେଉ—ତାହା ହିଁ ଅନୁକ୍ଷଣ କାମନା ହେଉ, ତାହା ହେଲେ ମୋର ଆଶୀର୍ବାଦରେ ଓ ମାଙ୍କର କୃପାରେ ତୁମ୍ଭମାନଙ୍କ ଏହିପରି ଚିତ୍ତ ଗଠିତହେବ । ଆଦର୍ଶ ସ୍ୱାମୀ, ଆଦର୍ଶ ପିତାର କର୍ତ୍ତବ୍ୟ ପାଳନ କରି ଆଦର୍ଶ ଗୃହୀରୂପେ

ସଂସାରରେ ପ୍ରତିଷ୍ଠିତ ହୁଅ । ମୁଁ ମଧ୍ୟ ଏହି କାମନା ନେଇ ଏହି ଗୁରୁଗିରିର ଅଭିମାନ ବହନ କରୁଅଛି । ପ୍ରତି ଶିଷ୍ୟ-ହୃଦୟରେ ଭଗବଦ୍ଦର୍ଶନର ଆକାଙ୍‌କ୍ଷା ନେଇ ପ୍ରତୀକ୍ଷା କରୁଅଛି । ତୁମ୍ଭମାନଙ୍କର ବାହୁରେ ଶକ୍ତି ଓ ହୃଦୟରେ ଭକ୍ତିର ବିକାଶ ହେଉ—ବୁଦ୍ଧି ବିଶୁଦ୍ଧ ହେଉ । ତୁମ୍ଭମାନଙ୍କ ପ୍ରତି ଘରେ ପୁଣି ଶଙ୍କର ଗୌରାଙ୍ଗ ଆବିର୍ଭୂତ ହୁଅନ୍ତୁ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୪)

ଓଁ

ସାରସ୍ୱତ ମଠ

୧୭।୧।୨୫

ସ୍ନେହର ଲ— ! ତୁମର ପତ୍ର ପାଇ ''ପ୍ରଭାତି ଲଳିତ ଆଳାପ'' ଶ୍ରବଣ ଭଳି ତୃପ୍ତିଲାଭ କରିଅଛି । ଇତିପୂର୍ବେ ସୁରେନ ମଧ୍ୟ ଲେଖିଥିଲା ''ବାବୁଙ୍କୁ କହିବ ଆମେ ଖୁବ୍ ଆନନ୍ଦରେ ଅଛୁ ।'' ଆନନ୍ଦ ହିଁ ଯେ ତୁମର ସ୍ୱଭାବ । ତୁମ୍ଭେମାନେ ଆନନ୍ଦମୟୀଙ୍କ ସନ୍ତାନ, ଦୁଃଖ, ଶୋକ, ବେଦନା ଯେ ତୁମ୍ଭମାନଙ୍କର ବିରୁଦ୍ଧ ସ୍ୱଭାବ । ମାଙ୍କର କୋଳରେ ନିଦ୍ରିତ ହୋଇ ଜୀବ ସ୍ୱଭାବ-ବିରୁଦ୍ଧ ସ୍ୱପ୍ନ ଦେଖେ । ଜାଗ୍ରତ ହେଲେ ଆଉ ସ୍ୱପ୍ନ ଅଭିଭୂତ କରିପାରେନା । ତୁମ୍ଭେମାନେ ଯେ ମୋର ବାଳ ଗୋପାଳ, ଅଥଚ ମୁଁ ରାତ୍ରି ଥାଉ ଥାଉ ତୁମ୍ଭମାନଙ୍କୁ ଉଠାଇବାକୁ ଆରମ୍ଭ କରିଅଛି—ତେଣୁ ଉଠି ମଧ୍ୟ ପୁଣି ଶୋଇପଡୁଛ । ଅଚିରେ ହିଁ କାଳରାତ୍ରି କଟିଯିବ, ଜ୍ଞାନ-ସୂର୍ଯ୍ୟ ପ୍ରକାଶିତ ହେବ । ତୁମ୍ଭେମାନେବି ଚିରଦିନ ପାଇଁ

ଜାଗି ଉଠିବ ; ଚିରଦିନ ପାଇଁ ନିଦ୍ରା–ଘୋର କଟିଯିବ । ଉଷାର ଆଲୋକ ବି ବୋଧହୁଏ ନିକଟବର୍ତ୍ତୀ, ତେଣୁ ହୃଦକୁଞ୍ଜର ପକ୍ଷୀକୁଳର କଳକଣ୍ଠର ଲଳିତ କାକଳି କର୍ଣ୍ଣରେ ପହଞ୍ଚୁଅଛି !

ସୀମାନ୍ତର ମିରି ଆବର ପ୍ରଭୃତି ବିଦ୍ରୋହୀ ହୋଇ ଏଦେଶରେ ଖୁବ୍ ଅତ୍ୟାଚାର କରୁଛନ୍ତି, ମାରୱାଡ଼ିମାନଙ୍କର ଦୋକାନାଦି ଲୁଟି ନେଉଛନ୍ତି । ଆଶ୍ରମକୁ ଆସିବେ ବୋଲି ମଧ ଗୁଜବ ଶୁଣାଯାଉଛି । କର୍ତ୍ତୃପକ୍ଷ ଗୋର୍ଖା ଓ ଗୋରା ଫୌଜ ଆଣିଦମନକରିବାକୁ ଚେଷ୍ଟା କରୁଛନ୍ତି । ସମସ୍ତେ ଖୁବ୍ ଉଦ୍‌ବିଗ୍ନ ଅଛନ୍ତି । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ସମସ୍ତେ ମୋର ଆଶୀର୍ବାଦ ଓ ସ୍ନେହଚୁମ୍ବନ ଜାଣିବ ।

ଆଶୀର୍ବାଦକ—

ତୁମ୍ଭମାନଙ୍କର ଠାକୁର

(୧୫)

ସାରସ୍ୱତ ମଠ

ପୋଃ କୋକିଳାମୁଖ, ଶିବସାଗର

ତାଃ ଭାଦ୍ରବ ୨୨ ଦିନ, ୧୩୩୧ ସାଲ

ସ୍ନେହର ଲ— !

ଯଥାସମୟରେ ତୁମର ପତ୍ର ପାଇଛି । ମୁଁ ବଗୁଡ଼ାରୁ ଆସି ଏ ପର୍ଯ୍ୟନ୍ତ କାହା ନିକଟକୁ ମଧ ପତ୍ର ଲେଖି ନାହିଁ । ନିତାନ୍ତ ପ୍ରୟୋଜନୀୟ ବିଷୟ ବ୍ୟତୀତ କାହାରି ନିକଟକୁ ପତ୍ର ଲେଖିବାକୁ ଇଚ୍ଛା ମଧ ହୁଏ ନାହିଁ । ବିଶେଷତଃ ଯେଉଁମାନଙ୍କ ସହିତ ପ୍ରାଣର ବନ୍ଧନ ରହିଛି, ସେମାନଙ୍କ ନିକଟକୁ ପତ୍ର ଲେଖିବା ଭଣ୍ଡାମୀର ନାମାନ୍ତର । ଜୀବ ସର୍ବଦା ବାହାରର

ବସ୍ତୁ ନେଇ ଭିତରର ଅଭାବ ଢାଙ୍କି ରଖିଛି । ବାହାରର ଆଶା ଯାହାର ଯେତେ କମି ଆସିଛି, ସେ ସେତେ ଭିତରେ ଖୋଜିବା ଆରମ୍ଭ କରିଛି, କାରଣ ଜୀବ କିଛି ଗୋଟିଏ ନ ହେଲେ ରହିପାରେ ନାହିଁ । ତେଣୁ ପତି-ପୁତ୍ର-ହୀନା ରମଣୀ ବିଲେଇ ପୋଷି କିଛିଟା ଅଭାବ ପୂରଣକରିବାକୁ ଚେଷ୍ଟାକରେ । ତୁମ୍ଭମାନଙ୍କ ଭିତରର ପ୍ରବଳ ଆକାଙ୍‌କ୍ଷା ଯେପରି ବିଲେଇ ପୋଷି ନିଃଶେଷ ନ ହୁଏ ! ମୋର ପତ୍ରରେ ତୁମ୍ଭମାନଙ୍କ ଅଭାବ ପୂରଣର ବ୍ୟର୍ଥ ଚେଷ୍ଟା କରନା । ବାହାରର ଆଶା ଛାଡ଼ି ଦିଅ । ଅନ୍ତରର ଅନ୍ତରତମ ପ୍ରଦେଶରେ ବୁଡ଼ି ମତେ ଖୋଜ ; ଦେଖିବ ଜଗଜ୍ଜନନୀଙ୍କୁ କୋଳରେ ଧରି ତୁମ୍ଭମାନଙ୍କ ହୃଦୟ ଆବୋରି ବସି ଅଛି । ବସ ! ତେବେ ନା ଯାଇ ସବୁ ଅଭାବ ମେଣ୍ଟିବ ? ଚିଠି ଲେଖି ତୁମ୍ଭମାନଙ୍କୁ ଆଉ କେତେ ତୃପ୍ତି ଦେବି ? ମୁଁ ଚାହେଁ, ତୁମ୍ଭମାନଙ୍କ ହୃଦୟରେ ଅଭାବର ଅଗ୍ନି ଦାଉ ଦାଉ କରି ଜଳି ଉଠୁ । ସମୟେ ସମୟେ ହୃଦୟର ନିରସ ବା ସରସ ଭାବରେ ଚଞ୍ଚଳ ହୁଅନା । ସାମାନ୍ୟ ସରସତାରେ ବିଶେଷ ଆନନ୍ଦ କ'ଣ ? ଆଉ ନିରସତା ସଂସାରର ପ୍ରକୃତ ଅବସ୍ଥା । ମାନବ ଜୀବନଟା ସ୍ତର ବିଶେଷ । ମାଟି ଭିତରେ ସ୍ତରଗୁଡ଼ିକ ଯେପରି ସଜ୍ଜିତ ଥାଏ, ଜୀବର ଜୀବନ ମଧ୍ୟ ତଦ୍ରୂପ । ସୁତରାଂ ଯେତେବେଳେ ଯେଉଁ ସ୍ତରର ବିକାଶ ହେବ, ତଦନୁଯାୟୀ କ୍ରିୟା ମଧ୍ୟ ନିଶ୍ଚୟ ହେବ । ତୁମ୍ଭେମାନେ ସେଥିରେ ଚଞ୍ଚଳ ହେବ କାହିଁକି ? ତୁମ୍ଭେମାନେ ସର୍ବାବସ୍ଥାରେ ସର୍ବାନ୍ତଃକରଣରେ ଭଗବାନଙ୍କଠାରେ ସର୍ବସ୍ୱ ସମର୍ପଣ କରି କେବଳ ତାଙ୍କର ନାମ ଉଚ୍ଚାରଣ କରି ଯାଅ । ସର୍ବାବସ୍ଥାରେ ତାଙ୍କର ଜୟଗାନ କର । ମାୟିକ ସୁଖ-ଦୁଃଖ ଦୁଇଟିକୁ ହିଁ ଅଗ୍ରାହ୍ୟ କରି ନିତ୍ୟ ଆନନ୍ଦର ପ୍ରସ୍ରବଣ ଦିଗକୁ ଧାବିତ ହୁଅ ଏବଂ ଏହିପରି ଦୃଢ଼ ବିଶ୍ୱାସ ଓ ଭକ୍ତି ପାଇଁ ପ୍ରାଣଭରି ପ୍ରାର୍ଥନା କର ।

ତୁମ୍ଭେମାନେ ବ୍ରହ୍ମମୟୀଙ୍କ ସନ୍ତାନ, ଏତେଦିନ ମୋହନିଦ୍ରାରେ ନିଦ୍ରିତଥିଲ, ଗୁରୁକୃପାରୁ ଯେତେବେଳେ ନିଜର ସ୍ୱରୂପ ଜାଣିଅଛ, ସେତେବେଳେ ଆଉ କାହିଁକି ? ଆଳସ୍ୟ ତ୍ୟାଗକରି ସର୍ବପ୍ରକାର ଦୁର୍ବଳତା ତ୍ୟାଗ କରି ଉଠିପଡ଼, ମା' ମା' ରବରେ ମାଙ୍କର ସନ୍ତାନମାନଙ୍କର ନିଦ୍ରା ଭାଙ୍ଗି ଦିଅ, ମା' ମା' ରବରେ ମାଆଙ୍କ ଆଗମନ ଦେଶରେ ଘୋଷଣାକର, ମାଆଙ୍କ ନାମରେ ଦିଗ୍‌ଦିଗନ୍ତ ପ୍ରତିଧ୍ୱନିତ କର । ପ୍ରୟୋଜନ ବୋଧ କଲେ ମତେ ଚିଠି ଲେଖ । ତେବେ ମୁଁ ସବୁ ସମୟରେ ପତ୍ର ଲେଖିବାର ଅବସ୍ଥାରେ ନ ଥାଏ । ସୁତରାଂ ଉତ୍ତର ନ ପାଇଲେ କ୍ଷୁଣ୍ଣ ହୁଅ ନାହିଁ । ତୁମ୍ଭମାନଙ୍କର ପ୍ରାର୍ଥନା ସମାନ ଭାବରେ ଜଣେଇ ଯାଅ । ଆଶ୍ରମର ସର୍ବାଙ୍ଗୀଣ କୁଶଳ । ଗୋ— ଓ ସୁ—ର କୌଣସି ପତ୍ତା ନାହିଁ ଯେ ? ଗୋବିନ୍ଦ ପଣ୍ଡାକୁ ମୁଁ ଖୁବ୍ ଭଲପାଏ । ସୁରେନ କେଉଁଠି ? ଯାହା ହେଉ ଭକ୍ତିମତୀ ଯଶୋମାୟୀ ଗଣଙ୍କୁ ମୋର ସ୍ନେହାଶୀର୍ବାଦ ଜଣାଇବ । ଇତି—

ତୁମର—

ଠାକୁର

(୧୬)

ଓଁ ସଦ୍‌ଗୁରୁ

ସାରସ୍ୱତ ମଠ

୨୪।୫।୨୪

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ସୁ— ! ତୁମର ପତ୍ରରୁ ବିସ୍ତାରିତ ଅବଗତ ହୋଇ ସ୍ତବ୍ଧ ଓ କ୍ଷୁବ୍ଧ ହେଲି । ତୁମେ out line ହେବାର ଲାଗିଛ, ମୋ ମତରେ ତାହା

ଲକ୍ଷ୍ୟଭ୍ରଷ୍ଟ ନୁହେଁ—ଲାଇନଚ୍ୟୁତ ଅଟେ ! ହରଗୌରୀ, ରାଧାକୃଷ୍ଣ, ସୂର୍ଯ୍ୟ, ଗଣେଶ, ଆଲ୍ଲା, ଗଡ୍, ଈଶା, ମୁଶା, ଶ୍ରୀଚୈତନ୍ୟ ପ୍ରଭୃତି ଯେ କୌଣସି "ନାମ-ରୂପ" ଅବଲମ୍ବନ କରନା କାହିଁକି, ତାହା ଏକମାତ୍ର ଭଗବାନଙ୍କୁ ହିଁ ଲକ୍ଷ୍ୟ କରୁଅଛି । ସୁତରାଂ କୌଣସି ସାଧକ ଲକ୍ଷ୍ୟଭ୍ରଷ୍ଟ ହୁଏନା । କିନ୍ତୁ ଭଗବାନଙ୍କୁ ଭୁଲି, ଇହକାଳ ସର୍ବସ୍ୱ ଭାବି ବିଷୟ ସେବାରେ ମନ-ପ୍ରାଣ ସମର୍ପଣ କରିବା ହିଁ ପ୍ରକୃତ ଲକ୍ଷ୍ୟଭ୍ରଷ୍ଟ । କାର୍ଯ୍ୟତଃ ତୁମେ ଲକ୍ଷ୍ୟଭ୍ରଷ୍ଟ ହୋଇ ନାହଁ । କିନ୍ତୁ ସାତ ବର୍ଷ ଯାବତ୍ ଯେଉଁ ପଥରେ ଚାଲିଥିଲ, ଆଜି ବନ୍ଧୁଙ୍କ କୃପାରୁ ବିପଥଗାମୀ ହେବାରେ ଲାଗିଛ ; ତେଣୁ ମୁଁ ତାହାକୁ out line—ହିଁ ମନେ କରେ । ତେବେ ଏ ସମ୍ବନ୍ଧରେ ଏବେ ତୁମକୁ କିଛି ଲେଖିବି ନାହିଁ । କାରଣ ଇତିପୂର୍ବରୁ ତୁମ୍ଭମାନଙ୍କୁ ଶିବ-ଶକ୍ତି, ରାଧାକୃଷ୍ଣ, ଶାକ୍ତ-ବୈଷ୍ଣବ, ଜ୍ଞାନ, ପ୍ରେମ ସମ୍ବନ୍ଧରେ ବହୁ ଉପଦେଶ ଦେଇଅଛି । ମୋର ଶିଷ୍ୟ ମନରେ ଶାକ୍ତ-ବୈଷ୍ଣବ ସ୍ଥାନ ପାଇବ ଏହା ମୋର ଚିନ୍ତାର ଅଗୋଚର । ଏହା ମଧ୍ୟ ଦେଇ ଯେତେବେଳେ ସାମ୍ପ୍ରଦାୟିକ ବୈଷ୍ଣବର ଭାବ ବା ତାହାର ସାଧକ ତୁମର ହୃଦୟରେ ଏପରି ପ୍ରଭୁତ୍ୱ ବିସ୍ତାର କରିପାରିଛି, ସେତେବେଳେ ସାମାନ୍ୟ ପତ୍ରରେ ଦୁଇଚାରିଟି କଥା ଲେଖି କୌଣସି ଫଳ ହେବ ନାହିଁ । ବେଶି ଲେଖିବା ବର୍ତ୍ତମାନ ମୋର ଶରୀର-ମନର ଅନୁକୂଳ ନୁହେଁ । ମୋ ସଙ୍ଗେ ସାକ୍ଷାତ୍ ହେବା ମାତ୍ରକେ ତୁମର ମନର ଦୁର୍ବଳତା ଦୂର ହୋଇ ଯିବ । ମୋ ପାଇଁ କିଛିଦିନ ଅପେକ୍ଷା କର, ମୁଁ ଶୀତକାଳରେ ବଙ୍ଗଳାକୁ ଯିବି । ତେବେ ଇତିପୂର୍ବରୁ ତୁମର ସେହି ବନ୍ଧୁଟି ସହିତ ସାକ୍ଷାତ ହେଲେ ଜିଜ୍ଞାସା କରିବ ଯେ ଯଦି ତୁମର ଠାକୁର ତୁମକୁ ରାଧାକୃଷ୍ଣ ମନ୍ତ୍ର ନ ଦିଅନ୍ତି ଏବଂ ତାଙ୍କ ନିକଟରେ ଈଶ୍ୱର ପୁରୀଙ୍କର କିଛି ନ ଥାଏ, ତେବେ ତୁମର କର୍ତ୍ତବ୍ୟ କ'ଣ ?

ତୁମର ବନ୍ଧୁଟିର ଯେଉଁପରିଚୟ ହେଇଛି, ସେଥିରେ ମୁଁ ବିସ୍ମିତ ଓ ସ୍ତମ୍ଭିତ ହୋଇଅଛି । ସେ ତୁମର ଦେହରେ ହାତ ଦେଇ ହିଁ ଠିକ୍ କଲା, ତୁମେ ଶକ୍ତିସାଧକ । ପୁଣି ତାର ଭକ୍ତ ମଧ୍ୟ ଅଛି, କାରଣ ଭକ୍ତଙ୍କ ଆକର୍ଷଣରେ ଚାଲିଗଲା । ପୁଣି ତୁମର ସାତବର୍ଷର ସାଧ-ମନ୍ତ୍ର ସିଦ୍ଧି ପୂର୍ବରୁ ଯେ ଅନ୍ୟ ମନ୍ତ୍ର ଗ୍ରହଣର ଉପଦେଶ ଦିଏ ଏବଂ ତଜ୍ଜନିତ ପ୍ରତ୍ୟବାୟ ପାଇଁ ନିଜେ ଦାୟିତ୍ୱ ଗ୍ରହଣ କରେ, ପୁଣି ନିଜ ଗୁରୁଙ୍କୁ ବୋକା ବନେଇ ପୁନଃପୁନଃ ତାଙ୍କ ନିକଟରୁ ମନ୍ତ୍ର ନେବାପାଇଁ ଯେ ପରାମର୍ଶ ଦେଇ ପାରେ, ସେ ଶକ୍ତିମାନ୍ ସିଦ୍ଧବୈଷ୍ଣବ ନିଶ୍ଚୟ ହୋଇଥିବେ । ନତୁବା ଗୁରୁନିଷ୍ଠ, ସରଳ ସାଧକ, ଏକଦମ ନିରୀହ, ଗୁରୁମୁଖରୁ ଯେପରି ଶିକ୍ଷା ପାଇଅଛି, ତଦନୁସାରେ ହିଁ ତୁମକୁ ଉପଦେଶ ଦେଇଛି । ସାମ୍ପ୍ରଦାୟିକ ଭାବ ବ୍ୟତୀତ ସତ୍ୟ ଜଗତର ଖବର ରଖେ ନାହିଁ । ନତୁବା ହାଫେଜ ଭଳି ସଖ୍ୟଭାବର ପ୍ରେମିକ—ରାଧାକୃଷ୍ଣ ଉପାସକଙ୍କ ଭିତରେ ସେମାନଙ୍କ ଦଳର କେତେଜଣ ମିଳିବେ ? ବିଜ୍ଞାନର ଯୁଗରେ ଏସବୁ ପ୍ରଳାପୋକ୍ତି । ତୁମର ବନ୍ଧୁଟି ବିଚାରବିମୂଢ଼ ଗୁରୁନିଷ୍ଠ ଭକ୍ତ—ସେଥିପାଇଁ ତାହାର ବର୍ତ୍ତମାନ ଉନ୍ନତି । ତୁମ ଭକ୍ତିର କାଙ୍ଗାଳ, ଯାହା ତୁମ ଭିତରେ ନାହିଁ, ତାହା ବ୍ୟଲ୍ୟବନ୍ଧୁ ମଧ୍ୟରେ ଦେଖି ମୁଗ୍ଧ ହୋଇଅଛ । ତେଣୁ ତାହାର ପ୍ରଭାବ ତୁମ ଭିତରେ ମଧ୍ୟ ବିସ୍ତୃତି ଲାଭ କରିଅଛି । ବସ ! ଭୁଲିଯାଅ ନାହିଁ ଯେ ଏହି ଶକ୍ତି ମଧ୍ୟ ତୁମ ଭିତରେ ଦିନେ ଜାଗ୍ରତ ଥିଲା, ଯେତେବେଳେ ତୁମେ ଅନ୍ୟକୁ ଜଡ଼େଇ ଧରିଲେ ସେ ମଧ୍ୟ ତୁମଭାବରେ ଆବିଷ୍ଟ ହୋଇ ପଡୁଥିଲା । ଆଜି ସେସବୁ ଭୁଲି ନବୀନ ସାଧକର ସାମୟିକ ଭାବରେ ଏପରି ଅଭିଭୂତ ହୋଇପଡ଼ି out line ହେଉଛ କାହିଁକି ?

ତୁମର ଅଭାବ ରାଧାକୃଷ୍ଣ ମନ୍ତ୍ର ନେଲେ ପୂରଣ ହେବ ! ଅନ୍ୟମାନଙ୍କର ହୋଇଛି କି ? ଗୌରାଙ୍ଗ ଦେବଙ୍କର ହୋଇଥିଲା କି ? ବୈରାଗୀ ଯେଉଁ ଗୋପୀଭାବ ଲାଭ ପାଇଁ ବ୍ୟାକୁଳ, ସେହି ଗୋପିମାନେ ମଧ୍ୟ ମାଙ୍କର ସାଧନାରେ ମାଆଙ୍କ କୃପାରୁ ପ୍ରେମଲାଭ କରିଥିଲେ, ଆଉ ବ୍ରାହ୍ମଣ ପିଲା ଦୁଇଦିନ ବୈଷ୍ଣବ ହୋଇ ସେହି ମାଙ୍କର ମନ୍ତ୍ର ତ୍ୟାଗ କରିବାକୁ ଉପଦେଶ ଦେଉଛି । ଧନ୍ୟ ଗୋଡ଼ାମି ସତରେ ! ଏଥି ପାଇଁ ରାମକୃଷ୍ଣ କୋମଳମତି ଦୁର୍ବଳ ଶିଷ୍ୟଗଣଙ୍କୁ କୌଣସି ସାମ୍ପ୍ରଦାୟିକ ସାଧକର (ଖୁବ୍ ଉନ୍ନତ ହେଲେ ମଧ୍ୟ) ସଙ୍ଗେ ମିଶିବାକୁ ନିଷେଧ କରିଥିଲେ । ବସ ! ତୁମ୍ଭେମାନେ କ'ଣ ଶାକ୍ତ ? ଶାକ୍ତ ସ୍ୱୀକାର କର କାହିଁକି ? ମୁଁ ଜାଣେ ତୁମ୍ଭେମାନେ ବୈଷ୍ଣବ, ମୁଁ ଯେଉଁ ସାଧନା କରାଉଛି ସେଥିରେ ଅଷ୍ଟସିଦ୍ଧି ଆଦି ବିଭୂତି ଲାଭହେବ ନାହିଁ । ତୁମ୍ଭେମାନେ ପ୍ରେମ-ଭକ୍ତିର ହିଁ ଅଧିକାରୀ ହେବ । ମା କୃପା କରି ଯେଉଁଦିନ ମାୟା-ଯବନିକା ଘୁଞ୍ଚାଇ ନେବେ, ସେହି ଦିନ ତାଙ୍କର ନିତ୍ୟ ସତ୍ୟ ଲୀଳା-ବିଳାସ ବା ପ୍ରକୃତି-ପୁରୁଷଙ୍କ ରସର ରାସ-ଲୀଳା ନୟନଗୋଚର ହେବ । ରାଧାକୃଷ୍ଣ ତତ୍ତ୍ୱ ମାଙ୍କର ହିଁ ଘନୀଭୂତ ମାଧୁର୍ଯ୍ୟ ବିଳାସ ମାତ୍ର, ଆଉ ମାୟିକ ଲୀଳା ଐଶ୍ୱର୍ଯ୍ୟରେ ସନ୍ନିବେଶିତ ।

ମୁଁ କ'ଣ ତୁମକୁ ଭୁଲ ମନ୍ତ୍ର ଦେଇଛି ଯେ ଜନୈକ ଯୁବକର ଉପଦେଶରେ ସେହି ଭ୍ରମ ସଂଶୋଧନ କରିବ ? ବରଂ ଅନ୍ୟମାନଙ୍କ ଦୀକ୍ଷିତ ଶାକ୍ତ, ବୈଷ୍ଣବ ମନ୍ତ୍ର ନେବାକୁ ଏବଂ ବୈଷ୍ଣବ ଶକ୍ତି ମନ୍ତ୍ର ନେବାକୁ ଚାହିଁ ମୋ ନିକଟରୁ ପ୍ରତ୍ୟାଖ୍ୟାତ ହୋଇଛନ୍ତି । ମୁଁ ଗୋଟିଏ ମନ୍ତ୍ର ଛାଡ଼ି ଅନ୍ୟ ମନ୍ତ୍ର ଗ୍ରହଣର ଆବଶ୍ୟକତା ସ୍ୱୀକାର କରେ ନାହିଁ ଏବଂ ବିଷ୍ଣୁ ମନ୍ତ୍ର ଉପାସକମାନଙ୍କୁ ବୈଷ୍ଣବ ବୋଲି ସ୍ୱୀକାର କରେ ନାହିଁ । ମୋ ମତରେ

ରାମକୃଷ୍ଣ, ରାମପ୍ରସାଦ ପରମ ବୈଷ୍ଣବ । ଆଉ ଗୌଡ଼ୀୟ ବୈଷ୍ଣବ ମାତ୍ରେ ହିଁ (ଜଣେ ଦୁଇଜଣଙ୍କୁ ଛାଡ଼ି) ଶାକ୍ତ, ଏଥିରେ ସନ୍ଦେହ ନାହିଁ ।

ମୁଁ ଜଣେ ରାଗମାର୍ଗର ବୈଷ୍ଣବଙ୍କୁ ଦେଖାଇ ପାରିବି, ଯିଏ କହିବେ "ଏହି ଯୁଗରେ ଗୌରମନ୍ତ୍ର ବ୍ୟତୀତ ଜୀବର ଗତି ନାହିଁ ; ଯେଉଁ ରାଜାର ରାଜତ୍ୱ ତାଙ୍କର ହିଁ ଦ୍ୱାହି ଦେବାକୁ ପଡ଼େ ।" ତାଙ୍କ ମତରେ ଗୌରାଙ୍ଗ ଶେଷ ଅବତାର, ସୁତରାଂ ତାଙ୍କର ଭଜନ ହିଁ ଜୀବର କର୍ତ୍ତବ୍ୟ । ଆଉ କାଳୀ, କୃଷ୍ଣ, ଶିବ ମରି ଭୂତ ହୋଇଛନ୍ତି, ସେମାନଙ୍କ ନାମ ନେଲେ କି ଫଳ ହେବ ?

ଯାହା ହେଉ, ମୋ ସଙ୍ଗରେ ଥରେ ଶେଷ ସାକ୍ଷାତ ନ କରି ଅନ୍ୟ ପଥରେ ପାଦ ଦିଅ ନାହିଁ । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ତୁମର—

ଠାକୁର

(୧୭)

ସାରସ୍ୱତ ମଠ

୧୦।୬।୨୬

ସ୍ନେହାସ୍ପଦାସ୍ତୁ—

ପରମ ଶୁଭାଶୀରାସ୍ତାମ୍ ବିଶେଷଃ—

ତୁମର ପତ୍ର ଯଥାସମୟରେ ପାଇଅଛି । ମୁଁ ଆଶ୍ରମକୁ ଆସିବା ଅବଧି କାର୍ଯ୍ୟ-କର୍ମର ନାନାପ୍ରକାର ବିଶୃଙ୍ଖଳାରେ ପଡ଼ି ବ୍ୟସ୍ତ ରହିଛି । ୨।୩ ଟି ସେବକ ଏବେ ମଧ୍ୟ କାମସାରି ପାରି ନାହାନ୍ତି । ସ୍ୱରୂପାନନ୍ଦର ପତ୍ରରୁ

ଜାଣିଲି, ସେ ବଗୁଡ଼ା ପହଞ୍ଚିଛି । ଏତେଦିନ କେଉଁଠି କିପରି ଥିଲେ ଆମେ ଅବଗତ ନୋହୁ ।

ତୁମର ପୁଅଝିଅ ମାନଙ୍କର ସମସ୍ତ ଆବ୍‌ଦାର ତୁମେ କ'ଣ ପୂରଣ କର ? ସେହିପରି ତୁମ୍ଭମାନଙ୍କର ସମସ୍ତ କଥାର ଉତ୍ତର ମୁଁ ଦେବି ନାହିଁ । ତୁମ୍ଭେମାନେ ଆପେ ଆପେ ସମୟକ୍ରମେ ସବୁ ଜାଣି ପାରିବ । ସାଧାରଣ ଜପ ପୁଅଝିଅଙ୍କୁ କୋଳରେ ଧରି ମଧ୍ୟ କରାଯାଇ ପାରେ । କିନ୍ତୁ ସନ୍ଧ୍ୟା ଆହ୍ନିକ ବା କୌଣସି ବୈଧୀ ଅନୁଷ୍ଠାନ ସମୟରେ ପୁଅଝିଅ ନ ଥିବା ହିଁ ଭଲ । ଗୃହସ୍ଥର ସ୍ୱାମୀସେବା, ସନ୍ତାନପାଳନ ସ୍ୱଧର୍ମ, ସୁତରାଂ ତୁମର ସାଧନ-ଭଜନର ସମୟ ଅଳ୍ପ, ସେଥିପାଇଁ ସର୍ବଦା ଜପ କରିବାକୁ ଅଭ୍ୟାସ କରିବ । ସର୍ବାନ୍ତଃକରଣରେ ଭଗବାନଙ୍କଠାରେ ନିର୍ଭର କରିବା ବ୍ୟତୀତ ତୁମ୍ଭମାନଙ୍କର ଉପାୟ ନାହିଁ । ହରପ୍ରସାଦଙ୍କ ଘରେ ଶୈଳବାଳାଙ୍କ ପରି ପ୍ରକୃତ ସଂସାରୀ ହୁଅ । ଜଗଜ୍ଜନନୀ ମଧ୍ୟ ଯେ ସଂସାରୀ ।

ଜା—ଙ୍କର ଅବସ୍ଥା ଜାଣି ମର୍ମାହତ ହେଲି । ସେମାନଙ୍କର ମନଟା ଭଲ ଥିଲା, କିନ୍ତୁ ଦେହ ପାଇଁ କିଛି କରି ପାରିଲେ ନାହିଁ । ସବୁ କର୍ମଫଳ । ସେମାନେ ଦୁଃଖ ପାଅନ୍ତୁ, ଏହା କ'ଣ ମୋର ଇଚ୍ଛା ? ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୮)

ମଠ
୧୪।୪।୨୩

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

କିଛି ଦିନ ହେଲା ମ—ର ପତ୍ର ପାଇଛି। ସେ ଲେଖିଛି, "ମୁଁ ଅବସର ନେଇଛି—ଯଦି ତୁମେ ଗୁରୁ ହୋଇଥାଅ ମତେ ଗ୍ରହଣ କର।" ଗୁରୁ କେବେ କଣ୍ଟ୍ରାକ୍ଟ ଦେଇ ଶିଷ୍ୟଗ୍ରହଣ କରନ୍ତି ନାହିଁ। ଯଦି ସେ ମତେ ଗୁରୁ ବୋଲି ବୁଝି ପାରେ—ମୋ ନିକଟରେ ରହିଲେ, ମୋର ସେବାରେ ଜୀବନ ଉତ୍ସର୍ଗ କଲେ, ବିନାବିଚାରରେ ମୋର ଆଦେଶ ପାଳନ କଲେ, ଯଦି ତାର ଶାନ୍ତି ହୁଏ—ପୂର୍ଣ୍ଣତ୍ୱ ପ୍ରତିଷ୍ଠା କରି ପାରେ, ତେବେ ମୋ ନିକଟକୁ ଆସୁ। ଏହି ଭାବରେ କେତେ ଲୋକ ଆସି ମଧ୍ୟ ନିୟତ ଫେରି ଯାଉଛନ୍ତି, ମଠରେ ଗ୍ରହଣ କରୁନାହିଁ। ଆଉ ମ—କୁ ଯେ ସତ୍ୟ-ବଦ୍ଧ ହୋଇ ଗ୍ରହଣ କରିବାକୁ ପଡ଼ିବ, ଅଧ୍ୟାତ୍ମଜଗତରେ ଏହା ଅସମ୍ଭବ। ମତେ ଏବେ ମଧ୍ୟ ଯଦି ବୁଝି ନ ପାରିଛ ନ ଆସିବା ହିଁ କର୍ତ୍ତବ୍ୟ। ତାକୁ ପ୍ରାଣଭରା ବିଶ୍ୱାସ ନେଇ ସନ୍ନ୍ୟାସ ଆଶ୍ରମକୁ ଆସିବାକୁ ପଡ଼ିବ। ମୁଁ ତଡ଼ି ଦେଲେ ମଧ୍ୟ ସେ ହଟିବ ନାହିଁ। ଏହିପରି ଭାବ ନେଇ ରହିବା ଆବଶ୍ୟକ। ତାକୁ ଏହି ପତ୍ର ଶୁଣାଇ ଦେଇ କର୍ତ୍ତବ୍ୟାବଧାରଣ କରିବାକୁ କହିବ। ତାହାର ଯଦି ପ୍ରକୃତ ସଂସାର-ବୈରାଗ୍ୟ ଜନ୍ମିଥାଏ ତେବେ ସଦ୍‌ଗୁରୁ ଅଭାବ ହେବେ ନାହିଁ। ତ୍ୟାଗୀ ବ୍ୟତୀତ ସଦ୍‌ଗୁରୁ ଅନ୍ୟମାନଙ୍କ ନିକଟରେ ଆତ୍ମପ୍ରକଶ କରନ୍ତି ନାହିଁ। ଯାହା ହେଉ ଅତ୍ର ମଙ୍ଗଳ।

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୧୯)

ମଠ
୨୩।୪।୨୨

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ବତ୍ସ ! ଥରେ ଶିଷ୍ୟ ବୋଲି ଗ୍ରହଣ କଲେ ଆଉ କ'ଣ ତାକୁ ତ୍ୟାଗ କରାଯାଏ ? ତେବେ ସବୁ ଶିଷ୍ୟ ସମାନ ନୁହନ୍ତି । ତୁମ୍ଭେମାନେ ତ ମୋର କେବଳ ଏହି ଜନ୍ମର ଶିଷ୍ୟ ନୁହଁ ! ଜନ୍ମଜନ୍ମାନ୍ତରରୁ ଏ ସମ୍ବନ୍ଧ ସ୍ଥାପିତ ହୋଇ ଆସୁଅଛି । ତୁମ୍ଭେମାନେ ଯେ ମୁକ୍ତିକୁ ତୁଚ୍ଛ କରି କେବଳ ମୋର ସେବା ଓ ସହାୟତା କରିବା ପାଇଁ ମୋ ସାଙ୍ଗରେ ଜନ୍ମ ଜନ୍ମ ଧରି ଘୁରି ବୁଲୁଅଛ । ସମୟରେ ସବୁ ଜାଣିପାରିବ । ମୁଁ କର୍ତ୍ତବ୍ୟମୁଗ୍ଧ, ତେଣୁ ଏତେଦିନ ପର୍ଯ୍ୟନ୍ତ ତୁମ୍ଭମାନଙ୍କୁ ଦୂରେଇ ରଖିଥିଲି । ସକଳ ସିଦ୍ଧିର ମୂଳ ''କୃପା'' । ସାଧନ-ଭଜନ ନିମିତ୍ତ ମାତ୍ର । ସୁତରାଂ କୌଣସି ଅବସ୍ଥାରେ ବିଚଳିତ ନ ହୋଇ ସୁଖ-ଦୁଃଖରେ, ସମ୍ପଦ-ବିପଦରେ ମାଙ୍କର ଜୟଗାନ କର । ନିର୍ଭୟରେ ନିଶ୍ଚିନ୍ତରେ ମାଙ୍କର ନାମ କର, ସବୁ ମାଙ୍କର ଚରଣରେ ସମର୍ପଣ କରି ତାଙ୍କୁ ଭାର ଦେଇ କେବଳ ନାମ କର, ସେଥିରେ ହିଁ ସର୍ବାର୍ଥ ସିଦ୍ଧି ହେବ । ସାଧନ-ଭଜନ କରି ନ ପାରିଲେ ମଧ୍ୟ ସ୍ମରଣ-ମନନ ଛାଡ଼ ନାହିଁ ।

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୨୦)

କାଶୀ ଗମ୍ଭୀରା

୩।୧୧।୨୨

ସ୍ନେହର ଦେ—,

ତୁମର ପତ୍ର ପାଇ ବିସ୍ତାରିତ ବିଷୟ ଅବଗତ ହେଲି । ପୂର୍ବ ପତ୍ରଖଣ୍ଡିକ ପାଇବାକୁ କିଛି ବିଳମ୍ବ ଘଟିଥିଲା, ତତ୍ପରେ ନ—ର ସଙ୍ଗେ ଆଶ୍ରମରେ ଦେଖା ହେବାରୁ ଆଉ ଉତ୍ତର ଦେବା ଆବଶ୍ୟକ ବୋଧ କରି ନାହିଁ । ବାବା ! ସଂସାର ବଡ଼ ଭୀଷଣ ସ୍ଥାନ—ମାୟାର ମୋହିନୀ କ୍ଷେତ୍ର । ଏଠାରେ ପଦେ ପଦେ ଲାଞ୍ଛନା, ବିଡ଼ମ୍ବନା ଭୋଗ କରିବାକୁ ପଡ଼େ । ତଦୁପରି ତୁମ୍ଭେମାନେ ଜମିଦାର, ସୁତରାଂ ସର୍ବଦା ତୁମ୍ଭମାନଙ୍କର ଅଶାନ୍ତି ଉଦ୍‌ବେଗର କାରଣ ରହିଛି । ଏପରି ଅବସ୍ଥାରେ ଖୁବ୍ ଧୀର ଓ ସ୍ଥିର ଭାବରେ ଚଳିବାକୁ ପଡ଼ିବ । ଅଭିମାନ ଅହଂକାର ଭୁଲି ଭଗବାନଙ୍କର ଦୀନ ଭୃତ୍ୟ ଭଳି ତାଙ୍କର ବିଷୟ ରକ୍ଷଣାବେକ୍ଷଣ କରିବ । ବିବାଦ ବିସମ୍ବାଦ ଠାରୁ କିମ୍ବା ଯଦ୍ଦ୍ୱାରା ଚିତ୍ତର ସାମ୍ୟଭାବ ନଷ୍ଟ ହୁଏ ଏପରି କାର୍ଯ୍ୟରୁ ଯେତେ ଦୂରରେ ରହି ପାରିବ ସେତେ ମଙ୍ଗଳ । ଅବଶ୍ୟ କାହାରି ଅନ୍ୟାୟ ଅତ୍ୟାଚାର ସହ୍ୟ କରିବ ନାହିଁ । ସେଇଟା କାପୁରୁଷର ଲକ୍ଷଣ । ତୁମ୍ଭେମାନେ କାହାରି ଉଦ୍‌ବେଗର କାରଣ ହେବ ନାହିଁ । କିନ୍ତୁ କେହି ଉଦ୍‌ବିଗ୍ନ କଲେ ନ୍ୟାୟପଥରେ ରହି ଯଥାସାଧ୍ୟ ପ୍ରତିକାର କରିବ । ଆଉ ଯେଉଁ ସ୍ଥାନରେ ଯେଉଁ କାର୍ଯ୍ୟରେ ଚିତ୍ତ ଥାଉ ନା କାହିଁକି, ନିଜର ସ୍ୱରୂପ ଭୁଲିବନା । ଏ ଜଗତର କିଛି ତୁମର ନୁହେଁ । ତୁମେ ମଧ୍ୟ କାହାରି ନୁହଁ । ଦୁଇଦିନ ପାଇଁ ରାଜା-ପ୍ରଜା ସାଜିଅଛ ମାତ୍ର । ଯେଉଁଥି ପାଇଁ ଆସିଅଛ ତାହା ସମ୍ପନ୍ନ କରି ଯାଇ ପାରିଲେ ହିଁ ପୁରୁଷାର୍ଥ । ନତୁବା

ବିଷୟ-ବିଭବ ଭୋଗ ସବୁ ହିଁ ଦୁଇଦିନର ଜଳ ବୁଦ୍‌ବୁଦ୍ । ତୁମ୍ଭେମାନେ ସନ୍ନ୍ୟାସୀର—ତ୍ୟାଗୀର ସନ୍ତାନ, ସୁତରାଂ ''ବୈରାଗ୍ୟମେବାଭୟମ୍'' ଏହି ମୂଳମନ୍ତ୍ର କଦାପି ଭୁଲି ଯାଅନା ।

''ନିଗମ-ସୂତ୍ର'' ଲେଖିବାରେ ବିଳମ୍ବ ଅଛି । ଆଉ ଅନ୍ୟ କାର୍ଯ୍ୟଗୁଡ଼ିକର ସୁବନ୍ଦୋବସ୍ତ ନ କରି ''ସୂତ୍ର'' ଲେଖି ପାରିବି ନାହିଁ । ତାହା ମୋର ଶେଷ କାର୍ଯ୍ୟ ।

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୨୧)

ମଠ

୩୦।୧୧।୨୪

ସ୍ନେହାସ୍ପଦେଷୁ—

ବତ୍ସ ! ତୁମେ ତ ନିରପରାଧୀ । ତୁମ ମନରେ ଯେତେବେଳେ କୌଣସି ପାପ ନ ଥିଲା ସେତେବେଳେ କୌଣସି ଘଟଣାରେ ଭୀତ ନ ହୋଇ ନ୍ୟାୟପଥରେ ପ୍ରତିକାର କରିବା କର୍ତ୍ତବ୍ୟ ଥିଲା । ତୁମେ ବିଚାରାଳୟରେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷୀ ଓ ନିଷ୍ପାପୀ ବୋଲି ପ୍ରତିପନ୍ନ ହୋଇ ନିଶ୍ଚୟ ଦେଶବାସୀଙ୍କ ସମକ୍ଷରେ ଗୌରବାନ୍ୱିତ ହୋଇଥାନ୍ତ । ପୋଲିସ କେତେ ବଡ଼ ବଡ଼ ଲୋକଙ୍କୁ ବିଚାରାର୍ଥେ କୋର୍ଟକୁ ପ୍ରେରଣ କରୁଛି । ପୋଲିସକୁ ଏତେ ଟଙ୍କା ଦିଆଯିବାରୁ ପ୍ରକାରାନ୍ତରେ ଅସତ୍ୟ, ପାପ ଓ କାପୁରୁଷତାକୁ ପ୍ରଶ୍ରୟ ଦିଆ ଯାଇଛି । ଟଙ୍କା ଦେଇ ତୁମେ ସେହି ପୋଲିସ ଚକ୍ଷୁରେ ଏବଂ ଲୋକଚକ୍ଷୁରେ ହୀନ ଅପରାଧୀ ସାବ୍ୟସ୍ତ

ହୋଇଅଛ । ଅଥଚ ଲେଖିଅଛ ଏବେ ମଧ୍ୟ ବିପଦ କଟି ନାହିଁ । ଶତ୍ରୁ ପକ୍ଷ ମଧ୍ୟ ତୁମର ସ୍ୱଭାବ ଜାଣି ନେଲେ ; ସୁଯୋଗ ପାଇଲେ ହିଁ ବିପଦରେ ପକାଇବାକୁ ଚେଷ୍ଟା କରିବେ । ଆଉ ସତ୍ୟକୁ ନିର୍ଭର କରି, ବିଚାରାଳୟରେ ଓକିଲ ମୋକ୍ତାରଙ୍କ ପିଛରେ ସେହି ଟଙ୍କା ଖର୍ଚ୍ଚ କରିଥିଲେ ସବୁ ଦିଗରୁ ଭଲ ହୋଇଥାନ୍ତା । ସତ୍ୟର ଜୟ ନିଶ୍ଚୟ ହୋଇଥାନ୍ତା । ଶତ୍ରୁପକ୍ଷ ମଧ୍ୟ ଭବିଷ୍ୟତରେ ସାବଧାନ ହୁଅନ୍ତା, ମୋର ମଧ୍ୟ ମର୍ଯ୍ୟଦା ରହିଥାନ୍ତା । ବସ୍ ! ତୁମ୍ଭମାନଙ୍କର ଗୌରବରେ ହିଁ ମୋର ଗୌରବ । ଏହି ଘଟଣାରୁ ଲୋକଙ୍କ ନିକଟରେ ମୁଁ ମଧ୍ୟ ଖୁବ୍ ଛୋଟ ହୋଇଗଲି । କାରଣ ସେହି ଦେଶର ସମସ୍ତ ଲୋକ ଜାଣନ୍ତି ତୁମେ ମୋର ଅନୁଗତ ଶିଷ୍ୟ । ଯାହା ହେଉ ଗତ ବିଷୟ ଅନୁଶୋଚନା କରିବା ବୃଥା । ତୁମେ ସଂସାରୀ, ସବୁଦିଗରୁ ମର୍ଯ୍ୟଦା ରକ୍ଷା କରି ଚଳିବା ହିଁ ତୁମର କର୍ତ୍ତବ୍ୟ । ସୁତରାଂ ଯାହା ହୋଇଯାଇଛି ସେଥିପାଇଁ କ୍ଷୁର୍ଣ୍ଣ ହୋଇ ଲାଭ କ'ଣ ? କେବଳ ଶରୀର ଓ ମନ ନଷ୍ଟ ହେବ । ସଂସାରର ଏହା ହିଁ ରୀତି । ପାପ ନ କରି କେତେ ଲୋକ କଷ୍ଟ ପାଉଛନ୍ତି, ପୁଣି କେତେ ପାପୀ ସୁଖରେ ସମ୍ମାନରେ ଜୀବନ ବିତାଉଛନ୍ତି—ଏହା ହିଁ ଜନ୍ମାନ୍ତରୀଣ କର୍ମଫଳ ! ଖଟି ମଧ୍ୟ କେତେ ଲୋକ ଖାଇବାକୁ ପାଉ ନାହାନ୍ତି, ତୁମେ ନ ଖଟି ମଧ୍ୟ କେତେ ଲୋକଙ୍କୁ ଖାଇବାକୁ ଦେଉଛ । ଜନ୍ମାନ୍ତରର କର୍ମରୁ ଏହି ସୁବିଧା ଘଟିଅଛି । ପାପ ନ କରି ମଧ୍ୟ ଯେ ଲୋକ ଲାଞ୍ଛନା, ଦୁଃଖ ଭୋଗ କରୁଅଛି ଏହା ମଧ୍ୟ ସେହିପରି ଜନ୍ମାନ୍ତରୀଣ କର୍ମଫଳ । ସୁତରାଂ ଲୋକେ ମନୁଷ୍ୟକୁ ଅପଦସ୍ତ କରି ପାରନ୍ତି ନାହିଁ । ସବୁ ଘଟଣା ମାଙ୍କର ମଙ୍ଗଳମୟ ଇଚ୍ଛାରୁ ହିଁ ଘଟିଥାଏ, ସୁତରାଂ ଦୁଃଖ ବା କ୍ଷୋଭ କର ନାହିଁ । ମାଙ୍କ ଉପରେ ନିର୍ଭର କରି ସବୁ ଘଟଣା ସହ୍ୟ କରିବାକୁ ଅଭ୍ୟାସ କର ।

ସାହସ ହରାଅ ନାହିଁ । ସମୟରେ ବୁଝି ଓ ଦେଖି ପାରିବ, ସେ କେତେ ସ୍ନେହରେ ତାଙ୍କର ମଙ୍ଗଳମୟ କୋଳକୁ ଉଠାଇ ନିଅନ୍ତି । ମାଙ୍କ ଉପରେ ଭାର ଦେଇ ମାଆଙ୍କ ନାମ କର ; ସେ ଇହ-ପରକାଳରେ ମଙ୍ଗଳ କରିବେ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୨୨)

ମଠ

୧୫।୧୨।୨୪

ସ୍ନେହାସ୍ପଦେଷୁ—

ତୁମର ପତ୍ର ପାଇଛି । ସାଂସାରିକ ସକଳ ଅବସ୍ଥାରେ ଚିତ୍ତର ସମଭାବ ରକ୍ଷା କରିବାକୁ ପଡ଼ିବ । ମାଙ୍କ କୃପାରୁ ଜ୍ଞାନ ହେଲେ ସୁଖ, ଦୁଃଖ, ରୋଗ, ଶୋକ, ବିପଦ, ସମ୍ପଦ ସବୁ ଅବସ୍ଥାରେ ହିଁ ଶାନ୍ତି ମିଳେ । ଅଜ୍ଞାନ ଅଭିମାନ ହିଁ ଅଶାନ୍ତି-ଉଦ୍‌ବେଗ ଆଣେ । ଆଉ ଶତ ଦୁଃଖ ମୁଣ୍ଡ ପାତି ନେଇ ତ୍ୟାଗୀ ଆନନ୍ଦମୟ । ଗୃହୀ ହୋଇ ମଧ୍ୟ ତୁମ୍ଭେମାନେ ମାଆଙ୍କ କୃପାରୁ ତ୍ୟାଗୀର ଆନନ୍ଦ ପାଇବ । ସତ୍ୟର ଜୟ ଅବଶ୍ୟମ୍ଭାବୀ । ଇତି—

ତୁମର—

ଠାକୁର

(୨୩)

ମଠ

୧୪।୫।୨୩

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ଉପର୍ଯ୍ୟୁପରି ଦୁଇଖଣ୍ଡ ପତ୍ର ଯଥା ସମୟରେ ପାଇ ଅବଗତ ଅଛି । ବତ୍ସ ! ଏହି ମାୟାର ସଂସାର ମାୟା ଦେଇ ଗଢ଼ା । କେବଳ ସ୍ୱାର୍ଥ, କେବଳ ଫାଙ୍କି, କେବଳ ପ୍ରତାରଣା ! ତୁମର ବୋଲି ନୁହେଁ, ରାଜା ଠାରୁ ଭିଖାରୀ ପର୍ଯ୍ୟନ୍ତ ସମସ୍ତଙ୍କର ଏକିଦଶା । ତେବେ ମା ଦୟାକରି ଯାହାର ଟିକିଏ ଆଖି ଫିଟାଇ ଦେଇଛନ୍ତି, ସେ ହିଁ ବୁଝିପାରେ । ଅନ୍ୟମାନେ ଫାଙ୍କିବାଜିରେ ଭୁଲି ନିଜକୁ ସୁଖୀ ମନେ କରୁଛନ୍ତି, ମୋହରେ ବୁଡ଼ି ଯାଇଛନ୍ତି । ସାଂସାରିକ ସୁଖ—ମୋହ ବ୍ୟତୀତ ଆଉ କିଛି ନୁହେଁ । ଏହି ମୋହରେ ଭୁଲି, ପ୍ରକୃତ ସୁଖ ସେହି ସୁଖମୟ ଭଗବାନଙ୍କୁ ଜୀବ ଭୁଲିଯାଏ । ଆଉ ଯିଏ ଯାହା ଚାହେଁ ତାହା ସଂସାରରେ ନ ପାଇଲେ ସେତେବେଳେ ଭଗବାନଙ୍କ ଆଡ଼କୁ ଅଗ୍ରସର ହୁଏ । ଜୀବ ଜନ୍ମେ ଜନ୍ମେ ଏହିପରି ପ୍ରତାରିତ ହୋଇ ଆଉ ସଂସାର-ମୋହରେ ଭୁଲେନା, ପ୍ରକୃତ ସୁଖ ପାଇଁ ବ୍ୟାକୁଳ ହୁଏ । ତୁମ ଉପରେ ମାଙ୍କର ଦୟା ଅଛି, ତେଣୁ ମା ତୁମକୁ ସଂସାରମୋହରେ ମୁଗ୍ଧ କରି ନାହାନ୍ତି । ସୁତରାଂ ନିଜ ଅବସ୍ଥାରେ ଦୁଃଖ ନ କରି ମାଙ୍କୁ କୃତଜ୍ଞତା ଜଣାଅ । ବତ୍ସ ! ତୁମେ ମା'ଙ୍କର ; ଯିଏ ତୁମର, ତାଙ୍କର ଭଲ ପାଇବା ଆକାଙ୍କ୍ଷା କର । ଆଉ କେତେଦିନ ? ଏହି ଖେଳ ଶେଷ ହେଲେ ହିଁ ନିତ୍ୟଧାମକୁ ଯାଇ ନିତ୍ୟପରିଜନଙ୍କ ସାଙ୍ଗରେ ମିଳିତ ହେବ । ସେହି ଦିନର ପ୍ରତୀକ୍ଷା କର, ଆଉ "ମା, ମା"

ରବରେ ଦେହ-ଗେହ, ଧନ-ଜନ ପ୍ରଭୃତି ସଂସାରର ମୋହ ଦୂରକର । ଏବେ ଆଉ ମୁଗ୍ଧ ହୁଅ ନାହିଁ ।

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୨୪)

ମଠ

୪।୧୨।୨୩

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ମର୍ମାହତ ହେଲି । ବତ୍ସ ! ଏହି ସଂସାରଟା ପ୍ରତାରଣା ଓ ପ୍ରବଞ୍ଚନା ଦ୍ୱାରା ତିଆରି । ସ୍ୱାର୍ଥ ପାଇଁ ଏଠାକାର ଜୀବ କ'ଣ ନ କରିପାରେ ଏପରି କାର୍ଯ୍ୟ ନାହିଁ । କିନ୍ତୁ ମୋହବଦ୍ଧ ଜୀବ ତାହା ନ ବୁଝି ସଂସାରକୁ ସୁଖ ମନେ କରି, କୃମିକୀଟଙ୍କ ଭଳି ସେଥିରେ ଲିପ୍ତ ହୋଇ ରହିଅଛି । ଭଗବାନ୍ ଚକ୍ଷୁ ଫିଟାଇ ନ ଦେଲେ ଜୀବ ତାହା ଉପଲବ୍ଧି କରି ପାରେ ନାହିଁ । ମୋର "ଯୋଗୀଗୁରୁ" ର ଉତ୍ସର୍ଗ ପତ୍ରଟି ପଢ଼ିଲେ ହିଁ ବୁଝି ପାରିବ, ମୁଁ ପିତା-ମାତା, ସ୍ତ୍ରୀ-ପୁତ୍ର, ଆତ୍ମୀୟ-ସ୍ୱଜନଙ୍କ ବ୍ୟବହାର କିପରି ଚିତ୍ରିତ କରିଅଛି । ବିକ୍ରମାଦିତ୍ୟଙ୍କ ବଡ଼ ଭାଇ ଭର୍ତ୍ତୃହରି ରାଣୀଙ୍କ ବ୍ୟଭିଚାରରେ ବିରକ୍ତ ହୋଇ "ଧିକ୍ ତାଞ୍ଚ ତଞ୍ଚ ମଦନଞ୍ଚ ଇମାଞ୍ଚ ମାଞ୍ଚ" କହି ରାଜ୍ୟ ଛାଡ଼ି ବଣକୁ ଚାଲିଗଲେ । ରାଜା ସୁରଥ ମଧ୍ୟ ସେହି ଦଶାଗ୍ରସ୍ତ । ସାଂସାରିକ ମାୟିକ ଭଲପାଇବାର ପରିଣାମ ଏହିପରି । ସୁତରାଂ ମୋର ସନ୍ତାନ ହୋଇ ସଂସାରର

ଘଟଣାରେ ଏପରି ବିଚଳିତ ହେଲେ ଚଳିବ କିପରି ? ସ୍ତ୍ରୀ-ପୁତ୍ର, ଧନ-ଜନ କେହି ଚିରକାଳର ସାଥୀ ନୁହେଁ, ସୁତରାଂ ସେମାନଙ୍କର କୁବ୍ୟବହାରରେ ଚଞ୍ଚଳ ହୋଇ ଦୁଃଖ ଭୋଗ କଲେ କିମ୍ଵା କ୍ରୋଧବଶରେ ଗୋଟିଏ କାଣ୍ଡ କରି ବସିଲେ ନିଜର ହିଁ କ୍ଷତି । ଧୀର ଓ ସ୍ଥିରଭାବରେ ସବୁ ଦିଗ ବୁଝି କାର୍ଯ୍ୟ କରିବ । ହଠାତ୍ ଉତ୍ତେଜନାବଶତଃ ଗୋଟିଏ କାଣ୍ଡ କରି ମୋ ନାମରେ କଳଙ୍କ ଲଗାଅ ନାହିଁ । ଅଧ୍ୟାତ୍ମଭାବରେ ଦେଖିଲେ—ସହସ୍ର ମଧ୍ୟରେ ..... ମିଳିବ କି ନାହିଁ ସନ୍ଦେହ । ତୁମ୍ଭମାନଙ୍କର ସଦ୍‌ଗୁରୁ ହାତରୁ ଜ୍ଞାନଲାଭ ହୋଇଅଛି । ସାଂସାରିକ ସଂସ୍ରବରେ ତଳକୁ ଖସି ଯାଅ ନାହିଁ । ସଂସାରର ଘାତ-ପ୍ରତିଘାତ, ରୋଗ-ଶୋକ, ଦୁଃଖ-କଷ୍ଟ ମାଙ୍କର ଦୟା । ତୁମର କେହି ନୁହନ୍ତି, ତୁମେ ମଧ୍ୟ କାହାରି ନୁହେଁ । ଏ କଥା ଭୁଲ ନାହିଁ । ତୁମେ ବ୍ରହ୍ମମୟୀଙ୍କର ସନ୍ତାନ, ଅବିଦ୍ୟା ଯେପରି ଗ୍ରାସ ନ କରେ ।

ତୁମ୍ଭମାନଙ୍କର—

ଠାକୁର

(୨୫)

ମଠ

୨୦।୬।୨୪

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଦେଶର ଅବସ୍ଥା ଯାହା ଲେଖିଅଛ ଏଠାରେ ବସି ତାହା ଅନୁମାନ କରି ପାରୁଛି । ଦିନକୁ ଦିନ ସଂସାରର ସମସ୍ୟା କଠିନରୁ କଠିନତର ହୋଇ

ପଡୁଅଛି । ସାଧାରଣଙ୍କ କଷ୍ଟର ଅବଧି ନାହିଁ । କିନ୍ତୁ ଭାବୀ ମଙ୍ଗଳର ସୁସମୀରଣ ବି ବହିବାକୁ ଆରମ୍ଭ କରିଛି । ଭବିଷ୍ୟତରେ ସବୁ ଦିଗରୁ ମଙ୍ଗଳ—ସବୁ ବିଷୟରେ ସୁବିଧା ହେବ, ତାହାର ସୂଚନା ଦେଖା ଯାଉଅଛି । ଅଚିରେ ହିଁ ଭଗବାନଙ୍କର ମଙ୍ଗଳ ଆଶୀର୍ବାଦ ଉଦ୍ଭାସିତ ହେବ । ସେତେବେଳେ ସାଧାରଣଙ୍କର ଅନ୍ନସମସ୍ୟା ମଧ୍ୟ ପୂରଣ ହେବ । ଏହି ଦୁର୍ଦ୍ଦିନରେ ଯେଉଁମାନେ ତିଷ୍ଠି ରହିବେ—ଖାଇ ପିନ୍ଧି ବଞ୍ଚି ରହିବେ, ସେମାନେ ନବ-ସୂର୍ଯ୍ୟ ଉଦୟରେ ଦେଶର ଅବସ୍ଥା ଦେଖି ଉତ୍‌ଫୁଲ୍ଲ ଓ ଆନନ୍ଦିତ ହେବେ । ଆଉ ଯେଉଁମାନେ ସଦ୍‌ଗୁରୁଙ୍କ କୃପାରୁ ଓ ଚିତ୍ତଶୁଦ୍ଧି ଗୁଣରୁ ଭଗବାନଙ୍କର ଆବିର୍ଭାବ ପ୍ରତ୍ୟକ୍ଷ ଅନୁଭବ କରିବେ, ସେମାନଙ୍କର ତ କଥା ହିଁ ନାହିଁ ! ସାମାନ୍ୟ ଅନ୍ନ-ବସ୍ତ୍ର କଥା କାହାର ବି ମନେ ରହିବ ନାହିଁ ।

ତୁମେ ଇତିପୂର୍ବ ପତ୍ରରେ "ମଦନ" ସମ୍ବନ୍ଧରେ ଯାହା ଲେଖିଅଛ ତାହାର ପ୍ରଭାବ ସାମାନ୍ୟ ନୁହେଁ । ଥରେ ତାକୁ ଯିଏ ପ୍ରଶ୍ରୟ ଦେଇଛି ତାକୁ ସେ ସହଜରେ ଛାଡ଼ିବାର ପାତ୍ର ନୁହେଁ । ତେବେ ତା ଉପରେ ଘୃଣା ଜନ୍ମିଲେ ସେ ଆଉ ବିଶେଷ ଅପକାର କରି ପାରିବ ନାହିଁ । ପୂର୍ବ ଜନ୍ମର ଇନ୍ଦ୍ରିୟ-ବିକାର ପାଇଁ ଏଥର ସଂସାରକୁ ଆସିଅଛି । ମୃତ୍ୟୁ ପୂର୍ବରୁ ହିଁ ଆପେ ଆପେ ନାରୀ-ସଂସର୍ଗରେ ଘୃଣା ହେବ, ବିନ୍ଦୁମାତ୍ର ଆସକ୍ତି ରହିବ ନାହିଁ । ତେଣୁ ଏଥର ମଦନ ପରଲୋକ ପଥରେ ପରିପନ୍ଥୀ ହୋଇ ପାରିବ ନାହିଁ । ତେବେ ତୁମର ଶରୀରଟା ମଧ୍ୟ ସୁଦୃଢ଼ ନୁହେଁ, ଅତ୍ୟଧିକ ଇନ୍ଦ୍ରିୟଭୋଗ ଦ୍ୱାରା ବ୍ୟାଧି ଜନ୍ମିବା ଅସମ୍ଭବ ନୁହେଁ । ଶ୍ୱାସ ରୋଗ ସଙ୍ଗେ ମଧ୍ୟ ତାହାର ସମ୍ବନ୍ଧ ଅଛି, ସୁତରାଂ ଏ ଜୀବନରେ ସୁସ୍ଥ ରହିବା ପାଇଁ ଯଥାସାଧ୍ୟ ଇନ୍ଦ୍ରିୟ-ସଂଯମ ଆବଶ୍ୟକ ।

ଧାତୁ-ପୋଷାକ ଔଷଧ ପଥ୍ୟର ପ୍ରୟୋଜନ । ଅନ୍ୟ କୌଣସି ଭୟ ନାହିଁ ।

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୨୬)

ଶାନ୍ତି ଆଶ୍ରମ
୨୪।୧।୨୦

ସ୍ନେହର କୁ—□

ତୁମର ପତ୍ର ପାଇ ବିସ୍ତାରିତ ସମ୍ବାଦ ଅବଗତ ହେଲି । ଆଗ ପତ୍ର ଗୁଡ଼ିକ ମଧ୍ୟ ଯଥା ସମୟରେ ପାଇଛି । ଅକାରଣରେ ମୋର ପତ୍ର ଲେଖିବାକୁ ଇଚ୍ଛା ହୁଏ ନାହିଁ । ବିଶେଷତଃ ଏଥର ଆଶ୍ରମକୁ ଆସି ଶରୀରଟା ଖୁବ୍ ଅସୁସ୍ଥ ବୋଧ କରୁଅଛି । * * * ମୁଁ ପତ୍ର ନ ଲେଖିଲେ ମଧ୍ୟ ତୁମକୁ ଭୁଲି ନାହିଁ । ମୁଁ କ୍ରମଶଃ ବୃଦ୍ଧ ହୋଇ ପଡୁଅଛି । ଆଳସ୍ୟ ଘେରୁଅଛି । ଏତେ ଲୋକଙ୍କ ନିକଟକୁ ପତ୍ର ଲେଖିବା ଏକା ମୋ ପକ୍ଷରେ ଦିନକୁ ଦିନ ଅସମ୍ଭବ ହୋଇ ପଡୁଅଛି ।

* * * ଆଉ ବତ୍ସେ ! ଭଗବାନଙ୍କୁ ଅନୁଯୋଗ ଦିଅ ନାହିଁ, କ୍ଷୁଦ୍ର ମାନବ ତାଙ୍କର କାର୍ଯ୍ୟର ଗତି କ'ଣ ବୁଝିବ ? ସେ ମଙ୍ଗଳମୟ, ସମସ୍ତଙ୍କ ପ୍ରତି ତାଙ୍କର ସମାନ ଦୃଷ୍ଟି—ସମାନ ସ୍ନେହ । କେଉଁ ବ୍ୟକ୍ତିକୁ କେଉଁ ପଥରେ କିପରି କୋଳକୁ ଟାଣି ନିଅନ୍ତି ସାଧାରଣ ଲୋକେ ତାହା କ'ଣ ବୁଝିବେ ? ସେ ଯେତେବେଳେ ଯେପରି ରଖିବେ ସେଥିରେ ସନ୍ତୁଷ୍ଟ ରହି ତାଙ୍କର ଜୟ ଉଚ୍ଚାରଣ କର, ତାଙ୍କର ନାମ ନେଇ ପଡ଼ିଥାଅ । * * *

ମା ମୋର, ସ୍ନେହର ଝିଅ ମୋର, ଜାଣି ନିଅ ଭଗବାନଙ୍କ କୋଳ ବ୍ୟତୀତ ଜୀବର ଶାନ୍ତି ତୃପ୍ତି ହେବାର ଆଉ ସ୍ଥାନ କେଉଁଠି ? ଖୁବ୍ ଆଶା ନେଇ ସ୍ୱର୍ଣ୍ଣ ପାଖକୁ ଯାଇଥିଲୁ, ସେ ସେହିପରି ଦଗା ଦେଇ ଛାଡ଼ି ଦେଇଛି । ସମସ୍ତଙ୍କର ଆଶା ଛାଡ଼ । ଯେ ଜଗତରେ ଆତ୍ମସୁଖ ବ୍ୟତୀତ ଅନ୍ୟ କିଛି ବୁଝେ ନାହିଁ, ସେଠାରେ ଅପର ନିକଟରୁ ସୁଖ-ଶାନ୍ତି ଆଶା କରିବା ଭ୍ରମ ମାତ୍ର । ସବୁ ଛାଡ଼ି—ସବୁ ଭୁଲି ତାଙ୍କର ଶରଣ ନିଅ । ସୁଖରେ ଦୁଃଖରେ ତାଙ୍କର ଜୟଗାନ କର । ସଂସାରରେ ତୋର କପାଳରେ ସୁଖ ଥିଲେ ବାଲ୍ୟ-ବିଧବା ହୋଇଥାନ୍ତୁ କାହିଁକି ? ଏଥିର ମୃତ୍ୟୁଞ୍ଜୟଙ୍କ ସହିତ ତୋର ବିବାହ ଦେବି, ଆଉ ବିଧବା ହେବାର ଭୟ ରହିବ ନାହିଁ । ଆନନ୍ଦରେ ଆନନ୍ଦମୟଙ୍କ ପ୍ରେମରେ ମଜ୍ଜି ଯାଅ । ରକ୍ତ-ମାଂସର ଜଗତରେ, ମେଦ-ମାଂସର ସୁଖ-ଦୁଃଖ ଭୁଲି ନିଜକୁ ହରାଇ ତାଙ୍କର ପ୍ରେମରେ ବୁଡ଼ି ଯାଅ ।

ଆଶ୍ରମରେ ଉତ୍ସବ, ଖୁବ୍ ବ୍ୟସ୍ତ । ମିଥ୍ୟା କଥାରେ ମିଥ୍ୟା କାରଣରୁ ମିଥ୍ୟା କଷ୍ଟ ପାଅ ନାହିଁ । ମୁଁ ତୋତେ ମୋର ଆଦରର ବାଳିକା ଝିଅ ବୋଲି ମନେ କରେ । * * * ଅତ୍ର ମଙ୍ଗଳ । ମୋର ଆଶୀର୍ବାଦ ଜାଣିବୁ ।

ଆଶୀର୍ବାଦକ—

ଠାକୁର

(୨୭)

ଶାନ୍ତି ଆଶ୍ରମ
ପୋଃ କୋକିଳାମୁଖ
୩୦।୧୨।୧୮

ମାରେ ! ତୋର ପତ୍ର ଖଣ୍ଡିକ ଯଥା ସମୟରେ ପାଇଛି, କିନ୍ତ ମୁଁ ନାନା କାରଣରୁ ଅନବସରପ୍ରଯୁକ୍ତ ଏତେଦିନ ଉତ୍ତର ଦେଇ ପାରି ନାହିଁ । ମୁଁ ଏବେ ଯେ ଶୀଘ୍ର ଢାକା ଯାଇ ପାରିବି ସେହିପରି ସମ୍ଭାବନା ନାହିଁ । ତେବେ ସମୟରେ ଯିବାକୁ ପଡ଼ିବ । କିନ୍ତୁ ସେହି ସମୟ କେଉଁ ସମୟ ହେବ ତାହାର ଏବେ କିଛି ସ୍ଥିରତା ନାହିଁ ।

କିନ୍ତୁ ବତ୍ସେ ! ବାହାରେ ମୋର ଦର୍ଶନ ନ ପାଇଲେ ମଧ୍ୟ ତୁମ୍ଭମାନଙ୍କର ବିଶେଷ କ୍ଷତି ହେବ ନାହିଁ । ବାହ୍ୟିକ ବିଷୟ ମାତ୍ରେ ହିଁ ମାୟିକ । ତୁମେ ମତେ ଭିତରେ ଦେଖିବାକୁ ଅଭ୍ୟାସ କର । ମୋ ବିଷୟ ଶୁଣି ଶୁଣି ତୁମ ମନରେ ମୋ ସମ୍ବନ୍ଧରେ ଗୋଟିଏ କଳ୍ପନାମୟୀ ଭାବ ଜନ୍ମିଅଛି ; ଏଇଟା ସ୍ୱାଭାବିକ । ଏବେ ସେହି ଭାବ ଦେଇ ତୁମର ମନୋମୟୀ କଳ୍ପନାରେ ମୋର ଗୋଟିଏ ମୂର୍ତ୍ତି ଗଢ଼ି ନିଅ ଏବଂ ତାହାକୁ ହୃଦୟ-ସିଂହାସନରେ ବସାଇ ଚିନ୍ତା ଦ୍ୱାରା ସେହି ମୂର୍ତ୍ତି ପ୍ରତ୍ୟକ୍ଷ କରିବାକୁ ଚେଷ୍ଟା କର । ମୋଟାମୋଟି ଜାଣି ରଖିବ, ଏହା ଧ୍ୟାନରେ ପ୍ରତ୍ୟକ୍ଷ କରି ପାରିଲେ ସର୍ବାର୍ଥ ସିଦ୍ଧ ହେବ—ସମସ୍ତ ଅଭାବ ମେଣ୍ଟିବ । ଏହି ମୂର୍ତ୍ତିକୁ ଆବେଗଭରେ ମନ ଦ୍ୱାରା ପୂଜା-ଅର୍ଚ୍ଚନା, ସେବା-ଶୁଶ୍ରୂଷା କରିବ । କ୍ରମଶଃ ଏହିଭାବରେ ହୃଦୟ ଭରି ନେବ । ବାହ୍ୟଦେହ ଦ୍ୱାରା ବାହ୍ୟିକ କାର୍ଯ୍ୟ କରିବ, ଅନ୍ତରରେ ତାଙ୍କୁ ଧରି ରଖିବ । ଅନ୍ତରରେ ଯେପରି ବାହ୍ୟ ପଦାର୍ଥର ଦାଗ ନ ପଡ଼େ । ମା ମୋର ! ମୋର ସ୍ୱତନ୍ତ୍ର ଅସ୍ତିତ୍ୱ ଭୁଲି, ମୁଁ ଦେହସ୍ଥ ଏହା ବିସ୍ମୃତ ହୋଇ,

ହୃଦୟସ୍ଥ ବୋଲି ମତେ ଚିନ୍ତା କର ; ଦୂରତ୍ୱ ବ୍ୟବଧାନ ଘୁଞ୍ଚି ଯିବ । ଆଉ ସବୁଠାରୁ ଶ୍ରେଷ୍ଠଭାବ ତୁମ ପକ୍ଷରେ ଏହା ଯେ, ତୁମେ ବି—ର ମଧ୍ୟରେ ମୋତେ ଅନୁସନ୍ଧାନ କର । ତାର ହୃଦୟସ୍ଥ ବୋଲି ଜାଣ । ବି— ଯେତେବେଳେ ମୋର ଭକ୍ତ, ସେତେବେଳେ ମୁଁ ଯେ ତାର ହୃଦୟସ୍ଥ ଏକଥା ବୁଝିବାକୁ ବା ବିଶ୍ୱାସ କରିବାକୁ ବିଶେଷ ବୁଦ୍ଧିର ପ୍ରୟୋଜନ ହେବ ନାହିଁ । ସ୍ୱାମୀ ପ୍ରତି ସ୍ତ୍ରୀ ଲୋକଙ୍କର ଅନୁରାଗ ସ୍ୱାଭାବିକ । ସତୀ ପତି ପାଇଁ ଜିବନ୍ତ ପୋଡ଼ି ହୋଇ ମରେ । ଏପରି ଉନ୍ମାଦିନୀ ଆକୁଳତା ଭଗବଦନୁରକ୍ତି ବ୍ୟତୀତ ଅନ୍ୟ ସହିତ ତୁଳନୀୟ ନୁହେଁ । ସୁତରାଂ ମତେ ବି—ର ହୃଦୟସ୍ଥ ବୋଲି ଜାଣି, ତାକୁ ଭଲପାଇ ଆତ୍ମହରା ହେଲେ ହିଁ ଭଗବଦ୍ଭକ୍ତି ଲାଭ କରା ହେଲା । ତାଙ୍କୁ ଭଲପାଇବା, ତାଙ୍କର ସେବା, ତାଙ୍କ ପାଇଁ ବ୍ୟାକୁଳତା ସବୁ ସେତେବେଳେ ମୋ ଠାରେ ଅର୍ପିତ ହେବ । କ୍ରମଶଃ ବୁଝି ପାରିବ, ବି— କେବଳ ତୁମର ସ୍ୱାମୀ ନୁହେଁ, ସେ ଜଗତ୍‌ସ୍ୱାମୀ ; ଆଉ ବି—ର ବି—ତ୍ୱ ଠାକୁରଙ୍କ ସତ୍ତା ବ୍ୟତୀତ ଆଉ କିଛି ନୁହେଁ । ସେତେବେଳେ ମାନବଜନ୍ମ ଓ ନାରୀଜନ୍ମ ସାର୍ଥକ ହେବ, ପ୍ରାଣରେ ଆନନ୍ଦର ତୋଫାନ ବହିବ । ଏହି ଭାବ ନିକଟରେ କୌଣସି ପ୍ରକାର ସାଧନ-ଭଜନ ବାଳିକାର କଣ୍ଢେଇ ଖେଳ ମାତ୍ର । ଆଶୀର୍ବାଦ କରୁଛି ତୁମେ ଏହି ଭାବର ଅଧିକାରିଣୀ ହୁଅ । ବତ୍ସେ ! ତୁମେ ସରଳା, ତେଣୁ ଇଚ୍ଛାମୟୀଙ୍କ ଇଚ୍ଛାରୁ ସରଳ ଭାବ ହିଁ ବ୍ୟକ୍ତ ହେଲା ; ତୁମେ ଏବେ ତାହା ଲାଭ କରିବାକୁ ଚେଷ୍ଟା କର । ମୁଁ ମଧ୍ୟ ସନ୍ନ୍ୟାସୀର କଠୋର ହୃଦୟ ପରିବର୍ତ୍ତେ ତୁମ୍ଭମାନଙ୍କ ଭଳି ନାରୀହୃଦୟ ପାଇବାକୁ ଲୋଲୁପ । * * *

ମାଗୋ ! ତୁମ୍ଭେମାନେ କ'ଣ ଗରୀବ ମନୁଷ୍ୟକୁ ଦୁଃଖୀ ବୋଲି ବିଶ୍ୱାସ କର ? ଦୁଃଖୀ ହେବା ଖୁବ୍ ଭାଗ୍ୟର କଥା । ଅହଂ ଅଭିମାନୀ ଜୀବ

କ'ଣ ଦୁଃଖର ବଡ଼ାଇ କରି ପାରିବ ? ସମସ୍ତେ ନିଜକୁ ବଡ଼ ବୋଲି ମନେ କରନ୍ତି । ଯେ ନିଜକୁ ସର୍ବତୋଭାବରେ ଦୁଃଖୀ ବୋଲି ଜାଣି ଅଛି, ସେ ନିଶ୍ଚୟ ଭଗବାନଙ୍କ ହୃଦୟରେ । ନିଜକୁ ଦୁଃଖିନୀ ବୋଲି ବୁଝି ପାରିଲେ ହିଁ ଗରବିଣୀ ରାଜରାଣୀ ହୋଇ ପାରିବ । ଟଙ୍କା ପଇସାର ଅଭାବରୁ ଗରୀବ ଦୁଃଖୀ ସାଜିବାକୁ ପଡ଼ିବ ନାହିଁ । ପ୍ରତ୍ୟେକ ବିଷୟରେ ନିଜର କ୍ଷୁଦ୍ରତ୍ୱ ଅନୁଭବ କରିବ, ତାହା ହେଲେ ବୃହତ୍ତ୍ୱରେ ବୁଡ଼ି ଯିବ । ଉଚ୍ଚଭାବ ଆସିଲେ ସଚ୍ଚିଦାନନ୍ଦ ପ୍ରେମ-ସାଗରରେ ଦ୍ୱୀପରୂପେ ଜାଗି ଉଠିବ, ସହସା ଶତଶତ ଗଛ ଅଙ୍କୁରିତ ହେବ, ଆଉ ବାଘ-ଭଲ୍ଲୁକ ଆଶ୍ରୟ ନେବେ । ସାବଧାନ ମା ! ଦୀନର ଝିଅ—ଫକୀରର ଝିଅ ତୁ, ବଡ଼ ଆଶା ଯେପରି ମନରେ ନ ଜାଗେ । ତୁମ୍ଭେମାନେ ଦୀନ ହୋଇ ଥାଅ, ତାହାହେଲେ ତୁମ୍ଭମାନଙ୍କର ଦୀନ ଠାକୁର ତୁମ୍ଭମାନଙ୍କୁ ବୁକୁରେ ଧରି ଦିନ କଟାଇବେ । ଆସୁଛି ମା ! ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ ।

ତୁମ୍ଭମାନଙ୍କର—

ଠାକୁର

(୨୮)

ଓଁ

ସାରସ୍ୱତ ମଠ

ସ୍ନେହାସ୍ପଦାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସ୍ୱପ୍ନବୃତ୍ତାନ୍ତ ଅବଗତ ହେଲି । ଯେଉଁମାନେ ଗୁରୁଙ୍କ ପ୍ରତି ଭକ୍ତିପରାୟଣ, ଏକମାତ୍ର ଗୁରୁଙ୍କଠାରେ ହିଁ ନିର୍ଭରଶୀଳ, ସେମାନେ

ସାଧନ-ଭଜନ ବ୍ୟତୀତ ସ୍ୱପ୍ନରେ ମଧ୍ୟ ଏହିପରି ଶ୍ରୀଗୁରୁଙ୍କର କୃପା ଅନୁଭବ କରିଥାନ୍ତି । ନାନାପ୍ରକାର ଘଟଣାଭିତରେ ଦେଇ ସେମାନେ ସତ୍ୟର ସନ୍ଧାନ ଲାଭ କରନ୍ତି । ତୁମ୍ଭେମାନେ ପ୍ରେମୋପାଦାନରେ ଗଠିତା ନାରୀ । ତୁମ୍ଭମାନଙ୍କୁ ପ୍ରେମ ପଥରେ ହିଁ ପ୍ରେମମୟଙ୍କୁ ଲାଭ କରିବାକୁ ହେବ । ବ୍ୟାକୁଳତା ହିଁ ସେହି ପଥର ପାଥେୟ । ସଂସାର ସୁଖରେ ଭୁଲି ପଥହରା ହୁଅ ନାହିଁ । ପ୍ରେମମୟଙ୍କୁ ଲାଭ କରିବାକୁ ହେଲେ ପ୍ରତି ମୁହୂର୍ତ୍ତରେ ଉଦ୍‌ଗ୍ରୀବ ହୋଇ ଅପେକ୍ଷା କର । ତୁମର ସ୍ୱପ୍ନର ଗୂଢ଼ ମର୍ମ ସାକ୍ଷାତ୍ ହେଲେ ସଠିକ୍ ବୁଝାଇ ଦେବି, ପତ୍ରରେ ଲେଖିବାର ଅବସର ନାହିଁ ।

ଓଗୋ ! ତୁମର "ନିଜର ଧର୍ମଟା"କ'ଣ ଥରେ ଜାଣିବାକୁ ଇଚ୍ଛା ହୁଏ । ଥାଉ, ସମୟ ହେଲେ ତୁମ୍ଭମାନଙ୍କ ମୁହଁରୁ ହିଁ ଶୁଣିବାକୁ ପାଇବି । ମୁଁ ମଠକୁ ଆସି ଅସୁସ୍ଥ ହୋଇ ଯାଇଥିଲି, ଏବେ ସୁସ୍ଥ ହୋଇଛି । ଅତ୍ରସ୍ଥ ଅନ୍ୟାନ୍ୟ କୁଶଳ ; ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ତୁମ୍ଭମାନଙ୍କ ଠାକୁର

(୨୯)

ଓଁ

କାଶୀ ଗମ୍ଭୀରା

୩୦।୧୨।୨୨

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

କାର୍ଡ଼ ପାଇ ଜ୍ଞାତ ହେଲି । ଶ୍ରୀମତୀ ଅ— ପ୍ରଭୃତିଙ୍କୁ କେଉଁଠି ରଖିଅଛ ଲେଖି ନାହଁ । ତୁମକୁ ସେଠାରେ କେତେ ଦିନ ରହିବାକୁ ପଡ଼ିବ ?

ବତ୍ସ ! ମୁଁ ଯେତେବେଳେ ତୁମ୍ଭମାନଙ୍କ ନିକଟରୁ ଶିଷ୍ୟତ୍ୱର ବରଣ କରି ନେଇଅଛି, ସେତେବେଳେ ଜଗତର ଯେଉଁଠାରେ ରହେ ନା କାହିଁକି ସର୍ବଦା ତୁମ୍ଭମାନଙ୍କ ମଙ୍ଗଳ ଚିନ୍ତା କରିବି, ସ୍ନେହାଶୀର୍ବାଦ ପ୍ରଦାନ କରିବି । ଆଉ କେବଳ ଶିଷ୍ୟ ନୁହେଁ, ମୁଁ ତୁମ୍ଭମାନଙ୍କୁ ପୁତ୍ରକନ୍ୟାଙ୍କ ଭଳି ସ୍ନେହ ଚକ୍ଷୁରେ ଦେଖିଥାଏ । ଆଶାକରେ ମୋ ଉପରେ ମଧ୍ୟ ତୁମ୍ଭମାନଙ୍କର ସେହିପରି ଭାବ ସମୟକ୍ରମେ ପ୍ରତିଷ୍ଠା ହେବ ।

ଶ୍ରୀମତୀ ଅ— ସ୍ୱଭାବ-ଚରିତ୍ରରେ, ଧୈର୍ଯ୍ୟ-ସ୍ଥୈର୍ଯ୍ୟରେ ଉନ୍ନତା, କିନ୍ତୁ ତଥାପି ଦୁର୍ଭାଗ୍ୟବତୀ । ତୁମ୍ଭେମାନେ ସ୍ତ୍ରୀ ପ୍ରଭୃତିଙ୍କୁ ଆଦର-ଯତ୍ନ କର । ସେମାନଙ୍କ ଅପମାନରେ ଜଗଜ୍ଜନନୀ ଅସନ୍ତୁଷ୍ଟା ହୁଅନ୍ତି, ବିଶ୍ୱାସ କର । ମୁଁ ଏହି ଚୈତ୍ର ମାସ ଶେଷରେ କିମ୍ବା ବୈଶାଖ ମାସ ପ୍ରଥମରେ ବଙ୍ଗଳାକୁ ଯିବି । ସେହି ସମୟରେ ତୁମ୍ଭମାନଙ୍କ ସହିତ ଦେଖା କରି ଅନ୍ୟାନ୍ୟ କଥା କହିବି । ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଯେତେବେଳେ ଯେପରି ରୁହ ପତ୍ରଦ୍ୱାରା ଜଣାଇବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୩୦)

ଶାନ୍ତି ଆଶ୍ରମ
କୋକିଳାମୁଖ
୨୮।୬।୧୨ ଇଂ

ସ୍ନେହର ସ—,

ତୁମର ପତ୍ରଖଣ୍ଡିକ ଯଥାସମୟରେ ପାଇ ବିସ୍ତାରିତ ଅବଗତ ହେଲି । ପଥର ଦୂରତ୍ୱ ଦେଖି ହତାଶ ହୋଇ ବସି ପଡ଼ିଲେ କଦାପି

ଗନ୍ତବ୍ୟସ୍ଥାନରେ ପହଞ୍ଚି ପାରିବ ନାହିଁ । ବହିଖଣ୍ଡିକ ନେଇ ଯେତେବେଳେ ଏତେଦୂର ଅଗ୍ରସର ହୋଇଅଛ, ସେତେବେଳେ ଚରମ ଚେଷ୍ଟା ନ କରି ଉଦ୍ୟମ ଛାଡ଼ ନାହିଁ । ବର୍ତ୍ତମାନ ଗଭର୍ଣ୍ଣର ଡାକା ଆସିବେ, ଏହି ସମୟରେ ବିଶେଷ ଚେଷ୍ଟା କର । ମୂଳରେ ଆଶା ରଖି ଗ୍ରନ୍ଥ ପ୍ରଚାରରେ ଯିବା ଉଚିତ୍ ନ ଥିଲା । ମୂଳରୁ କାମନା ଥିଲା ବୋଲି ହିଁ ଫଳଲାଭ ପାଇଁ ଏତେ କ୍ଳେଶ ପାଇବାକୁ ପଡୁଅଛି । କାମନାମୂଳକ କାର୍ଯ୍ୟରେ ସୁଖ କିମ୍ୱା ଦୁଃଖ ଚିତ୍ତଭାବ ବିକୃତ କରି ଦିଏ । ଯେଉଁଟା କରିବା କର୍ତ୍ତବ୍ୟ ବୁଝିବ, ଯଥାସାଧ୍ୟ ଚେଷ୍ଟା କରିବ । କୃତକାର୍ଯ୍ୟ ହୋଇ ନ ପାରିଲେ କ୍ଷୋଭ କାହିଁକି ? ବୁଝିବାକୁ ହେବ ଭଗବାନଙ୍କର ଇଚ୍ଛା ନୁହେଁ, ତେଣୁ ଫଳଲାଭରୁ ବଞ୍ଚିତ ହୋଇଅଛି । ଅଦୃଷ୍ଟର ଦ୍ୱାହି ଦେଲେ ଅନେକ ସମୟରେ କର୍ତ୍ତବ୍ୟଜ୍ଞାନରେ ଆତ୍ମାନୁଶୋଚନା ହୁଏ, କିନ୍ତୁ ଯଥୋଚିତ ଅନୁଷ୍ଠାନ କରି ମଧ୍ୟ କୃତକାର୍ଯ୍ୟ ହୋଇ ନ ପାରିଲେ ଦୁଃଖ କାହିଁକି ? ସୁତରାଂ ଯାଥୋଚିତ ଚେଷ୍ଟା ହିଁ ତୁମର ଅବଲମ୍ୱନୀୟ । ଫଳ ଆପେ ଆପେ ପ୍ରକାଶିତ ହେବ ।

ବତ୍ସ ! ଅଭାବ ହିଁ ଜୀବର ଏକମାତ୍ର ଅଶାନ୍ତି ଓ ନିରାନନ୍ଦର କାରଣ । ଅଥଚ ଜୀବର କୌଣସି ଅଭାବ ନାହିଁ । ଅଜ୍ଞାନ ହିଁ ଅନନ୍ତ ପ୍ରକାରର ଅଭାବ ସୃଷ୍ଟି କରିଅଛି ; ଜୀବ ସେହି ଅଭାବ ଆତ୍ମସ୍ୱରୂପରେ ଉପଲବ୍ଧି କରି ଲେଲିହାନ କୁକୁର ଭଳି ସଂସାରମରୁରେ ଘୁରି ବୁଲୁଅଛ ।

ବିଚାରବଳରେ ଜ୍ଞାନ ହେଲେ ଜୀବର କଳ୍ପିତ ଅଭାବ ଦୂର ହୁଏ । ସେତେବେଳେ ସେ ସ୍ୱଭାବ ଲାଭ କରି ଶାନ୍ତି ଓ ଆନନ୍ଦର ଅଧିକାରୀ ହୁଏ । ତୁମେ ତ କେବଳ ସଂସାରରେ ପ୍ରବିଷ୍ଟ । ସାଂସାରିକ ଅଭାବରେ ଏବେ ମଧ୍ୟ ଉବୁଟୁବୁ ହେଉଅଛ, ମାନସିକ ଅଭାବ ପ୍ରତି ଏବେ ମଧ୍ୟ

ହୁଏତ ସମ୍ୟକ୍ ଦୃଷ୍ଟି ପଡ଼ି ନାହିଁ, ଅଥଚ ମୋ ନିକଟରୁ ଆଜି ଶାନ୍ତି ପାଇଁ ଆବ୍‌ଦାର କରୁଅଛ ? ସୃଷ୍ଟପଦାର୍ଥ ମାତ୍ରେ ହିଁ ଅପୂର୍ଣ୍ଣ, କାରଣ ପୂର୍ଣ୍ଣର ଅଂଶ । ସୁତରାଂ ଅପୂର୍ଣ୍ଣ ବସ୍ତୁଲାଭ କରି ଅଭାବ ମେଣ୍ଟିବ ନାହିଁ । ବିଷ୍ଣୁତ୍ୱ, ଶିବତ୍ୱ ମଧ୍ୟ ସୃଷ୍ଟ ; ସୁତରାଂ ତାହା ଲାଭ କରି ମଧ୍ୟ ପୂର୍ଣ୍ଣ ଶାନ୍ତିର ଅଧିକାରୀ ହେବା ସମ୍ଭବ ନୁହେଁ । ତେବେ, ଯାହାର ଯେତେ ଅଭାବ କମ୍, ତାର ସେତେ ଶାନ୍ତି । ଯେତେବେଳେ ଆତ୍ମ-ସ୍ୱରୂପ ଉପଲବ୍ଧି କରି ବୁଝି ପାରିବ,—"ଦ୍ୱାଦଶ ସୂର୍ଯ୍ୟ ପୃଥିବୀ ଦଗ୍ଧ କରୁ, ଅଣଞ୍ଚାଶବାୟୁ ପ୍ରବାହିତ ହେଉ, ସପ୍ତସମୁଦ୍ର ପୃଥିବୀ ଗ୍ରାସ କରୁ, ମୋର କୌଣସି କ୍ଷତି ବୃଦ୍ଧି ନାହିଁ," ସେତେବେଳେ ହିଁ ପୂର୍ଣ୍ଣଶାନ୍ତିର ଅଧିକାରୀ ହେବ । ସେତେବେଳେ ପୁସ୍ତକ ପ୍ରଚାର ଦୂରେ ଥାଉ, ସସାଗରା ବସୁନ୍ଧରାର ଆଧିପତ୍ୟ ମଧ୍ୟ ଧେନୁଦଣ୍ଡ ପରି ହେୟ ବୋଧ ହେବ । କ୍ରମେ ହେବ । ମୁଁ ସର୍ବାନ୍ତକରଣରେ ଆଶୀର୍ବାଦ କରୁଛି ତୁମେ ଅଚିରେ ପରାଶାନ୍ତିର ଅଧିକାରୀ ହୁଅ, ଭକ୍ତିବଳରେ ଦିନକୁ ଦିନ ଜ୍ଞାନର ଉଚ୍ଚ ସୋପାନରେ ଅଧିଷ୍ଠିତ ହୁଅ ।

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୩୧)

ମଠ

ପରମ କଲ୍ୟାଣୀୟାସୁ—

ମା ! ତୁମର ପତ୍ର ପାଇ ଅବଗତ ହେଲି । ଉତ୍ସବ ପରେ ମୋର ଢାକା ଯିବାର କଥା ଥିଲା ସତ୍ୟ,—କିନ୍ତୁ ସମୟର ସ୍ଥିରତା ନ ଥିଲା । ଏ

ସମୟରେ ଭୀଷଣ ଗରମ, ଯାତାୟାତ କଠିନ, ଶରୀରଟା ମଧ୍ୟ ଭଲ ନାହିଁ । ଏବେ ଯିବା ସ୍ଥଗିତ ରହିଲା । ସ୍ଥିର ହେଲେ ଜଣାଇବି ।

ମୋର ଯାତାୟାତର ସ୍ଥିରତା ନାହିଁ, ଡାକା ଯିବି କି ନାହିଁ ତାହା ମଧ୍ୟ ଠିକ୍ ନାହିଁ, ତେବେ ବଙ୍ଗଳାକୁ ଥରେ ଯିବାକୁ ପଡ଼ିବ । ସେହି ସମୟରେ ଦେଖା ହେଲେ ଭଲ, ଦେଖା ହୋଇ ନ ପାରିଲେ ଦୁଃଖିତ ହେଲେ ଚଳିବ କପରି ? ଲକ୍ଷ୍ୟ ତ ବାହାରେ ନାହିଁ । ଯେତେବେଳେ ଯେଉଁ ଅବସ୍ଥାରେ ରୁହ, ଅନ୍ତର୍ଲକ୍ଷ୍ୟ କରି ନାମ ଧରି ପଡ଼ି ରୁହ । ଭାବ ପାଇଲେ ଆହୁରି ଭଲ । ବାହାର ପାଇଁ ବ୍ୟାକୁଳ ରହିଲେ ମନ ଅନ୍ତର୍ମୁଖୀ ହେବ କିପରି ? ଆତ୍ମାର ସ୍ୱରୂପ ବିକାଶ ହେବ କିପରି ? ବାହାରର ମାୟା ତ ମୋହ-ମଦିରା,—ଆଉ ଅନ୍ତରରେ ଶାନ୍ତିର ଅନାବିଳ ତରଙ୍ଗ ଲୀଳା । ଭିତରେ ବୁଡ଼, ବାହାରେ ଆଉ ଭାସିବାକୁ ଇଚ୍ଛା କାହିଁକି ? ଅଭାବରେ ସ୍ୱଭାବକୁ ସଂଯତ କରି ଅନ୍ତରର ଅନ୍ତରତମ ପ୍ରଦେଶରେ ବୁଡ଼ି ଯାଅ । ତେବେ ଜଗତରେ ଯେଉଁ କେତେ ଦିନ ଅଛ, ସଂଯୋଗ-ବୟୋଗ, ରୋଗ-ଶୋକ, ସୁଖ-ଦୁଃଖ ପ୍ରଭୃତି ଅନିବାର୍ଯ୍ୟ ଘଟଣା ନିତ୍ୟ ଘଟିବ । ତୁମେ ଧୈର୍ଯ୍ୟର ଆଦର୍ଶ ; ଆଶାକରେ ଜୀବନର ବାକି କେଇଟା ଦିନ ସହ୍ୟ କରି ଯିବ । କିନ୍ତୁ ଅନ୍ତରରେ ତ ଏ ସବୁ ନାହିଁ । ତେଣୁ ଭାବକୁ ନେଇ ଅନ୍ତରରେ ବୁଡ଼ିବାକୁ ଅଭ୍ୟାସ କର । ସେଠାରେ ହିଁ ଶାନ୍ତି ପାଇବ । ଆଶ୍ରମର ସବୁ ମଙ୍ଗଳ । ମୋର ଆଶୀର୍ବାଦ ଜାଣିବ । ଇତି—

ହିତାନୁଧାୟୀ—

ତୁମର ଠାକୁର

(୩୨)

ମଠ
୬।୨।୨୬

କଲ୍ୟାଣବରେଷୁ—

ତୁମର ପତ୍ର ପାଇ ଆନନ୍ଦିତ ହୋଇଛି । ଇତିପୂର୍ବରୁ ଚିଦାନନ୍ଦ ଉତ୍ତର ଦେଇଛି । ତୁମର ଅନୁରୋଧରେ ମୁଁ ମଧ୍ୟ ଦୁଇଖଣ୍ଡ ପତ୍ର ଲେଖିଥିଲି । ମୁଁ ପ୍ରାୟ ଆଉ କାହାରିକୁ ପତ୍ର ଲେଖୁ ନାହିଁ । ତୁମେ ଯେଉଁ ଉଦ୍ଦେଶ୍ୟରେ ଯାତ୍ରା କରିଅଛ, ଆଶୀର୍ବାଦ କରୁଛି ତାହା ସଫଳ ହେଉ । କୌଣସି କାରଣରୁ ଗର୍ବିତ ହୁଅ ନାହିଁ । ବିଦ୍ୟା, ବୁଦ୍ଧି, ଜ୍ଞାନ ଓ ଶକ୍ତି ସବୁ ଭଗବାନଙ୍କର ଆଶ୍ରିତା । ତୁମେ ନିଜକୁ ତାଙ୍କର ବିକାଶର ଯନ୍ତ୍ରରୂପେ ବ୍ୟବହାର କର । ଜୀବର କୌଣସି କାରଣରୁ ଅଭିମାନର ସଞ୍ଚାର ହେଲେ ବିଦ୍ୟା ମଧ୍ୟ ଅବିଦ୍ୟାରୂପେ କ୍ରିୟା କରିଥାଏ । ମୂଳ ଲକ୍ଷ୍ୟ ହରାଅ ନାହିଁ । ଆମେ ସବୁ ଭଲ ଅଛୁ । ମଠର କାର୍ଯ୍ୟ ସୁଚାରୁରୂପେ ପରିଚାଳିତ ହେଉଅଛି । ତୁମେ ମୋର ଆଶୀର୍ବାଦ ଜାଣିବ । ଇତି—

ଆଶୀର୍ବାଦକ—
ଶ୍ରୀନିଗମାନନ୍ଦ

(୩୩)

ଶାନ୍ତି ଆଶ୍ରମ
୨୦।୮।୧୯

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ଅବଗତ ହେଲି । ତୁମେ ପୂଜା ପୂର୍ବରୁ ଯେଉଁ ଦୁଇଟି ପତ୍ର ଲେଖିଥିଲ, ତାହା ମୁଁ ଯଥା ସମୟରେ ପାଇ ନାହିଁ । ସେତେବେଳେ ମୁଁ ଉତ୍ତରବଙ୍ଗରେ ଥିଲି । ବସ ! ଜାଗିଥିବା ଘରେ ଚୋରୀ ହୋଇ ପାରେ ନାହିଁ । ତୁମେ ଯାହା ମାୟା ମିଥ୍ୟା ବୋଲି ବୁଝିଅଛ, ତାହା ସତ୍ୟ ଏପରି ମନେ ହେବା ଅସମ୍ଭବ । ପରମାର୍ଥ ପାଇଁ ଯାହାର ପ୍ରାଣ ବ୍ୟାକୁଳ, ତାର ପ୍ରାଣରେ କ'ଣ ବ୍ୟବହାରିକ ଆସକ୍ତି ରହିପାରେ ? ରବି-ରଜନୀ ଏକତ୍ରାବସ୍ଥାନ ଅସମ୍ଭବ । ସୁତରାଂ ତୁମର ପତ୍ରଖଣ୍ଡିକ ଆଦ୍ୟନ୍ତ ବିଶୁଦ୍ଧ ଭାବରେ ପୂର୍ଣ୍ଣ । ବାସ୍ତବିକ ଯଦି ତୁମର ପ୍ରାଣ ଇଷ୍ଟଦେବ ବା ସୋଽହଂ ଗୁରୁଦେବଙ୍କଠାରେ ଅନୁରକ୍ତ ହୋଇ ଥାଏ ତେବେ ଆଉ ଅନୁତାପ କାହିଁକି ? ଅବଶ୍ୟ ପ୍ରବୃତ୍ତି ଇନ୍ଦ୍ରିୟପଥରେ ବାହାରି ବିକ୍ଷିପ୍ତ ହେବାକୁ ଚେଷ୍ଟା କରିବ, ଏଥିପାଇଁ ତୁମକୁ ଆଜୀବନ ଲଢ଼େଇ କରିବାକୁ ପଡ଼ିବ । ପ୍ରବୃତିସ୍ରୋତରେ ନିଜକୁ ଭସେଇ ଦେଇ ରକ୍ଷା କରିବାକୁ କହିଲେ କେହି ରକ୍ଷା କରିବେ ନାହିଁ । ଆଉ ତୁମର ଭଲ ହେବାର ଇଚ୍ଛା ଥିଲେ କେହି ତୁମକୁ ମନ୍ଦ କରିପାରିବେ ନାହିଁ ; ତେବେ ଇଚ୍ଛାର ଦୃଢ଼ତା ପାଇଁ ମଝିରେ ମଝିରେ ପରୀକ୍ଷା ଆସିବ । ମାଙ୍କର ନାମ ନେଇ ଗୁରୁବଳରେ ବଳୀୟାନ୍ ବୀରଙ୍କ ଭଳି ସେଥିରେ ଉତ୍ତୀର୍ଣ୍ଣ ହେବ । ତୁମର ବିବେକ ଦ୍ୱାରା ଯାହା ମନ୍ଦ ବୋଲି ବୁଝିବ, ପ୍ରାଣ ଗଲେ ମଧ

ସେଥିରେ ଲିପ୍ତ ହେବ ନାହିଁ । କିଏ ତ ଆଉ ଗଳାଧକ୍କା ଦେଇ କାର୍ଯ୍ୟ କରାଇ ନେଉ ନାହିଁ ? ନ ବୁଝି ଅବିଦ୍ୟାମୁଗ୍ଧ ବ୍ୟକ୍ତି କୁକାର୍ଯ୍ୟ କରିଥାଏ । ମନ୍ଦ ବୋଲି ବୁଝି ମଧ, ନିଜର ନରକର ପଥ ଜାଣି ମଧ କିଏ ସେଥିରେ ଅଗ୍ରସର ହୁଏ ? ତେବେ ଯଦି ବୁଝ ଯେ ଅନ୍ୟ କେହି ଜୋର କରି ତୁମକୁ ବିବେକବିରୁଦ୍ଧ କାର୍ଯ୍ୟରେ ନିଯୁକ୍ତ କରୁଅଛି । ତାହାହେଲେ ତୁମର ଅନୁତାପର ବା କାରଣ କ'ଣ ? ତୁମେ ତ ତାହାର କର୍ତ୍ତା ନୁହଁ । ସୁତରାଂ ମାଙ୍କ ଉପରେ ଅକ୍ଳେଶରେ ସେଥିପାଇଁ ଭାର ଲଦି ଦେଇ ନିଶ୍ଚିନ୍ତରେ ଓ ସଦାନନ୍ଦରେ ରହିପାର । ଜପ-ରହସ୍ୟ ଓ ସମର୍ପଣ-ବିଧି ବୁଝିଥିଲେ କରିବାକୁ ବାଧା ନାହିଁ ; ନତୁବା ଅନୁପଯୁକ୍ତ ଅନୁଷ୍ଠାନରେ କର୍ମଯୋଗର ଫଳ ମିଳେ ନାହିଁ । ଆଉ ପରିଶିଷ୍ଟ ଦେଖି ବା କି ଜପ-ଧ୍ୟାନ କରୁଛ ବୁଝି ପାରୁନାହିଁ । ବତ୍ସ ! କେତେ ଗୁଡ଼ିଏ କର୍ମାନୁଷ୍ଠାନରେ ଚିତ୍ତ-ବିକ୍ଷେପ ବୃଦ୍ଧି ହୁଏ ; ସୁତରାଂ ତୁମର ସରଳଭାବରେ ଜପ-ଧ୍ୟାନ ଓ ପ୍ରାର୍ଥନାଦ୍ୱାରା ମନସ୍କାମ ସିଦ୍ଧ ହୋଇ ପାରେ । ଇଚ୍ଛା କରି କର୍ମସଂସ୍କାରରେ ଜଡ଼ିତ ହୁଅ ନାହିଁ । ତେବେ ଯଦି କର୍ମର ବାସନା ଥାଏ, ସୁଯୋଗ ଦେଖି ଆଶ୍ରମକୁ ଆସିଲେ ମୁଁ ତାହାର ବିଧି ଓ ଅନୁଷ୍ଠାନ ଜଣାଇ ଦେବି । ଅତ୍ର ମଙ୍ଗଳ । ତୁମେ ମୋର ଆଶୀର୍ବାଦ ଜାଣିବ ।

ବତ୍ସ ! ଭୟ ନାହିଁ, ତୁମ୍ଭେମାନେ ବ୍ରହ୍ମମୟୀଙ୍କ ସନ୍ତାନ ; ମାଙ୍କୁ ଭୁଲ ନାହିଁ । ତାଙ୍କର ନାମ ଉପରେ ନିର୍ଭର କର, ସେ କୋଳକୁ ଟେକି ନେବେ ।

ତୁମର—

ଠାକୁର

(୩୪)

ଶାନ୍ତି ଆଶ୍ରମ
୧୮।୭।୧୨ ଇଂ

ସ୍ନେହର ଝା—,

ପରୀକ୍ଷାରେ ଫେଲ୍ ହୋଇଛ ବୋଲି ନିରୁତ୍ସାହ ବା ନିରୁଦ୍ୟମ ହୁଅ ନାହିଁ । ଏ ସଂସାର ପରୀକ୍ଷା କ୍ଷେତ୍ର, ଏଠାରେ ପାସ୍, ଫେଲ୍, ନିତ୍ୟ ଘଟଣା ; ବିଶେଷତଃ କର୍ମଫଳ ସାପେକ୍ଷ । ଯଥାସାଧ୍ୟ କାର୍ଯ୍ୟ କରିଯାଅ, କର୍ମଫଳରେ ଦୃକ୍‌ପାତ କର ନାହିଁ । ଯଥାସାଧ୍ୟ କର୍ମ ନ କଲେ ଅନୁତାପ ହୁଏ ସତ, କିନ୍ତୁ ଚେଷ୍ଟା ସତ୍ତ୍ୱେ ମଧ୍ୟ ଅକୃତକାର୍ଯ୍ୟ ହେଲେ କ୍ଷୋଭ କାହିଁକି ? ଭଗବାନଙ୍କର ମଙ୍ଗଳମୟ ଅଜ୍ଞାତ ଉଦ୍ଦେଶ୍ୟ ସ୍ମରଣ କରି ତାଙ୍କ ଜୟ ଉଚ୍ଚାରଣ କରିବା ହିଁ ଆମର ସାଧନା । ପୁଣି ଚେଷ୍ଟା କର । ଉତ୍ତୀର୍ଣ୍ଣ ହେଲେ ଯେ ସୁଖ-ଶାନ୍ତିର ଅଧିକାରୀ ହୋଇଥାନ୍ତ ତାହା ନୁହେଁ, ବରଂ ଯେଉଁ ସାଧନା ଦ୍ୱାରା ସୁଖ-ଶାନ୍ତିର ଅଧିକାରୀ ହୋଇପାରିବ ସେଥିରେ ଯେପରି ଫେଲ୍ ନ ହୁଅ ! ଜୀବନ-ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅ, ଏହା ହିଁ ମୋର ଅଶୀର୍ବାଦ ।

ଆଶୀର୍ବାଦକ—

ଠାକୁର

(୩୫)

ଶାନ୍ତି ଆଶ୍ରମ
କୋକିଳାମୁଖ
ଆଷାଢ଼, ୧୩୧୯

ସ୍ନେହର କ୍ଷୀ—,

ତୁମର ପତ୍ରଖଣ୍ଡିକ ପାଇ ବିସ୍ତାରିତ ଅବଗତ ହେଲି । ସମସ୍ତେ ତୁମକୁ ଛାଡ଼ି ଦେଇ ମୋ ନିକଟକୁ ଚାଲି ଆସିଛନ୍ତି, ତୁମେ ଏକା ପଡ଼ିଅଛ । ବାସ୍ତବିକ ବଡ଼ କଷ୍ଟର ବିଷୟ, କିନ୍ତୁ ତୁମେ ତ ପୂର୍ବରୁ ସମସ୍ତଙ୍କୁ ଜାଣ । ତୁମକୁ ମୁଁ ଢାକାରେ ଜଣାଇଥିଲି । ତୁମେ ତ କୌଣସି ଆପତ୍ତି କରି ନାହଁ ବରଂ ହସ ହସ ମୁଖରେ ସମ୍ମତି ଜଣାଇଥିଲ । ସ୍ୱେଚ୍ଛାରେ ଯୋ—ର ପଥ ତୁମେ ପରିଷ୍କାର କରି ଦେଇଛ । ଯୋ—ର ନିକଟରୁ ଶୁଣିଲି ତୁମେ ତାକୁ ଯେଉଁ ସବୁ କଥାରେ ଉତ୍ସାହିତ କରିଅଛ ତାହା ମୋର ଶିଷ୍ୟାର ଉପଯୁକ୍ତ କଥା ; ଶୁଣି ଖୁବ୍ ସନ୍ତୁଷ୍ଟ ହୋଇଥିଲି । ତୁମର ଏଥରର ପତ୍ରଟି ମଧ୍ୟ ମୋର ଶିଷ୍ୟାର ଉପଯୁକ୍ତ ଲେଖା । ତୁମର ପତ୍ର ପଢ଼ି ଆନନ୍ଦିତ ହୋଇଛି । ବତ୍ସେ ! ତୋର ସ୍ୱାମୀ ବା ମୁଁ ଯେଉଁଠାରେ ଯେତେ ଦୂରଦେଶରେ ଅବସ୍ଥିତି କରେ ନା କାହିଁକି, ତୁ କ'ଣ ଆମକୁ ଛାଡ଼ି କିମ୍ବା ଆମର ଭଲପାଇବାରୁ ବଞ୍ଚିତା ହେବୁ ? ମୋର କେତେ ଶିଷ୍ୟ ସଂସାରରେ ବାସ କରୁଛନ୍ତି, ସମସ୍ତେ ସନ୍ନ୍ୟାସୀ ହେଉ ଏହି ଇଚ୍ଛା ମୁଁ କରୁ ନାହିଁ, ବରଂ ସଂସାରରେ ରଖିବାକୁ ହିଁ ଚେଷ୍ଟା କରେ । ଯୋ—କୁ ଘରୁ ବାହାର କରିବାକୁ ମୁଁ କଦାପି ଇଚ୍ଛା କରିନାହିଁ, ତେବେ ରା— ଚାଲି ଆସିବାରୁ ସେ ମନମରା ହୋଇ ଯାଇଥିଲା । ତାର ମନରେ ଆନନ୍ଦ, ଉତ୍ସାହ, ସ୍ଫୂର୍ତ୍ତି ନ ଥିଲା ; ଚିନ୍ତାରେ ଚିନ୍ତାରେ ଶୁଖି ଶରୀରଟା କାଠ

ହୋଇଯାଇଥିଲା । ଏପରି ଅବସ୍ଥାରେ ପୁଣି ତୋର ଶାଶୁଙ୍କର ଯନ୍ତ୍ରଣା, ତେଣୁ ସେ ଘର ଛାଡ଼ି ମୋ ନିକଟକୁ ଆସି ନିଃଶ୍ୱାସ ମାରି ବଞ୍ଚିଯାଇଛି । ସେ ଚିମୁଟା କରଙ୍ଗଧାରୀ ଭସ୍ମବୋଳା ବୃକ୍ଷତଳବାସୀ ସନ୍ନ୍ୟାସୀ ହୋଇ ନାହିଁ । ଘରେ ଯେପରି ଥିଲା ଏଠାରେ ମଧ୍ୟ ସେହିପରି ବାସ କରୁଅଛି । * * * ଘର ଅପେକ୍ଷା ଏଠାରେ ସେ କମ୍ ଯତ୍ନରେ ରହିବ ନାହିଁ । ତା' ପାଇଁ ତୁମର ବା ତା'ର ଅନ୍ୟକୌଣସି ଆତ୍ମୀୟସ୍ୱଜନଙ୍କର କୌଣସି ଦୁଃଖର କାରଣ ନାହିଁ । * * * ତୁମେ ଦୂରରେ ଥିଲେ ମଧ୍ୟ ମୋର ମଙ୍ଗଳଦୃଷ୍ଟିର ଅନ୍ତରାଳରେ ରହିନାହଁ । ମୁଁ ସର୍ବଦା ତୁମର ମଙ୍ଗଳ କାମନା କରିବି । ମୟମନସିଂହ ଭିତରେ ଏବେ ତୁମେ ମୋର ଏକମାତ୍ର ଶିଷ୍ୟା ରୂପେ ପରିଚିତା । ଆଶାକରେ ତୁମେ ମୋର ଗୌରବ ରକ୍ଷା କରି ପାରିବ । ତୁମେ ଯଦି କର୍ତ୍ତବ୍ୟରେ ଅବହେଳା କର, ଅଧର୍ମରେ ମନ ଦିଅ, ତେବେ ମୋର କଳଙ୍କର ସୀମା ରହିବ ନାହିଁ । ଶିଷ୍ୟା ହୋଇ ଗୁରୁଙ୍କ ନାମରେ କାଳି ବୋଳ ନାହିଁ । ତୁମେ ସନ୍ନ୍ୟାସୀର ସ୍ତ୍ରୀ, ସୁତରାଂ ସନ୍ନ୍ୟାସିନୀ । ତୁମେ ଆଦର୍ଶ ବ୍ରହ୍ମଚାରିଣୀ ଭଳି—ଦେବୀପ୍ରତିମା ଭଳି ଗୃହରେ ବିରାଜିତା ରହିବ, ସର୍ବଦା ସର୍ବବିଷୟରେ ନିର୍ଲିପ୍ତ ରହିବ; କାହାରି କୌଣସି କଥାରେ ମଧ୍ୟ ଯାଅ ନାହିଁ । ନିଜ ଗରବରେ ଗରବିଣୀ ହୋଇ ନିଜ ଭାବରେ ବିଭୋର ରହିବ । ଦୁଃଖୀ-ତାପୀର ସେବା କରିବ, ପୀଡ଼ିତର ଅଶ୍ରୁ ପୋଛିଦେବ ଏବଂ "ଶ୍ୟାମ ସୋହାଗୀ" କୁ ବୁକୁରେ ଧରି ସମସ୍ତ ଜ୍ୱାଳା, ସମସ୍ତ କଷ୍ଟ ଭୁଲିଯିବ । ତାକୁ ପ୍ରାଣପଣେ ସେବା କରିବ, କଦାପି ଅନାଦର ବା ଅଯତ୍ନ କରିବ ନାହିଁ । ତୁମର ଦୁଇଟି ନୁହେଁ, ପାଞ୍ଚଟି ନୁହେଁ, ଗୋଟିଏ ମାତ୍ର ଝିଅ ; ତାକୁ ଯଦି ଅଯତ୍ନ କର ତାହାହେଲେ ଈଶ୍ୱରଦତ୍ତ ଦାନରେ ଅବହେଳା କରିବା ହେବ । ଗୋଟିଏ

ସନ୍ତାନର ପ୍ରକୃତ ମା ହୋଇ ନ ପାରିଲେ ତୁମେ ଜଗଜ୍ଜନନୀ ହେବ କିପରି ? ମୋର ଆଦେଶ ବା ଉପଦେଶ ପାଳନ ନ କଲେ ମୋତେ ଅବମାନନା କରିବା ହେବ । ବସେ ! ଆତ୍ମୀୟସ୍ୱଜନ ତୋର ବ୍ୟବହାରରେ ଦୁଇଦିନ କଷ୍ଟ ପାଇବେ, କିନ୍ତୁ ତୋର ଜନ୍ମଜନ୍ମାନ୍ତରର କର୍ମର ବୋଝ ବହନ କରିବାକୁ ପଡ଼ିବ ମତେ ; ଏକଥା ଯେପରି ସ୍ମରଣ ରହେ । ତୁମେ କୌଣସି ଦୋଷ କଲେ ତୁମ ମା ମତେ ପତ୍ର ଲେଖନ୍ତି ; ତାହା ହେଲେ ବୁଝ ମୋର ଦାୟିତ୍ୱ କେତେ ଗୁରୁତର ! ସୁତରାଂ ଚାରିଆଡ଼କୁ ବିବେଚନା କରି ରହିବ । ଧ୍ୟାନ ଧାରଣା ଜପରେ ଦିବାନିଶି ଭଗବତ୍ ଚିନ୍ତାରେ ବିଭୋର ରହିବ । ଯିଏ ଯାହା କହୁ ସେଥିପ୍ରତି ଦୃକ୍‌ପାତ କରିବ ନାହିଁ । ସୁଖ–ଦୁଃଖ ଭୁଲି ଯାଅ । ମୋର ସତୀସାଧ୍ୱୀ ମା ତୁ, ତୋତେ ଯେପରି ମୁଁ ଗଙ୍ଗାଜଳ ଭଳି ପବିତ୍ର ମନେ କରେ । ମୋ ଉପରେ ଯେପରି ବିଶ୍ୱାସ ରହେ । ମୁଁ କଦାପି ତୁମ୍ଭମାନଙ୍କର ଅମଙ୍ଗଳ କରିବି ନାହିଁ । ମୁଁ ଅକାତରେ ତୁମ୍ଭମାନଙ୍କ ମଙ୍ଗଳ ପାଇଁ ପ୍ରାଣ ଦେଇ ପାରେ, ସୁତରାଂ ଦୁଃଖ କ'ଣ ମା ! ଆଶ୍ରମର ସବୁଦିଗରୁ ମଙ୍ଗଳ, ସମସ୍ତେ ଭଲ ଅଛନ୍ତି । ବୈଶାଖ ୭ ଦିନ ଅକ୍ଷୟତୃତୀୟାରେ ଗୁରୁଙ୍କ ଆସନ ପ୍ରତିଷ୍ଠା ହୋଇଅଛି । ଚ— ପ୍ରଭୃତି ବ୍ରହ୍ମଦେଶରୁ ଆଶ୍ରମକୁ ଆସିଅଛି । ଯେତେଦିନ ମୟମନସିଂହରେ ରହିବୁ, ସେତେଦିନ ମାନ ଅପମାନ ଭୁଲି ତୋର ଶାଶୁଙ୍କର ସେବା କରିବୁ । ତାଙ୍କର ଅବାଧ ହେବୁ ନାହିଁ । ତୁ ମୋର ଆଶୀର୍ବାଦ ଜାଣିବୁ । ଇତି—

ତୁମର—

ଠାକୁର

(୩୬)

ଶାନ୍ତି ଆଶ୍ରମ

ଭାଦ୍ରବ ୩ ଦିନ, ୧୩୧୯

* * * ପ୍ରାଣରେ ସତ୍ୟର ଜୋର ଥିଲେ ସତ୍ୟ କଥା କହିବାକୁ କୌଣସି ଭୟ ନାହିଁ । ମୁନିବଙ୍କର ସର୍ବବିଧ ହିତଚିନ୍ତା ହିଁ ଅମାତ୍ୟଗଣଙ୍କର କର୍ତ୍ତବ୍ୟ ; ସୁତରାଂ ଧର୍ମ । ନିଜର ଧର୍ମରୁ ଚ୍ୟୁତ ହେବ ନାହିଁ । ଭଗବାନଙ୍କ ଉପରେ ନିର୍ଭର କରି ସତ୍ୟକୁ ଆଶ୍ରୟ କରି ଜୀବନ କଟି ଗଲେ, ଶରୀରରେ ଦାଗ ଲାଗିବ ନାହିଁ । ଯାହା କର୍ତ୍ତବ୍ୟ ବୋଲି ବୁଝିବ, କାହାରି ଅନୁରୋଧରେ, କୌଣସି ଭୟରେ ସେଥିରୁ ବିଚଳିତ ହେବ ନାହିଁ । ଧାର୍ମିକଲୋକେ ଚିରକାଳ ସ୍ୱାର୍ଥପର ଲୋକ କର୍ତ୍ତୃକ ଉତ୍ପୀଡ଼ିତ ଓ ଲାଞ୍ଛିତ ହୋଇଅଛି, କିନ୍ତୁ ସେଥିପାଇଁ କେହି କର୍ତ୍ତବ୍ୟ ତ୍ୟାଗ କରି ନାହିଁ । ପୁରାଣର ଯୁଧିଷ୍ଠିରାଦି ତାହାର ପ୍ରମାଣ । ଅତଏବ କେହି ସତ୍ୟରୁ ଯେପରି ଚ୍ୟୁତ ନ ହୁଅ । ତାହା ହେଲେ ସତ୍ୟସ୍ୱରୂପ ଭଗବାନ୍ ତାକୁ ରକ୍ଷା କରିବେ । ରକ୍ଷା ପୂର୍ବରୁ ପରୀକ୍ଷା । ସେଥିରେ ଉତ୍ତୀର୍ଣ୍ଣ ହେବା ହିଁ ମନୁଷ୍ୟତ୍ୱ । ନତୁବା ମନୁଷ୍ୟ ମାତ୍ରେ ହିଁ ଦ୍ୱିପଦ ପଶୁ । ବରଂ ବଣରେ ବ୍ୟାଘ୍ର ସିଂହଙ୍କ ସହିତ ବାସ କରିବ, ତଥାପି ଦ୍ୱିପଦ ପଶୁର ସହବାସ ସର୍ବତୋଭାବରେ ପରିବର୍ଜନୀୟ ।

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୩୭)

ଶାନ୍ତି ଆଶ୍ରମ
ମାଘ ୧୪ ଦିନ, ୧୩୧୯

* * * ସୁଖରେ ଓ ଦୁଃଖରେ ମାନବ ଜୀବନ ଆବୃତ । ତେଣୁ ପ୍ରକୃତ ଜୀବନ ପରିବର୍ତ୍ତେ, ଜୀବ ସୁଖ ବା ଦୁଃଖଭୋଗାବସ୍ଥାକୁ ହିଁ ଜୀବନ ନାମରେ ଅଭିହିତ କରେ । କିନ୍ତୁ ଜୀବନ ତଦତିରିକ୍ତ ଚୈତନ୍ୟ ସ୍ୱରୂପ । ସୁତରାଂ ଚିତ୍ ଓ ଆନନ୍ଦ କିମ୍ବା ଜ୍ଞାନ ଓ ଭକ୍ତି ଜୀବନର ସାଧାରଣ ସମ୍ପତ୍ତି । ତାହା ଅନ୍ୱେଷଣ କରି, ଖୋଜା ଖୋଜି କରି ନେବାକୁ ପଡ଼େ ନାହିଁ । ସେଇଟା ହିଁ ଯେ ସ୍ୱରୂପ ଅବସ୍ଥା । କେବଳ ପ୍ରାକୃତ ସଂସ୍କାରବଶତଃ ସୁଖ-ଦୁଃଖର ଆବରଣରେ ସମ୍ବନ୍ଧ ରଖି ଜୀବ ସ୍ୱ-ସ୍ୱରୂପ ଉପଲବ୍ଧି କରି ପାରେ ନାହିଁ । ସୁତରାଂ ସମସ୍ତଙ୍କର କର୍ତ୍ତବ୍ୟ ସୁଖ-ଦୁଃଖର ଆବରଣ ଭେଦ କରିବା, ତାହାର ଅତୀତ ହେବା । ତାହା ହେଲେ ଆପେ ସ୍ୱରୂପର ଅଭିବ୍ୟକ୍ତି ହେବ ଅର୍ଥାତ୍ ଜ୍ଞାନାନନ୍ଦ ଲାଭ କରି କୃତାର୍ଥ ହେବ । ସାଂସାରିକ ସୁଖରେ ଉତ୍‌ଫୁଲ୍ଲ ବା ଦୁଃଖରେ ମ୍ରିୟମାଣ ନ ହୋଇ ମନର ସାମ୍ୟଭାବ ରକ୍ଷାକରି ଉଦାସୀନ ଭଳି ଅବସ୍ଥାନ କରିବାକୁ ଅଭ୍ୟାସ କର । କିଛିଦିନ ଅଭ୍ୟାସ ଦ୍ୱାରା ଏପରି ଭାବ ରକ୍ଷା କରି ପାରିଲେ ସୁଖ, ଦୁଃଖ ଆଉ ମୋହକୁ ବିଜୟ କରି ପାରିବ । ସେତେବେଳେ ତୁମେ ସ୍ୱରୂପ ଅବସ୍ଥା ଲାଭ କରି ପାରିବ । ସ୍ପଷ୍ଟ ବୁଝି ପାରିବ—ତୁମେ ବ୍ରହ୍ମମୟୀଙ୍କ ସନ୍ତାନ, ଭଗବାନ୍ ତୁମର ମା । ସେତେବେଳେ ପ୍ରାଣ ପ୍ରେମରସରେ ଦ୍ରବୀଭୂତ ହୋଇଯିବ, ମାନବ ଜୀବନ କୃତାର୍ଥ ହେବ ।

ଏହି ଆବରଣ ଭେଦ ପାଇଁ ଜପ, ତପ, ସାଧନା, ଚିତ୍ତଶୁଦ୍ଧି ଓ ପ୍ରାର୍ଥନାର ପ୍ରୟୋଜନ । ଆଶାକରେ ନିରଭିମାନ ଚିତ୍ତରେ ଅକପଟ

ହୃଦୟରେ ତୁମେ ଜପ, ତପ, ଧ୍ୟାନ ଓ ପ୍ରାର୍ଥନା ଦ୍ୱାରା ଆବରଣ ଭେଦ କରି ପ୍ରେମଲାଭ କରିବାକୁ ସମର୍ଥ ହୁଅ । ନିଜର ଦୃଢ଼ତା ବ୍ୟତୀତ ବର୍ତ୍ତମାନ ସମାଜ ବା ସମାଜର ଲୋକଙ୍କଠାରୁ କୌଣସି ସାହାଯ୍ୟ ପାଇବ ନାହିଁ ; ବରଂ ବାଧା ଦେବାକୁ ଅନେକେ ଅଗ୍ରସର ହେବେ । ସୁତରାଂ ଭଗବାନଙ୍କଠାରେ ଦୃଢ଼ ଲକ୍ଷ୍ୟ ରଖି ଜୀବନ ପଥରେ ଚଳିବାକୁ ପଡ଼ିବ । କେବେ ବି ଭୁଲିବ ନାହିଁ—ଭଗବଦ୍ଭକ୍ତି ବ୍ୟତୀତ ବିଦ୍ୟା, ବୁଦ୍ଧି, ଧନ, ଶାରୀରିକ ବଳ, ଖ୍ୟାତି ପ୍ରତିପତ୍ତି ସବୁ ବୃଥା ; କେବଳ ଆତ୍ମପ୍ରବଞ୍ଚନା ଓ ଶଠତାର ପରିପୋଷକ ମାତ୍ର । * * *

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୩୮)

ଶାନ୍ତି ଆଶ୍ରମ

୬।୭।୧୨ ଇଂ

* * * ପତ୍ରରେ ତୁମ୍ଭମାନଙ୍କର ଗୃହ-ବିବାଦ ସମ୍ବାଦ ପଢ଼ି ଚିନ୍ତିତ ହେଲି । ବତ୍ସ ! ଏହାର ହିଁ ନାମ ସଂସାର । ଏଠାକୁ କେହି କୌଣସି ଦ୍ରବ୍ୟ ସାଙ୍ଗରେ ଆଣେ ନାହିଁ, ସାଙ୍ଗରେ ନେଇ ମଧ୍ୟ ଯାଏ ନାହିଁ । ଯାହାଙ୍କର ଅକ୍ଷୟ ଭଣ୍ଡାରର ଜିନିଷ, ତାଙ୍କର ହିଁ ଅକ୍ଷୟ ଭଣ୍ଡାରରେ ପଡ଼ି ରହେ । ତେବେ ମୋହାନ୍ଧ ମାନବର ଆଖି ଖୋଲେ ନାହିଁ । ପ୍ରବଞ୍ଚନା ପ୍ରତାରଣାପୂର୍ବକ ଧନ-ସଞ୍ଚୟ କରି ନିଜର ପାପର ବୋଝ ଭାରି କରେ । କ'ଣ କରିବ—ଯେତେବେଳେ ସଂସାରରେ ଅଛ ସେତେବେଳେ ଏହି ସବୁ ବ୍ୟାପାରନିତ୍ୟ ଘଟିବ । ସେଥିପାଇଁ ନିରୁତ୍ସାହ ହେଲେ ବା ଅଶାନ୍ତି

ପୋଷଣ କଲେ କିପରି ସଂସାରରେ ରହିବ ? ତୁମେ କାହାରିକୁ ବି ଆଘାତ କର ନାହିଁ, କେହି ଆଘାତ କରିବାକୁ ଆସିଲେ ନିବାରଣର ଚେଷ୍ଟା କରିବ । କର୍ତ୍ତବ୍ୟ ପ୍ରତିପାଳନ ନ କରିବା ଦୁର୍ବଳତା । ସୁତରାଂ ପାପ । କେହି ତୁମକୁ ଅନ୍ୟାୟ ଉତ୍ପୀଡ଼ନ କଲେ ତୁମେ ନ୍ୟାୟପଥରେ—ସତ୍ୟପଥରେ ରହି ତାହାର ପ୍ରତିବିଧାନ କରିବ । ଫଳାଫଳ ଭଗବାନଙ୍କ ଉପରେ ନିର୍ଭର କରି । ପ୍ରାଣପଣେ କର୍ତ୍ତବ୍ୟ ପ୍ରତିପାଳନ କରି ଯିବ, କିନ୍ତୁ ସେଥିପାଇଁ କୌଣସି ପ୍ରକାର ଅଶାନ୍ତି ଯେପରି ମନକୁ ସ୍ପର୍ଶ ନ କରେ । ତୁମେ ତୁମକୁ ସର୍ବଦା ସମସ୍ତ ପ୍ରକାର ଅଶାନ୍ତିରୁ ନିର୍ଲିପ୍ତ ରଖିବ । ନିଜ ମନେ ନିଜେ ଆନନ୍ଦରେ ରହିବାକୁ ସର୍ବଦା ଚେଷ୍ଟା କରିବ । ସମସ୍ତ ପ୍ରକାର ଦୁଃଖ-କଷ୍ଟ, ରୋଗ-ଶୋକ, ଭିତରେ ମଧ୍ୟ ନିଜକୁ ଆନନ୍ଦରେ ରଖି ପାରିଲେ ହିଁ ଆନନ୍ଦମୟ ଭଗବାନଙ୍କର ବିକାଶ ବୁଝି ପାରିବ । ବାହାରର ସଂସାରରେ ଯାହା ହେବ ସେଥିରେ ତୁମେ କର୍ତ୍ତବ୍ୟ ଅନୁସାରେ କାର୍ଯ୍ୟାଧିକାରୀ ମାତ୍ର । ସଂସାରରେ ନିତ୍ୟ କେତେ ନୂତନ ଘଟଣା ଘଟୁଅଛି । ପିତା-ପୁତ୍ରରେ, ସ୍ୱାମୀ-ସ୍ତ୍ରୀରେ, ସହୋଦରଙ୍କ ଭିତରେ ନିତ୍ୟ ସ୍ୱାର୍ଥ ନେଇ କୁକୁରଙ୍କ ଭଳି ବିବାଦ କରୁଛନ୍ତି । କକା ପୁତୁରା ଆଉ ବେଶି କ'ଣ ? ସୁତରାଂ ମନରେ ଦୁଃଖ ଅଶାନ୍ତି ନ ଆଣି, କର୍ତ୍ତବ୍ୟ ଅନୁସାରେ ନ୍ୟାୟପଥରେ ପ୍ରତିବିଧାନ କର । ଫଳାଫଳ ଯାହା ଘଟିବ, ମଙ୍ଗଳମୟ ଭଗବାନଙ୍କର ମଙ୍ଗଳ ଇଚ୍ଛା ପୂର୍ଣ୍ଣ ହେଲା ମନେ କରି ଆନନ୍ଦରେ ରୁହ ।

''ଠାକୁର''

(୩୯)

ଶାନ୍ତି ଆଶ୍ରମ
୧୨।୭।୧୯

ପ୍ରିୟ ହ—,

ତୁମର ପତ୍ର ପାଇଲି । ଆମେ ଆଶ୍ୱିନ ୨୮ ଦିନ ଆଶ୍ରମରେ ପହଞ୍ଚିଅଛୁ । ତୁମକୁ ଚିହ୍ନି ନାହିଁ ଭାବି ସନ୍ଦେହ କରି ''ଅଶ୍ୱିନୀର ଭାଇ'' ବୋଲି ପରିଚୟ ଦେଇଛ । ତୁମକୁ ଚିହ୍ନି ନ ପାରିଲେ ଅଶ୍ୱିନୀକୁ ଯେ ଚିହ୍ନି ପାରିବି ତାହା କିପରି ବୁଝିଲ ? ସଂସାରରେ ତୁମ୍ଭମାନଙ୍କର ଚିତ୍ତାକର୍ଷକ ଅନେକ ବସ୍ତୁ ଅଛି । ଲୋକେ ସ୍ତ୍ରୀ-ପୁତ୍ରର ମୁଖ ଦେଖିଲେ ନିଜକୁ ପର୍ଯ୍ୟନ୍ତ ଭୁଲିଯାଆନ୍ତି । କିନ୍ତୁ ଆମେ ଯେ ତୁମ୍ଭମାନଙ୍କ ଭଳି ସରଳ, ଶାନ୍ତ ଯୁବକଙ୍କ ସହିତ ଭଗବଦ୍‌ଗୁଣଗାନ କରି ହିଁ ସଂସାରରେ ଶାନ୍ତିଲାଭ କରୁ । ସୁତରାଂ କିପରି ବା ତୁମ୍ଭମାନଙ୍କୁ ଭୁଲିବି ? ବତ୍ସ ! ତୁମକୁ କାହିଁକି—ଆଲିପୁରର କେତେ ଜଣଙ୍କୁ (ସେମାନଙ୍କ ନାମ ଜାଣି ନାହିଁ) ଯେ ଭୁଲି ପାରୁ ନାହିଁ । ସେମାନେ ମୋର ହୃଦୟରେ ଅସାମାନ୍ୟ ଆଧିପତ୍ୟ କରୁଛନ୍ତି ; ମାୟା-ମମତାହୀନ କଠୋର ହୃଦୟ ସନ୍ନ୍ୟାସୀଙ୍କୁ ବିଚଳିତ କରୁଛନ୍ତି । ପୁଣି ଲେଖା ହୋଇଛି ''ଠାକୁର ! ମତେ ଚିହ୍ନିବ କି ?'' ବତ୍ସ ! ପ୍ରାଣଖୋଲି ଆଶୀର୍ବାଦ କରୁଛି । ମାଙ୍କର ସୁପବିତ୍ର କ୍ରୋଡ଼ରେ ଅବସ୍ଥାନ କର । ଶୟତାନ ଯେପରି ଭୁଲାଇ ମାତୃ-ଅଙ୍କଚ୍ୟୁତ ନ କରେ । * * *

''ଠାକୁର''

(୪୦)

ଶାନ୍ତି ଆଶ୍ରମ
୧୧।୭।୧୨

ସ୍ନେହମୟୀ ବୁ—,

ମା, କେବଳ ମନ୍ତ୍ର ନେଇ ହିଁ ଶିଷ୍ୟ ହେବା ସମ୍ଭବ ନୁହେଁ । ବିଶ୍ୱାସ କରି ମନ ପ୍ରାଣ ଢାଳି ଦେଇ ନ ପାରିଲେ ଶିଷ୍ୟ ହେବା ବୃଥା । ତୁମେ ମତେ ଯେପରି ଭଲପାଅ, ବିଶ୍ୱାସ ଭକ୍ତି କର, ମୋର ଅତି ଅଳ୍ପ ଶିଷ୍ୟ ମଧ୍ୟ ତାହା ପାରନ୍ତି ନାହିଁ । ତେବେ ତୁମର ଭାବନା କ'ଣ ? ମୁଁ କହିଛି ତ ତୁମର ସମସ୍ତ ଭାର ମୁଁ ବହନ କରିବି । ଏବେ ଆଉ ବାଜେ କାମନା ବାସନା କର ନାହିଁ । ଯେଉଁ କେତେ ଦିନ ବଞ୍ଚିବ, ଆନନ୍ଦରେ ଭଗବାନଙ୍କର ନାମ ସ୍ମରଣ କୀର୍ତ୍ତନ କର । ତେବେ ଯଦି ସୁଯୋଗ ଓ ସୁବିଧା ପୁଣି ଘଟେ, ମୁଁ ତୁମକୁ ଅଭିଷିକ୍ତ କରିଦେବି । ତୁମେ ଖର୍ଚ୍ଚ ଯୋଗାଡ଼ କରି ନ ପାରିଲେ ମୁଁ ନିଜେ ସେହି ବ୍ୟୟ ବହନ କରିବି । ତୁମର କୌଣସି ଚିନ୍ତା ନାହିଁ । ନାମ ଭୁଲ ନାହିଁ ।

"ଠାକୁର"

(୪୧)

କୋକିଳାମୁଖ
୨୫।୨।୧୯

ସ୍ନେହର ଅ—,

ଯଥାସମୟରେ ତୁମର ପତ୍ରଖଣ୍ଡିକ ପାଇ ବିସ୍ତାରିତ ଅବଗତ ହେଲି । ସଂସାର ମାୟିକ । ଏଠାକାର ଆତ୍ମାଭିମାନୀ ଜୀବ ନିଜ ବ୍ୟତୀତ ଅନ୍ୟ

କିଛି ବୁଝେ ନାହିଁ, ତେଣୁ ହିଂସା ଦ୍ୱେଷ ସ୍ୱାର୍ଥ କୋଳାହଳରେ ସର୍ବଦା ବଧିର । ସଂସାରରେ ବାସ କରିବା ଖୁବ୍ କଠିନ । ଭଗବନ୍ନିର୍ଭରଶୀଳ ବୀର ବ୍ୟତୀତ ମାୟାନ୍ଧ ଜୀବ ସଂସାରରେ ଘୋର ଦୁଃଖ ଭୋଗ କରିଥାଏ । ସୁଖ-ଦୁଃଖ ମାୟାର ଖେଳ, ଭୋଗଲାଳସା ଇନ୍ଧନ । ଯେପର୍ଯ୍ୟନ୍ତ ଇନ୍ଧନ ଥାଏ ସେପର୍ଯ୍ୟନ୍ତ ନିଆଁ ଲିଭେ ନାହିଁ । ବତ୍ସ ! ସାବଧାନ ହୋଇ ସଂସାରରେ ରୁହ, ସାଧାରଣଙ୍କ ସହିତ ମିଶି ଯାଅନା । ଯେ ତୁମକୁ ଯେତେ ଭିନ୍ନ ମନେ କରୁ ତୁମେ କାହାକୁ ବି ପର ମନେ କରନା । ମନେ ମନେ ଜାଣ, ପ୍ରତ୍ୟେକ ଜୀବ ଭଗବାନଙ୍କର—ପାପୀ-ପୁଣ୍ୟବାନ୍, ଧନୀ-ଦରିଦ୍ର, ସମସ୍ତେ ତୁମର ନିଜର ; କାରଣ ଆମେ ଯେ ଭଗବାନଙ୍କର । ସୁତରାଂ "ସମସ୍ତଙ୍କର ମଙ୍ଗଳ ହେଉ" ବ୍ୟତୀତ ଅନିଷ୍ଟ ଚିନ୍ତା କର ନାହିଁ । ସମସ୍ତଙ୍କୁ ଭଲପାଇବ । ପ୍ରତ୍ୟେକଙ୍କୁ ଦେଖି ଆନନ୍ଦିତ ହେବ । ସାଧ୍ୟ ଓ ସୁବିଧାନୁସାରେ ସମସ୍ତଙ୍କର ଉପକାର କରିବ । ପୀଡ଼ିତର ଅଶ୍ରୁ ପୋଛିଦେବ । ଅପକାରୀକୁ ଉପକାରଦ୍ୱାରା ଜୟ କରିବ । ଶତ୍ରୁକୁ ପ୍ରେମରେ ବଶୀଭୂତ କରିବ । ଦୁର୍ଜନକୁ କ୍ଷମାଦ୍ୱାରା ପରାସ୍ତ କରିବ । ତେବେ ଆତ୍ମରକ୍ଷା କରିବାକୁ ବିହିତ ଉପାୟ ଅବଲମ୍ବନ କରିବ । ଅନନ୍ତ ଜୀବନଟାକୁ ଚିନ୍ତା କରି ଦେଖିଲେ ଶତ୍ରୁ ଓ ପିତା-ମାତା, ସ୍ତ୍ରୀ-ପୁତ୍ର ଭିତରେ ବିଶେଷ ପାର୍ଥକ୍ୟ ନାହିଁ । ଭଗବାନଙ୍କ ପ୍ରୀତି-ସାଧନ ବ୍ୟତୀତ ନିର୍ମଳ ଆନନ୍ଦ କେଉଁଠି ନାହିଁ, ସୁତରାଂ କାହାଠାରୁ ମଧ୍ୟ ସୁଖର ଆଶା ବିଡ଼ମ୍ବନା ମାତ୍ର । ତେବେ ତୁମେ ସମସ୍ତଙ୍କ ସୁଖସାଧନରେ ସଚେଷ୍ଟ ରହିବ ; ତୁମଠାରୁ କେହି ଯେପରି ଦୁଃଖ ନ ପାଏ ।

ତୁମର ମନ୍ତ୍ର ଅସାବଧାନତାବଶତଃ ଦୁଇ ଦିନ ବାହ୍ୟ ଉଚ୍ଚାରିତ ହୋଇଥିଲେ ମଧ୍ୟ ତୁମେ ଇଚ୍ଛାପୂର୍ବକ ଯେତେବେଳେ କରି ନାହଁ,

ସେତେବେଳେ ସେଥିପାଇଁ କିଛି ଚିନ୍ତା କର ନାହିଁ ଏବଂ ପୂର୍ବେ ଯାହା ହୋଇଯାଇଛି ତାହା ନ ଭାବି ଏବେ ରୀତିମତ ଜପ କର । ଅସୁବିଧା ବା ଶରୀର ଅସୁସ୍ଥ ଥିଲେ ସେହିଦିନ ଅନ୍ତତଃ ୧୦ ଥର ଜପକର । ହୃଦୟରେ ଇଷ୍ଟଦେବତାଙ୍କୁ ଚିନ୍ତା କରି ତଦୀୟ ଚରଣ ଲକ୍ଷ୍ୟପୂର୍ବକ ଯଥାସାଧ ଜପ କର । ମୋ ସାଙ୍ଗେରେ ଦେଖା ନ ହେଲେ ତୁମକୁ ଜପର ଅନ୍ୟ ପ୍ରକାର କ୍ରିୟାଦି ଶିଖାଇ ପାରିବି ନାହିଁ । ମୁଁ ଯେତେବେଳେ ଢାକା ଯିବି ସେତେବେଳେ ଶିକ୍ଷା ଦେବି । ବସ୍, ଏକମାତ୍ର ମନ୍ତ୍ର ଜପଦ୍ୱାରା ହିଁ ସର୍ବାର୍ଥ ସିଦ୍ଧ ହୋଇପାରେ । ତୁମେ ନିୟମିତ ଜପ ବ୍ୟତୀତ ସଦାସର୍ବଦା ଖାଇଲାବେଳେ, ଶୋଇଲାବେଳେ, ଘୁମେଇଲାବେଳେ, ଚାଲିଲାବେଳେ, ଶୁଚି, ଅଶୁଚି, ସର୍ବାବସ୍ଥାରେ ନିଃଶ୍ୱାସର ତାଳେ ତାଳେ ମନ୍ତ୍ର ଜପ କର । ଢାକା ଯାଇ ନୃ— ବାବୁଙ୍କ ନିକଟରୁ ନିଃଶ୍ୱାସର ସଙ୍ଗେ ଜପର ପ୍ରଣାଳୀଟା ଶିଖି ନିଅ ।

ଶୁଭାନୁଧାୟୀ—

ଠାକୁର

(୪୨)

କୋକିଳାମୁଖ

୩।୧୨।୧୮

ମୋର ପ୍ରାଣର ପ୍ରିୟ ପୀ—, ଯ— ଓ ଅ—,

ତୁମ୍ଭମାନଙ୍କୁ ପରିତ୍ୟାଗ କରି ମୁଁ ଏଥର ଆସାମରେ ଆଶ୍ରମ କଲି । ଆଶାଥିଲା ତୁମ୍ଭମାନଙ୍କୁ ହୃଦୟରେ ଧରି ଢାକାରେ ରହିବି, କିନ୍ତୁ ମୁଁ ଢାକା ଅବସ୍ଥାନକାଳରେ ଶିଷ୍ୟଗଣଙ୍କର ଦିନକୁ ଦିନ ଅଧଃପତନ ଦର୍ଶନ କରି

ମର୍ମାହତ ହୋଇଅଛି । ତେଣୁ ଦୂରକୁ ଅପସରି ଗଲି । ବାହ୍ୟ ମୋ ସହିତ ଘନିଷ୍ଠତା ଥିବାରୁ ଅନ୍ତରରେ ମାୟାର ରାଜତ୍ୱ ପ୍ରତିଷ୍ଠିତ ହେଉଥିଲା । ମୁଁ ଦୂରରେ ରହିଲେ ଅନ୍ତରରେ ମୋର ସ୍ଥାନ ହେବ । ମୋର ଚିନ୍ତାରେ ହୃଦୟ ପୂର୍ଣ୍ଣ ରହିଲେ ଅନ୍ୟ ଚିନ୍ତା ହୃଦୟ ଅଧିକାର କରି ପାରିବ ନାହିଁ । ତେଣୁ ତୁମ୍ଭମାନଙ୍କ ହିତାର୍ଥେ ମୁଁ ଦୂରକୁ ଆସିଅଛି । ଢାକା ପରିତ୍ୟାଗର ଏହା ହିଁ ପ୍ରକୃତ କାରଣ । ନତୁବା କୌଣସି ପ୍ରକାର ସୁଖ-ସୁବିଧା ସକାଶେ ଏଠାକୁ ଆସି ନାହିଁ ; ବରଂ ବଙ୍ଗ ଛାଡ଼ି ପର ଦେଶରେ ବିଶେଷ ବିଡ଼ମ୍ବନା ହିଁ ଭୋଗ କିରବାକୁ ପଡ଼ିବ ।

ମୁଁ ତୁମ୍ଭମାନଙ୍କର ଆଦର୍ଶ ଗୁରୁ ନୁହେଁ । ମୋର ନିନ୍ଦା-ଚର୍ଚ୍ଚାରେ ଦେଶ ପରିପ୍ଲାବିତ । ସେହି ସବୁ କଥା ଶୁଣି ଜାଣେନା ତୁମ୍ଭମାନଙ୍କର କୋମଳ ପ୍ରାଣରେ କେତେ ଯାତନା ହୁଏ । ତଦୁପରି ଯଦି ଶିଷ୍ୟମାନଙ୍କର କଳଙ୍କ ପ୍ରଚାରିତ ହୁଏ, ତେବେ ମୋ ଦ୍ୱାରା ଜଗତର କୌଣସି କାର୍ଯ୍ୟର ଆଶା ନାହିଁ । ତେଣୁ ଦୂରକୁ ଆସିଲି । କିଛିଦିନ ପରେ ମୋ ସମ୍ବନ୍ଧରେ ଆନ୍ଦୋଳନ କମି ଯିବ । ସେତେବେଳେ ତୁମ୍ଭେମାନେ ନିରୁଦ୍‌ବେଗରେ ଉନ୍ନତି ଆଡ଼କୁ ଚାଲିବ । ବସ୍ ! ତୁମ୍ଭେମାନେ ହିଁ ବର୍ତ୍ତମାନ ମୋର ଆଶା ଭରସା ସ୍ଥଳ । ତୁମ୍ଭେମାନେ ଯେଉଁ କେତେଜଣ ଯୁବକ ଶିଷ୍ୟ ଅଛ, ମୁଁ ସତୃଷ୍ଣ ନୟନରେ ତୁମ୍ଭମାନଙ୍କ ଭବିଷ୍ୟ ଜୀବନ ପ୍ରତି ଚାହିଁ ରହିଛି । ଏବେ ମଧ୍ୟ ସଂସାରର ଆବିଳତା ତୁମ୍ଭମାନଙ୍କର କୋମଳ ପ୍ରାଣକୁ କଳୁଷିତ କରିପାରି ନାହିଁ । କିନ୍ତୁ ଯେଉଁ ସମୟରେ ମନୁଷ୍ୟ ପଶୁତ୍ୱକୁ କିମ୍ବା ଦେବତ୍ୱକୁ ଉନ୍ନୀତ ହୁଏ, ସେହି ସର୍ବନାଶୀ ସନ୍ଧିକାଳରେ ତୁମ୍ଭେମାନେ ଦଣ୍ଡାୟମାନ । ଏହି ସମୟରେ ସାହସ ଓ ଦୃଢ଼ ଅଧ୍ୟବସାୟର ସହିତ ଆସକ୍ତି-କଣ୍ଟକପୂର୍ଣ୍ଣ ବାଧ-ବିଘ୍ନକୁ ବୀରଙ୍କ ପରି ପଦଦଳିତ କରି ଗୁରୁପଦିଷ୍ଟ ପଥରେ ଅଗ୍ରସର ହୋଇ ନ ପାରିଲେ

ସାରା ଜୀବନ କଣ୍ଟକାହତ ଭଳି ପଚି ଜୀବନଯାପନ କରିବାକୁ ପଡ଼ିବ । ମୁଁ ତୁମ୍ଭମାନଙ୍କ ପ୍ରତ୍ୟେକଙ୍କୁ ଆଦର୍ଶ ମନୁଷ୍ୟରୂପେ ଦେଖିବାକୁ ଚାହେଁ । ତୁମ୍ଭମାନଙ୍କର ଚରିତ୍ରର ବିମଳ ଜ୍ୟୋତିରେ ତୁମ୍ଭମାନଙ୍କର ଗୁରୁଙ୍କର ଅନ୍ଧକାର ମୟ ଜୀବନ ଉଦ୍ଭାସିତ କରିବାକୁ ପଡ଼ିବ । ଆଶାକରେ ତୁମ୍ଭେମାନେ କୌଣସି ମୁହୂର୍ତ୍ତରେ ଏହି କଥାଟି ଭୁଲିବ ନାହିଁ । ଆଜ ମନୁଷ୍ୟତ୍ୱ ଲାଭର ପ୍ରକୃତ ଓ ଅକପଟ ଇଚ୍ଛା ଥିଲେ ଭଗବାନ୍ ସ୍ୱୟଂ ତୁମ୍ଭମାନଙ୍କର ସହାୟ—ଧ୍ରୁବ ସତ୍ୟ । ତାମସିକ ଓ ରାଜସିକ ବୃତ୍ତିଗୁଡ଼ିକୁ ପଦଦଳିତ କରି ଦାସ ଭଳି ଆଜ୍ଞାବହ ରଖି ଚଳିବ । ଆମୋଦଚ୍ଛଳରେ ମଧ୍ୟ କାମ, କ୍ରୋଧ ବା ମିଥ୍ୟାର ଆଶ୍ରୟ ନେବ ନାହିଁ । ବିନୟ ନମ୍ରତାଗୁଣରେ ମଣ୍ଡିତ ହୋଇ ଜୀଅନ୍ତା ମରା ଭଳି ସମାଜରେ କାଳ ଯାପନ କରିବ । କୌଣସି କାର୍ଯ୍ୟରେ ତୁମ୍ଭମାନଙ୍କର ଔଦ୍ଧତ୍ୟ ବା ଅମାନୁଷତ୍ୱ ପ୍ରକାଶ ପାଇଲେ ତୁମ୍ଭମାନଙ୍କର ଗୁରୁଙ୍କର ହିଁ କଳଙ୍କ ବିଘୋଷିତ ହେବ । କୌଣସି ଦିଗକୁ ଦୃକ୍‌ପାତ ନ କରି ସରଳ ବିଶ୍ୱାସରେ ଜୀବନ ପଥରେ ଅଗ୍ରସର ହୁଅ । ଆତ୍ମକର୍ତ୍ତୃତ୍ୱ ଭୁଲି ପଦେ ପଦେ ଭଗବନ୍ନିର୍ଭରତା ଅଭ୍ୟାସ କରିବ । ଗୁରୁନାରାୟଣ ଜ୍ଞାନରେ ପ୍ରତ୍ୟେକ ଜୀବଙ୍କୁ ଶ୍ରଦ୍ଧା କରିବାକୁ ଶିଖିବ । କାହାରି କାର୍ଯ୍ୟରେ ସମାଲୋଚନା କରିବ ନାହିଁ ; କଲେ ଭଗବାନଙ୍କର ଦୋଷଗୁଣ ବିଚାର କରିବା ହେବ । କାୟମନୋପ୍ରାଣରେ ଆଶୀର୍ବାଦ କରୁଛି, ତୁମ୍ଭେମାନେ କଦାଚ ଗୁରୁଙ୍କର ଆଶା ଫଳବତୀ କରିବାକୁ ବିମୁଖ ହେବ ନାହିଁ ।

ସମ୍ପ୍ରତି କାଛାଡ଼ ଜିଲ୍ଲାର ଦକ୍ଷିଣ ପ୍ରଦେଶରେ ଭୟାନକ ଦୁର୍ଭିକ୍ଷ ଉପସ୍ଥିତ । ସେଠାକାର ଜନହିତୈଷୀ ବ୍ୟକ୍ତିଗଣ ଅର୍ଥ ସାହାଯ୍ୟ ଚାହୁଁଛନ୍ତି । ଆମେ "ଯୋଗମାୟା ଭଣ୍ଡାର" ରୁ କିଛି ସାହାଯ୍ୟ କରିବୁ ଏବଂ "ଶ୍ରୀଗୌରାଙ୍ଗ ଅନାଥ ନିକେତନ" ରୁ ଜଣେ ସ୍ୱେଚ୍ଛାସେବକ ପଠାଇବୁ । ମୁଁ ଶୀଘ୍ର

ଆଶ୍ରମର କାର୍ଯ୍ୟ ବନ୍ଦ ରଖି ୪।୫ ଜଣ ସେବକ ନେଇ ସେଠାକୁ ଯାଉଅଛି । ମୁଁ ଏହି ସମୟରେ ତୁମ୍ଭମାନଙ୍କର ସାହାଯ୍ୟ ଚାହେଁ । ତୁମେ ତିନିଜଣ, ଫୁଲବେଡ଼ାର ମନୋରଞ୍ଜନ ଓ ଅକ୍ଷୟ, ନ ହେଲେ ରଘୁନାଥପୁରର ସତୀଶ ଦାସ ଏବଂ ନୃପେନ୍ଦ୍ରର ତିନିଭାଇ ମଧ୍ୟରୁ ଜଣେ ଓ ଅନ୍ୟ ଯଦି କେହି ଆସିବାକୁ ଚାହେଁ, ସମସ୍ତଙ୍କୁ ନେଇ ଆସିବ । ଯେଉଁମାନେ ଯାତାୟାତର ବ୍ୟୟ ବହନ କରିବାକୁ ଅକ୍ଷମ, ଆଶ୍ରମରୁ ସେମାନଙ୍କର ବ୍ୟୟ ବହନ କରାଯିବ । ତୁମ୍ଭମାନଙ୍କର କଲେଜ ବନ୍ଦ ହେବାକୁ କେତେ ଦିନ ବାକି ? କଲେଜ ବନ୍ଦ ହେବା ପୂର୍ବରୁ ଚାଲି ଆସିଲେ ବିଶେଷ କିଛି କ୍ଷତି ହେବ କି ? ସମସ୍ତଙ୍କୁ ଜିଜ୍ଞାସା କରି କେତେଜଣ ଆସି ପାରିବ ପତ୍ର ପାଠ କରି ଜଣାଇବ । ଅନ୍ତତଃ ଚାରିଜଣ ଯୁବକ ପାଇଲେ ମୁଁ ଯଥେଷ୍ଟ ମନେ କରେ । ଏ କଥା ତୁମ୍ଭମାନଙ୍କ ବ୍ୟତୀତ ଯେପରି ବାହାରର କୌଣସି ଲୋକ ଜାଣି ନ ପାରେ । ମୁଁ ତୁମ୍ଭମାନଙ୍କର ମନୋମତ ଉତ୍ତର ପାଇବା ଆଶାରେ ପଥ ଚାହିଁ ବସି ରହିଲି ।

ମୁଁ ସୁବିଧାନୁରୂପ ମଝିରେ ମଝିରେ ବଙ୍ଗଳାକୁ ଯିବି । ତୁମ୍ଭେମାନେ ମଧ୍ୟ ସୁବିଧାନୁସାରେ ଅଭିଭାବକଙ୍କ ଇଚ୍ଛାନୁସାରେ ଏଠାକୁ ଆସି ଦେଖି ଯିବ । ମୋତେ ଭୁଲିବ ନାହିଁ । ମୁଁ ଏବେ ଭଗବାନଙ୍କୁ ଭୁଲି ତୁମ୍ଭମାନଙ୍କ ଚିନ୍ତାରେ ହୃଦୟ ସଜାଇ ରଖିଛି । ଗୋଟିଏ ମୁହୂର୍ତ୍ତ ମଧ୍ୟ ତୁମ୍ଭମାନଙ୍କୁ ଭୁଲି ପାରୁ ନାହିଁ । ଅତ୍ର ମଙ୍ଗଳ । ସମସ୍ତ ଶିଷ୍ୟଙ୍କୁ ମୋର ଆଶୀର୍ବାଦ ଜଣାଇବ । ହାୟ ! ମୋର ଅଭାବରେ ମୋର ନୃ— କେଜାଣି କେତେ ମର୍ମପୀଡ଼ିତ ହୋଇଅଛି । ସମୟେ ସମୟେ ପତ୍ର ଲେଖିବ । ଇତି—

ଶୁଭାନୁଧାୟୀ—

ତୁମ୍ଭମାନଙ୍କ ଠାକୁର

(୪୩)

ଶାନ୍ତି ଆଶ୍ରମ
୩।୫।୧୭ ବାଂ

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ତୁମର ପତ୍ରପାଇ ଅବଗତ ହେଲି । * * * ତୁମ୍ଭେମାନେ ମତେ ଗୁରୁତ୍ୱରେ ବରଣ କରିଅଛ । ତୁମ୍ଭମାନଙ୍କ ଉପରେ ମୋର ସ୍ନେହ ଅତୁଟ ଭାବରେ ଚିରକାଳ ରହିବ ସନ୍ଦେହ ନାହିଁ । ଗୁରୁବାକ୍ୟରେ ବିଶ୍ୱାସ କରି ତାଙ୍କ ଉପରେ ସବୁ ଭାର ଦେଇ ନିଶ୍ଚିନ୍ତରେ ସଂସାରରେ ଦିନ ଯାପନ କର । ଶୋକ-ଦୁଃଖ, ଲାଭାଲାଭ ସବୁ ଭଗବାନଙ୍କୁ ଅର୍ପଣ କରି, ଆତ୍ମକର୍ତ୍ତୃତ୍ୱ ତ୍ୟାଗ କରି ଧୈର୍ଯ୍ୟର ସହିତ ଜୀବନଯାପନ କର, ବିପଦରେ-ସମ୍ପଦରେ ସମଭାବରେ ତାଙ୍କର ଚରଣ ଭରସା କରି ରହିବ । ବାସନା-କାମନାର ଦାସ ହୋଇ ପ୍ରଧାନ ଦାବୀ ନଷ୍ଟ କର ନାହିଁ । "କେତେଦିନ ପାଇଁ ସଂସାର ? କିଏ କାହାର ?" ଏହି ଅମୂଲ୍ୟ ବାକ୍ୟ କେବେହେଲେ ଭୁଲିବ ନାହିଁ । ଶୋକ-ମୋହରେ ଅଭିଭୂତ ହୋଇ ଚରମ ପଦରୁ ଭ୍ରଷ୍ଟ ହୁଅ ନାହିଁ । ମାୟିକ ଆନନ୍ଦରେ ମତ୍ତ ହୋଇ ନରକର ନ୍ୟକ୍କାରଜନକ ରଥରେ ଉଠ ନାହିଁ । ସ୍ୱୀୟ ଦୁର୍ବଳତା ପାଇଁ ଅକପଟ ଚିତ୍ତରେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବ । ତାଙ୍କ କୃପାରୁ ସଂସାର-ମୋହ ଚୂର୍ଣ୍ଣ-ବିଚୂର୍ଣ୍ଣ ହୋଇଯିବ, ଜ୍ଞାନର ଦିବ୍ୟାଲୋକରେ ପ୍ରାଣ ଶାନ୍ତ ହେବ ।

ଶ୍ରୀଯୁକ୍ତ ଚ— ବାବୁଙ୍କୁ ମୋର ଆଶୀର୍ବାଦ ଦେବ । ମୁଁ ପ୍ରାର୍ଥନାକରୁଛି, ତାଙ୍କର ସ୍ୱର୍ଗୀୟା ମାତାଙ୍କର ଆତ୍ମା ଶାନ୍ତି ଲାଭ କରନ୍ତୁ ।

* * * ଆଶ୍ରମର ସମସ୍ତେ ସୁସ୍ଥ ଓ ସ୍ୱଚ୍ଛନ୍ଦରେ ଅଛନ୍ତି । ତୁମ୍ଭମାନଙ୍କର ମଙ୍ଗଳ ଚାହେଁ ।

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୪୪)

୨୭, ଡ଼େଷ୍ଟିଲାରୀ ରୋଡ଼

ଫରିଦାବାଦ, ଢାକା

୨୮।୧।୧୧

ପରମ କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ଏଇ ମାତ୍ର ତୁମର ପତ୍ର ଖଣ୍ଡିକ ପାଇଲି । * * * ବସ୍ତ ! ଗୋଟିଏ ଘଟଣାଚକ୍ର ଉପସ୍ଥିତ କରି ଗୁରୁ ମତେ ଶିଷ୍ୟମାନଙ୍କ ହୃଦୟ-ଦ୍ୱାର ଉଦ୍‌ଘାଟିତ କରି ଦେଖାଇଛନ୍ତି । ମୁଁ ବୁଝିଛି କେହି ମୋର ନୁହେଁ, ମୁଁ କାହାର ନୁହେଁ । ବୃଥା ସଂସାରରେ ଶାନ୍ତି ହରାଇ ଖଟି ମରିବି କାହିଁକି ? ମୁଁ ଜାଣିଥିଲି ସଂସାରରେ ମାୟିକ ସମ୍ବନ୍ଧ କେବଳ ସ୍ୱାର୍ଥମୟ, ଏବେ ଦେଖିଲି ଗୁରୁ ଶିଷ୍ୟର ଆଧ୍ୟାତ୍ମିକ ସମ୍ବନ୍ଧ ମଧ୍ୟ ସେହି ଛାୟା ମାତ୍ର । ତେବେ ସନ୍ନ୍ୟାସୀ ହୋଇ ସଂସାରର ମାୟାରେ ଘୁରି ମରିବି କାହିଁକି ? ହୁଏତ ମୋ ପାଇଁ ତୁମ୍ଭେମାନେ କେତେ ନିନ୍ଦା କୁତ୍ସା ଶୁଣିଅଛ । ମୁଁ ଶୀଘ୍ର ଚିରଜୀବନ ପାଇଁ ତୁମ୍ଭମାନଙ୍କର ଚକ୍ଷୁର ଅନ୍ତରାଳକୁ ଚାଲିଯିବି । ହାୟ ! ମୋର ମାୟାର ନିଶା ଛୁଟି ଯାଉଛି । ଭଗବାନଙ୍କର ନାମ ଭୁଲି ଆଉ ପର ପାଇଁ ଖଟିବି ନାହିଁ । ପର କେବେ ମୋର ହେବେ ନାହିଁ ।

ବିଶେଷତଃ ସେହି ଉତ୍ସାହ, ଉଦ୍ୟମ ଓ ଅଧ୍ୟବସାୟ ନାହିଁ ; ସୁତରାଂ ପୁନରାୟ ସନ୍ୟାସୀ ହେବି ।

ସରସ୍ୱତୀ ପୂଜାଦିନ ସମସ୍ତ ଶିଷ୍ୟଗଣଙ୍କୁ ଉପସ୍ଥିତ ହେବାକୁ ଲେଖିଛି । ସେହି ଦିନ ସେମାନଙ୍କର ମତାମତ ଜାଣି ବିଦାୟ ନେବି । ତୁମ୍ଭେମାନେ ଉପସ୍ଥିତ ରହିଲେ ଭଲ ହୁଅନ୍ତା । ଅଗତ୍ୟା ଯୋ—କୁ ପଠାଇ ଦେବ । ସେ ପୂର୍ବରୁ ଏହି ବସା ଦେଖି ଯାଇଛି । ଆହା ! ଯୋ— ପାଇଁ ସର୍ବଦା ପ୍ରାଣ କାନ୍ଦେ । ସେ ମୋ ନିକଟକୁ ଶାନ୍ତି ପାଇବାକୁ ଆସି କେତେ ଅଶାନ୍ତି ପାଇ ଯାଇଛି ! ଏ ଦୁଃଖ ମୃତ୍ୟୁ ନ ହେଲେ ସମ୍ଭବତଃ ଭୁଲି ପାରିବି ନାହିଁ । ପ୍ରାଣର ଅବ୍ୟକ୍ତ ଯାତନା ଭାଷାରେ ବ୍ୟକ୍ତ କରି ତୁମ୍ଭମାନଙ୍କୁ କଷ୍ଟ ଦେବାକୁ ଚାହୁଁ ନାହଁ । ନିଜକୁ ଛାଡ଼ି ପରକୁ ଭଲପାଇବାର ପରିଣାମ କ'ଣ ଏତେ ଶୋଚନୀୟ !

ହାୟ ! ମୋର ନିଃଶ୍ୱାର୍ଥ ହୃଦୟଭରା ପ୍ରେମ କେହି ନେଲେ ନାହିଁ । ମୁଁ ଯାଚି ଗୁଞ୍ଜି ଲୋକଙ୍କୁ ଦେଉଥିଲି, ତେଣୁ କ'ଣ ଏତେ ଘୃଣା, ଏତେ ଅନାଦର କଲେ ? କରନ୍ତୁ,—କିନ୍ତୁ ସେହି ପ୍ରେମର ଠାକୁର ତ ଅଗ୍ରାହ୍ୟ କରିପାରିବେ ନାହିଁ । ବୋଧହୁଏ ଏହି ଜୀବନରେ ଜଗତର ଆଉ କାହାରିକୁ ମଧ୍ୟ ବିଶ୍ୱାସ କରି ପାରିବି ନାହିଁ ।

* * * ଆମେ ଶାରୀରିକ ଭଲ ଅଛୁ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ ମୁଁ ପ୍ରାର୍ଥନା କରୁଛି ତୁମ୍ଭେମାନେ ଦିନକୁଦିନ ଆଧ୍ୟାତ୍ମିକ ଉନ୍ନତିର ଉଚ୍ଚ ସୋପାନକୁ ଅଧିରୋହଣ କରି ପରାଶାନ୍ତିର ଅଧିକାରୀ ହୁଅ । ଇତି—

ଶୁଭାନୁଧ୍ୟାୟୀ—

ତୁମ୍ଭମାନଙ୍କ ଠାକୁର

(୪୫)

ପୋ: ଫରିଦାବାଦ
୨୭, ଡ଼ିଷ୍ଟିଲାରୀ ରୋଡ୍
ଢାକା
୫।୧୧।୧୭

ପରମ ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଗତକାଲି ତୁମ୍ଭମାନଙ୍କର ପତ୍ର ପାଇ ବିସ୍ତାରିତ ଅବଗତ ହୋଇଅଛି । ପତ୍ରଖଣ୍ଡିକ ନିରୁତ୍ସାହିତ ଏବଂ ଅବସାଦଗ୍ରସ୍ତ ଭାବେ ତୁମର ଚିତ୍ତର ପରିଚୟ ଦେଉଛି । କୌଣସି କାରଣରୁ ଭୀତ ବା ନିରୁତ୍ସାହିତ ହୁଅ ନାହିଁ । ସାଧନାର ପ୍ରଥମାବସ୍ଥାରେ ଅନେକ ସମୟରେ ଏପରି ଭାବର ଉଦୟ ହୋଇଥାଏ । ସେଥିରେ ନିରାଶ ହେଲେ ଚଳିବ କିପରି ? ଉତ୍ସାହ, ଧୈର୍ଯ୍ୟ, ନିଶ୍ଚିନ୍ତବିଶ୍ୱାସ ସାଧନ ପଥର ଏକମାତ୍ର ଅବଲମ୍ବନ ; ତାହା ପରିତ୍ୟାଗ କଲେ ଅଗ୍ରସର ହେବ କିପରି ?

ବତ୍ସ ! ତୁମେ ଏଥର ଭଗବାନଙ୍କର ଅଗ୍ନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛ ; ତୁମର ଚିନ୍ତା କ'ଣ ? ତୁମେ ଲାଞ୍ଛିତ ଓ ପୀଡ଼ିତ ହୋଇ ମଧ୍ୟ ଯେପରି ଗୁରୁଭକ୍ତି ଏବଂ ଧୀରତା ନମ୍ରତା ପ୍ରଭୃତି ଗୁଣର ପରିଚୟ ଦେଇଛ ତାହା ଜଗତରେ ଅତୁଳନୀୟ । ପ୍ରିୟ ଯୋ—, ତୁମେ ଯେ ଚିରଜୀବନ ପାଇଁ ମତେ କିଣି ନେଇଛ । ମୁଁ ଯେ ତୁମ ନିକଟରେ ବିକ୍ରୀତ ! ତୁମର ଅଧ୍ୟାତ୍ମଜୀବନର ଭାର ମୁଁ ସ୍ୱେଚ୍ଛାରେ ଗ୍ରହଣ କରିଅଛି । ଯଦି ବିନ୍ଦୁମାତ୍ର ମଧ୍ୟ ତୁମର ମୋ ଉପରେ ବିଶ୍ୱାସ ଥାଏ ତେବେ ତୁମର ଚିନ୍ତା କ'ଣ ? ତୁମେ ଅଧ୍ୟାତ୍ମିକ କୌଣସି କାମଦାମ ନ କରି ହସି ଖେଳି

ବୁଲିଲେ ମଧ୍ୟ ମୁଁ ନିୟତ ତୁମର ମଙ୍ଗଳ କାମନା କରିବି ଏବଂ ତୁମେ ମଧ୍ୟ ମୋ ସମାନ ଗତି ଲାଭ କରିବ । ବତ୍ସ ! ମୁଁ ଯେ ତୁମ ସଙ୍ଗେ ନରକକୁ ଯିବାକୁ ମଧ୍ୟ କୃତସଂକଳ୍ପ । ଭୟ କ'ଣ ବତ୍ସ ! ସମୟରେ ସବୁ ପାଇବ । ହସି ଗାଇ ତାଙ୍କର ନାମ କରୁଥାଅ । ସଂସାରରେ ରହିଲେ ଟିକିଏ କାର୍ଯ୍ୟକର୍ମର ଅନୁଷ୍ଠାନ ରଖିବା ଆବଶ୍ୟକ । ତେଣୁ ଯେଉଁ କେତେଦିନ ମୋ ପାଖ ଛାଡ଼ି ରହିବ ସେତେଦିନ କୌଣସି କାର୍ଯ୍ୟର ଅଭ୍ୟାସ ରଖିବ । ତୁମେ ଓ ରା— ଏକତ୍ର ପ୍ରେମର ସଂସାର ସ୍ଥାପନ କର । ଯେପରି ମନେଥାଏ—ପ୍ରତ୍ୟେକ କାର୍ଯ୍ୟ ଠାକୁରଙ୍କ ପାଇଁ ଅନୁଷ୍ଠିତ ହେଉଛି, ଘର-ଦୁଆର ଇତ୍ୟାଦି ସବୁ ଠାକୁରଙ୍କ, ସଂସାର ଠାକୁରଙ୍କର ; ତୁମ୍ଭେମାନେ ସେବକ ମାତ୍ର । ତୁମ୍ଭମାନଙ୍କ ପ୍ରତ୍ୟେକ ନିଃଶ୍ୱାସ ଯେପରି ଠାକୁରଙ୍କ ଉଦ୍ଦେଶ୍ୟରେ ବହିର୍ଗତ ହୁଏ । କୌଣସି ଚିନ୍ତା ନାହିଁ, ମାୟାକୁ ଦୂର କରି ତାର ସ୍ଥାନରେ ପ୍ରେମକୁ ପ୍ରତିଷ୍ଠା କର । ଠାକୁରଙ୍କ ସଂସାରରେ ମାୟାର ପ୍ରବେଶାଧିକାର ନିଷେଧ । ବତ୍ସ ! କିଏ ତୁମ୍ଭମାନଙ୍କୁ ଆଉ ବାନ୍ଧି ରଖିବ ? କେବଳ ଚାହେଁ ଧୈର୍ଯ୍ୟ, ଆଉ ପ୍ରାଣଭରା ବିଶ୍ୱାସ । ଆଶୀର୍ବାଦ କରୁଛି ତୁମ୍ଭେମାନେ ଅଚିରେ ତାହା ଲାଭ କର ।

ଅତ୍ର ମଙ୍ଗଳ । ମୁଁ ଶିବରାତ୍ରି ସମୟରେ ଆଶ୍ରମରେ ରହିବି ।

ତୁମ୍ଭମାନଙ୍କର—

ଠାକୁର

(୪୬)

ଢାକା
୧୨।୧।୧୮

ସ୍ନେହର ସୁ—,

ତୁମର ପ୍ରେମପୂର୍ଣ୍ଣ ପତ୍ରଟି ପଢ଼ି ପ୍ରାଣ ପ୍ରେମରେ ଆପ୍ଲୁତ ହେଲା । ବତ୍ସେ ! ତୁମ୍ଭମାନଙ୍କୁ ମୁଁ କେଉଁ ଦୃଷ୍ଟିରେ ଦେଖୁଅଛି ଜାଣେନା । ମରୁଭୂମିସମ ସନ୍ନ୍ୟାସୀର ହୃଦୟ ମଧ ତୁମ୍ଭମାନଙ୍କ ଭଲପାଇବାରେ ଦ୍ରବ ହୋଇ ଯାଉଛି । ମୁଁ ମାୟା ପରିଶୂନ୍ୟ ସନ୍ନ୍ୟାସୀ ହୋଇ ମଧ ପୁନରାୟ ତୁମ୍ଭମାନଙ୍କ କୋମଳ-କଠୋର-ବନ୍ଧନରେ ଦିନକୁଦିନ ଜଡ଼ିତ ହୋଇ ଯାଉଛି । ଇଚ୍ଛା କରି ମଧ ସେହି ବନ୍ଧନକୁ ଢିଲା କରି ପାରୁ ନାହିଁ । କିପରି ମୋହ ସୁଖରେ ପଡ଼ି ରହିଅଛି । ସବୁ ଭୁଲି ନିୟତ ତୁମ୍ଭମାନଙ୍କ ଚିନ୍ତାରେ ମୁଗ୍ଧ ଅଛି । ଯେଉଁ ହୃଦୟରେ ଭଗବାନ୍ ଏକାଧିପତ୍ୟ କରୁଥିଲେ, ସେଠାରେ ତୁମ୍ଭେମାନେ ହିଁ କ୍ରମଶଃ ଫୁଟିଉଠୁଅଛ ।

ବାଳିକେ ! ଏହି ହୃଦୟରୁ ସ୍ନେହ-ଦୟା-ମାୟାର ପରିବର୍ତ୍ତେ କେବଳ କଠୋରତା ହିଁ ପାଇବ । ଯେ ନିଜର ପ୍ରିୟଜନଙ୍କୁ ସୁଖୀ କରି ପାରି ନାହିଁ, ତାହା ଦ୍ୱାରା କ'ଣ ଅପର ବ୍ୟକ୍ତି ସୁଖର ଆକାଙ୍‌କ୍ଷା କରି ପାରିବ ? ମୋତେ ବାବା କହି କୌଣସି ଲାଭ ନାହିଁ, କାରଣ ମୁଁ ଶକ୍ତି ଭକ୍ତିହୀନ ନିର୍ଗୁଣ ମାତ୍ର । ତେବେ ଯୋ— କୁ ମା ବୋଲି ସେହି ଅଭାବ ପୂର୍ଣ୍ଣ କର । ମୁଁ କେବଳ ଜଗତର ବିରକ୍ତିର ହିଁ କାରଣ । ଯୋ— କୁ ତୁମର ପତ୍ର ପଢ଼ି ଶୁଣାଇଛି । ସେ ଆଉ କ'ଣ ଉତ୍ତର ଦେବ ? ତୋତେ ସେ ପ୍ରାଣର ସହିତ ଭଲପାଏ । ଚିଠିରେ ଅନେକ କଥା ଲେଖିଛ ବୋଲି ରାଗ କରିଛି । ସେଇଟା ପାଗଳ !

୧୮ ଦିନ ସୋମବାର ଉତ୍ସବ । ତୁମ୍ଭେମାନେ ଆସିବ ଆନନ୍ଦର କଥା । ତେବେ ସେହି ସମୟରେ ଅନେକ ଲୋକଙ୍କର ସମାଗମ ହେବ, ତୁମ୍ଭମାନଙ୍କର ଯେପରି କୌଣସି କଷ୍ଟ ବା ଅଶାନ୍ତି ନ ହୁଏ । ମୁଁ ସେବକଗଣଙ୍କୁ କହିଲି—"ସେମାନେ ଆସି କେଉଁଠି ରହିବେ, ଆସିବାକୁ ବାରଣ କରିବି", ସେମାନେ କହିଲେ—"କାହିଁକି, ବାରଣ୍ଡାରେ ପଡ଼ି ରହିବେ ।" ଏବେ ତୁମ୍ଭମାନଙ୍କର ଯାହା ଇଚ୍ଛା । * * * ରା— ଯେପରି ଅବଶ୍ୟ ଆସେ । କାରଣ ସମସ୍ତେ ଯୁବକ, ସାଂସାରିକ ବିଷୟରେ ଅନଭିଜ୍ଞ । ରା— ଆସିଲେ ଖୁବ୍ ସାହସ ପାଇବି । ଅଧିକ ଲେଖିବାକୁ ସମୟାଭାବ । ଆସିବା ସମୟରେ ବିଛଣାଦି ସଙ୍ଗରେ ଆଣିବ । ଇତି—

ତୁମ୍ଭମାନଙ୍କର—

ଠାକୁର

(୪୭)

ସ୍ନେହର କ୍ଷୀ— ଓ ସୁ—,

ତୁମ୍ଭମାନଙ୍କର ପତ୍ର ଯଥାସମୟରେ ପାଇ ଅବଗତ ଅଛି । ମା ! ମୁଁ କ'ଣ ତୁମ୍ଭମାନଙ୍କୁ ଭୁଲି ପାରିବି ? ତୁମ୍ଭମାନେ ଯେ ମୋର ମାନସ ରାଜ୍ୟର ଖେଳଣା—ମୋର ଲୀଳା ସହଚାରିଣୀ ; ତୁମ୍ଭମାନଙ୍କୁ କ'ଣ ଭୁଲି ପାରିବି ? ନିୟତ ତୁମ୍ଭମାନଙ୍କ କଥା ଭାବେ । ତେବେ ବେଶି ପତ୍ରାଦି ଲେଖିବା ମୋର ସ୍ୱଭାବବିରୁଦ୍ଧ । ତେଣୁ ଯଥା ସମୟରେ ଉତ୍ତର ଦେଇ ପାରେ ନାହିଁ । ସେଥିପାଇଁ କ୍ଷୋଭ ବା ଅଭିମାନ କର ନାହିଁ । ଭାବିଲ ଦେଖି ତୁମ୍ଭେମାନେ ସଂସାରରେ କେତେ ବ୍ୟସ୍ତ ଥାଅ, ଆଉ ମୁଁ ବିରାଟ ସଂସାରର ସଂସାରୀ ହୋଇ କିପରି ସମୟାନୁସାରେ କାର୍ଯ୍ୟ କରି

ପାରିବି ? ମୋର ସମ୍ବାଦ ପାଇଲେ ହିଁ ହେଲା, ଯାହା ନିକଟକୁ ଚିଠି ଲେଖେ ନା କାହିଁକି । ତେବେ ତୁମମାନଙ୍କ ମନରେ କୌଣସି ଭାବ ଜାଗ୍ରତ ହେଲେ ପତ୍ର ଦ୍ୱାରା ମତେ ଜଣାଅ । ମୁଁ ପ୍ରୟୋଜନ ବୋଧ କଲେ ଉତ୍ତର ଦେବି । ମୁଁ ଏବେ ଶାରୀରିକ ଭଲ ଅଛି । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ ।

ତୁମମାନଙ୍କର—

ଠାକୁର

(୪୮)

କୋକିଳାମୁଖ

୨୨।୭।୧୯

ପରମକଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ତୁମର ପତ୍ର ପାଇ ବିସ୍ତାରିତ ସମାଚାର ଅବଗତ ହେଲି । ଭଗବାନ୍ ତୁମକୁ ନାନାଦିଗରୁ ବିଷମ ପରୀକ୍ଷାରେ ପକାଇଛନ୍ତି । ଆଶାକରେ ତାଙ୍କର ଅପାର କରୁଣା ବଳରେ ସର୍ବ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ଅନ୍ଧାରରୁ ଆଲୋକକୁ ଆସିବ । ଯିଏ ବିପଦ ଦେଇଛନ୍ତି, ସେ ହିଁ ସମ୍ପଦ ପ୍ରଦାନ କରିବେ । ତାଙ୍କର ମଙ୍ଗଳମୟ ବ୍ୟବସ୍ଥାରେ—ମଙ୍ଗଳମୟ ନାମରେ ଅବିଶ୍ୱାସ କର ନାହିଁ । ବିପଦ ବ୍ୟତୀତ ତାଙ୍କର କରୁଣା ଉପଲବ୍ଧିର ଅବକାଶ କାହିଁ ? ସୁତରାଂ ଧୈର୍ଯ୍ୟର ସହିତ କର୍ତ୍ତବ୍ୟ ପଥରେ ଅଗ୍ରସର ହୁଅ, ଆଉ ପ୍ରାଣେ ପ୍ରାଣେ ତାଙ୍କର ଲୀଳା-ଖେଳା, ପ୍ରେମ-ପ୍ରୀତି, ଦୟା-ମାୟା ଅନୁଭବ କର ।

* * * ଯାହା ହେଉ ଭଗବାନଙ୍କ ଚରଣ ଭରସା କରି କାର୍ଯ୍ୟାରମ୍ଭ କରି ଦିଅ । ନିରାଶ୍ରୟର ସେ ହିଁ ଏକମାତ୍ର ଆଶ୍ରୟ, ନିଃସହାୟର ସେ ହିଁ ସହାୟ ; ସେ ହିଁ ମଙ୍ଗଳ କରିବେ । ଯେତେବେଳେ ଯାହା ହେବ, ପତ୍ର ଦ୍ୱାରା ଜଣାଇବ । ପତ୍ର ଲେଖିବାକୁ ଔଦାସ୍ୟ କରିବ ନାହିଁ । ଖୁବ୍ ଚିନ୍ତାରେ ରହିଲି । ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଭଗବାନ୍ ତୁମ୍ଭମାନଙ୍କର ମଙ୍ଗଳ କରନ୍ତୁ ।

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୪୯)

ଶାନ୍ତି ଆଶ୍ରମ

୨୫।୭।୧୨ ଇଂ

ପରମ ଶୁଭଶୀରାସ୍ତାନ୍ତିଶେଷଃ—

ତୁମର ପତ୍ରଖଣ୍ଡିକ ଯଥାସମୟରେ ପାଇ ଅବଗତ ଅଛି । * * * ତୁମେ ମୋ ନିକଟରୁ ଅଭିଷିକ୍ତ ହୋଇଛ ମାତ୍ର, ଆଉ କୌଣସି ଅଭାବ-ଅଭିଯୋଗ ଅଛି ତାହା ତ ମୁଁ ଗୋଟିଏ ବର୍ଷ ଭିତରେ ବୁଝି ପାରି ନାହିଁ । ନତୁବା ମୋ ନିକଟରେ କେହି ଛୋଟ ବଡ଼ ନୁହେଁ । ମୁଁ ସମସ୍ତଙ୍କୁ ସମାନ ଚକ୍ଷୁରେ ଦେଖି ସମାନ ଭାବରେ ମଙ୍ଗଳ ପ୍ରାର୍ଥନା କରି ଥାଏ । ବସ ! ତେବେ ଭକ୍ତର ଭାବ ସମାନ ନୁହେଁ । ମତେ ଯିଏ ଯେଉଁ ଭାବରେ ମନେ କରି ଯେପରି ବ୍ୟବହାର କରେ, ମୋ ନିକଟରୁ ତଦପେକ୍ଷା ଅଧିକ ଆଶା ନାହିଁ । ଭଗବାନ୍ ଗୀତାରେ କହିଛନ୍ତି :—

''ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।''

ମୁଁ ମଧ୍ୟ ଶିଷ୍ୟ ବା ଭକ୍ତ ସହିତ ଏହିପରି ହିଁ ଆଚରଣ କରିଥାଏ । ତୁମେ ଯେ ମତେ ଏତେ ଭଲପାଅ, ବାସ୍ତବିକ ବୁଝି ପାରିନି । ତୁମର ବାସନା ଅବଶ୍ୟ ପୂର୍ଣ୍ଣ ହେବ । କେବଳ ବ୍ୟାକୁଳ ହୁଅ ଓ ପ୍ରାଣ ଖୋଲି ପ୍ରାର୍ଥନା କର ।

''ଆର୍ଯ୍ୟଦର୍ପଣ'' ପତ୍ରିକାରେ ଏବେ ପ୍ରାୟ ମୋର ହିଁ ସମସ୍ତ ପ୍ରବନ୍ଧ ପ୍ରକାଶିତ ହେଉ ଅଛି । ଯେଉଁ ସବୁ ପ୍ରବନ୍ଧରେ ନାମ ନାହିଁ ତାହା ହିଁ ମୋର ପ୍ରବନ୍ଧ ବୋଲି ବୁଝିବାକୁ ହେବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୦)

ଶାନ୍ତି ଆଶ୍ରମ

୨୫।୭।୧୯ ବାଂ

ପରମଶୁଭାଶୀରାସ୍ତାନ୍ବିଶେଷଃ—

ତୁମର ପତ୍ରଟି ଯଥାସମୟରେ ପାଇ ବିସ୍ତାରିତ ଅବଗତ ଅଛି । ଦେଖ, ସରଳ ଭାବରେ କୌଣସି କଥା ମତେ ଜଣାଅ, ପରେ ନିଜର ଭ୍ରମ ବୁଝି ପାରିଲେ ସେଥିପାଇଁ ଅନୁତପ୍ତ ହୁଅ ନାହିଁ । ଭଲ ମନ୍ଦ କୌଣସି କଥା ଯାହା ମନରେ ଉଠୁ ନା କାହିଁକି, ମୋ ନିକଟରେ କହିବାକୁ କଦାଚ କୁଣ୍ଠିତ ହୁଅ ନାହିଁ । ମତେ ଭୟ କଲେ ଚଳିବ କିପରି ? ତୁମ୍ଭେମାନେ ମୋର ଶିଷ୍ୟ—ଅପତ୍ୟତୁଲ୍ୟ । ସୁତରାଂ ତୁମ୍ଭମାନଙ୍କର ଶତ ଶତ ଅପରାଧ ହୋଇପାରେ, କିନ୍ତୁ ମୁଁ କ'ଣ ସେଥିପାଇଁ ରାଗ କରିପାରେ ? ମୁଁ ସର୍ବଦା ତୁମ୍ଭମାନଙ୍କର ଶତ ଅପରାଧ ଭୁଲି ପ୍ରାଣ ଖୋଲି ଆଶୀର୍ବାଦ

କରିବି । ସୁତରାଂ ଯେତେବେଳେ ଯେଉଁ ଭାବ ଉଦୟ ହେବ ନିର୍ଭୟରେ ସମସ୍ତ କଥା କହିବ ; ନତୁବା ମିମାଂସା ହେବ କିପରି ? ଆଉ ଜଣାଇଲେ ମୁଁ ସମସ୍ତ ସଂଶୟ ମେଣ୍ଟାଇ ଦେବି, କିମ୍ବା ଆପେ ଆପେ ମେଣ୍ଟି ଯିବ ।

ଜୀବ-ଜଗତ୍ ବା ଆତ୍ମା-ପରମାତ୍ମାଙ୍କର ନାମ ରୂପ ନାହିଁ, ତାହା ମନୁଷ୍ୟଙ୍କ ଦ୍ୱାରା ପ୍ରଦତ୍ତ ବା ଯୋଗିଗଣଙ୍କର ଭାବମୟ ହୃଦୟର ସ୍ଫୁରଣ ; ସୁତରାଂ ନାମ ବା ମନ୍ତ୍ରରେ ଛୋଟ ବଡ଼ ନାହିଁ । ଜାଗ୍ରତ କରି ପାରିଲେ ସବୁ ମନ୍ତ୍ରକୁ ଏକ ଶକ୍ତିର ହିଁ ବିକାଶ ହେବ । ନିଜର ଲକ୍ଷ୍ୟ ଠିକ୍ ଥିଲେ ହିଁ ହେଲା ।

ବିବାହ ସମ୍ବନ୍ଧରେ ମୁଁ ଠିକ୍ ଗୋଟିଏ ନିର୍ଦ୍ଦିଷ୍ଟ ଆଦେଶ ଦେଇ ପାରୁ ନାହିଁ ଏବଂ ଦେବା ମଧ୍ୟ କର୍ତ୍ତବ୍ୟ ନୁହେଁ । କାଳ-ସ୍ଥାନ-ଅବସ୍ଥା ବିବେଚନା କରି କାର୍ଯ୍ୟ କରିବ । ଜଗତରେ ଯେଉଁମାନେ ସାଧୁ ବା ସନ୍ନ୍ୟାସୀ ହୋଇ ଥିଲେ, ସ୍ତ୍ରୀ-ପୁତ୍ର ବା ବିଷୟ-ବିଭବ ସେମାନଙ୍କୁ ବାନ୍ଧି ପାରି ନାହିଁ । ତେବ ବିବାହ କଲେ ବାହାରର କାର୍ଯ୍ୟ କରାଯାଇ ପାରେ ନାହିଁ, କିନ୍ତୁ ନିଜେ ଠିକ୍ ରହିଲେ ନିଜ ଧର୍ମଲାଭରେ କୌଣସି ବ୍ୟାଘାତ ହୁଏ ନାହିଁ । ବରଂ ତୁମେ ବିବାହ କରି ଯଦି ଜଣେ ଆଦର୍ଶ-ଗୃହସ୍ଥ ହୋଇପାର ତେବେ ଜଗତର ବହୁ ଉପକାର ହେବ । ବକ୍ତୃତା ଅପେକ୍ଷା କାର୍ଯ୍ୟରେ ଦେଖାଇ ପାରିଲେ ଜଗତର ସ୍ଥାୟୀ ଉପକାର ହୁଏ । ସେହି ଆଦର୍ଶ ଅନ୍ତତଃ ଦଶଜଣଙ୍କ ଭିତରେ ପ୍ରବେଶ ନ କରି ରହି ପାରେନା । ଆଉ ବର୍ତ୍ତମାନ ସମାଜରେ "ଆର୍ଦଶ-ଗୃହସ୍ଥ"ଙ୍କର ବିଶେଷ ପ୍ରୟୋଜନ ହୋଇପଡ଼ିଛି । ମୋର ଆଶା ଅଛି—ତୁମ୍ଭେମାନେ ମୋର ଉପଦେଶ ଅନୁସାରେ ଚଳିଲେ ଆଦର୍ଶ-ଗୃହସ୍ଥ ହୋଇ ପାରିବ । ତେବେ ସଂସାର କରିବାକୁ ଗଲେ ହୃଦୟ ବଜ୍ର ଅପେକ୍ଷା କଠିନ ପୁଣି କୁସୁମ ଅପେକ୍ଷା ମଧ୍ୟ

କୋମଳ କରିବାକୁ ପଡ଼ିବ । ଶୋକ, ଦୁଃଖ, ଅଶାନ୍ତି, ଉଦ୍‌ବେଗ ସଙ୍ଗେ ପ୍ରତିନିୟତ ଯୁଦ୍ଧ କରିବାକୁ ପଡ଼ିବ । ସେ ଯୁଦ୍ଧରେ ପଛଘୁଞ୍ଚା ଦେଇ ସଂସାରରେ ମିଶିଗଲେ ଜୀବର ଆଉ ଉପାୟ ନାହିଁ । ମୁଁ ଅନୁକୂଳ ଓ ପ୍ରତିକୂଳ ଉଭୟ ଅବସ୍ଥା ଜଣେଇ ଦେଲି । ଏବେ ତୁମେ ଅବସ୍ଥାନୁସାରେ ଯେ କୌଣସି ପଥ ଅବଲମ୍ବନ କରି ପାର । ଅତ୍ର ଆଶ୍ରମର ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଠାକୁର

(୫୧)

ଶ୍ରୀଗୌରାଙ୍ଗ ଅନାଥ ନିକେତନ

କୋକିଳାମୁଖ

୨୨।୧୧।୧୨ ଇଂ

ପ୍ରିୟ ସ—,

ତୁମର ପତ୍ର ପଢ଼ିଲି । କ୍ଷଣକାଳ ପାଇଁ ବାଲ୍ୟସ୍ମୃତିର ପର୍ଦାଗୁଡ଼ିକ ବାଜି ଉଠିଲା, ଆନନ୍ଦ ନିରାନନ୍ଦ ଯୁଗପତ୍ ଯୁଗଳ ମୂର୍ତ୍ତିରେ ଆବିର୍ଭୂତ ହେଲା । କିନ୍ତୁ ତୁମର ପତ୍ରର ସୁର କାନକୁ ଖୁବ୍ ବେସୁରା ବାଜିଲା । ଲେଖାର ସଙ୍କୋଚ ଓ ଭାବର ସଂକୀର୍ଣ୍ଣତା ହିଁ ତାହାର କାରଣ । ହାଁରେ ! ମୁଁ କ'ଣ ହୋଇଛି ? ସତ୍ୟ ଅବଶ୍ୟ, କେତେ ଗୁଡ଼ିଏ ବୁଲ୍‌ଦାଢ଼ୀ ଗଜେଇଛି, ଦେହଟା ପୂର୍ବାପେକ୍ଷା ଚତୁର୍ଗୁଣ ମୋଟା ହୋଇ ଯାଇଛି ; ତା ଛଡ଼ା ମୁଁ ତ ସେହି 'ନଳିନୀ' ହିଁ ଅଛି । ତୁମେ ବୋଧହୁଏ ସଂସାରରେ ଖୁବ୍ ମୁରବୀ ହୋଇ ଯାଇଛ, ତେଣୁ ମତେ ଉର୍ଦ୍ଧ୍ୱକୁ ଠେଲି ଫୋପାଡ଼ି

ଦେବାକୁ ଚାହଁ । ମୁଁ ତ ଭାଇ, ପୂର୍ବାପେକ୍ଷା ଆହୁରି ଯେପରି ଅପକ୍ୱ ହୋଇ ଯାଇଛି । ବାଚାଳତା, ଚଞ୍ଚଳତା ଯେପରି ବୃଦ୍ଧି ପାଇଛି ।

ଭାଇ, ଏ ସଂସାରରେ ସାଧୁ-ଅସାଧୁ, ଗୃହୀ-ସନ୍ନ୍ୟାସୀ, ଧନୀ-ଦରିଦ୍ର, ବ୍ରାହ୍ମଣ-ଚଣ୍ଡାଳ ସମସ୍ତେ ହିଁ ଗୋଟିଏ ପଥର ଯାତ୍ରୀ । ତେବେ ଅବସ୍ଥାଭେଦରେ କେହି ବା ଅଧିକ କେହି ବା ଅଳ୍ପ ଦୂରରେ । ଦିନେ ସମସ୍ତେ ସେହି ମହାନ୍ ପ୍ରେମ-ସମୁଦ୍ରରେ ପଡ଼ି ଏକ ହୋଇଯିବେ । ତେବେ ଯେଉଁମାନେ ଏହି ଲକ୍ଷ୍ୟକୁ ଭୁଲି ଯାଇଛନ୍ତି, ସେମାନେ ଜଳାବର୍ତ୍ତରେ ପଡ଼ି ଆପାତତଃ ଗତି ସ୍ଥଗିତ ରଖିଛନ୍ତି ସତ, କିନ୍ତୁ ସମୟରେ ଆପଣାଛାଏଁ ପୁଣି ଛୁଟିବେ । ସୁତରାଂ ଭଲ-ମନ୍ଦ, ନିନ୍ଦା-ପ୍ରଶଂସାରେ କ'ଣ ଅଛି ? ଆଜି ଯାହା ଗୋଟିଏ କୁତ୍ସିତ ଆଧାର ବୋଲି ନାକ ଟେକୁଛ, କାଲି ହୁଏତ ତା'ଭିତରେ ଶଙ୍କର ବା ଗୌରାଙ୍ଗଙ୍କର ବିକାଶ ଦେଖି ଭକ୍ତିଭରେ ଶିର ଅବନତ କରିବ । ସୁତରାଂ ଏହି ଜଗତରେ ସମସ୍ତେ ସମାନ । ତେଣୁ ଋଷିଗଣ ସର୍ବତ୍ର ସମଦର୍ଶୀ ହେବାକୁ ଉପଦେଶ ଦେଇଛନ୍ତି । ଭାଇ, ମୁଁ ବି ଯେ ଗୃହୀ । ତୁମେ କେତେଜଣଙ୍କର ଚିନ୍ତା କର, କେତେଜଣଙ୍କର ଅନ୍ନ ଜୁଟାଇ ଦିଅ, କେତେ ସମୟ କାର୍ଯ୍ୟ କର ? ମୋର କାର୍ଯ୍ୟର ଯେ ସୀମା ସଂଖ୍ୟା ନାହିଁ । ମୋର ମନେ ହୁଏ, ମୁଁ ଯଦି ଏକା ଦଶଟା ହୋଇଥାନ୍ତି, ତାହା ହେଲେ ପ୍ରାଣଭରି ଦଶଜଣଙ୍କର ସେବା କରିଥାନ୍ତି । ଭାଇ, ମୁଁ ସମ୍ମାନ ପୂଜା ଚାହେଁ ନାହିଁ, ମୁଁ ଅଧମ-ପତିତ ଦୀନ-ଜନଙ୍କର ଦାସ ହେବାପାଇଁ ବାସନା ରଖେ । କିନ୍ତୁ ପାରୁଛି କେଉଁଠି ; 'ଅହଂ' ନିଜ ପ୍ରତିଷ୍ଠା କରିବାକୁ ଛାଡୁଛି କେଉଁଠି ? ଭାଇ, ମୁଁ ଯେ ତୁମ୍ଭମାନଙ୍କର ସେହି ଭଲପାଇବାକୁ ସମ୍ବଳ କରି ଜଗତକୁ ଭଲପାଇବାକୁ ଅଭ୍ୟାସ କରୁଅଛି ।

ତୁମେ ଦୁଇଟି ଝିଅ ଓ ସ୍ତ୍ରୀକୁ ନେଇ ବିବ୍ରତ ହୋଇ ପଡ଼ିଛ ? କାରଣ ହେଉଛି ଯେ, କିପରି ସଂସାର କରିବାକୁ ପଡ଼େ ତାହାର ଶିକ୍ଷା ପାଇ ନାହଁ । ସମାଜ ବହୁଦିନରୁ ସେହି ଶିକ୍ଷା ଭୁଲି ଯାଇଛି । "ମୁଁ" "ମୋର" ଶିକ୍ଷା ଜୀବର ମଜ୍ଜାଗତ ହୋଇ ଯାଇଛି । ସାଧୁ ଓ ଗୃହୀଙ୍କର ଗୋଟିଏ ହିଁ କାର୍ଯ୍ୟ, ଉଭୟେ ପରର ସେବାରେ ଜୀବନ ଉତ୍ସର୍ଗ କରିଅଛି । ଦେଖ, ଗୃହୀ—ସ୍ତ୍ରୀ-ପୁତ୍ର ଘର-ଦ୍ୱାର ଅନିତ୍ୟ, ଅସାର, ପରର ଜାଣି ମଧ୍ୟ ସେମାନଙ୍କର ତୃପ୍ତିହେତୁ ନିଜର ନରକ-ପଥ ପ୍ରଶସ୍ତ କରିବାକୁ କୁଣ୍ଠିତ ନୁହେଁ । ଧନ୍ୟ ସେମାନେ, ଯେଉଁମାନେ ନିଜକୁ ଭୁଲି ପରର ସେବା କରିଥାନ୍ତି । ତେବେ ମୋହାନ୍ଧଗଣ ଏହି ତତ୍ତ୍ୱ ଭୁଲି "ମୋର" ଜ୍ଞାନରେ ମହାକଷ୍ଟରେ ନିପତିତ ; ଅଶାନ୍ତି ଉଦ୍‌ବେଗରେ କ୍ଷିପ୍ତପ୍ରାୟ । ଯଦି ସେ ଜାଣନ୍ତା, ଘର-ଦ୍ୱାର, ସ୍ତ୍ରୀ-ପୁତ୍ର ମୋର ନୁହେଁ—ଭଗବାନଙ୍କର, ସେ ଇଚ୍ଛା କଲେ ମୁହୂର୍ତ୍ତକ ମଧ୍ୟରେ ସବୁ କାଢ଼ି ନେଇ ପାରନ୍ତି, ମୁଁ ସ୍ତ୍ରୀ-ପୁତ୍ରଙ୍କର ଦାସ ମାତ୍ର, କାରଣ ମୁଁ ଭଗବାନଙ୍କର ଦାସ, ସୁତରାଂ ଧର୍ମ ପଥରେ ରହି ସେମାନଙ୍କର ଭରଣ ପୋଷଣ କରିବାକୁ ବାଧ ; ସେଥିରେ କିନ୍ତୁ କୌଣସି ବାସନା କାମନା ନାହିଁ । ଭାଇ, କାର୍ଯ୍ୟର କୌଣସି ଦୋଷ ନାହିଁ, କେବଳ ଜ୍ଞାନାଜ୍ଞାନ ଭେଦ ଫଳରେ ତାରତମ୍ୟ ହୁଏ ମାତ୍ର । ଆଜି ମଧ୍ୟ ଏପରି କେତେ ଗୃହୀ ଅଛନ୍ତି, ଯେଉଁମାନଙ୍କ ନିକଟରେ ଅନେକ ପ୍ରକୃତ ସନ୍ନ୍ୟାସୀ ଠିଆ ହେବାକୁ ଲଜ୍ଜା ବୋଧ କରିବେ । ଅତଏବ ଭାଇ, ଦୁର୍ବଳତା ପରିତ୍ୟାଗ କରି ଉଠି ଠିଆ ହୁଅ । ତୁମେ ବ୍ରହ୍ମସ୍ୱରୂପ—ବ୍ରହ୍ମମୟୀଙ୍କ ସନ୍ତାନ, ଆନନ୍ଦ-ସ୍ୱରୂପତ୍ୱ ତୁମର ସ୍ୱଭାବ ; ତୁମର ଦୁଃଖ-କଷ୍ଟ ହେବ କାହିଁକି ? ତାହା ହିଁ ତ ଭୁଲ ! ତୁମେ ଯେ ନିଜେ ହିଁ ଆନନ୍ଦର ଉତ୍ସ !! ଆତ୍ମାର

ବିକାଶ କର, ଜାଣି ପାରିବ ଜଗତର ସମସ୍ତ ଆନନ୍ଦ ସେହି ଉତ୍ସରୁ ଉତ୍ସାରିତ । ଜଗତର ସମସ୍ତ ସୁଖ ସେତେବେଳେ ହେୟ ହୋଇଯିବ, ଇନ୍ଦ୍ରତ୍ୱ ତୁମ ନିକଟରେ ତୁଚ୍ଛ ହେବ, ବାସନା କାମନା ନିବୃତ୍ତ ହେବ । ସେହି ଆନନ୍ଦମୟଙ୍କ ପ୍ରେମରେ ବୁଡ଼ିଯାଅ । ତାଙ୍କ ଗୁଣଗାନରେ ମତ୍ତ ହୋଇ ନାଚି ନାଚି ସ୍ତ୍ରୀ-ପୁତ୍ରଙ୍କର ସେବା କର, ଦେଶର ସେବା କର, ସମାଜର ସେବା କର । ଦୁଃଖୀ-ପାପୀ-ତାପୀକୁ ବୁକୁରେ ଜଡ଼େଇ ଧର । ମୋର ବୋଲି ସ୍ତ୍ରୀ-ପୁତ୍ରଙ୍କର ସେବା ନ କରି ଭଗବାନଙ୍କର ଜଗତ-ସେବାରେ ଦେହ ମନ ଉତ୍ସର୍ଗ କର । ସ୍ତ୍ରୀ-ପୁତ୍ର କ'ଣ ଜଗତଛଡ଼ା ? ମୁଁ ମଧ୍ୟ ଜଗତର ଜଣେ ସେବକ ମାତ୍ର ।

ଭାଇ, ମୁଁ ଯେତେ ବଡ଼ ହୁଏ ନା କାହିଁକି, ରାଜା ମହାରାଜା, ମାଜିଷ୍ଟ୍ରେଟ କମିଶନର ମୋର ମୋତେ ଯେତେ ଯତ୍ନ କରନ୍ତୁ ନା କାହିଁକି, ଶିକ୍ଷିତ ସମାଜ ମତେ ମୁଣ୍ଡରେ ମୁଣ୍ଡେଇ ରଖନ୍ତୁନା କାହିଁକି, ମୁଁ ତୁମ୍ଭମାନଙ୍କ ନିକଟରେ ସେହି "ନଳିନୀ" ହିଁ ଅଛି ଏବଂ ସେହିପରି ବ୍ୟବହାର ଆଶା ରଖେ । ତେବେ ଚିଠିପତ୍ର ଲେଖିବାକୁ ନାରାଜ । ସୁତରାଂ କାହାକୁ ମଧ୍ୟ ମୋ କଥା କୁହ ନାହିଁ । ମୁଁ କାହାକୁ ବି ଭୁଲି ନାହିଁ, ସମସ୍ତଙ୍କର ଭଲପାଇବାର ଦାବୀ ରଖିଛି । କିନ୍ତୁ ଚିଠିପତ୍ର ଲେଖି ସେହି ପରିଚୟ ପ୍ରସ୍ଫୁଟ କରିବାକୁ ଚାହୁଁ ନାହିଁ । ମୋତେ କ୍ଷମା କରିବାକୁ ସମସ୍ତଙ୍କୁ କହିବ । ତେବେ ମୁଁ ଥରେ ତୁମ୍ଭମାନଙ୍କ ଦେଶକୁ ଯିବି, ଶ୍ରୀଗୁରୁଙ୍କର ଆଦେଶ ଅଛି । କିନ୍ତୁ ମୁଁ ଏତେ ଗୁରୁଭାରରେ ଅସ୍ଥିର ଯେ ଅବକାଶ ପାଉ ନାହିଁ । ତେବେ ଆଶା ଅଛି ଭଗବାନ୍ ଦିନେ ଅବକାଶ ଦେବେ । ମୋର ସମ୍ବାଦ ମଝିରେ ମଝିରେ "ବେଙ୍ଗଲୀ" "ବଙ୍ଗବାସୀ"ରେ ବାହାରି ଥାଏ । ତଦ୍ବ୍ୟତୀତ କାଥୁଲୀରେ ମୋର ଗୋଟିଏ ଭକ୍ତ ଅଛି, ସେ ତୁମ ଛାତ୍ର ।

ତାର ପତ୍ରରୁ ତୁମର ଓ ଡାକ୍ତରଦାଦାଙ୍କ କଥା ଜାଣି ପାରେ ।

ଭାଇ, ଯଦି ସ୍ତ୍ରୀର ପ୍ରେମ ପାଇଥାଅ, ତେବେ ମନେ କରିବ, ସେହି ପ୍ରେମମୟଙ୍କର ଗୋଟଏ ଉତ୍ସ ତୁମରି ସ୍ତ୍ରୀଙ୍କ ହୃଦୟ ମଧ୍ୟରେ ପ୍ରବାହିତ । ସେହି ପ୍ରେମରେ ଜଗତ୍-ପ୍ରେମ ଶିକ୍ଷା କର । ପୁତ୍ରକନ୍ୟାଙ୍କୁ-ଝିଅଙ୍କୁ କୋଳ କରି ଭଗବାନଙ୍କର ସେହି ନିର୍ମଳ ପବିତ୍ର ସତ୍ତା ଅନୁଭବ କର । ରକ୍ତ ମାଂସରେ ସୁଖ ନାହିଁ, ତାହା ଜଡ଼ ମାତ୍ର । ସେହି ଚିଦାନନ୍ଦଙ୍କର ଆବେଶରେ ହିଁ ସେମାନେ ଆନନ୍ଦର କାରଣ । ତାଙ୍କର ଅନ୍ତର୍ଦ୍ଧାନରେ ସବୁ ଶୂନ୍ୟ—ସବୁ ଜଡ଼—ପୂତିଗନ୍ଧବିଶିଷ୍ଟ ରକ୍ତ ମାଂସ !! ଏହି କଥା ଭୁଲ ନାହିଁ, ପାରିଲେ ସମସ୍ତଙ୍କୁ ଏହି ଶିକ୍ଷା ଦିଅ । ତୁମର ସ୍ତ୍ରୀଙ୍କୁ ମୋ କଥା କହିବ । ସେ ଯେପରି ମତେ ଆଶୀର୍ବାଦ କରନ୍ତି, ଆଉ ଭଲ ପାଅନ୍ତି । ତାଙ୍କର ଆଶୀର୍ବାଦରେ ମୁଁ ଯେପରି ଜଗତକୁ ଭଲ ପାଇ ପାରେ । ମୁଁ ତାଙ୍କର ପୁଅ, ସତୀ ମାଙ୍କର ଆଶୀର୍ବାଦ ମୋର ଅକ୍ଷୟ କବଚ । * * * କ୍ଷମା କରିବ । ଇତି—

ତୁମ୍ଭମାନଙ୍କର ଦୟାପ୍ରାର୍ଥୀ—
"ନଳିନ"

(୫୨)

ମାର୍ଗଶିର ୬ଦିନ

ସ୍ନେହର ଯୋ—,

ତୁମର ପତ୍ରଖଣ୍ଡକ ଯଥା ସମୟରେ ପାଇ ବିସ୍ତାରିତ ସମାଚାର ଅବଗତ ହୋଇଅଛି । କିନ୍ତୁ କି ଉତ୍ତର ଦେବି ଭାବି ପାରୁନାହିଁ ବୋଲି କେବଳ ମରମେ ମରମେ ଗୁମୁରି ମରୁଅଛି । ମୁଁ ଭକ୍ତିର ଦାସ ତେଣୁ

କୌଣସି ଶକ୍ତିର ଧାର ଧାରେ ନାହିଁ । ତେଣୁ ବୋଧହୁଏ ଶକ୍ତିର ପରିଚାଳନାକରି ତୁମର କିଛି କରି ପାରିଲି ନାହିଁ । କିନ୍ତୁ ମୁଁ ଜାଣେ ଶକ୍ତି କ୍ଷଣସ୍ଥାୟୀ ; ଭକ୍ତି ନିତ୍ୟ ଓ ସନାତନ । ସମୟକ୍ରମେ ଦିନେ ଭକ୍ତି ସମସ୍ତ ଶକ୍ତିକୁ ଜୟ କରିବ । ସୁତରାଂ ତୁମର ଚିନ୍ତା କ'ଣ ? ତୁମେ ମଧ୍ୟ ଯେ ଭକ୍ତିଙ୍କର ଆଶ୍ରିତା । ତୁମେ ସର୍ବାନ୍ତଃକରଣରେ ଭଗବାନଙ୍କର ଶରଣାପନ୍ନ ହୁଅ । କାମନା-ବାସନା, ଧର୍ମା-ଧର୍ମ, ସୁଖ-ଦୁଃଖ, ପ୍ରାଣମନ ସର୍ବସ୍ୱ ତାଙ୍କ ଚରଣରେ ସମର୍ପଣ କରି, ଜୀବନର ବାକି କେତୋଟି ଦିନ ତାଙ୍କର ନାମ ଗାନରେ କଟେଇ ଦିଅ । ସାଧନ ଭଜନରେ ଶକ୍ତି ବଢ଼େ ସତ, କିନ୍ତୁ ମୁକ୍ତିଲାଭ କରିବାକୁ ହେଲେ ଭକ୍ତି ଭିନ୍ନ ଉପାୟ ନାହିଁ । ମୁଁ କୌଣସି ଭକ୍ତକୁ ତନ୍ତ୍ରର ସ୍ତ୍ରୀ-ପୁରଷଙ୍କର କୁତ୍ସିତ ସାଧନା ଶିକ୍ଷା ଦେଇ ନାହିଁ । ମୁଁ ନିଜେ ମଧ୍ୟ ଏବେ ଭକ୍ତି ବ୍ୟତୀତ କୌଣସି ସାଧନ ଭଜନର ଧାର ଧାରେ ନାହିଁ । ମୁଁ କହୁଛି, ଏକମାତ୍ର ଭକ୍ତି ଦ୍ୱାରା ହିଁ ସର୍ବାର୍ଥ ସିଦ୍ଧି ହୋଇ ପାରେ । ତେବେ ଭଗବାନ୍ ବିଶେଷ ପରୀକ୍ଷା ନ କରି କାହାରିକୁ ମଧ୍ୟ ପ୍ରେମ ଜଗତରେ ସ୍ଥାନ ଦିଅନ୍ତି ନାହିଁ । ତେଣୁ ପ୍ରେମରେ ଏତେ ଲାଞ୍ଛନା ଓ ବିଡ଼ମ୍ବନା । କିନ୍ତୁ ଜୟ କରି ପାରିଲେ ସମସ୍ତଙ୍କଠାରୁ ଉଚ୍ଚରେ ତାର ସ୍ଥାନ । ପ୍ରେମ ପଥରେ କାମ ହିଁ ମହାଶତ୍ରୁ । କାମ ପୂର୍ଣ୍ଣତା ପ୍ରାପ୍ତ ହେଲେ ପ୍ରେମ ନାମ ପାଇ ଥାଏ ।

ଆଉ ଯାହାକୁ ଭଲପାଅ, ତାର ନିକଟରୁ ପ୍ରତିଭଲପାଇବା ଚାହଁନା । ତାହା ହେଲେ ମୁଁ ତୁମକୁ ବଣିଆର ଝିଅ—ବ୍ୟବସାୟୀର ଝିଅ କହିବି । ଭଲ ପାଇବା ସ୍ୱଭାବ କର । ପାପୀ, ତାପୀ, ଦୁଃଖୀ, ଦରିଦ୍ରକୁ ଭଲପାଅ, ନିଜକୁ ଭୁଲି ପରର ସେବା କର, ଭଗବାନ୍ କୋଳକୁ ଟେକି ନେବେ । ମନ୍ତ୍ର-ତନ୍ତ୍ର, ଯୋଗ-ଯାଗର ପ୍ରୟୋଜନ ନାହିଁ ।

ତୁମେ ମୋ ସହିତ ଯେପରି ବ୍ୟବହାର କର, ମୁଁ ତ ତାହା ସରଳ ଭାବରେ ହିଁ ଗ୍ରହଣ କରିଥାଏ । ତୁମେ ପବିତ୍ର ବୋଲି ହିଁ ମୋର ମନେ ହୁଏ । ଯେ ଯାହାକୁ ଭଲପାଏ ସେ ତାହାର ଦୋଷ ଦେଖିବାକୁ ପାଏ ନାହିଁ ।

ମୁଁ ଭଲ ଅଛି । ମୋର ଆଶୀର୍ବାଦ ଜାଣିବ । ମନରେ କୌଣସି କାମନା ରଖ ନାହିଁ । * * * ଇତି—

ତୁମ୍ଭମାନଙ୍କର—

ଠାକୁର

(୫୩)

ଶାନ୍ତି ଆଶ୍ରମ

୧୦।୪।୧୩ ଇଂ

କଲ୍ୟାଣବରେଷୁ—

ତୁମର ପତ୍ର ପାଇ ବିସ୍ତାରିତ ଅବଗତ ହେଲି । ତୁମେ ସହସ୍ରାରର ମୂର୍ତ୍ତି ଅଙ୍କିତ କରି ପାର, କୌଣସି ବାଧା ନାହିଁ । ତୁମର ବସାରେ ଯେଉଁ ରାଜରାଜେଶ୍ୱରୀ କାଳୀ ମୂର୍ତ୍ତି ଦେଖି ଆସିଛି, ଠିକ୍ ସେହି ରୂପେ ହିଁ ପଞ୍ଚ ପ୍ରେତର ଆକାର ଓ ବର୍ଣ୍ଣ ହେବ । ଅର୍ଥାତ୍ ରକ୍ତ, ନୀଳ, ଶ୍ୱେତ, ହରିଦ୍ରା ଏବଂ ଦଶବାହୁ ଶିବଙ୍କର ଧୂଆଁ ଭଳି ଆକାଶର ବର୍ଣ୍ଣ ।

ଶୀତଳୀ କୁମ୍ଭକ କରି ପାର । ଆଉ ଆଧ୍ୟାତ୍ମିକ କାର୍ଯ୍ୟରେ ଦେହ ସମ୍ବନ୍ଧୀୟ ଅଶୌଚରେ ବାଧା ହୁଏ ନାହିଁ । ଯେଉଁ କାର୍ଯ୍ୟରେ ଫୁଲ, ଜଳ, ନୈବେଦ୍ୟର ପ୍ରୟୋଜନ ଅଶୁଚି ଅବସ୍ଥାରେ ତାହା ନିଷିଦ୍ଧ । ସୁତରାଂ ରଜଃସ୍ୱଳା ବା ଅଶୌଚ ହେଲେ ମଦୁପଦିଷ୍ଟ କାର୍ଯ୍ୟରେ କୌଣସି ବାଧା

ହେବ ନାହିଁ । ତେବେ ପ୍ରିୟଜନ ବିଯୋଗରେ ଚିତ୍ତ ବିକ୍ଷିପ୍ତ, ମନ ଚଞ୍ଚଳ ଓ ଦେହ ଅବସାଦଗ୍ରସ୍ତ ହୁଏ ତେଣୁ କୌଣସି କାର୍ଯ୍ୟ କରାଯାଏ ନାହିଁ । କରିବାକୁ କୌଣସ ନିଷେଧ ନାହିଁ ; ବରଂ କଲେ ଉପକାର ହେବ, ଚଞ୍ଚଳତା ବଦଳରେ ସ୍ଥିରତା ଆସିବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୫୪)

ଶାନ୍ତି ଆଶ୍ରମ

୨୨।୧୧।୧୨

ସ୍ନେହର କୁ—,

ତୁମର ଦୁଇଖଣ୍ଡ ପତ୍ର ଯଥା ସମୟରେ ପାଇଅଛି । * * * ଭଗବାନଙ୍କଠାରେ ମନ-ପ୍ରାଣ, ବାସନା-କାମନା, ଧର୍ମାଧର୍ମ, ସୁଖ-ଦୁଃଖ ସମସ୍ତ ସମର୍ପଣ କରି ନିଶ୍ଚିନ୍ତରେ ତାଙ୍କର ନାମଗାନରେ ଗଣା କେତୋଟି ଦିନ କଟେଇ ଦେ । ଏ ଜଗତକୁ ଆମେ ଖଟିବାକୁ ଆସିଅଛୁ, ସୁତରାଂ ରକ୍ତମାଂସର ଦେହ ଦ୍ୱାରା ଯେତେଟା ପରର କାର୍ଯ୍ୟ କରି ଯାଇ ପାରେ ସେତେ ମଙ୍ଗଳ । ଯଦି ଟଙ୍କା-କଉଡ଼ି, ସ୍ୱାମୀ-ପୁତ୍ର ହେଲେ ହିଁ ସୁଖ ହୁଅନ୍ତା ତାହାହେଲେ ଜଗତରେ ଆଉ ନାରୀଜାତି ଦୁଃଖୀ ରହନ୍ତା ନାହିଁ । ଅତଏବ ଆନନ୍ଦ-ସ୍ୱରୂପ ଭଗବାନଙ୍କ ବ୍ୟତୀତ୍ କେହି ସୁଖୀ ହୋଇପାରେ ନାହିଁ । ବଗିଚାର ଅଧିକାଂଶ ଫୁଲ ବିଳାସୀର ଗଳାର ମାଳା ହୁଏ, ଅଳ୍ପ ସଂଖ୍ୟକ ଫୁଲ ଦେବ-ପଦରେ ଅର୍ପିତ ହୁଏ । ବିଳାସିନୀଗଣଙ୍କର କଳଙ୍କିତ ପ୍ରାଣ ଭଗବାନ୍ କୌଣସି ଦିନ ଗ୍ରହଣ

କରନ୍ତି ନାହିଁ । ତୁ ଯେ କୀଟ-ଅକ୍ଷତା ପବିତ୍ର କୁସୁମ ! ତେଣୁ ମୁଁ ତତେ ଭଗବାନଙ୍କ ପାଦରେ ଅଞ୍ଜଳୀ ଦେଇଛି । ତୋର ଚିନ୍ତା କ'ଣ—ଦୁଃଖ କ'ଣ ? ଭଗବାନ ମଧ୍ୟ ତୋତେ ଭକ୍ତସଙ୍ଗ ଜୁଟେଇ ଦେଇଛନ୍ତି । ସୁତରାଂ ଯେତେବେଳେ ଯେଉଁ ଅବସ୍ଥାରେ ରହିବୁ ସଦାନନ୍ଦରେ ତାଙ୍କର ନାମ କରିବୁ । ଏ ସଂସାର ତାଙ୍କର ପରୀକ୍ଷାକ୍ଷେତ୍ର । ଦୁଃଖକଷ୍ଟ ହିଁ ପରୀକ୍ଷା ; ସୁତରାଂ କୌଣସି କାରଣରୁ ମନରେ ଦୁଃଖ ଆସିବାକୁ ଦେବୁ ନାହିଁ । କେହି ଅକାରଣରେ ତତେ ଭର୍ତ୍ସନା ବା ଅପମାନ କଲେ ହାସ୍ୟ ମୁଖରେ ସହିଯିବୁ । ପାରିବୁ ତ ଶତ୍ରୁକୁ ମଧ୍ୟ ପ୍ରାଣ ଦେଇ ଭଲପାଇବୁ । ଦୁଃଖୀ-ତାପୀ, ରୋଗୀ-ଶୋକୀର ଦୁଃଖରେ ଦୁଃଖିତ ହୁଅ, ପାରିବ ଯଦି ସେମାନଙ୍କର ସେବା କର । ତେବେ ସ୍ୱ— ବା ଦୁ— ବାବୁଙ୍କର ଅନଭିମତରେ କିଛି କର ନାହିଁ । ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ ଓ ଭକ୍ତବୃନ୍ଦଙ୍କୁ ଜଣାଇବ । ଇତି—

ତୁମର—

ଠାକୁର

(୫୫)

ସ୍ନେହର ଯୋ—,

ତୁମର ପତ୍ର ଯଥାସମୟରେ ପାଇ ଅବଗତ ଅଛି । କିନ୍ତୁ ନାନା କାରଣରୁ ଉତ୍ତର ଦେଇ ପାରି ନାହିଁ । ସମ୍ପ୍ରତି ଆଶ୍ରମର ମ୍ୟାନେଜର ଶ୍ରୀଗୌରାଙ୍ଗ ଅନାଥ ନିକେତନର ଡାକ୍ତର ଓ ସେବକଗଣ ସହ ବର୍ଦ୍ଧମାନ ବିଭାଗର ବନ୍ୟାପୀଡ଼ିତ ସ୍ଥାନରେ ଆର୍ତ୍ତ ସେବା ପାଇଁ ଚାଲି ଯାଇଛନ୍ତି । ସେମାନେ ବର୍ଦ୍ଧମାନ ଜିଲ୍ଲାର ଦାମୋଦରର ଦକ୍ଷିଣ ପାରିରେ କାର୍ଯ୍ୟାରମ୍ଭ

କରିଛନ୍ତି । ଆଶ୍ରମ କାର୍ଯ୍ୟରେ ଖୁବ୍ ଭିଡ଼ । ଟଙ୍କାର ଅଭାବ । ମୁଁ ସର୍ବଦା ଚିଠିପତ୍ର ଦ୍ୱାରା ଟଙ୍କା ଯୋଗାଡ଼ କରୁଅଛି । ଏକଦଣ୍ଡ ଅବକାଶ ନାହିଁ ।

ବସ୍ତ ! ମାନବ-ଜୀବନ ପ୍ରହେଳିକା, ତଦୁପରି ମାୟାର ରାଜ୍ୟ ଭିତର ଦେଇ ଜୀବନର ପଥ । ତୁମ୍ଭେମାନେ ସେହି ପଥର ପଥିକ । ପଥରେ ନିତ୍ୟ ବିଭୀଷିକା, ସୁତରାଂ ଭୀତ ହେଲେ ଚଳିବ କିପରି ? ବୀରଙ୍କ ଭଳି ଚଲି ଯାଅ, ଘାତ-ପ୍ରତିଘାତ ବୁକୁ ଉପର ଦେଇ ଚାଲି ଯାଉ, ତୁମେ ବିଚଳିତ ହୁଅ ନାହିଁ ; ସର୍ବାବସ୍ଥାରେ ଅଚଳ ଓ ଅଟଳ ରହିବ । ଭଗବାନଙ୍କୁ ଭୁଲ ନାହିଁ, ତାଙ୍କର ନାମ ଛାଡ଼ ନାହିଁ । ସବୁ ସମୟ ଚାଲି ଯିବ । ମାୟାର ଖେଳ ଯେତେ ଦୁର୍ବୋଧ ହେଉ କିନ୍ତୁ ଅନିତ୍ୟ, ତେବେ ଆଉ ଭୟ କ'ଣ ? ତାଙ୍କର ଜୟ ଉଚ୍ଚାରଣ କରୁ କରୁ ନିତ୍ୟ (ଧାମ) କୁ ଚାଲି ଯାଅ । * * * ଶ୍ରୀମାନ୍ ଗୋ— ଓ ସୁ—କୁ ମୋର ଆଶୀର୍ବାଦ ଜଣାଇବ, ତୁମେ ମଧ୍ୟ ଜାଣିବ । ଅତ୍ର ମଙ୍ଗଳ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୬)

ସାରସ୍ୱତ ମଠ

୮।୮।୨୧

ପରମ କଲ୍ୟାଣୀୟାସୁ—

ସ୍ନେହର ଶା—, ତୁମର ପତ୍ର ପାଇଲି । ତୁମେ କାଶୀରେ ସୁବିଧାରେ ସ୍ଥାନ ପାଇଛ ଏବଂ ଦୁଇଟି ବ୍ରାହ୍ମଣ-ଦମ୍ପତିଙ୍କର ଆଶ୍ରୟ ଓ ସ୍ନେହ ପାଇଅଛ ଜାଣି ନିଶ୍ଚିନ୍ତ ଓ ନିରୁଦ୍‌ବିଗ୍ନ ହେଲି । ବିଶ୍ୱେଶ୍ୱରଙ୍କଠାରେ ନିର୍ଭର

ଥିଲେ ବିଶ୍ୱରେ କେଉଁଠି କିଛି ଅଭାବ ରହେ ନାହିଁ । ତୁମେ ଉପରେ ୩.୫୦ ଟଙ୍କା ଭଡ଼ା ଦେଇ ରହିପାର । ତୁମକୁ ଗରୀବ ଦୁଃଖୀଙ୍କ ଭଳି ରହିବାକୁ ପଡ଼ିବ କାହିଁକି ? ତୁମର ଆୟରେ ତୁମେ ସ୍ୱଚ୍ଛନ୍ଦରେ ଚଳିଯିବ । ତେବେ ପରଲୋକଙ୍କ ମଧ୍ୟରେ ରହିବାକୁ ଟିକିଏ ଅଭିଜ୍ଞତା ଆବଶ୍ୟକ । ମନେ ରଖ, ଯେ ଯେତେ ଆତ୍ମୀୟତା କରୁ ପଛକେ, ତୁମେ କାହା ସହିତ ଘନିଷ୍ଠ ଭାବରେ ମିଶିବ ନାହିଁ, କାହା ନିକଟରୁ କିଛି ଆଶା ମଧ୍ୟ କରିବ ନାହିଁ । ବିଶ୍ୱେଶ୍ୱରଙ୍କୁ ସର୍ବସ୍ୱ ଅର୍ପଣ କରି ତାଙ୍କ ଆଶାରେ ଅପେକ୍ଷାରେ କେବଳ ତାଙ୍କର ନାମ କର ; ସବୁ ଅଭାବ ମେଣ୍ଟିବ । ମାନବ ମାନବର ଅଭାବ ଦୂର କରି ପାରେନା, ଏକଥା ଭୁଲ ନାହିଁ । ପାରିବ ତ ସନ୍ତାନଜ୍ଞାନରେ ଦୁଃଖୀ-ତାପୀଙ୍କର ସେବା କର, ମାତୃହୀନ ମା'ର ଅଭାବ ଦୂର କର, ଶିବ ପ୍ରୀତ୍ୟର୍ଥେ ଜୀବର ସେବାରେ ଜୀବନ ଉତ୍ସର୍ଗ କର । * * * ମୁଁ ହରିଦ୍ୱାର ଯିବା ସମୟରେ କାଶୀ ହୋଇ ଯିବି । ଅତ୍ର ମଙ୍ଗଳ । ତୁମେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୭)

ସ୍ନେହାସ୍ପଦେଷୁ—

ପ୍ରିୟ ଯୋ—, ତୁମର ପତ୍ର ପାଇ ବିସ୍ତାରିତ ଅବଗତ ହେଲି । ପ୍ରେରିତ ଟଙ୍କା "ଅନାଥ ଭଣ୍ଡାରରେ" ରଖାଗଲା । ଅନ୍ନକ୍ଲିଷ୍ଟ ବୁଭୁକ୍ଷୁଗଣଙ୍କ ପାଇଁ ଭିକ୍ଷା କରିଥିଲେ ; ଏବେ ଦୁର୍ଭିକ୍ଷ ନାହିଁ, ଫଣ୍ଡ୍ ଉଠିଯାଇଛି, ତେଣୁ ଅନାଥ ଭଣ୍ଡାରରେ ଜମା ରଖାଗଲା ; ଉପଯୁକ୍ତ ଅବସରରେ ଖର୍ଚ୍ଚ

କରାଯିବ । କର୍ମ ଜଗତରେ ରହି କର୍ତ୍ତବ୍ୟରେ ଅବହେଳା କରିବା ବିଷମ ଅପରାଧ । ସାମାନ୍ୟ କର୍ତ୍ତବ୍ୟରେ ଯାହାର ଅବହେଳା, ତା ଦ୍ୱାରା ଜଗତରେ କୌଣସି କର୍ତ୍ତବ୍ୟ ସାଧିତ ହେବ ନାହିଁ । ତେଣୁ ସ୍ୱାର୍ଥସାଧନରେ ମଧ୍ୟ "ପାଳନୀ-ଶକ୍ତି" ର ଦେବତାଗଣ ବିରୋଧୀ ହୁଅନ୍ତି ।

ଦେହୀ ଓ ଦେହ ଚିରକାଳ ହିଁ ବିଭିନ୍ନ । ଦେହୀ ଓ ଦେହର ଅନ୍ୱୟ ହିଁ ଜୀବତ୍ୱ । ସୁତରାଂ ଦେହଠାରୁ ନିଜକୁ ପୃଥକ୍ ଭାବରେ ଅନୁଭବ କରିବା ହିଁ ଜ୍ଞାନର ପ୍ରଥମ ସାଧନା । ଯୋଗସାଧନାଦ୍ୱାରା ପ୍ରଥମେ ଏହି ଶକ୍ତି ଅର୍ଜିତ ହୁଏ । ଆତ୍ମା ଦ୍ରଷ୍ଟା—ସାକ୍ଷୀ ମାତ୍ର ; ଅନନ୍ତ ବ୍ରହ୍ମାଣ୍ଡ ତାଙ୍କ ଭିତରେ । ସେ ସର୍ବ ବସ୍ତୁରେ ଅନୁସ୍ୟୂତ । ଏହା ହିଁ ଚିଦାନନ୍ଦ ଅବସ୍ଥା । କିନ୍ତୁ ସେ ଗୋଟିଏ ବସ୍ତୁରେ ଅନ୍ୱିତ, ଏହି ଭ୍ରମରୁ ହିଁ ଭୋଗାବସ୍ଥା ଆସିଅଛି । ତେଣୁ ଜୀବ ଦେହର ଭୋଗରେ ହିଁ ମନ ପ୍ରାଣ ସଁପି ଦେଇଛି । କିନ୍ତୁ ଦେହର ଦୁଇମିନିଟ ମଧ୍ୟ ଭୋଗ କରିବାକୁ ଶକ୍ତି ନାହିଁ । ମନର କିନ୍ତୁ ଅନନ୍ତ ଆକାଙ୍‌କ୍ଷା । କାର୍ଯ୍ୟତଃ ଜୀବର ସର୍ବଦା ଅବସାଦ, ସର୍ବଦା ଅଶାନ୍ତି । ସୁତରାଂ ଭୋଗ୍ୟ ବିଷୟରୁ ଚିତ୍ତକୁ ସର୍ବଦା ଆତ୍ମାଭିମୁଖେ ନେଇ ଯିବ । ସେତେବେଳେ ସମସ୍ତ ଭୋଗ ଆତ୍ମସ୍ୱରୂପରେ ଉପଲବ୍ଧ ହେବ, ନତୁବା ଦେହର ଭୋଗ ବିଡ଼ମ୍ବନା ଓ ଲାଞ୍ଛନା ହିଁ ସାର । ଅଭ୍ୟାସ ଯୋଗଦ୍ୱାରା ଏହା କ୍ରମଶଃ ଆୟତ୍ତ ହୁଏ । ଆମେ ପୁରୁଷ, ମାୟା ଆମର ଦାସୀ ;—ଆଉ ସେହି ମାୟା ଆମକୁ ଦାସ ପରି—ନାକଫୋଡ଼ା ବଳଦ ପରି ଭୋଗରେ ନିଯୁକ୍ତ କରିବ ? ଧିକ୍ ଆମର ପୁରୁଷତ୍ୱକୁ !

ଆଉ କାମନା ହିଁ ବନ୍ଧନ କାରଣ । କାମନାରୁ ସର୍ବପ୍ରକାର ଦୁଃଖର ଉତ୍ପତ୍ତି ; ତେବେ ଐକାନ୍ତିକ କାମନା ଥିଲେ ନିଶ୍ଚୟ କାମ୍ୟବସ୍ତୁ

ଲାଭହୁଏ । କିନ୍ତୁ ଲାଭ ପୂର୍ବରୁ ଅନେକ ଘଣ୍ଟାଘଣ୍ଟି କରିବାକୁ ପଡ଼େ । ଯେ ଯାହା ଚାହେଁ ପ୍ରଥମେ ତାର ବିପରୀତ ପାଏ । ସୁଖ ଚାହିଁଲେ ଦୁଃଖ ଆସେ, ଆରୋଗ୍ୟ ଚାହିଁଲେ ରୋଗ ଆସେ, ମାନ ଚାହିଁଲେ ଅପମାନ ଲାଭ ହୁଏ । ତେଣୁ ଋଷିଗଣ ସର୍ବ କାମନା କର୍ମନାଶାର ଜଳରେ ବିସର୍ଜନ ଦେଇ ଏକମାତ୍ର ‘‘ଆତ୍ମସ୍ୱରୂପ’’ କାମନା କରନ୍ତି । ଆଉ ତାହା ଲାଭ ହେଲେ କୌଣସି କାମନା ଅପୂର୍ଣ୍ଣ ରହେ ନାହିଁ ; ସ୍ୱୟଂ କାମରୂପ ହୋଇ ଯାନ୍ତି । ଭ୍ରାନ୍ତ ଜୀବ ତାହା ନ ବୁଝି ବ୍ୟଷ୍ଟି ସୁଖାଦି ପାଇଁ କାମନା ସ୍ଥାପନ କରି ଅଶାନ୍ତି ବଢ଼ାଉଛନ୍ତି । ଯେ ପରର ସୁଖ ବୁଝେ ନାହିଁ, ସେ ନିଜର ସୁଖ ଉପଲବ୍ଧି କରି ପାରେନା । ଯେ ପରର ଦୁଃଖ ଦୂର କରିବାକୁ ଚାହେଁନା, ତାର ଦୁଃଖ କେହି ଦୂର କରେନା । ପରକୁ ଯେ ଦୟା ନ କରେ, ସେ ଦେବତାଙ୍କର ଦୟା ପାଇବାର ଅଧିକାରୀ ନୁହେଁ ।

ଏ ପର୍ଯ୍ୟନ୍ତ ଯାହା ଲେଖା ହେଲା, ସେଥିରେ ତୁମର ଚିଠିର ଉତ୍ତର ଅଛି ଏବଂ ମୋର ମନ୍ତବ୍ୟ ବା ଉପଦେଶ ମଧ୍ୟ ରହିଲା, ତୁମେ ବିଚାରପୂର୍ବକ ଗ୍ରହଣ କର । ଏହି ସବୁ ଅବସ୍ଥା ଲାଭର ଉପାୟ ‘ସାଧନା’ । ଅକ୍ଷମ ପକ୍ଷରେ ସର୍ବ କାମନା ପରିତ୍ୟାଗ କରି ଏକମାତ୍ର ଅଭୀଷ୍ଟ ଲାଭ ପାଇଁ ମନରେ ପ୍ରାଣରେ ‘‘ପ୍ରାର୍ଥନା’’ କରିବା ଆବଶ୍ୟକ । ସାଧନା କଲେ ମୋର ସାହାଯ୍ୟ ପ୍ରୟୋଜନ, ପ୍ରାର୍ଥନା ନିଜେ ନିଜେ କରି ପାରିବ । ଚରମ ଉପାୟ ନିର୍ଭରତା ; ସେ ଅବସ୍ଥା ବହୁ ଦୂରରେ । ସାଧନାର କୌଶଳ ଶିଖିବାକୁ ମୋ ନିକଟକୁ ଆସିବାକୁ ପଡ଼ିବ । ଯଦି ନ ଆସି ପାର, ମନେ ପ୍ରାଣେ ଆତ୍ମଲାଭ ପାଇଁ ପ୍ରାର୍ଥନା କର । ମନ ଓ ମୁଖ ଏକ ହେବା ପ୍ରୟୋଜନ ; ନଚେତ୍ ବୃଥା ପ୍ରାର୍ଥନା । ପ୍ରାଣରେ ଗୋଟିଏ ଇଚ୍ଛା—ଚାହୁଁଛ ଅନ୍ୟ ଗୋଟିଏ, ଏପରି ହୁଏନା । ପ୍ରାଣ ବୁଝି

ପ୍ରାର୍ଥନା କରିବା କର୍ତ୍ତବ୍ୟ । ଆଉ ଗୋଟିଏ ମାତ୍ର ଆକାଙ୍‌କ୍ଷା ; —ନତୁବା ପାଞ୍ଚ ପ୍ରକାର ଆକାଙ୍‌କ୍ଷା କଲେ ଗୋଟାକରେ ମଧ୍ୟ ଜୋର ପଡ଼େ ନାହିଁ । ବାହ୍ୟ ଚିତ୍ତାକର୍ଷ ଭଳି ଜୀବର ଆଉ ଶୋଚନୀୟ ଦଶା କ'ଣ ହୋଇପାରେ ? ଯେତେବେଳେ ଯେଉଁ ଦୁର୍ବଳତା ବୁଝିବ, ତଦ୍‌ଦଣ୍ଡେ ଭଗବାନଙ୍କ ନିକଟରେ ସେଥିପାଇଁ ପ୍ରାର୍ଥନା କର, ହାତେ ହାତେ ଫଳ ପାଇବ । ପ୍ରାର୍ଥନା ସମୟରେ କାନ୍ଦି ଭସାଇ ଦେବ । ନିଜର ଶୋଚନୀୟ ଅବସ୍ଥା ବୁଝି ମଧ୍ୟ ଯଦି କାନ୍ଦ ନ ଆସେ, ତୀକ୍ଷ୍ଣ ବେତ ନେଇ ନିଜ ଅଙ୍ଗରେ ପ୍ରହାର କର । ଆଉ କ'ଣ ଲେଖିବି । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୮)

ଶାନ୍ତି ଆଶ୍ରମ
କୋକିଳାମୁଖ
୧୭।୪।୨୦

କଲ୍ୟାଣବରେଷୁ—

ତୁମେ ଲେଖିଅଛ—'ଆପଣଙ୍କ ଚରଣରେ ଯେତେବେଳେ ଆତ୍ମସମର୍ପଣ କରିଅଛି, ସେତେବେଳେ ଯେପରି ଆପଣଙ୍କ କରୁଣାରୁ ବଞ୍ଚିତ ନ ହୁଏ ।' ଯାହାଙ୍କୁ ଆତ୍ମସମର୍ପଣ କର ନା କାହିଁକି, ତାଙ୍କର କରୁଣାରେ ଯେତେକ୍ଷଣ ପର୍ଯ୍ୟନ୍ତ ସନ୍ଦେହ ଥିବ ସେତେକ୍ଷଣ ପର୍ଯ୍ୟନ୍ତ ଆତ୍ମସମର୍ପଣ କର ନାହିଁ । ନିଶ୍ଚୟାତ୍ମିକା ବୁଦ୍ଧି ନ ହେବା ପର୍ଯ୍ୟନ୍ତ ଆତ୍ମସମର୍ପଣ ହୋଇ ପାରେ ନାହିଁ । ମୁଁ ସ୍ଥିର ନିଶ୍ଚୟ କରି ଆତ୍ମସମର୍ପଣ

କରିଅଛି, ଏବେ ତାଙ୍କର ଇଚ୍ଛା । ତ୍ୟାଗ କଲେ ମଧ୍ୟ—ନିଷ୍ଠୁରତା ଦେଖାଇଲେ ମଧ୍ୟ ଯେତେବେଳେ ତାଙ୍କୁ ଛାଡ଼ିବାର ସଙ୍କଳ୍ପ ମଧ୍ୟ ମନରେ ଆସିବ ନାହିଁ, ସେହି ଅବସ୍ଥାର ନାମ ଆତ୍ମସମର୍ପଣ । ପତିଠାରେ ସତୀ ଆତ୍ମସମର୍ପଣ କରେ, ସେହି ଆଦର୍ଶରୁ ଆତ୍ମସମର୍ପଣର ଆଦର୍ଶ ବୁଝି ନିଅ । ବସ୍ ! ସଂଶୟ ଥିଲେ କୌଣସି କାର୍ଯ୍ୟ କର ନାହଁ । ଆମେ ୧୨ ତାରିଖରେ ଆଶ୍ରମକୁ ଆସିଅଛୁ । ଅତ୍ର ମଙ୍ଗଳ ।

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୯)

ଶାନ୍ତି ଆଶ୍ରମ

୨୦।୮।୧୯

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ବହୁଦିନ ପରେ ତୁମର ପତ୍ରଖଣ୍ଡିକ ପାଇ ବସ୍ତାରିତ ଅବଗତ ହେଲି । ପତ୍ର ପାଠ କରି ବୁଝିଲି, ତୁମେ ଜାଗ୍ରତ ମଧ୍ୟ ରହିଛ ଅଥଚ ତୁମ ଘରେ ଚୋରି ହେବାର ଯୋଗାଡ଼ ହେଉଛି, ଏ ବିରୁଦ୍ଧ ଭାବର ସମନ୍ୱୟ କରି ପାରିଲି ନାହିଁ । ତୁମେ ମା'ଙ୍କର ସନ୍ତାନ, ମାଙ୍କ ନାମରେ ନିର୍ଭର କରିଅଛ, ତଥାପି ଅନ୍ୟ ଶକ୍ତି ଜୋର କରି ତୁମକୁ ଭୋଗ ପଥରେ—ଆସକ୍ତି ପଥରେ ନେଇ ଯାଉଛି ! ତୁମ ମା ଅପେକ୍ଷା ଆଉ କିଏ ଅଧିକ ଶକ୍ତିମୟୀ ଅଛି ଯେ ମାଙ୍କ ବିଦ୍ୟମାନତାରେ ତାଙ୍କର ପୁଅକୁ ଅସତ୍ ପଥରେ ଚାଳିତ କରିବ ? ଆଉ ଯଦି ମାଙ୍କର ସନ୍ତାନ-ରକ୍ଷା କରିବାର କ୍ଷମତା ନ ଥାଏ,

ତେବେ ଏପରି ମାଙ୍କ ମୁଖରେ ନଡ଼ା ଜାଳି ଦେଇ ବାପାଙ୍କର ଶରଣାପନ୍ନ ହୁଅ । ଆଉ ଯଦି ତାଙ୍କୁ ସର୍ବ-ସ୍ୱରୂପଣୀ ବୋଲି ବିଶ୍ୱାସ କର, ତେବେ ସ୍ୱୀକାର କରିବାକୁ ପଡ଼ିବ ତୁମେ ଇଚ୍ଛା କରି ପ୍ରବୃତ୍ତି ସ୍ରୋତରେ ଦେହ ଭସାଇ ଦେଇଛ, ନତୁବା ତୁମର ଇଚ୍ଛାମୟୀ ମାଙ୍କର ହିଁ ଏହିପରି ଇଚ୍ଛା । ତେବେ ଆଉ ଇଚ୍ଛାମୟୀଙ୍କ ଇଚ୍ଛା ବା ସେହି ଇଚ୍ଛାମୟୀଙ୍କ ସନ୍ତାନର ଇଚ୍ଛାର ଗତି କିଏ ରୋଧ କରିବ ? ସୁତରାଂ ତୁମର ପତ୍ର ପଢ଼ି ତୁମର କୌଣସି ପ୍ରକାର ଦୁରବସ୍ଥାର ବିଷୟ ଧାରଣା କରି ପାରିଲି ନାହିଁ । ବେଶ୍ ଅଛ, ଖାଲି ଖାଲି ପିଲାକାନ୍ଦଣା କାନ୍ଦ ନାହିଁ । ଆମେ ସମସ୍ତେ ଖୁବ୍ ବ୍ୟସ୍ତ । ମାଙ୍କର ମନ୍ତ୍ର ଭୁଲ ହୋଇଯାଇଛି, କିନ୍ତୁ ମୁଁ ତ ସ୍ମରଣ କରି ପାରୁ ନାହିଁ ଯେ ତାଙ୍କୁ କି ମନ୍ତ୍ର ଦେଲି । ଯାହା ହେଉ ଅନ୍ୟ କାଗଜରେ ମୁଁ ଦୁଇଟି ମନ୍ତ୍ର ଲେଖି ଦେଲି । ସେ ଏହି ଦୁଇଟି ମନ୍ତ୍ର ଭିତରୁ ଯଦି ବିଶେଷଭାବରେ ନିଜ ମନ୍ତ୍ର ବୋଲି କୌଣସିଟିକୁ ଚିହ୍ନି ପାରନ୍ତି ଅର୍ଥାତ୍ ମନେ ପଡ଼େ, ତେବେ ତ ଆଉ କଥା ନାହିଁ, ଆଉ ଯଦି ସ୍ମରଣ ନ ହୁଏ, ତେବେ ନାଲି କାଳିରେ ଲେଖା ମନ୍ତ୍ରଟି ଯେପରି ମୋର ଦିଆଯାଇଥିବା ମନ୍ତ୍ର ବୋଲି ନିଃସନ୍ଦେହ ଭାବରେ ଗ୍ରହଣ କରନ୍ତି । ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ପୁଃ—ତୁମେ ମନ୍ତ୍ର ଦେଖିବ ନାହିଁ ।

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୦)

ଓଁ

ସାରସ୍ୱତ ମଠ
୨୩।୭।୨୨ ବାং

ପରମ ଶୁଭାଶିଷାং ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ଅବଗତ ହେଲି । ମଝିରେ ଢଶ୍ୟାମାପୂଜା ଗଲା, ତେଣୁ ଯଥା ସମୟରେ ଉତ୍ତର ଦିଆ ଯାଇନାହିଁ । * * * ତିସ୍ତା ମୁଖରେ ମଧ୍ୟ ତୁମେ କହିଥିଲ, ଏଠାରେ ବେଶ୍ ଅଛି, ଛୁଟାଛୁଟି କରି ବୁଲିଲେ ଫଳ କିଛି ନାହିଁ ।' କିନ୍ତୁ ଗୋଟିଏ ମାସ ନ ଯାଉଣୁ ପୁଣି ନୂତନ ପ୍ରସ୍ତାବ ! ଚଞ୍ଚଳତା କାହିଁକି ? ବସ ! ବୁଦ୍ଧି ସ୍ଥିର କର, ଧୈର୍ଯ୍ୟ-ସ୍ଥୈର୍ଯ୍ୟ ଅଭ୍ୟାସ କର, ମାଙ୍କ ଇଚ୍ଛା ଉପରେ ନିର୍ଭର କରି ଯେତେବେଳେ ଯେପରି ରଖନ୍ତି ତଦବସ୍ଥାରେ ସନ୍ତୁଷ୍ଟଚିତ୍ତ ରହି ତାଙ୍କର ଜୟ ଉଚ୍ଚାରଣ କର ; ନତୁବା ପୃଥିବୀମୟ ଘୁରିବୁଲିଲେ ମଧ୍ୟ କୌଣସି ଫଳ ପାଇବ ନାହିଁ । ବୁଦ୍ଧି ସ୍ଥିର କରି କିଛିଦିନ ଗୋଟିଏ ଭାବରେ ରହି ଦେଖ ଦେଖି । ବୁଦ୍ଧି ସ୍ଥିର ନ ହେଲେ ଚିତ୍ତ ଜୟ କରିବ କିପରି ?

ମୁଁ ମାର୍ଗଶିର ମାସରେ ୭।୮ ତାରିଖ ଭିତରେ କାଶୀକୁ ପ୍ରସ୍ଥାନ କରିବି । ଗୋୟାଲପଡ଼ାର ଜଣେ ଭକ୍ତଙ୍କ ଘର ହୋଇ ଯିବାକୁ ପଡ଼ିବ, ତେଣୁ ଅ—କୁ ଏଥର ସାଙ୍ଗରେ ନେଇ ଯାଇ ପାରିବି ନାହିଁ । ଆଶ୍ରମକୁ ଆସି ତିନି ଦିନରୁ ଅଧିକ ରହିଲେ ସମସ୍ତଙ୍କୁ ଆଶ୍ରମର ନିୟମରେ ରହିବାକୁ ହୁଏ, କିନ୍ତୁ କାହାରିକୁ ବି ବ୍ରହ୍ମଚାରୀ ବା ବ୍ରହ୍ମଚାରିଣୀ ବନେଇବାର ପ୍ରୟୋଜନ ହୁଏ ନାହିଁ । ସଂସାର କରିବାକୁ ହେଲେ ମଧ୍ୟ ଶିକ୍ଷାର ବିଶେଷ ପ୍ରୟୋଜନ। ପ୍ରଥମେ ଶିକ୍ଷା ଓ ସଂଯମ ପରେ ହିଁ ଗାର୍ହସ୍ଥ୍ୟ ଧର୍ମର

ବ୍ୟବସ୍ଥା ଥିଲା । ସେହି ସମାଜ ନାହିଁ ବୋଲି ହିଁ ଦାମ୍ପତ୍ୟ-ଜୀବନ ଏବେ କଳୁଷିତ ପଶୁଜୀବନରେ ପରିଣତ ହୋଇଅଛି ; ତେଣୁ ଘରେ ଘରେ ଅଶାନ୍ତି, ରୋଗ, ଶୋକ, କଳହର ନିଦାନ ହୋଇଅଛି । ଯାହାହେଉ ତୁମେ ତୁମର ସ୍ତ୍ରୀ ସମ୍ବନ୍ଧରେ ବ୍ୟବସ୍ଥା କରିବ । ମୋ ସହିତ ସାକ୍ଷାତ ହେଲେ ଏହି ସମ୍ବନ୍ଧରେ ବିସ୍ତାରିତ ଉପଦେଶ ଦେବି । ଅନ୍ୟାନ୍ୟ କୁଶଳ, ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୧)

ଓଁ

ସାରସ୍ୱତ ମଠ

୧୫।୧୨।୨୪

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ବିସ୍ତାରିତ ଅବସ୍ଥା ଅବଗତ ହେଲି । ତୁମର ଅବସ୍ଥା ବୁଝି ସାଧାରଣ ଗୃହସ୍ଥ ଶିଷ୍ୟଗଣଙ୍କ ଭଳି ଭକ୍ତିପଥରେ ଜପର ପ୍ରଣାଳୀ କହି ଦେଇଥିଲି । ତାହା ଜପର ଉଚ୍ଚ ବୈଜ୍ଞାନିକ ପ୍ରଣାଳୀ । ସମୟାଭାବରୁ ତାହା ହିଁ କରି ପାରୁନାହିଁ, ଆଉ .କେଉଁ ସାଧନା ଧାରାବାହିକ ରୂପେ କିପରି କରିବ ଜାଣି ପାରୁନି । କେତେଗୁଡ଼ିଏ କଥା ଲେଖିଲେ କ'ଣ ଲାଭ ? ସବୁ ଦିଗକୁ ଭାବି ଚିନ୍ତି ଲେଖିବାକୁ ପଡ଼େ । ଯଦି ସାଧନା କରି ପାରିବ, ଆସି ଜାଣି କରି ଯାଅ । ପୂର୍ବକାଳରେ

୬୦,୦୦୦ ବର୍ଷ ତପସ୍ୟା କରି ମଧ୍ୟ ଲୋକେ ବିଶେଷ ସୁବିଧା କରି ପାରି ନାହାନ୍ତି, ତୁମେ ୨।୫ ବର୍ଷରେ ଆଉ କି ସାଧନା କରିବ ? ଚିରଦିନ ତୁମର ବାହ୍ୟ ସାଧନା ଦିଗକୁ ଝୁଙ୍କ ; ଏହାଦ୍ୱାରା କ୍ଷତି ବେଶି ହେଉଅଛି, ମତେ ବିଶ୍ୱାସ କରି ପାରୁ ନାହିଁ । ସିଦ୍ଧିର ମୂଳ ସାଧନା ନୁହେଁ,— ଗୁରୁକୃପା ; ସାଧନା ଉପଲକ୍ଷ୍ୟ ମାତ୍ର ; ମା'ଙ୍କର କୃପା ଛଡ଼ା ଗତି ନାହିଁ । ସୁତରାଂ ବାଳକ ଭଳି ପଡ଼ି ରହି ମା ମା ବୋଲି କେବଳ କାନ୍ଦ, ଅର୍ଥାତ୍ ମା'ଙ୍କର ମନ୍ତ୍ର କେବଳ ଜପ କର । ଅଧିକ ଲେଖିବା ବାହୁଲ୍ୟ । ମୋର ଶରୀର ମନ ସୁସ୍ଥ ନୁହେଁ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୬୨)

ଫରିଦାବାଦ

୨୬।୯।୧୮

ପରମ ମଙ୍ଗଳାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଗୋ—, ତୁମର ପତ୍ର ପାଇ ବିସ୍ତାରିତ ଅବଗତ ହେଲି । ବିବାହାନ୍ତେ ମଙ୍ଗଳ ପୂର୍ବକ ଆସି କାର୍ଯ୍ୟଭାର ଗ୍ରହଣ କରି ଅଛ ଜାଣି ଆନନ୍ଦିତ ହେଲି । ବତ୍ସ ! ମୁଁ ଯେଉଁ କାର୍ଯ୍ୟରେ ଅନୁମତି ଦେଇଛି ସେହି ବିବାହରେ ତୁମର ଆଧ୍ୟାତ୍ମିକ ଅମଙ୍ଗଳର କୌଣସି ସମ୍ଭାବନା ନାହିଁ । ତେବେ ବ୍ୟବହାରିକ ସୁଖ-ଦୁଃଖ ଅଦୃଷ୍ଟ ସାପେକ୍ଷ । ସାଂସାରିକ ସଂଘର୍ଷ ବ୍ୟତୀତ

କର୍ମଫଳ ଛିନ୍ନ ହେବ କିପରି ? ସୁତରାଂ ଲୋକଙ୍କ କଥାରେ ବିଚଳିତ ହୁଅ ନାହିଁ । ତୁମେ ବିଶ୍ୱାସ ରଖ, ଗୁରୁ ତୁମକୁ ପୁନଃ ବିବାହରେ ପ୍ରବୃତ୍ତ କରାଉଛନ୍ତି । ତେବେ କଥା ହେଲା—ଏହି ବିବାହ ଭୋଗ ବିଳାସ ପାଇଁ ନୁହେଁ, ସଂସାରର କର୍ମଫଳର ଅନିବାର୍ଯ୍ୟ କ୍ରିୟା ମାତ୍ର । ତୁମେ ଏହି ସ୍ତ୍ରୀକୁ ନେଇ ହିନ୍ଦୁର ଆଦର୍ଶ ସଂସାରୀ ହେବ । ସନ୍ନ୍ୟାସ ଅପେକ୍ଷା ମଧ କଠୋର ଭାବରେ ତୁମ୍ଭମାନଙ୍କୁ ଜୀବନଯାପନ କରିବାକୁ ପଡ଼ିବ, ନିତାନ୍ତ ଦୀନ-ହୀନ ଭଳି ରହି ଜୀବସେବାରେ ଜୀବନ ଉତ୍ସର୍ଗ କରିବାକୁ ପଡ଼ିବ । ସୁଖ ପାଇଁ ମୁଁ ତୁମର ବିବାହରେ ସମ୍ମତି ଦେଇ ନାହିଁ । ତୁମ୍ଭମାନଙ୍କର ଦାମ୍ପତ୍ୟ-ଜୀବନ ଜୀବର ଶିକ୍ଷଣୀୟ ବିଷୟ ହେବ, ଏହା ହିଁ ମୋର ଆନ୍ତରିକ ଇଚ୍ଛା । ଗୋଟିଏ ମୁହୂର୍ତ୍ତ ମଧ ଏ କଥା ଭୁଲିବ ନାହିଁ ।

ତୁମ୍ଭମାନଙ୍କ ବିବାହରେ ଭଗବାନଙ୍କର ମହତ୍ ଉଦ୍ଦେଶ୍ୟ ସଂସାଧିତ ହେବ । ଏବେଠାରୁ ଅନାହାରରେ ରହିବ ପଛକେ ଋଣ କରିବ ନାହିଁ । ଯାହା ଅଛି ସତ୍ୱର ପରିଶୋଧ କରିବାକୁ ପଡ଼ିବ । ସାକ୍ଷାତରେ ସବିଶେଷ ଉପଦେଶ ଦେବି ।

ଶରୀରଟା ପ୍ରତି ଯତ୍ନ କରିବ । 'କର୍ମ-ସାଗର ପାରିହେବାକୁ ଦେହ-ତରୀ ହିଁ ଭରସା'' । ଅତ୍ର ମଙ୍ଗଳ । ଆଶୀର୍ବାଦ ଜାଣିବ । ଶ୍ରୀମାନ୍ ସୁ—କୁ ଆଶୀର୍ବାଦ ଜଣାଇବ । ମୁଁ ୪।୫ ଦିନ ଭିତରେ ନାନାସ୍ଥାନକୁ ଭ୍ରମଣ ଉଦ୍ଦେଶ୍ୟରେ ବାହାରି ଯିବି, ସୁତରାଂ ଶ୍ୱାସ ରୋଗୀକୁ ୧ ମାସ ପରେ ପଠେଇବ । ଇତି—

ତୁମ୍ଭମାନଙ୍କର—

ଠାକୁର

(୬୩)

ସାରସ୍ୱତ ମଠ
୧।୬।୨୬

ସ୍ନେହର ଲ—,

ତୁମର ପତ୍ର ପାଇ ଆନନ୍ଦିତ ହେଲି । ତୁମ୍ଭେମାନେ ମନେ କର ତୁମ୍ଭେମାନେ ହିଁ ଠାକୁରଙ୍କୁ ନେଇ ଆନନ୍ଦ ଭୋଗ କର, କିନ୍ତୁ ତୁମ୍ଭମାନଙ୍କୁ ନେଇ ଠାକୁରଙ୍କର ଯେ କି ଆନନ୍ଦ, ତାହା ତ ବୁଝି ପାରନା । ତୁମ୍ଭମାନଙ୍କ ଭିତରେ ହିଁ ଯେ ମୁଁ ମୋର ଆନନ୍ଦମୟୀର ଲୀଳାବିଳାସ ଉପଭୋଗ କରେ । ତୁମ୍ଭେମାନେ ତାଙ୍କର ବିକାଶ ବୋଲି ହିଁ ନା ତୁମ୍ଭମାନଙ୍କ ପ୍ରତି ମୋର ଏତେ ପ୍ରୀତି । ସେଥିପାଇଁ ସର୍ବଦା ଇଚ୍ଛା କରେ, ତୁମ୍ଭମାନଙ୍କର ହୃଦୟ ପୂର୍ଣ୍ଣ କରି ସେ ପ୍ରକାଶିତ ହୁଅନ୍ତୁ ।

ସମାଜର ଯେଉଁ ଅବସ୍ଥା—ପୁଅଝିଅମାନଙ୍କୁ ଠିକ୍ ଭାବରେ ଶିକ୍ଷା ଦେବା ବଡ଼ କଠିନ । ତେବେ ଚେଷ୍ଟା କରିବାକୁ ପଡ଼ିବ । ପତ୍ରରେ ଲେଖିବା ଅସମ୍ଭବ । ୰ପୂଜା ସମୟରେ ଯେତେବେଳେ ଉତ୍ତରବଙ୍ଗ ଯିବି ସେତେବେଳେ ଏ ସମ୍ବନ୍ଧରେ ଆଲୋଚନା କରିବି । ଏଥର କଲିକତା ଯାଇ ଜଣେ ଏମ୍. ଏ. ଡ଼େପୁଟି ସୁପରିଟେଣ୍ଡେଣ୍ଟ, ୨ ଜଣ ଓକିଲ ଓ ଜଣେ ମୁନ୍‌ସିଫ୍ ଶିଷ୍ୟ ପାଇଛି । ସେମାନେ ବେଶ୍ ଶିକ୍ଷିତ ଓ ଭକ୍ତ । ଆହୁରି ମଧ ବହୁ ଭକ୍ତ ମିଳିଛନ୍ତି । କଲିକତାରେ ବେଶ୍ ଆନନ୍ଦ ପାଇଛି । ଆଶ୍ରମର ସେବକଗଣ ଅସୁସ୍ଥ । ୬ ଟଙ୍କାରେ ମହଣେ ଚାଉଳ । ଆଶ୍ରମ ନେଇ ହିଁ ବିବ୍ରତ । ସବୁ ମାଙ୍କର ଇଚ୍ଛା । ସ୍ୱ— ବଗୁଡ଼ା ଯାଇଅଛି । ଅନ୍ୟାନ୍ୟ କୁଶଳ, ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ତୁମର ଠାକୁର

(୬୪)

ଶାନ୍ତି ଆଶ୍ରମ

ବୈଶାଖ, ୧୧ ଦିନ

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ବିଶେଷଃ—

ତୁମର ପତ୍ର ପାଇ ଅବଗତ ହେଲି । "ଉପାସକାନାଂ କାର୍ଯ୍ୟାର୍ଥଂ ବ୍ରହ୍ମଣୋ ରୂପକଳ୍ପନା ।" ଉପାସନା ପାଇଁ ହିଁ ଏକରୂପ, ଏକରସ, ବାକ୍ୟମନର ଅଗୋଚର ବ୍ରହ୍ମଙ୍କର ନାନା ନାମ ଓ ରୂପ ଋଷିଗଣ କର୍ତ୍ତୃକ କଳ୍ପିତ ହୋଇଅଛି । ଅଥଚ ସେହି କଳ୍ପନାର ସହିତ ସତ୍ୟର ମିଶ୍ରଣ, ଆକାଶକୁସୁମ ଭଳି ମିଥ୍ୟା କଳ୍ପନା ନୁହେଁ । ଜ୍ଞାନପୂର୍ବକ ଶାସ୍ତ୍ରର ମୂର୍ତ୍ତିଗୁଡ଼ିକ ବିଶ୍ଳେଷଣ କଲେ ତତ୍‌ପ୍ରତିପାଦିତ ବ୍ରହ୍ମ ବା ବ୍ରହ୍ମଙ୍କର ଭାବବିଶେଷ ପ୍ରକାଶ ପାଇବ । ତୁମେ ତୁମର ଧ୍ୟେୟ ମୂର୍ତ୍ତିର ଯେଉଁ ବିବରଣ ଦେଇଛ, ସ୍ଥୂଳ ଧ୍ୟାନକାଳେ ତଦତିରିକ୍ତ ଆଉ ବିଶେଷ କିଛି ଚିନ୍ତା କରିବାର ଆବଶ୍ୟକ ନାହିଁ ।

ଶ୍ରୀମାନ୍ ନ—ର ଅତଃପର ଉପନୟନ କରାଇବା କର୍ତ୍ତବ୍ୟ । ବ୍ରାହ୍ମଣ ବଂଶରେ ଜନ୍ମି ଯେତେ ଶୀଘ୍ର ଜନ୍ମର ସାଫଲ୍ୟ ହୁଏ ପ୍ରତ୍ୟେକ ପିତାର ସେଥିପ୍ରତି ଦୃଷ୍ଟି ରଖିବା କର୍ତ୍ତବ୍ୟ । କାରଣ ଜୀବର ଅନିର୍ଦ୍ଦିଷ୍ଟ ପରମାୟୁ । ଯଦି ସୁଯୋଗ ଓ ସୁବିଧା ହୁଏ ଏହି ବର୍ଷ ହିଁ ତାହାର ସଂସ୍କାର କରାଇବ । ଆଶ୍ରମର ଅନ୍ୟାନ୍ୟ କୁଶଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୫)

୨୭ ଡ଼ିଷ୍ଟିଲାରୀ ରୋଡ଼
ଫରିଦାବାଦ, ଢାକା
୨ ଜୁନ ୧୯୧୧ ସାଲ

କଲ୍ୟାଣବରେଷୁ—
ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଗୋ—, ତୁମର ପତ୍ର ଖଣ୍ଡିକ ଯଥାସମୟରେ ପାଇ ଅବଗତ ଅଛି । କିନ୍ତୁ ମୁଁ କେତେ ଦିନ ଯାବତ୍ ନାନ ସ୍ଥାନରେ ଘୁରି ବୁଲୁଅଛି, ତେଣୁ ଉତ୍ତର ଦେବାକୁ ବିଳମ୍ବ ହୋଇ ଗଲା ।

ତୁମେ ଯେଉଁ ସବୁ କଥା ଲେଖିଅଛ ତାହା ବିଶେଷ ଭାବରେ ଚିନ୍ତା କରି ଦେଖିଲି, କିନ୍ତୁ କୌଣସି ଶ୍ରେୟଃ ସିଦ୍ଧାନ୍ତରେ ଉପନୀତ ହୋଇ ପାରିଲି ନାହିଁ । ତୁମେ ପୂଜାଛୁଟୀରେ ଏଠାକୁ ଆସିବ, ସେହି ସମୟରେ ପରାମର୍ଶ ଦେଇ ତୁମର ଭବିଷ୍ୟତ୍ ଜୀବନର ପରିଚାଳନ ପଦ୍ଧତି ନିର୍ଦ୍ଧାରିତ କରି ଦେବି । ଏହି କେତେ ମାସ କୌଣସି ପ୍ରକାରରେ କଟେଇଦିଅ । ଜପାଦି ପାଇଁ ପୃଥକ୍ ଗୃହ ନ ପାଇଲେ ଏବେ ତୁମର ଶୟନ କକ୍ଷରେ ହିଁ କାର୍ଯ୍ୟକର । କେହି ଗୃହରେ ଥିଲେ ବା ହଠାତ୍ ଆସିଲେ ତୁମେ ଦୃକ୍‌ପାତ ନ କରି ନିଜମନରେ କାର୍ଯ୍ୟ କରିଯିବ ।

ଚଞ୍ଚଳମନର ବଶବର୍ତ୍ତୀ ହୋଇ ନିତ୍ୟ ନୂତନ ପଦ୍ଧତି କଳ୍ପନା କରିବା ନିତାନ୍ତ ଭ୍ରମାତ୍ମକ । ମାନବ ଯେପରି ଅବସ୍ଥାରେ ଥାଉ ନା କାହିଁକି, ତାର ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଠିକ୍ ରଖିବାକୁ ପଡ଼ିବ ଏବଂ ତଦନୁସାରେ ଜୀବନଯାପନ କରିବାକୁ ଅଭ୍ୟସ୍ତ ହେବାକୁ ପଡ଼ିବ । ନିତ୍ୟ 'ଲକ୍ଷ୍ୟ' ଓ ଉଦ୍ଦେଶ୍ୟ' ପରିବର୍ତ୍ତନ କଲେ କୌଣସିଦିନ କେହି ଲକ୍ଷ୍ୟ ସ୍ଥାନରେ ପହଞ୍ଚି

ପାରିବ ନାହିଁ । ତେଣୁ ଲେଖୁଛି, ମନକୁ ଶାନ୍ତ କରି ଯେପରି ଭାବରେ ଜୀବନଯାପନ କରିବାକୁ ଚାହଁ, ତାହା ଠିକ୍ କରି ନିଶ୍ଚୟ କରି ଦୃଢ଼ ଭାବରେ ଚଳୁଥାଅ, ମନର ନାନାପ୍ରକାର ପରାମର୍ଶରେ ଧୈର୍ଯ୍ୟଚ୍ୟୁତ ହୁଅ ନାହିଁ । ପ୍ରାଣ ବୁଝି ପଥ ଧର । ବତ୍ସ ! ମନ ଯେପରି ତୁମକୁ ପ୍ରତାରିତ କରି ନ ପାରେ ।

ମୁଁ ଶାରୀରିକ ଭଲଅଛି, ଆଶ୍ରମର ମଧ୍ୟ ମଙ୍ଗଳ । ତୁମର କୁଶଳ ଜଣାଇବ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୬)

ମଠ

୧୦।୧୧।୧୫

ସ୍ନେହର ଜ୍ୟୋ— !

ତୁମର ପତ୍ରଗୁଡ଼ିକ କ୍ରମଶଃ ପ୍ରାପ୍ତ ହୋଇ ସମସ୍ତ ବିଷୟ ଅବଗତ ହେଲି । ପାପ କରି ପ୍ରବୃତ୍ତିର ସ୍ରୋତରେ ଚଳି ଅନ୍ୟାୟ କରିଅଛ ବୁଝି ଅନୁତପ୍ତ ହୋଇ ଏବଂ ତତ୍ କାର୍ଯ୍ୟରୁ ବିରତ ହେଲେ ଯଥାର୍ଥ ପ୍ରାୟଶ୍ଚିତ କରାଯାଏ । ତୁମେ ଯାହା କରିଅଛ ସେଥିପାଇଁ ଅନୁତପ୍ତ ଓ ଭବିଷ୍ୟତ ପାଇଁ ଯେତେବେଳେ ସତର୍କ ହୋଇଅଛ, ସେତେବେଳେ ସରଳ ଅନ୍ତଃକରଣରେ ମୁଁ କାହିଁକି କ୍ଷମା କରିବି ନାହିଁ ?

ବତ୍ସ ! ସଂସାର-ଆଶ୍ରମ କଠୋର ଏବଂ ଭୀଷଣତର ଜାଣେ, ତଥାପି ସଂସାରାଶ୍ରମ ହିଁ ଜୀବର ଉନ୍ନତିର ସୋପାନ । ସଂସାର-ପରୀକ୍ଷାରେ

ଉତ୍ତୀର୍ଣ୍ଣ ନ ହେଲେ "ମା" ସନ୍ତାନକୁ କୋଳକୁ ନିଅନ୍ତି ନାହିଁ । ମାୟା ରାଜ୍ୟର ନାମ ହିଁ ସଂସାର । କେଉଁଠାକୁ ଯାଇ ତୁମେ ମାୟାକୁ ଅତିକ୍ରମ କରିବ ? ମାଙ୍କର ଶରଣାଗତ ହୋଇ ସଂସାର-ନିଆଁରେ ପୋଡ଼ି ହୁଅ, "ମା" ହିଁ ରାସ୍ତା ଖୋଲି ଦେବେ । ନତୁବା ମରୀଚିକାଭ୍ରାନ୍ତ ମୃଗ ଭଳି ସାରା ଜଗତ ଘୁରି ଘୁରି ଶ୍ରାନ୍ତ ହୋଇ ପଡ଼ିବ ମାତ୍ର । ସୁତରାଂ ପାଗଳାମୀ ବାଚାଳାମି ଛାଡ଼ି ନୂତନ ପ୍ରାଣରେ, ନୂତନ ଉତ୍ସାହରେ ସଂସାର-ପଥରେ ଅଗ୍ରସର ହୁଅ । ମାଙ୍କର ଚରଣରେ ସର୍ବସ୍ୱ ନିର୍ଭର କରି ତାଙ୍କର ନାମ ନେଇ ତାଙ୍କର ସଂସାରରେ କାର୍ଯ୍ୟ କର । ରୋଗ, ଶୋକ, ଦୁଃଖ, ବିପଦ-ସମ୍ପଦରେ ଯେପରି ରଖନ୍ତି ସେଥିରେ ସନ୍ତୁଷ୍ଟ ରହିବାକୁ ଅଭ୍ୟାସ କର । ସତ୍‌ପଥରେ ରହି ଦିନାନ୍ତେ ଲୁଣଭାତ ଖାଇ ମଧ୍ୟ ଦେହ ରକ୍ଷା କର । ମୋ ସାଙ୍ଗରେ ସୁଯୋଗ ଓ ସୁବିଧାନୁସାରେ ପୁନରାୟ ଦେଖା ହେଲେ ସଂସାର-ଧର୍ମ ସମ୍ବନ୍ଧରେ ବିଶେଷ ଉପଦେଶ ଦେବି । ମୋର ଚିଠିପତ୍ରାଦି ଲେଖିବାକୁ ଆଦୌ ସମୟ ନାହିଁ । ଚିଠିର ବଚନ-ରଚନ ପାଠର ଅବକାଶ ମଧ୍ୟ କମ୍ ଏବଂ ମୋର ରୁଚିବିରୁଦ୍ଧ । ଗୁରୁ ଶିଷ୍ୟ ଭିତରେ ଅଧ୍ୟାତ୍ମ ସମ୍ବନ୍ଧ । ବାହ୍ୟଭାବରେ ଶିଷ୍ୟ ସହିତ ସମ୍ବନ୍ଧ ବଜାୟ ରଖିବାକୁ ହେଲେ, ଗୁରୁ ୫ଟି ଶିଷ୍ୟରୁ ଅଧିକ ଶିଷ୍ୟ କରିବାକୁ କଦାପି ସକ୍ଷମ ହୁଅନ୍ତି ନାହିଁ । ପ୍ରାଣର କଥା ପ୍ରାଣେ ପ୍ରାଣେ କହିବାକୁ ଅଭ୍ୟାସ କର, ନତୁବା ପତ୍ରରେ ଏହି ପ୍ରକାର ଭାବୋଚ୍ଛ୍ୱାସ ମୁଁ ବାଜେ ବାଚାଳତା ବୋଲି ମନେ କରେ । ଧୈର୍ଯ୍ୟରେ, ଗାମ୍ଭୀର୍ଯ୍ୟରେ ମଣ୍ଡିତ ହୁଅ, ଅନ୍ତରର ଭାବ ଅନ୍ତରରେ ଚାପିରଖ, ଦିନେ ମହାଭାବର ସାକ୍ଷାତ ପାଇବ । ସଂସାରର ଅବସ୍ଥା ମୁଁ ବେଶ ଜାଣେ, ପୁନଃପୁନଃ ଏହି ସବୁ କଥା ଲେଖି କ'ଣ ହେବ ? ଉପାୟ କ'ଣ ?—ଭଗବାନ୍ ସଂସାର ଭିତର ଦେଇ ହିଁ

ଆଧ୍ୟାତ୍ମିକ ରାଜ୍ୟର ରାସ୍ତା ତିଆରି କରିଛନ୍ତି । ସଂସାର ଜୟ ନ କଲେ ସନ୍ନ୍ୟାସରେ ଶାନ୍ତି ମିଳେ ନାହିଁ । ସଂସାରଭୀରୁ କାପୁରୁଷ ପାଇଁ ସନ୍ନ୍ୟାସ ନୁହେଁ,—ଆତ୍ମସୁଖ ପାଇଁ ସନ୍ନ୍ୟାସ ନୁହେଁ,—ନିଜର ସୁଖ ପରକୁ ବିତରଣ କରିଦେବା ପାଇଁ ହିଁ ସନ୍ନ୍ୟାସ ! ବସ ! ଏବେ ମଧ୍ୟ ନିଜକୁ ସୁଖୀ କରି ପାରି ନାହିଁ, ପରକୁ କ'ଣ ଦେବ ? "ଜଗତ୍‌ହିତାୟ ବହୁଜନ ହିତାୟ ଚ" ଯେଉଁ ମହାନ୍ ଆଶ୍ରମର ବ୍ୟବସ୍ଥା, ଦୁଃଖରେ ବା ଭୟରେ ସଂସାର ଛାଡ଼ିଲେ କ'ଣ ସେହି ପଦରେ ପ୍ରତିଷ୍ଠିତ ହେବା ସମ୍ଭବ ? ତ୍ୟାଗୀଙ୍କର ଆଦର୍ଶ ବୁଦ୍ଧ, ଶଙ୍କର, ଗୌରାଙ୍ଗ କେହି ଦୁଃଖ ବା ଭୟ ପାଇ ସଂସାର ଛାଡ଼ି ନାହାନ୍ତି । ସଂସାରରେ ସେମାନଙ୍କର ସୁଖର ଅଭାବ ନ ଥିଲା, ଜଗଦ୍‌ବାସୀଙ୍କୁ ସେହି ସୁଖ ଦାନ କରିବା ପାଇଁ ହିଁ ସେମାନଙ୍କର ସନ୍ନ୍ୟାସ ! ସେହିପରି ଅଧିକାରୀ ନ ହେଲେ ମୁଁ କାହାରିକୁ ସଂସାରତ୍ୟାଗର ପରାମର୍ଶ ଦେଇ ପାରିବି ନାହିଁ । ମୁଁ ଗୁରୁ, ମୋର ଅଦେଶ ଉପଦେଶର ପୁନଃପୁନଃ ଅବମାନନା କରି ନିଜର ପ୍ରବୃତ୍ତି ବଶରେ ଚିଳିଲେ, ମୁଁ ତାକୁ ଶିଷ୍ୟ ବୋଲି କିପରି ମନେ କରିବି ? ମୁଁ ଯେଉଁ ନାମ ଦେଇଛି ତାହା ନିୟମିତ ଜପ କର । ସାଧକ ଗୃହୀ-ବ୍ରହ୍ମଚାରୀ ଭଳି ଚଳ । ମତ୍‌ପ୍ରଣୀତ 'ବ୍ରହ୍ମଚର୍ଯ୍ୟ-ସାଧନ' ର ନିୟମାନୁସାରେ ନିଜକୁ ଗଠନ କର । ତତ୍ ସମ୍ବନ୍ଧରେ ମୋ ସହିତ ସାକ୍ଷାତ ହେଲେ ଉପଦେଶ ନିଅ । ବିଶେଷ ପ୍ରୟୋଜନ ହେଲେ ପତ୍ର ଲେଖ, ମୁଁ ପ୍ରୟୋଜନ ବୋଧ କଲେ ଉତ୍ତର ଦେବି । * * * ସମସ୍ତଙ୍କୁ ସତ୍‌ପଥକୁ ଆଣିବାକୁ ଚେଷ୍ଟା କରିବା କର୍ତ୍ତବ୍ୟ । ତୁମେ ଶିଷ୍ୟ ହୋଇ ମୋର ଗୁଣ ବାଖ୍ୟା କରି କାହାରିକୁ ମୋର ଶିଷ୍ୟ ହେବାକୁ ଉପଦେଶ ଦେଲେ ଲୋକେ ତୁମକୁ ଗୁରୁଙ୍କର ଦଲାଲ ମନେ କରିବେ । ସୁତରାଂ ମୋ କଥା କାହାରିକୁ ବି କହିବାକୁ ପଡ଼ିବ ନାହିଁ । ତୁମେ ସୁଖୀ

ହୁଅ ଏବଂ ଶାନ୍ତି ପାଅ—ଦେଖିବ, ତାହା ଦେଖି ଆପେ ଆପେ ଲୋକେ ଏ ଦିଗକୁ ଛୁଟିବେ । ତେବେ ଭଗବାନଙ୍କର ମହିମା ପ୍ରଚାର କଲେ ସମସ୍ତଙ୍କ ଧର୍ମରେ ମତି ହୁଏ, ସେହି ଚେଷ୍ଟାରେ ଦୋଷ ନାହିଁ । ମୁଁ ଶୀଘ୍ର ବାହାରକୁ ଯିବି । ଅତ୍ର ମଙ୍ଗଳ । ତୁମ୍ଭେମାନେ ସମସ୍ତେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୭)

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ଯଥା ସମୟରେ ପାଇଅଛି । ତୁମର ସାଂସାରିକ ବିପଦର କଥା ବଗୁଡ଼ାର ଭକ୍ତମାନଙ୍କ ନିକଟରୁ ଶୁଣିଥିଲି । ସଂସାରରେ ସ୍ତ୍ରୀ-ପୁତ୍ର ନେଇ, ବିଶେଷତଃ ଏକାନ୍ନ ପରିବାରରେ ବାସ କରିବାକୁ ହେଲେ, ରୋଗ-ଶୋଗ, ଉଦ୍‌ବେଗ-ଅଶାନ୍ତି ଅବଶ୍ୟମ୍ଭାବୀ । ମୁଁ ତୁମ ସମ୍ବନ୍ଧରେ କହି ପାରେ—ସାଂସାରିକ ଅଶାନ୍ତି ବଢ଼ିବ କିନ୍ତୁ କମିବ ନାହିଁ । ଏହି ଭିତରେ ହିଁ ଅଚଳ ଅଟଳ ରହି ବାକି ଜୀବନର କର୍ତ୍ତବ୍ୟ ପାଳନ କରି ଯିବାକୁ ପଡ଼ିବ । ମାୟାରେ ମୋହଗ୍ରସ୍ତ ହେଲେ ଚଳିବ ନାହିଁ । ତୁମର ଦାଦା ଆଧ୍ୟତ୍ମିକ ଦୃଷ୍ଟିହୀନ ବୋଲି ଅଭିଭୂତ ହୋଇ ପଡ଼ିଛନ୍ତି । ଏଥିପାଇଁ ତୁମ୍ଭେମାନେ ମ୍ରିୟମାଣ ହେଲେ ଚଳିବ କିପରି ? ସତ୍ୟକଥା ଅପ୍ରିୟ ଓ କଠୋର, ତେଣୁ ବିଶେଷ କିଛି ଲେଖିଲି ନାହିଁ । ଏଇଥର ସାକ୍ଷାତ

ହେଲେ ସବୁ ବିଷୟ କହିବି ଓ ବୁଝାଇ ଦେବି । ଆଷଢ଼ ଶ୍ରାବଣ ମାସରେ ମୁଁ ଉତ୍ତରବଙ୍ଗ ଯିବି, ସେହି ସମୟରେ ତୁମ୍ଭମାନଙ୍କ ସହିତ ଦେଖା କରିବି । ମୋର ଶରୀରଟା ଭଲ ଲାଗୁନାହିଁ । ଅନ୍ୟାନ୍ୟ କୁଶଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୮)

ଶାନ୍ତି ଆଶ୍ରମ

ଭାଦ୍ର ୧୪ ଦିନ, ୧୯୧୯ ସାଲ

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଗୋ—, ତୁମର ପତ୍ର ପାଇ ବିସ୍ତାରିତ ଅବଗତ ହେଲି । ବତ୍ସ ! ଭକ୍ତି, ବିଶ୍ୱାସ ବା ନିର୍ଭରତା ଲାଭ ପାଇଁ ଯଦି ତୁମର ଅକପଟ ବାସନା ଥାଏ, ଅବଶ୍ୟ ଭଗବାନ୍ ତୁମର ସେହି ବାସନା ପୂର୍ଣ୍ଣ କରିବେ । ତେବେ ଗୁଣମୟ ଅବସ୍ଥା ବୋଲି ତାହା ଉପଲବ୍ଧି କରି ପାରୁ ନାହଁ । ଜୀବନରେ ଅବଶ୍ୟ ପୂର୍ଣ୍ଣତା ଲାଭ କରି କୃତାର୍ଥ ହୋଇ ପାରିବ । କେବଳ ବିଶ୍ୱାସ ହାରାଅ ନାହିଁ, ତାହା ହେଲେ ସମୟରେ ସବୁ ପାଇବ । ଆଉ ଯାହା ଲକ୍ଷ୍ୟ, ତାହା ବ୍ୟତୀତ ଅନ୍ୟ ସମସ୍ତ କାମନା-ବାସନା ଜଳାଞ୍ଜଳି ଦେଇ, ସଙ୍କଳ୍ପ ପରିତ୍ୟାଗ କରି କର୍ତ୍ତବ୍ୟ କାର୍ଯ୍ୟ ସମ୍ପାଦନ ଓ ପାଳନ କରିଯାଅ, ଅଚିରେ ଅଭୀଷ୍ଟ ସିଦ୍ଧ ହେବ । ମନର ପାଞ୍ଚଦିଗର ଗତି ରୁଦ୍ଧ କରି ଏକମୁଖୀ କରି ପାରିଲେ ହିଁ ଅଭୀଷ୍ଟ ଫଳ ଲାଭ କରିବାକୁ ବିଳମ୍ବ ହେବ

ନାହିଁ । ଜପ, ଧ୍ୟାନ ଓ ପ୍ରାର୍ଥନା ଦ୍ୱାରା ହିଁ ତାହା ସମ୍ପନ୍ନ ହେବ । ତେବେ ରୋଗ-ଶୋକରେ, ବିପଦ-ସମ୍ପଦରେ, ସୁଖ-ଦୁଃଖରେ, ଭଲ-ମନ୍ଦରେ ମନ ଯେପରି ବିଚଳିତ ନ ହୋଇ ସାମ୍ୟାବସ୍ଥା ଅବସ୍ଥିତି କରେ, ପ୍ରାଣପଣେ ଦୃଢ଼ତାର ସହିତ ସେହି ଚେଷ୍ଟା କରିବ । ଇଚ୍ଛାମୟୀ ମା କାହାରି ବି ଇଚ୍ଛା ଅପୂର୍ଣ୍ଣ ରଖନ୍ତି ନାହିଁ । କେବଳ ଇଚ୍ଛାଟି ବିଶୁଦ୍ଧ ଓ ଏକମୁଖୀ ହେବା ପ୍ରୟୋଜନ । ଚି— ଓ ବୋ—କୁ ସର୍ବାଗ୍ରେ ତୁମ୍ଭମାନଙ୍କୁ ସେଠାକୁ ଯିବାକୁ ଆଦେଶ କରିଅଛି । ସେମାନେ ବଗୁଡ଼ା ହୋଇ ଦିନାଜପୁର, ପରେ ରଙ୍ଗପୁର ବୁଲିବେ । ତୁମର ମନ୍ତ୍ର ଓ ଧ୍ୟାନ ନିମ୍ନରେ ଲିଖିତ ହେଲା । ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୯)

ଓଁ ସଦ୍‌ଗୁରୁ

ଶାନ୍ତି ଆଶ୍ରମ

୨୬।୧୧।୧୬ ବାং

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ସ୍ନେହର ସୁ— ! ଯେଉଁଦିନ ତୁମର ପତ୍ର ପାଇଲି, ସେହି ଦିନ ହିଁ ଆମ୍ଭେମାନେ ୰ଉଦୟେଶ୍ୱରୀ ଦର୍ଶନ ମାନସରେ ଉଦୟପୁର ଯାଇଥିଲୁ, କାର୍ଯ୍ୟତଃ ଯଥାସମୟରେ ଉତ୍ତର ଦେଇ ପାରି ନାହିଁ । କର୍ମ କର,

—କର୍ମଦ୍ୱାରା ଗୁଣ-ସଂସ୍କାର କ୍ଷୟ ହେଲେ ସ୍ୱତଃ ଜ୍ଞାନର ଉଦୟ ହେବ । ଜ୍ଞାନ ହେଲେ ଆପେ ଆପେ ସ୍ମୃତିର ଦ୍ୱାର ଉଦ୍‌ଘାଟିତ ହେବ—ଜନ୍ମଜନ୍ମାନ୍ତର ଆପେ ଆପେ ଚିତ୍ର ଭଳି ପ୍ରକାଶିତ ହେବ । କେହି ଗୋଟିଏ ଜନ୍ମର କଥା କହି ଦେଲେ କ'ଣ ଲାଭ ହେବ ? ପରନ୍ତୁ ସ୍ୱୀୟ ପ୍ରତିଭା ଏବଂ କୌତୂହଳତା ନଷ୍ଟ ହୋଇଯିବ । ସୁତରାଂ ଏଇଟା ସେଇଟା ଜାଣିବାକୁ ନ ଚାହିଁ ଉଦ୍ୟମ ଓ ଅଧ୍ୟବସାୟ ସହିତ କର୍ମ କରି ଯାଅ । ବ୍ୟାକୁଳଭାବରେ, କାତର କଣ୍ଠରେ ''ମା''ଙ୍କ ସହିତ ସାକ୍ଷାତ୍ ମାନସରେ ଡ଼ାକୁଥାଅ, ଆପେଆପେ ସକଳ ପିପାସା ମେଣ୍ଟି ଯିବ । ମୁଁ କହି ଦେଲେ ଯଦି ତୁମର ବିନ୍ଦୁମାତ୍ର ଉପକାରର ଆଶା ଥାଆନ୍ତା, ମୁଁ ଅଯାଚିତ ଭାବରେ ନିଜେ ହିଁ ତାହା ତୁମକୁ କହି ଦିଅନ୍ତି, ତୁମକୁ ସେଥିପାଇଁ ଅନୁରୋଧ କରିବାକୁ ପଡ଼ି ନ ଥାଆନ୍ତା । ସାମାନ୍ୟ ଭାବାବେଶରେ ଓ ଚିନ୍ତାରେ ଆନନ୍ଦ ପାଇଲେ ତାହା ଉପେକ୍ଷା କର । ଯେତେ ଦିନ ପର୍ଯ୍ୟନ୍ତ ''ପରା-ଆନନ୍ଦର'' ଅଧିକାରୀ ହୋଇ ନ ପାରିଛ, ସେତେଦିନ ସାମାନ୍ୟ କ୍ଷଣିକ ଆନନ୍ଦକୁ ଦୃକ୍‌ପାତ ନ କରି ନିଜମନରେ କର୍ମ କରିଯାଅ । ଏବେ ଏକାଗ୍ରତା ଛାଡ଼ି ଆନନ୍ଦରେ ପ୍ରାଣ ଭସାଇଲେ ଉନ୍ନତିର ଆଶା ସୁଦୂର ପରାହତ । ଅତ୍ର ମଙ୍ଗଳ । ତୁମର ମାମାଙ୍କର ଓ ତୁମର କୁଶଳ ଜଣାଇବ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀସ୍ୱାମୀ ଶ୍ରୀନିଗମାନନ୍ଦ

(୭୦)

ସାରସ୍ୱତ ମଠ
୧୮।୨।୨୪

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ଯଥାସମୟରେ ପାଇ ଯୁଗପତ୍ ଆନନ୍ଦିତ ଓ ଦୁଃଖିତ ହେଲି । ତୁମର ପାରିବାରିକ ଦୁର୍ଘଟଣା ଦୁଃଖର କାରଣ ସତ, କିନ୍ତୁ ତୁମେ ଯେ ସେଥିରେ ତଦ୍ରୂପ ବିଚଳିତ ନ ହୋଇ ଧୀର ଓ ସ୍ଥିର ଭାବରେ ସାକ୍ଷୀ ଭଳି ଅବସ୍ଥିତ, ଅଥଚ ତୁମର କର୍ତ୍ତବ୍ୟ ଯାଥାଯଥ କରି ପାରିଅଛ ଜାଣି ଆନନ୍ଦିତ ହେଲି । ସୁଖ-ଦୁଃଖ, ରୋଗ-ଶୋକ, ସଂଯୋଗ-ବିୟୋଗ, ଏ ସଂସାରର ନିତ୍ୟ ଘଟଣା । ସେଥିରେ ଅଭିଭୂତ ନ ହୋଇ ଯେ ସର୍ବାବସ୍ଥାରେ ସ୍ୱରୂପରେ ଅବସ୍ଥିତି କରି ପାରେ, ସେ ହିଁ ଜ୍ଞାନୀ, ତାର ସାଧନା ସଫଳ ; ସେ ହିଁ ଭଗବାନ୍ ବା ଗୁରୁକୃପା ପାଇଅଛି । ନତୁବା କର୍ମରେ ଅନିବାର୍ଯ୍ୟ କର୍ମଫଳ ରୁଦ୍ଧ ହୁଏ ନାହିଁ । ବହର ବଢ଼ିଯାଏ ମାତ୍ର । ଶ୍ରୀକୃଷ୍ଣଙ୍କୁ ସଖାରୂପରେ ପାଇ ମଧ୍ୟ ପାଣ୍ଡବମାନଙ୍କର ସାଂସାରିକ ଦୁର୍ଗତି ଦୂର ହୋଇ ନାହିଁ । ତେବେ ଦାରୁଣ ପୁତ୍ରଶୋକରେ (ଅର୍ଜୁନଙ୍କପରି) ଯଦି ସେ ବାହାରେ ବା ଅନ୍ତରରେ ରହି ସାନ୍ତ୍ୱନା ଦିଅନ୍ତି ବା ଜଗତର ନଶ୍ୱରତା, ଲୀଳା-ରହସ୍ୟ ଦେଖାଇ ବୁଝାଇ ଦିଅନ୍ତି, ତାହା ହିଁ ପ୍ରକୃତ ଦୟା । ବିପଦରେ ପଡ଼ି ତୁମେ ସେହି ଦୟା ଉପଲବ୍ଧି କରି ପାରିଅଛ, ଏହା ମଧ୍ୟ ମୋର ଆନନ୍ଦର ଅନ୍ୟତମ କାରଣ । ଆଶୀର୍ବାଦ କରୁଛି ଦିନକୁ ଦିନ ତୁମ ନିକଟରେ ସତ୍ୟର ଦ୍ୱାର ଉଦ୍‌ଘାଟିତ ହେଉ ।

ଏଠାରେ ଲୋକମାନଙ୍କୁ ଖୁବ୍ ରକ୍ତଆମାଶୟ ହେଉଅଛି । ଆଶ୍ରମର ଅନେକେ ଆକ୍ରାନ୍ତ । ମୁଁ ଯେତେବେଳେ ବଙ୍ଗକୁ ଯିବି ସେତେବେଳେ ତୁମକୁ ଅବଶ୍ୟ ଜଣାଇବି । ଏଠାରେ ଅନ୍ୟାନ୍ୟ ମଙ୍ଗଳ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୭୧)

ସାରସ୍ୱତ ମଠ

ଶ୍ରାବଣ ୧୦ ଦିନ, ୧୩୨୨

ସ୍ନେହାସ୍ପଦେଷୁ—

ତୁମର ପତ୍ର ପାଇ ଅବଗତ ହେଲି । ପୂର୍ବର ପତ୍ରଖଣ୍ଡିକ ମଧ୍ୟ ଯଥାସମୟରେ ପାଇଅଛି । * * * ଶରୀରଟା ଖୁବ୍ ଭଲ ନୁହେଁ । ଉତ୍ସବ ପରେ ସେବକଗଣଙ୍କ ମଧ୍ୟରୁ ଅଧିକାଂଶ ପୁନଃ ପୁନଃ ଜ୍ୱରରେ ପଡୁଛନ୍ତି । କାର୍ଯ୍ୟକର୍ମରେ ଖୁବ୍ ବିଶୃଙ୍ଖଳା । ତଦୁପରି ଦେଶରେ ଦାରୁଣ ଶୋଚନୀୟ ଅବସ୍ଥା । ଚାରିଦିଗରେ ହାହାକାର ଉଠୁଅଛି । ସେବାବ୍ରତଧାରୀ ଆଶ୍ରମ ସେବକଗଣଙ୍କର କର୍ତ୍ତବ୍ୟ ବହୁ ପରିମାଣରେ ବଢ଼ିଯାଇଛି । ମତେ ମଧ୍ୟ ଚାରିଆଡ଼େ ଦେଖିବାକୁ ପଡୁଛି । କାର୍ଯ୍ୟତଃ ଯଥାସମୟରେ ପତ୍ରର ଉତ୍ତର ଦେଇ ନାହିଁ ।

ତୁମେ ତୁମର ଅବସ୍ଥା ଯାହା ଲେଖିଅଛ, ସେଥିରୁ ଏତିକି ମାତ୍ର ବୁଝି ପାରିଛି ଯେ—ମାନବଜୀବନ କେହି ସମଭାବରେ ଚଳାଇ ପାରେ ନାହିଁ । ଜୀବନ ସ୍ତରେ ସ୍ତରେ ସଜ୍ଜିତ । ଗୋଟିଏ ସ୍ତରର କ୍ରିୟାନ୍ତେ ଅନ୍ୟ ସ୍ତରର କାର୍ଯ୍ୟାରମ୍ଭ ; ସୁତରାଂ କେଉଁ ସ୍ତର କ୍ରିୟା କରିବ ଠିକ୍ କ'ଣ ? ଜୀବର

ଏପରି ଅବସ୍ଥାରେ କର୍ତ୍ତବ୍ୟ—ସବୁ ସମୟରେ ଲକ୍ଷ୍ୟ ଠିକ୍ ରଖି ଶାନ୍ତଭାବରେ ଅବସ୍ଥାନ କରିବା, ତାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ତାଙ୍କ ନାମ ନେଇ ଜୀବନର ବାକି କେତୋଟି ଦିନ କଟେଇ ଦେବା । ସୁତରାଂ ଆନନ୍ଦ ବା ନିରାନନ୍ଦ ଯାହା ଉପସ୍ଥିତ ହେଉ, ସେଥିରେ ଚଞ୍ଚଳ ନ ହୋଇ ପ୍ରତ୍ୟହ ଯଥାସାଧ୍ୟ ଜପ ଏବଂ ଧ୍ୟାନ ଓ ପ୍ରାର୍ଥନା କରିବା କର୍ତ୍ତବ୍ୟ । ଫଳାଫଳ ଓ ସୁଖ-ଦୁଃଖରେ ଉଦାସୀନ ରହିବାକୁ ଶିକ୍ଷା ଓ ଚେଷ୍ଟା କର । ବିଶେଷତଃ କଲିକତାର ବସାରେ ସ୍ଥାନ-କାଳ-ପାତ୍ରର ବ୍ୟତିକ୍ରମରେ ଏହିପରି ହୋଇ ପାରେ । ସୁତରାଂ ନିରୁତ୍ସାହ ବା ନିରାନନ୍ଦ ନ ହୋଇ କର୍ତ୍ତବ୍ୟ ସମ୍ପନ୍ନ କର । କୃପା ହିଁ ସିଦ୍ଧିର ମୂଳ, ସାଧନ-ଭଜନ ନିମିତ୍ତ ମାତ୍ର, ଏ କଥା ଭୁଲ ନାହିଁ । ସର୍ବ-ଗର୍ବ ପରିତ୍ୟାଗ କରି ମାଟି ହୋଇ ତାଙ୍କ ଚରଣ ଜଡ଼େଇ ଧର, ସେ ଯେ ଅହେତୁକ ଦୟାମୟ ; ଯାଚି ଗୁଞ୍ଜି ଜୀବକୁ ଦୟା କରନ୍ତି, ଆଉ ଯିଏ ଚାହେଁ—ତାର ଭାଗ୍ୟର ସୀମା ନାହଁ । ବସ ! ନିର୍ଭୟରେ ନିଶ୍ଚିନ୍ତରେ ମାଙ୍କର ନାମ ଗାଇଯାଅ, ସମୟରେ ସବୁ ଠିକ୍ ହେବ । ସଂସାରର ଘାତ-ପ୍ରତିଘାତରେ ବିଚଳିତ ହୁଅ ନାହିଁ । ''ନିର୍ଭର-ଖୁଣ୍ଟି'' ଧରି ବସି ମା ମା କୁହ, ମା ଦୌଡ଼ି ଆସି କୋଳକୁ ଉଠାଇ ନେବେ ।

ଅନ୍ୟାନ୍ୟ ମଙ୍ଗଳ । ତୁମେ ମୋର ଆଶୀର୍ବାଦ ଜାଣିବ ।

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୭୨)

ସ୍ୱରସ୍ୱତ ମଠ
୧୨।୨।୨୨

ସ୍ନେହର ନୀ—,

ତୁମର ପତ୍ର ପାଇ ଅବଗତ ହେଲି । ଇତିପୂର୍ବରୁ ଶ୍ରୀମାନ୍ ସ—ର (ବଗୁଡ଼ାର ଗୋ—କୁ) ଲିଖିତ ପତ୍ରରେ ଆହୁରି ମଧ୍ୟ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲି । ଯାହା ହେଉ, ତୁମର ପତ୍ରରେ କଥଞ୍ଚିତ୍ ଆଶ୍ୱସ୍ତ ହେଲି । ବସ୍ ! ଚିତ୍ତର ସାମୟିକ ଉତ୍ତେଜନା ବଶରେ ହଠାତ୍ ସଂସାର ଛାଡ଼ି ଦେବା ସଙ୍ଗତ ନୁହେଁ । ନିଜକୁ ସଂଯତ ଓ ପ୍ରକୃତିକୁ ସ୍ୱବଶକୁ ଆଣି ନ ପାରିଲେ, ପୃଥିବୀର ଯେଉଁଠାକୁ ଯାଅ ନା କାହିଁକି ଅଭାବ ଆଶାନ୍ତି ସଙ୍ଗେ ସଙ୍ଗେ ରହିବ ! ସସ୍ତ୍ରୀକର ପଦେ ପଦେ ବିପଦ । ସସ୍ତ୍ରୀକ ଧର୍ମାଚରଣ ପାଇଁ ହିଁ ଗୃହସ୍ଥାଶ୍ରମ । ସୁତରାଂ ବର୍ତ୍ତମାନ ସୁବିଧା ତ୍ୟାଗ କଲେ ଜଗତରେ ଅସୁବିଧା ହିଁ ବେଶୀ ଭୋଗ କରିବାକୁ ପଡ଼ିବ । ବିଶେଷତଃ ଆଶ୍ରମକୁ ଆସିଲେ ଅଶାନ୍ତି ଆହୁରି ବଢ଼ି ଯିବ । ଏଠାରେ ନାନା ପ୍ରକୃତିର ବହୁ ଲୋକ, ସମସ୍ତଙ୍କ ସଙ୍ଗେ ମତର ମେଳ ହେବ ନାହିଁ, ଉପରନ୍ତୁ ଉଦ୍‌ବେଗ ନିତ୍ୟ ବଢ଼ିବାକୁ ଲାଗିବ । ଆଉ ଆଶ୍ରମରେ ସସ୍ତ୍ରୀକ ରହିବାର ନିୟମ ମଧ୍ୟ ନାହିଁ । ସବୁ ଶିଷ୍ୟ ଯଦି ସସ୍ତ୍ରୀକ ଚରଣାଶ୍ରୟ କରିବାକୁ ଆସିବେ, ତେବେ ଆଶ୍ରମଟି ଯେ ଗୋଟିଏ ଗୃହସ୍ଥପଲ୍ଲୀ ହୋଇଯିବ, ତାହା ତୁମେ ମଧ୍ୟ ବୁଝି ପାରୁଥିବ । ଆଶ୍ରମର ଅଭାବ-ଅଶାନ୍ତି ଏବେ ମଧ୍ୟ କମ୍ ନୁହେଁ, ମୁଁ ମଧ୍ୟ ବର୍ଷର ଅଧିକାଂଶ ସମୟ ଆଶ୍ରମ ବାହାରେ ଥାଏ । ତେବେ ତୁମ୍ଭମାନଙ୍କର ଆଶ୍ରମରେ ରହି ଲାଭ କ'ଣ ? ମୁଁ ଅତିସତ୍ୱର ବଙ୍ଗଳାଦେଶକୁ ଯାଉଅଛି । ତେବେ ଯଦି

ନିତାନ୍ତ ସଂସାରରେ ବିରକ୍ତି ବା ଘୃଣା ଜନ୍ମିଥାଏ, ମୋର ଉପଦେଶାନୁସାରେ କାର୍ଯ୍ୟ କରି ନପାର, ତେବେ କୌଣସି ତୀର୍ଥାଦିକୁ ଯାଇ ସସ୍ତ୍ରୀକ ବାସ କର, ସାଧନ-ଭଜନ କର, କିନ୍ତୁ ଆଶ୍ରମକୁ ଆସିଲେ ତୁମର ମନୋଭୀଷ୍ଟ ପୂର୍ଣ୍ଣ ହେବ ନାହିଁ, ବରଂ ନିଜେ ଆହୁରି ମଧ୍ୟ ଅସୁଖୀ ହେବ, ଆଶ୍ରମଟି ମଧ୍ୟ ଆଦର୍ଶ-ଶୂନ୍ୟ ଅଶାନ୍ତିର ସ୍ଥାନ ହେବ । ମୋ ମତରେ, ଯେପରି ସଂସାରରେ ଅଛ ତଦନୁରୂପ ସଂଯତ ଓ ଧୈର୍ଯ୍ୟ ସହକାରେ ଆହୁରି କିଛି ଦିନ ରୁହ, ସବୁଦିଗରୁ ସୁବିଧା ହେବ । ବସାରେ ବେଶୀ ଅଶାନ୍ତି ହୁଏ, ସସ୍ତ୍ରୀକ କର୍ମସ୍ଥଳରେ ଯାଇ ରୁହ ; ନତୁବା ବାଳିକା ସ୍ତ୍ରୀ ନେଇ ସଂସାର ଛାଡ଼ି ନାନା ଅସୁବିଧାରେ ପଡ଼ିବା କଦାପି ସଙ୍ଗତ ନୁହେଁ । ବରଂ ସମୟେ ସମୟେ (ମୁଁ ଯେତେବେଳେ ଆଶ୍ରମରେ ଥିବି) ଛୁଟି ନେଇ ମାସେ ଦୁଇମାସ ଆଶ୍ରମରେ ଆସି ରୁହ । ନତୁବା ଏକବାରେ ସସ୍ତ୍ରୀକ ସଂସାର ଛାଡ଼ି ଆସିଲେ ଜୀବନ ବିଷମୟ ହୋଇ ଉଠିବ । ସନ୍ନ୍ୟାସ ଧର୍ମ ନିର୍ଗୁଣାତ୍ମକ, ତାହା ସସ୍ତ୍ରୀକ ଆଚରିତ ହେବାର ନୁହେଁ । ଯାହା ହେଉ, ମୁଁ ସବୁଦିଗ ଖୋଲି ଲେଖିଲି, ତୁମେ ଟିକିଏ ସ୍ଥିର ଓ ସମାହିତ ଚିତ୍ତରେ ମୋର କଥାଗୁଡ଼ିକ ଚିନ୍ତା କରି ଦେଖିବ । ବସ୍ ! ନାଚକୁଦ ବା ଦୌଡ଼ାଦୌଡ଼ି କଲେ ଶାନ୍ତି ମିଳେ ନାହିଁ । ତାଙ୍କର ଇଚ୍ଛା ହେଲେ ଅଶାନ୍ତି ଭିତରେ ବି ଶାନ୍ତି ମିଳେ, ଏ ବିଶ୍ୱାସ ହରାଅ ନାହିଁ । ତାଙ୍କ ଚରଣରେ ସବୁ ସମର୍ପଣ କରି, ତାଙ୍କ ଇଚ୍ଛାରେ ସବୁ ନିର୍ଭର କରି, ଯେପରି ଅଛ ସେହି ଭାବରେ ହିଁ କର୍ତ୍ତବ୍ୟ ପାଳନ କରି ଯାଅ, ତୁମର ସୁଖ-ଶାନ୍ତି ପାଇଁ ସିଏ ହିଁ ବ୍ୟସ୍ତ ହୋଇପଡ଼ିବେ । ନତୁବା ଆତ୍ମବୁଦ୍ଧିରେ ଚଳିଲେ ପଦେ ପଦେ ବିଡ଼ମ୍ବିତ ହେବ ।

ଆଶ୍ରମର ଉପସ୍ଥିତ କାର୍ଯ୍ୟାଦି ଶେଷ କରି ଯେତେ ଶୀଘ୍ର ସମ୍ଭବ ମୁଁ ଉତ୍ତର ବଙ୍ଗକୁ ଯାଉଅଛି । ସେହି ସମୟରେ ସବୁ କହିବି ଓ ଶୁଣିବ । ସ୍ୱ—, ଯୋ— ଓ ଗୋଟିଏ ଦୁଇଟି ବାଳକ ଜ୍ୱରରେ ଶଯ୍ୟାଗତ । ଅନ୍ୟାନ୍ୟ ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୭୩)

ଓଁ

ମଠ

୨।୬।୨୩

କଲ୍ୟାଣବରେଷୁ—

ତୁମର ପତ୍ର ପାଇ ଅବଗତ ଅଛି । ପୁରଶ୍ଚରଣ ଓ ପୂର୍ଣ୍ଣାଭିଷେକ କରିବାକୁ ହେଲେ ମୋ ନିକଟକୁ ଆସି ମୌଖିକ ଉପଦେଶ ନେଇ ଯିବାକୁ ପଡ଼ିବ, ନତୁବା ପତ୍ରରେ ସେହି ଦୀର୍ଘ ବିଷୟର ଉପଦେଶ ଲେଖିବାକୁ ସମୟ ନାହିଁ । ମୁଁ ମୁଖରେ ପଦ୍ଧତି ଓ ଉପଦେଶ ଦେବି, ଅନ୍ୟ ଦ୍ୱାରା ସଂସ୍କାର କରାଇ ନେବାକୁ ପଡ଼ିବ, ଖର୍ଚ୍ଚ ମଧ୍ୟ ଅନେକ ହେବ । ମୁଁ କୌଣସି ଶିଷ୍ୟର ମତଲବ ବା ଖିଆଲ ଅନୁସାରେ କୌଣସି କାର୍ଯ୍ୟ କରାଏ ନାହିଁ । ବିଶେଷତଃ ଯେଉଁ ଶିଷ୍ୟମାନଙ୍କୁ ମୁଁ ନିଜେ ମନ୍ତ୍ର ଦେଇଛି, ସେହି ସବୁ ଶିଷ୍ୟମାନଙ୍କର ଏହି ସବୁ ଆଜେବାଜେ ତାନ୍ତ୍ରିକୀ କ୍ରିୟାର ଆଦୌ ପ୍ରୟୋଜନ ହୁଏ ନାହିଁ । ତୁମେ ପ୍ରୟୋଜନ ବୁଝିଲେ ଅବଶ୍ୟ କରାଇବ । ତେବେ ଉପଦେଶ ବ୍ୟତୀତ ମୁଁ ନିଜେ ସଂସ୍କାର

କରି ପାରିବି ନାହିଁ । ମୋର ସମୟ ନାହିଁ । ଅତ୍ର ମଙ୍ଗଳ । ଆଶୀର୍ବାଦ ଜାଣିବ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୭୪)

ଓଁ

ପୁରୀ

ତା° ଫାଲ୍‌ଗୁନ ୨୪ ଦିନ, ୧୩୨୯

ସ୍ନେହର ଗୋ— !

ଜାଣିବାକୁ ପାଇଲି, ଆମର ବିମଳା ମାୟାମୟ ସଂସାର ତ୍ୟାଗ କରି ମହାମାୟାଙ୍କ ଚରଣୋଦ୍ଦେଶରେ ଚାଲି ଯାଇଛି । ସେ ଭାଗ୍ୟବତୀ ସନ୍ଦେହ ନାହିଁ । ସ୍ୱାମୀ ପୁତ୍ର ରଖି ସତୀର ବାଞ୍ଛିତ ସ୍ଥାନରେ ସେ ସ୍ଥାନ ପାଇଅଛି । ସୁତରାଂ ତା' ପାଇଁ ଶୋକ ଦୁଃଖ କରିବାର କିଛି ନାହିଁ । ସତୀ ନାରୀର ବାଞ୍ଛିତ ଗତି ସେ ଲାଭ କରିଅଛି । ଅବଶ୍ୟ ତୁମକୁ ଏଥିପାଇଁ କିଛି ବିବ୍ରତ ହେବାକୁ ପଡ଼ିଅଛି । ଶିଶୁ ପୁତ୍ରକନ୍ୟା, ବିଶେଷତଃ ସଦ୍ୟୋଜାତ ଶିଶୁଟିକୁ ନେଇ ତୁମର ଦାୟିତ୍ୱ କିଛି ବଢ଼ିଅଛି ସତ୍ୟ, କିନ୍ତୁ ଯାହାଙ୍କର ବିଧାନରେ ବିମଳା ଚାଲିଯାଇଛି, ତାଙ୍କର ହିଁ ମଙ୍ଗଳମୟ ବିଧାନରେ ପୁଅଝିଅମାନଙ୍କର ମଧ୍ୟ ସୁବ୍ୟବସ୍ଥା ହେବ । ଏହି ଘଟଣାରେ ତୁମର ହୃଦୟ ମଧ୍ୟ ସାମାନ୍ୟ ଭାଙ୍ଗି ପଡ଼ିଛି ; କିନ୍ତୁ ସଦ୍ୟଶୋକରେ ତୁମେ ଅଧୀର ହୋଇ ପଡ଼ିଲେ ମଧ୍ୟ କ୍ରମଶଃ ବୁଝି ପାରିବ ୰ମାଙ୍କର କୃପା ତୁମ ଉପରେ କିପରି ଭାବରେ କ୍ରିୟା କରୁଅଛି । ବସ ! ସ୍ମରଣ ଅଛି ତ, ଥରେ ତୁମେ ସ୍ତ୍ରୀ ବିୟୋଗ ପରେ ମୋର ଆଶ୍ରୟ

ନେଇଥିଲ ; ମୁଁ ହିଁ ପୁନରାୟ ତୁମକୁ ସଂସାର ବନ୍ଧନରେ ବାନ୍ଧି ଦେଇଥିଲି । ତୁମେ ଥରେ ଲେଖିଥିଲ—''ସ୍ତ୍ରୀ କନ୍ୟାଙ୍କ ମାୟାରେ ତୁମେ ବେଶୀ ଜଡ଼େଇ ପଡୁଅଛ ।'' ମୁଁ ଦେଇଥିବା ବନ୍ଧନ ତ ଶକ୍ତ ହୋଇ ପାରେନା, ତେଣୁ ଆଜି ଏକବାରେ ଖୋଲିଗଲା । ମୋହବଶତଃ ସମ୍ୟକ୍ ତାହା ବୁଝି ନ ପାରିଲେ ମଧ୍ୟ ଦୁଇଦିନପରେ ସବୁ ବୁଝି ପାରିବ । ତେବେ ଏଥର ଦାମ୍ପତ୍ୟବନ୍ଧନର ଫଳସ୍ୱରୂପ ପୁତ୍ରକନ୍ୟା ରହି ଯାଇଛି, ବିବାହର ଉଦ୍ଦେଶ୍ୟ ସାଧିତ ହୋଇଅଛି, ''ଦ୍ୱୟଂ ପୁତ୍ରମେକାଂ କନ୍ୟାଂ'' ଋଷି ପ୍ରଦର୍ଶିତ ଗାର୍ହସ୍ଥ୍ୟ ଧର୍ମ ପାଳିତ ହୋଇଅଛି । ତେଣୁ ଜଗନ୍ମାତା ବିମଳାକୁ ଡାକି ନେଇଛନ୍ତି । କେତୋଟି ବର୍ଷ ପରେ କନ୍ୟାଟିକୁ ବିବାହ ଦେଲେ ହିଁ ଦାୟିତ୍ୱ ଶେଷ ହେବ । ପୁତ୍ରଦ୍ୱୟଙ୍କ ମଧ୍ୟରୁ ଗୋଟିକକୁ ଆଶ୍ରୟ କରି ଜୀବନର ବାକି କେତୋଟି ଦିନ କଟାଇ ଦେଇ ପାରିବ । ବସ ! ଶୋକ-ଦୁଃଖ, ମାୟା-ମମତା ଝାଡ଼ି ଫିଙ୍ଗି ଦିଅ, ଦୁର୍ବଳତା ତ୍ୟାଗକର, ପ୍ରକୃତ ବ୍ରାହ୍ମଣଭାବରେ ଉଦ୍‌ବୁଦ୍ଧ ହୁଅ । ନିଜେ ମଧ୍ୟ ବ୍ରାହ୍ମଣତ୍ୱ ଲାଭ କର, ପୁତ୍ରଟିକୁ ମଧ୍ୟ ଆଦର୍ଶ ବ୍ରାହ୍ମଣରୂପେ ଗଠିତକରି ପୁନଃ ସମାଜରେ ବ୍ରାହ୍ମଣତ୍ୱର ଆଦର୍ଶ ପ୍ରତିଷ୍ଠା କର । ମାଙ୍କର କୃପା, ତାହାର ଗୂଢ଼ ଉଦ୍ଦେଶ୍ୟ ଉପଲବ୍ଧି କିରବାକୁ ଚେଷ୍ଟା କର । ଶୋକରେ ମୋହରେ ମୁହ୍ୟମାନ ହୋଇ ମାଙ୍କର ମଙ୍ଗଳମୟୀ ଇଚ୍ଛାର ଅବମାନନା କର ନାହିଁ । ମୋର ବିଶ୍ୱାସ ଅଛି ତୁମ ଦ୍ୱାରା ତାହା କଦାଚିତ୍ ସମ୍ଭବପର ନୁହେଁ ; କାରଣ ତୁମେ ଯେ ମୋର ପ୍ରିୟ ପୁତ୍ର । ବସ ! ଜାଗ, ଉଠ, କର୍ତ୍ତବ୍ୟରେ ଲାଗି ପଡ଼ ।

ମୁଁ ଚୈତ୍ରମାସର ଶେଷଆଡ଼କୁ ବଗୁଡ଼ାରେ ଉପସ୍ଥିତ ହେଉଅଛି । ସାକ୍ଷାତରେ ସମସ୍ତ ବିଷୟର ଆଲୋଚନା କରିବ । ମୁଁ ଶାରୀରିକ ଭଲ

ଅଛି । ଧ— ଓ ସୁ—ର ପତ୍ର ପାଇଅଛି । ସମସ୍ତେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୭୫)

ଓଁ ସତ୍ୟମେବ ଜୟତି

ଦୁର୍ଗାପୁର, ଶାନ୍ତି ଆଶ୍ରମ

୧୬।୫।୧୬ ବାଂ

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ପ୍ରିୟ ସୁ— ! ତୁମର ପତ୍ର ପାଇଅଛି, କିନ୍ତୁ ଆଶ୍ରମରେ ନ ଥିବାରୁ ଯଥାସମୟରେ ଉତ୍ତର ଦେଇ ପାରି ନାହିଁ । ତୁମ୍ଭମାନଙ୍କ ଦେଶରୁ ଆସିବା ପରେ ଜ୍ୱର-ପ୍ଳୀହାରେ କିଛିଦିନ କାତର ଥିଲି, ଏବେ ଭଲ ଅଛି । ଆଗାମୀ ୯ ତାରିଖ ବୁଧବାର ରାତ୍ରିରେ ମୁଁ ଶିଲଚର ଯିବି । ଫେରିବାକୁ ୧୦/୧୫ ଦିନ ବିଳମ୍ବ ହୋଇପାରେ । ବିଦେଶରେ ବିଶେଷ ସାବଧାନରେ ରହିବ । ଭଗବାନଙ୍କଠାରେ ଦୃଢ଼ ବିଶ୍ୱାସ ଓ ନିର୍ଭରତା ଅଭ୍ୟାସ କରିବ । ପ୍ରକୃତ ପକ୍ଷରେ ତାଙ୍କ ବ୍ୟତୀତ ଜୀବର ଆପଣାର ବୋଲି କେହି ନାହିଁ । ସୁଖରେ-ଦୁଃଖରେ, ସମ୍ପଦରେ-ବିପଦରେ ସମାନ ଭାବରେ ତାଙ୍କ ଉପରେ ବିଶ୍ୱାସ ରଖିବ । ଅନ୍ୟାନ୍ୟ ମଙ୍ଗଳ । ନିଜ ମଙ୍ଗଳ ଜଣାଇ ସୁଖୀ କରାଇବ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୭୬)

ଓଁ

ସାରସ୍ୱତ ମଠ
୧୪।୪।୧୭ ଇଂ

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ମୁଁ ଗୋୟାଲପଡ଼ା ଯାଇଥିଲି, ମଠକୁ ଆସି ତୁମର ପତ୍ର ପ୍ରାପ୍ତ ହୋଇ ଅବଗତ ହେଲି । ଦୁଃଖ-କଷ୍ଟରେ, ସମ୍ପଦ-ବିପଦରେ ସ୍ୱାମୀଙ୍କର ପଦପ୍ରାନ୍ତରେ ପଡ଼ି ରହିବା ହିଁ ନାରୀ ପକ୍ଷରେ ପରମ ଶ୍ରେୟଃ । ସେଥିରେ ମଧ୍ୟ ଯଦି ବିଘ୍ନ ହୁଏ, ଦୂରରେ ରହିଲେ ଯଦି ସ୍ୱାମୀ ସୁଖୀ ହୁଅନ୍ତି, ତେବେ ଯେ ତାହା ପାରେ—ସେ ଧନ୍ୟା । କାରଣ ସ୍ୱାମୀଙ୍କ ପାଇଁ ସ୍ୱାମୀ ତ୍ୟାଗ ପ୍ରକୃତ ସତୀ ବ୍ୟତୀତ ଅନ୍ୟଦ୍ୱାରା ସମ୍ଭବ ନୁହେଁ । ଆଉ ନିଜ ସୁଖରେ ନିରାଶ ହୋଇ ଦୂରେଇ ଯିବା କ୍ଷୁଦ୍ରତ୍ୱର ପରିଚାୟକ, ସ୍ୱାର୍ଥପରତାର ନାମାନ୍ତର । ତୁମେ ତ ଆଉ ଛୋଟ ନୁହେଁ ।

ବତ୍ସେ ! ସ୍ୱାମୀ ଯଦି ବିରକ୍ତ ନ ହୁଅନ୍ତି, ତେବେ ଶତ ଜ୍ୱାଳା ସହି ମଧ୍ୟ ତାଙ୍କ ନିକଟରେ ରିହ ତାଙ୍କର ସ୍ତ୍ରୀ-ପୁତ୍ରଙ୍କର ସେବା ହିଁ ମହତ୍ତ୍ୱ । ନିଜର ବାସନା-କାମନା, ସୁଖ-ଦୁଃଖ, ମାନ-ଅଭିମାନ ସ୍ୱାମୀଙ୍କ ଚରଣରେ ଅର୍ପଣ କରି ତାଙ୍କର ସଂସାରର ସେବାରେ ବାକି ଜୀବନ କଟେଇବା କର୍ତ୍ତବ୍ୟ । ତ୍ୟାଗ ହିଁ ଧର୍ମ, ଧୈର୍ଯ୍ୟ .କ୍ଷମା ହିଁ ଦେବତ୍ୱ । ଆତ୍ମବଳି ଦେଇ ଯେ ପରର ସୁଖ ବିଧାନ କରି ପାରେ, ସେ ହିଁ ସର୍ବାଗ୍ରେ ଭଗବତ୍‌କୃପା ପ୍ରାପ୍ତ ହୁଏ, ଅନ୍ୟ ସାଧନ-ଭଜନର ପ୍ରୟୋଜନ ହୁଏ ନାହିଁ । ସୁତରାଂ ତୁମ୍ଭେମାନେ ମଧ୍ୟ ପତିଗୃହରେ ରହିବା କର୍ତ୍ତବ୍ୟ । ତେବେ

ତୁମେ ଦୂରରେ ରହିଲେ ସ୍ୱାମୀ ଯଦି ସୁଖୀ ହୁଅନ୍ତି ବୋଲି ବୁଝି ପାର, ତାଙ୍କର ଅନୁମତି ଆଶୀର୍ବାଦ ନେଇ ଅନ୍ୟତ୍ର ରହିପାର । ସ୍ୱାମୀ ଯଦି ଖୋରାକ-ପୋଷାକ ଦିଅନ୍ତି, ଆହୁରି ଭଲ । କିନ୍ତୁ ବାଛା ! ରାଗ ଅଭିମାନ କରି ସ୍ୱାମୀଙ୍କୁ ଛାଡ଼ ନାହିଁ । ସ୍ତ୍ରୀର ଅଧିକାର ଛାଡ଼ିଦେଇ ଦାସୀଭାବରେ ପଡ଼ିଥାଅ, ସମୟରେ ଦାସ୍ୟପ୍ରେମର ଅଧିକାରିଣୀ ହୋଇ ମହାଭାବରେ ଚିରଦିନ ପାଇଁ ମିଳିତା ହୁଅ । ତୁମେ ଧୀର, ସ୍ଥିର, ସହିଷ୍ଣୁ ବୋଲି ମୋର ବିଶ୍ୱାସ । ଏତେଦିନ ସହ୍ୟ କରି ଏବେ ବୁଡୁଅଛ ଜାଣି ଆଶ୍ଚର୍ଯ୍ୟ ହେଲି । ହୃଦୟରେ ବଳ ଆଣ, ମା ମା ବୋଲି କାନ୍ଦ ; ସଂସାରରେ ସୁଖ-ଦୁଃଖ ଜୟ କରି ମାଙ୍କ ଚରଣରେ ଲୋଟି ପଡ଼ । ଶୟନରେ ସ୍ୱପନରେ ମାଙ୍କୁ ସ୍ମରଣ କର । ନାମ ଦ୍ୱାରା ମନ ପବିତ୍ର ହେବ, ମନରେ ବଳ ଆସିବ, ପ୍ରାଣ ଆମୋଦିତ ହେବ । ମୁଁ ଏଥର ଯେତେବେଳେ ଢାକା ଯିବି, ସେତେବେଳେ ତୁମେ ମୋ ସହିତ ସାକ୍ଷାତ କର । ସାକ୍ଷାତରେ ସମସ୍ତ କଥା ଶୁଣିବି ଓ ଉପଦେଶ ଦେବି । ସେଥର ତୁମର କେବଳ ଅଭିଷେକ କରିଥିଲି, ଉପଦେଶାଦି ଦେବାକୁ ସମୟ ପାଇ ନାହିଁ । ଉତ୍ସବ ପାଇଁ ସାମାନ୍ୟ ବ୍ୟସ୍ତ ଅଛି । ଆଶୀର୍ବାଦ କରୁଛି ମାଙ୍କ କୃପାରୁ ଶାନ୍ତି ଲାଭ କର । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୭୭)

ସାରସ୍ୱତ ମଠ
୪।୬।୨୩

ସ୍ନେହର ଗୋ—,

ତୁମର ପତ୍ର ପାଇ ଅବଗତ ହେଲି । କର୍ମ-ସୂତ୍ର କଟି ନାହିଁ—ଗୁଣ କ୍ଷୟ ହୋଇ ନାହିଁ, ତେଣୁ ଅଧ୍ୟାତ୍ମ-କର୍ମପଥରେ ଅଗ୍ରସର ହୋଇ ପାରୁ ନାହଁ । ଗୁଣସଙ୍ଗବଶତଃ ମନ ଅନ୍ତର୍ମୁଖୀ ହୋଇ ପାରୁ ନାହିଁ, ସାଧନାର ଅନୁଷ୍ଠାନ ମଧ୍ୟ କରି ପାରୁ ନାହଁ । ଯେତେଦିନ ଏପରି ଅବସ୍ଥାରେ ଅଛ, ପ୍ରାର୍ଥନା ବା କୃପାଭିକ୍ଷା ଭିନ୍ନ ଉପାୟ କ'ଣ ? କୃପାର ମଧ୍ୟ ଗୋଟିଏ ସମୟ ଅଛି । ଗୁଣ ଥିଲେ ଜ୍ଞାନ ଆତ୍ମପ୍ରକାଶ କରେ ନାହିଁ । ଯେଉଁ ଅବସ୍ଥାରେ ରୁହ, ନାମ ନେବାକୁ ଅବହେଳା କର ନାହିଁ । ବାଧ୍ୟତା ଓ ନିର୍ଭରତା ଅଭ୍ୟାସ କର । ହତାଶ ହୁଅ ନାହିଁ । ଯେତେବେଳେ ନିଜେ ଆଉ ପାରିବ ନାହିଁ, ସେତେବେଳେ ହିଁ ସର୍ବତୋଭାବରେ ଶରଣାଗତି ଆସିବ ; ଅଭିମାନ ଗଲେ ହିଁ ଦୀନତା ଆସିବ । ସେତେବେଳେ ଦୀନର ସଖା ଅବଶ୍ୟ ଦେଖା ଦେବେ, ସଦ୍‌ଗୁରୁଙ୍କର ସେବା ବୃଥା ଯିବ ନାହିଁ ।

ବସ ! ମୁଁ ଜାଣେ, ବ୍ୟବସାୟୀମାନଙ୍କର ବାୟୁ ଦୂଷିତ ; ସତ୍ୟ ସହିତ ସମ୍ପର୍କ ନାହିଁ । ଜୀବ ବାହ୍ୟ ଐଶ୍ୱର୍ଯ୍ୟର ମୋହରେ ନିଜକୁ ହରାଇ ପକାଇଛି । ତୁମେ ବିଷୟୀ ସଙ୍ଗରୁ ସାବଧାନ ସହକାରେ ନିଜକୁ ରକ୍ଷା କରିବ । ମୁଁ ପୂଜାଛୁଟୀ ପରେ ବଙ୍ଗଦେଶକୁ ଯିବି । ବଡ଼ଦିନ ମଧ୍ୟରେ ଡାକାରେ ଅବସ୍ଥିତି କରିବି । ତୁମେ ଅବଶ୍ୟ ସେହି ସମୟରେ ଦେଖା

କରିବ । ଅତ୍ର ମଙ୍ଗଳ । ଆଶୀର୍ବାଦ କରୁଛି ସର୍ବାବସ୍ଥାରେ ସ୍ୱୀୟ ଲକ୍ଷ୍ୟରେ ପ୍ରତିଷ୍ଠିତ ରୁହ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୭୮)

ଶାନ୍ତି ଆଶ୍ରମ

୧୦।୪।୧୩ ଇଂ

ସ୍ନେହାସ୍ପଦେଷୁ—

ତୁମର ପତ୍ର ପାଇ ଅବଗତ ହେଲି । ମୁଁ ତିସ୍ତାରୁ ଆସି ଅଜୟ ନଦର ବନ୍ୟା କଥା ଶୁଣି ବୀରଭୂମ ସାହାଯ୍ୟ ଭଣ୍ଡାର ପାଇଁ ଅର୍ଥସଂଗ୍ରହ ବ୍ୟବସ୍ଥାରେ ବ୍ୟସ୍ତ ହୋଇଗଲି । ତତ୍ପରେ ଦାମୋଦର ବନ୍ୟାରେ ପଶ୍ଚିମବଙ୍ଗର ଭୀଷଣ ଦୁର୍ଦ୍ଦଶାର କଥା ବୋଧହୁଏ ଅବଗତ ଅଛ । ଏହି ପ୍ରଦେଶରେ ବହୁଲୋକ ଗୃହାନ୍ନଶୂନ୍ୟ ହୋଇ ପଡ଼ିଛନ୍ତି ; ତା ଉପରେ ନିଉମୋନିଆ, କଲେରା ପ୍ରଭୃତି ବ୍ୟାଧିର ପ୍ରକୋପ । ସେହି ସବୁ ଆର୍ତ୍ତସେବା ପାଇଁ ଆମର "ଶ୍ରୀଗୌରାଙ୍ଗ ଅନାଥ ନିକେତନ"ର ସେବକଗଣ ଡ଼ାକ୍ତରଙ୍କ ସହ ସେଠାକୁ ଚାଲିଯାଇଛନ୍ତି । ପୂର୍ବ ସଂଗୃହୀତ ୩୦୦ ଟଙ୍କା ସେମାନେ ସାଙ୍ଗରେ ନେଇ କାର୍ଯ୍ୟ ଆରମ୍ଭ କରିଛନ୍ତି । ଆଶ୍ରମରେ ଆଉ ଟଙ୍କା ନାହିଁ, ଟଙ୍କା ଅଭାବରୁ ସେବା କାର୍ଯ୍ୟ ବନ୍ଦ ହୋଇଗଲେ ପ୍ରାଣରେ ଆଘାତ ଲାଗିବ । ତେଣୁ ମୁଁ ଦିବାରାତ୍ର ଅର୍ଥ ସଂଗ୍ରହ ଚେଷ୍ଟାରେ ଅଛି । ତା ଉପରେ ପୁଣି ଜଣେ ଲୋକକୁ ନେଇ ଆଶ୍ରମର କାର୍ଯ୍ୟ ସମ୍ପନ୍ନ କରିବାକୁ ପଡୁଅଛି । ବ୍ୟକ୍ତିଗତ ସ୍ୱାର୍ଥଚିନ୍ତା ପାଇଁ

ମୋର ଅବସର ନାହିଁ । ସମଗ୍ର ବଙ୍ଗ ଆଜି ସବୁ ଭୁଲି କେବଳ ଆର୍ତ୍ତସେବାରେ ଉଦ୍‌ଗ୍ରୀବ । ମୋର ଗୃହସ୍ଥ ଶିଷ୍ୟଗଣ ଆହାର ନିଦ୍ରା ତ୍ୟାଗ କରି ସେବାକାର୍ଯ୍ୟରେ ସନ୍ନ୍ୟାସୀ ଭ୍ରାତାଗଣଙ୍କୁ ସହାୟତା କରୁଛନ୍ତି । ସେମାନଙ୍କ ଦ୍ୱାରା ଯେଉଁ ବିରାଟ ବିପନ୍ନ-ଜନଗଣରୂପୀ ଭଗବାନଙ୍କର ପୂଜା ହେଉ ଅଛି, ସେହି ଆନନ୍ଦରେ ମୁଁ ନିଜକୁ ପର୍ଯ୍ୟନ୍ତ ଭୁଲି ଯାଇଛି । ତୁମର ଅମ୍ଳରୋଗ କଥା ଶୁଣି ଚିନ୍ତିତ ହେଲି । କୃତ କର୍ମଫଳ ଅବଶ୍ୟ ଭୋଗ କରିବାକୁ ପଡ଼ିବ । ଆହାର ପରେ ‘‘ବାଇସୁରେଟେଡ଼ ମ୍ୟାଗ୍‌ନେସିଆ’’ ନାମକ ଡାକ୍ତରୀ ଔଷଧ ଗରମ ଜଳ ସହିତ ଖାଇବ । ମାତ୍ରା ଡାକ୍ତରଙ୍କ ନିକଟରୁ ଜାଣି ନେବ । ଦିନରେ ୩।୪ ଥର ନିୟମିତ ଶୀତଳୀ କୁମ୍ଭକ କର । ତୁମର ଶାଶୁଙ୍କର ଯେପରି ଅବସ୍ଥା, ସେଥିରେ ରୋଗାରୋଗ୍ୟ ଆଶା କର ନାହିଁ । ମୁଁ ତାଙ୍କର ଜୀବନର ଆଶା ଛାଡ଼ିଅଛି । ମୋର ସାମାନ୍ୟ ଅବକାଶ ମଧ୍ୟ ନାହିଁ, ସମୟାନ୍ତରେ ସବିଶେଷ ଲେଖିବି । ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୭୯)

ଓଁ ତତ୍‌ସତ୍

Kokilamukh P.o.
Santi Ashram (Assam)
Via-Jorhat, 10.3.12

ପ୍ରିୟ ଗୋ— !

ତୁମର ପତ୍ର ପାଇ ଅବଗତ ହେଲି । ପ୍ରେରିତ ଟଙ୍କା ମଧ୍ୟ ପାଇଛି । ମୋର ଠିକଣା ଉପରେ ଲିଖିତ ହେଲା । ଏବେଠାରୁ ଏହି ଠିକଣାରେ ତୁମେ ପତ୍ରାଦି ଲେଖିବ । * * *

ତୁମ୍ଭମାନଙ୍କର ହରିସଭା ଓ ତତ୍‌ସମ୍ବନ୍ଧରେ ମ— ବାବୁଙ୍କର ଉତ୍ସାହ ଓ ଅଧ୍ୟବସାୟ ଅବଗତ ହୋଇ ଅତ୍ୟନ୍ତ ଆନନ୍ଦିତ ହେଲି । ଆଶୀର୍ବାଦ କରୁଛି ତୁମ୍ଭମାନଙ୍କର ଶୁଭ ଇଚ୍ଛା ଇଚ୍ଛାମୟୀ ପୂର୍ଣ୍ଣ କରନ୍ତୁ । ନିଃସ୍ୱାର୍ଥଭାବରେ, ଅକପଟ ହୃଦୟରେ ଯେ କୌଣସି କାର୍ଯ୍ୟର ଅନୁଷ୍ଠାନ କଲେ ଭଗବାନ ତାହାର ସହାୟ ହୁଅନ୍ତି, ଏକଥା ଭୁଲ ନାହିଁ । ଅହଂଭାବର ପ୍ରତିଷ୍ଠା ଏବଂ ଖ୍ୟାତି ପ୍ରତିପତ୍ତିର ପ୍ରତ୍ୟାଶା କଲେ ସତ୍ ଓ ମହତ୍ କାର୍ଯ୍ୟ ମଧ୍ୟ ପଣ୍ଡ ହୋଇ ଯାଏ । ନଚ୍ଛୋଡ଼ବନ୍ଧା ହୋଇ କୌଣସି କାର୍ଯ୍ୟ ଧରି ରହିଲେ ପରିଣାମରେ ସେଥିରେ ସିଦ୍ଧିଲାଭ ଅନିବାର୍ଯ୍ୟ । ଭଗବାନ୍ ଅର୍ଜ୍ଜୁନଙ୍କୁ କହିଥିଲେ—"କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ ।" ସୁତରାଂ କର୍ମରେ ହିଁ ଅଧିକାରୀ ଆମ୍ଭେମାନେ, କଦାଚ ଫଳରେ ନୁହେଁ । ଅତଏବ ଫଳାଫଳ ଭଗବାନଙ୍କ ଉପରେ ଅର୍ପଣ କରି ଯେ କୌଣସି କାର୍ଯ୍ୟର ଅନୁଷ୍ଠାନ କର, ସେଥିପାଇଁ ଶାନ୍ତି ବ୍ୟତୀତ ମାୟିକ ସୁଖ-ଦୁଃଖ ଭୋଗ କରିବାକୁ ପଡ଼ିବ ନାହିଁ । ହରିସଭାର କାର୍ଯ୍ୟରେ ମଧ୍ୟ ଏହା ସ୍ମରଣ ରଖିବ ।

ମୁଁ ବଗୁଡ଼ା ଯିବା ଦିନକୁ ତୁମ୍ଭେମାନେ ବାର୍ଷିକ ଉତ୍ସବରେ ପରିଣତ କରିବାକୁ ଇଚ୍ଛା ପ୍ରକାଶ କରିଥିଲ, ସେହି ସଂକଳ୍ପ ତ୍ୟାଗ କଲ କାହିଁକି ? ଏଠାରେ ନୂତନ ଆଶ୍ରମ ହେଉନାହିଁ, ସୁତରାଂ ଏଠାରେ ମଧ୍ୟ ବୈଶାଖ ମାସରେ ଅକ୍ଷୟ ତୃତୀୟା ଦିନ ୫ମ ବାର୍ଷିକ ଉତ୍ସବ ସମ୍ପନ୍ନ ହେବ ; ସୁତରାଂ ଏହି ଦିନକୁ ତୁମ୍ଭେମାନେ ମଧ୍ୟ ଉତ୍ସବର ଦିନ ଧାର୍ଯ୍ୟ କରି ପାର । ମୋର ଜନ୍ମମାସ ଶ୍ରାବଣ, ଜନ୍ମଦିନ ଗୁରୁବାର, କିନ୍ତୁ ତିଥି ସ୍ମରଣ ନାହିଁ । ସଂଗ୍ରହ କରି ପାରିଲେ ପରେ ଜଣାଇବି ।

ନୂତନ ଆଶ୍ରମ ପାଇଁ ଭଲ ଆମ୍ବ ଓ ଫଳର ବୀଜ ସଂଗ୍ରହ କରି ଯଥାସମୟରେ ପଠାଇବ । ତୁମ୍ଭେମାନେ ଆସିବା ବେଳେ ଗନ୍ଧରାଜ, ସ୍ଥଳପଦ୍ମ, ହାସ୍ନାହାନା ବା ନାଇଟକୁଇନ୍, ମନ୍ଦାର ଓ ଅନ୍ୟାନ୍ୟ ଯେଉଁ ଯେଉଁ ଫୁଲର ଡାଳ ଲାଗେ, ତାହା ସଂଗ୍ରହ କରି ଆଣିବ । ଆଶ୍ରମର ଅନ୍ୟାନ୍ୟ ମଙ୍ଗଳ । ମ— ବାବୁ ଓ ସୁ—କୁ ମୋର ଆଶୀର୍ବାଦ ଦେବ, ତୁମେ ମଧ୍ୟ ନେବ । ଇତି—

ଶୁଭାନୁଧାୟୀ—

ତୁମର ଠାକୁର

(୮୦)

ଓଁ ଜୟଗୁରୁ

ସାରସ୍ୱତ ମଠ

କଲ୍ୟାଣବରେଷୁ— ୩।୧୧।୨୫

ବହୁଦିନ ପରେ ତୁମର ପତ୍ରପାଇ ଅବଗତ ହେଲି । ମୁଁ ପ୍ରାୟ ୨ ମାସ କାଳ କୁମିଲ୍ଲା, ଢାକା ମୟମନସିଂହ ବୁଲି ଆଶ୍ରମକୁ ଆସିବା ପରେ ଭିଷଣ

ସର୍ଦ୍ଦି କାଶ ଓ ଶରୀର ବେଦନାରେ ବିଶେଷ ଅସୁସ୍ଥ ହୋଇ ପଡ଼ିଥିଲି । ଏଥର ଉତ୍ତରବଙ୍ଗ ବୁଲିପାରି ନାହିଁ । ପୁଣି ଯେତେବେଳେ ଯିବି, ତୁମକୁ ଅବଶ୍ୟ ଜଣାଇବି । ଦିନାଜପୁର ଯିବାକୁ ମଧ୍ୟ ବାଧା ନାହିଁ ।

ଏଥର ଦେଶର ସର୍ବପ୍ରକାରରେ ଶୋଚନୀୟ ଅବସ୍ଥା । ଏହି ଦୁଃସମୟରେ ସମ୍ପୂର୍ଣ୍ଣଭାବରେ ଶ୍ରୀଭଗବାନଙ୍କଠାରେ ଆତ୍ମସମର୍ପଣ କରି ତାଙ୍କର ନାମ ନେଇ ସମୟ ଅତିବାହିତ କରିବା ହିଁ କର୍ତ୍ତବ୍ୟ । ସର୍ବପ୍ରକାର ବିପଦ ପାଇଁ ପ୍ରସ୍ତୁତ ରହିବା ହିଁ ବୁଦ୍ଧିମାନର କାର୍ଯ୍ୟ । ବିପଦରେ-ସମ୍ପଦରେ ଯେପରି ଲକ୍ଷ୍ୟଚ୍ୟୁତ ହୋଇ ନ ପଡ଼ ସେହି ବିଷୟରେ ସତର୍କ ରହିବାକୁ ପଡ଼ିବ ।

ଏ ଦେଶରେ ବସନ୍ତରୋଗର ପ୍ରାଦୁର୍ଭାବ ହୋଇଅଛି । ଇତିପୂର୍ବରୁ ଜ୍ୱରରେ ଆଶ୍ରମର ଶୋଚନୀୟ ଅବସ୍ଥା ହୋଇଥିଲା । ସେବା ଓ ପଥ୍ୟ ଦେବାକୁ ଲୋକ ନ ଥିଲେ । ୧୭ ଜଣ ଜ୍ୱରରେ ଶଯ୍ୟାଗତ ହୋଇଥିଲେ । ଏବେ ସମସ୍ତେ କୁଶଳରେ ଅଛନ୍ତି । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୮୧)

ଓଁ ସଦ୍‌ଗୁରୁ

ଶାନ୍ତି ଆଶ୍ରମ, ଢ଼ାକା
ମାର୍ଗଶିର ୧୧ଦିନ
୪।୭।୧୯୧୧ ସାଲ

ଗୋ—, ସୁ— ଓ ଯୋ— ମୋର ପ୍ରିୟ ସନ୍ତାନଗଣ !

ବହୁଦିନରୁ ତୁମ୍ଭମାନଙ୍କୁ ପତ୍ର ଲେଖି ପାରି ନାହିଁ । ତୁମ୍ଭମାନଙ୍କୁ ଭଲପାଇ ଏହି ସନ୍ନ୍ୟାସୀର କଠୋର ପ୍ରାଣରେ ଯେଉଁ ସ୍ନେହ ସଞ୍ଚାର ହୋଇଅଛି, ସେହି ସ୍ନେହରେ ଜଗତର ପ୍ରତ୍ୟେକ ଜୀବଙ୍କୁ ଯଦି ଜଡ଼େଇ ଧରି ନ ପାରିଲି, ତେବେ ବୁଝିବି ନିରପେକ୍ଷ ଅହେତୁକ ସ୍ନେହର ଛଳନାରେ ତୁମ୍ଭମାନଙ୍କୁ ଭଲପାଇବାର ମୋହ ଜନ୍ମିଅଛି । ମୁଁ ଶିଷ୍ୟର ସେବାରେ ମୁଗ୍ଧମାତ୍ର, ପ୍ରେମଦ୍ୱାରା ସେମାନଙ୍କୁ ଜାଗ୍ରତ କରି ପାରି ନାହିଁ । କିନ୍ତୁ ମାୟାର ଭୀଷଣ ପରୀକ୍ଷା ବଙ୍ଗଳାର ଦାରୁଣ ଦୁର୍ଦ୍ଦିନ ହୋଇଗଲା । କିଏ କେଉଁ ଭାବରେ ମୋର ଶିଷ୍ୟ ହୋଇଅଛି, ଏଥର ସମ୍ୟକ୍ ବୁଝି ପାରିଅଛି, ସ୍ନେହଜନିତ ମୋହର ଆବରଣ ଅପସରି ଯାଇଛି । ମୋର ମରଣରେ ଦୁଃଖ ନାହିଁ, ମୁଁ ଯେଉଁ ବ୍ରତକୁ ଜୀବନର ଚରମ ଧର୍ମ ବୋଲି ବୁଝିଥିଲି, ଆଜି ସେବକଗଣ ତାହା ଉଦ୍‌ଯାପନରେ ଜୀବନପଣ କରିଛନ୍ତି । ମୋର ଆନନ୍ଦ ଏହି ଯେ, ଆଜି ଏକ ନିଗମାନନ୍ଦ ସ୍ଥଳରେ ବହୁ ନିଗମାନନ୍ଦ ଆବିର୍ଭୂତ ହୋଇଅଛି । ମୁଁ ଚାଲିଗଲେ ମୋର ଅଭାବରେ ସେବାକାର୍ଯ୍ୟ ବନ୍ଦ ହେବ ନାହିଁ, ଏହି ଦୃଢ଼ ବିଶ୍ୱାସ ଜନ୍ମିଅଛି । ଆଶ୍ରମରୁ ମାତ୍ର ୫୦୦.୦୦।୬୦୦.୦୦ ଟଙ୍କା (ଶିଷ୍ୟଙ୍କର ସାହାଯ୍ୟ ଓ ସଂଗୃହୀତ) ଆମ୍ଭେମାନେ ଦେଇଛୁ, କିନ୍ତୁ ସେମାନଙ୍କ ହାତରୁ ୬।୭ ହଜାର ଟଙ୍କା

ବ୍ୟୟ ହୋଇଗଲା । ସେମାନଙ୍କର ସେବାକାର୍ଯ୍ୟ ଓ ତ୍ୟାଗ ଦେଖି ସମସ୍ତ ସାହାଯ୍ୟପାର୍ଟି ଏମାନଙ୍କ ଦ୍ୱାରା କାର୍ଯ୍ୟ କରାଉଛନ୍ତି । ''ହାଇକୋର୍ଟ ରିଲିଫ ପାର୍ଟି'' ର କର୍ତ୍ତା ଆଶ୍ରମର ସେବକଗଣ । ସେମାନଙ୍କ କାର୍ଯ୍ୟ ସମ୍ବନ୍ଧରେ ମୁଁ ଯେଉଁ ସବୁ ପତ୍ର ପାଇଛି ତାହା ଖୁବ୍ ଗୌରବ ଓ ମହତ୍ତ୍ୱସୂଚକ । ସାଧ୍ୟାନୁସାରେ ବାହାରର ଶିଷ୍ୟଗଣ ଅର୍ଥ ସାହାଯ୍ୟ କରିଛନ୍ତି, ପୂଜା ଛୁଟୀରେ କେହି କେହି ସେବାକାର୍ଯ୍ୟରେ ଯୋଗ ମଧ୍ୟ ଦେଇଥିଲେ ; ସୁତରାଂ ଆମର ପରିଶ୍ରମ ବୃଥା ଯାଇ ନାହିଁ । ଅଧିକାଂଶ ଶିଷ୍ୟ ହିଁ ଏଥର ଆଶ୍ରମ ଓ ସେବାବ୍ରତର ମହତ୍ତ୍ୱ ବୁଝି ମୋର ହୃଦୟରେ ହୃଦୟ ମିଶାଇଛନ୍ତି । ଦୁଇଜଣ ସେବକ ପୂର୍ବରୁ ଆସିଛନ୍ତି, ରା— ଶୀଘ୍ର ଆସିବ । ବାକି ସେବକମାନଙ୍କୁ ଆହୁରି ୩।୪ ମାସ ରହିବାକୁ ପଡ଼ିବ । ସେମାନେ ଗୋଟିଏ ଗୋଟିଏ କେନ୍ଦ୍ରର କର୍ତ୍ତା । ମୋର କାର୍ଯ୍ୟ ଓ ଚିନ୍ତା କମିଯାଇଛି, ତେଣୁ ତୁମ୍ଭମାନଙ୍କୁ ଏହି ଦୀର୍ଘପତ୍ର ଲେଖିବାକୁ ବସିଛି ।

ବତ୍ସଗଣ ! ଗୁଣ ଓ ଶକ୍ତି ବ୍ୟତୀତ ଜୀବ ନିକଟରେ ଯେପରି ଭଗବାନ୍ ନିରର୍ଥକ, ତଦ୍ରୂପ ଭକ୍ତ ବ୍ୟତୀତ ଗୁରୁତ୍ୱ ବିଫଳ । ଶିଷ୍ୟର ପ୍ରାଣରେ ଗୁରୁଙ୍କର ବିକାଶ ନ ହେଲେ ଶିଷ୍ୟତ୍ୱ ବୃଥା । ତେଣୁ ତୁମ୍ଭମାନଙ୍କୁ ଉତ୍ତେଜିତ କରିବାକୁ, ଜଗତ୍‌ଭାବରେ ଜାଗ୍ରତ କରିବାକୁ ପତ୍ର ଲେଖିଥିଲି । ଜାଣେନା, ତୁମ୍ଭେମାନେ ଉତ୍ସାହ ପରିବର୍ତ୍ତେ ପ୍ରାଣରେ ବେଦନା ପାଇଛ କି ନା ! ବତ୍ସ ! ବ୍ୟଥା ନ ଦେଲେ ମମତା ବଢ଼େ ନାହିଁ । ବିଶେଷତଃ ମୁଁ ତୁମ୍ଭମାନଙ୍କର ଶତ ଶତ ଗୁଣ ଦେଖିଲେ ମଧ୍ୟ କିଛି କହିବି ନାହିଁ, କିନ୍ତୁ ଗୋଟିଏ ଦୋଷ ପାଇଲେ ହୃଦୟ ଚାପି ଧରିବି । ମୋର ଭଲପାଇବା ଦ୍ୱାରା ହୃଦୟ ଜଳି ପୋଡ଼ି ପାଉଁଶ ନ ହେଲେ ପବିତ୍ର ପ୍ରେମର ସ୍ୱରୂପ ବୁଝିବ କିପରି? ଭଗବାନ୍ ନ୍ୟାୟବାନ୍ ନ ହୋଇ କେବଳ ଦୟାବାନ୍

ହେଲେ, ଜୀବ ସ୍ୱେଚ୍ଛାଚାର ଫଳରେ ଅଧଃପାତକୁ ଯାଇଥାନ୍ତା । ବସ ! ମୁଁ ତୁମ୍ଭମାନଙ୍କର ଅବସ୍ଥା ଜାଣେ, ହୃଦୟ ଜାଣେ, ସୁତରାଂ ଟଙ୍କା ପାଇଁ ମୁଁ ତୁମ୍ଭମାନଙ୍କୁ ଉତ୍ୟକ୍ତ ବା ବିରକ୍ତ କରିବି କାହିଁକି ? କେବଳ ପ୍ରଶସ୍ତତା ଆନୟନ ପାଇଁ ମୋର ଏହି ଚେଷ୍ଟା । ଗୋଟିଏ ପଇସା ଦେଇ ମଧ୍ୟ ଯଦି ଦୀନର ଉପକାର କରି ନ ପାର, ତେବେ ତାର ଦୁଃଖରେ ଦୁଃଖୀ ହୁଅ, ତାର ହୃଦୟ ନିଜ ହୃଦୟରେ ଉପଲବ୍ଧି କର ! ପୁଣି ଲେଖିଅଛ— ''ଆଶ୍ରମର ସେବକ ଯିବେ କିନା ଜାଣି ନାହଁ, ଏବଂ ଭିକ୍ଷା ପାଇଁ ଆଶ୍ରମରୁ ଆଦେଶ ପାଇ ନାହଁ ।'' ଯଦି ଆଶ୍ରମରୁ କୌଣସି ଚେଷ୍ଟା ହୋଇ ନ ଥାନ୍ତା, ତୁମ୍ଭମାନଙ୍କର ଲେଖିବା ଉଚିତ୍ ଥିଲା ଯେ—''ବଙ୍ଗଳାର ଏହି ଦାରୁଣ ଦୁର୍ଦ୍ଦିନରେ ଆଶ୍ରମର ସେବକଗଣ କ'ଣ କରୁଛନ୍ତି ? ଆଶ୍ରମରେ ପଡ଼ି ଆହାର ନିଦ୍ର ପାଇଁ କ'ଣ ସେମାନେ ସେବାବ୍ରତ ନେଇଛନ୍ତି ?'' ଠିକ୍ ସେହି ସମୟରେ ଅନେକ ଗୃହସ୍ଥ ଶିଷ୍ୟ ଏ ସମ୍ବନ୍ଧରେ ପତ୍ର ଦେଇଥିଲେ । ଆମ୍ଭମାନଙ୍କ କର୍ତ୍ତବ୍ୟ ସ୍ମରଣ କରାଇ ଦେଇଥିଲେ । ଆଉ ତୁମ୍ଭମାନଙ୍କୁ କିଛି କୁହାଯାଇ ନାହିଁ ବୋଲି ଓଲଟା ଅନୁଯୋଗ କରିଅଛ ! ଯଦି କୁହ—'କର୍ତ୍ତବ୍ୟପରାୟଣ କର ନାହିଁ କାହିଁକି ?' ତାହର ଉତ୍ତର ନାହିଁ ; ଶିର ଅବନତ କରି ମୋର ଆତ୍ମଶକ୍ତିର ହୀନତା ସ୍ୱୀକାର କରୁଅଛି । ଆଉ ମା ଯେପରି ନିଜ ଉପରେ ରାଗ କରି ସନ୍ତାନକୁ ପ୍ରହାର କରେ, ତଦ୍ରୂପ ମୁଁ ଶକ୍ତିହୀନତା ହେତୁ ରାଗ କରି ତୁମ୍ଭମାନଙ୍କୁ ବୃଥା ଅନୁଯୋଗ ଦେଇଛି । ବସ ! ତୁମ୍ଭେମାନେ ହିଁ ଯେ ମୋର ସବୁ । ତୁମ୍ଭମାନଙ୍କୁ ଛାଡ଼ି ନିଜକୁ ଭାବିବାକୁ ଗଲେ ଏକ ଅପଦାର୍ଥ କୌପୀନମାତ୍ରେକସମ୍ବଳ ସନ୍ନ୍ୟାସୀ ବ୍ୟତୀତ କିଛି ରହେ ନାହିଁ । ତାହା ଦ୍ୱାରା କୌଣସି କାର୍ଯ୍ୟର ସମ୍ଭାବନା ନାହିଁ । ତେଣୁ ମୁଁ ତୁମ୍ଭମାନଙ୍କ

ମଧ୍ୟରେ ଆତ୍ମ-ସଂମିଶ୍ରଣ କରି, ଯେତେଦିନ ସ୍ଥୂଳଦେହରେ ଥିବି, ସେତେଦିନ ମୋ ଭଳି ଦୀନ-ହୀନଙ୍କର ସେବା କରିବ । ଯେଉଁମାନଙ୍କୁ ଭଲପାଏ, ସେମାନଙ୍କୁ ଜୋର କରି ଏହି ପଥକୁ ଟାଣି ଆଣେ । କାରଣ ଭଗବତ୍-ସାରୂପ୍ୟ ଲାଭ କିରବାକୁ ହେଲେ, ଭଗବାନଙ୍କ ଜଗତ୍ ସେବାର ଆଦର୍ଶ ସାଧକର ଲକ୍ଷ୍ୟ ହେବା କର୍ତ୍ତବ୍ୟ । ନତୁବା ଆତ୍ମସ୍ୱାର୍ଥମୂଳକ ତପ, ଜପ ପୂଜା ନେଇ କେବଳ ଭଣ୍ଡାମୀ କରୁ, ଏଭଳି ବୁଦ୍ଧି ଯେପରି ମୋ ଶିଷ୍ୟମାନଙ୍କର ନ ହୁଏ । ସେମାନଙ୍କର ମୂଳ ଲକ୍ଷ୍ୟ—"ଅହଂତ୍ୱର ପ୍ରସାର" । କୀଟ ଠାରୁ ବ୍ରହ୍ମ ପର୍ଯ୍ୟନ୍ତ ଅହଂତ୍ୱର ପ୍ରସାର କରିବାକୁ ହେବ । ସାଧାରଣଙ୍କର "ଅହଂତ୍ୱର" ନିଜ ଦେହରେ, ଅତିବେଶିରେ ସ୍ତ୍ରୀ ପୁତ୍ରଙ୍କ ମଧ୍ୟରେ ବୁଡ଼ିରହିଛି । କିନ୍ତୁ ତୁମ୍ଭମାନଙ୍କ "ଅହଂତ୍ୱରେ" ବିଶ୍ୱବ୍ରାହ୍ମଣ ବୁଡ଼ି ଯିବ, ଏହା ହିଁ ମୋର ଆଶା ଓ ଆଶୀର୍ବାଦ । ମୁଁ ପୌଷ ମାସରେ ଆଶ୍ରମରୁ ବାହାରିବି ବୋଲି ଭାବିଛି । ଶରୀରଟା ଏବେ ଦିନକୁ ଦିନ ଖରାପ ଆଡ଼କୁ ଗତି କରୁଛି । ଯାହା ହେଉ, ଢାକାଗଲେ ଫେରିବା ସମୟରେ ଉତ୍ତରବଙ୍ଗ ହୋଇ ଆସିବି । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ତୁମ୍ଭମାନଙ୍କ ଠାକୁର

(୮୨)

ଓଁ ଶ୍ରୀଗୁରୁ

ସ୍ନେହାସ୍ପଦେଷୁ—

ତୁମର ପତ୍ର ପାଇଲି । ଅବଧୂତ ଠାକୁର ମଧ୍ୟ ପାଇଛନ୍ତି । ତୁମେ ନିଜର ତ୍ରୁଟି ବୁଝି ପାରିଅଛ ଏବଂ ଭବିଷ୍ୟତ ପାଇଁ ସତର୍କ ହୋଇଅଛ ଜାଣି ସୁଖୀ ହେଲି । ଦେହସଂଯମ, ବାକ୍ୟସଂଯମ ଏବଂ ଚିତ୍ତସଂଯମ ଏହି ତ୍ରିବିଧ ସଂଯମରେ ହିଁ ହିନ୍ଦୁର ଧର୍ମ । କୌଣସି କାରଣରୁ ଦେହ, ମନ ଓ ଚିତ୍ତର ଚଞ୍ଚଳତା ଜନ୍ମିବାକୁ ନ ଦେବା ହିଁ ପୁରୁଷାର୍ଥ । ସତ୍ୟ ଯାହାର ଜୀବନର ଲକ୍ଷ୍ୟ, ଭ୍ରମରେ ମଧ୍ୟ ଯେପରି ତାକୁ ଅସତ୍ୟ ବ୍ୟବହାର କରିବାକୁ ନ ହୁଏ । ସୁତରାଂ ଜାଣି ଶୁଣି, ବୁଝି ଭାବି ତେବେ ଯାଇ କଥା କହିବାକୁ ପଡ଼ିବ । ଲୋକ-ବ୍ୟବହାର ଠିକ୍ ରଖିବାକୁ ପଡ଼ିବ ।

ମୁଁ ତୁମ୍ଭମାନଙ୍କର ଗୁରୁ, ତୁମେ ମୋତେ ଗୁରୁତ୍ୱରେ ବରଣ କରିଅଛ ; ସୁତରାଂ ଆଧ୍ୟାତ୍ମିକ ଜଗତକୁ ଉନ୍ନୀତ ହେବାକୁ ତୁମର କ'ଣ ପ୍ରୟୋଜନ ଅଛି ମୁଁ ଜଣେଇ ଦେବି, ସେ ଦାୟିତ୍ୱ ମୋର । ଲୋକଙ୍କର ଦେଖା ଦେଖି ଗୋଟିଏ କିଛି କରିବି ବୋଲି ନାଚି ଉଠିବା ବୁଦ୍ଧିମାନ୍‌ର କର୍ତ୍ତବ୍ୟ ନୁହେଁ । ମାଙ୍କର କୃପା ହିଁ ତାଙ୍କର ଚରଣ ପ୍ରାପ୍ତିର ମୂଳ, ଆନୁଷ୍ଠାନିକ କର୍ମାଦି ଉପଲକ୍ଷ୍ୟ ମାତ୍ର । ବସ ! ମୂଳ ଛାଡ଼ି ସ୍ଥୂଳରେ ଦୃଷ୍ଟି ଦିଅ ନାହିଁ । ଯେଉଁ କାର୍ଯ୍ୟ ଦେଇଛି ତାହା ହିଁ ଯଥେଷ୍ଟ । ପ୍ରାଣ ଭରି ନାମ ନିଅ, ଆଉ କିଛି କିରବାକୁ ପଡ଼ିବ ନାହିଁ । ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ସାକ୍ଷାତ୍ ହେଲେ ଏହି ସବୁ ବିଷୟ ସମ୍ୟକ୍ ବୁଝାଇ ଦେବି । ଆନନ୍ଦରେ ମାଙ୍କର ନାମ ଗାଉଥାଅ ।

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୮୩)

ଓଁ

କାଶୀ ଗମ୍ଭୀରା
୧୧।୧୧।୨୨ ବାଂ

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ଓ ଶ୍ରୀମତୀ ଅ—ର ପତ୍ର ପାଇ ଅବଗତ ହେଲି । ସଦ୍‌ଗୁରୁଙ୍କର ଆଶ୍ରୟ ନେଲେ ସାଂସାରିକ ସୁଖ-ଶାନ୍ତି, ଖ୍ୟାତି-ପ୍ରତିପତ୍ତିରେ ଅବସ୍ଥିତି କରି ପାରିବ, ଏ ଭ୍ରାନ୍ତ ଧାରଣା ତୁମ୍ଭମାନଙ୍କର କିପରି ଜନ୍ମିଲା ତୁମ୍ଭେମାନେ ହିଁ ଜାଣ । ପୁନଃ ପୁନଃ ସେ କଥା ମତେ ଜଣାଉଛ ଏବଂ ମୋର କର୍ତ୍ତବ୍ୟ ସ୍ମରଣ କରାଇ ଦେଉଛ । କିନ୍ତୁ ବତ୍ସ ! ଜାଣ ନାହିଁ କି ମୁଁ ନିର୍ଗୁଣ ସନ୍ନ୍ୟାସୀ, ଗୁଣ ବା ଶକ୍ତିର କୌଣସି ସଂସ୍ରବ ରଖେ ନାହିଁ । ମୁଁ ଜ୍ଞାନ-ଭକ୍ତିର ସାଧକ, ଗୁଣର ସଂସ୍ପର୍ଶରେ ମୋର ଗୁରୁତ୍ୱ ଅନ୍ତର୍ହିତ ହେବ । ତେଣୁ ଗୁରୁକରଣ ସମ୍ବନ୍ଧରେ ଶାସ୍ତ୍ର ବିଶେଷ ଆଜ୍ଞା ଦେଇଛନ୍ତି । ଏଥିପାଇଁ ମୁମୁକ୍ଷୁ ବ୍ୟତୀତ ସାଧାରଣ ସଂସାରୀଙ୍କର ସନ୍ନ୍ୟାସୀ ଗୁରୁ କରିବା ଅନୁଚିତ୍ । ତେଣୁ ତୁମ୍ଭେମାନେ ଧନ, ମାନ, ଜାତି, କୁଳର ଦାବୀ ଜଣାଇବାକୁ ବିନ୍ଦୁମାତ୍ର କୁଣ୍ଠିତ ହେଉ ନାହଁ ।

ମୋର ବହୁ ସମ୍ଭ୍ରାନ୍ତ ଶିକ୍ଷିତ ଗୃହସ୍ଥ ଶିଷ୍ୟ ଅଛନ୍ତି, କିନ୍ତୁ ତୁମ୍ଭମାନଙ୍କ ବ୍ୟତୀତ ଆଉ କିଏ ଧନ, ମାନ, ଜାତି, କୁଳର ଗୌରବ ହରାଇଛି ବୋଲି ଶୁଣି ନାହିଁ, ବରଂଚ ଜାତିକୁଳ ପବିତ୍ର ଓ ଧନ୍ୟ ହୋଇଅଛି ବୋଲି ବ୍ୟକ୍ତ କରିଥାନ୍ତି । ଆଉ ତୁମ୍ଭେମାନେ ମତେ ଗୁରୁ କରି ତାହା ହରାଇବାକୁ ବସିଅଛ ; ଆଶ୍ଚର୍ଯ୍ୟର କଥା ! ଭ୍ରାନ୍ତ ଜୀବ ତଥାପି ନିଜର

ଅପରାଧ—ଅନିବାର୍ଯ୍ୟ କର୍ମଫଳର ଲାଞ୍ଛନା ସ୍ୱୀକାର କରିବ ନାହିଁ। ବସ ! ତୁମ୍ଭେମାନେ ହିନ୍ଦୁର ସନ୍ତାନ, ଶାସ୍ତ୍ରାନୁସାରେ ଦେଖାଇ ପାରବ କି, ଧର୍ମର ପଦାଶ୍ରୟ ନେଇ କିଏ ସଂସାରରେ ସୁଖୀ ଥିଲେ ? ବରଂ ଧାର୍ମିକମାନେ ହିଁ ପଦେ ପଦେ ଦୁଃଖ-କଷ୍ଟରେ ପିଷ୍ଟ ହୋଇଛନ୍ତି । ସ୍ୱୟଂ ଶ୍ରୀକୃଷ୍ଣଙ୍କ ଆଶ୍ରୟରେ ରହି ମଧ୍ୟ ପାଣ୍ଡବ ଓ ଦ୍ରୌପଦୀ କି ବିଡ଼ମ୍ବନା ଭୋଗ କରିଛନ୍ତି ଜାଣନା କି ? ତେବେ ତୁମ୍ଭମାନଙ୍କ ଦୁଃଖଟାକୁ ମୋର ହିଁ ପ୍ରଦତ୍ତ, ପୁନଃ ପୁନଃ ଜଣାଇ ଲାଭ କ'ଣ ? ମୁଁ ତୁମ୍ଭମାନଙ୍କର ଶତ୍ରୁ ନୁହେଁ । କେବଳ ଶିଷ୍ୟ ନୁହେଁ, ପ୍ରାଣାଧିକ ପୁତ୍ରତୁଲ୍ୟ ସ୍ନେହ କରେ । ଯଦି ତୁମ୍ଭମାନଙ୍କର ସମସ୍ତ ଦୁଃଖ ଦୂର କରିବାର କ୍ଷମତା ଥାଆନ୍ତା, ତେବେ କ'ଣ ନିଶ୍ଚେଷ୍ଟ ହୋଇ ପୁତ୍ର କନ୍ୟାମାନଙ୍କର ଦୁଃଖ ଦେଖି ପାରନ୍ତି ? ତୁମ୍ଭମାନଙ୍କୁ ଏହି ଜନ୍ମଜନ୍ମାନ୍ତରର ସଞ୍ଚିତ କର୍ମରାଶି ଭିତରୁ କପରି ଭାବରେ ତ୍ୟାଗର ପବିତ୍ର ପଥକୁ ଉନ୍ନୀତ କରିବି, ଭାବି ଆକୁଳ ହୁଏ । ତଦୁପରି ତୁମ୍ଭମାନଙ୍କର ଅତ୍ୟାଚାର ! ସଦ୍‌ଗୁରୁଙ୍କର ସାତ୍ତ୍ୱିକ ପଥ ଛାଡ଼ି, ବ୍ରାହ୍ମଣ ସନ୍ତାନ ହୋଇ ବୈଦିକ ପଥ ପରିତ୍ୟାଗ କରି, ତାନ୍ତ୍ରିକର କଦାକାର ବ୍ୟଭିଚାରରେ ମାତାଲ-ବେତାଳଙ୍କ ପଥରେ ଯିବାକୁ ବ୍ୟାକୁଳ ! ମଦ ମୈଥୁନର ସାହାଯ୍ୟରେ ମାତୃଭାବର ସାଧନା !! ଏହା ଅପେକ୍ଷା ପୈଶାଚିକ ପଥ ଆଉ କ'ଣ ହୋଇ ପାରେ ? ତୁମ୍ଭେମାନେ ସନ୍ଦିଗ୍ଧଚେତା ଭକ୍ତ ;—ମୋର କଥା ଶୁଣ ନାହିଁ, ମୋର ମତ ମାନ ନାହିଁ, ମୋ ପଥରେ ଚଳ ନାହିଁ । ତୁମ୍ଭମାନଙ୍କ ଭଳି କେହି ଅନୁଭୂତି ଉପଲବ୍ଧି କରେ ନାହିଁ, ଅଥଚ ତୁମ୍ଭମାନଙ୍କ ଭଳି କେହି ସଂଶୟୀ, ଅବିଶ୍ୱାସୀ ମଧ୍ୟ ନୁହେଁ । ଯାହାକୁ ଦେଖୁଛ ତାର ପାଦରେ ଲୋଟି ପଡୁଛ, ଯେ ଯାହା କହୁଛି ତାହା କରୁଛ ; ଏହା କ'ଣ ଗୁରୁନିଷ୍ଠା ? ତୁମ୍ଭେମାନେ ନିତାନ୍ତ ଦୁର୍ଭାଗା, ତେଣୁ

ମୋ ନିକଟକୁ ଆସି ମଧ୍ୟ ତୁମ୍ଭମାନଙ୍କର ଆଧ୍ୟାତ୍ମିକ ଅଭାବ ଦୂର ହେଲା ନାହିଁ । ଯାହା ହେଉ—ଯାହା ବି କର, ଯେଉଁ ପଥରେ ବି ଚାଲ, ମୁଁ ତୁମ୍ଭମାନଙ୍କର ମଙ୍ଗଳ କାମନା କରିବି ଓ ତୁମ୍ଭମାନଙ୍କ ପାଇଁ ଜଗନ୍ମାତାଙ୍କ ନିକଟରେ କାନ୍ଦିବି ; ଆଉ କ'ଣ କରିପାରେ ?

ବତ୍ସ ! ଯଦି ମୋ କଥା ଶୁଣ, ମଙ୍ଗଳ ଚାହଁ, ସର୍ବସ୍ୱ ମାଙ୍କର ଚରଣରେ ନିଶେଷ କରି ଦେଇ ଶିଶୁ ଭଳି ମା ମା ବୋଲି କାନ୍ଦ । ସୁଖ-ଦୁଃଖକୁ, ସମ୍ପଦ-ବିପଦକୁ, ରୋଗ-ଶୋକକୁ, ମାଙ୍କର ମଙ୍ଗଳ ବ୍ୟବସ୍ଥା ମନେ କରି ତାଙ୍କର ଜୟ ଉଚ୍ଚାରଣ କର ।''ବୈରାଗ୍ୟମେବାଭୟମ୍'' ଏହି ମହାମନ୍ତ୍ର ସାଧନ କର । ନିର୍ଭରଶୀଳ ହୁଅ ; ଅଭିମାନ, ଅହଂକାର ଭୁଲି ମାଟିର ମଣିଷ ହୁଅ । ମୁଁ ଜାଣେ, ତୁମ୍ଭମାନଙ୍କ ଠାରୁ ସ— ଆହୁରି ମଧ୍ୟ ଅବିଶ୍ୱାସୀ ଓ ଗୁଣମୟ ସାଧନା ଦିଗରେ ଝୁଙ୍କ । ସାଧନା ନାମରେ ଭୋଗପ୍ରତି ଅନୁରାଗ ? ବ—ର ପବିତ୍ର ଆଦର୍ଶ ଦେଖି ମଧ୍ୟ କ'ଣ ଚୈତନ୍ୟ ହେଲା ନାହିଁ ? ତାର ମୃତ୍ୟୁର ଏକ ମାସ ମଧ୍ୟ ହୋଇ ନାହିଁ, ଆଉ ତୁମ୍ଭେମାନେ ସେହି ଅସାର ସଂସାରର ଦୁଃଖ ଜ୍ୱାଳା ନେଇ ଗୁରୁଶକ୍ତିରେ ଅବିଶ୍ୱାସୀ । ଆଶାକରେ ସତ୍ୱର ତୁମ୍ଭମାନଙ୍କର ସୁମତି ହେବ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୮୪)

ଓଁ ସଦ୍‌ଗୁରୁ

ଶାନ୍ତି ଆଶ୍ରମ
୫।୭।୨୨

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ମୁଁ ବଗୁଡ଼ାରୁ ପ୍ରଥମେ ଗାରୋ ପାହାଡ଼ ଓ ପରେ ଜୟନ୍ତି ପାହାଡ଼ ବୁଲି ପୂଜାର ଗୋଟିଏ ଦିନ ପୂର୍ବରୁ ଆଶ୍ରମରେ ଆସି ପହଞ୍ଚିଛି । ଆସି ତୁମର ପତ୍ର ପାଠାନ୍ତେ ଅବଗତ ହେଲି । ମୁଁ ତୁମକୁ ଯେଉଁ ଉପଦେଶ ଓ୍ କ୍ରିୟା ଦେଇଛି ତଦନୁସାରେ ଚଳିବ ଏବଂ କାର୍ଯ୍ୟ କର୍ମ କରୁଥିବ । ତଦତିରିକ୍ତ ତୁମର ମତଲବ ଅନୁସାରେ କୌଣସି ବିଷୟରେ ଉପଦେଶ ବା ଉତ୍ତର ପାଇବ ନାହିଁ । ବସ୍ ! ଭଗବାନ୍ ସର୍ବତ୍ର । ତାଙ୍କୁ ଡ଼ାକି ପାରିଲେ ସବୁ ସ୍ଥାନରେ ତାଙ୍କର ସତ୍ତାନୁଭବ କରି ପାରିବ, ନତୁବା ଜଗତ୍‌ମୟ ଛୁଟାଛୁଟି କଲେ ମଧ୍ୟ କୌଣସି ଫଳ ପାଇବ ନାହିଁ । ସଂସାରର ଯଥାଯଥ କର୍ତ୍ତବ୍ୟ କରି ଯାଅ, ସାଧ୍ୟାନୁସାରେ ଯେପରି ଚଳେ ଏକ ଓଳି ଲୁଣଭାତ ଖାଇ ମଧ୍ୟ ଜୀବନଯାପନ କର, ସର୍ବସ୍ୱ ତାଙ୍କଠାରେ ସମର୍ପଣ କରି, ସବୁ ଭାର ଦେଇ ସମ୍ପଦରେ-ବିପଦରେ, ସୁଖରେ-ଦୁଃଖରେ, ରୋଗରେ-ଶୋକରେ ସମଭାବରେ ଅବସ୍ଥାନ କର, ଆଉ ମା ମା ବୋଲି ଡାକ । ମାଙ୍କର ମହିମା ପ୍ରଚାର କର । ସତ୍ୟନିଷ୍ଠ ହୁଅ ଏବଂ ଜୀବେଦୟା ଅଭ୍ୟାସ କର, ଘରେ ବସି ସବୁ ହେବ । ଆଉ ଘର ଛାଡ଼ିଲେ ଏକୂଳ-ସେକୂଳ ଦୁଇକୂଳ ନଷ୍ଟ ହେବ । ତେବେ ଯଦି ମୋର ଉପଦେଶ ଓ ଇଚ୍ଛା ସତ୍ତ୍ୱେ ମଧ୍ୟ ତୁମର ପ୍ରବୃତ୍ତି ଅନ୍ୟ ପଥରେ ଯାଏ, ସେ ସମ୍ବନ୍ଧରେ ମୁଁ ତୁମକୁ କୌଣସି

ସାହାଯ୍ୟ କରି ପାରିବି ନାହିଁ । ମୁଁ ଗାର୍ହସ୍ଥ୍ୟ ଧର୍ମରେ ସସ୍ତ୍ରୀକ ତୁମକୁ ଦୀକ୍ଷିତ କରିଅଛି ; ଏହି ପଥରେ ହିଁ ତୁମେ ଉନ୍ନତି କରି ପାରିବ । ଏବେ ତୁମର ପ୍ରବୃତ୍ତିକୁ ସଂଯତ କରି ମୋର ଆଦେଶରେ ଚଳୁଥାଅ । ଅନ୍ୟାନ୍ୟ ମଙ୍ଗଳ । ତୁମ୍ଭେମାନେ ମୋର ବିଜୟାର ଆଶୀର୍ବାଦ ଜାଣିବ ଏବଂ ଶ୍ରୀମାନ୍ ଦେ—ଙ୍କୁ ଜଣାଇବ—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୮୫)

ମଠ

୧୫।୫।୨୯

କଲ୍ୟାଣବରେଷୁ—

ତୁମର ପତ୍ର ପାଇ ଅବଗତ ହେଲି । ଶ୍ରୀମାନ୍ ନ— ସମ୍ବନ୍ଧରେ ଯାହା ଲେଖିଅଛ, ସତରେ ସମସ୍ୟା ବିଷୟ । ବୈଦିକ ସଂସ୍କାର ଖୁବ୍ ବିଧିସଙ୍ଗତ ମତରେ ହେବା ଆବଶ୍ୟକ । ବେଦ ଶାସ୍ତ୍ରଟା ହିଁ କର୍ମବାଦମୂଳକ ; ସୁତରାଂ କର୍ମର ବିଧିନିଷେଧ ବୈଦିକକ୍ରିୟା ଭଳି ଅନ୍ୟ ଶାସ୍ତ୍ରରେ ଦୃଷ୍ଟ ହୁଏନା । ତେବେ କୌଣସି ବଙ୍ଗାଳୀ ବ୍ରାହ୍ମଣ ବୈଦିକ ନିୟମରେ ଚଳନ୍ତି ନାହିଁ, କାହାରିକୁ ବି ବୈଦିକ ନିୟମରେ ସିଦ୍ଧ ବା ସଫଳ ମନୋରଥ ହେବାର ଦେଖି ନାହିଁ । ତେବେ କୌଣସି ପ୍ରକାରେ ବ୍ରାହ୍ମଣ ପୁତ୍ରର ବୈଦିକ ଦୀକ୍ଷା ହେଲେ ହିଁ ହେଲା । ଏପରି ଅବସ୍ଥାରେ ସାମାନ୍ୟ ଦୀକ୍ଷାର ନୟମରେ ବୈଦିକ ସଂସ୍କାର ମଧ୍ୟ କରା ଯାଇ ପାରେ । ତୁମର ମନରେ ଯଦି କୌଣସି ସଙ୍କୋଚ ନ ହୁଏ, ତେବେ

ଆଶ୍ୱିନ ମାସର ୧୦।୧୧ ଦିବସରେ ଅର୍ଥାତ୍ ମହାଷ୍ଟମୀ, ମହାନବମୀ କିମ୍ବା ୧୭ଶ ଦିବସ ପୂର୍ଣ୍ଣିମା—ଏହି ତିନିଦିନ ଭିତରୁ ଯେ କୌଣସି ଗୋଟିଏ ଦିନ ତୁମ୍ଭମାନଙ୍କ ସୁଯୋଗ ଓ ସୁବିଧାନୁସାରେ ସାମାନ୍ୟ ଦୀକ୍ଷା ମତରେ ତାର ବୈଦିକ ଉପନୟନ ସଂସ୍କାର କରାଇ ପାର । ଆଉ କାଳୀଘାଟ, କାମାଖ୍ୟା କିମ୍ବା କାଶୀଧାମ ଏହି କାର୍ଯ୍ୟ ସମ୍ପନ୍ନ କରିବାର ଉପଯୁକ୍ତ କ୍ଷେତ୍ର । ଏବେ ତୁମର ଯାହା ଅଭିରୁଚି ହୁଏ ତଦନୁସାରେ କାର୍ଯ୍ୟ କରି ପାର । ଅତ୍ର ମଙ୍ଗଳ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୮୬)

ଓଁ ଜୟଗୁରୁ

ସାରସ୍ୱତ ମଠ

୬।୯।୨୬

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ତୁମର ପତ୍ର ପାଇ ଅବଗତ ହେଲି । ନାଭିଧାନ କାଳରେ ପ୍ରଥମ ପ୍ରକାରେ ହିଁ (ତୁମର ଲିଖିତ ମତ) ଶ୍ୱାସବନ୍ଧ କରିବାକୁ ହେବ, ଯେହେତୁ ଛାଡ଼ିବା ସମୟରେ ଆଉ ଟିକିଏ ମଧ ଟାଣି ନେବାର ଆବଶ୍ୟକ ହେବ ନାହିଁ । ଶ୍ୱାସବନ୍ଧ କରି ଯେପରି ଅଧିକ ସମୟ ରହି ପାରିବ, ସାଧନୁସାରେ ଚେଷ୍ଟା କରିବାକୁ ପଡ଼ିବ । ସର୍ଦ୍ଦି ଲାଗି ଶ୍ୱାସ ବନ୍ଦ ଥିଲେ ମଧ ଯେଉଁ ସବୁ କ୍ରିୟା ଚାଲି ପାରିବ ତାହା କରି ପାର । ଅସୁବିଧା ବୋଧ କଲେ କେବଳ ମାତ୍ର ଧାନ ଓ ଜପ କର । ଧାନ

କାଳରେ—ମୂର୍ତ୍ତିପୂଜା କରିଲା ବେଳେ ପୂଜକ ଓ ମୂର୍ତ୍ତି ଯେଉଁଭାବରେ ରୁହେ ସେହିପରି ଇଷ୍ଟମୂର୍ତ୍ତି ସ୍ଥାପନ କରି ଚିନ୍ତା କରିବ ।

ଏ ଯୁଗରେ—ଅନାଚାର ଓ ଅତ୍ୟାଚାର ଯୁଗରେ ପ୍ରକୃତ ବ୍ରହ୍ମଚର୍ଯ୍ୟ ରକ୍ଷା କରିବା ଏକ ପ୍ରକାର ଅସମ୍ଭବ । ସମାଜର ବାୟୁ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟର ପ୍ରତିକୂଳ । ତେବେ ଯେ ବୈଧ ବା ଅବୈଧ କୌଣସି ଉପାୟରେ କୌଣସି ଦିନ ଶୁକ୍ର ନଷ୍ଟ କରି ନାହିଁ, ଅର୍ଥାତ୍ ଶିଶୁକାଳରୁ ବ୍ରହ୍ମଚର୍ଯ୍ୟର ଅନୁକୂଳରେ ଜୀବନ ଗଠନ କରିଲେ ତେବେ ଯାଇ କିଛିଟା ଫଳର ଆଶା କରା ଯାଇ ପାରେ । ନତୁବା ଯେଉଁମାନଙ୍କର ଶୁକ୍ର ନଷ୍ଟ ହୋଇଅଛି, ସ୍ତ୍ରୀ ସହବାସ କରିଅଛି, ଶୁକ୍ର ନିର୍ଗମନ-ପ୍ରଣାଳୀର ସ୍ନାୟୁ ଶ୍ଳଥ ହୋଇଅଛି, ଶୁକ୍ର ତରଳ ହୋଇଅଛି, ସେମାନେ ଶତ ଚେଷ୍ଟା କଲେ ମଧ୍ୟ ପ୍ରକୃତ ବ୍ରହ୍ମଚର୍ଯ୍ୟ ରକ୍ଷା କରି ପାରନ୍ତି ନାହିଁ । ସେମାନଙ୍କର କର୍ତ୍ତବ୍ୟ ପବିତ୍ରତା ଓ ସଦାଚାର ଅବଲମ୍ବନ କରି ସତର୍କ ରହିବା । ଅନିଚ୍ଛାରେ ବା ସ୍ୱପ୍ନରେ ଶୁକ୍ର ନଷ୍ଟ ହେଲେ ମଧ୍ୟ ସେଥିପାଇଁ ମ୍ରିୟମାଣ ବା ତଦ୍‌ବିଷୟକ ଚିନ୍ତା କଲେ ଅଧିକ ଅନିଷ୍ଟ ହିଁ ହୋଇଥାଏ । ମଳମୂତ୍ର ତ୍ୟାଗ ଭଳି ଉପେକ୍ଷା କରିବାକୁ ପଡ଼ିବ । ହଠଯୋଗାଦିରେ ଶରୀର ଶୋଧନ କରି ପ୍ରାଣାୟମରେ ସିଦ୍ଧି ଲାଭ କରି ପାରିଲେ, ଏପରି କୌଶଳ ଅଛି ଯଦ୍ଦ୍ୱାରା ସେତେବେଳେ ସହଜରେ ଶୁକ୍ର ରକ୍ଷା କରା ଯାଇ ପାରିବ । ସେହି ସମୟ, ସୁଯୋଗ ଓ ସ୍ୱାସ୍ଥ୍ୟ କାହାରି ପକ୍ଷରେ ସୁଲଭ ନୁହେଁ ।

ତୁମ୍ଭମାନଙ୍କ ପକ୍ଷରେ ମାସରେ ଥରେ ଦୁଇଥର ସ୍ୱପ୍ନସ୍ଖଳନ ନିତାନ୍ତ ଅସଙ୍ଗତ ନୁହେଁ । ତେବେ ମାସରେ ୫।୭ ଥର ହେଲେ ରୋଗ ମଧ୍ୟରେ ଗଣ୍ୟ ହେବ, ସନ୍ଦେହ ନାହିଁ । ଡାକ୍ତରଙ୍କ ଉପଦେଶ ନେଲେ କହିବେ ସ୍ତ୍ରୀ ସହବାସ ଅଭାବରୁ ଏହା ହେଉଅଛି । ଯାହା ହେଉ, ଶୁକ୍ର ଯେଉଁଥିରେ

ଗାଢ଼ ହେବ ଏପରି ଦେଶୀୟ ଔଷଧ ଖାଇବା ମନ୍ଦ ନୁହେଁ । ଶୁକ୍ର ଗାଢ଼ ଏବଂ ସ୍ନାୟୁ ସବଳ ହେଲେ ମାତ୍ରା କମି ଯିବ । ଏପରି ଔଷଧ ବ୍ରହ୍ମଚର୍ଯ୍ୟ ପୁସ୍ତକରେ ମଧ ଲିଖିତ ଅଛି । ତୁମର ମନର ପବିତ୍ରତା ଓ ଉନ୍ନତି ହୋଇଅଛି । ଦେହଧର୍ମାନୁସାରେ ବିନା ସ୍ୱପ୍ନରେ ଶୁକ୍ରନଷ୍ଟ ହୁଏ । ଚିନ୍ତାକରି ମୁଣ୍ଡ ଗରମ କର ନାହିଁ, ଶୁକ୍ର ଗାଢ଼ ହେଲେ ପ୍ରାକୃତ ନିୟମରେ ହିଁ ନିୟନ୍ତ୍ରିତ ହେବ ।

ଭଗବାନଙ୍କ ଧ୍ୟାନ ଧାରଣା ଦ୍ୱାରା ଚିତ୍ତ ପବିତ୍ର କର, କିନ୍ତୁ ଶୁକ୍ର ରକ୍ଷା ପାଇଁ ଯେପରି ପ୍ରାର୍ଥନା ନ କର । ବ୍ରହ୍ମଚର୍ଯ୍ୟ ବ୍ୟତୀତ ପୁରୁଷକାରର ସାଧନ ଦ୍ୱାରା ଶକ୍ତି ଜନ୍ମେନା ସତ୍ୟ, କିନ୍ତୁ ଭଗବାନଙ୍କ କୃପାରୁ କିଛି ଅସମ୍ଭବ ନୁହେଁ । କେତେ ହଠଯୋଗୀ ବିନ୍ଦୁରକ୍ଷା କରିଛନ୍ତି କିନ୍ତୁ ଭଗବତ୍‌କୃପା ଲାଭ କରି ପାରି ନାହାନ୍ତି । ଯଦି ତାଙ୍କ ନିକଟରେ କିଛି ଚାହିଁବାକୁ ହୁଏ ତେବେ 'ଜ୍ଞାନ' ନତୁବା 'ପ୍ରେମଭକ୍ତି' । ଦୈହିକ ବା ମାନସିକ ପ୍ରାର୍ଥନା କରିବ କାହିଁକି ? ଅନ୍ଧକାର ନାଶ ପାଇଁ ପ୍ରାର୍ଥନା ନ କରି ସୂର୍ଯ୍ୟ ପାଇଁ ପ୍ରାର୍ଥନା କର, ସୂର୍ଯ୍ୟ ଉଦୟ ହେଲେ ଅନ୍ଧକାର ଆପେ ଆପେ ପଳାୟନ କରିବ । ତେଣୁ ମୋର ଇଚ୍ଛା ତୁମର ପ୍ରାର୍ଥନା ଏକମୁଖୀ ହେଉ । ଗୋଟିଏ ଦାବୀ ଧରି ତାଙ୍କର ଦୟାର ପ୍ରତୀକ୍ଷା କର, ଏଇଟା ସେଇଟା ପ୍ରାର୍ଥନା ନ କରି ଏକମାତ୍ର ଜ୍ଞାନ କିମ୍ବା ପ୍ରେମର ପ୍ରାର୍ଥୀ ହୋଇ ତାଙ୍କର ନାମ ନେଇ ବସି ଥାଅ । ତାଙ୍କୁ ସର୍ବସ୍ୱ ସମର୍ପଣ କର, ସବୁ ତାଙ୍କର ମଙ୍ଗଳ ଇଚ୍ଛା ଉପରେ ନିର୍ଭର କର, ସେ ତୁମର କୌଣସି ଅଭାବ ରଖିବେ ନାହିଁ । ଅତ୍ର କୁଶଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୮୭)

କାଶୀଧାମ

ଚୈତ୍ର ୭ ଦିନ, ୧୩୨୦ ବାଂ

ତୁମ ପତ୍ର ଯଥାସମୟରେ ପାଇଲି । ଆଶ୍ରମ ପକ୍ଷରୁ କୁମ୍ଭରେ ଯୋଗଦାନ କରିବା ପାଇଁ ସେବକଗଣ କାର୍ତ୍ତିକ ୨୬ଶ ଦିବସରେ ହରିଦ୍ୱାର ଯାଇଛନ୍ତି ଏବଂ ବୈଦିକ ସନ୍ନ୍ୟାସୀଗଣଙ୍କର ସହିତ ଏକସଙ୍ଗେ ବାସ କରୁଛନ୍ତି । ଗୋଟିଏ ଘର ମଧ୍ୟ ଭଡ଼ା କରିଛନ୍ତି । ମୁଁ ହରିଦ୍ୱାରରେ "ନାଇ ମୋତା ମହଲ୍ଲା, ଶ୍ରୀଧମନଲାଲ ପଣ୍ଡାର ଘର" ଏହି ଠିକଣାରେ ଅବସ୍ଥିତି କରିବି ।

ନାମ ଦୁଇ ପ୍ରକାରେ ନିଆ ଯାଇ ପାରେ । ସୂକ୍ଷ୍ମରେ ଅର୍ଥାତ୍ ମନେ ମନେ ନାମ ନେବାକୁ ହେଲେ ନିଜ ନିଜ ଇଷ୍ଟମନ୍ତ୍ର ଜପ କରିବାକୁ ହୁଏ, ଆଉ ସ୍ଥୂଳ ଅର୍ଥାତ୍ ଉଚ୍ଚସ୍ୱରରେ ନାମ ନେବାକୁ ହେଲେ "ଜୟଗୁରୁ" ବା "ଜୟମା" ନାମ ନେବା କର୍ତ୍ତବ୍ୟ । ଦୁଇ ନାମ ମଧ୍ୟରୁ ସାଧକର ରୁଚି ଅନୁସାରେ ଯେ କୌଣସି ନାମ ସାଧନ କରିବା କର୍ତ୍ତବ୍ୟ । "ମା" ମାନେ ହିଁ ମହାକାଳୀ ବା ରାଜରାଜେଶ୍ୱରୀ, ଏହି ଧାରଣା ଆସିଲେ ହିଁ ହେଲା । ଅନ୍ୟ ସାଧନ ଅପେକ୍ଷା ଗୃହୀମାନେ ଅନବରତ ନାମ ନେବା ଅଭ୍ୟାସ କରି ପାରିଲେ ମନରେ ଅନ୍ୟ ଚିନ୍ତାର ଅବସର ଆଦୌ ରହେ ନାହିଁ । ଅଥଚ ବିଶ୍ୱାସୀର ନାମ ବଳରେ ଅଚିରେ ଚିତ୍ତଶୁଦ୍ଧି ହୁଏ, ମନର ଏକାଗ୍ରତା ମଧ୍ୟ ସଂସାଧିତ ହୁଏ । ଆଶୀର୍ବାଦ ଜାଣିବ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୮୮)

ସାରସ୍ୱତ ମଠ
୧୦।୪।୨୨

ସ୍ନେହାସ୍ପଦାସ୍ତୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ବିସ୍ତାରିତ ଅବଗତ ହେଲି । ସଂସାରରେ ଯାହା ନିତ୍ୟଘଟଣା ସେଥିପାଇଁ ବିଚଳିତ ହେଲେ ଚଳିବ କିପରି ? ନିତ୍ୟ କେତେ ନାରୀ ବିଧବା ହେଉଛନ୍ତି । ଭଗବାନଙ୍କର ଇଚ୍ଛା ବ୍ୟତୀତ ପତ୍ରଟିଏ ମଧ୍ୟ ହଲେ ନାହିଁ, ପଲକଟିଏ ମଧ୍ୟ ପଡ଼େ ନାହିଁ । ସୁତରାଂ ତାଙ୍କର ମଙ୍ଗଳ ବିଧାନରେ ଯାହା ହେଉଅଛି ସେଥିପାଇଁ ଅନୁଶୋଚନା ମୂଢ଼ର କାର୍ଯ୍ୟ । ସ୍ୱାମୀକୁ ନେଇ ଭୋଗବିଳାସ ଆଉ ସନ୍ତାନ ପ୍ରସବ ହିଁ କ'ଣ ନାରୀ-ଜୀବନର ଏକମାତ୍ର କର୍ତ୍ତବ୍ୟ ? ପ୍ରାତଃସ୍ମରଣୀୟା ରାଣୀ ଭବାନୀ, ଶରତ୍‌ସୁନ୍ଦରୀ, ହରସୁନ୍ଦରୀ, ସ୍ୱର୍ଣ୍ଣମୟୀ ପ୍ରଭୃତି ବିଧବା ନାରୀଙ୍କ ଭଳି କେଉଁ ସଧବା ସମାଜର ସମସ୍ତ ଲୋକଙ୍କର ଶ୍ରଦ୍ଧାଭକ୍ତି ଆକର୍ଷଣ କରିବାକୁ ସମର୍ଥ ହୋଇଛନ୍ତି ? ସୁତରାଂ ବିଧବା ହେବା ପାପ ନୁହେଁ ବରଂ ପୁଣ୍ୟର ହିଁ ଉଦ୍‌ବୋଧନ । ତୁମର ସ୍ୱାମୀ ଜଗତ୍‌ସ୍ୱାମୀଙ୍କ ଠାରେ ଲୀନ ହୋଇଛନ୍ତି ; ତୁମେ ଜଗତ୍‌ସ୍ୱାମୀଙ୍କୁ ସ୍ୱାମୀ ବୋଲି ଚିହ୍ନି ନିଅ, ଆଉ ରକ୍ତମାଂସଧାରୀ ମାନବର ଦାସୀତ୍ୱ କର ନାହିଁ । ପ୍ରତ୍ୟେକ ଜୀବଙ୍କୁ ସନ୍ତାନ ମନେ କରି ସେମାନଙ୍କ ସେବାରେ ଜୀବନର ବାକି କେତୋଟି ଦିନ କଟେଇ ଦିଅ ; ସକଳ ବାସନା-କମନା ଭଗବାନଙ୍କଠାରେ ଅର୍ପଣ କର । ସଂଯମ-ସାଧନା ଦ୍ୱାରା ନିଜର ଦେବୀତ୍ୱ-ମାତୃତ୍ୱ ବିକାଶ କର, ରମଣୀତ୍ୱ ଦୂର କରି ଦିଅ ସୁଖ-ଦୁଃଖ, ଭଲ-ମନ୍ଦ ସବୁ ତାଙ୍କୁ ସମର୍ପଣ

କରି ଏକମାତ୍ର ତାଙ୍କ ଉପରେ ହିଁ ନିର୍ଭର କର । ସର୍ବାବସ୍ଥାରେ ତାଙ୍କର ନାମ କର, ଗୁଣଗାନ କର, ଶାନ୍ତି ପାଇବ । ସେହି ଆନନ୍ଦ ନିକଟରେ ସଂସାର ମଳିନ ହୋଇ ଯିବ, ସଂସାରଭୋଗରେ ଘୃଣା ଜନ୍ମିବ ।

ତୁମେ ଯେଉଁ ସବୁ ପ୍ରଶ୍ନ କରିଛ, ତାହା ଅନାବଶ୍ୟକ । ଭଗବାନ୍ ଯାହା ଗୁପ୍ତ ରଖିଛନ୍ତି, ତାହା ବ୍ୟକ୍ତ କରିବା କର୍ତ୍ତବ୍ୟ ନୁହେଁ । ସମୟରେ ସବୁ ଜାଣି ପାରିବ । ମୋ ସହିତ ଥରେ ଦେଖା କରି ପାରିଲେ ମୁଁ ତୁମ ଜୀବନର କର୍ତ୍ତବ୍ୟ କ'ଣ, କିପରି ଚଳିବ ଉପଦେଶ ଦିଅନ୍ତି । ପତ୍ରରେ ତାହା ସମ୍ଭବପର ନୁହେଁ । ଆଉ ନ—କୁ ପତ୍ର ଲେଖ, ସେ ନାରୀ—ନାରୀ ପ୍ରାଣର ବେଦନା ଭଲ ଭାବରେ ବୁଝେ, ସୁତରାଂ ସେ ବୁଝି ତୁମକୁ ଚଳେଇ ପାରିବ । ତାର ଉପଦେଶରେ ତୁମେ ଶାନ୍ତି ପାଇବ ବୋଲି ଆଶାଅଛି । ଆଉ ସୁଯୋଗ ଓ ସୁବିଧା ହେଲେ ମୋ ସହିତ ଥରେ ଦେଖା କର । ଆଶୀର୍ବାଦ ଜାଣିବ ।

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୮୯)

ସାରସ୍ୱତ ମଠ

୧୯।୧।୨୪

ତୁମର ପତ୍ର ପାଇ ଅବଗତ ହେଲି । ବସନ୍ତର ପ୍ରାଦୁର୍ଭାବକାଳରେ ଆହାର-ବିହାରରେ ସାଧାରଣ ସମ୍ପର୍କ ଯେତେ କମେଇ ପାରିବ ସେତେ ମଙ୍ଗଳ । ନିରାମିଷ ଭୋଜନ ପ୍ରଶସ୍ତ, ତୈଳ ବ୍ୟବହାର ନ କଲେ ଭଲ ହୁଏ । ଇତିପୂର୍ବେ 'ଆର୍ଯ୍ୟ-ଦର୍ପଣ'ରେ ବସନ୍ତର ଆକ୍ରମଣରୁ ରକ୍ଷାର ଓ ରୋଗ ପ୍ରତିଷେଧକ ଔଷଧ ମୁଁ ହିଁ ପ୍ରକାଶ କରିଛି । ପ୍ରୟୋଜନ ବୋଧ

କଲେ ଉକ୍ତ ଔଷଧ ସେବନ କରିବ, ସେଥିରେ ବସନ୍ତ ରୋଗ ଆକ୍ରମଣର ଭୟ ରହିବ ନାହିଁ ।

ରୋଗରେ-ଶୋକରେ ଏକାନ୍ତ ଅଭିଭୂତ ହୋଇ ନ ପଡ଼ିଲେ, ମୁଁ ଯେଉଁ କ୍ରିୟାଦି ଦେଇଛି ତାହା ସର୍ବାବସ୍ଥାରେ କରାଯାଏ । ମାନସିକ କ୍ରିୟା ଶୌଚାଶୌଚ ସାପେକ୍ଷ ନୁହେଁ, ତେବେ ପ୍ରସବାନ୍ତେ ଏକମାସ ନିୟମିତ ନିତ୍ୟକ୍ରିୟା କରିବା ନିଷେଧ ରହିଲା । ତେବେ ସ୍ମରଣ ମନନ କରି ପାରିବ । କିନ୍ତୁ ଏବେ ଠାରୁ ଶ୍ୱାସରୋଧର କ୍ରିୟା ବନ୍ଦ ରଖିବା ଶ୍ରେୟଃ । ଗର୍ଭର ଫଳାଫଳ ଜାଣିବା ପାଇଁ ଉଦ୍‌ଗ୍ରୀବ ରହିଲି, ପ୍ରସବାନ୍ତେ ମତେ ଜଣାଇବ । ସୁଖ-ଦୁଃଖ, ରୋଗ-ଶୋକ, ସଂଯୋଗ-ବିୟୋଗ ଜଗତର ଅନିବାର୍ଯ୍ୟ ନିତ୍ୟ ଘଟଣା । ତାହାକୁ ବାଧା ଦେଇ ରୁଦ୍ଧ କରାଯାଏନା ; କର୍ମର ବୋଝ ବଢ଼ି ଯାଏ ମାତ୍ର । ଏହା ଜାଣି ଯେ ଲକ୍ଷ୍ୟଚ୍ୟୁତ ନ ହୋଇ ଧୀର ଭାବରେ କର୍ମଫଳ ଭୋଗ କରି ଯାଇ ପାରେ, ସେ ହିଁ କୃପାପ୍ରାପ୍ତ ଶ୍ରେଷ୍ଠ ସାଧକ । ସାଧନା ତାର ସଫଳ ! ଏହି ସତ୍ୟ ତୁମ ଭଳି ବିଜ୍ଞଲୋକ ଯେପରି ଭୁଲି ନ ଯାଏ । ଅତ୍ର କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଜନ୍ମ-ମୃତ୍ୟୁ ଐଶ୍ୱରିକ ଘଟଣା, ସେଥିରେ ଲଜ୍ଜା କରିବାର କାରଣ ନାହିଁ । ଦୁର୍ବଳତା ଲଜ୍ଜାର ସାଧାରଣ ହେତୁ ।

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୯୦)

ଶାନ୍ତି ଆଶ୍ରମ
୨୬।୮।୧୯

ଦିବ୍ୟଜ୍ଞାନାନନ୍ଦେଷୁ—

ପ୍ରିୟ ନୀ— ବାବୁ ! ଜାଣିଲି ମୋର "ପତିଗରବିଣୀ ମା" ଆପଣଙ୍କୁ ଅଶାନ୍ତିର ତୀବ୍ରଯନ୍ତ୍ରଣାରେ ନିକ୍ଷେପ କରି ଶାନ୍ତିଧାମକୁ ଚାଲି ଯାଇଛନ୍ତି ; କେତେଗୁଡ଼ିଏ ବାଳକ-ବାଳିକାଙ୍କ ଭାର ଏକମାତ୍ର ଆପଣଙ୍କ ସ୍କନ୍ଧରେ ଅର୍ପିତ ହୋଇଅଛି । ବାସ୍ତବିକ ସ୍ୱାମୀ-ସ୍ତ୍ରୀ ଓତପ୍ରୋତଭାବରେ ଉଭୟଙ୍କର ଭାବାବିଭବ ଚେଷ୍ଟା ଦ୍ୱାରା ସଂସାରର ଭୀଷଣ ତରଙ୍ଗ ମଥିତ କରି କାଳ-ସମୁଦ୍ରରେ ଅଗ୍ରସର ହୁଅ ; କିନ୍ତୁ ସେ ସଙ୍ଗୀହରା ହେଲେ ପଞ୍ଜରା ଦୁର୍ବଳ ହୋଇ ଯାଏ, କଲିଜା ଭାଙ୍ଗି ଯାଏ, ହୃଦୟ-ତନ୍ତ୍ରୀ ଛିନ୍ନ ହୁଏ, ଉଦ୍ୟମ ଉତ୍ସାହ ଚାଲିଯାଏ । ସୁତରାଂ ମୋହମୁଗ୍ଧ ଜୀବ ପକ୍ଷରେ ଏହା ଖୁବ୍ ମର୍ମାନ୍ତକର । ଆଉ ରାମପ୍ରସାଦଙ୍କ ଭଳି ଜ୍ଞାନୀଙ୍କ ପକ୍ଷରେ—ତାଙ୍କର ଗାନରେ ପରିଚୟ ଅଛି, ସେ ସତୀର ଶବଦାହ କରି ଘରକୁ ଆସି ଗାଇଥିଲେ :—"କାଲୀ ସବ ଘୁଚାଲି ଲେଠା" (କାଳୀ ସବୁ ଝଞ୍ଜଟ ଦୂର କରିଦେଲେ) ଅତଏବ ଆପଣ ବିପଦଗ୍ରସ୍ତ ହେଲେ ମଧ୍ୟ ବିବେକବଳରେ ଧୈର୍ଯ୍ୟାବଲମ୍ବନ କରିବାକୁ ପଡ଼ିବ । ଏହି ଜଗତରେ ସେହି ମଙ୍ଗଳମୟୀ ମାଙ୍କର ଇଚ୍ଛା ବ୍ୟତୀତ ତୃଣଟିଏ ମଧ୍ୟ ହଲେ ନାହିଁ । ତାଙ୍କର ଇଚ୍ଛାରେ ଯାହା ସମ୍ପାଦିତ ହୁଏ, ତାହା ବିପଦ ନୁହେଁ,—ସମ୍ପଦର ହିଁ ନିଦାନ,ତାହା ନିଷ୍ଠୁରତା ନୁହେଁ,—ଦୟାର ଅମୃତଧାରା । ଆମ୍ଭେମାନେ ମୋହାନ୍ଧ ଜୀବ, ତାଙ୍କର ମଙ୍ଗଳଦୃଷ୍ଟି ଦେଖି ପାରୁନା ; ତେଣୁ ତାଙ୍କର କାର୍ଯ୍ୟ ବା ନିଜର ଅଦୃଷ୍ଟକୁ ମନ୍ଦ ମନେ କରି କଷ୍ଟ ପାଉ, ଆନନ୍ଦରୂପୀ

ଆତ୍ମାକୁ ମଳିନ କରୁ । ଆମେ ବା ଆମ୍ଭେମାନେ ପ୍ରଧାନ ପ୍ରତିପାଳକ ପିତା-ମାତା ମଧ୍ୟ ଜାଣନ୍ତି ନାହିଁ ଯେ ପ୍ରକୃତ ମଙ୍ଗଳ କିପରି ହୁଏ । ସେମାନେ ଯାହା ମଙ୍ଗଳ ମନେ କରନ୍ତି, ବିଧିର ବିଧାନରେ ତାହା ଅଶୁଭ ଫଳ ପ୍ରସବ କରେ । କାରଣ ପିତା-ମାତା ହେଲେ ମଧ୍ୟ ସେମାନେ ପ୍ରକୃତ ଚକ୍ଷୁ ମାୟା-ଆବରିତ । ସୁତରାଂ ଏକମାତ୍ର ଜଗଜ୍ଜନନୀଙ୍କ ବ୍ୟତୀତ ଆଉ କିଏ ଆମର ମଙ୍ଗଳ ବୁଝନ୍ତି ? ତେଣୁ ଜ୍ଞାନୀଭକ୍ତ ସର୍ବସ୍ୱ ମାଙ୍କର ଚରଣରେ ଅର୍ପଣ କରି, ତାଙ୍କଠାରେ ସବୁ ଭଲ-ମନ୍ଦ, ସୁଖ-ଦୁଃଖ, ଶୋକ-ରୋଗରେ ନିର୍ଭର କରି ନିଶ୍ଚିନ୍ତରେ ସେମାନେ ଜୟଗାନ କରିଥାଏ । ସଂସାରରେ ରହିବାକୁ ହେଲେ ବୀର ଭଳି ହୃଦୟ ଧାରଣ କରିବାକୁ ପଡ଼ିବ, ଆମ୍ଭମାନଙ୍କ ପକ୍ଷରେ ଜ୍ଞାନ ବଳରେ ହୃଦୟ ଦୃଢ଼ କରିବାକୁ ପଡ଼ିବ ; କାରଣ ଏହି ଘଟଣା ଘରେ ଘରେ ନିତ୍ୟ ଘଟିତ ହେଉଅଛି । ପାପୀ ପୁଣ୍ୟବାନ୍, ସାଧୁ ଅସାଧୁ, କେହି କାଳର କରାଳ ଦଂଷ୍ଟ୍ରାଘାତରୁ ନିଜକୁ ରକ୍ଷା କରି ପାରନ୍ତି ନାହିଁ । ହରିଶ୍ଚନ୍ଦ୍ର, ନଳ, ଶ୍ରୀବତ୍ସ, ଯୁଧିଷ୍ଠିର, ସୀତା ପ୍ରଭୃତି ଭାରତର ପ୍ରାତଃସ୍ମରଣୀୟ ବ୍ୟକ୍ତିଗଣ ଯେଉଁ ସବୁ ବିପଦ ସହିତ ଆଜୀବନ ଲଢ଼େଇ କରିଛନ୍ତି, ଆମେ ତାହା ଧାରଣା କରି ପାରିବା ନାହିଁ । କ୍ଷୁଦ୍ରଜୀବ କ୍ଷୁଦ୍ରଦୁଃଖରେ ଅଧୀର ହୋଇ ପଡ଼େ ; ବୁଝେନା ଦୁଃଖ ହିଁ ଏ ଜୀବନର ପରିଣତି । ଅସ୍ଥାୟୀ ଧନ ପରିଜନରେ କେହି ସୁଖଶାନ୍ତି ପାଇ ପାରନ୍ତି ନାହିଁ । ଧନ୍ୟ ସିଏ, ଯିଏ ଏହି ସମ୍ପଦ-ବିପଦରେ ନିଜକୁ ଠିକ୍ ରଖି ପାରେ, ନିଜେ ଲକ୍ଷ୍ୟଚ୍ୟୁତ ହୁଅନା । ଆମ୍ଭେମାନେ ପଶୁ, ତେଣୁ ଜୀବନର ଲକ୍ଷ୍ୟ ଭୁଲି ପଶୁ ଭଳି ଦୈହିକ ଭୋଗରେ ସର୍ବଦା ବ୍ୟସ୍ତ । ବ୍ରହ୍ମମୟୀଙ୍କର ସନ୍ତାନ, ବ୍ରହ୍ମ-ଅଂଶସମ୍ଭୂତ ଜୀବ ନିଜକୁ ଭୁଲି ରକ୍ତ-ମାଂସ, ଧନ-ଦୌଲତ, ଖ୍ୟାତି-ପ୍ରତିପତ୍ତିର

ଧୂଳିଖେଳରେ ମତ୍ତ ! କାଳର ଚକ୍ର ତଳେ ପଡ଼ି ହସି କାନ୍ଦି ସଦାନନ୍ଦସ୍ୱରୂପ ଭୁଲି ଯାଏ, ଜନ୍ମ ଜନ୍ମ ଧରି ଏହି ଦେହ-କାରାଗାରରେ ବଦ୍ଧ ହେବାକୁ ଚାହେଁ, ନିଜେ ହିଁ ନିଜର କାରାଗାର ଦୃଢ଼ କରେ, 'ଦେହି' 'ଦେହି' ରବରେ ବ୍ରହ୍ମାଣ୍ଡ କମ୍ପାଏ । ମା ସନ୍ତାନର ଦୁର୍ଦ୍ଦଶା ଦେଖି, ମଝିରେ ମଝିରେ ଚୈତନ୍ୟ କରାଇ ଦିଅନ୍ତି, ଅଜ୍ଞାନୀ ମନେକରେ ତାର ବୋଧହୁଏ ବିପଦ ଉପସ୍ଥିତ ; ବୁଝେନା ଯେ ଦୟାମୟୀ ତାର ବନ୍ଧନ ମୋଚନ କରି ଦେଉଛନ୍ତି । ଏହି ସବୁ ମନୁଷ୍ୟ ସମାଜରେ ଜ୍ଞାନୀ ବା ମାନୀ ! ଯେତେଦିନ ପର୍ଯ୍ୟନ୍ତ ଆଖି ନ ଖୋଲିବ ସେତେଦିନ ପର୍ଯ୍ୟନ୍ତ ପଣ୍ଡିତ ମୂର୍ଖ ସବୁ ସମାନ । ଜାଣିଲେ ବୁଝିଲେ ଜ୍ଞାନୀ ହୁଅନ୍ତି ନାହିଁ ; ପ୍ରକୃତ କାର୍ଯ୍ୟରେ ପରିଚିୟ ଦେବାକୁ ପଡ଼ିବ । ଆପଣ ବ୍ରହ୍ମମୟୀଙ୍କ ପୁତ୍ର—ବ୍ରହ୍ମ-ଅଂଶ, ଏକଥା ଭୁଲିଯିବେ ନାହିଁ । ଆପଣଙ୍କୁ ବିପଦ ଆସି ପାରେନା । ରକ୍ତ ମାଂସର ସମ୍ବନ୍ଧରେ ନିଜକୁ ସୁଖୀ ଦୁଃଖୀ ମନେ କରିବେ ନାହିଁ । ଉଠନ୍ତୁ, ଜାଗନ୍ତୁ, କର୍ତ୍ତବ୍ୟ କାର୍ଯ୍ୟରେ ଅଗ୍ରସର ହୁଅନ୍ତୁ । ଆପଣଙ୍କର ବ୍ରହ୍ମତେଜକୁ ମାୟିକ ଆବରଣରେ, ଅଜ୍ଞାନାନ୍ଧକାରରେ ଆବରିତ କରି ରଖନ୍ତୁ ନାହିଁ । ଆପଣ କେତେଥର ମନୁଷ୍ୟରୂପେ ଜନ୍ମଗ୍ରହଣ କରିଛନ୍ତି । କେତେଥର ସ୍ତ୍ରୀ-ବିୟୋଗ ଘଟିଛି, କେତେଥର କେତେ ଜଣଙ୍କର ପିତା-ମାତା ହୋଇଛନ୍ତି । ସେ ସବୁ ମାୟାର ବିଜୃମ୍ଭଣକୁ ଭୁଲି ଯାଆନ୍ତୁ । କେହି ଆପଣଙ୍କର ପିତା-ମାତା, ସ୍ତ୍ରୀ-ପୁତ୍ର ନୁହନ୍ତି,—ମାୟିକ ଜଗତର ଗୋଟିଏ ଦୈହିକ ସମ୍ବନ୍ଧ ମାତ୍ର । ଭଗବାନ୍ ଆପଣଙ୍କର ପିତା, ମାତା, ଶତ୍ରୁ, ମିତ୍ର ; ସୁତରାଂ ଅନିର୍ଦ୍ଦିଷ୍ଟ ଅସ୍ଥାୟୀ ସମ୍ବନ୍ଧ ଭୁଲି ଜଗତ ସହିତ ସମ୍ବନ୍ଧ ସ୍ଥାପନ କରନ୍ତୁ । ଆଧ୍ୟାତ୍ମିକ ସମ୍ବନ୍ଧରେ ସମସ୍ତେ ଆମର ସ୍ତ୍ରୀ-ପୁତ୍ର ଅପେକ୍ଷା ମଧ୍ୟ ଆତ୍ମୀୟ । ଜଗତ୍ସ୍ୱାର୍ଥରେ ଆତ୍ମସ୍ୱାର୍ଥ ବଳି ଦିଅନ୍ତୁ, ନିଜର

କ୍ଷୁଦ୍ରତ୍ୱ ଭୁଲି ବିରାଟ ଜଗତରେ ମିଶିଯାନ୍ତୁ, ଆତ୍ମପ୍ରାଣ ବିଶ୍ୱପ୍ରାଣରେ ମିଳିତ କରାନ୍ତୁ, ସଙ୍କୀର୍ଣ୍ଣ ଗଣ୍ଡୀବଦ୍ଧ ହୃଦୟ ବିଶ୍ୱମୟ ପ୍ରସାରିତ କରନ୍ତୁ । ଶୋକ ତାପରେ ମନୁଷ୍ୟର ଚୈତନ୍ୟ ହୁଏ, ହୃଦୟ ପବିତ୍ର ଓ ନିର୍ମଳ ହୁଏ । ତେଣୁ ମୁଁ ମାଙ୍କର ଆଦେଶରେ ଏକଥା ଲେଖିଲି । କ୍ଷୁଦ୍ର ମାୟିକ ପ୍ରେମରୁ ବଞ୍ଚିତ ହୋଇ ଆପଣ ବିଶ୍ୱପ୍ରେମ ଉପଲବ୍ଧି କରନ୍ତୁ, ଯେପରି ମାୟା ଆଉ ଜଡ଼େଇ ନ ଧରେ—ଜ୍ଞାନ-ଚକ୍ଷୁ କର୍ଦ୍ଦମରେ ଯେପରି ବୁଡି ନ ଯାଏ । ପ୍ରାର୍ଥନା କରୁଛି, ଏହି ଆଘାତରେ ଆପଣଙ୍କର ପଙ୍କିଳ ମାଛ ସଦୃଶ ସ୍ୱଭାବ ହେଉ ।

ବାବା ! ଏ ସଂସାରକୁ ଆମେ ଖଟିବାକୁ ଆସିଅଛେ, ସମସ୍ତଙ୍କୁ ହିଁ କାର୍ଯ୍ୟ କରିବାକୁ ପଡ଼ିବ । ଯେ ଯେତେ ବଡ଼, ତାର କାର୍ଯ୍ୟଭାର ସେତେ ଗୁରୁତର । ସଂସାରୀ—ପିତା-ମାତା, ସ୍ତ୍ରୀ-ପୁତ୍ରଙ୍କର ସେବା କରି ଭଗବାନଙ୍କ ସମୀପରେ ନିଜର କାର୍ଯ୍ୟତତ୍ପରତାର ପ୍ରମାଣ ଦେଉଛି, ସେଥିପାଇଁ ସଂସାର-ଧର୍ମ ଶ୍ରେଷ୍ଠ । ବିନା ସାଧନାରେ ମଧ୍ୟ ଭଗବତ୍‌କର୍ମ ସମ୍ପାଦନ କରୁଛନ୍ତି । କିନ୍ତୁ ଯେଉଁମାନଙ୍କର ଜ୍ଞାନ ଆବରିତ ହୋଇଅଛି, ଭୋଗରେ ମୁଗ୍ଧ ହୋଇ ନିଜ କଥା ଭୁଲି ଯାଇଛନ୍ତି, ସଂସାର ସେମାନଙ୍କର ବନ୍ଧନ । ସେ ସ୍ତ୍ରୀ-ପୁତ୍ରଙ୍କୁ ନିଜ ଭୋଗ-ସୁଖର ଦ୍ରବ୍ୟ ଭାବି, "ମୋର" ମନେ କରି ବିପଥରେ ପଡ଼ି କର୍ମଫଳ ସଞ୍ଚୟ କରୁଅଛି । ଆଉ ଜ୍ଞାନୀ—ସ୍ତ୍ରୀ-ପୁତ୍ର ଆତ୍ମୀୟ-ସ୍ୱଜନଙ୍କୁ ଭଗବଦ୍ଦତ୍ତ ଦାୟିତ୍ୱ ଜ୍ଞାନରେ ପ୍ରାଣ ଦେଇ ସେମାନଙ୍କର ସେବା କରି ଭଗବାନଙ୍କର ଆଦେଶ ପାଳନ କରୁଅଛି । ଭଗବାନ୍ ସେହି ସବୁ ନିଷ୍କାମୀଙ୍କୁ କୋଳକୁ ଟେକି ନେଉଛନ୍ତି । ଜ୍ଞାନୀର କୌଣସି ବୋଝ କମିଲେ ଦୁଃଖ ବଦଳରେ ଆନନ୍ଦର ଲହର ଟେକି ମାଙ୍କୁ ଜଣାଉଅଛି—

"କାଳୀ ସବ ଘୁଚାଲି ଲେଠା ।"

ବାବା ! ଉଠ କାମରେ ଲାଗି ପଡ଼ । ମାତୃହୀନ ବାଳକ-ବାଳିକାଗଣଙ୍କୁ କୋଳ କର, ତୁମର ଆଦର ସ୍ନେହରେ ସେମାନେ ମାଙ୍କ କଥା ଭୁଲି ଯାନ୍ତୁ । ରକ୍ତ-ମାଂସନିର୍ମିତ ଦେହ-ମନର ସୁଖ-ଦୁଃଖରେ କର୍ତ୍ତବ୍ୟରେ ଅବହେଳା କର ନାହିଁ । ଜୀବର ସେବା କର, ଜଗତର ସେବା କର, ଦୁଃଖୀ, ତାପୀ, ଅନାଥ, ଦରିଦ୍ରଙ୍କ ହୃଦୟରେ ହୃଦୟ ମିଶାଅ । ନିତ୍ୟ ଜୀବନ ନେଇ ଅନିତ୍ୟ ଦେହାଦିର ମୋହରେ ସମୟ ନଷ୍ଟ କର ନାହିଁ । ବତ୍ସ ! ତଥାପି ଯଦି ଦୁଃଖ ଆସେ, 'ମା' 'ମା' ବୋଲି କାନ୍ଦ, କାନ୍ଦି କାନ୍ଦି ଜ୍ଞାନ-ଶକ୍ତି ଓ ପ୍ରେମ-ଭକ୍ତି ଲାଭ ପାଇଁ ପ୍ରାର୍ଥନା କର । ମା ପ୍ରାଣରେ ଶାନ୍ତି ଦେବେ, ବଳ ଦେବେ । ମୁଁ ମଧ୍ଯ ସର୍ବାନ୍ତଃକରଣରେ ତୁମର ଶାନ୍ତି ପାଇଁ ମାଙ୍କ ନିକଟରେ ପ୍ରାର୍ଥନା କରୁଅଛି । ଯଦି ପ୍ରକୃତରେ ଭଲପାଇ ଥାଅ, ତେବେ ସେହି ଭଲପାଇବା ଦେଇ ଜଗତକୁ ଭଲପାଅ, ତୁମର ସ୍ୱର୍ଗୀୟା ସ୍ତ୍ରୀ ସେଥିରେ ଶାନ୍ତି ପାଇବେ । ନତୁବା ଶୋକ ତାପ ଦ୍ୱାରା ତାଙ୍କର ମଧ୍ଯ ଅତିବାହିକ ଦେହରେ ଯନ୍ତ୍ରଣା ହେବ । ଆମର କାଲି ଶ୍ରୀଗୌରାଙ୍ଗ ଅନାଥ ନିକେତନର ଦ୍ୱିତୀୟ ବାର୍ଷିକ ଉତ୍ସବ । କାର୍ଯ୍ୟତଃ ମୋର ସମୟାଭାବ । ଆଶାକରେ ପତ୍ରଖଣ୍ଡିକ ତୁମର ହୃଦୟରେ କ୍ରିୟା କରିବ ଏବଂ ଶକ୍ତିଲାଭ କରି ଉତ୍ତର ଦେବ । ତୁମେ ମୋର ଆଶୀର୍ବାଦ ଓ ଭଲପାଇବା ଜାଣିବ ଏବଂ ଅନ୍ୟମାନଙ୍କୁ ମଧ୍ଯ ଜଣାଇବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୯୧)

ମଠ

୧୫।୪।୨୭

କଲ୍ୟାଣବରେଷୁ—

ତୁମର ପତ୍ର ପାଇ ସମାଚାର ଅବଗତ ହେଲି । ନିଜେ ଯେ ନିଜର ଅବସ୍ଥା ବୁଝି ପାରିଅଛ, ଏହି ମଧ ମାଙ୍କର କୃପା ବୋଲି ଜାଣିବ । ନତୁବା ଘର-ଦ୍ୱାର, ସ୍ତ୍ରୀ-ପୁତ୍ର ଛାଡ଼ି ଲୋକ ବଣ ଜଙ୍ଗଲକୁ, ପାହାଡ଼ ପର୍ବତକୁ ଯାଇ ମଧ ଚିତ୍ତ ନିରୋଧ କରି ପାରନ୍ତି ନାହିଁ ; ଆଉ ତୁମେ ଷୋହଳ ଅଣା ସଂସାରରେ ରହି ମନୋଜୟ କରିବ, ଏହା ଅସମ୍ଭବ କଥା । ମାଙ୍କର କୃପା ବ୍ୟତୀତ ଅନ୍ୟ ଉପାୟ ନାହିଁ । ତାଙ୍କର କୃପାରେ ମୁହୂର୍ତ୍ତକରେ ସବୁ ହୋଇପାରେ । ମାଙ୍କ ଚରଣରେ ଆତ୍ମସମର୍ପଣ ଅଭ୍ୟାସ କର, ସର୍ବଦା ତାଙ୍କର ନାମ ନିଅ, ଆଉ ସଦ୍‌ଗୁରୁଙ୍କର ଆଶ୍ରୟ ପାଇଅଛ ଜାଣି ନିର୍ଭୟ ହୁଅ । ଏଥର ସାକ୍ଷାତ ହେଲେ ଏ ସମ୍ବନ୍ଧରେ ସବିଶେଷ ଆଲୋଚନା କରିବି ଓ ଅଭୟ ଦେବି ।

ଶ୍ରୀମାନ୍ ପୂ—ବାବୁଙ୍କୁ କହିବ, ଏ ଜଗତରେ କେହି କାହାରି ବି ଅନିଷ୍ଟ କରି ପାରେ ନାହିଁ । କର୍ମସୂତ୍ର ସଙ୍ଗରେ ସଂଯୋଗ ନ ଥିଲେ ସାପ ବାଘ ମଧ କ୍ଷତି କରି ପାରନ୍ତି ନାହିଁ । ତାଙ୍କର କନ୍ୟା ସମ୍ବନ୍ଧରେ ଯେତେଦୂର ଅନୁସନ୍ଧାନ କଲି, ସେଥିରୁ ଜାଣି ପାରଲି କେହି ତାର ଅନିଷ୍ଟ କରି ନାହିଁ, ସ୍ୱାଭାବିକ କର୍ମଫଳରେ ତାହାର ମୃତ୍ୟୁ ହୋଇଅଛି ; କାହାରି ବି ରୋଧ କରିବାର ଶକ୍ତି ନ ଥିଲା । ସୁତରାଂ ଅନର୍ଥକ ସେମାନେ ଯେପରି କଷ୍ଟ ନ ପାଆନ୍ତି ସେହିପରି ଉପଦେଶ ଦେବ ।

ମାଛଖିଆ ବଙ୍ଗାଳୀ ଘରେ ଯେତେବେଳେ ଜନ୍ମିଅଛ ମାଛ ନ ଖାଇ ଆଉ କେତେ ଦିନ ରହିବ ? ସୁତରାଂ ଛୋଟ ପିଲାଟିକୁ ମାଛ ଖାଇବାକୁ ଦେଇ ପାର । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୯୨)

ସାରସ୍ୱତ ମଠ

୨୪।୪।୨୧

ତୁମର ପତ୍ର ନ ପାଇ ମଧ୍ୟ ବୁଝିଥିଲି, ମୋ ସହିତ ସାକ୍ଷାତ ନ ହେବାରୁ ତୁମ୍ଭେମାନେ କି ଦାରୁଣ ମନୋକଷ୍ଟ ପାଇଅଛ । ଏତେ ଦିନ ଆଶା ପୋଷଣ କରି ଫଳୋନ୍ମୁଖୀ ଅବସ୍ଥାରେ ଧ୍ୱଂସ ହେଲେ ଦୁଃଖ ଅନିବାର୍ଯ୍ୟ । ମୁଁ ଦ୍ୱିତୀୟ ଥର କାଶୀ ଯିବା ବନ୍ଦ ହେଲେ ଭ୍ରମଣ ଉପଲକ୍ଷେ ନିଶ୍ଚୟ ରାଇଗଞ୍ଜ ଯିବି ବୋଲି ସ୍ଥିର କରି ରଖିଛି । ଏତେଦିନ ସୁବିଧା ସୁଯୋଗ ଘଟି ନ ଉଠିବାରୁ ମୁଁ ଅସ୍ଥିର ହେଉଥିଲି ; ପରେ ଜ୍ୟୈଷ୍ଠମାସ ଶେଷରେ ଆଶ୍ରମରୁ ବାହାରିଲି । ଶିଲଚର, ବଦରପୁର, କୁମିଲ୍ଲା ହୋଇ ଢାକାରେ ପହଞ୍ଚିବା କ୍ଷଣି ଯୋରହାଟରୁ ଗୋଟିଏ ପତ୍ର ପାଇଲି । ସେଠାକାର ଗୋଟିଏ ବୈଷ୍ଣବ ମଠରେ ଉତ୍ତରାଧିକାର ସୂତ୍ରରେ ବହୁଦିନ ଯାବତ୍ ବିବାଦ ଚାଲିଅଛି ; ମାମଲା ମକଦ୍ଦମା ମଧ୍ୟ ଯଥେଷ୍ଟ ହୋଇଅଛି । ଏବେ ସେମାନେ ଉଭୟ ପକ୍ଷ ଅବସନ୍ନ ହୋଇ ପଡ଼ିଛନ୍ତି, ଅପୋଷ ନିଷ୍ପତ୍ତି କରିବାକୁ କାହାରି ବି ଆପତ୍ତି ନାହିଁ ; ତେବେ କୌଣସି ଉପଯୁକ୍ତ ସାଧୁଙ୍କୁ ମିମାଂସା କରି ଦେବାକୁ ପଡ଼ିବ । ସାଧାରଣ ଲୋକେ

ମୋ ଉପରେ ଭାର ଦେଇଥିଲେ । ଶ୍ରାବଣ ୯ମ ଦିବସ ପ୍ରକାଶ୍ୟ ସଭାରେ ତାହାର ମିମାଂସା ଦିନ ଧାର୍ଯ୍ୟ ହୋଇଛି । ମୟମନସିଂହ ଯାଇ ଶ୍ରାବଣ ୯ମ ଦିବସ ପୂର୍ବରୁ ଆଶ୍ରମରେ ପହଞ୍ଚିବା ପାଇଁ ଅନୁରୋଧ ଟେଲିଗ୍ରାମ ପାଇଲି ।

ଏହି ଦେଶରେ ଆମର ମଠ ସ୍ଥାପିତ ହୋଇଅଛି, କାର୍ଯ୍ୟତଃ ସ୍ଥାନୀୟ ଭଦ୍ରଲୋକଙ୍କର ଅନୁରୋଧ ଉପେକ୍ଷା କରି ପାରିଲି ନାହିଁ । ବିଶେଷତଃ ଏହିପରି ବିଷୟ ଆଶ୍ରମ ପକ୍ଷରେ ମଧ୍ୟ ଗୌରବର ବିଷୟ । ତେଣୁ ବାଧ୍ୟ ହୋଇ ଆଶ୍ରମକୁ ଚାଲିଆସିଛି ।

ଏହି ସମୟରେ ସବୁ ସ୍ଥାନକୁ ଯିବା ସମ୍ଭବପର ହେବ ନାହିଁ । ସମସ୍ତଙ୍କୁ ଫେରିବା ପଥରେ ତିସ୍ତାରେ ସାକ୍ଷାତ କରିବାକୁ ପୂର୍ବରୁ ପତ୍ର ଲେଖା ହୋଇଥିଲା । ଅବଶ୍ୟ ଜଣେ ଦୁଇଜଣଙ୍କ ବ୍ୟତୀତ ଅନେକେ ଆସି ପାରି ନାହାନ୍ତି । ଅନେକେ ଭୀଷଣ ବ୍ୟଥା ପାଇଛନ୍ତି ; କିନ୍ତୁ କ'ଣ କରିବି ? ମୁଁ ପୂର୍ବରୁ ଆଶା ଦେଇ ଅନିବାର୍ଯ୍ୟ କାରଣ ବ୍ୟତୀତ କଦାପି ଏପରି ଭାବରେ ଚାଲି ଆସି ନ ଥାନ୍ତି । ସହଜରେ ବୁଝି ପାରୁଥିବ ।

ଭକ୍ତ-ଶିଷ୍ୟଠାରୁ ମୋର ପ୍ରିୟ କିଏ ? ତୁମ୍ଭମାନଙ୍କର ସୁଖ ଶାନ୍ତି ବିଧାନ କରିବାକୁ ହିଁ ମୋର ଜୀବନ ଉତ୍ସର୍ଗୀକୃତ । ପ୍ରତ୍ୟେକ ଅନ୍ତରଙ୍ଗ ଭକ୍ତ ମୋର ନିଜସ୍ୱ । ତେଣୁ ସାଧାରଣଙ୍କ କାର୍ଯ୍ୟ କରିବାକୁ ଯାଇ ଅନେକ ସମୟରେ ସେମାନଙ୍କୁ ମଧ୍ୟ ଅଗ୍ରାହ୍ୟ କରିବାକୁ ପଡ଼େ । କାରଣ—ଯେଉଁମାନଙ୍କ ସହିତ ଅନ୍ତରର ଯୋଗ ହୋଇଅଛି ସେମାନଙ୍କ ଅପେକ୍ଷା ବହିରଙ୍ଗର ଲୋକଙ୍କ ସହିତ ବାହ୍ୟକାର୍ଯ୍ୟର ସଂଯୋଗ ଅଧିକ ରଖିବାକୁ ପଡ଼ିବ । ଆଶାକରେ ତୁମ୍ଭମାନଙ୍କ ହୃଦୟରେ ଏହି ଆଦର୍ଶ ପ୍ରତିଫଳିତ ହେଉ । ତୁମ୍ଭେମାନେ ମଧ୍ୟ ନିଜ ଅପେକ୍ଷା ପରର କାର୍ଯ୍ୟରେ

ଅଧିକ ବ୍ୟସ୍ତ ହେବାକୁ ଶିଖ ; ପରର କାର୍ଯ୍ୟ କରି ତେବେ ନିଜର କାର୍ଯ୍ୟକର । ମୋର ନିଜ ଜନ ବ୍ୟତୀତ କିଏ ନିଜର ସ୍ୱାର୍ଥ ବିନଷ୍ଟ କରି ମୋର କାର୍ଯ୍ୟରେ ସହାୟକ ହେବ ? ତେଣୁ ତୁମ୍ଭମାନଙ୍କର ଆଶା ଭଙ୍ଗ କରି ଅପରର ଆଶା ପୂରଣାର୍ଥେ ମତେ ଚାଲିଆସିବାକୁ ପଡ଼ିଅଛି । ତୁମେ ବିଜ୍ଞ ଓ ବିଚକ୍ଷଣ । ଅଧିକ ଲେଖିବା ବାହୁଲ୍ୟ । ଆଶ୍ରମର କୁଶଳ । ଆଶୀର୍ବାଦ ଜାଣିବ ।

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୯୩)

ସାରସ୍ୱତ ମଠ

୧୯।୧୧।୨୫

କଲ୍ୟାଣୀୟାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ଅବଗତ ହେଲି । ଦୁଇମାସ ପୂର୍ବବଙ୍ଗରେ ଭ୍ରମଣ କରି ଶରୀର ଏତେ ଅବସନ୍ନ ଓ ଦୁର୍ବଳ ହୋଇ ପଡ଼ିଥିଲା ଯେ ଉତ୍ତରବଙ୍ଗରେ ଭ୍ରମଣ କରିବା ଦୁଃସାଧ ହୋଇ ପଡ଼ିଲା, କାର୍ଯ୍ୟତଃ ରାଇଗଞ୍ଜ ଆଡ଼କୁ ଆଉ ଯାଇ ପାରି ନାହିଁ । ବରାବର ମଠକୁ ଚାଲି ଆସିଛି । ମଠକୁ ଆସି ଅନେକ ଦିନ ଅସୁସ୍ଥ ଥିଲି ।

ତୁମର ସ୍ୱାମୀ ଯେ ଗତଥର କଠିନ ରୋଗ ହସ୍ତରୁ ରକ୍ଷା ପାଇଛନ୍ତି ତାହା ଏକମାତ୍ର ମାଙ୍କର କୃପା । କିନ୍ତୁ ସେହି ଆଘାତରେ ତାର ଶରୀର ଏକବାରେ ଭାଙ୍ଗି ପଡ଼ିଛି । ଏହି ବୟସରେ ସେହି ଶରୀର ସମ୍ପୂର୍ଣ୍ଣ ସୁସ୍ଥ

ହେବା ଏକବାରେ ଅସମ୍ଭବ । ତେବେ ଯଦି ତାଙ୍କୁ ବିଶ୍ରାମ ଦେଇ କିଛି ଦିନ ପଶ୍ଚିମର କୌଣସି ସ୍ୱାସ୍ଥ୍ୟକର ସ୍ଥାନରେ ବାସ କରାଇ ପାର, ତେବେ କେତେ ମାତ୍ରାରେ ସୁସ୍ଥ ହୋଇ ପାରନ୍ତି । କେହି ପ୍ରାରବ୍ଧ ଭୋଗ ଖଣ୍ଡନ କରି ପାରି ନାହିଁ । କେବଳ ଏକମାତ୍ର ଜ୍ଞାନ-ଭକ୍ତିରେ ଜୀବର ଶାନ୍ତି, ନତୁବା ସ୍ୱାମୀ-ପୁତ୍ର, ଧନ-ଜନରେ, କେହି ସୁଖୀ ହୋଇ ପାରେ ନାହିଁ । ସଂସାରଟା ହିଁ ଅନିତ୍ୟ ଉପାଦାନରେ ଗଢ଼ା । ବିୟୋଗ-ବ୍ୟଥା, ରୋଗ-ଶୋକ ଏଠାକାର ନିତ୍ୟ ଘଟଣା । ଭଗବାନଙ୍କୁ ସଖାରୂପେ ପାଇ ମଧ୍ୟ ପାଣ୍ଡବମାନଙ୍କର ସାଂସାରିକ ଦୁର୍ଗତି ଦୂର ହୋଇ ନାହିଁ । ସୁତରାଂ ସାଂସାରିକ ସମ୍ପଦ-ବିପଦରେ ଅଭିଭୂତ ନ ହୋଇ ସଂସାରର କର୍ତ୍ତବ୍ୟ ପାଳନକର । କିନ୍ତୁ ମାଙ୍କର ନାମ ଭୁଲ ନାହିଁ, ତାଙ୍କର ଚିନ୍ତା ଛାଡ଼ ନାହିଁ, ଲକ୍ଷ୍ୟଚ୍ୟୁତ ହୁଅ ନାହିଁ । ସଂସାରରେ ସୁଖୀ କରାଇବା ପାଇଁ ଗୁରୁ ଶିଷ୍ୟ କରନ୍ତି ନାହିଁ ; ସଂସାରର ଅନିତ୍ୟତା ବୁଝାଇ ଦେଇ ତାହାକୁ ଶାନ୍ତିରାଜ୍ୟର ପଥ ଦେଖାଇ ଦେବା ହିଁ ସଦ୍‌ଗୁରୁଙ୍କର କାର୍ଯ୍ୟ । ଆଶୀର୍ବାଦ କରୁଛି ତୁମ୍ଭମାନଙ୍କର ସାଂସରିକ ମୋହ ଦୂର ହୋଇ ମାଙ୍କର ଚରଣରେ ଦୃଷ୍ଟି ନିପତିତ ହୋଉ । ଭଗବାନଙ୍କର ନାମରେ ପ୍ରେମରେ ମଜି ଯାଅ, ହସ ହସ ମୁଖରେ ମୃତ୍ୟୁଙ୍କୁ କୋଳ କରି ଜୀବନ-ମରଣର ପରପାରିକୁ ଯିବା ପାଇଁ ପ୍ରସ୍ତୁତ ଥାଅ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୯୪)

ଢାକା, ଶାନ୍ତି ଆଶ୍ରମ
ପୋଃ ଫରିଦାବାଦ
୧୭।୯।୧୮ ବାং

ପରମ ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ବିସ୍ତାରିତ ସମାଚାର ଅବଗତ ହେଲି । ତୁମର ପୂର୍ବ ପତ୍ରଖଣ୍ଡିକ ମଧ୍ୟ ଯଥାସମୟରେ ପାଇଥିଲି କିନ୍ତୁ ତାହାର ଉତ୍ତର ଦେବାକୁ ବିଶେଷ ପ୍ରୟୋଜନ ବୋଧ କରି ନାହିଁ । ବିଶେଷତଃ ଅନାଥ ନିକେତନ ପ୍ରତିଷ୍ଠା ହେବାପରେ ଏତେ କାର୍ଯ୍ୟ ବୃଦ୍ଧି ହୋଇଅଛି ଯେ ମୋର ଗୋଟିଏ ଦଣ୍ଡ ଅବକାଶ ନାହିଁ । ବୋ— ଓ ଚି— ଉଭୟେ ବ୍ରହ୍ମଦେଶକୁ ଗମନ କରିଛନ୍ତି । ସେମାନେ ପ୍ରତ୍ୟାଗତ ହେଲେ ତୁମ୍ଭମାନଙ୍କ ଦେଶକୁ ଅର୍ଥାତ୍ ଉତ୍ତରବଙ୍ଗକୁ ପଠାଇବି ।

ଗୋ— ଏଠାକୁ ଆସି ନାହିଁ । ଇଦାନୀଂ ତାର କୌଣସି ପତ୍ରାଦି ମଧ୍ୟ ପାଇନାହିଁ । ବଗୁଡ଼ା ପହଞ୍ଚିଲେ ତାକୁ ପତ୍ର ଲେଖି ବାକୁ କହିବ । ତୁମେ * * * ଧ୍ୟାନ କର । ବତ୍ସ ! ''ପ୍ରାଣଭରା ଭକ୍ତି ଏବଂ ଚକ୍ଷୁଭରା ଜଳ'' ତୁମର ଏହି ପ୍ରାର୍ଥନା ଶୁଣି ଖୁବ୍ ଆନନ୍ଦିତ ହେଲି । ଏହା ଅପେକ୍ଷା ପ୍ରକୃତ ଭକ୍ତର ଆଉ କିଛି ପ୍ରାର୍ଥନୀୟ ହୋଇ ପାରେନା । ତୁମର ପ୍ରାର୍ଥନା ଅବଶ୍ୟ ପୂର୍ଣ୍ଣ ହେବ । ଭକ୍ତି ସାଧନାର ଧନ । ଶ୍ରୀକୃଷ୍ଣୋକ୍ତ ଗୋଟିଏ ଗୀତଅଛି—

''ମୁଁ ମୁକ୍ତି ଦେବାକୁ କାତର ନୁହେଁ ଭକ୍ତି ଦେବାକୁ କାତର ହୁଏ,
ଭକ୍ତିର କାରଣୁ ଏଇ ବୃନ୍ଦାବନେ ମୁଣ୍ଡରେ ମୁଁ ନନ୍ଦର ବାଧା ବହେ ।''

ଅତଏବ ବତ୍ସ ! ସମସ୍ତ ବାସନା-କାମନା ଛାଡ଼ି ସର୍ବାନ୍ତଃକରଣରେ ଭକ୍ତି ପାଇଁ ପ୍ରାର୍ଥନା କର, ଯଥା ସମୟରେ ପ୍ରାପ୍ତ ହୋଇ ଧନ୍ୟ ହେବ ।

ନିରାଶ ହୁଅନା, ମନରେ ବଳ ଆନୟନ କର । ନିଜକୁ ହୀନ ବା ଦୁର୍ବଳ ମନେ କରନା, ସର୍ବଦା ଭାବିବ, ତୁମେ ବ୍ରହ୍ମମୟୀଙ୍କ ସନ୍ତାନ—ମାଙ୍କର ପୁତ୍ର, ତୁମେ ଅଧମ କିପରି ? ବିଶେଷତଃ ଗୁରୁ ଯାହାକୁ କୃପା କରିଛନ୍ତି, ତାଙ୍କର ଭୟ କ'ଣ ? ଚିନ୍ତା କ'ଣ ? ନିଶ୍ଚୟ ମାଙ୍କୁ ଆସି କୋଳ କରିବାକୁ ପଡ଼ିବ । ପତିର ପ୍ରିୟ ପୁତ୍ରକୁ କ'ଣ ସତୀ କେବେହେଲେ ଅନାଦର କରି ପାରିବେ ? ଏହିଭାବରେ ପ୍ରାଣକୁ ବିଭୋର କରି ରଖିବ, ମାଙ୍କ ନାମରେ ମାତି ଯିବ, ବାଳକ ପରି ମା ମା ବୋଲି ସରଳ ଭାବରେ ଡ଼ାକିବ । ମନେ ପ୍ରାଣେ ଜାଣିବ, ସେ ତୁମର ମା—ତୁମେ ତାଙ୍କର ପୁତ୍ର । ଗୁରୁଭକ୍ତି ସାଙ୍ଗରେ ମାଙ୍କର କୃପା ସମ୍ୟକ୍ ଉପଲବ୍ଧି କରିବ ।

ଗୁରୁଦକ୍ଷିଣା ଦେଇ ନାହଁ ବୋଲି ଯେଉଁମାନେ ତୁମକୁ ଅନ୍ୟାୟ ହୋଇଛି ବୋଲି କହୁଛନ୍ତି, ସେମାନେ ସାଧାରଣ ସଂସ୍କାର ଦ୍ୱାରା ପରିଚାଳିତ ହୋଇ ହିଁ ଏପରି କହିଥାନ୍ତି । ନତୁବା ଜଗତରେ ଏପରି କି ବସ୍ତୁ ଅଛି ଯାହାଦ୍ୱାରା ଗୁରୁଦକ୍ଷିଣା ଦିଆଯାଇ ପାରିବ ? ପୃଥିବୀ ଦାନ କଲେ ମଧ୍ୟ ଗୁରୁଙ୍କର ଋଣ ପରିଶୋଧ ହୁଏ ନାହିଁ । ତେବେ ଗୁରୁସେବା ପାଇଁ ସମାଜରେ ଲୋକେ ବାହ୍ୟ ଦକ୍ଷିଣା ଦେବାର ବିଧି ପ୍ରଚଳିତ କରିଛନ୍ତି । ନତୁବା ପ୍ରକୃତ ଦକ୍ଷିଣା ଶିଷ୍ୟର ଦେହ-ମନ-ପ୍ରାଣ । ଗୁରୁ-ଚରଣରେ ନିଜର ଦେହ-ମନ-ପ୍ରାଣ ଉତ୍ସର୍ଗ କଲେ ହିଁ ପ୍ରକୃତ ଦକ୍ଷିଣା ଦିଆ ହେଲା । ଗୁରୁମଧ୍ୟ ଶିଷ୍ୟର ମନ-ପ୍ରାଣ ପ୍ରାର୍ଥନା କରିଥାନ୍ତି । ଅତଏବ ବତ୍ସ ! ଅକପଟରେ, ସରଳଭାବରେ ଦେହ-ମନ-ପ୍ରାଣ ଗୁରୁଚରଣରେ ସମର୍ପିଦିଅ, ତାହା ହେଲେ ହିଁ ପ୍ରକୃତ ଗୁରୁଦକ୍ଷିଣା ଦିଆ ହେବ ଏବଂ ଅଚିରେ ତାହାର ଫଳ ମଧ୍ୟ ପ୍ରାପ୍ତ ହେବ । ତୁମେ ଗୁରୁଙ୍କର ହେଲେ ତୁମର ସବୁ ହିଁ ଗୁରୁଙ୍କର ହେବ । ସେତେବେଳେ ନିର୍ଲିପ୍ତ ଭାବରେ

ଗୁରୁଙ୍କର ସେବକ ହୋଇ ତାଙ୍କର ସଂସାରର କାର୍ଯ୍ୟ କରି ଯାଅ, ତାହାହେଲେ ସଂସାରର କାର୍ଯ୍ୟକର୍ମର ଫଳାଫଳ ତୁମକୁ ସ୍ପର୍ଶ କରି ପାରିବ ନାହିଁ । ତେବେ ଆମେ ଗୁରୁ ହୋଇ ମଧ୍ୟ ଶିଷ୍ୟଙ୍କ ନିକଟରୁ ଯେଉଁ ଅର୍ଥାଦି ନେଇ ଥାଉ ତାହା କେବଳ ଜୀବସେବାର୍ଥେ । ଗୁରୁ ଲୋଭୀ ଏବଂ ଶିଷ୍ୟ ଆକାଙ୍‌କ୍ଷୀ ହେଲେ ସେମାନଙ୍କ ଭିତରେ ଗୁରୁ-ଶିଷ୍ୟ ସମ୍ବନ୍ଧ ବୃଥା ।

ତୁମର ସ୍ୱପ୍ନଦୋଷ ପାଇଁ ଚିନ୍ତା କର ନାହିଁ, ତାହା ଆପେ ଅପେ ଠିକ୍ ହୋଇ ଯିବ । ତାହାର କୌଣସି ଔଷଧ ନାହିଁ ; ମନର ପବିତ୍ରତା ଏବଂ ବାହ୍ୟ ଚିନ୍ତାର ହ୍ରସ୍ୱତା ହେଲେ ତାହା ଦୁରୀଭୂତ ହେବ । ଅତ୍ରସ୍ଥ ଅନ୍ୟାନ୍ୟ କୁଶଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୯୫)

ମଠ

୧୫।୯।୨୩

କଲ୍ୟାଣବରେଷୁ—

ଅଦ୍ୟ ଏଇମାତ୍ର ତୁମର ପତ୍ର ପାଇ ଅବଗତ ହେଲି । ମତେ ପତ୍ର ଲେଖି ଉତ୍ତର ପାଇଁ ଜମିଦାରର ପିଆଦା ଭଳି ତାଗିଦ କରି କୌଣସି ଲାଭ ନାହିଁ । ମୋର ଉତ୍ତର ଦେବାକୁ ଇଚ୍ଛା ନ ହେଲେ, କେହି କୌଣସି ପ୍ରକାର ଉଦ୍‌ବୋଧିତ କରି ପାରିବ ନାହିଁ, ଉପରନ୍ତୁ ବିରକ୍ତ ହେବି ମାତ୍ର । ଶିଷ୍ୟ-ଭକ୍ତ ମାନଙ୍କର କର୍ତ୍ତବ୍ୟ—ନିଜର ଅଭାବ-ଅଭିଯୋଗ ଗୁରୁଙ୍କ ନିକଟରେ ନିବେଦନ କରିବା ; ଗୁରୁ ସ୍ୱେଚ୍ଛାନୁସାରେ ପ୍ରତିବିଧାନ କରିବେ, କିମ୍ବା ପ୍ରୟୋଜନ ବୋଧ କଲେ ଉତ୍ତର ଦେବେ । ଗୁରୁଙ୍କ

ଅଧିକାରରେ ଶିଷ୍ୟର ହସ୍ତକ୍ଷେପ ନ କରିବା ହିଁ ସମୀଚୀନ । ମୁଁ ନିଜେ ନ ବୁଝିଲେ ଅନର୍ଥକ କାହାକୁ କଦାପି ଚିଠି ଲେଖେ ନାହିଁ । ଅନର୍ଥକ କଲମବାଜୀ ମୋର ସ୍ୱଭାବ ବିରୁଦ୍ଧ । ବିଶେଷତଃ ବାଜେ ବିଷୟ ଆଲୋଚନା ମୋର ଏକାନ୍ତ ସମୟାଭାବ ।

''ତାନ୍ତ୍ରିକଗୁରୁ''—ଲିଖିତ ଆପଦୁଦ୍ଧାର ସ୍ତୋତ୍ରଟି କେତେ ଦନ ସନ୍ଧ୍ୟାପରେ ପାଠ କର, ବାଜେ ଭୟ ଚାଲି ଯିବ, କେହି କୌଣସି ଅନିଷ୍ଟ କରି ପାରିବେ ନାହିଁ । କିନ୍ତୁ ମନର ଭୟ ପାଇଁ ନିଜେ ଚେଷ୍ଟା ନ କଲେ ପ୍ରତିକାରର ଉପାୟ ନାହିଁ । ମତେ ବିଶ୍ୱାସ କରି, ନିଜର ହୃଦୟସ୍ଥ ଜାଣି ଭୟ ତ୍ୟାଗ କରିବାକୁ ଅଭ୍ୟାସ କର । ଭୂତ, ପ୍ରେତ ବା ଅନ୍ୟ କୌଣସି ଅସତ୍‌ଯୋନି ଆଦୌ ତୁମର କୌଣସି ଅପକାର କରି ପାରିବେ ନାହିଁ, ଏହି ଦୃଢ଼ ଧାରଣା ରଖ । ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ ଏବଂ ଭକ୍ତବୃନ୍ଦଙ୍କୁ ଜଣାଇବ ।

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୯୬)

ଓଁ ସଦ୍‌ଗୁରୁ

ଶାନ୍ତି ଆଶ୍ରମ

୮।୧।୨୧ ବାଂ

ପ୍ରିୟ ଗୋ—,

ବହୁଦିନ ପରେ 'ତୁମର ପତ୍ରଖଣ୍ଡିକ ପାଇ ଆନନ୍ଦିତ ହେଲି । ତୁମର ସ୍ତ୍ରୀକୁ ପୁତ୍ରବଧୂ ବୋଲି ପରିଚୟ ଦେଇଥିବାରୁ ମୁଁ କ୍ଷୁଣ୍ଣ ହେବି କାହିଁକି ?

ବରଂ ମୁଁ ଆମୋଦ କରି ସେହି କଥା ଲେଖୁଥିଲି । ଆଶା ଥିଲା, ସେଥିରେ ତୁମ୍ଭେମାନେ ମଧ୍ୟ ଆନନ୍ଦ ପାଇବ ଅଥଚ ସଂସ୍କାରଟା ନଷ୍ଟ ହୋଇ ଯିବ ; ଶ୍ରୀଗୁରୁଙ୍କ ସହିତ ସମ୍ବନ୍ଧଟା ବୁଝି ପାରିବ । କିନ୍ତୁ ବିପରୀତ ବୁଝି ତୁମେ ମଧ୍ୟ ଅଶାନ୍ତି ପାଇଅଛ । ଏବେ ଦେଖୁଅଛି ସମସ୍ତେ ମୋର ଚିଠିଗୁଡ଼ିକର ଅର୍ଥ ନେଇ ନିଜର ଅନର୍ଥ ଘଟାଉଛନ୍ତି । ନିଜର ସଂସ୍କାର ବା ବିଦ୍ୟାବୁଦ୍ଧିର ଆଦର୍ଶରେ ଯିଏ ଗୁରୁଙ୍କୁ ମାପ କରି ବୁଝିବାକୁ ଚାହେଁ, ତାର କଥା ମତେ ନ ଲେଖିବା ହିଁ ଭଲ । ବସ୍ ! ଗୋଟିଏ କଥା ଜାଣି ରଖ—ମୁଁ ମୁକ୍ତ ନୁହେଁ । ମୁକ୍ତର ଗୁରୁ-ଶିଷ୍ୟ ବିଭାଗ ନାହିଁ । ମୁକ୍ତ ପୁରୁଷ କଦାପି ତୁମ୍ଭମାନଙ୍କୁ ଶିଷ୍ୟ କରନ୍ତେ ନାହିଁ । ମୃତ୍ୟୁରେ ଦେହମୁକ୍ତ ହୁଏ, ଆଉ ସାଧୁ ଜ୍ଞାନମୁକ୍ତ । ଦେହଟା ସାଧୁ-ଅସାଧୁ, ଶୃଗାଳ-କୁକୁରଙ୍କର ଗୋଟଏ ଉପାଦାନରେ ଓ ଗୋଟଏ ନିୟମରେ ଗଠିତ । ଆଉ ଶିଷ୍ୟ ହୋଇ ନିଜର ଅଭାବ ସଙ୍ଗେ ଗୁରୁଙ୍କର ଅଭାବ ତୁଳନା କରିବାକୁ ଲଜ୍ଜା ଲାଗିଲା ନାହିଁ ? ନ ବୁଝି ହୁଜୁଗ୍‌ରେ ମାତି ଶିଷ୍ୟ ହେଲେ ଏହି ଦଶା ଅବଶ୍ୟମ୍ଭାବୀ । ତୁମ୍ଭେମାନେ କ'ଣ ଜାଣନା ମୋର ଗୋଟିଏ ଶିଷ୍ୟ ମତେ ରାଜା ଭଳି ରଖିପାରେ ! କିନ୍ତୁ ଗୁରୁଙ୍କ କୃପାରୁ ଏହି ପ୍ରାଣ ଦିନକୁ ଦିନ ଯେତେ ବିଶ୍ୱମୟ ପ୍ରସାରିତ ହେଉଛି, ବିଶ୍ୱର ଅଭାବ ମତେ ସେତେ ଘେରୁଅଛି, ପ୍ରତି ଜୀବ ପାଇଁ ପ୍ରାଣ କାନ୍ଦୁଛି । ଯାହେଉ—ଦେଖା ହେଲେ ସେ କଥା ଜଣାଇବି ।

ବସ୍ ! ତୁମର ଓ ସୁ—ର ପତ୍ରରେ ଖୁବ୍ ଆନନ୍ଦ ପାଉଥିଲି । ତୁମ୍ଭେମାନେ ପରର କଥା ଲେଖି କାହିଁକି ଅଶାନ୍ତି ପାଅ ? ଯେପରି ମନ ସେପରି ଧନ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଠାକୁର

ପୁ :—

ଅର୍ଥ ବିଷମ ପଦାର୍ଥ । ଏହା ସଙ୍ଗେ ସମ୍ବନ୍ଧ ଥିଲେ ଲୋକେ ଭଲପାଇବା ବୁଝି ପାରନ୍ତି ନାହିଁ । ଆଉ କୌଣସି କଥା ଜଣାଇବି ନାହିଁ । କିନ୍ତୁ ତୁ ଓ ସୁ— ଯେ ଖୁବ୍ ନିଜର ;—ପ୍ରାଣ ଖୋଲିବି କାହା ଆଗରେ ? ତୁମେମାନେ ମଧ କ'ଣ ପର ହୋଇଯିବ ?

(୯୭)

ଶାନ୍ତି ଆଶ୍ରମ

୨୪।୧୧।୧୯ ବାଂ

ପରମ ମଙ୍ଗଳାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଯଥାସମୟରେ ତୁମର ପତ୍ର ପାଇ ବିସ୍ତାରିତ ଅବଗତ ହେଲି । ତୁମ୍ଭେମାନେ ଫାଲ୍‌ଗୁନ ୨୯ ଦିନ ଠାରୁ ଦ୍ୱିତୀୟପ୍ରକାର ଅନୁଷ୍ଠାନ ଆରମ୍ଭ କରିପାର ; ନତୁବା ଚୈତ୍ର ୫ମ ଦିନ ୧୧ଟା ମଧ୍ୟରେ । ଯେଉଁ ଦିନ ସୁବିଧା ହେବ ନିର୍ଦ୍ଧାରଣ କରି ନେବ ।

ଗୁରୁ ଓ ଶିବ ଅଭେଦ । ସୁତରାଂ ଶିବଙ୍କୁ ହିଁ ଗୁରୁରୂପେ ଚିନ୍ତା କରିବ । ପଞ୍ଚପ୍ରେତୋପରି ସିଂହାସନରେ ସେ ଉପବିଷ୍ଟ । ଆଉ ଯେତେବେଳେ ଯୁଗଳ ରୂପରେ ଚିନ୍ତା କରିବ ସେତେବେଳେ ଦେବୀଙ୍କୁ ତାଙ୍କ କ୍ରୋଡ଼ରେ ବସାଇବ । ଆଉ ସହସ୍ରାରେ ଦେବୀ ସାକାରା ; ଚତୁର୍ଭୁଜା ନୁହନ୍ତି—ଦ୍ୱିଭୁଜା ଚିନ୍ତା କରିବ । ଆଉ ସବୁ ତୁମର ଲେଖିଲା ଭଳି ଠିକ୍ ଜାଣିବ । ମୂଳାଧାର ଠାରୁ ଦ୍ୱିଦଳ ପର୍ଯ୍ୟନ୍ତ କୁଣ୍ଡଳିନୀ ଜ୍ୟୋତିରୂପା ; କେବଳ ଗୁରୁଙ୍କ ନିକଟରେ ଇଷ୍ଟଦେବୀରୂପା ହେବେ ।

ଅବଧୌତିକ ଔଷଧ ଦୁଇଥର ପ୍ରାୟ କାହାରିକୁ ବ୍ୟବାହାର କରାଯାଏନା । ତେବେ ମାତ୍ରା କମ ହେବ । ସୁତରାଂ ଆଉ ଥରେ ଉପର୍ଯ୍ୟୁପରି ୩ ଦିନ ଖୁଆଇବ ।

ସାପର ଔଷଧ :—କାଳିଆଫୋଁଡ଼ା (କୃଷ୍ଣ କେଦାର) ର ମୂଳ ଏକ ତୋଳାରୁ ବେଶୀ ଏବଂ ଏକୋଇଶି ଗଣ୍ଡା ଗୋଲମରିଚ ବାଟି ରୁଟି ଭଳି ରୋଗୀର ବ୍ରହ୍ମତାଲୁର ଚୁଳ କାଟିଦେଇ ଲଗାଇ ଦେବାକୁ ପଡ଼େ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୯୮)

ଆସାମ ଶାନ୍ତି ଆଶ୍ରମ

୨୬।୫।୨୦

ସ୍ନେହର ଯ—,

ବହୁଦିନ ପରେ ତୁମର ପତ୍ରଖଣ୍ଡିକ ପାଇ ଆନନ୍ଦିତ ହେଲି ; ପାଠାନ୍ତେ କିଛି ଅଭିମାନର ସୁର ବୁଝି ପାରିଲି । ମୁଁ ତୁମର ସମସ୍ତ ପତ୍ର ଯଥା ସମୟରେ ପାଇଲେ ମଧ୍ୟ ଉତ୍ତର ଦେବାକୁ ସୁଯୋଗ ଓ ସୁବିଧା ପାଇ ନାହିଁ । ପତ୍ରରେ ହୁଏତ ଠିକଣା ନ ଥାଏ—ସ୍ମରଣ କରି ମଧ୍ୟ ଠିକ୍ କରି ପାରେନା, ନତୁବା ଆଶ୍ରମରେ ରୁହେନା ; କିମ୍ବା କାର୍ଯ୍ୟକର୍ମ ସେତେବେଳେ ବେଶୀ ଥିବାରୁ ଆଉ ପରେ ମନେ ରହେନା । କିନ୍ତୁ ତା ବୋଲି ମୁଁ କ'ଣ ତୁମ୍ଭମାନଙ୍କୁ ଭୁଲି ଯାଏ ? ହଁରେ ! ମୁଁ ତୁମ୍ଭମାନଙ୍କୁ ପାଇ ଈଶ୍ୱରଙ୍କୁ ଭୁଲିଛି । ତୁମ୍ଭେମାନେ କ'ଣ ମୋର ଭୁଲିବାର ବସ୍ତୁ ? ତୁମ୍ଭେମାନେ ଯେ ମୋର ହୃଦୟ-ନିକୁଞ୍ଜର ପୋଷା ପକ୍ଷୀ !

ତୁମ୍ଭମାନଙ୍କର ପ୍ରଭାତି ତାନରେ ନା ମୁଁ ପ୍ରାଣ ଢାଳି ଦେଇଛି ! କେବଳ ଦେଖୁଛି, କାହାର କୂଜନରେ ପ୍ରାଣରେ କିପରି ତରଙ୍ଗ ବହିଯାଏ, ପ୍ରତି ମୁହୂର୍ତ୍ତରେ ହିଁ ଯେ ତୁମ୍ଭମାନଙ୍କର ସ୍ମୃତି ଜାଗ୍ରତ ହୋଇ ମୋତେ ଭାବରାଜ୍ୟରେ ପ୍ରତିଷ୍ଠିତ କରୁଅଛି । ତୁମ୍ଭେମାନେ ହିଁ ଏହିକ୍ଷଣି ଏ ହୃଦୟର ଧ୍ୟାନ, ଜ୍ଞାନ ଓ ତପସ୍ୟା ।

ବତ୍ସ ! ଅଧୈର୍ଯ୍ୟ ହୋଇ ପଡ଼ କାହିଁକି ? ପ୍ରାଣରେ ବଳ ଆଣ । ସେହି ମହାଶକ୍ତିଙ୍କର ପ୍ରାଣରେ ପ୍ରାଣ ମିଶାଇବାକୁ ଚେଷ୍ଟାକର, ଶକ୍ତିର ଅଭାବ ହେବ କାହିଁକି ? ମାଙ୍କୁ ଭୁଲ ନାହିଁ । ମାଙ୍କର ପୁତ୍ର—ବ୍ରହ୍ମମୟୀଙ୍କର ସନ୍ତାନ—ତୁମ୍ଭମାନଙ୍କର ପାପ-ତାପ କ'ଣ ? ଦୁର୍ବଳତା ଆସିବ କାହିଁକି ? ମାଙ୍କୁ ଭୁଲ ନାହିଁ, ମା ଡାକ ଛାଡ଼ ନାହିଁ ; ଦେଖିବ ନାନା ଖେଳ ଭିତର ଦେଇ ଖେଳାଇ ସନ୍ତାନକୁ ସେ କୋଳକୁ ଟାଣି ନେଉଛନ୍ତି । ଏହା ଭିତରେ ଯାହାର ଯେତେ ବ୍ୟାକୁଳତା ବୁଝିଛନ୍ତି ତାକୁ ସେତେ ଶୀଘ୍ର ଓ ସେତେ ଜୋରରେ ଟାଣି କୋଳକୁ ନେଉଛନ୍ତି । ସଂସାରରେ ରହି ସାଂସାରିକ ତରଙ୍ଗରେ କ୍ଷଣେ କ୍ଷଣେ ବ୍ୟାକୁଳ ହେଲେ ଚଳିବ କିପରି ? ବୀରଙ୍କ ଭଳି ଛାତି ପାତି ଦେବାକୁ ପଡ଼ିବ, ଅଥଚ ଅଚଳ ଅଟଳ ରହିବ । ଯେଉଁ କାର୍ଯ୍ୟ ମନ୍ଦ ବୋଲି ତୁମର ବିବେକ ବୁଝାଇଦେବ, ସେହି କାର୍ଯ୍ୟ ଯେପରି କରିବାକୁ ନ ପଡ଼େ ପ୍ରାଣପଣେ ସେହି ଚେଷ୍ଟା କରିବ । ଘଟଣାଚକ୍ରରେ ହୋଇଗଲେ ତୁମର ଦୋଷ କ'ଣ ? ବୁଝିବାକୁ ହେବ ମାଙ୍କର ଇଚ୍ଛାରେ ହିଁ ତାହା ସମ୍ପାଦିତ ହେଲା । କେବଳ ନିଜକୁ ଆଉ ମାଙ୍କୁ ଭୁଲ ନାହିଁ । ନିଜକୁ ଭୁଲି ମଧ୍ୟ ମାଙ୍କୁ ମନେ ରଖ । ମାଙ୍କର ସଂସାର ଦେଇ ହିଁ ମାଙ୍କର କୋଳକୁ ଉଠିବାକୁ ପଡ଼ିବ, ସୁତରାଂ ଏହା ନ ଭୁଲି ଜୀବନ-ପଥ ବାହି ଚାଲ ; ଖାଲି ଭୟ ପାଇଲେ ଚଳିବ କିପରି ?

ବୋହୂକୁ ମୁଁ କ'ଣ ଶିକ୍ଷା ଦେବି ? ତାର ଶିକ୍ଷା ଏକମାତ୍ର ତୁମର ସାଧନା ଉପରେ ନିର୍ଭର କରେ । ନାରୀ ମାତ୍ରେ ହିଁ ଏକାଧାରରେ ମା ଓ ମାୟା । ତୁମର ସାଧନାଦ୍ୱାରା ମାଙ୍କର ଆବିର୍ଭାବ ହୋଇ ପାରେ କିମ୍ବା ମାୟାର ବିକାଶ ପୂର୍ଣ୍ଣ ମାତ୍ରାରେ ହେବ । ଯାହା ଚାହଁ ସେହି ପ୍ରକାର ସାଧନା ଦରକାର । ସାକ୍ଷାତ ବ୍ୟତୀତ ଏ ପତ୍ରରେ ସେ ସମ୍ବନ୍ଧରେ ଆଳାପ ଚଳିବ ନାହିଁ । ତାକୁ ମୁଁ ଶିକ୍ଷା ଦେବାର ସୁଯୋଗ ସୁବିଧା କୌଣସି ଦିନ ହେବ ନାହିଁ ଏବଂ ସେ ଶିକ୍ଷା କାର୍ଯ୍ୟକାରୀ ମଧ୍ୟ ହେବ ନାହିଁ । ତୁମ ଉପରେ ତାହା ନିର୍ଭର କରେ ।

ଏଠାକାର ଶ୍ରୀଗୌରାଙ୍ଗ ସେବାଶ୍ରମ ଅନାଥ ନିକେତନର ଡ଼ାକ୍ତର ଓ ସେବକଗଣ ବର୍ଦ୍ଧମାନ ବିଭାଗକୁ ବନ୍ୟାର୍ତ୍ତ ନାରାୟଣଗଣଙ୍କ ସେବା ପାଇଁ ଯାଇଛନ୍ତି । ବର୍ଦ୍ଧମାନ ଜିଲ୍ଲାର ଦାମୋଦରର ଦକ୍ଷିଣ ପ୍ରାନ୍ତରେ କାର୍ଯ୍ୟ ଆରମ୍ଭ ହୋଇଅଛି । ମାତ୍ର ଜଣେ ସେବକକୁ ନେଇ ମତେ ଆଶ୍ରମର ସମସ୍ତ ବିଭାଗର କାର୍ଯ୍ୟ କରିବାକୁ ପଡୁଛି । ଏକଦଣ୍ଡ ମଧ୍ୟ ଅବକାଶ ନାହିଁ । ତଦୁପରି ଟଙ୍କା ଚିନ୍ତା, ଆଉ କେବଳ ଚିଠିଲେଖା ଉପରେ ଅଛି । ବ୍ୟକ୍ତିଗତ କୌଣସି ଚିନ୍ତା କରିବାର ଅବକାଶ ନାହିଁ । ଅନ୍ୟାନ୍ୟ କୁଶଳ । ମୋର ଆଶୀର୍ବାଦ ଜାଣିବ । ଇତି—

* * * *

ଶୁଭାନୁଧାୟୀ—

ଠାକୁର

(୯୯)

ସାରସ୍ୱତ ମଠ
୨୮।୨।୨୩

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ଅବଗତ ହେଲି। ମୁଁ ୪।୫ ମାସ ପରେ ଗତ ଜ୍ୟୈଷ୍ଠ ୨୩ଶ ଦିବସରେ ଏହି ମଠକୁ ଆସିଅଛି। କାର୍ଯ୍ୟତଃ ଯଥାସମୟରେ ଉତ୍ତର ଦେଇ ପାରିନାହିଁ।

ଏ ଜଗତରେ କାହାରି ବି କୌଣସି ବିଷୟରେ ହତାଶ ହେବାର କାରଣ ନାହିଁ। ଯେ ଯେତେ ଅଧଃପତନର ନିମ୍ନତମ ପ୍ରଦେଶକୁ ଓହ୍ଲାଇ ଯାଉ ନା କାହିଁକି, ସେ ନିଜର ପତନ ବୁଝି ପାରି ସାବଧାନ ହୋଇ ପାରିଲେ ହିଁ ପୁଣି ଉନ୍ନୀତ ହୋଇ ପାରିବ। ନିଜର କ୍ଷମତା ନ ଥିଲେ ବା ଅକ୍ଷମତା ବୁଝିଲେ ପ୍ରାର୍ଥନା ଦ୍ୱାରା ଭକ୍ତ ବା ଭଗବାନଙ୍କର ସାହାଯ୍ୟ ପାଇବ। ଭଲ ହେବାର ଇଚ୍ଛା ଥିଲେ ଭଗବାନ୍ ସହାୟ ହୁଅନ୍ତି। ଆଉ ଇଚ୍ଛା ନ ଥିଲେ ଯୋଗ, ଜପ, ତପାଦିର ଅନୁଷ୍ଠାନ ଦ୍ୱାରା କିଛି ଫଳ ହୁଏ ନାହିଁ। ଅତଏବ ଯଦି ତୁମର ଉଠିବାକୁ ଇଚ୍ଛା ହୋଇଥାଏ, ତେବେ ସାଧ୍ୟାନୁସାରେ ଚେଷ୍ଟା କର, ଆଉ ପ୍ରାଣ ଭରି ତାଙ୍କର ସାହାଯ୍ୟ ଚାହଁ। ସର୍ବାନ୍ତଃକରଣରେ ତାଙ୍କର ଶରଣାପନ୍ନ ହୋଇ ସର୍ବାବସ୍ଥାରେ ତାଙ୍କର ନାମ ନେବାକୁ ଅଭ୍ୟାସ କର। ସବୁ ଅବସ୍ଥାରେ ନିର୍ଭର କରିବାକୁ ଶିକ୍ଷାକର, ଭଲମନ୍ଦ, ସୁଖଦୁଃଖ ତାଙ୍କଠାରେ ଅର୍ପଣ କରିବାକୁ ଅଭ୍ୟାସ କର, ସେ ହାତ ଧରି ଉଠାଇ ନେବେ। ରାସ୍ତା ଯେତେ ଦୁର୍ଗମ ହେଉ ନା କାହିଁକି, ନିର୍ବିଘ୍ନରେ ପହଞ୍ଚି ପାରିବ।

ବତ୍ସ ! ପ୍ରଥମ ଜୀବନରେ ଥରେ ଦୁଇଥର ପଡ଼ି ହତାଶ ହେଲେ ଚଳିବ କିପରି ? କୌଣସି ବାଳକ ଦୁଇ ଚାରିଦିନ ନ ପଡ଼ି ଚାଲିବା ଶିଖେ ନାହିଁ—ମହାପୁରୁଷଗଣ ମଧ୍ୟ ପ୍ରଥମାବସ୍ଥାରେ ଦୁଇଚାରିଥର ନ ପଡ଼ି ଏତେ ଉପରକୁ ଉଠି ପାରନ୍ତି ନାହିଁ । ସୁତରାଂ ଯାହା ହୋଇଅଛି ତାହା ପାଇଁ ନ ଭାବି, ପଛକୁ ନ ଅନାଇ ସମ୍ମୁଖକୁ ଚାହିଁ ଚାଲିବାକୁ ଶିଖ । ଆଉ ଯେପରି ପଡ଼ିବାକୁ ନହୁଏ । କେବଳ ଏକମାତ୍ର ଭଗବାନ୍ ହିଁ ପଡ଼ନ୍ତି ନାହିଁ । ସୁତରାଂ ତାଙ୍କୁ ଜୋର କରି ଧରିଲେ ଆଉ ପଡ଼ିବାର ଭୟ ରହେନା । ଭଗବାନଙ୍କୁ ଭଲପାଅ, ତାଙ୍କର ନାମ କର,—ସବୁ ଜ୍ୱାଳା ଦୂର ହୋଇଯିବ । ଏ ସମ୍ବନ୍ଧରେ ତୁମର ମାମୁଁ ହିଁ ତୁମକୁ ସାହାଯ୍ୟ କରି ପାରିବେ । ନତୁବା ମୁଁ ମଧ୍ୟ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛି । ଥରେ ସମୟ ଦେଖି ମୋ ସହିତ ସାକ୍ଷାତ କର ।

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୦୦)

ଶାନ୍ତି ଆଶ୍ରମ

କାର୍ତ୍ତିକ ୧ମ ଦିନ, ୧୩୨୧

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ବହୁଦିନ ପରେ ତୁମର ଖଣ୍ଡିଏ ପତ୍ର ପାଇ ମଧ୍ୟ ଯଥାସମୟରେ ଉତ୍ତର ଦେଇ ପାରିଲି ନାହିଁ । ୰ପୂଜାଛୁଟୀରେ ଆଶ୍ରମରେ ଅନେକ ଲୋକ ଥିଲେ, ସେମାନଙ୍କୁ ନେଇ କଟେଇବାକୁ ପଡ଼ିଛି, କାର୍ଯ୍ୟତଃ ସମୟ ନ

ଥିଲା । ବିଶେଷତଃ ମାଙ୍କ ପାଇଁ ମାତୃବତ୍ସଳ ପୁତ୍ରର ପ୍ରାର୍ଥନାର ଉତ୍ତର ଦେବାକୁ ମତେ ବିଶେଷ ଚିନ୍ତା ମଧ୍ୟ କରିବାକୁ ହୋଇଅଛି ; ସହସା ପତ୍ରୋତ୍ତର ଲେଖିବା ସଙ୍ଗତ ମନେ ହୋଇ ନାହିଁ ।

ତୁମର ମାଙ୍କୁ ଜଗନ୍ମାତା ତାଙ୍କର ସ୍ନେହମୟ କୋଳକୁ ଆକର୍ଷଣ କରିଛନ୍ତି । ସେ ଜଗତର ଜଡ଼ତା, ରୋଗ-ଶୋକ, ବିରହ-ବେଦନା ଛାଡ଼ି ପ୍ରେମର ରାଜ୍ୟକୁ ଚାଲିଛନ୍ତି । ଆଉ ତାଙ୍କର ସ୍ୱାର୍ଥପର ପୁତ୍ର ତାଙ୍କୁ ମାୟାରାଜ୍ୟରେ ବାନ୍ଧି ରଖିବାକୁ ଚେଷ୍ଟାରେ ତ୍ରୁଟି କରୁନାହିଁ;—ପରିଶେଷରେ ଗୁରୁଶକ୍ତିର ଶରଣାପନ୍ନ ହୋଇଅଛି । ଯେଉଁମାନେ ମାଙ୍କୁ ଚିହ୍ନନ୍ତି ନାହିଁ, ସେମାନେ ମାଙ୍କର ଜଡ଼ଦେହଟିକୁ ଛାଡ଼ି ଦେବାକୁ କଷ୍ଟ ଅନୁଭବ କରି ପାରନ୍ତି ସତ, କିନ୍ତୁ ତୁମେ କ'ଣ ମାଙ୍କୁ ଚିହ୍ନ ନାହିଁ ? ଅବଶ୍ୟ 'ମା' ଯେ ଜଡ଼ଦେହଟିକୁ ଆଶ୍ରୟ କରି ତୁମକୁ ଜଗତରେ ବିକାଶ କରିଛନ୍ତି, ସେହି ଜଡ଼ଦେହଟା ଖୁବ୍ ସ୍ନେହର-ଶାନ୍ତିର—ତୃପ୍ତିର ସ୍ୱୀକାର କରୁଛି, କିନ୍ତୁ ଜଡ଼ର ମୋହରେ ପ୍ରକୃତ ମାଙ୍କୁ କ'ଣ ଦୂରରେ ରଖିବ ? ମା ତୁମକୁ ଏଥର ଚିନ୍ମୟୀରୂପେ ଦେଖା ଦେବେ, ତେଣୁ ତୁମର ଜଡ଼ ମୋହ ସେ ଭାଙ୍ଗି ଦେଉଛନ୍ତି । ପିତା, ମାତା, ସ୍ତ୍ରୀ, ପୁତ୍ର ଦେହରେ ଜୀବର ଯେଉଁ ଭିନ୍ନ ଭିନ୍ନ ଅନୁରକ୍ତି ଅଛି, ତାହା ଏକକେନ୍ଦ୍ରିକ ବା ଏକମୁଖୀ ହେଲେ ସ୍ୱରୂପଜ୍ଞାନ ସ୍ୱତଃ ବିକାଶ ହୁଏ—ଆଉ ଏହି ସମଷ୍ଟି ଅନୁରକ୍ତି ସେତେବେଳେ ପ୍ରେମଭକ୍ତିରେ ପରିଣତ ହୁଏ । ଜଡ଼ ଛାଡ଼ିଲେ ହିଁ ସର୍ବପ୍ରକାର ଭଲ ପାଇବା (ସ୍ନେହ, ବାତ୍ସଲ୍ୟ, ପ୍ରେମ, ପ୍ରୀତି) ଏକମାତ୍ର "ଚିତ୍‌ସତ୍ତା"ରେ ହିଁ ପହଞ୍ଚେ । ତେବେ ମାଙ୍କର ଜଡ଼ ଦେହ ପାଇଁ ବ୍ୟାକୁଳ କାହିଁକି ? ଜଡ଼ ଛାଡ଼ିଲେ ମାଙ୍କର କୌଣସି କ୍ଷତି ନାହିଁ, ବରଂ ଭଗ୍ନ ଅବସନ୍ନ ଦେହ ଛାଡ଼ି ନୂତନତ୍ୱର ଆନନ୍ଦକୁ ଗମନ କରିବେ । ଆଉ

ତୁମର ବାହ୍ୟିକ ମାଙ୍କର ଅଭାବ ହେଲେ, ଅଭାବରେ ପଡ଼ି ଜଗନ୍ମାତାଙ୍କଠାରେ ନିଜର ମାଙ୍କୁ ଖୋଜିବାକୁ ଆହୁରି ଆକାଙ୍କ୍ଷା ଜାଗିବ । ସଂସାର-ସୁଖର ମରୀଚିକା ଅନେକଟା କମିଯାଇ—ପ୍ରକୃତ ମାତୃଭକ୍ତି ଥିଲେ, ମାଙ୍କ ଅଭାବରୁ ବୈରାଗ୍ୟ ଆସିବ, ବହିର୍ମୁଖୀ ଚିତ୍ତ ଅନ୍ତର୍ମୁଖୀ ହେବ । ମାତୃଭକ୍ତ ସନ୍ତାନ କଦାପି କୌଣସି ସୁଖରେ ମାତୃହୃଦୟ ଭୁଲି ପାରେ ନାହିଁ । ତୁମର ମା ମଲେ ମୋର ଶିଷ୍ୟର କେତେ ଲାଭ, ବୁଝିଲ କି ? ତେବେ ତୁମର ମୋହାନ୍ଧ ପ୍ରାର୍ଥନା ପୂର୍ଣ୍ଣ ହେବ କିପରି ? ସ୍ୱଭାବର ନିୟମରେ—ବିଚାର କରି ବୁଝିଲି, ଯାହା ହେଉଅଛି, ଏଥିରେ କୌଣସି ପକ୍ଷର କ୍ଷତି ନାହିଁ ବରଂ ବିଶେଷ ସାହାଯ୍ୟ ହିଁ ହେଉଅଛି । ତେବେ ପ୍ରକୃତିର ପ୍ରତିକୂଳତାଚରଣ କରି ତୁମକୁ ମୋହଗ୍ରସ୍ତ କରି ରଖିବି କାହିଁକି ? ବୋଧହୁଏ ତୁମର ପ୍ରାର୍ଥନା ବୁଝି ଭଗବାନଙ୍କର ଦାନ ଶିରପାତି ଗ୍ରହଣ କରିବାକୁ ଅଭ୍ୟସ୍ତ ହେବ । ବ୍ୟବହାରିକ ବୁଦ୍ଧିର ଭଲ ମନ୍ଦ ଉଭୟତଃ ଦାନ ସାଗ୍ରହରେ ଗ୍ରହଣ କରି ଭଗବାନଙ୍କର ଜୟଗାନ କର । ଏହା ହିଁ ମୋର ଉତ୍ତର । ଉଠ, ଜାଗ, ଏବେ ମଧ୍ୟ କ'ଣ ତୁମେ ଘୁମାଉଛ ?

ପ୍ରିୟ ଯୋ— । ସମ୍ମୁଖରେ ସ୍ନିଗ୍ଧ ଆଲୋକ । ସେହି ଆଲୋକରେ ସୁପ୍ରଶସ୍ତ ଅନେକ ପଥ ଦେଖିବାକୁ ପାଉଅଛି । ପ୍ରାଣେ ପ୍ରାଣେ ବୁଝିଅଛି, ମୋର ଓ ମୋର ବୋଲି ଯେଉଁମାନେ ଅଛନ୍ତି, ସେମାନଙ୍କ ସମ୍ମୁଖରେ ଅସଂଖ୍ୟ କାର୍ଯ୍ୟ ! ପୃଥିବୀବ୍ୟାପୀ ରଜୋଗୁଣର ଧ୍ୱଂସରେ ସତ୍ତ୍ୱଗୁଣର ଅଭ୍ୟୁଦୟ ଅବଶ୍ୟମ୍ଭାବୀ । ମହାଯୁଦ୍ଧ ପରେ ଧର୍ମରାଜ୍ୟସ୍ଥାପନ ପ୍ରକୃତିର ଅବଶ୍ୟମ୍ଭାବୀ ଫଳ । ସୁତରାଂ ହିନ୍ଦୁଗୁରୁଙ୍କର କାର୍ଯ୍ୟ ମଧ୍ୟ ପୃଥିବୀବ୍ୟାପୀ । ଆଜିକୁ ତିନି ବର୍ଷ ଧରି ବହୁ ଶିଷ୍ୟଙ୍କ ମଧ୍ୟରେ ଗୁରୁଶକ୍ତି ବିକାଶର

ଆୟୋଜନ ଚାଲିଅଛି ! ତେଣୁ ଅନ୍ୟଦିଗକୁ ଦୃକ୍‌ପାତ୍ ନ କରି ବ୍ୟଷ୍ଟି ଶିଷ୍ୟଶକ୍ତିକୁ ଉପେକ୍ଷା କରି ସମଷ୍ଟି ଶିଷ୍ୟଶକ୍ତିର କାର୍ଯ୍ୟରେ ଆତ୍ମନିୟୋଗ କରିଅଛି । ଏତେଦିନ ପରେ କୃତକାର୍ଯ୍ୟ ହୋଇଅଛି । ବାହାରେ ଏବେ ସେହି ଶକ୍ତିର ବିକାଶ ଆରମ୍ଭ ନ ହୋଲେ ମଧ୍ୟ ମୁଁ ତାହା ପ୍ରାଣେ ପ୍ରାଣେ ଉପଲବ୍ଧି କରି ପାରୁଅଛି । ମୁଁ ଶୀଘ୍ର ଢାକା ଯିବି । ଆଶାକରେ ଏଥର ଦେଖା କରିବାରେ କୌଣସି ବିଘ୍ନ ହେବ ନାହିଁ । ମୁଁ ଢାକା ହୋଇ ଉତ୍ତର ପଶ୍ଚିମକୁ ଯବି । ଚୈତ୍ରମାସରେ ହରିଦ୍ୱାର କୁମ୍ଭମେଳାରେ ଯୋଗଦାନ କରିବି । ତତ୍ପରେ ଆଶ୍ରମକୁ ଫେରିବି । ସୁତରାଂ ଆଶ୍ରମରେ ଅନୁପସ୍ଥିତି ଜନିତ ବ୍ୟବସ୍ଥା କରିବାରେ ବ୍ୟସ୍ତ ଅଛି । ଅନ୍ୟାନ୍ୟ କୁଶଳ । ମୋର ଆଶୀର୍ବାଦ ଜାଣିବ । ମାଣିକଗଞ୍ଜର କେହି କୁମ୍ଭଦର୍ଶନକୁ ଯିବେ କି ? ବଙ୍ଗଳାରୁ ଏଥର ବହୁ ଲୋକ ଯିବେ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୦୧)

ପୁରୀ

୨୮।୯।୩୧ ବାଂ

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ଯଥାସମୟରେ ପାଇ ସମାଚାର ଅବଗତ ଅଛି । ସଂସାରୀର କର୍ତ୍ତବ୍ୟ ଗୁରୁତର । ବିପଦ-ସମ୍ପଦରେ ଅବିଚଳିତ ରହି ଧୀର ଓ ସ୍ଥିର ଭାବରେ କର୍ତ୍ତବ୍ୟ ପାଳନ କରିବାକୁ ପଡ଼ିବ । ଉତ୍ତେଜିତ ବା

ଅବସନ୍ନ ହେଲେ ଚଳିବ ନାହିଁ । ଅନିତ୍ୟ ଉପାଦାନରେ ଯେଉଁ ବସା ବାନ୍ଧି ଅଛ, ପ୍ରତିମୁହୂର୍ତ୍ତରେ ତାହା ଭାଙ୍ଗିବାର ସମ୍ଭାବନା ଅଛି । ତାହା ଭୁଲ ନାହିଁ । ବିପଦରେ ହିଁ ତ ପରୀକ୍ଷା । ଆଶୀର୍ବାଦ କରୁଛି ହସ ହସ ମୁଖରେ ସଂସାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅ । * * * ଅତ୍ର ଶୁଭ । ତୁମ୍ଭେମାନେ ସମସ୍ତେ ମୋର ଆଶୀର୍ବାଦ ଜାଣିବ ଏବଂ ଆଶ୍ରମ ସେବକଗଣଙ୍କୁ ଜଣାଇବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୧୦୨)

ଶାନ୍ତି ଆଶ୍ରମ

ପୋ : କୋକିଳାମୁଖ

ଶ୍ରବଣ ୧୬ ଦିନ, ୧୩୨୦ ବଙ୍ଗାବ୍ଦ

ସ୍ନେହର ବି—,

ମୁଁ ତୁମ୍ଭମାନଙ୍କ ଠାରୁ ବିଦାୟ ନେଇ ନାନାସ୍ଥାନ ପରିଭ୍ରମଣ କରି ଗତ ୧୨ ତାରିଖରେ ଅପରାହ୍ନ ୨ଟା ସମୟରେ ଆଶ୍ରମକୁ ଆସିଅଛି । ଆଗାମୀ କାର୍ତ୍ତିକ ମାସ ପର୍ଯ୍ୟନ୍ତ ଏହି ଆଶ୍ରମରେ ହିଁ ଅବସ୍ଥିତି କରିବି । ତୁମ୍ଭମାନଙ୍କର ମଙ୍ଗଳ ସମ୍ବାଦ ଏହି ଠିକଣାରେ ଜଣାଅ ।

ମୁଁ ଗୁରୁଙ୍କ କର୍ତ୍ତବ୍ୟରେ ଅବହେଳା କରି—ଅଧିକାର ବିଚାରରେ ଅବଜ୍ଞା କରି ତୁମ୍ଭମାନଙ୍କୁ ଶିଷ୍ୟରୂପେ ଗ୍ରହଣ କରିଅଛି । ଏପରି କି ଗୁରୁଶିଷ୍ୟଙ୍କର କର୍ତ୍ତବ୍ୟଟା ପର୍ଯ୍ୟନ୍ତ ବୁଝାଇବାର ସମୟ ପାଇ ନାହିଁ । ତେବେ ଭରସା ହେଉଛି, ତୁମ୍ଭେମାନେ ମୋର ଚିର ଆଦରର—ଚିର

ସ୍ନେହର ପାତ୍ର, ମୁଁ ମଧ୍ୟ ତୁମ୍ଭମାନଙ୍କ ଶ୍ରଦ୍ଧାଭକ୍ତିର ସମ୍ବନ୍ଧଯୁକ୍ତ ; ତଦୁପରି ଏବେ ଆଧ୍ୟାତ୍ମିକ ପବିତ୍ର ଭାବରେ ମିଳିତ ହୋଇଅଛି, ସୁତରାଂ ସାଂସାରିକ ସମ୍ବନ୍ଧ ଦୂର ହେଲେ ମଧ୍ୟ ସେହି ସ୍ନେହ-ଭଲପାଇବା ଦୂରହେବାର ନୁହେଁ । ଅନ୍ୟ ଶିଷ୍ୟମାନଙ୍କର ମୋ ଉପରେ ଭଲପାଇବା ଆଣିବାକୁ ଯେଉଁ ସାଧନାର ପ୍ରୟୋଜନ, ତୁମ୍ଭମାନଙ୍କର ସେହି ଭଲପାଇବା ସ୍ୱତଃସିଦ୍ଧ ଅଛି । ତେଣୁ କୌଣସି ପ୍ରକାର ବିଚାର ନ କରି ତୁମ୍ଭମାନଙ୍କର ଗୁରୁପଦରେ ବରିତ ହୋଇଅଛି । ଆଶା ଅଛି, ତୁମ୍ଭମାନଙ୍କ ଦ୍ୱାରା ଗୁରୁଙ୍କର ମର୍ଯ୍ୟଦା ରକ୍ଷା ହେବ । ଶିଷ୍ୟ ଦ୍ୱାରା ଗୁରୁଙ୍କର ଗୁରୁତ୍ୱ ପ୍ରତିଷ୍ଠିତ ହୁଏ । ତୁମ୍ଭେମାନେ ନିଜକୁ ଭୁଲି ପ୍ରେମଭକ୍ତିରେ ହୃଦୟ ପୂର୍ଣ୍ଣ କର, ଗୁରୁଙ୍କର ଉପଦେଶ ଅନୁସାରେ ଚରିତ୍ର ଗଠନ କର, ସଂଯତ ହୁଅ, ପୃଥିବୀର ନରନାରୀଗଣଙ୍କୁ ଭାଇ-ଭଉଣୀ ଜ୍ଞାନରେ ଜଡ଼େଇ ଧର, ରୋଗୀର ଶୁଶ୍ରୂଷା କର, ଶୋକଗ୍ରସ୍ତକୁ ସାନ୍ତ୍ୱନା ଦିଅ, ଦୁଃଖୀର ଅଶ୍ରୁ ପୋଛି ଦିଅ, ତାପିତକୁ କୁଣ୍ଢେଇ ଧର, ପାପୀକୁ ଘୃଣା ନ କରି ତୁମ୍ଭମାନଙ୍କ ପ୍ରେମଜଳରେ ସେମାନଙ୍କର ପାପମଇଳା ଧୋଇ ଦିଅ, ସ୍ୱାର୍ଥପର ଶୟତାନକୁ ହୃଦୟରୁ ତଡ଼ି ଦେଇ, ପ୍ରେମମୟ ଭଗବାନଙ୍କୁ ଆସନ ଦିଅ—ଏହା ହିଁ ଧର୍ମ ! ନତୁବା ଆଖି କାନ ବୁଜି ଜପ ତପ କଲେ ଭଗବାନଙ୍କର କୃପା ହୁଏ ନାହିଁ ; ତାହା ଜଡ଼ର ସାଧନା ମାତ୍ର । ଯେ ଜୀବକୁ କୃପା କରିବାକୁ ଶିଖି ନାହିଁ, ସେ ଭଗବାନଙ୍କର କୃପା ପାଇବ କିପରି ? ଯେ ଅନ୍ୟକୁ କ୍ଷମା କରିବାକୁ ଜାଣେ ନାହିଁ, ସେ ଭଗବାନଙ୍କ ନିକଟରୁ କ୍ଷମା ପାଇବାର ଯୋଗ୍ୟ ନୁହେଁ । ଯେ ଜଗତକୁ ଭଲପାଇ ପାରି ନାହିଁ, ସେ ଭଗବାନଙ୍କର ଭଲପାଇବା ଆଶା ମଧ୍ୟ କରି ପାରେନା । ବତ୍ସେ ! ଅହଂତ୍ୱ, ଆତ୍ମଶକ୍ତି, ଗର୍ବ ପ୍ରଭୃତିର ମୂଳ

ଉତ୍ପାଟନ କରି ଦୀନାତିଦୀନ ହୋଇ ସର୍ବସ୍ୱ ଭଗବାନଙ୍କୁ ଅର୍ପଣ କର, ସର୍ବତୋଭାବରେ ତାଙ୍କର ଶରଣାପନ୍ନ ହୋଇ ତାଙ୍କ ଠାରେ ଆତ୍ମନିର୍ଭର କର । ତାଙ୍କ ନିକଟରେ ଅକପଟ ଭାବରେ ପ୍ରାର୍ଥନା କର, ତାଙ୍କର ଇଚ୍ଛା ଉପରେ ଜୀବନର ସୁଖ-ଦୁଃଖ, ଆଶା-ଆକାଙ୍କ୍ଷା ନିର୍ଭର କର, ଦୁଃଖ-ସୁଖରେ, ରୋଗ-ଶୋକରେ, ସମ୍ପଦ-ବିପଦରେ ତାଙ୍କର ହିଁ ଗୁଣଗାନ କର, ତାଙ୍କର ଜୟ ଉଚ୍ଚାରଣ କର, ସର୍ବାର୍ଥ ସିଦ୍ଧ ହେବ । ସେ ସ୍ନେହର ଶତବାହୁ ଦ୍ୱାରା ବେଷ୍ଟନ କରି ଏହି ପାପ-ତାପମୟ ମଳିନ ସଂସାରରୁ ତୁମ୍ଭମାନଙ୍କୁ ନିଜ କୋଳକୁ ଟେଳି ନେବେ । ନିତ୍ୟଜୀବନ ଲାଭ କରି ନିତ୍ୟାନନ୍ଦ ଉପଭୋଗ କରିବ । କାୟମନରେ ଆଶୀର୍ବାଦ କରୁଛି, ଭଗବାନ୍ ଅଚିରେ ତୁମ୍ଭମାନଙ୍କୁ ସେହି ଶକ୍ତି ଦାନ କରି ତାଙ୍କର ଶାନ୍ତିମୟ କୋଳକୁ ଟାଣି ନିଅନ୍ତୁ । ତୁମର ଦିଦି ହରିଦାସୀଙ୍କୁ ମୋର ଆଶୀର୍ବାଦ ଜଣାଇ କହିବ,—ମୋର ଉପଦେଶ ସେ ଯେପରି ଭୁଲି ନ ଯାଏ । ଦୁଇଦିନର ଭୋଗରୁ ବଞ୍ଚିତ ହୋଇଅଛି ବୋଲି ଯେପରି ଦୁଃଖ ନ କରେ । ହରିଦାସୀ ଯେପରି ଯଥାର୍ଥ ହରିଦାସୀ ହୋଇ ହରିଙ୍କର ଅସମୋର୍ଦ୍ଧ ପ୍ରେମରେ ଅନନ୍ତକାଳ ପାଇଁ ବୁଡ଼ି ଯାଏ, ପୁରୁଷୋତ୍ତମଙ୍କୁ ଭୁଲି ସାମାନ୍ୟ ପୁରୁଷର ଦାସୀତ୍ୱ ପାଇଁ ଆଉ ଯେପରି ତାହାର ପ୍ରବୃତ୍ତି ନ ହୁଏ । ଅନ୍ୟମାନଙ୍କୁ ମୋର ସ୍ନେହାଶୀର୍ବାଦ ଦେବ । ମୁଁ ଭଲ ଅଛି । * * * ତୁମେ ପତ୍ର ଲେଖିବ ଆଉ ଧୀ—କୁ ମଧ୍ୟ ଲେଖିବାକୁ କହିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୦୩)

ଶାନ୍ତି ଆଶ୍ରମ
୭-୫-୧୩ ଇଂ

ସ୍ନେହର ଗୋ—,

ଯଥା ସମୟରେ ତୁମର ' ପତ୍ରଖଣ୍ଡିକ ପାଇଅଛି । ମୁଁ କିପରି ଅବସାଦଗ୍ରସ୍ତ ହୋଇ ପଡ଼ିଅଛି । କୌଣସି କାର୍ଯ୍ୟରେ ସ୍ଫୂର୍ତ୍ତି ବା ଉତ୍ସାହ ନାହିଁ, ଭଲ ଲାଗୁ ନାହିଁ, ତଦୁପରି ମୁଣ୍ଡ ବୁଲାଇ ହୋଇ କେତେ ଦିନ ଉଠି ପାରି ନାହିଁ । ଏବେ ଅପେକ୍ଷାକୃତ ସୁସ୍ଥ ଅଛି । ଏହି ସବୁ କାରଣରୁ ତୁମ୍ଭମାନଙ୍କ ନିକଟକୁ ପତ୍ର ଲେଖି ନାହିଁ ।

ବତ୍ସ ! ମୁଁ ଯେ ଭଗବାନଙ୍କୁ ଭୁଲି ତୁମ୍ଭମାନଙ୍କୁ ହିଁ ସାର କରିଅଛି—ତେବେ ଭୁଲିବି କାହାକୁ ? ତୁମ୍ଭମାନଙ୍କୁ ଭୁଲିଲେ ମୋର ଆଉ ରହିବ କିଏ ? ତୁମ୍ଭେମାନେ ଯେ ମୋର ହୃଦୟ ନିକୁଞ୍ଜର ପୋଷା ପକ୍ଷୀ । ସନ୍ଧ୍ୟା ସକାଳେ ତୁମ୍ଭମାନଙ୍କ କାକଳି ହୃଦତନ୍ତ୍ରୀରେ ନ ବାଜିଲେ ମୁଁ ଯେ ଅସ୍ଥିର ହୋଇ ପଡ଼େ । ଚିଠି ନ ଲେଖିଲେ ତୁମ୍ଭମାନଙ୍କ ପ୍ରାଣ କିପରି ଛଟପଟ କରେ ଦୂରରେ ବସି ତାହା ଦେଖେ । ତୁମ୍ଭେମାନେ ଦୁଃଖ ପାଇଲେ ମଧ୍ୟ ମୋର ସେଥିରେ ଆନନ୍ଦ ହୁଏ, ମୁଁ ତୁମ୍ଭମାନଙ୍କ ଭାବରେ ବିଭୋର ହୋଇ ରହେ । ଚିଠି ନ ଲେଖିଲେ ବ୍ୟସ୍ତ ହୁଅ କାହିଁକି ? ଅନ୍ୟମାନେ ତ ଲେଖନ୍ତି ! ବିଶେଷ କରି, ମୁଁ କ୍ରମଶଃ ବୃଦ୍ଧ ହେଉଅଛି, ଆଳସ୍ୟ ମାଡ଼ିବସୁଛି । ଏବେ ସମସ୍ତଙ୍କ ନିକଟକୁ ଆଉ ଚିଠି ଲେଖିବା କ'ଣ ସମ୍ଭବ ହେବ ବା ଶରୀର ସହ୍ୟ କରିବ ? ଯାହା ହେଉ ଏବେ ମଙ୍ଗଳ । ପ୍ରାଣଧିକ ସୁ—କୁ ମୋର ଭଲପାଇବା ଜଣାଇବ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଆଶୀର୍ବାଦକ—

ଠାକୁର

(୧୦୪)

ଶାନ୍ତି ଆଶ୍ରମ

୧୦।୧।୨୦

ସ୍ନେହର ନ—,

ତୁମର ପତ୍ର ପାଇ ସମସ୍ତ ବିଷୟ ଅବଗତ ହେଲି । ମୋ—ର ପତ୍ର ମଧ୍ୟ ଗତକାଲି ପାଇଛି । ତୁମ୍ଭେମାନେ ମୋର ମତ ଜାଣିବାକୁ ଚାହିଁଛ । ଏ ସବୁ ସମାଜିକ ବ୍ୟାପାରରେ ମୋର ମତ ନେବା ଠିକ୍ ମନେ କରେନା । ସମାଜର ଅତ୍ୟାଚାର ସହ୍ୟ କରି ମୋର କଥାରେ ନିର୍ଭର କରିବାକୁ ଶିଖିଅଛ କି ? ମୂଢ଼ ଜୀବର ପରିହାସ-ରସିକ-ରସନାର କଟୂକ୍ତି ଧୈର୍ଯ୍ୟର ସହିତ ଶୁଣିବାକୁ ଅଭ୍ୟସ୍ତ ହୋଇଅଛ କି ? ମୁଁ ଜଗତରେ କାହାରି କଥା ଶୁଣି ଚଳେ ନାହିଁ, ସମାଜରେ ମୁଁ ସମ୍ପୂର୍ଣ୍ଣ ସ୍ୱାଧୀନ । ସୁତରାଂ ମୋର ମତ ସାମାଜିକ ବ୍ୟାପାରରେ ତୁମ୍ଭମାନଙ୍କର ଗ୍ରହଣ ନ କରିବା ହିଁ କର୍ତ୍ତବ୍ୟ । ମୁଁ ସନ୍ନ୍ୟାସୀ ହେଲେ ମଧ୍ୟ ଈଶ୍ୱର-ବିଶ୍ୱାସୀ, କର୍ମବାଦୀ ନୁହେଁ । ତାଙ୍କର ଇଚ୍ଛା ହିଁ କର୍ମର ପ୍ରେରକ ବୋଲି ଜାଣି ଅଛି । ସୁତରାଂ ସେ ଯାହା ନିର୍ଦ୍ଦିଷ୍ଟ କରିଛନ୍ତି—ତାଙ୍କର ବିଧାନରେ ଯାହା ବିଧିବଦ୍ଧ ହୋଇଅଛି, ଆଉ କାହାରି ବି ଶକ୍ତି ନାହିଁ ଯେ ପୁରୁଷକାର ପ୍ରଭାବରେ ତାହାର ବ୍ୟତିକ୍ରମ କରିବ । ପୁରୁଷକାର ଆଉ କିଛି ନୁହେଁ, କେବଳ ତାଙ୍କର ଇଚ୍ଛାନୁସାରେ ଜୀବ କାର୍ଯ୍ୟ କରି ଅହଂ ପ୍ରଭାବରେ କର୍ତ୍ତୃତ୍ୱଟା ନିଜ କାନ୍ଧରେ ଲଦି ନିଏ । ଇତିହାସ-ପୁରାଣର କଥା ଛାଡ଼ି ଦେଲେ ମଧ୍ୟ, ଆଖି ସାମନାରେ ପ୍ରତି ମୁହୂର୍ତ୍ତରେ ମାନବର ଶକ୍ତି, ଯତ୍ନ, ଚେଷ୍ଟା ତୁଳିକୁ ଯିବାର ଦେଖୁଅଛି ; ଆଉ ତୁମ୍ଭେମାନେ ଗୃହୀ—ପୁରୁଷକାରର ବଡ଼େଇ କରି ବିଡ଼ମ୍ବିତ ଓ ପ୍ରତିମୁହୂର୍ତ୍ତରେ ଲାଞ୍ଛିତ ହେଉଅଛ । ଏ ସଂସାରରେ ଜୀବର ସର୍ବତୋଭାବରେ ଦୂରେ

ଥାଉ—କୌଣସି ଗୋଟିଏ ବିଷୟରେ ମଧ୍ୟ ପୂର୍ଣ୍ଣସୁଖର ଆଶା କରିବା ମହାଭ୍ରମ । ଶୋକ-ଦୁଃଖ, ବିରହ-ବିଚ୍ଛେଦ ଦେଇ ଏ ଜଗତ ଗଠିତ ; ତେବେ ଜୀବ ବିଦ୍ୟୁଚ୍ଚକିତବତ୍ ଯେଉଁ ସୁଖର ଅନୁଭବ ଥରେ ଥରେ କରେ, ସେଇଟା ତାର ହିଁ ଅନ୍ତରସ୍ଥ ଚୈତନ୍ୟର ବିକାଶ ମାତ୍ର । ନତୁବା ଏ ଜଗତରେ ତାହା ନାହିଁ । ଯାହା ନାହିଁ ତାହାର ଯେ ଆଶାକରେ ସେ ଘୋର ମୂର୍ଖ ।

ମୃତ୍ୟୁ ଦେଇ ଯାହା ଗଠିତ—ମୃତ୍ୟୁ ହିଁ ଯାହାର ପରିଣତି, ତଦ୍ଦ୍ୱାରା ସୁଖର ସମ୍ଭାବନା କେଉଁଠି ? କୃଷ୍ଣ-ସଖା ପାଣ୍ଡବଗଣ ସ୍ମୃତିପଥକୁ ଆସିଲେ ପୁରୁଷକାର ଅବସାଦଗ୍ରସ୍ତ ହୁଏ ନାହିଁକି ? ସୀତା, ଶୈବ୍ୟା, ଚିନ୍ତାଙ୍କ କଥା ଚିନ୍ତା କଲେ ସୁଖକଥା ମୁଖରେ ଆଣିବାକୁ ଲଜ୍ଜା କରେ ନାହିଁ କି ? ତୁମର ମୋର ପ୍ରାଣ କେତେ ସାମାନ୍ୟ ? ଆମର ପୁଣି ସୁଖ-ଦୁଃଖ କ'ଣ ? କାନ୍ଦି ଏ ଜଗତକୁ ଆସିଛ, କାନ୍ଦିବାକୁ ହେବ ; କାନ୍ଦି କାନ୍ଦି ଚାଲିଯିବ ; ଯାହାକୁ ଯେଉଁ ବୋଝ ଲଦି ପଠାଇଛନ୍ତି ତାହା ବୋହିବାକୁ ହିଁ ପଡ଼ିବ । ତେବେ ପରେ କ'ଣ ହେବ ତାହା ଭାବିବାର ଅବସର କାହିଁ ? କେବଳ ବର୍ତ୍ତମାନ ! ଭୂତ ଭବିଷ୍ୟତ ନାହିଁ—କେବଳ ଅନ୍ଧକାର ! ସମ୍ମୁଖରେ ଯାହା ପାଅ କରିଯାଅ, ସମ୍ମୁଖରେ ଯାହାକୁ ଦେଖିବ ମୋର ଭାବ, ଯିଏ ମରୁଛି ତାକୁ ମରିବାକୁ ଦିଅ, ଯିଏ ରହୁଛି ତାକୁ ବୁକୁରେ ଜାବୋଡ଼ି ଧର । ସବୁ ମୋର—କେହି ଆପଣାର ନୁହେଁ । ଆମର ସଂସାର ଏହି ପରି ; ସୁଖ-ଦୁଃଖ ନିତ୍ୟ ସଙ୍ଗୀ । ଏବେ ମୋର ମତାମତ ବୁଝିଲ କି ? * * * ସୁଖ-ଦୁଃଖର କଥା ପୂର୍ବରୁ କହିଛି । କେତେ ପିତା କେତେ ଭଲ ଘର ଭଲ ବର ଦେଖି ସର୍ବସ୍ୱ ଅର୍ପଣ କରି କନ୍ୟାଦାନ କରି ମଧ୍ୟ କନ୍ୟାକୁ ବିନ୍ଦୁମାତ୍ର ସୁଖୀ ଦେଖିବାକୁ ପାଏ ନାହିଁ—କେତେ ଭଲ ଭଲ ଜ୍ୟୋତିର୍ବିଦଙ୍କର କନ୍ୟା ବିଧବା ହୋଇ

ରହିଛନ୍ତି—ଏହିପରି ଶତ ଶତ ଜୀବନ୍ତ ଆଦର୍ଶ ଦେଖାଇ ପାରିବି। ତେବେ ତୁମ୍ଭେମାନେ ସାମାଜିକ ଲୋକ—ବର୍ତ୍ତମାନଟା ଦେଖିବା କର୍ତ୍ତବ୍ୟ-ପରିଣାମରେ କ'ଣ ହେବ ତାହା ଭାବିବାର ପ୍ରୟୋଜନ ନାହିଁ। ଉପସ୍ଥିତ ବର୍ତ୍ତମାନକୁ ଅନୁସନ୍ଧାନ କରି ଯଦି ତାର କଥା ପ୍ରମାଣିତ ହୁଏ, ତେବେ ଭଗବତ୍-ଚରଣରେ ପ୍ରଣାମ କରି ତାଙ୍କୁ ନିର୍ଭର କରି ଭଗ୍ନୀର ବିବାହ ଦେଇପାର—ଏହା ହିଁ ମୋର ଅଭିମତ। * * * ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ।

ସାଂସାରିକ ସୁଖ-ଦୁଃଖ, ଶୋକ-ତାପ, ଜୀବନ-ମୃତ୍ୟୁ, ଆପଦ-ବିପଦ, ରୋଗ ବା ଦରିଦ୍ରତା, ଏ ସମ୍ବନ୍ଧରେ ପତ୍ର-ଲିଖିତ ବିଷୟ ବ୍ୟତୀତ ମୋର କିଛି ବକ୍ତବ୍ୟ ନାହିଁ। ବିବାହ ବୋଲି ନୁହେଁ, ସବୁ ବିଷୟରେ ମୋର ଏହି ମତ ତୁମ୍ଭେମାନେ ଆଦର୍ଶ କରି ଚଳିବ। ଏଠାରେ ଶୋକ-ଦୁଃଖର ଆଶା କରିବା ହିଁ ସ୍ୱାଭାବିକ। ତେବେ ଯଦି ସୁଖ ଆସେ ଆସୁ ; କିନ୍ତୁ ତୁମ୍ଭେମାନେ କଦାଚ ତାହା ଚାହିଁ ବିଡ଼ମ୍ବିତ ହୁଅ ନାହିଁ।

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୧୦୫)

ଶାନ୍ତି ଆଶ୍ରମ

୭।୨।୨୧

ସ୍ନେହର ସ୍ୱ—,

ତୁମର ପତ୍ର ଗୁଡ଼ିକ ପାଉଅଛି। ତୁମର ମାଙ୍କର ଅବସ୍ଥା କେହି ନ ଜଣାଇଲେ ମଧ୍ୟ ମୁଁ ବେଶ୍ ବୁଝି ପାରୁଅଛି। ତାଙ୍କର ସାନ୍ତ୍ୱନା ଭାଷାର

ବାହାରେ । ମୋର ଯେତିକି କର୍ତ୍ତବ୍ୟ-ଜ୍ଞାନ ଓ ଶକ୍ତି ଅଛି ତଦନୁସାରେ (ତୁମ୍ଭେମାନେ ନ ଲେଖିଲେ ମଧ୍ୟ) ତାହା ପ୍ରୟୋଗ କରିଥାଏ ; କାହାରି ଅନୁରୋଧର ଅପେକ୍ଷା ରଖେ ନାହିଁ । ଜନ୍ମ-ମୃତ୍ୟୁ କର୍ତ୍ତୃତ୍ୱର ବାହାରେ । ଯାହାର ଯେତେ ଆତ୍ମୀୟଙ୍କ ସହିତ ଯୋଗ ଅଛି, ତାଙ୍କୁ ସେତେ ବିୟୋଗ-ଯନ୍ତ୍ରଣା ଭୋଗ କରିବାକୁ ପଡ଼େ । ବତ୍ସେ ! ମୃତ୍ୟୁମୟ ସଂସାରକୁ ଆସି ମରିବା ନାମରେ ଚମକି ଉଠ ନାହିଁ । ଏଠାରେ କେବଳ ଜନ୍ମ ଓ ମୃତ୍ୟୁ । ଆତ୍ମୀୟ ଜନ୍ମିଲେ ନିଶ୍ଚୟ ମରିବେ । ମୋର କେହି ଜନ୍ମେ ନାହିଁ କି ମରେ ନାହିଁ । ତୁମେ ମୋ ଭଳି ହୁଅ, ଏ ଜ୍ୱାଳା ଭୋଗିବାକୁ ପଡ଼ିବ ନାହିଁ । ନତୁବା ନିତ୍ୟ ନୂତନ ମୃତ୍ୟୁ ସମ୍ବାଦ କାନରେ ପହଞ୍ଚିବ ; ମୋର ବାପାର ବାପା ମଧ୍ୟ ତାହା ରୋଧ କରି ପାରିବ ନାହିଁ । ସୁତରାଂ ଯେଉଁ ପ୍ରାଣ ସଂସାରରେ ବିଛେଇ ରଖିଛ, ସେହି ପ୍ରାଣ ଭଗବାନଙ୍କୁ ଦିଅ, ଆଉ ମରିବା ପାଇଁ ଭୟ ରହିବ ନାହିଁ । ସେ ଯେ ନିତ୍ୟ-ଶୁଦ୍ଧ ଚିରସୁନ୍ଦର ! ବସି ବସି ତାଙ୍କୁ ଭଲ ପାଅ, ରକ୍ତ-ମାଂସ, ମଳ-ମୂତ୍ରର ସମ୍ବନ୍ଧ ଛାଡ଼ । ନିତ୍ୟ ଶତ ଶତ ଲୋକ ମରୁଛନ୍ତି, ତେବେ ବୀ—ର ପାଇଁ ଶୋକ କାହିଁକି ? ଆଉ ଯଦି ଶୋକ କରିବାକୁ ହୁଏ, ସମସ୍ତଙ୍କ ପାଇଁ କାନ୍ଦ । ମୋ ନିକଟକୁ ପ୍ରତ୍ୟହ କେତେ ମର୍ମଭେଦୀ ମୃତ୍ୟୁ ସମ୍ବାଦ ଆସୁଅଛି । ସେଦିନ ଅ— ବାବୁଙ୍କର ଏକମାତ୍ର କନ୍ୟା ମରିଗଲା । ତୁମର ମାଙ୍କର ତଥାପି ତିନୋଟି ଝିଅ ଏବେ ମଧ୍ୟ ଅଛନ୍ତି । ସୁତରାଂ ଅଜ୍ଞାନୀର ଦୁଃଖ କେହି ଦୂର କରି ପାରିବ ନାହିଁ ; ବିଶେଷତଃ ତୁମର ଦୁଃଖ-କଷ୍ଟ ଶୁଣି ହସ ଲାଗେ । ବତ୍ସେ ! ମୋହ ଛାଡ଼, ଅନିତ୍ୟ ସମ୍ବନ୍ଧରେ ମଜ୍ଜି ରହି ନିତ୍ୟଧନକୁ ଅନାଦର କର ନାହିଁ । ଯେ ତୁମର—ତାଙ୍କ ପାଇଁ କାନ୍ଦ । ଛି ! ଛି ! ଏ ଉପଦେଶ ଦେବାକୁ ମଧ୍ୟ ଲଜ୍ଜା ଲାଗୁଛି । ମୁଁ ସତ୍ୱର ଡାକ

ଉଦ୍ଦେଶ୍ୟରେ ବାହାରୁଛି । ଆଶୀର୍ବାଦ କରୁଛି ତୁମ୍ଭମାନଙ୍କର ମନ ନିତ୍ୟରେ ପ୍ରତିଷ୍ଠିତ ହେଉ ।

ତୁମର—

ଠାକୁର

(୧୦୬)

ଜୟଗୁରୁ

ପୁରୀ

୧୧।୩।୩୨

କଲ୍ୟାଣୀୟାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ବିସ୍ତାରିତ ସମାଚାର ଅବଗତ ହେଲି । ଜଗତଟା ଅନିତ୍ୟ—ଅନିତ୍ୟ ଉପାଦାନରେ ଗଠିତ । ବିପଦ-ଆପଦ, ରୋଗ-ଶୋକ, ଜରା-ମୃତ୍ୟୁ, ଅଭାବାଦି ସଂସାରର ନିତ୍ୟ ଘଟଣା । ଗୋଟଏ ଦୁଃଖ ଦୂର ହେଉ ନ ହେଉଣୁ ଆଉ ପାଞ୍ଚଟା ଦୁଃଖ ଆସି ଉପସ୍ଥିତ ହୁଏ । ରାଜାଠାରୁ ଭିଖାରୀ ପର୍ଯ୍ୟନ୍ତ କେହି ସଂସାରର ଅଶାନ୍ତି ଦୂର କରି ଶାନ୍ତି ଲାଭ କରି ପାରି ନାହିଁ । ପାଞ୍ଚଜଣଙ୍କୁ ନେଇ ସଂସାର କରିବାକୁ ହେଲେ ଗୋଟିଏ ନା ଗୋଟିଏ ଅଶାନ୍ତି ଲାଗି ରହିବ । ଭଗବାନ୍ ଶ୍ରୀକୃଷ୍ଣଙ୍କୁ ସଖାରୂପେ ପାଇ ମଧ୍ୟ ପାଣ୍ଡବମାନଙ୍କର ସାଂସାରିକ ଦୁଃଖ ଦୂର ହୋଇ ନାହିଁ । ସୁତରାଂ ସଂସାରରେ ଶାନ୍ତିର ଆଶା କରିବା ମୂଢ଼ତା ମାତ୍ର । ନିଜ ନିଜ କର୍ତ୍ତବ୍ୟ ଯଥାସାଧ୍ୟ ସମ୍ପନ୍ନ କରି ଭଗବାନଙ୍କ ପ୍ରେମରସରେ ମଜ୍ଜି ନ ପାରିଲେ ଶାନ୍ତି ପାଇବାର ଆଉ ଉପାୟ ନାହିଁ । ତୁମ୍ଭେମାନେ ଆତ୍ମନିର୍ଭର

ଶୀଳ ହେବାକୁ ଅଭ୍ୟାସ କର । ସମ୍ପଦରେ-ବିପଦରେ ତାଙ୍କର ଜୟ ଉଚ୍ଚାରଣ କର । ବୀର ଭଳି କର୍ମଫଳ ଭୋଗ କରିବାକୁ ଅଭ୍ୟସ୍ତ ହୁଅ । ମୋହ ତ୍ୟାଗ କର । ତେବେ ଯାଇ ଶାନ୍ତିର ଅଧିକାରୀ ହେବ—ନତୁବା ସଂସାରର ଅଭାବ ଅନାଟନ ମେଣ୍ଟାଇ କୌଣସି ଦିନ ଶାନ୍ତି ଲାଭ କରି ପାରିବ ନାହିଁ । ଏ ପର୍ଯ୍ୟନ୍ତ କେହି ପାରି ନାହାନ୍ତି । ଆଶୀର୍ବାଦ କରୁଛି ତୁମ୍ଭମାନଙ୍କର ଶୁଭବୁଦ୍ଧି ଉଦ୍‌ବୁଦ୍ଧ ହେଉ । ମୋହ ଦୂରେଇ ଯାଉ । କର୍ତ୍ତବ୍ୟନିଷ୍ଠ ଗୃହସ୍ଥ ହୋଇ ନିଜ ନିଜ ହୃଦୟରେ ଭଗବାନଙ୍କର ନିତ୍ୟତ୍ୱ ଅନୁଭବ କର । କୌଣସି ଅବସ୍ଥାରେ ଜୀବନର ଲକ୍ଷ୍ୟ ହରାଅ ନାହିଁ ।

ଅନ୍ୟାନ୍ୟ ସମ୍ବାଦ ପୂର୍ବ ପତ୍ରରେ ଜଣାଇଛି । ମୁଁ ପୁରୀରୁ ଶୀଘ୍ର ଯାତ୍ରା କରିବି । ସୁତରାଂ ଏଠାକୁ ଆଉ ପତ୍ର ଲେଖିବ ନାହିଁ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୦୭)

ଶାନ୍ତି ଆଶ୍ରମ

୧୪।୬।୨୦

ସ୍ନେହର ମା—,

ବହୁଦିନ ପରେ ତୁମର ପତ୍ରଖଣ୍ଡିକ ପାଇ ଅବଗତ ହେଲି । ନାନାକାରଣରୁ ଯଥାସମୟରେ ଉତ୍ତର ଦେଇ ପାରି ନାହଁ । ଆଶ୍ରମର ସେବକଗଣ ବର୍ଦ୍ଧମାନ ବିଭାଗକୁ ବନ୍ୟାର୍ତ୍ତ ସେବା ପାଇଁ ଗମନ କରିଛନ୍ତି । ଜଣେ ମାତ୍ର ସେବକ ନେଇ ମତେ ଆଶ୍ରମର ସମସ୍ତ କାର୍ଯ୍ୟ କରିବାକୁ ହେଉଅଛି । ପୁଣି ନାନା କାରଣରୁ ଏବେ କାର୍ଯ୍ୟର ପରିମାଣ

ମଧ୍ୟ ବଢ଼ିଅଛି ; ସୁତରାଂ ଏକଦଣ୍ଡ ଅବକାଶ ନାହିଁ । ସେମାନେ ନ ଆସିବା ପର୍ଯ୍ୟନ୍ତ ଆଉ ମୁଁ ବିଶ୍ରାମ ପାଇବି ନାହିଁ ।

ମୁଁ ଶିଷ୍ୟମାନଙ୍କ ନିକଟକୁ ଚିଠି ଲେଖିବା ଏକପ୍ରକାର ଛାଡ଼ି ଦେଇଛି ; କେବଳ ଆଶ୍ରମ ସମ୍ବନ୍ଧୀୟ ପତ୍ରାଦି ଲେଖେ । ବିଶେଷତଃ ଏତେ ଶିଷ୍ୟଙ୍କୁ ପତ୍ର ଲେଖିଉଠିବା ସହଜ ବ୍ୟାପାର ନୁହେଁ । ଦିନକୁ ଦିନ ବୁଢ଼ା ହେବାରେ ଲାଗିଛି, କାଗଜ କଲମ ସହିତ ଆଉ କେତେ ଦିନ ସମ୍ବନ୍ଧ ରଖିବି ? ତା ବୋଲି କାହାକୁ ବି ଭୁଲି ନାହିଁ । ହୃଦୟ କ୍ଷେତ୍ରରେ ସମସ୍ତେ ନିଜ ନିଜ ଭାବରେ ଖେଳୁଛନ୍ତି, ମୁଁ ଦୂରରେ ଠିଆହୋଇ ଦେଖୁଅଛି ; ସର୍ବଦା ଶ୍ରୀଭଗବାନଙ୍କ ନିକଟରେ ମଙ୍ଗଳକାମନା କରୁଅଛି । ଆଉ କ'ଣ କରିବି ? ତୁମ୍ଭେମାନେ ମଧ୍ୟ ଭଗବାନଙ୍କର ନାମ କର । ଆନନ୍ଦରେ ନିଜ ନିଜ ସଂସାରର କର୍ତ୍ତବ୍ୟ କରି ଯାଅ ; ଭଲ-ମନ୍ଦ, ସୁଖ-ଦୁଃଖ ସବୁ ହିଁ ତାଙ୍କର ଦାନ ମନେ କରି ମୁଣ୍ଡପାତି ନେଇ ତାଙ୍କର ହିଁ ଜୟ ଉଚ୍ଚାରଣ କରୁଥାଅ । ଆଉ କ'ଣ ଚାହଁ ? ତେବେ ଏହା ସତ୍ୟ ଯେ ଭକ୍ତି ଥିବା ଆବଶ୍ୟକ । ଯଦି ବୁଝିଥାଅ ଭକ୍ତି ହିଁ ଜୀବନର ଏକମାତ୍ର ପ୍ରାର୍ଥନୀୟ ବସ୍ତୁ, ତେବେ ସର୍ବ ବାସନା-କାମନା ଏକମୁଖୀ କରି ନିୟତ "ଭକ୍ତି ଦିଅ" "ଭକ୍ତି ଦିଅ" ରବରେ ପ୍ରାର୍ଥନା କର ; ନିଶ୍ଚୟ ପାଇବ । ଭଗବାନ୍ ଅହେତୁକ ପ୍ରେମମୟ, ଅଯାଚକକୁ ଯାଚି ଗୁଞ୍ଜି ପ୍ରେମ ଦିଅନ୍ତି । ତାହା ଜଣାଇବା ପାଇଁ ତ ନଦୀୟାରେ ଅବତାର ! ପାଗଳି ! ମା ମୋର ! ଯାହା ଚାହଁ, ହୃଦୟରେ ଏକମାତ୍ର ତାହା ହିଁ ପ୍ରତିଷ୍ଠା କରି ତାଙ୍କ ନାମ ନେଇ ବସିଥାଅ । ଚାହିଁବାକୁ ପଡ଼ିବ ନାହିଁ, ଆପେ ଆପେ ତାହା ପ୍ରାଣରେ ଫୁଟି ଉଠିବ । ମୁହଁର କଥାରେ "ଦିଅ" "ଦିଅ" କହି ତାଙ୍କୁ ବିରକ୍ତ କର ନାହିଁ ; ସେ ତ ଦେବେ ବୋଲି ବସି ଅଛନ୍ତି, ଜୀବ ଯେ

ନେଉ ନାହିଁ । ତେଣୁ କହୁଛି, ଚାହିଁବାକୁ ପଡ଼ିବ ନାହିଁ ; କେବଳ ଭଗବାନଙ୍କୁ ବୁଝିବାକୁ ଦିଅ—''ମୁଁ ଏହି ଦ୍ରବ୍ୟ ବ୍ୟତୀତ ତୁମର ଅନନ୍ତ ବ୍ରହ୍ମାଣ୍ଡର କିଛି ବି ଚାହେଁ ନାହିଁ ।'' ସୁତରାଂ ତୁମ୍ଭମାନଙ୍କର ଚିନ୍ତା କ'ଣ ? ମୋ ନିକଟରୁ ସତ୍ୟ ସମ୍ବାଦ ଶୁଣିଅଛ, ସତ୍ୟକୁ ଆଶ୍ରୟ କର—ସତ୍ୟ ଉପରେ ନିର୍ଭର କର,—ସତ୍ୟ ଲାଭ କରି କୃତାର୍ଥ ହେବ ।

ମୁଁ ଭଲ ଅଛି । ଆଶ୍ରମର ସେବକଗଣ ପ୍ରତ୍ୟାଗମନ କଲେ ଥରେ ଢାକା ଯିବାକୁ ଚେଷ୍ଟା କରିବି । ବି— ତ ମତେ ଲେଖିଥିଲା—ତୁମେ ଆନନ୍ଦରେ ଅଛ । ମୁଁ ମଧ୍ୟ କହୁଛି—ଆନନ୍ଦମୟୀର କ'ଣ ନିରାନନ୍ଦ ସମ୍ଭବ ହୁଏ ? ତେବେ ନିଜକୁ ଭୁଲି ନିଜର ଫାଁଦରେ ଗୋଡ଼ ଦେଇ ହିଁ ଯେତେ କିଛି ଗୋଳମାଳ ! ନିଜକୁ ଚିହ୍ନି ପକାଅ ; ରାଜରାଜେଶ୍ୱରୀଙ୍କ ମୁଖରୁ ଦୁଃଖିନୀର କଥା ଆଉ କେତେଦିନ ଶୁଣିବି ? ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ତୁମ୍ଭମାନଙ୍କର—

ଠାକୁର

ପ୍ରଥମ ଖଣ୍ଡ ସମାପ୍ତ

ଠାକୁରଙ୍କ ଚିଠି

ଦ୍ୱିତୀୟ ଖଣ୍ଡ

ବଙ୍ଗଳା ସଂସ୍କରଣ

ପ୍ରଥମ ସଂସ୍କରଣ—୧୩୩୯

ଦ୍ୱିତୀୟ ସଂସ୍କରଣ—୧୩୫୬

ତୃତୀୟ ସଂସ୍କରଣ—୧୪୯୦

ଚତୁର୍ଥ ସଂସ୍କରଣ—୧୪୦୫

ପ୍ରଥମ ସଂସ୍କରଣ (ଅଖଣ୍ଡ)—୧୪୧୮

ନିବେଦନ

ଠାକୁରଙ୍କ କୃପାରୁ ''ଠାକୁରଙ୍କ ଚିଠି''ର ଦ୍ୱିତୀୟ ଖଣ୍ଡ ପ୍ରକାଶିତ ହେଲା । ଅଦୂର ଭବିଷ୍ୟତରେ ଦ୍ୱିତୀୟଖଣ୍ଡ ପ୍ରକାଶର କୌଣସି ଆଶା ପ୍ରକାଶକଙ୍କ ମନରେ ନଥିଲା ; ତେଣୁ ପୂର୍ବପ୍ରକାଶିତ ଠାକୁରଙ୍କ ଚିଠିକୁ କୌଣସି ଖଣ୍ଡରେ ଅଭିହିତ କରାଯାଇ ନାହିଁ । କିନ୍ତୁ ତାଙ୍କର କୌଣସି ଏକ ଅଜ୍ଞାତ ଅଙ୍ଗୁଳିସଂକେତରେ ଯେ ଏହି ଦ୍ୱିତୀୟ ଖଣ୍ଡ ପ୍ରକାଶର ସୁଯୋଗ ଓ ସୁବିଧା ଘଟି ଗଲା, ତାହା ବାସ୍ତବିକ ମୋ ପରି ତାଙ୍କର ଜଣେ ନଗଣ୍ୟ ଶିଷ୍ୟର ବୁଦ୍ଧିର ଅଗୋଚର । ଏବେ ମଧ୍ୟ ପୂର୍ବପ୍ରକାଶିତ ପ୍ରଥମ ଖଣ୍ଡର ଯଥୋପଯୁକ୍ତ ସମାଦର ହୋଇଅଛି ବୋଲି ମନେ ହୁଏନା, କିନ୍ତୁ ତଥାପି ତାଙ୍କର ପ୍ରେରଣାରେ ଅନୁପ୍ରାଣିତ ହୋଇ ତାଙ୍କର ଅମୃତମୟୀ ବାଣୀ—ଯାହା ପରବର୍ତ୍ତୀକାଳରେ ଆମର ହସ୍ତଗତ ହୋଇ ଅଛି, ତାହା ସାଧାରଣରେ ପ୍ରକାଶ କଲି । ଏଥିରେ ମାନବ-ଜୀବନର ସର୍ବାବସ୍ଥାରେ ଘାତ-ପ୍ରତିଘାତରୁ ଉଦ୍ଭୂତ ସୁଖ ଓ ଦୁଃଖର ସମ୍ମୁଖୀନ ହେବାର ଉପଯୋଗୀ ସମସ୍ତ ପ୍ରକାର ସୂକ୍ଷ୍ମତତ୍ତ୍ୱର ବିଶ୍ଳେଷଣ ରହିଅଛି । ଘୋର ଅମାନିଶାର କୋଳରେ ଯେଉଁ କ୍ଷୀଣ ଆଲୋକ-ବିଚ୍ଛୁରଣ ମୁମୁକ୍ଷୁର ଜ୍ଞାନ-ନୟନରେ ପ୍ରତିଭାତ ହେଉଅଛି, ସେଥିରେ ସାଧକର ଚିତ୍ତକୁ ଦୃଢ଼ଭାବରେ ଆକୃଷ୍ଟ ରଖି, ସତ୍ୟ ପଥରେ—ତ୍ୟାଗ ପଥରେ—ବିବେକ-ବୈରାଗ୍ୟ ପଥରେ ତାକୁ ପରିଚାଳିତ କରିବାର ଉପାଯୋଗୀ ସର୍ବବିଧ ତତ୍ତ୍ୱର ସହଜ-ସରସ ସମାବେଶରେ ଏହି ଚିଠିଗୁଡ଼ିକ ପୂର୍ଣ୍ଣ । କାଳର ଅପ୍ରତିହତ ଗତିରେ ଅନ୍ଧକାର ପରେ ଆଲୋକ, ଆଲୋକ ପରେ ଅନ୍ଧକାର ଆତ୍ମପ୍ରକାଶ କରି ଚାଲିଛି । ଆଜି ଏହି ଯୁଗସନ୍ଧିକ୍ଷଣରେ ସମସ୍ତେ ସ୍ତବ୍ଧ, ମୁଗ୍ଧ ଓ ଆତ୍ମହରା ! ସତ୍ୟ ଓ

ତତ୍ତ୍ୱର ସନ୍ଧାନୀ ବିବିଧ ମତବାଦ ଓ ସାମ୍ପ୍ରଦାୟିକ ପୁଷ୍ପିତ ବାକ୍ୟଜାଲରେ ବିଭ୍ରାନ୍ତ ! ତେଣୁ ଏହି ଦୁଃସମୟରେ ସାମ୍ପ୍ରଦାୟିକତା–ଦୋଷବର୍ଜ୍ଜିତ ସତ୍ୟ ଅମୃତବାଣୀ ଠାକୁରଙ୍କର ଏହି ଚିଠିଗୁଡ଼ିକ ମୁମୁକ୍ଷୁ ସାଧାରଣଙ୍କର ପଥାନ୍ୱେଷଣରେ ସହାୟତା କରିବା ଆଶାରେ ପ୍ରକାଶିତ ହେଲା

ଉପଦେଶଛଳରେ ପୁସ୍ତକାକାରରେ ପ୍ରକାଶ ନିମନ୍ତେ ଏହି ପତ୍ରଗୁଡ଼ିକ ଠାକୁରଙ୍କ କର୍ତ୍ତୃକ ଲିଖିତ ହୋଇ ନାହିଁ । ଏଗୁଡ଼ିକ ସଂସାରରେ ନାନାଭାବରେ କ୍ଲିଷ୍ଟ ତାଙ୍କର ଗୃହୀ, ବ୍ରହ୍ମଚାରୀ ଓ ସନ୍ନ୍ୟାସୀ ଶିଷ୍ୟଗଣଙ୍କୁ ପ୍ରୟୋଜନାନୁରୋଧରେ ଲିଖିତ ପ୍ରକୃତରେ କେତେଗୁଡ଼ିଏ ଚିଠି । ଆଉ "ଠାକୁରଙ୍କ ଚିଠି" ଏହିପରି କେତୋଟି ଚିଠିର ହିଁ ସମାବେଶ । କାର୍ଯ୍ୟତଃ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କୁ ବିଭିନ୍ନ ସମୟରେ ଲିଖିତ ହୋଇଅଛି ବୋଲି ଜୀବନ–ସମସ୍ୟାର ସମାଧାନ–ସ୍ୱରୂପ ଏଥିରେ ଗୋଟିଏ ହିଁ ଉପଦେଶର ପୁନରାବୃତ୍ତି ପରିଲକ୍ଷିତ ହେବା ମଧ୍ୟ ଅସମ୍ଭବ ନୁହେଁ । ଆଶାକରେ ପାଠକଗଣ ଏହାକୁ ପୁନରୁକ୍ତି ଦୋଷ ମଧ୍ୟରେ ଗଣ୍ୟ ନ କରି ଶ୍ରବଣାନୁଗୁଣରୂପେ ହିଁ ଗ୍ରହଣ କରିବେ ।

ଗ୍ରନ୍ଥଖଣ୍ଡିକ ଯଥାସମ୍ଭବ ସର୍ବସାଧାରଣଙ୍କର ଉପଯୋଗୀ କରିବାକୁ ଚେଷ୍ଟା କରାଯାଇଛି । ତଦନୁକଳ୍ପେ ବିଷୟ–ବିଭାଗ କ୍ରମେ ଚିଠିଗୁଡ଼ିକ ସଜାଇ ଯଥୋପଯୁକ୍ତ ସ୍ଥାନରେ ସନ୍ନିବେଶିତ କରାଯାଇଅଛି । କେତେ ଗୁଡ଼ିଏ ବିଶିଷ୍ଟ ଚିଠିର ସ୍ୱାତନ୍ତ୍ର୍ୟ ରକ୍ଷା କରି ଯେଉଁ ଯେଉଁ ଚିଠି ମଧ୍ୟରେ ଅଧିକାଂଶ ସ୍ଥଳରେ ସାମଞ୍ଜସ୍ୟ ଦେଖିବାକୁ ପାଇଅଛି, ସେଗୁଡ଼ିକୁ ଗୋଟିଏ ଗୋଟିଏ ଶ୍ରେଣୀଭୁକ୍ତ କରି ଅବଶିଷ୍ଟ ବିମିଶ୍ର ଚିଠିଗୁଡ଼ିକୁ "ବିବିଧ" ପର୍ଯ୍ୟାୟଭୁକ୍ତ କରିଅଛି । ଏଗୁଡ଼ିକର ସଂସ୍ଥାନ ବିଷୟରେ ସାଧାରଣତଃ ଏପରି ପ୍ରଣାଳୀ ଅବଲମ୍ବିତ ହୋଇଅଛି ଯେ, ସ୍ଥଳବିଶେଷରେ ବିଭାଗ କ୍ରମେ ଧାରାବାହିକ ଭାବରେ

ଚିଠିଗୁଡ଼ିକ ପଢ଼ିଗଲେ ମଧ୍ୟ ପାଠକଗଣ ତାହା ମଧ୍ୟରେ ଗୋଟିଏ ସାମଞ୍ଜସ୍ୟର ସୂତ୍ର ଖୋଜି ପାଇବେ ।

ଗ୍ରନ୍ଥର ପ୍ରତି ଦକ୍ଷିଣ ପୃଷ୍ଠାର ଦକ୍ଷିଣ ଶୀର୍ଷରେ ଶ୍ରେଣୀବିଭାଗାନୁଯାୟୀ ପ୍ରତ୍ୟେକ ଚିଠିର ମୂଳ ବିଷୟ ଉଲ୍ଲିଖିତ ହୋଇଅଛି ଏବଂ ଗ୍ରନ୍ଥର ପ୍ରାରମ୍ଭରେ ବିଷୟଗୁଡ଼ିକର ଗୋଟିଏ ବର୍ଣ୍ଣାନୁକ୍ରମିକ ସୂଚୀ ମଧ୍ୟ ପ୍ରଦତ୍ତ ହୋଇଅଛି । ଏହା ଦ୍ୱାରା ଯେ ଗ୍ରନ୍ଥଟିର ଉପଯୋଗିତା ପ୍ରଭୂତ ପରିମାଣରେ ବୃଦ୍ଧି ପାଇଅଛି, ତାହା କହିବା ବାହୁଲ୍ୟ ମାତ୍ର ।

ପରିଶେଷରେ ନିବେଦନ, ଶୀଘ୍ର ପ୍ରକାଶ ପାଇଁ ଚେଷ୍ଟା କରିବାରୁ ଗ୍ରନ୍ଥଟିକୁ ମୁଦ୍ରାକର-ଭ୍ରମ-ପ୍ରମାଦ ହସ୍ତରୁ ଆଶାନୁରୂପ ମୁକ୍ତ ରଖି ପାରି ନାହିଁ । ସେଥିପାଇଁ ପାଠକଗଣଙ୍କୁ କ୍ଷମା-ଦୃଷ୍ଟି ଆକର୍ଷଣ କରୁଅଛି । କିମଧିକମିତି—

ବଗୁଡ଼ା
ପୌଷ ୨ ଦିନ, ୧୩୩୯ ସାଲ

ଶ୍ରୀ ହରପ୍ରସାଦ ରାୟ

ବିଷୟ-ସୂଚୀ

[ବର୍ଣ୍ଣାନୁକ୍ରମିକ]

ବିଷୟ	କ୍ରମିକ ସଂଖ୍ୟା
ଅବିଦ୍ୟାର ଖେଳ	୫୨
ଅଭୟବାଣୀ	୯୭-୧୦୦
ଅଭାବ ଓ ଆତ୍ମହତ୍ୟା	୩
ଆଶ୍ରମ ଓ ସେବକ	୬୯-୭୦
ଆଶ୍ରମ ସ୍ଥାପନର ଉଦ୍ଦେଶ୍ୟ	୭୧
ଆଶ୍ରମର ସ୍ମୃତି	୭୨
କର୍ତ୍ତବ୍ୟରେ ଉତ୍ସାହ	୬୮
କର୍ମର ପ୍ରଭାବ	୫-୬
ଗାର୍ହସ୍ଥ୍ୟ ଓ ସନ୍ନ୍ୟାସ	୫୯-୬୩
ଗୁରୁ ଓ ଇଷ୍ଟ ଅଭିନ୍ନ	୭୬, ୭୭
ଗୁରୁ ଓ ଶିଷ୍ୟ	୭୮-୮୭
ଚିତ୍ ଓ ଆନନ୍ଦ	୪୩
ଜୀବର ସ୍ୱରୂପ	୬୫
ଦୀର୍ଘାୟୁର ସାର୍ଥକତା	୪୮
ନିର୍ଭରତା	୩୦-୪୦
ପତନରେ ଆଶ୍ୱାସ	୫୩
ପରଲୋକର ଅସ୍ତିତ୍ୱ	୨୨
ପ୍ରାରବ୍ଧ ଓ ଆତ୍ମହତ୍ୟା	୪
ବଳିଦାନର ମନ୍ତବ୍ୟ	୫୭
ବିଜୟାର ଆଶୀର୍ବାଦ	୫୪
ବିଦ୍ୟାଳୟର ପରୀକ୍ଷା	୫୦, ୫୧
ବିଧବାର କର୍ତ୍ତବ୍ୟ	୨୩-୨୫

ବିଷୟ	କ୍ରମିକ ସଂଖ୍ୟା
ବିପଦ ହିଁ ସମ୍ପଦର ନିଦାନ	୭, ୮
ବିପଦରେ କର୍ତ୍ତବ୍ୟ	୧୧
ବିପଦରେ ସାନ୍ତ୍ୱନା	୯, ୧୦
ବିବାହ ବିଧିନିର୍ଦ୍ଦିଷ୍ଟ	୪୫
ବିବାହରେ କର୍ମର ପ୍ରଭାବ	୪୬,୪୭
ବିବିଧ	୮୮-୯୬
ବୀଜମନ୍ତ୍ରର ଉଚ୍ଚାରଣ	୪୪
ବୃତ୍ତିର ବୈପରୀତ୍ୟ	୫୬
ବ୍ରହ୍ମଚାରୀର କଠୋର ନିୟମ	୬୭
ଭକ୍ତି ଓ ବ୍ୟାକୁଳତା	୧, ୨
ଭକ୍ତର ଦୌରାତ୍ମ୍ୟ	୫୫
ଭକ୍ତର ରୋଗ	୨୬, ୨୭
ଭଗବାନଙ୍କର ଦୟା	୪୧
ମଙ୍ଗଳମୟୀ	୪୯
ମୃତ୍ୟୁ ଓ ଶ୍ରାଦ୍ଧ	୧୮-୨୧
ମୃତ୍ୟୁ-ବାସରେ	୧୨, ୧୩
ମୃତ୍ୟୁରେ ସାନ୍ତ୍ୱନା	୧୪-୧୭
ରମଣୀତ୍ୱ ଓ ଜନନୀତ୍ୱ	୪୨
ରୋଗର ପ୍ରତିକାର	୨୮,୨୯
ସଂଯମ ଓ ତ୍ୟାଗ	୬୬
ସନ୍ନ୍ୟାସୀର ସାଧନା	୬୪
ସ୍ୱାମୀ ହିଁ ଇଷ୍ଟଦେବତା	୫୮
ସେବା-ମାହାତ୍ମ୍ୟ	୭୩-୭୫

ଠାକୁରଙ୍କ ଚିଠି

ଦ୍ୱିତୀୟ ଖଣ୍ଡ

(୧)

କଲ୍ୟାଣବରେଷୁ—

ପ୍ରିୟ ବି—, ତୁମେ ଯେଉଁ ସ୍ୱପ୍ନ ଦେଖିଅଛ, ସ୍ଥୂଳଭାବରେ ତାହା ସତ୍ୟ ନ ହେଲେ ମଧ୍ୟ ଆଧ୍ୟାତ୍ମିକ ଭାବରେ ତାହା ସତ୍ୟରେ ପରିଣତ ହେବ । ସ୍ଥୂଳଭାବରେ ପୂର୍ଣ୍ଣ ହେବା ମଧ୍ୟ ଅସମ୍ଭବ ନୁହେଁ । ତେବେ ସମୟ ଅଳ୍ପ,—ସେହି ଅଳ୍ପ ସାଂସାରିକ ଦିନ ମଧ୍ୟ ଅନେକ ଦିନ । ଭବିଷ୍ୟତରେ ଯେଉଁ ଅଭିନୟ ହେବ, ଜୀବକୁ ଆଶ୍ୱାସ ଦେବା ପାଇଁ ଭଗବାନ୍ ପୂର୍ବରୁ ହିଁ ସେହି ଚିତ୍ର ଜୀବକୁ ଦେଖାଇ ଥାନ୍ତି ।

ଭଗବାନ୍ ପ୍ରାପ୍ତିର ଏକମାତ୍ର ଉପାୟ ବ୍ୟାକୁଳତା । ସେ ବ୍ୟାକୁଳତା କିପରି ହୁଏ, ସାଧକ ତାହା ଜାଣି ପାରେ ନାହିଁ । ଅନ୍ୟମାନେ ତାହା ଉପଲବ୍ଧି କରି ଆଶ୍ଚର୍ଯ୍ୟ ହୁଅନ୍ତି । ନିଜେ ନ ବୁଝି ପାରିବା ମଧ୍ୟ ଭଗବାନଙ୍କ କୃପା, ନଚେତ୍ ଅହଂକାର ଆସି ଉଚ୍ଚ ଉଚ୍ଚତର ଉନ୍ନତିର ପଥ ବନ୍ଦ ହୋଇଯାନ୍ତା । ଆଉ ଯେଉଁ ସବୁ ବାଧା-ବିଘ୍ନ ଅଛି ବା ହେବ, ସରଳଭାବରେ ତାଙ୍କ ନିକଟରେ ପ୍ରାର୍ଥନା କଲେ ହିଁ ସେ ସମସ୍ତ ବାଧା-ବିଘ୍ନ ଅପସାରିତ କରିନେବେ । ନିଜେ ଇଚ୍ଛା କରି ବନ୍ଧନମୁକ୍ତ କରିବାର ପ୍ରୟୋଜନ ନାହିଁ, ସମୟରେ ସେ ହିଁ ମୁକ୍ତ କରିଦେବେ, ଫଳ ପାଚିଗଲେ ଆପେ ଆପେ ବୃକ୍ଷରୁ ପତିତ ହୁଏ । ସେ ଯେପରି ଇଚ୍ଛା ସେପରି

ଭାବରେ ଜୀବକୁ ନେଇ ଲୀଳା କରନ୍ତି, ଫଳରେ ସାଧକ ବାସନା-କାମନା ଭୁଲି ପ୍ରାଣର ପ୍ରାର୍ଥନା ସରଳଭାବରେ ବ୍ୟାକୁଳ କଣ୍ଠରେ ତାଙ୍କୁ ଜଣାଇଲେ ସେ ସବୁ ଠିକ୍ କରି ଦେବେ । ଆମ୍ଭମାନଙ୍କର କଛି କରିବା ଦରକାର ନାହିଁ, ତେବେ ଭାବର ଘରେ କପଟତା ନ ଥିଲେ ହିଁ ହେଲା । ପ୍ରାର୍ଥନାରେ ଅତିହିସାବୀ ବୁଦ୍ଧି ଯେପରି ନ ଆସେ । ତାଙ୍କୁ କେବଳ ଡାକ, ତାଙ୍କ ପାଇଁ ଯେପରି ବ୍ୟାକୁଳତା ଆସିବ ସେଥିପାଇଁ ହିଁ ପ୍ରାର୍ଥନା କର । ସରଳ ଭାବରେ ହୃଦୟ ଅନ୍ୱେଷଣ କରି ଦେଖ କେଉଁଟି ଅଭାବ ଅଛି, ପରେ ସେହି ଦୈନ୍ୟତା ତାଙ୍କୁ ଜଣାଅ, ସବୁ ଠିକ୍ ହୋଇ ଯିବ । ବିଶ୍ୱାସ କର, ଅବଶ୍ୟ ଭଗବାନ୍ କୃପା କରିବେ । ନିର୍ଭରତାରେ ନିଶ୍ଚିନ୍ତ ହୁଅ । ଇତି—

ସତତ ଶୁଭାନୁଧ୍ୟାୟୀ—

ଶ୍ରୀସ୍ୱାମୀ ନିଗମାନନ୍ଦ

(୨)

ନୀଳାଚଳ କୁଟୀର
ସ୍ୱର୍ଗଦ୍ୱାର—ପୁରୀ
୮।୩।୩୪

କଲ୍ୟାଣୀୟାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ଯଥାସମୟରେ ପାଇ ପରମ ପ୍ରୀତିଲାଭ କରିଅଛି, ତୁମର ଅବସ୍ଥା ଯାହା ଲେଖିଅଛ, ତଦ୍ଦ୍ୱାରା ତୁମେ ତ ପରମ ମଙ୍ଗଳ ପଥରେ ଉନ୍ନୀତ ହେଉଅଛ ! ''ଯେତେ ତୁମକୁ ପାଏ, ଆହୁରି ସେତିକି ଚାହେଁ''

ଏହା ତ ଭକ୍ତିସାଧନର ଲକ୍ଷଣ, ତେଣୁ ତୁମର ଆକାଙ୍‌କ୍ଷା ମଧ୍ୟ ବଢ଼ି ଯାଉଛି । ପ୍ରେମଭକ୍ତି ପଥରେ ଭଗବାନଙ୍କୁ ପାଇବାକୁ ହେଲେ ଦୁଃଖ-ଜ୍ୱାଳା-ଯନ୍ତ୍ରଣା ସହିବାକୁ ପଡ଼ିବ ; କ୍ରମଶଃ ସଂସାର ବିଷବୋଧ ହେବ , ସବୁ ଭଲପାଇବା ତାଙ୍କ ଆଡ଼କୁ ଯିବ । କାର୍ଯ୍ୟତଃ ସଂସାରର କୌଣସି ବସ୍ତୁରେ ଆଉ ତୃପ୍ତି ମିଳିବ ନାହିଁ, ଚିତ୍ତ ଏକମୁଖୀ ହୋଇ କେବଳ ଜଣଙ୍କ ଆଡ଼କୁ ଧାବିତ ହେବ । ଆଉ ତାଙ୍କ ପାଇଁ ପ୍ରାଣଟା ଛିନ୍ନକଣ୍ଠ କପୋତୀ ନ୍ୟାୟ ଛଟପଟ କରିବ, ତେବେ ଯାଇ ନା ତାଙ୍କର ପ୍ରେମଲାଭ ହେବ ? ରାଧାରାଣୀ ମଧ୍ୟ ଦାରୁଣ ଦୁଃସହ ବିରହବେଦନା ଶତବର୍ଷ ଭୋଗି ତେବେ ଯାଇ ଚିରଦିନ ପାଇଁ ଶ୍ୟାମସୁନ୍ଦରଙ୍କୁ ପ୍ରାପ୍ତ ହୋଇଥିଲେ । ଓଗୋ ! ତୁମର ମଧ୍ୟ କିଛିମାତ୍ରାରେ ସେହି ଲକ୍ଷଣ ପ୍ରକାଶ ପାଉଅଛି, ତେଣୁ ପ୍ରେମାସ୍ପଦଙ୍କ ପାଇଁ କାତରା, ବିରହ-ବିଧୂରା ହୋଇ ଉଠୁଅଛ । ତୁମର ପ୍ରେମ ତ ଅପଚୟ ହୋଇ ନାହିଁ, ପ୍ରାଣର ଠାକୁରଙ୍କ ପାଇଁ ଭଣ୍ଡାର ଭରି ରହିଥିଲା ; ଏବେ ନିଜଲୋକଙ୍କ ସନ୍ଧାନ ପାଇଅଛ, ତେଣୁ ତାହାର ତରଙ୍ଗ ଦେଖିବାକୁ ପାଉଅଛ । ତାଙ୍କ ପାଇଁ ପାଗଳ ନ ହେଲେ, ଜୀଅନ୍ତା ମରା ନ ହେଲେ କ'ଣ କେହି ତାଙ୍କୁ ପାଏ ? ବ୍ୟାକୁଳତା-ଆକୁଳତା ହିଁ ଯେ ତାଙ୍କୁ ପାଇବାର ଏକାମତ୍ର ପଥ ! ଏହି ବିରହ-ଅଗ୍ନିରେ ମାନବତ୍ୱ ଯେତେ ଦଗ୍ଧ ହେବ, ସେତେ ଭାବମୟ ଦେହ ପୁଷ୍ଟ ହେବ । ଭାବମୟ ଦେହ ପରିଣତ ହେଲେ ତେବେ ଯାଇ କୃଷ୍ଣ-ସଙ୍ଗ-ସୁଖ ଲାଭ ହୁଏ ଏବଂ ଅନ୍ତିମରେ ପ୍ରେମସେବୋତ୍ତରା ଗତି ହୋଇଥାଏ ।

ତୁମେ ଧ୍ୟାନକାଳରେ ଇଷ୍ଟଦେବତାଙ୍କ ପାର୍ଶ୍ୱରେ ତୁମର ନିଜ ମୂର୍ତ୍ତି ଦେଖିବାକୁ ପାଅ, ତାହା ହିଁ ତୁମର ଭାବମୟୀ ତନୁ । ଭାବ ଓ ଚିନ୍ତା କାଳରେ ଏହା ସ୍ଫୂର୍ତ୍ତ ହୁଏ । ତୁମେ ଯେ ପ୍ରେମମୟଙ୍କର କୃପାପାତ୍ରୀ

ସେଥିରେ ସନ୍ଦେହ ନାହିଁ, ତେଣୁ ଏତେ ଅଳ୍ପ ସମୟରେ ତୁମର ଭାବଦେହ ଫୁଟିଅଛି । ଏଥର ଯେତେବେଳେ ଦେଖାହେବ, ସେତେବେଳେ ଏହି ସବୁ ତତ୍ତ୍ୱ ବିଶେଷଭାବରେ ବୁଝାଇଦେବି, କାରଣ ଏବେ ତୁମେ ଏହି ତତ୍ତ୍ୱର ଅଧିକାରିଣୀ ହୋଇ ଅଛ । ମୁଁ କର୍ମକ୍ଷେତ୍ରରୁ ଅବସର ନେଇ ଅଛି, କାହାରିକୁ ବି ପତ୍ରାଦି ଲେଖୁ ନାହିଁ । ତେବେ ତୁମର ଅବସ୍ଥା ମତେ ଲେଖି ଜଣାଇବାକୁ ବାଧା ନାହିଁ । କୁଶଳାଦି ସମ୍ବାଦ ସେବକମାନେ ଜଣାଇବେ । ଆଉ ରୋଗ-ଶୋକ ସଂସାରର ନିତ୍ୟ ଘଟଣା—କର୍ମଫଳାନୁସାରେ ଭୋଗ କରିବାକୁ ହିଁ ପଡ଼ିବ । ତାଙ୍କର ଦାନ ବୋଲି ସୁଖ-ଦୁଃଖକୁ ସମଭାବରେ ଗ୍ରହଣ କରିବାକୁ ଅଭ୍ୟାସ କର । ମୁଁ ବର୍ତ୍ତମାନ ଶାରୀରିକ ସୁସ୍ଥ ଅଛି । ଅନ୍ୟାନ୍ୟ ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଠାକୁର

(୩)

ସାରସ୍ୱତ ମଠ

୩।୫।୨୩

ସ୍ନେହାସ୍ପଦେଷୁ—

ବହୁଦିନ ପରେ ତୁମର ପତ୍ର ପାଇ ବିସ୍ତାରିତ ସମାଚାର ଅବଗତ ହେଲି । ତୁମେ ସାଂସାରିକ ଅଭାବ ଅନାଟନରେ ଖୁବ୍ ଉତ୍ପୀଡ଼ିତ ହୋଇ ପଡ଼ିଅଛ, ନାନା ପ୍ରକାର ପ୍ରତିକୂଳ ଘଟଣାରେ ପଡ଼ି ଘାବଡ଼େଇ ଯାଇଛ । ବତ୍ସ ! ଏ ସଂସାରରେ ଅଭାବର ତାଡ଼ନାରେ କିଏ ଅସ୍ଥିର ନୁହେଁ ? ସମସ୍ତେ କୌଣସି ନା କୌଣସି ପ୍ରକାର ଅଭାଗଗ୍ରସ୍ତ ହୋଇ ଅଶାନ୍ତି

ଭୋଗ କରୁଛନ୍ତି । ଏ ସଂସାରଟା ଯେ ଅଭାବ ଦେଇ ଗଢ଼ା ! ଏ ଅଭାବ କାହାରି ମେଣ୍ଟି ନାହିଁ, ମେଣ୍ଟିବାର ସମ୍ଭାବନା ମଧ୍ୟ ନାହିଁ । ମୋଗଲ-ବାଦ୍‌ଶାହଗଣ ମଣିମୟ ମୟୂର-ସିଂହାସନରେ ବସି ମଧ୍ୟ ଅଭାବ ମେଣ୍ଟାଇ ପାରି ନାହାନ୍ତି । ସୁତରାଂ ସମସ୍ତଙ୍କୁ ନିଜ ଅବସ୍ଥାରେ ସନ୍ତୁଷ୍ଟ ରହିବାକୁ ପଡ଼ିବ । ପ୍ରତିପାଲ୍ୟ ପରିବାରଗଣଙ୍କୁ ମଧ୍ୟ ସେହି ଅବସ୍ଥାରେ ସୁଖୀ ହେବାକୁ ବାଧ୍ୟ କରିବାକୁ ହେବ । ନିଜକୁ କର୍ତ୍ତବ୍ୟର କଠୋର ଭିତ୍ତିଭୂମି ଉପରେ ଦଣ୍ଡାୟମାନ ରଖିବାକୁ ପଡ଼ିବ । ପାରିବାରିକ ଗଞ୍ଜଣାରେ ସାମାଜିକ ଲାଞ୍ଛନାରେ ବିଚଳିତ ହେଲେ ଚଳିବ ନାହିଁ । ତେବେ ସତ୍‌ଭାବରେ ଓ ସତ୍‌ପଥରେ ରହି ନିଜର ଆୟବୃଦ୍ଧି ଚେଷ୍ଟା ଓ ଆଶ୍ରିତ ଜନଗଣଙ୍କର ଯଥାସାଧ୍ୟ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ଯତ୍ନ କରିବା କର୍ତ୍ତବ୍ୟ । କିନ୍ତୁ ସମାଜ ସହିତ ପ୍ରତିଯୋଗିତା ଦ୍ୱାରା ନିତ୍ୟ ନୂତନ ଅଭାବର ସୃଷ୍ଟି ହେବ । ଆୟବୃଦ୍ଧି ସଙ୍ଗେ ସଙ୍ଗେ ଅଭାବ ମଧ୍ୟ ବଢ଼ି ଯିବ ।

ପୁଣି ଇଚ୍ଛା କରି ମରିଲେ ମଧ୍ୟ ଅଭାବର ତାଡ଼ନାରୁ ରକ୍ଷା ମିଳେ ନାହିଁ । ମଲେ ଯଦି ଜ୍ୱାଳା ଦୂର ହୋଇଯାନ୍ତା, ତେବେ ଜ୍ଞାନୀମାତ୍ରେ ହିଁ ଆତ୍ମହତ୍ୟା କରନ୍ତେ । ଜାଣିଶୁଣି ଆଉ ରକ୍ତ-ମାଂସର ପଚା ଦେହରେ ବସି ରହନ୍ତେ ନାହିଁ । ବରଂ ସେମାନେ ଜାଣିଛନ୍ତି—ବିଧାତାର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବରଂ ବଢ଼ିବ କିନ୍ତୁ କମିବ ନାହିଁ । କଏଦି ଜେଲ ଭାଙ୍ଗି ବାହାରିଲେ ନିସ୍ତାର ନାହିଁ, ବରଂ ଦଣ୍ଡ ବୃଦ୍ଧି ହୋଇଥାଏ । ତେଣୁ ଜ୍ଞାନୀମାନେ ମଧ୍ୟ ଶିର ଅବନତ କରି ପ୍ରାରବ୍ଧ ଭୋଗ କରିଥାନ୍ତି । କୌଣସି ଅବସ୍ଥାରେ ଏକଥା ବିସ୍ମୃତ ହୁଅ ନାହିଁ । ଆଉ ଯିଏ ସଂସାରରେ ନିରାଶ ହୋଇ ମରିପାରେ, ସେ ଥରେ ଭଗବାନଙ୍କ ପାଇଁ ଚେଷ୍ଟା କରି ମରନା କାହିଁକି ? ସୁତରାଂ ବତ୍ସ ! ଦୁଃଖ-କଷ୍ଟରେ ପଡ଼ି ମରିବାର ସଙ୍କଳ୍ପ

ମଧ୍ୟ ହୃଦୟରେ ସ୍ଥାନ ଦିଅ ନାହିଁ । ଆତ୍ମା ମରନ୍ତି ନାହିଁ, ସର୍ବଶକ୍ତିମାନ୍ ହେଲେ ମଧ୍ୟ ତାଙ୍କର ମରିବାର ଶକ୍ତି ନାହିଁ । ସୁତରାଂ ଯେଉଁମାନେ ମରନ୍ତି, ସେମାନେ ପ୍ରକୃତରେ ମରନ୍ତି ନାହିଁ—କର୍ମଫଳର ବହର ବଢ଼ାଇ ଦିଅନ୍ତି ମାତ୍ର । * * * ଇତି—

ଆଶୀର୍ବାଦକ—

ଠାକୁର

(୪)

ପୁରୀ

୨୦।୫।୩୩

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ଦୁଃଖିତ ହେଲି । ସଂସାରରେ କେହି ସୁଖ-ଶାନ୍ତି ଭୋଗ କରୁଛନ୍ତି ବୋଲି ବିଶ୍ୱାସ କରେନା—ଗୋଟିଏ ନା ଗୋଟିଏ ଅଭାବ ବା ଦୁଃଖ ସମସ୍ତଙ୍କର ଅଛି । ତେବେ ଯେଉଁମାନେ ନିଜକୁ ସୁଖୀ ବୋଲି ମନେ କରନ୍ତି, ସେମାନେ ଅବିଦ୍ୟାବିମୋହିତ ମୋହମୁଗ୍ଧ ପଶୁ ମାତ୍ର । ଯେ ଯେପରି ପ୍ରାରବ୍ଧ ନେଇ ଆସିଅଛି, ତାହାକୁ ତାହା ଭୋଗ କରିବାକୁ ହିଁ ହେବ । ସଂସାରଟା ଯୁଦ୍ଧ କ୍ଷେତ୍ର, ଆଜୀବନ ଯୁଦ୍ଧ କରି ଯିବାକୁ ହେବ । ଆତ୍ମହତ୍ୟା କରିବାର ଅଧିକାର କାହାରି ବି ନାହିଁ । ଆତ୍ମହତ୍ୟା କଲେ ଯଦି ଯନ୍ତ୍ରଣାକୁ ଏଡ଼େଇ ହୁଅନ୍ତା, ତେବେ ଆଉ ଭାବନା କ'ଣ ଥିଲା ? ଧୀର ଓ ସ୍ଥିର ଭାବରେ ପ୍ରାରବ୍ଧ ଭୋଗ କରି ଯାଅ । ସ୍ତ୍ରୀ-ପୁତ୍ରାଦି ମଧ୍ୟ ପ୍ରାରବ୍ଧ ଅନୁସାରେ ସମ୍ମିଳିତ ହୁଅନ୍ତି, ସୁତରାଂ

କୌଣସି ବିଷୟରେ କ୍ଷୁଣ୍ଣ ନ ହୋଇ ଯଥାସାଧ୍ୟ କର୍ତ୍ତବ୍ୟ ପ୍ରତିପାଳନ କରି ଯାଅ । କର୍ତ୍ତବ୍ୟଜ୍ଞାନ ନଷ୍ଟ ହେଲେ ସତ୍ୟଲାଭ ପାଇଁ ବାହାରି ପଡ଼ । କିନ୍ତୁ ସାବଧାନ ! ଆତ୍ମହତ୍ୟାର ସଙ୍କଳ୍ପ ମଧ୍ୟ ମନରେ ସ୍ଥାନ ଦିଅ ନାହିଁ । ଏ ସବୁ ତତ୍ତ୍ୱ ସାକ୍ଷାତରେ ଆଲୋଚନା କରାଯିବ । ଆପାତତଃ ତୁମର ତିନୋଟି ପ୍ରଶ୍ନର ଉତ୍ତର ଦେଉଛି—

(୧) ବିପଦ ମଧ୍ୟରେ ଆତ୍ମସମ୍ମାନ ବଜାୟ ରଖି କିପରି ଭାବରେ ଚଳି ହେବ ? ଆତ୍ମସମ୍ମାନ କଥାଟା ପାଶ୍ଚାତ୍ୟ ଜଗତର ଆମଦାନୀ । ମାନ-ଅପମାନର ଦାବୀଟା ସଂସର୍ଗ ଓ ଶିକ୍ଷା ଉପରେ ନିର୍ଭର କରୁଅଛି । ସତ୍ୟପଥରେ ରହି ସଦ୍ଭାବରେ ଜୀବନଯାପନ କଲେ ଆତ୍ମସମ୍ମାନ ବଜାୟ ରହିଲା । ସମାଜର ଲୋକଙ୍କ ସାଙ୍ଗରେ ପ୍ରତିଦ୍ୱନ୍ଦିତା କରି ବର୍ତ୍ତମାନର ସଭ୍ୟତାର ଅନୁସରଣ କଲେ ଆତ୍ମସମ୍ମାନ ବଜାୟ ରଖିବା କଠିନ । * * * ନିଜେ ବଳବାନ୍ ହୁଅ । * * * ଅସଙ୍ଗତ ଖିଆଲ ଗ୍ରାହ୍ୟ କର ନାହିଁ—ସର୍ବପ୍ରଥମେ ନିଜେ ସ୍ୱାସ୍ଥ୍ୟ ଲାଭ କର । ତୁମର ଶରୀରଟା ଅତ୍ୟନ୍ତ ଭାଙ୍ଗି ଯାଇଛି । ଶରୀର ବଳଶାଳୀ ନ ହେଲେ କିପରି ଖଟି ଖାଇବ ଏବଂ କର୍ତ୍ତବ୍ୟ ପାଳନ କରିବ ?

(୨) * * *

(୩) * * *

ସାକ୍ଷାତରେ ମୋ ସଙ୍ଗେ ଏସବୁ ବିଷୟରେ ଆଲୋଚନା କରିବ । ଜ୍ଞାନ ହେଲେ, ପ୍ରାରବ୍ଧ ଭୋଗ କରି ମଧ୍ୟ ଆନନ୍ଦ ମିଳେ । ଅତ୍ର ଶୁଭ । ଆଶୀର୍ବାଦ କରୁଛି ତୁମେ ଶାନ୍ତି ଲାଭ କର । ସାଂସାରିକ ଆଘାତରେ ଉଦ୍‌ଭ୍ରାନ୍ତ ହୁଅ ନାହିଁ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫)

ନୀଳାଚଳ କୁଟୀର
୰ପୁରୀଧାମ

କଲ୍ୟାଣବରେଷୁ—

ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମ ପତ୍ରପାଠ କରି ସବିଶେଷ ଜ୍ଞାତ ହେଲି । ଜୀବନ-ନାଟକର ପଟ ପରିବର୍ତ୍ତନ ଫଳରେ ସୁଖସୂର୍ଯ୍ୟର ଉଦୟାସ୍ତ ଘଟେ । ଜୀବ କର୍ମସୂତ୍ରରେ ବଦ୍ଧ । ଶୁଭାଶୁଭ କର୍ମଜନିତ ପୁଣ୍ୟ-ପାପର ଫଳସ୍ୱରୂପ ସୁଖ-ଦୁଃଖ ପ୍ରିୟାପ୍ରିୟ ସଂଯୋଗ ଘଟେ । ଜୀବ ଦୈବାଧୀନ ଓ ଦୈବ ଅନତିକ୍ରମଣୀୟ ଜାଣି ବୁଦ୍ଧିମାନ୍ ବ୍ୟକ୍ତି ଦୁଃଖସମୟରେ ମଧ୍ୟ ଉଦ୍‌ବିଗ୍ନ, ବିଷଣ୍ଣ ବା ମୂହ୍ୟମାନ ହୁଅନ୍ତି ନାହିଁ । ଦୈବର ଅମୋଘ ବିଧାନ ନତଶିରରେ ମାନି ନେଇ ସ୍ଥିର-ଧୀର ବୁଦ୍ଧିରେ ଶ୍ରେୟଲାଭାର୍ଥ ଇଷ୍ଟ ସାଧନରେ ଯତ୍ନବାନ୍ ହୁଅ । ଲୋକମାନେ ଦୁଃଖ ପ୍ରତି ସ୍ୱାଭାବିକ ବିଦ୍ୱେଷବଶତଃ ତଦନ୍ତରାଳରେ ସେହି ପରମ ମଙ୍ଗଳମୟଙ୍କର ମଙ୍ଗଳ ହସ୍ତ ଲକ୍ଷ୍ୟ କରି ପାରନ୍ତି ନାହିଁ । କର୍ମଫଳ ଭୋଗାନ୍ତେ ଶେଷ ହୁଏ । ଦୁଃଖ-ତାପରେ ପରିତପ୍ତ ହୋଇ ଦେହୀ ଅନଘ ହୁଏ ଏବଂ ଦେହ-ମନ-ବୁଦ୍ଧି ମାର୍ଜିତ ଓ ପରିଶୁଦ୍ଧ ହୁଏ । ଶୁଦ୍ଧିଲାଭ ଫଳରେ ମଙ୍ଗଳମୟଙ୍କର ମଙ୍ଗଳ ଇଚ୍ଛା ବୁଝିବାର ଓ ଧାରଣା କରିବାର ଶକ୍ତିଲାଭ କରି ନିଜକୁ ଧନ୍ୟ ଓ କୃତାର୍ଥ ଜ୍ଞାନ କରେ । ଦୁଃଖ ମାନବର ସହ୍ୟଶକ୍ତି ବଢ଼େଇ ଦେଇ ଯାଏ । ଦୁଃଖ ସହି ପାରିଲେ ହିଁ ଦୁଃଖ ଜୟ କରାଯାଏ । ଭୟ ପାଅ ନାହିଁ, ବିମୂଢ଼ ହୁଅ ନାହିଁ । କରୁଣନେତ୍ରରେ ତାଙ୍କର ଦୟା ଓ କରୁଣାକଣାର ଭିଖାରୀ ହୋଇ ବୁଦ୍ଧିପୂର୍ବକ ଉପସ୍ଥିତ କର୍ମ କରି ଯାଅ ।—ତଦ୍ଦ୍ୱାରା ହିଁ

ଶ୍ରେୟୋଲାଭ କରିବ, ଅଭ୍ୟୁଦୟ ହେବ । ବର୍ତ୍ତମାନ ସମୟଟି ଖୁବ୍ ଖରାପ ଯାଉଅଛି । ରାଜ୍ୟବ୍ୟାପୀ ଅର୍ଥକୃଚ୍ଛ୍ରତା ପରିଦୃଷ୍ଟ ହେଉଅଛି । ସମ୍ଭବତଃ କାଳର ପ୍ରଭାବ ସଂଶୋଧନର ସର୍ବଚେଷ୍ଟା ବ୍ୟର୍ଥ କରି ଦେଉଛି । ଶୁଭଦିନର ପ୍ରତୀକ୍ଷାରେ ରୁହ, ଶୁଭକାଳରେ ଶୁଭ ଲାଭ କରିବ ।

ମୋର ଶରୀରଟା ସେତେ ଭଲ ନାହିଁ । ମୋର ଆଶୀର୍ବାଦ ଜାଣିବ ଓ ଅନ୍ୟାନ୍ୟ ଶିଷ୍ୟ-ଭକ୍ତମାନଙ୍କୁ ଜଣାଇବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬)

ମଠ

ଜ୍ୟେଷ୍ଠ ୨୨ ଦିନ, ୧୩୨୨

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ଯଥାସମୟରେ ପାଇଅଛି । ଯେ ଯାହା କହେ, ସେ ଯଦି ତାହାର ପ୍ରତିକାର କରି ଦେଇ ନ ପାରେ, ତେବେ ସେ କଥାରେ ମୂଲ୍ୟ ଅତି ଅଳ୍ପ । ଏବେ ତୁମ୍ଭମାନଙ୍କର ଯାର ତାର କଥାରେ ଉଦ୍‌ବିଗ୍ନ ହେବା କର୍ତ୍ତବ୍ୟ ନୁହେଁ । ସନ୍ତାନ ଆସିଥିଲା ସତ୍ୟ, କିନ୍ତୁ ମାତାର ଅତ୍ୟଧିକ ଉଦ୍‌ବେଗ ଆଶଙ୍କା ହେତୁ ଭ୍ରୂଣାବସ୍ଥାରେ ତାହା ଶୁଷ୍କ ହୋଇ ଗଲା ; ଜଗନ୍ମାତା ତାହା ତୁମ୍ଭମାନଙ୍କୁ ଦେଖାଇଛନ୍ତି । ତୁମ୍ଭେମାନେ ଜଗନ୍ମାତାଙ୍କ ରକ୍ଷିତ, ତୁଚ୍ଛ ମାନବର କଥାରେ କ'ଣ ଆଉ ତୁମ୍ଭମାନଙ୍କର ଅମଙ୍ଗଳର ଆଶଙ୍କା ରହିପାରେ ? ଯାହା ହୋଇଅଛି, ନିଜ କର୍ମଫଳର ପରିଣାମ

ବୋଲି ସ୍ୱୀକାର କରିବା କର୍ତ୍ତବ୍ୟ । ଅନ୍ୟର କାନ୍ଧରେ ଦୋଷ ଲଦି ଦେଇ କଷ୍ଟ ପାଅନା । ସବୁ ଭଗବଦ୍‌ଇଚ୍ଛା ଜ୍ଞାନକରି ତାଙ୍କର ଜୟଗାନ କର । ତାଙ୍କର ପ୍ରେମ ଲାଭ କରି ପାରିଲେ କୌଣସି ଅଭାବ ପୀଡ଼ନ କରି ପାରିବ ନାହିଁ । ଆଶ୍ରମର ୪।୫ ଜଣ ସେବକ, ଗୋଟିଏ ଦୁଇଟି ପିଲା ଜ୍ୱରରେ ଶଯ୍ୟାଗତ । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ ଏବଂ ଭକ୍ତବୃନ୍ଦଙ୍କୁ ଜଣାଇବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୭)

ପୁରୀ

୩।୧୧।୩୮

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ଶ୍ରୀଭଗବାନ୍ କାହାକୁ ଯେ କିପରି ଭାବରେ କୃପା କରିଥାନ୍ତି, ତାହା ବୁଝିଉଠିବା କଠିନ । ପୁରାଣକାଳରୁ ଦେଖା ଯାଉଛି, ପ୍ରକୃତ ଭକ୍ତମାନଙ୍କୁ ସେ ନାନା ବିପଦରେ ପକାଇ କଠୋର ଅଗ୍ନିପରୀକ୍ଷାରୁ ଉତ୍ତୀର୍ଣ୍ଣ କରାଇ ନେଇଛନ୍ତି ଓ ସେମାନଙ୍କୁ ଦୃଢ଼ିଷ୍ଠ ଓ ବଳିଷ୍ଠ କରି ଦେଇଛନ୍ତି । ସାଧୁର ବିପଦ ସମ୍ପଦର ହିଁ ନିଦାନ । କାର୍ଯ୍ୟତଃ ସମ୍ପଦ-ବିପଦରେ, ସୁଖ-ଦୁଃଖରେ, ରୋଗ-ଶୋକରେ କୌଣସି ଅବସ୍ଥାରେ ମଧ୍ୟ ଲକ୍ଷ୍ୟଚ୍ୟୁତ ହୁଅ ନାହିଁ, ତାଙ୍କ ଉପରେ ନିର୍ଭର କରି ତାଙ୍କର ଜୟଗାନ କରିବାକୁ ଅଭ୍ୟାସ କର, ଦିନେ

ତାଙ୍କର ମହିମା ବୁଝିପାରି ଧନ୍ୟ ଓ କୃତାର୍ଥ ହେବ । ଅବଶ୍ୟ ସ୍ତ୍ରୀ-ପୁତ୍ର ନେଇ ଅଭାବରେ ପଡ଼ିବା ମଧ୍ୟ କମ୍ ଦୁଃଖର କାରଣ ନୁହେଁ । ସେଥିପାଇଁ ଯଥାସାଧ୍ୟ ଚେଷ୍ଟା କର । କର୍ତ୍ତବ୍ୟଚ୍ୟୁତ ହେବା ମଧ୍ୟ ତାଙ୍କର ଅଭିପ୍ରେତ ନୁହେଁ, ତେବେ ଚେଷ୍ଟା ଯତ୍ନ କରି ମଧ୍ୟ ଅଭାବ ନ ମେଣ୍ଟିଲେ ତୁମେ କ'ଣ କରିବ ? କର୍ତ୍ତବ୍ୟାଭିମାନ ଚୂର୍ଣ୍ଣ ହୋଇ ଯିବ, ସତ୍ୟର ଆଲୋକ ପ୍ରକାଶିତ ହେବ । ମୁଁ ରୁଗ୍ଣଦେହ ଓ ଭଗ୍ନସ୍ୱାସ୍ଥ୍ୟ ନେଇ ଏକପ୍ରକାର ଅଛି । ଚିକିତ୍ସାରେ ମଧ୍ୟ କିଛି ହେବ ବୋଲି ବିଶ୍ୱାସ ନାହିଁ । କିଛିଦିନ ଯାବତ୍ ବାତ ଆକ୍ରମଣ କରି ଅଚଳ କରି ପକାଇଅଛି । ଆଉ ସବୁ କୁଶଳ । ତୁମ୍ଭେମାନେ ମୋର ସ୍ନେହାଶୀର୍ବାଦ ଜାଣିବ ଓ ଅନ୍ୟମାନଙ୍କୁ ଜଣାଇବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୮)

ସାରସ୍ୱତ ମଠ

୪।୬।୨୩

କଲ୍ୟାଣବରେଷୁ—

ତୁମର ପତ୍ର ପାଇ ଅବଗତ ହେଲି । ତୁମର ବିପଦାଦିର କଥା, ମିଥ୍ୟା ମକଦ୍ଦମାର ବିବରଣ ମୁଁ ଅନ୍ୟ ପ୍ରକାରରେ ଅବଗତ ଅଛି । ଜୀବ ଦୋଷୀ ନ ହୋଇ ମଧ୍ୟ ଯଦି ଉଦ୍‌ବେଗ ଓ ଅଶାନ୍ତି ପାଏ, ତେବେ ତାହା ଅନିବାର୍ଯ୍ୟ କର୍ମଫଳ ବୁଝିବାକୁ ପଡ଼ିବ । ଯେପରି ସାଲସା ସେବନ ଦ୍ୱାରା ଶରୀରସ୍ଥ ବ୍ୟାଧି ବାହାରକୁ ଫୁଟି ବାହାରେ, ଗୁରୁକୃପା ପାଇ ମଧ୍ୟ ସତ୍‌ପଥାବଲମ୍ବୀ ପ୍ରଥମତଃ ତଦ୍ରୂପ ସଞ୍ଚିତ କର୍ମଫଳରେ ବିବ୍ରତ ହୋଇ ପଡ଼େ । କାରଣ କର୍ମ

ଥାଉ ଥାଉ ଜ୍ଞାନ କଦାପି ସ୍ୱରୂପ ପ୍ରକାଶ କରି ପାରେ ନାହିଁ । ସୁତରାଂ ସାଧୁର ବିପଦ ଭବିଷ୍ୟତରେ ସମ୍ପଦର କାରଣ ହୋଇଥାଏ । ଆଶୀର୍ବାଦ କରୁଛି କୌଣସି ଅବସ୍ଥାରେ ମଧ୍ୟ ଲକ୍ଷ୍ୟଚ୍ୟୁତ ହୁଅ ନାହିଁ ।

ତୁମ୍ଭମାନଙ୍କର ନ— ଧାର୍ମିକା ହେବ । ବୃଦ୍ଧ ପିତା-ମାତାଙ୍କର ଦାୟିତ୍ୱ ସ୍କନ୍ଧରେ ଥିବା ପର୍ଯ୍ୟନ୍ତ ତୁମ୍ଭେମାନେ ନିରୁଦ୍‌ବିଗ୍ନ ହୋଇ ପାରିବ ନାହିଁ । ତେବେ ବିବେଚନା କରି ବିପଦାଦିରେ ସ୍ଥୈର୍ଯ୍ୟ ଓ ଧୈର୍ଯ୍ୟ ଧାରଣ କରି ରହିବାକୁ ପଡ଼ିବ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୯)

ପୁରୀ

୨୮।୫।୩୪

କଲ୍ୟାଣୀୟାସୁ—

ପରମ ଶୁଭାଶୀରାସ୍ତାଦ୍ୱିଶେଷଃ—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ପୁତ୍ର-କନ୍ୟା ନାତି-ନାତୁଣୀ ପ୍ରଭୃତି ପାଞ୍ଚଜଣଙ୍କୁ ନେଇ ଘର ସଂସାର କରିବାକୁ ଗଲେ ରୋଗ-ଶୋକ ବିପଦ୍-ଆପଦ୍ ଅବଶ୍ୟମ୍ଭାବୀ । ପୁରାଣ ଇତିହାସ ସମୟରୁ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ କେହି—ଏପରିକି ପୁଣ୍ୟଶ୍ଲୋକ ବ୍ୟକ୍ତିଗଣ ପର୍ଯ୍ୟନ୍ତ—ଆରାମରେ ସଂସାର କରି ପାରି ନାହାନ୍ତି ; ମରଜଗତରେ ତାହା ଅସମ୍ଭବ ! ସୁତରାଂ ଅସମ୍ଭବ ଆଶା କଲେ ପଦେ ପଦେ ହତାଶ ହେବାକୁ ପଡ଼ିବ ଏଥିରେ ସନ୍ଦେହ ନାହିଁ । ବରଂ ଜ୍ଞାନଚକ୍ଷୁ ଉନ୍ମୀଳିତ ହୋଇ ଯଦ୍ଦ୍ୱାରା

ସଂସାର-ଲୀଳା ବୁଝି ପାରିବ, ସେଥିପାଇଁ ପ୍ରାର୍ଥନା କରିବା କର୍ତ୍ତବ୍ୟ । ବିପଦ-ସମ୍ପଦରେ ଭଗବାନଙ୍କର ମଙ୍ଗଳ ଇଚ୍ଛା ବୁଝି ମୁଣ୍ଡପାତି ତାଙ୍କରି ଦାନ ବୋଲି ଗ୍ରହଣ କରିପାର, ଧୈର୍ଯ୍ୟ ଓ ସହିଷ୍ଣୁତା ସହକାରେ ଜୀବନର ଲକ୍ଷ୍ୟ ପଥରେ ଅଗ୍ରସର ହୋଇ ପାର, ଏହିପରି ଭାବରେ ଜୀବନ ଗଠନ କରିବାକୁ ଚେଷ୍ଟା କରିବ । ଆଶୀର୍ବାଦ କରୁଛି ଶୁଭବୁଦ୍ଧି ଉଦୟ ହୋଇ ତୁମ୍ଭମାନଙ୍କର ନିଷ୍ଠା ଦୃଢ଼ ହେଉ, ବିପଦ-ସମ୍ପଦରେ ଶାନ୍ତି ଓ ସାନ୍ତ୍ୱନା ଲାଭ କର । ସଙ୍କଳ୍ପ ଭଙ୍ଗ କରି ତୁମର ପତ୍ରର ଉତ୍ତର ଦେଲି, ଭବିଷ୍ୟତରେ ଆଉ କେବେ ମୋର କଥା ଅଗ୍ରାହ୍ୟ କର ନାହିଁ । ବିଶ୍ୱାସ ଥିଲେ ମନେ ମନେ ପ୍ରାର୍ଥନା କର, ନତୁବା ପତ୍ର ଲେଖିଲେ କୌଣସି ଫଳ ହେବ ନାହିଁ, କାରଣ ଫଳଦାତା କେବଳ ଜଣେ ବୋଲି ଜାଣିବ । ମୋର ଶରୀର ମଧ୍ୟ ଭଲ ନାହିଁ । ଶୀଘ୍ର ଆସାମ ଆଡ଼କୁ ଯାତ୍ରା କରିବି । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ସମସ୍ତେ ମୋର ଆଶୀର୍ବାଦ ଜାଣିବ ।

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୧୦)

ସ୍ୱାରସ୍ୱତ ମଠ

ଆଶ୍ୱିନ ୧୭ ଦିନ, ୧୩୨୧

ସ୍ନେହାସ୍ପଦାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ବିଶେଷଃ—

ମା ! ବହୁଦିନ ପରେ ତୁମର ପତ୍ର ପାଇ ସମସ୍ତ ସମାଚାର ଅବଗତ ହେଲି । ରୋଗ, ଶୋକ, ଦୁଃଖ, କଷ୍ଟ ସଂସାରର ନିତ୍ୟ ଘଟଣା, ଏଥିରେ

ବିଚଳିତ ହେଲେ ଚଳିବ କିପରି ? ହିନ୍ଦୁ ଘରର ଝିଅ, ରାମାୟାଣ ମହାଭାରତର କେତେ କଥା ଶୁଣିଅଛ, କେହି ତ ସାଂସାରିକ ଦୁଃଖର ହାତ ଏଡ଼ାଇ ପାରି ନାହାନ୍ତି । ଏ ସଂସାରଟା ଯେ ଅଭାବ-ଅଶାନ୍ତି-ଦୁଃଖ ଦେଇ ଗଢ଼ା—ଏଠାରେ ସୁଖ-ଶାନ୍ତିର ଆଶା ବିଡ଼ମ୍ବନା ମାତ୍ର । ତେଣୁ ସୁଖସ୍ୱରୂପ ଭଗବାନଙ୍କ ବ୍ୟତୀତ ଆଉ ସୁଖ କେଉଁଠି ? ସେ ଯେତେବେଳେ ଯେଉଁ ଅବସ୍ଥାରେ ରଖନ୍ତି, ତାହା ହିଁ ମଙ୍ଗଳର କାରଣ ଭାବି ତାଙ୍କର ଜୟଗାନ କର । ତାଙ୍କ ଇଚ୍ଛାରେ ତୁମର କ୍ଷୁଦ୍ର ସଂକୀର୍ଣ୍ଣ ଇଚ୍ଛାକୁ ମିଶାଇ ଦିଅ । ଭଗବାନ୍ ପ୍ରଦତ୍ତ ଦାନ ନେଇ ବା ପ୍ରାପ୍ତ ଦାନରୁ ବଞ୍ଚିତ ହୋଇ ଦୁଃଖିତ ବା ଆନନ୍ଦିତ ହୁଅ ନାହିଁ । ଏ ସଂସାରରେ ସୁଖ ବା ଦୁଃଖ ଉଭୟର ମୂଲ୍ୟ ଏକ । କାରଣ ପରିଣାମରେ ନିଶ୍ଚୟ ଏକାକୀ ନିଃସମ୍ବଳ ହୋଇ ଚାଲି ଯିବାକୁ ପଡ଼ିବ । ତେବେ ଦୁଇଦିନ ପାଇଁ ସଂସାରକୁ ଆସି ଚଞ୍ଚଳ ହେଲେ ଚଳିବ କିପରି ? ଯେତେବେଳେ ଯେଉଁଠାରେ ଯେପରି ଅବସ୍ଥାରେ ରୁହ, ସବୁ ସମୟରେ ତାଙ୍କୁ ସ୍ମରଣ-ମନନ କରିବାକୁ ଭୁଲ ନାହିଁ । ସେ ସୁଖସ୍ୱରୂପ ଓ ଶାନ୍ତିମୟ, ତାଙ୍କ ନାମରେ ନିଶ୍ଚୟ ଶାନ୍ତି ପାଇବ । ଲା—ର ମଧ୍ୟ ପତ୍ର ପାଇଅଛି । ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ବିଜୟାର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୧)

ନୀଳାଚଳ କୁଟୀର-ସ୍ୱର୍ଗଦ୍ୱାର
ପୁରୀ(ଓଡ଼ିଶା)
୫।୩।୩୨ ଇଂ

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

କ୍ରମାନ୍ୱୟରେ ତୁମର ସବୁ ଚିଠିଗୁଡ଼ିକ ଯଥାସମୟରେ ପାଇଅଛି । ବିପଦ୍-ସମ୍ପଦ୍ ସୁଖ-ଦୁଃଖ ସବୁ ତାଙ୍କର ଦୟାର ଦାନ ଭାବି ମୁଣ୍ଡପାତି ଗ୍ରହଣ କରି ନେବାକୁ ପଡ଼ିବ । ତାଙ୍କ ଉପରେ ନିର୍ଭର କରି ନିର୍ଭୟ ଓ ନିଶ୍ଚିନ୍ତ ହୁଅ । ଯେ ପରୀକ୍ଷାରେ ପକାଇଛନ୍ତି, ସେ ହିଁ ହାତ ଧରି ଉତ୍ତୀର୍ଣ୍ଣ କରାଇ ଦେବେ । ତାଙ୍କର ମଙ୍ଗଳ ବିଧାନରେ ଅବିଶ୍ୱାସ କର ନାହିଁ । ତାଙ୍କର ନାମ ଭୁଲ ନାହିଁ । ସର୍ବଦା ତାଙ୍କର ଜୟ ଉଚ୍ଚାରଣ କର ।

ଆପଦ୍ କାଳରେ ରୋଗ-ଶୋକରେ ବିଧି-ନିୟମ ରକ୍ଷା କରି ନ ପାରିଲେ ପ୍ରତ୍ୟବାୟ ହୁଏ ନାହିଁ, ଶାସ୍ତ୍ରର ହିଁ ଆଦେଶ । ଯେତେଦିନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ପାରିଛ, ସେତେଦିନ ପର୍ଯ୍ୟନ୍ତ ଚିକିତ୍ସକଙ୍କର ଆଦେଶାନୁସାରେ ଚଳ ଓ ଆହାରାଦି କର । ସେଥିରେ କୌଣସି ଅପରାଧ ହେବ ନାହିଁ । ଅପରେଶନ ପରେ ସୁସ୍ଥ ହୋଇ କିପରି ଅଛ ଜଣାଇବ । ଅତ୍ର ମଙ୍ଗଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୨)

ପୁରୀ
୧୭।୧।୩୩

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ଯଥାସମୟରେ ପାଇ ପରମ ପ୍ରୀତ ହୋଇଅଛି । ମୃତ୍ୟୁକୁ ଭୟ ନ କଲେ ହିଁ ତାକୁ "ମୃତ୍ୟୁଞ୍ଜୟ" କୁହା ଯାଇ ପାରିବ । ତୁମର ପ୍ରାର୍ଥନା ଯଥାସମ୍ଭବ ନିଶ୍ଚୟ ପୂର୍ଣ୍ଣ ହେବ । ତୁମର କଥା ନିୟତ ମୋର ସ୍ମରଣ ରହିବ ।

ତୁମର ବୟସ ଓ ଅବସ୍ଥାନୁସାରେ ଏବେ ବାନପ୍ରସ୍ଥ ଅବଲମ୍ବନପୂର୍ବକ କୌଣସି ତୀର୍ଥ ବା ଆଶ୍ରମାଦିରେ ଜୀବନର ବାକି କେତୋଟି ଦିନ କଟେଇ ଦେଇ ପାରିଲେ ଭଲ ବ୍ୟବସ୍ଥା ହୁଅନ୍ତା ସନ୍ଦେହ ନାହିଁ । କିନ୍ତୁ ତୁମର ସେପରି ସଙ୍ଗତି ନାହିଁ, ବିଶେଷତଃ ରୋଗାଦି ସମୟରେ ସେବା ମଧ୍ୟ ପ୍ରୟୋଜନ । ଏସବୁ ବିବେଚନା କରି ମୁଁ ତୁମକୁ ସେହି ଅନୁମତି ପ୍ରଦାନ କରି ପାରିଲି ନାହିଁ । ରୋଗାଦିର ଯନ୍ତ୍ରଣା ଟିକିଏ ତୀବ୍ର ଭାବରେ ତୁମକୁ ଭୋଗ କରିବାକୁ ହେବ ମୁଁ ଜାଣିଅଛି ; କାର୍ଯ୍ୟତଃ ଏହିପରି ଅବସ୍ଥାରେ ଘର ବା ଦେଶ ଛାଡ଼ି ଅନ୍ୟ କେଉଁଠାକୁ ଯିବାକୁ ଆଦେଶ ଦେଇ ପାରୁ ନାହିଁ । କିଛିଦିନ ଶଯ୍ୟାଗତ ହୋଇ ରହିବାକୁ ପଡ଼ିଲେ ଘରେ ରହିବା ହିଁ ସଙ୍ଗତ । ଆତ୍ମୀୟସ୍ୱଜନ ନ ହୁଅନ୍ତୁ ସାଇ-ପଡ଼ିଶା ମଧ୍ୟ ଦେଖାଶୁଣା ଏବଂ ସେବା-ଯତ୍ନ କରିବେ । ଆତ୍ମୀୟସ୍ୱଜନଙ୍କ ବ୍ୟବହାରରେ ମାୟାର ବନ୍ଧନ ଛୁଟି ଯିବ, ମୋହାଦି ଦୂର ହେବ । ଶୁଦ୍ଧ ମନ-ପ୍ରାଣ ନେଇ ମାଙ୍କ କୋଳରେ ଉପସ୍ଥିତ ହେବ । ସୁତରାଂ ଘରେ

ରହି ଯିବା ପାଇଁ ହିଁ ପ୍ରସ୍ତୁତ ହୁଅ । ମୃତ୍ୟୁ ଅପେକ୍ଷାରେ ବସି ଥାଅ । ହଠାତ୍ ନ ମରି କିଛି ପୂର୍ବରୁ ପ୍ରସ୍ତୁତ ହୋଇ ରହିବା କର୍ତ୍ତବ୍ୟ । ତାହାହେଲେ ମୃତ୍ୟୁର ଆନନ୍ଦ ସମ୍ୟକ୍ ଅନୁଭବ କରାଯାଇ ପାରେ । ମୁଁ ଯଥାସମୟରେ ସେହି ସମ୍ବାଦ ତୁମକୁ ଜଣାଇବି । ନିଜେ ମଧ୍ୟ ଯାଇ ହାଜିର ହେବି—ଆଉ ଯଦ୍ୱାରା ରୋଗର ତୀବ୍ରତା କମ୍ ହେବ ଏବଂ ତୁମର ସହ୍ୟ କିରବାର କ୍ଷମତା ହୁଏ, ଏବେଠାରୁ ସେହି ବିଷୟରେ ଯନ୍ କରିବ । ଅବଶ୍ୟ କର୍ମଫଳରେ କୌଣସି ପ୍ରତିବନ୍ଧକ ଜନ୍ମାଇବି ନାହିଁ, କାରଣ ଏଠାକାର କର୍ମ ଏଠାରେ ହିଁ ଭୋଗ ହେଇ ଯିବା ସର୍ବତୋଭାବରେ ମଙ୍ଗଳ ।

ମୋ କଥାରେ ବିଶ୍ୱାସ ନ ହେଲେ ମଧ୍ୟ ବିଶ୍ୱାସ ଲାଭ କରିବା ପାଇଁ କୌଣସି ପନ୍ଥା ଅବଲମ୍ବନ କରିବା ଏବେ ମଧ୍ୟ ଆଉ ସମ୍ଭବପର ନୁହେଁ । ବି—ର ମାତାମହୀ ମୋର ଶିଷ୍ୟା ନ ହୋଇ ମଧ୍ୟ ଯଦି ମୃତ୍ୟୁକାଳରେ ମୋର ଦର୍ଶନ ପାଇଥାଏ, ତେବେ ତୁମ ସମ୍ବନ୍ଧରେ ଆଉ କଥା କ'ଣ ? ବିଶ୍ୱାସ ହେଉ ବା ନ ହେଉ, ମୋର କର୍ତ୍ତବ୍ୟ ମୁଁ ଯଥାସମୟରେ ପାଳନ କରିବି । * * * ଅନ୍ୟାନ୍ୟ ସବୁ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୩)

ସାରସ୍ୱତ ମଠ
୭।୨।୩୦

ପରମ କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ୱିଶେଷଃ—

ତୁମର ଶାରୀରିକ ଅବସ୍ଥା ଅବଗତ ହେଲି । ତୁମେ ସବୁ ଅବସ୍ଥା ପାଇଁ ପ୍ରସ୍ତୁତ ଅଛ ଜାଣି ଆନନ୍ଦିତ ହେଲି । ତୁମେ ଜୀର୍ଣ୍ଣଦେହ ଛାଡ଼ି ନୂତନ ଜୀବନକୁ ଉନ୍ନୀତ ହୁଅ, ଏଥିରେ ଦୁଃଖର କାରଣ କିଛି ନାହିଁ । କିନ୍ତୁ ଜଗତର କାର୍ଯ୍ୟରେ ତୁମକୁ ମୋର ବିଶେଷ ପ୍ରୟୋଜନ ଥିଲା । ବାହାରର କାର୍ଯ୍ୟ ପାଇଁ ତୁମ ଉପରେ ନିର୍ଭର କରୁଥିଲି । ତୁମେ ଚାଲି ଗଲେ ମୁଁ ଅନେକ ମାତ୍ରାରେ ଶକ୍ତିହୀନ ହୋଇ ପଡ଼ିବି । ଦେଖାଯାଉ ମାଙ୍କର ଇଚ୍ଛା କିପରି ! ତୁମେ ନିରୁତ୍ସାହ ହୁଅ ନାହିଁ । ଯଦି ନିତାନ୍ତ ତୁମକୁ ରଖି ନ ପାରିବି, ତୁମର ପ୍ରାର୍ଥନା ଅବଶ୍ୟ ପୂର୍ଣ୍ଣ ହେବ । ଯଥାସମୟରେ ଯଥାସ୍ଥାନରେ ଦର୍ଶନ ଦେଇ ତୁମର ଗନ୍ତବ୍ୟ ପଥ ନିର୍ଦ୍ଦେଶ କରି ଦେବି । ଜନ୍ମ-ମୃତ୍ୟୁ କିଛି ଚିନ୍ତା ନ କରି ଆତ୍ମସମାହିତ ଭାବରେ ଅବସ୍ଥାନ କର । ମୋର ପ୍ରାଣଭରା ଆଶୀର୍ବାଦ ଜାଣିବ । ଇତି—

ଆଶୀର୍ବାଦକ—

ତୁମର ଠାକୁର

(୧୪)

ସାରସ୍ୱତ ମଠ
୨୪।୮।୩୪

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ସୁ— ମୋର ସ୍ନେହର ସୁ—! ଗତକାଲି ତୁମର କାର୍ଡ଼ଖଣ୍ଡିକ ପାଇଅଛି । ଅସମୟରେ ପ୍ର—ର ଏହି ମହାପ୍ରସ୍ଥାନରେ ତୁମର ହୃଦୟ ବିଦୀର୍ଣ୍ଣ ହୋଇଅଛି, ଏହି ବୟସରେ ହୃଦୟରେ ଦାରୁଣ ଆଘାତ ପାଇଅଛ, ମୁଁ ତାହା ପ୍ରାଣେ ପ୍ରାଣେ ବେଶ୍ ଅନୁଭବ କରୁଅଛି । ତୁମ୍ଭମାନଙ୍କ ନିକଟକୁ ଛୁଟିଯିବା ପାଇଁ ଇଚ୍ଛା ହେଉଛି । ଏହି ପ୍ରଥମ ଆଘାତ ସମୟରେ—ଦାରୁଣ ଦୁଃସମୟରେ ତୁମ୍ଭମାନଙ୍କୁ କ'ଣ କହି ସାନ୍ତ୍ୱନା ଦେବି, ତାହାର ଭାଷା ଜୁଟୁ ନାହିଁ । ପ୍ରାର୍ଥନା କରୁଅଛି, ଶ୍ରୀଗୁରୁଦେବ ତୁମ୍ଭମାନଙ୍କ ପ୍ରାଣରେ ଶାନ୍ତି ଓ ସାନ୍ତ୍ୱନା ଦିଅନ୍ତୁ । ମାୟା ଯବନିକା ତୁମ୍ଭମାନଙ୍କ ଚକ୍ଷୁ ଉପରୁ ଅପସାରିତ ହେଉ, ଶ୍ରୀଭଗବାନଙ୍କର ଲୀଳା ତୁମ୍ଭମାନଙ୍କ ସମ୍ମୁଖରେ ଉଦ୍‌ଘାଟିତ ହେଉ ।

ବତ୍ସ ! ତୁମ୍ଭମାନଙ୍କ ପ୍ର— ମୋର ମଧ୍ୟ ସ୍ନେହର ପାତ୍ରୀ, ମତେ ମଧ୍ୟ ସେ ଭଲପାଉଥିଲା । ସେ ଜୀବିତ ଥିଲେ ଆମ୍ଭମାନଙ୍କ ନୟନାନନ୍ଦ ବର୍ଦ୍ଧନ କରିଥାନ୍ତା,—ତୁମ୍ଭମାନଙ୍କର ପ୍ରାଣ ତାଜା ରହନ୍ତା । କିନ୍ତୁ ଆମ୍ଭମାନଙ୍କର ଏହି ସ୍ୱାର୍ଥ ଭୁଲି ତାର ବିଷୟ ସ୍ଥିରଚିତ୍ତରେ ଥରେ ଭାବି ଦେଖ, ତାହା ହେଲେ ତାର ପ୍ରତି ଭଗବାନଙ୍କର ଅପାର କରୁଣା ଉପଲବ୍ଧି କରି ଶୋକାଶ୍ରୁ ପରିବର୍ତ୍ତେ ଆନନ୍ଦାଶ୍ରୁ ବର୍ଷଣ କରିବ । ଏଥର ମଧ୍ୟ ତୁମେ ମତେ କହିଥିଲ 'ପ୍ର—ର ଆଶ୍ଚର୍ଯ୍ୟ ଅଦୃଷ୍ଟ !' ବିବାହ ପରଠାରୁ ତାର

ନାନାପ୍ରକାର ଦୁଃଖ-କାହାଣୀ ତୁମ ମୁଖରୁ ଶୁଣି ଆସୁଅଛି । ଏଥରର କାହାଣୀ ଯେପରି ସାଂଘାତିକ, ସେପରି ଘୃଣାର୍ହ । ଅବଶ୍ୟ ତାର ପିତା-ମାତାଙ୍କର ସ୍ନେହା-ଦରରେ ଅଭାବ ନଥିଲା, କିନ୍ତୁ ପିତା-ମାତାଙ୍କ ସ୍ନେହା-ଦରରେ ନାରୀଜୀବନ ସାର୍ଥକ ହୁଏ ନାହିଁ । ସ୍ୱାମୀର ପ୍ରେମ, ସ୍ୱାମୀକୁ ଦେବତାଜ୍ଞାନରେ ଆତ୍ମନିବେଦନ କରି ତାଙ୍କର ସେବା ହିଁ ହିନ୍ଦୁ-ରମଣୀର ଏକମାତ୍ର କାର୍ଯ୍ୟ । ପ୍ର— ଆଜୀବନ ଏକପ୍ରକାରେ ସ୍ୱାମୀ-ପ୍ରେମରୁ ବଞ୍ଚିତା, ତଦୁପରି ନାନା ପ୍ରକାର ନିର୍ଯ୍ୟାତନ । ତଥାପି ସ୍ୱାମୀ ଯଦି ଧାର୍ମିକ ଓ ଚରିତ୍ରବାନ୍ ହେଉଥାନ୍ତା, ତାଙ୍କର ଧ୍ୟାନଧାରଣାରେ ମଧ୍ୟ ଗୌରବ ଅନୁଭବ କରି ପାରିଥାନ୍ତା । କିନ୍ତୁ ସେହି ଚରିତ୍ରହୀନ ପଶୁତୁଲ୍ୟ ସ୍ୱାମୀକୁ ଜୋର କରି ଦେବତାର ଆସନରେ ଆସନ ଦେବା କ'ଣ ସହଜ ? ବାସ୍ତବ ଜଗତରେ ଅସମ୍ଭବ । ସୁତରାଂ ତାର ମର୍ମାନ୍ତକ କଷ୍ଟ ଅନୁଭବ କର । ଆଜୀବନ ହୃଦୟରେ ଶତ ବୃଶ୍ଚିକ-ଦଂଶନ ଯାତନା ସହ୍ୟ କରି ତାର ବଞ୍ଚି ରହିବା କ'ଣ ବାଞ୍ଛନୀୟ ? ଅଥଚ ତାହା ଅଦୃଷ୍ଟଲିପି—କର୍ମଫଳର ଅଚ୍ଛେଦ୍ୟ ବିଧାନ । ତେଣୁ ଦୟାମୟ ଭଗବାନ୍ ଦୟା କରି ଏହି ଯନ୍ତ୍ରଣା ହସ୍ତରୁ ତାକୁ ଉଦ୍ଧାର କରି ତାଙ୍କର ଅମୃତମୟ କ୍ରୋଡ଼କୁ ଡ଼ାକି ନେଇଛନ୍ତି । ସେ ନୂତନ ଜଗତରେ ନୂତନ ଦେହରେ ଜଗତ୍-ସ୍ୱାମୀଙ୍କ ଉଦ୍ଦେଶ୍ୟରେ ନୂତନ ଆନନ୍ଦରେ ଛୁଟିଅଛି । ତୁମ୍ଭମାନଙ୍କ ନୟନଜଳରେ ତାର ଗନ୍ତବ୍ୟ ପଥ ପିଚ୍ଛିଳ କରି ଦିଅ ନାହିଁ, ତାର ମଙ୍ଗଳ ପାଇଁ ମଙ୍ଗଳମୟଙ୍କ ନିକଟରେ ପ୍ରାଣ ଢାଳି ପ୍ରାର୍ଥନା କର ।

ଆଉ ଗୋଟିଏ କଥା, ଏଥର ତୁମ ଘରୁ ଆସିବା ସମୟରେ ପ୍ର—ର ମା ମତେ କହିଥିଲା, "ବାବା ! ମୁଁ ତୁମ ନିକଟରେ କେବେ କୌଣସି ପ୍ରାର୍ଥନା କରି ନାହିଁ, ଏଥର ତୁମେ ପ୍ର—କୁ ରକ୍ଷା କର ।" ହାୟ !

ହାୟ !! ମୁଁ ତ ମୋର କନ୍ୟାର ପ୍ରାର୍ଥନା ପୂର୍ଣ୍ଣ କରି ପାରିଲି ନାହିଁ । ତା ସହିତ ଦେଖା କରିବାକୁ ଗଲେ ଯେ ଲଜ୍ଜାରେ ମୁଣ୍ଡ ଉଠାଇ ପାରିବି ନାହିଁ । ସେ ମା, ମାର ପ୍ରାଣରେ ଯେ କି ଆଘାତ ଲାଗିଛି, ତୁମେ ତାହା ଭଲଭାବରେ ବୁଝିବ । ସୁତରାଂ ତୁମେ ସର୍ବାଗ୍ରେ ଧୈର୍ଯ୍ୟ ଧରି ତାକୁ ସାନ୍ତ୍ୱନା ଦେବ । ସର୍ବଦା ଭଗବତ୍-ପ୍ରସଙ୍ଗରେ ତାକୁ ଭୁଲାଇ ରଖିବ, ଜୟଗୁରୁ ନାମରେ ଉଦ୍‌ବୁଦ୍ଧ କରିବ । ରୋଗରେ-ଶୋକରେ-ଦୁଃଖରେ ଜୀବର ତମୋଭାବ ବଢ଼େ, ପୁଣି ଚିତ୍ତଶୁଦ୍ଧି ମଧ୍ୟ ହୁଏ । ଆଶାକରେ ଏହି ଦାରୁଣ ଶୋକରେ ତୁମ୍ଭମାନଙ୍କ ଚିତ୍ତ ସ୍ୱଚ୍ଛ ହେବ—କାଳର ଯବନିକା ଭେଦ କରି ଦୃଷ୍ଟି ପ୍ରସାରିତ ହେବ । ମାୟା-ମୋହ ଯେପରି ଆଉ ଅଭିଭୂତ କରି ନ ପାରେ । ଅମୃତର ସନ୍ତାନ ତୁମ୍ଭେମାନେ, ମର-ଜଗତର ମୋହରେ ଚିରଦିନ ମୁଗ୍ଧ ରହ ନାହିଁ । ଜାଗ-ଉଠ-ସମ୍ମୁଖକୁ ଅଗ୍ରସର ହୁଅ, ପଛକୁ ଫେରି ଚାହଁନା । ମୋର ସନ୍ତାନକୁ ଶୋକ-ମୋହରେ ଆବିଷ୍ଟ ଦେଖିବାକୁ ମୁଁ ଚାହେଁନା ଚିରଦିନ ଭଗବାନଙ୍କର ଅନୁକୂଳ ଦୟା ଭୋଗ କରିଅଛ—ଏଥର ପ୍ରତିକୂଳ ଦୟା ଅନୁଭବ କର । ଏହା କଠୋର ଶାସନ ନୁହେଁ, ଏହା ମଧ୍ୟ ଦୟା—ତେବେ କଠୋର ସତ୍ୟ । ପ୍ର— ଆନନ୍ଦରେ ଅଛି, ତୁମ୍ଭମାନଙ୍କର କ୍ଷୁଦ୍ର ଦୃଷ୍ଟି, ତାକୁ ଦେଖି ପାରୁ ନାହିଁ । ଜନ୍ମରେ ଆନନ୍ଦ—ମୃତ୍ୟୁରେ ଦୁଃଖ ତୁମ୍ଭମାନଙ୍କୁ ସାଜେ ନାହିଁ । କର୍ତ୍ତବ୍ୟରେ କୌଣସି ତ୍ରୁଟି କର ନାହିଁ, ତେବେ ଭଗବଦ୍ ବିଧାନରେ ଅବିଶ୍ୱାସୀ ହେଇ ଶୋକାଭିଭୂତ ହେବ କାହିଁକି ? ଆଶୀର୍ବାଦ କରୁଛି ତୁମ୍ଭମାନଙ୍କର ସତ୍ୟଦୃଷ୍ଟି ଫୁଟି ଉଠୁ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୫)

ନୀଳାଚଳ କୁଟୀର
୧।୯।୩୮

କଲ୍ୟାଣବରେଷୁ—

ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଶ୍ରୀମାନ୍ କ୍ଷେ—ର ପତ୍ରରୁ ଅବଗତ ହେଲି, ତୁମର ପିତୃଦେବ ସହସା ⁄ଗଙ୍ଗା ଲାଭ କରିଛନ୍ତି । ତୁମ ପକ୍ଷରେ ଏହି ବର୍ଷଟା ଖୁବ୍ ଦୁର୍ବର୍ଷ ଏଥିରେ ସନ୍ଦେହ ନାହିଁ । ଏକେ ତ ଚାକିରୀ–ବାକିରୀ ନାହିଁ, ତଦୁପରି ପିତୃଦଶାରେ ପଡ଼ିଗଲ ! ପିତା ବୃଦ୍ଧ ହେଲେ ମଧ ତାଙ୍କର ଆଶ୍ରୟ–ଛାୟାରେ ସ୍ନିଗ୍ଧ ଥିଲ, ଏବେ ସବୁ ଦାୟିତ୍ୱ ତୁମକୁ ବହନ କରିବାକୁ ପଡ଼ିବ । ସ୍ନେହଚକ୍ଷୁରେ ତୁମକୁ ଚାହିଁବା ପାଇଁ ଆଉ କେହି ରହିଲେ ନାହିଁ । କିନ୍ତୁ ଏହା ଜଗତର ନିତ୍ୟ ଘଟଣା, ପିତା–ମାତାଙ୍କୁ ନେଇ କିଏ ଚିରକାଳ ସଂସାର କରି ପାରେ ନାହିଁ । ତୁମର ବୃଦ୍ଧ ପିତା ତୁମ୍ଭମାନଙ୍କୁ ଛାଡ଼ି ଉପଯୁକ୍ତ ସମୟରେ ଜୀର୍ଣ୍ଣଦେହ ପରିତ୍ୟାଗପୂର୍ବକ ନୂତନଦେହରେ ନୂତନ ଜଗତକୁ ଉନ୍ନୀତ ହେଇଛନ୍ତି । ଏହା ତାଙ୍କ ପକ୍ଷରେ ସୁଖର କଥା ; ତୁମେ ଏହା ସ୍ମରଣ କରି ଆନନ୍ଦିତ ହୁଅ । ପିତାଙ୍କୁ ହରାଇ ମୁହ୍ୟମାନ ହୁଅ ନାହିଁ, ତାଙ୍କର ପାରଲୌକିକ ମଙ୍ଗଳ ପାଇଁ ଇଷ୍ଟଦେବଙ୍କ ନିକଟରେ ପ୍ରାର୍ଥନା କର । ଯାହା ଅବଶ୍ୟମ୍ଭାବୀ, ସେଥିପାଇଁ ସାଧାରଣ ଲୋକଙ୍କ ଭଳି ଅଧୀର ହୁଅ ନାହିଁ । ଜଗତ୍‌ପିତାଙ୍କ ସ୍ନେହମୟ ମଙ୍ଗଳ ଦୃଷ୍ଟି ତୁମ ଉପରେ ରହିଅଛି, ଏହା ଭୁଲ ନାହିଁ । ତୁମ ପିତାଙ୍କର ସଦ୍‌ଗତିର ଭାର ମୋ ଉପରେ ଅର୍ପଣ କର ।

ଶ୍ରୀମାନ୍ ଜି— ଜାଣିବାକୁ ଚାହିଁଛି, 'ତ୍ରିଶୂଳ ଆସନର କେଉଁ ସ୍ଥାନରେ ପୋତିବାକୁ ପଡ଼େ ।' ଆସନର ବାମଦିଗରେ ସମ୍ମୁଖ କୋଣରେ

ପୂଜାରୀର ଦକ୍ଷିଣଦିଗରେ ଆସନର ଦ୍ୱିତୀୟ ସ୍ତରରେ ତ୍ରିଶୂଳଟି ବସାଇବାର ନିୟମ, ଆସନ ଉପରେ ନୁହେଁ । ବରଂ ଦ୍ୱିତୀୟ ସ୍ତରରେ କୌଣସି ପ୍ରକାର ଅସୁବିଧା ହେଲେ ଆସନକୁ ଲାଗି ଚଟାଣରେ ବସାଇ ପାର । ଚି— ଏସବୁ ଜାଣେ । ଯଥାସମୟରେ ପ୍ର— ଆସିଲେ ତା ଦ୍ୱାରା ଆସନ ପ୍ରତିଷ୍ଠା କରାଅ ; ନତୁବା ଚି— ବା ପୂ— କରି ପାରିବେ । ମୁଁ ୯ ତାରିଖ ଅପରାହ୍ଣରେ ହାଲିସହର ଆଶ୍ରମରେ ପହଞ୍ଚିବି । ତେବେ ୮ ତାରିଖ ପ୍ରାତଃକାଳରେ ହାଓଡ଼ାରେ ଉପସ୍ଥିତ ହୋଇ ଫ—ର ଘରେ ରହିବି । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୬)

ନୀଳାଚଳ କୁଟୀର

ପୁରୀ

୮।୩।୩୫

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ସ୍ନେହର ସୁ— ! ଶାନ୍ତି ଶାନ୍ତିଧାମକୁ ଚାଲି ଯାଇଛି, ମଙ୍ଗଳମୟଙ୍କ ମଙ୍ଗଳ ବିଧାନରେ ତାର ଅବଶ୍ୟ ଭଲ ହେବ । ତା ପାଇଁ ଆଉ କୌଣସି ଦୁଃଖ ନାହିଁ ; କିନ୍ତୁ ତୁମେ ସଂସାର-ପଥରେ ଯାହାକୁ ସଙ୍ଗିନୀ କରି ଏହି କେତୋଟି ବର୍ଷ କଟାଇଅଛ, ସେ ସହସା ଚାଲି ଯିବାରୁ ତୁମେ ସଂସାରରେ ନିଃସଙ୍ଗ ଓ ଏକକ ହୋଇଗଲ, ପ୍ରଥମ ଜୀବନର ଆଶା-

ଆକାଙ୍‌କ୍ଷା ଅପୂର୍ଣ୍ଣ ରହି ଗଲା । ତେଣୁ ଆଜି ପୁନଃ ପୁନଃ ତୁମର କଥା ହିଁ ମନେ ପଡୁଅଛି, ଦୁଃଖ ମଧ୍ୟ ହେଉଅଛି, କିନ୍ତୁ ଭରସା ଅଛି ତୁମେ ସଂଯତ ଓ ଧୀର, ଏହି ଘଟଣା ତୁମକୁ ସେତେଦୂର ଅଭିଭୂତ କରି ପାରବ ନାହିଁ । ଯେଉଁ ଘଟଣା ସଂସାରରେ ନିତ୍ୟ ସଂଘଟିତ ହେଉଅଛି, ସେଥି ପାଇଁ ଅନୁଶୋଚନା ବୃଥା । ତୁମେ ଈଶ୍ୱରବିଶ୍ୱାସୀ, ତାଙ୍କର ମଙ୍ଗଳମୟ ବିଧାନରେ ବିଶ୍ୱାସ ଅଛି । ସେ ଯେଉଁ ମଙ୍ଗଳ ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା କଲେ, ଅବଶ୍ୟ ଦିନେ ବୁଝି ପାରି ଶ୍ରଦ୍ଧାରେ କୃତଜ୍ଞତାରେ ତାଙ୍କ ଉଦ୍ଦେଶ୍ୟରେ ବାରମ୍ବାର ମସ୍ତକ ଅବନତ କରିବ । ଆଶୀର୍ବାଦ କରୁଛି, ଏହି ଘଟଣାରେ ତୁମର ଚିତ୍ତ ଦୃଢ଼ ଓ ବଳିଷ୍ଠ ହେଉ, ଶାନ୍ତିର ପ୍ରେମ ତୁମକୁ ଶାନ୍ତିମୟଙ୍କ ଆଡ଼କୁ ଆହୁରି ଅଗ୍ରସର କରି ଦେଉ, ବାହାରେ ଶାନ୍ତି ହରାଇଲେ ମଧ୍ୟ ତୁମର ପ୍ରାଣର ଶାନ୍ତି ଚିରସ୍ଥାୟୀ ହେଉ ।

ଏହି କେତେଦିନ ଧରି ରୋଗୀ–ସେବା–ଶୁଶ୍ରୂଷା ପାଇଁ ତୁମର ଦେହ-ମନ ନିଶ୍ଚୟ ଶ୍ରାନ୍ତ ହୋଇ ପଡ଼ିଅଛି, ତୁମର ବିଶ୍ରାମର ପ୍ରୟୋଜନ । କିଛିଦିନ ଏପଟେ ସେପଟେ ବୁଲି ଆସିଲେ ବୋଧହୁଏ ସବୁଦିଗରୁ ଭଲ ହୁଅନ୍ତା । ମୁଁ ମଧ୍ୟ କେତେଦିନ ଭଲ ଥିଲି, ପୁଣି ଅସୁସ୍ଥତା ଅନୁଭବ କରୁଅଛି । ରଥ ଉପଲକ୍ଷେ ଭକ୍ତଙ୍କର ଭିଡ଼ ହେଉଅଛି । ଏହି ମାସର ଶେଷ ଆଡ଼କୁ ବଙ୍ଗଳାକୁ ଯିବାର ଇଚ୍ଛା ଅଛି । ତୁମର ମନର ଅବସ୍ଥା ଜଣାଇବ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୭)

ପୁରୀ
୧୫।୪।୩୪

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଦେ—ର ମା'ର ସତୀଲୋକ ପ୍ରାପ୍ତି ସମ୍ବାଦ ଜାଣିଅଛି । ଶ୍ରୀମାନ୍ ସୁ—ର ପତ୍ରରୁ ତୁମର ଧୈର୍ଯ୍ୟ-ସ୍ଥୈର୍ଯ୍ୟର ବିଷୟ ଜାଣି ଆନନ୍ଦିତ ହୋଇଅଛି । ଅନିତ୍ୟ ସଂସାରରେ ଯାହା ଅବଶ୍ୟମ୍ଭାବୀ ଘଟଣା, ସେଥି ପାଇଁ ଅଧୀର ହେଲେ ଚଳିବ କିପରି ? ବିପଦ-ସମ୍ପଦ ସବୁ ତାଙ୍କର ଦାନ ଭାବି ମଥାପାତି ଗ୍ରହଣ କରିବାକୁ ପଡ଼ିବ । ଦେ—ର ମାଙ୍କ ପାଇଁ କୌଣସି ଦୁଃଖ ହେଉ ନାହିଁ । ପୁଅ-ଝିଅ ରଖି, ସ୍ୱାମୀଙ୍କ ପାଦରେ ମଥା ରଖି ଯେଉଁ ନାରୀ ମରି ପାରେ, ସେ ତ ଭାଗ୍ୟବତୀ ! କିନ୍ତୁ ତୁମର ଓ ତୁମର ପୁଅ-ଝିଅମାନଙ୍କ କଥା ଭାବିଲେ ଦୁଃଖ ହୁଏ । ଛୋଟ ବାଳକ-ବାଳିକା ଗୁଡ଼ିକ ମାତୃସ୍ନେହ ହରାଇଛନ୍ତି, ସେମାନଙ୍କ ମୁଖ ଚାହିଁ ଆହୁରି ଦୃଢ଼ ହେବାକୁ ପଡ଼ିବ । ତୁମର ଦୁଃଖ ଚିନ୍ତା ଦୂର କରିବାକୁ ତୁମର ଅବସର କାହିଁ ? ଏବେ ପିତା-ମାତା ଉଭୟଙ୍କର କର୍ତ୍ତବ୍ୟ ତୁମକୁ ପାଳନ କରିବାକୁ ପଡ଼ିବ । ଅବଶ୍ୟ ଯେ ଏହି ଭାର ଦେଲେ, ସେ ବୋହିବାର ଶକ୍ତି ମଧ ଦେବେ । ତୁମକୁ ବାକ୍ୟରେ ଆଉ କ'ଣ ବୁଝାଇବି ? ଆଶୀର୍ବାଦ କରୁଛି, ଯିଏ ତୁମର ହୃଦୟରେ ରହି ତୁମକୁ ମଙ୍ଗଳ ପଥରେ ପରିଚାଳନା କରୁଛନ୍ତି, ସିଏ ତୁମକୁ ସାନ୍ତ୍ୱନା ଓ ଶାନ୍ତି ପ୍ରଦାନ କରନ୍ତୁ । ସୁ— ଓ ଶ—ଙ୍କର ପତ୍ର ପାଇଅଛି । ମୋର ଏବେ ମଠକୁ ଯିବାର ସମ୍ଭାବନା ନାହିଁ । ଶରୀର ଅସୁସ୍ଥ, ଦାନ୍ତର ଅସୁଖ ହେତୁ କଷ୍ଟ ପାଉଅଛି,

ସମ୍ପ୍ରତି ଦୁଇଟି ଦାନ୍ତ ଉପାଡ଼ି ଦେଇଛି । ଅନ୍ୟାନ୍ୟ କୁଶଳ । ସମସ୍ତେ ମୋର ସ୍ନେହାଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୮)

ପୁରୀ

୨୮।୯।୩୨

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ଯଥା ସମୟରେ ପାଇଛି । ତୁମର ପିତୃଦେବଙ୍କୁ ପୌଷ ମାସର ଏହି କେତୋଟି ଦିନ ଦେହରେ ରଖିବାକୁ ମୁଁ ଚେଷ୍ଟା କରିଥିଲି, କିନ୍ତୁ କୃତକାର୍ଯ୍ୟ ହୋଇପାରିଲି ନାହିଁ । ଦକ୍ଷିଣାୟନରେ—କୃଷ୍ଣ ପକ୍ଷରେ—ସନ୍ଧ୍ୟା ପରେ ଯେତେବେଳେ ଦେହତ୍ୟାଗ କରିଛନ୍ତି, ସେତେବେଳେ ପିତୃଯାନ-ପଥରେ ହିଁ ତାଙ୍କର ଗତି ଅନିବାର୍ଯ୍ୟ ଏହା ବୋଧହୁଏ ତୁମେ ଅବଗତ ଅଛ । ଯଥାରୀତି ଶ୍ରାଦ୍ଧାଦି କରିବା ଏବଂ ଯଥାକାଳରେ ଗୟାରେ ପିଣ୍ଡଦାନ କରିବା ହିଁ ତୁମ ପକ୍ଷରେ କରଣୀୟ । ତେବେ ତୁମେ ସନ୍ଧ୍ୟା-ବନ୍ଦନାକାଳରେ ତାଙ୍କର ମଙ୍ଗଳ କାମନା କରି ଭଗବଦୁଦ୍ଦେଶ୍ୟରେ ପ୍ରାର୍ଥନା କର । ସେ ଯେପରି ପ୍ରେତଦେହରେ ବା ପିତୃଲୋକରେ ଅଧିକ ଦିନ କଷ୍ଟ ନ ପାଆନ୍ତି ଏବଂ ସତ୍ୱର ଯେପରି ତାଙ୍କର ସଦ୍‌ବଂଶରେ ଜନ୍ମ ହେବ, ମୁଁ ସେଥି ପାଇଁ ଚେଷ୍ଟା କରିବି । ମତେ ଅଧିକ କିଛି କହିବାକୁ ପଡ଼ିବ ନାହିଁ । ସେ ମୋର ଯୋ—ର ବାବା

ଏକଥା ଭୁଲିବି ନାହିଁ । ମୁଁ ଏବେ ମଧ ସୁସ୍ଥ ହୋଇ ପାରି ନାହିଁ । ପ୍ରବଳ କାଶ ହେଉଅଛି । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ସମସ୍ତେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୧୯)

ପୁରୀ

୧୧।୧୧।୩୨

କଲ୍ୟାଣବରେଷୁ—

ତୁମର ପତ୍ର ଯଥାସମୟରେ ପାଇ ସମସ୍ତ ସମାଚାର ଅବଗତ ଓ ପ୍ରୀତ ହୋଇଅଛି । ଜୀବ ଦେହତ୍ୟାଗ ପରେ ମହାନିଦ୍ରାରେ ଅଚେତନ ଅବସ୍ଥାରେ ଥାଏ, ତତ୍ପରେ ଆଦ୍ୟଶ୍ରାଦ୍ଧ ଦିନ ପୂରକ ପିଣ୍ଡ ହୋଇ ଗଲେ ପ୍ରେତଦେହ ପ୍ରାପ୍ତ ହୁଏ । ପରେ ବର୍ଷଶେଷରେ ସପିଣ୍ଡୀକରଣ ହେଲେ ପିତୃଲୋକକୁ ଉନ୍ନୀତ ହୁଏ ଇତ୍ୟାଦି । ନିରାଲମ୍ବ ଅବସ୍ଥାରୁ ପ୍ରେତଦେହ ପ୍ରାପ୍ତ ହୋଇ ଜୀବ ସ୍ୱପ୍ନ ଭଳି ମୂଢ଼ାବସ୍ଥାରେ ନାନାପ୍ରକାର ଭୋଗ କରିଥାଏ । ତୁମର ପିତୃଦେବଙ୍କର ଯଦ୍ଦ୍ୱାରା ଏପରି ଅବସ୍ଥା ନ ହେବ, ନିରାଲମ୍ବ ଅବସ୍ଥାରେ ରହି ପ୍ରେତଦେହ ଭୋଗ କରିବାକୁ ନ ହୁଏ, ସେଥିପାଇଁ ସେହି ଗିରଗିଟୀ (ଏଣ୍ଡୁଅ) ର ଆବିର୍ଭାବ ହୋଇଥିଲା । ଦେହତ୍ୟାଗ କରି ଏହି ଗିରଗିଟୀକୁ ଅବଲମ୍ବନ କରିଥିଲେ, ସୁତରାଂ ପ୍ରେତଶ୍ରାଦ୍ଧ ପରେ ସେ ଆଉ ପ୍ରେତଦେହ ଭୋଗ ନ କରି ଏକବାରେ ପିତୃଦେହକୁ ଉନ୍ନୀତ ହୋଇଛନ୍ତି । ଅତଏବ ସେ ସୁଖ ଓ ଶାନ୍ତିରେ

ଅଛନ୍ତି ; ତାଙ୍କ ପାଇଁ ତୁମ୍ଭମାନଙ୍କର କୌଣସି ଉଦ୍‌ବେଗର କାରଣ ନାହିଁ । ପତ୍ରରେ ଆଉ ବିଶେଷ କିଛି ଜାଣିବାକୁ ଇଚ୍ଛା କରନା । କୌତୂହଳ ହେଲେ, ଯେତେବେଳେ ଦେଖା ହେବ, ଜାଣିନିଅ । ମୁଁ ଚୈତ୍ରମାସର ଶେଷ କିମ୍ବା ବୈଶାଖମାସର ପ୍ରାରମ୍ଭରେ କଲିକତା ହୋଇ ଆସାମକୁ ଯିବି । ମୁଁ ପୌଷ ମାସରେ ଯେଉଁ ସର୍ଦ୍ଦିକାଶ ନେଇ ପୁରୀ ଆସିଥିଲି, ତାହା ଏବେ ମଧ ଆରୋଗ୍ୟ ହୋଇ ନାହିଁ । ଶ୍ୱାସରୋଗ ଭଳି ହୋଇ କଷ୍ଟ ପାଉଅଛି । ଅନ୍ୟାନ୍ୟ କୁଶଳ । ଆଶୀର୍ବାଦ କରୁଛି ତୁମର ପ୍ରାର୍ଥନା ପୂର୍ଣ୍ଣ ହେଉ । ପ୍ରେରିତ ଟଙ୍କା ମଧ ପାଇଅଛି । ସମସ୍ତଙ୍କୁ ମୋର ଆଶୀର୍ବାଦ ଜଣାଇବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୨୦)

ଶାନ୍ତି ଆଶ୍ରମ

୬।୮।୧୩୧୯

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ତୁମର ପତ୍ର ପାଇ ସମାଚାର ଅବଗତ ହେଲି । ତୁମର ପିତୃଦେବ ତୁମ୍ଭମାନଙ୍କୁ ଛାଡ଼ି ଉପଯୁକ୍ତ ସମୟରେ ଯୋଗ୍ୟଲୋକକୁ ଗମନ କରିଛନ୍ତି । ମୁଁ ପ୍ରାର୍ଥନା କରୁଛି, ତାଙ୍କର ଆତ୍ମା ଶାନ୍ତିଲାଭ କରୁ । ତୁମେ ମଧ ତାଙ୍କର ଆଶୀର୍ବାଦରୁ ସଂସାରର କର୍ତ୍ତବ୍ୟ ଯଥାଯଥ ସମ୍ପାଦନ କରି ମରଣ ପଥରେ ନବ ଜୀବନରେ ସଞ୍ଜୀବିତ ହୋଇ ଉଠ ।

ଶ୍ରାଦ୍ଧାଦି ହିନ୍ଦୁଙ୍କର ଅବଶ୍ୟ କର୍ତ୍ତବ୍ୟ, ପିତାଙ୍କ ପ୍ରତି ପୁତ୍ରର କୃତଜ୍ଞତା ପ୍ରକାଶର ସୁଯୋଗ୍ୟ ଅବସର । କିନ୍ତୁ ଆମ୍ଭମାନଙ୍କ ଦେଶରେ ଲୋକେ ନିନ୍ଦା ଓ ପ୍ରଶଂସାର ବିଚାର କରି ଶ୍ରାଦ୍ଧ କରିବାକୁ ଅଗ୍ରସର ହୁଅନ୍ତି, ଅନାବଶ୍ୟକ ଆଡ଼ମ୍ବର କରନ୍ତି । ଅବଶ୍ୟ ସାଧ ଥିଲେ ପିତା-ମାତାଙ୍କର ପାରଲୌକିକ ମଙ୍ଗଳ ପାଇଁ ଯଥାସାଧ୍ୟ ବ୍ୟୟ କରି ଦରିଦ୍ର ନାରାୟଣଙ୍କର ସେବା କରିବା ବିଧେୟ । କିନ୍ତୁ ତୁମେ ଦରିଦ୍ର, ବିଶେଷତଃ ଋଣଗ୍ରସ୍ତ । ଏପରି ଅବସ୍ଥାରେ ଲୋକଙ୍କ ଉତ୍ତେଜନାରେ ଆଉ କେତେ ଗୁଡ଼ିଏ ଋଣଜାଲରେ ଜଡ଼ିତ ହୁଅ, ଏହା ମୋର ଅଭିପ୍ରେତ ନୁହେଁ । ବ୍ରାହ୍ମଣ ପୁରୋହିତ ନେଇ ଶାସ୍ତ୍ରାନୁଯାୟୀ ଶ୍ରାଦ୍ଧ ସମ୍ପନ୍ନ କରିବ । ଜ୍ଞାତି ତ ଅଛନ୍ତି, ଆଉ ପାରିବ ଯଦି କିଛି ଅକ୍ଷମ ଦରିଦ୍ରଙ୍କର ଗୋଟିଏ ଓଳା ସେବା କର । ମାଙ୍କ ଉପରେ ସବୁ ଭାର ଦେଇ ତାଙ୍କ ନାମରେ ମତ୍ତ ହୋଇ କର୍ତ୍ତବ୍ୟ କରିଯାଅ । ଅତ୍ର ମଙ୍ଗଳ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୨୧)

ପୁରୀ

୩୧।୪।୩୧

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ବହୁଦିନ ପରେ ତୁମର ପତ୍ରପାଇ ସମାଚାର ଅବଗତ ହେଲି । ବୃଷୋତ୍ସର୍ଗ ଶ୍ରାଦ୍ଧ କଲେ ଯଦି ଜୀବର ମୁକ୍ତି ହେଉଥାନ୍ତା ତେବେ ଭାବନା

ଥାଆନ୍ତା କି ? ଶ୍ରୀଗୁରୁକୃପାରୁ ଜ୍ଞାନ ବା ପ୍ରେମ-ଭକ୍ତି ଲାଭ କରି ନ ପାରିଲେ ମୁକ୍ତିର ଆଉ ଦ୍ୱିତୀୟ ଉପାୟ ନାହିଁ । ଶ୍ରାଦ୍ଧାଦି ସାମାଜିକ ବ୍ୟାପାର; ଏହା ଦ୍ୱାରା ପ୍ରେତର ତୃପ୍ତି ହୁଏ । ଏଥିପାଇଁ ନିଜ ନିଜ ଶକ୍ତି ଅନୁସାରେ ଶ୍ରାଦ୍ଧ କରିବାକୁ ପଡ଼େ, କିନ୍ତୁ ବୃଷୋତ୍ସର୍ଗ ବା ଚନ୍ଦନଧେନୁ କରିବାକୁ ପଡ଼ିବ ଏପରି କୌଣସି ବାଧବାଧକତା ନାହିଁ । ଶ୍ରଦ୍ଧାପୂର୍ବକ ଅବସ୍ଥାନୁସାରେ ଯେ କୌଣସି ଶ୍ରାଦ୍ଧ କରିବା ହିଁ ବିଧି । ସୁତରାଂ ଧାର-କରଜ କରି ବୃଷୋତ୍ସର୍ଗ କରିବାର କୌଣସି ପ୍ରୟୋଜନ ନାହିଁ ।

ତୁମ୍ଭମାନଙ୍କୁ ଆଉ କି ଉପଦେଶ ଦେବି ? ମୁହଁରେ ତୁମ୍ଭେମାନେ ଶ୍ରୀଗୁରୁଙ୍କର ଆଶ୍ରିତ ବୋଲି କୁହ ସତ, କିନ୍ତୁ କାର୍ଯ୍ୟରେ 'ଅହଂ ଗୁରୁଙ୍କର' ଶରଣାଗତ ! ତେଣୁ ଖୋଦାଙ୍କ ଉପରେ ଖୋଦାଗିରି କରିଥାଅ । ସତ୍ୟସ୍ୱରୂପ ଗୁରୁଙ୍କୁ ଛଳନାମୟ ଭଗବାନ୍ କହିବାକୁ କୁଣ୍ଠା ହୁଏ ନାହିଁ । ଯାହାର ଯେପରି ଭାବନା ସିଦ୍ଧି ମଧ୍ୟ ସେହିପରି । ମୁଁ ତୁମ୍ଭମାନଙ୍କୁ ଭଲପାଇ ଥିଲି, ତେଣୁ ଦଗା ମଧ୍ୟ ଖୁବ୍ ପାଇଲି । ତୁମ୍ଭେମାନେ ନିଜର ଭଲ ନିଜେ ହିଁ ବୁଝ, ତେଣୁ ଭୟ ହୁଏ, ଉପଦେଶ ଦେବାକୁ ଗଲେ ମଧ୍ୟ 'ଛଳନା' କରୁଛି ଲେଖି ବସିବ !

ଭୁ—ସମ୍ବନ୍ଧରେ ତୁମ୍ଭମାନଙ୍କ ବ୍ୟବହାରରେ ବୁଝିଅଛି, ମୋର ଉଦ୍ଦେଶ୍ୟ ବା ଉପଦେଶ ଅନୁସାରେ ଗଠିତ ହେବା କେହି ପ୍ରୟୋଜନ ମନେ କରନା, ସାକ୍ଷାତରେ ସବୁ କହିବି । ଆଶୀର୍ବାଦ କରୁଛି ତୁମ୍ଭମାନଙ୍କର ଶୁଭବୁଦ୍ଧି ଉଦ୍‌ବୁଦ୍ଧ ହେଉ । * * * ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୨୨)

ପ୍ରିୟ ସୁ—,

ଇଦାନୀଂ ତୁମ୍ଭମାନଙ୍କର କୌଣସି ପତ୍ର ପାଉ ନାହିଁ । ସମ୍ପ୍ରତି ତୁମର ବାବାଙ୍କର ଗୋଟିଏ ପତ୍ର ପାଇଅଛି । ପ୍ରବନ୍ଧ ଫେରସ୍ତ ଦେବାରୁ ତୁମର ପିତା କ୍ଷୁର୍ଣ୍ଣ ହୋଇ କାରଣ ଜାଣିବାକୁ ଚାହିଁଛନ୍ତି । ତେଣୁ ଅନ୍ୟ ପତ୍ରରେ ଗୋଟିଏ ଦୁଇଟି କାରଣ ବାଧ ହୋଇ ଲେଖିବାକୁ ପଡ଼ିଲା । ଯଦିଓ ସମ୍ପାଦକଗଣ କାରଣ ଜଣାନ୍ତି ନାହିଁ, ତେବେ ତୁମ ବାବାଙ୍କ ସମ୍ବନ୍ଧରେ ସେହି ରୀତି ଖଟିବ ନାହିଁ । ଆମେ ପ୍ରତି ମାସରେ ବଡ଼ ବଡ଼ ପଣ୍ଡିତ ଓ ନାମଜାଦା ଲେଖକଙ୍କର ପ୍ରବନ୍ଧ ଫେରସ୍ତ ଦେଉଛୁ । ଯାହା ହେଉ ମୂଳ ଚିଠିଟି ତୁମର ବାବାଙ୍କୁ ଦେବ—ତୁମେ ବୁଝାଇ କହିବ ।

ବତ୍ସ ! ତୁମର ବାବା ଯେ ଜନ୍ମାନ୍ତର ବିଶେଷତଃ ପରଲୋକରେ ଅବିଶ୍ୱାସୀ, ତାହା ବୁଝି ବିସ୍ମିତ ଓ ସ୍ତମ୍ଭିତ ହେଲି । ପରଲୋକ ନ ମାନିଲେ ଯେ ଜଡ଼ବାଦ ଆସିଯାଏ, ଏହା ଯେ ଭୀଷଣ ଚାର୍ବାକ୍ ମତ ! ପରକୀୟା ପ୍ରେମର ଉଚ୍ଚାଧିକାରୀ ଜାଣି ଯେଉଁ ଧାରଣା ପୋଷଣ କରିଥିଲି, ତାହା କ'ଣ ପରଲୋକ-ଅବିଶ୍ୱାସୀଙ୍କ ଠାରେ ସମ୍ଭବ ? ପରଲୋକରେ ମିଳନର ସମ୍ଭାବନା ନ ଥିଲେ ସେ କି ପ୍ରେମ ? ଦୈହିକ ବ୍ୟଭିଚାରର ନାମାନ୍ତର ମାତ୍ର । ସେ ଲେଖିଛନ୍ତି—ପରଲୋକ ଅଜ୍ଞ ଲୋକର ସାନ୍ତ୍ୱନା ମାତ୍ର । କି ଭୟାନକ କଥା ! ମୁସଲମାନ, ଖ୍ରୀଷ୍ଟାନ୍, ବ୍ରାହ୍ମ, ସ୍ପିରିଚୁଆଲିଷ୍ଟ ପ୍ରଭୃତି ଜନ୍ମାନ୍ତର ମାନନ୍ତି ନାହିଁ ସତ୍ୟ, କିନ୍ତୁ ପରଲୋକ-ଅବିଶ୍ୱାସୀ କୌଣସି ସମ୍ପ୍ରଦାୟ ଏହି ଉନ୍ନତ ଯୁଗରେ ଅଛି ବୋଲି ଶୁଣି ନାହିଁ । ବ୍ୟକ୍ତିଗତ ଭାବରେ ଅଛନ୍ତି ସତରେ ? କିନ୍ତୁ ସେ ଭୀଷଣ ଲୋକ ! ସୁତରାଂ ତୁମ ବାବା ଯଦି ବାସ୍ତବିକ ପରଲୋକ ଅବିଶ୍ୱାସୀ ହୁଅନ୍ତି, ତେବେ ତୁମ ଭଳି

ପୁତ୍ରର ଅନେକ କର୍ତ୍ତବ୍ୟ ଅଛି । ଭଗବାନଙ୍କୁ ନ ମାନିଲେ ବରଂ କ୍ଷତି ନାହିଁ, କିନ୍ତୁ ପରଲୋକ ଗଲେ ଆଉ ରହେ କ'ଣ ? ମୋ ନିକଟରୁ ପ୍ରକୃତ ନାସ୍ତିକର ବ୍ୟାଖ୍ୟା ଶୁଣିଅଛ, ସୁତରାଂ ଏହି ମୃତ୍ୟୁ-ବାସରରେ ତୁମର ପିତାଙ୍କ ମନରେ ଯେପରି ପରଲୋକ-ଚିତ୍ର ଦୃଢ଼ଭାବରେ ଅଙ୍କିତ ହୁଏ, ସେଥି ପାଇଁ ଯଥାସାଧ୍ୟ ଚେଷ୍ଟା କରିବ । ଅନ୍ୟାନ୍ୟ ବିଷୟ ସାକ୍ଷାତରେ କହିବି । ତୁମେ ମୋର ଆଶୀର୍ବାଦ ଜାଣିବ ଏବଂ ଅନ୍ୟାନ୍ୟ ଭକ୍ତଗଣଙ୍କୁ ଜଣାଇବ । କାର୍ଯ୍ୟକର୍ମରେ ଖୁବ୍ ବ୍ୟସ୍ତ । ତୁମେ ଚାକିରୀରେ ଯୋଗଦାନ କରିଅଛ କି ନାହିଁ, ଶାରୀରିକ ଅବସ୍ଥା କିପରି ଅଛି, ସ୍ୱାସ୍ଥ୍ୟଲାଭ କରି ପାରିଲ କି ନା ଜଣାଇବ । ଅତ୍ର ଶୁଭ । ଇତି—

ତୁମ୍ଭମାନଙ୍କର—

ଠାକୁର

(୨୩)

ସାରସ୍ୱତ ମଠ

ତାଂ ପୌଷ ୧୦ ଦିନ, ସନ ୧୩୨୩ ସାଲ

ସ୍ନେହାସ୍ପଦାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ଅବଗତ ହେଲି । ମୁଁ ନିରାପଦରେ ଯଥାସମୟରେ ଆଶ୍ରମକୁ ଆସିଅଛି । ରାସ୍ତାରେ ଥଣ୍ଡା ଲାଗି ସର୍ଦ୍ଦି, କାଶ, ଛାତି-ପିଠିରେ ବେଦନା ହୋଇ କେତେଦିନ କାତର ଥିଲି । ଏବେ ସୁସ୍ଥ ହୋଇଛି ସତ, କିନ୍ତୁ କାଶଟା ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇ ନାହିଁ । ଏହି ଦେଶରେ ଭୟାନକ ଶୀତ ପଡ଼ିଅଛି ।

ତୁମର ମାଙ୍କୁ ମୋର ଆଶୀର୍ବାଦ ସହିତ ଜଣାଇବ, ଯେତେବେଳେ ଥରେ ସେମାନଙ୍କୁ ଶିଷ୍ୟାରୂପେ ଗ୍ରହଣ କରିଅଛି, ସେତେବେଳେ ମୁଁ ଯେଉଁଠାରେ ରହେ ନା କାହିଁକି, ସେମାନଙ୍କର ମଙ୍ଗଳ ଚିନ୍ତା କରିବି । ତେବେ ସେମାନେ ଯେପରି ସେମାନଙ୍କର କର୍ତ୍ତବ୍ୟରୁ ଚ୍ୟୁତ ନ ହୁଅନ୍ତି, ଜୀବନର ଲକ୍ଷ୍ୟ ଯେପରି ଭୁଲି ନ ଯାଆନ୍ତି ।

ତୁମେ ବ୍ରାହ୍ମଣ ଘରର ବିଧବା, ଅବଶ୍ୟ ମଙ୍ଗଳମୟ ବିଧାତା ମଙ୍ଗଳୋଦ୍ଦେଶ୍ୟରେ ହିଁ ଏ ଜୀବନରେ ତୁମର ଭୋଗପଥ ରୁଦ୍ଧ କରି ଦେଇଛନ୍ତି । ଏହି ସୁଯୋଗରେ ଜୀବନର ପବିତ୍ରତା ଉଦ୍‌ବୋଧନ କରିବା ହିଁ ତୁମ ଜୀବନର ଲକ୍ଷ୍ୟ ହେବା କର୍ତ୍ତବ୍ୟ । ସ୍ୱାମୀଙ୍କୁ ଯେତେଦିନ ଜଗତ୍‌ସ୍ୱାମୀରୂପେ ଧରି ନ ପାରିବ, ସେତେଦିନ ପର୍ଯ୍ୟନ୍ତ ଗୃହରେ ରହି ମଧ୍ୟ ନିର୍ଲିପ୍ତ ଭାବରେ—ସନ୍ନ୍ୟାସିନୀ ଭଳି ଜୀବନଯାପନ କରିବାକୁ ପଡ଼ିବ । ପିତା-ମାତାଙ୍କ ସେବା ମଧ୍ୟ ଧର୍ମ । ତଦ୍‌ବ୍ୟତୀତ ସମସ୍ତଙ୍କୁ ସନ୍ତାନ ଜ୍ଞାନରେ ସେବା କରିବ । ଶତ୍ରୁ-ମିତ୍ର ଯିଏ ହେଉ ବିପଦରେ ସାହାଯ୍ୟ କରିବ—ପୀଡ଼ିତକୁ ସେବା କରିବ—ଶୋକଗ୍ରସ୍ତକୁ ସାନ୍ତ୍ୱନା ଦେବ, ପତିତାକୁ ଘୃଣା ନ କରି ତାକୁ ସତ୍‌ପଥରେ ଆଣିବାକୁ ଚେଷ୍ଟା କରିବ । ଜୀବମାତ୍ରେ ହିଁ ଭଗବାନଙ୍କର ସନ୍ତାନ, ସୁତରାଂ ତୁମେ ସେମାନଙ୍କର ମାଙ୍କର ସ୍ଥାନ ଅଧିକାର କରିବାକୁ ଯତ୍ନ କରିବ । ଆଉ ଅନ୍ତରରେ କେବେ ତାଙ୍କ ସହିତ ମିଳନ ହେବ, ସେହି ଦିନକୁ ଅପେକ୍ଷା କରି ସର୍ବଦା ତାଙ୍କର ନାମ ନେବ । ଭଲ-ମନ୍ଦ, ସୁଖ-ଦୁଃଖ, ରୋଗ-ଶୋକ ସର୍ବାବସ୍ଥାରେ ତାଙ୍କର ଜୟ ଉଚ୍ଚାରଣ କରିବ । ସର୍ବସ୍ୱ ତାଙ୍କଠାରେ ସମର୍ପଣ କରି ତାଙ୍କର ଶରଣାଗତ ହୋଇ ଜୀବନର ବାକି କେତୋଟି ଦିନ କଟେଇ ଦେବ । ଏ ସମ୍ବନ୍ଧରେ ବିଶେଷ ଉପଦେଶ ଓ ଶିକ୍ଷା ମୁଁ

ସୁଯୋଗ ଓ ସୁବିଧା ଦେଖି ତୁମ୍ଭମାନଙ୍କୁ ଦେବି । ତୁମର ସାନ ଭଉଣୀଟିକୁ ମଧ୍ୟ ତୁମର ପଥରେ ହିଁ ପରିଚାଳିତ କରିବ ଏବଂ ତଦନୁସାରେ ଶିକ୍ଷାଦେବ । ସର୍ବପ୍ରକାର ପ୍ରଲୋଭନରୁ ନିଜକୁ ସାବଧାନତା ସହକାରେ ଦୂରେଇ ରଖିବ । ଚିତ୍ତ ବେଶୀ ଚଞ୍ଚଳ ବା ନିମ୍ନଦିଗକୁ ଯିବାକୁ ଚାହିଁଲେ ପ୍ରାଣପଣେ ଭଗବାନଙ୍କର ନାମ ନେବ । ନିଜକୁ ରକ୍ଷା କରିବାକୁ ତାଙ୍କ ଉପରେ ଭାର ଦେବ ।

* * * ଆଶ୍ରମର ଉପଯୁକ୍ତ ସେବକଗଣ କେହି ମଠରେ ନାହାନ୍ତି, ସମସ୍ତେ ବାହାରେ । ମୁଁ ଫାଲ୍‌ଗୁନ ମାସ ଭିତରେ ଆଉ ବାହାରକୁ ଯିବି ନାହିଁ । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୨୪)

ସାରସ୍ୱତ ମଠ

୨୮।୯।୨୩

କଲ୍ୟାଣୀୟାସୁ—

ତୁମର ପତ୍ର ପାଇ ଅବଗତ ହେଲି । ତୁମେ ତୁମର କନ୍ୟା ସମ୍ବନ୍ଧରେ ଯାହା ଲେଖିବାକୁ ଚାହିଁ ଜଣାଇବ । ଇତିପୂର୍ବେ କୁଚବିହାରରୁ ତୁମର ଛୋଟ ଭଗ୍ନୀ ଗୋଟିଏ ପତ୍ର ଲେଖିଛି । ତୁମର ପତ୍ରରେ ତା ସମ୍ବନ୍ଧରେ ମୋର ମନୋଭାବ ଜଣାଇଛି । ତାହାକୁ ତାହା ଅବଗତ କରାଇବ । ଏବେ ଆଉ ପୃଥକ୍ ପତ୍ର ଲେଖିଲି ନାହିଁ, ଆବଶ୍ୟକ ମଧ୍ୟ ନାହିଁ । ସମୟ କ୍ରମେ ତାହାକୁ ପତ୍ର ଲେଖିବି । ତାର ''ଭୋଁଦା'' ବ୍ୟତୀତ କୌଣସି ଭଲ ନାଁ ଥିଲେ ମତେ ଜଣାଇବ । ତାହାକୁ ସଂଯମ ପଥରେ ପରିଚାଳିତ କରିବ । ଭୋଗର

ଆଶା ମେଣ୍ଟିବାର ନାହିଁ । ରାଜ-ରାଜେଶ୍ୱରୀଙ୍କର ମଧ ମେଣ୍ଟି ନାହିଁ । ସଂଯମର ଅନାବିଳ ଶାନ୍ତିମୟ ପଥରେ ଗମନ ହିଁ ଶ୍ରେୟଃ । ଥରେ ପ୍ରବୃତ୍ତି ସଂସାରରୁ ଫେରି ଶ୍ରୀଶ୍ରୀଭଗବନ୍ମୁଖୀ ହେଲେ ଅନନ୍ତ ଶାନ୍ତି ଓ ତୃପ୍ତି । ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୨୫)

ସାରସ୍ୱତ ମଠ

୨୭।୫।୨୫

କଲ୍ୟାଣୀୟାସୁ—

ପରମ ଶୁଭାଶୀରାସ୍ତାଦ୍ୱିଶେଷଃ—

ବହୁଦିନ ପରେ ତୁମର ଓ ତୁମର ଦିଦିର ପତ୍ର ପାଇ ସମାଚାର ଅବଗତ ହେଲି । ଏଥର ଯେତେବେଳେ ଉତ୍ତରବଙ୍ଗ ଯିବି, ସେତେବେଳେ ତୁମ୍ଭମାନଙ୍କର ଦୀକ୍ଷା-ଶିକ୍ଷା ସମ୍ପାଦନ କରିବି । ଶିବପୂଜା କରୁଅଛ ଭଲ । ମନ ଦେଇ ପୂଜା କର । ଧ୍ୟାନକାଳରେ ଶିବଙ୍କ ସ୍ଥଳରେ ତୁମର ସ୍ୱାମୀଙ୍କର ମୂର୍ତ୍ତି ଚିନ୍ତାରେ କୌଣସି ଦୋଷ ନାହିଁ । ଶିବ ହିଁ ଜଗତ୍‌ସ୍ୱାମୀ ।

ତୁମର ଦିଦିର ଅସୁଖ ହୋଇଛି ବୋଲି ତାକୁ ଆଉ ସ୍ୱତନ୍ତ୍ର ପତ୍ର ଦେଲି ନାହିଁ । ତାକୁ ସାବଧାନରେ ରଖିବ । ସର୍ବଦା ମୁଣ୍ଡଉପରେ ଧଳାବରଫର ପାହାଡ଼ ଓ ତଦୁପରି ଶିବ ଉପବିଷ୍ଟ— ଟା—କୁ ସର୍ବଦା ଏହିପରି ଧ୍ୟାନ କରିବାକୁ କହିବ । ଅଧିକ ମାତ୍ରାରେ ଭାବୁକତା ତାର ବ୍ୟାଧିର ନିଦାନ । ଏହିପରି ଚିନ୍ତାରେ ଚିତ୍ତ ସ୍ଥିର ଓ ମସ୍ତିଷ୍କ ଶୀତଳ ହେବ ।

ମୁଁ ସତ୍ୱର ନିମ୍ନ-ଆସାମକୁ ଯିବି, ସୁତରାଂ ପୂଜା ପୂର୍ବରୁ ଆଉ ପତ୍ରାଦି ଲେଖିବ ନାହିଁ । ଏଠାରେ ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୭୬)

ଶାନ୍ତି ଆଶ୍ରମ

ଭାଦ୍ର ୩୧ ଦିନ, ୧୩୨୧

ଭାଗବତୋତ୍ତମେଷୁ—

ପ୍ରିୟ ଗି— ବାବୁ ! ଆପଣଙ୍କର ପତ୍ର ପାଇ ଆନନ୍ଦିତ ହେଲି । ଆପଣଙ୍କର ପୀଡ଼ାର ସମ୍ବାଦରେ ମଧ୍ୟ ନିରାନନ୍ଦର କୌଣସି କାରଣ ନାହିଁ । ଆପଣଙ୍କର ଜୀବନ-ମୃତ୍ୟୁ ସମସ୍ତ ଅବସ୍ଥା ହିଁ ଏବେ ଆନନ୍ଦମୟ । ଆପଣ ସର୍ବସ୍ୱ ଛାଡ଼ି ଦୀନବୃତ୍ତି ଅବଲମ୍ବନ କରି ଭଗବାନଙ୍କର ଚରଣ ସାର କରିଛନ୍ତି, ସୁତରାଂ ଆପଣଙ୍କ ପକ୍ଷରେ ଜୀବନ-ମୃତ୍ୟୁ ତୁଲ୍ୟ ଆନନ୍ଦଦାୟକ । ଭଗବନ୍ନିର୍ଭର ପରାୟଣ ବ୍ୟକ୍ତିଙ୍କର ବିପଦ ମଧ୍ୟ ଯେ ସମ୍ପଦର କାରଣ ! ଆପଣଙ୍କ ପବିତ୍ର ଜୀବନରେ ପୁନଃ ପୁନଃ ରୋଗ ଆକ୍ରମଣ ଅବଶ୍ୟ ମଙ୍ଗଳର ହିଁ କାରଣ, ସୁତରାଂ ଆପଣଙ୍କ ପାଇଁ ମୋର ଭାବିବାର ପ୍ରୟୋଜନ ନାହିଁ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭାଗ୍ୟଚକ୍ର ଅଭୀପ୍ସିତ ପଥରେ ଚାଳିତ କରିବାକୁ ଚେଷ୍ଟା କରନ୍ତୁ ଏବଂ ସର୍ବାବସ୍ଥାରେ ସର୍ବାନ୍ତଃକରଣରେ ଭଗବାନଙ୍କର ଜୟ ଉଚ୍ଚାରଣ କରୁଥାନ୍ତୁ । ଯେଉଁ ଜୀବନ ତାଙ୍କର ଚରଣରେ—ତାଙ୍କର ସେବାରେ—ତାଙ୍କର କାର୍ଯ୍ୟରେ

ଉତ୍ସର୍ଗ କରିଛନ୍ତି, ସେହି ଜୀବନର ମଙ୍ଗଳାମଙ୍ଗଳ ପାଇଁ ଅପଣଙ୍କର ଚିନ୍ତା କ'ଣ ? ଯାହାଙ୍କ ଉପରେ ଭାର ଅଛି, ସେ ହିଁ ମଙ୍ଗଳପଥରେ ଚଳାଇ ନେବେ । ଭଗବାନ୍ ତାଙ୍କର ଏକାନ୍ତ ଅଧୀନଙ୍କୁ ଯେଉଁ ରୋଗ–ଶୋକ ଦିଅନ୍ତି, ତାହାର କାରଣ ଏୟା ଯେ, ଯାହାକୁ ସେ କୋଳକୁ ଟେକିନେବେ, ପୂର୍ବରୁ ତାର ମଇଳା ମାଟି ଝାଡ଼ି ନିଅନ୍ତି, ତେଣୁ ସାଧୁ-ଭକ୍ତ ରୋଗାଦି ଭୋଗ କରନ୍ତି । ତାପ ପାଇଲେ ହିଁ ପାପାଦି ମଇଳା ମାଟି ପୋଡ଼ି ଜୀବ ଖାଣ୍ଟି ହୁଏ ।—ସେତେବେଳେ ଭଗବତ୍ ସାନ୍ନିଧ ଲାଭ ହୁଏ । ଆପଣଙ୍କ ଭଳି ପରମ ଭାଗବତଙ୍କର ରୋଗର କାରଣ ମଧ ସେୟା । ଅତ୍ର ମଙ୍ଗଳ । ଆପଣଙ୍କ ଅଫିସର ଭକ୍ତମାନଙ୍କୁ ମୋର ସ୍ନେହାଶୀର୍ବାଦ ଜଣାଇବେ ଓ ଆପଣ ମଧ ଜାଣିବେ । ଇତି—

ଭକ୍ତପଦାରବିନ୍ଦଭିକ୍ଷୁ—

ଶ୍ରୀନିଗମାନନ୍ଦ

(୨୭)

କଲ୍ୟାଣବରେଷୁ—

ଶ୍ରୀମତୀ ଜ୍ଞା—ର ଖଣ୍ଡିଏ ପତ୍ର ପାଇ ସମାଚର ଅବଗତ ହେଲି । ସେ ତୁମର ବ୍ୟାଧି ପ୍ରତିକାରର ପ୍ରାର୍ଥନା କରି ପତ୍ର ଲେଖିଅଛି । ଯେତେବେଳେ ତୁମର ଏହି ବ୍ୟାଧି ପ୍ରଥମେ ପ୍ରକାଶ ପାଇଲା, ମୁଁ କ'ଣ କହିଥିଲି ମନେ ଅଛି କି ? ଯଦି ମୋ ଦ୍ୱାରା ପ୍ରତିକାର ହୋଇପାରନ୍ତା, ତେବେ ସେହି ସମୟରେ ହିଁ କରିଥାନ୍ତି । ମୋର ସନ୍ତାନ ବ୍ୟାଧିଗ୍ରସ୍ତ ହୋଇ ସାଧାରଣରେ ଘୃଣ୍ୟ ହେଉ, ଏହା କ'ଣ ମୋର ଇଚ୍ଛା ? ଏହି କର୍ମଭୋଗ ଶେଷ ନ ହେଲେ ପରଲୋକରେ ମଧ ପରିତ୍ରାଣ ନାହିଁ ।

ତେଣୁ ଜାଣି ଶୁଣି ଆଉ କର୍ମଫଳର ବୋଝ ବଢ଼ାଇବାକୁ ଇଚ୍ଛା କରୁ ନାହିଁ । ଏହି ବ୍ୟାଧି ତୁମକୁ ଭୋଗ କରିବାକୁ ହିଁ ପଡ଼ିବ । ତାହା ପାପଜ ବ୍ୟାଧି । ବ୍ୟାଧି ଭୋଗ ନ କଲେ ପାପ ଦୂର ହେବ ନାହିଁ । ବରଂ ଈ— ଭଟ୍ଟାଚାର୍ଯ୍ୟଙ୍କ ଭଳି ବ୍ରାହ୍ମଣଙ୍କ ଦ୍ୱାରା ପଞ୍ଚଗବ୍ୟ ପ୍ରସ୍ତୁତ କରାଇ ପ୍ରତ୍ୟହ ଟିକିଏ ଖାଇଲେ ଓ ବ୍ୟାଧିସ୍ଥାନରେ ଲେପନ କଲେ ଶୀଘ୍ର ପାପ ଦୂର ହୋଇ ପାରେ । ଦିନେ ପଞ୍ଚଗବ୍ୟ ଶାସ୍ତ୍ରାନୁସାରେ ତିଆରି କରାଇ ୫।୭ ଦିନ ବ୍ୟବହାର କରାଯାଇ ପାରିବ ।

ଏହି ଶରୀର ବ୍ୟାଧି-ମନ୍ଦିର । କାହାର କେତେବେଳେ କେଉଁ ରୋଗ ଫୁଟି ବାହାରିବ ଠିକ୍ ନାହିଁ । ଏଥିରେ ଲଜ୍ଜା ବା ଘୃଣାର କଥା କ'ଣ ଅଛି ? ଆମର ଅଶିକ୍ଷିତ ସମାଜ ବୁଝେ ନାହିଁ ବୋଲି ହିଁ ମନୁଷ୍ୟକୁ ଘୃଣା କରେ । ସନାତନ ଗୋସ୍ୱାମୀ ଶ୍ରୀଗୌରାଙ୍ଗଙ୍କର କୃପା ପାଇ ମଧ କୃଷ୍ଠରୋଗଗ୍ରସ୍ତ ହୋଇଥିଲେ । ଦାକ୍ଷିଣାତ୍ୟର ପରମ ଭକ୍ତ ବାସୁଦେବ ଭଟ୍ଟାଚାର୍ଯ୍ୟ ଭୀଷଣ ଗଳିତ କୁଷ୍ଠରେ ଆକ୍ରାନ୍ତ ହୁଅନ୍ତି । ଆଉ ସେଦିନ ପୁରୀର ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ଶ୍ରୀମତ୍ ମଧୁସୂଦନ ସ୍ୱାମୀ କୁଷ୍ଠରୋଗରେ ମୃତ୍ୟୁବରଣ କଲେ । ଏହିସବୁ ଲୋକଙ୍କର ଯଦି ଏପରି ବ୍ୟାଧି ହୋଇ ପାରେ, ତେବେ ଆମର ସେଥିରେ ଲଜ୍ଜା ବା ଘୃଣାର କଥା କ'ଣ ଅଛି ? ବରଂ ଏହି ସବୁ ଐହିକ ଦୁର୍ବଳତା ତ୍ୟାଗ କରି ଯେଉଁଥିରେ ଆଉ ଜନ୍ମ ନ ହୁଏ,—ଆଧ୍ୟାତ୍ମିକ୍, ଆଧିଦୈବିକ, ଆଧିଭୌତିକ କୌଣସି ରୋଗ ଯେପରି ଆକ୍ରମଣ କରି ନ ପାରେ ସେହି ଚିନ୍ତା କର । ଭଗବାନଙ୍କର କୃପା ତୁମ ଉପରେ ଅଛି । ତେଣୁ ସଂସାରର ବନ୍ଧନ ତୁମର ଅଳଗା । ସନ୍ତାନ-ସନ୍ତତି ନାହିଁ । ସ୍ତ୍ରୀ ଦୁଇଟି ଧର୍ମ ପରାୟଣା, ବିଶେଷତଃ ଞ୍ଚା— ମାଙ୍କର ବିଶେଷ କୃପାର ପାତ୍ରୀ । ସୁତରାଂ ସ୍ତ୍ରୀ ଦୁଇଟି

ତୁମର ବନ୍ଧନର କାରଣ ନୁହନ୍ତି ; ବରଂ ଯଥାର୍ଥ ସହଧର୍ମିଣୀ । ସେମାନଙ୍କୁ ନେଇ ଭଗବତ୍ ପ୍ରସଙ୍ଗରେ ଜୀବନର ବାକି କେତୋଟି ଦିନ କଟେଇ ଦିଅ । ତୁମର ଯେଉଁ ସାମାନ୍ୟ ସଂସାରାସକ୍ତି ଅଛି, ତତ୍ତ୍ୱବିଚାର ଓ ପ୍ରାର୍ଥନା ଦ୍ୱାରା ତାହା ଦୂର କରି ପକାଅ । ମୋର ସନ୍ତାନ ରୂପେ ଜଗତରେ ପରିଚିତ ହୁଅ । ମାଙ୍କୁ ଆତ୍ମସମର୍ପଣ କରି ମାଙ୍କର ନାମ ନେଇ ଆନନ୍ଦରେ ଦିନ କଟାଅ । ଆଶୀର୍ବାଦ କରୁଛି ମାଙ୍କର କୃପାରୁ ତୁମର ଶୁଭବୁଦ୍ଧି ସଞ୍ଜାତ ହେଉ ।

ମୁଁ ଶାରୀରିକ ଭଲ ଅଛି । ଜ୍ଞା—ର ଚରିତ୍ରରେ ମୋର ଅନେକ ଅନ୍ତରଙ୍ଗ ଭକ୍ତ ଆନନ୍ଦିତ ହେଇଛନ୍ତି । କାରଣ ସେ ମୟନାମତୀ ଆଶ୍ରମକୁ ଯାଇ ଠାକୁରଙ୍କ ପ୍ରସଙ୍ଗ ବ୍ୟତୀତ କାହା ସହିତ ବାଜେ ଆଳାପ କରେ ନାହିଁ । ବାଜେ ଆଲୋଚନାରେ ମଧ୍ୟ ଯୋଗଦାନ ବା ଆଗ୍ରହ ପ୍ରକାଶ କରେ ନାହିଁ । ଶିଷ୍ୟ-ଭକ୍ତଙ୍କର କେହି ପ୍ରଶଂସା କଲେ ଆନନ୍ଦରେ ପ୍ରାଣ ବିଗଳିତ ହୋଇ ଯାଏ । ଅନ୍ୟାନ୍ୟ କୁଶଳ । ସମସ୍ତେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୨୮)

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇଲି । ତୁମେ କେତେ ମାସ ଯାବତ୍ ନାନାପ୍ରକାର ରୋଗ ଭୋଗୁଅଛ, ଅଥଚ ଔଷଧାଦି ସେପରି ନିୟମିତ ବ୍ୟବହାର

କରୁ ନାହଁ, ଦୈବ ଉପରେ ନିର୍ଭର କରିବାକୁ ଅଭ୍ୟାସ କରୁଅଛ—ଆଲିପୁରର ଲୋକମାନେ ସେଥିପାଇଁ ଥଟ୍ଟା-ବିଦ୍ରୂପକରି ମୋ ନିକଟକୁ ମଝିରେ ମଝିରେ ପତ୍ର ଲେଖନ୍ତି । ତୁମର ପତ୍ରରୁ ମଧ୍ୟ ତାହାର ପ୍ରମାଣ ପାଇଲି । ମୁଁ ଜଗତରେ ଯେଉଁ ସାଧୁତ୍ୱର ପ୍ରତିଷ୍ଠା କରିବାକୁ ଚାହେଁ—ଶିଷ୍ୟ ତାହାର ଅନ୍ୟଥା ଚାହାନ୍ତି, ତେଣୁ ବଙ୍ଗଳା ଛାଡ଼ି ଆସାମର ଜଙ୍ଗଲକୁ ଚାଲି ଆସିଲି । ଦୈହିକ ବା ମାନସିକ ସୁଖର ସମ୍ଭାବନା ଥିଲେ ମୁଁ ତ୍ୟାଗ-ବୈରାଗ୍ୟ ପ୍ରଚାର କରି ନ ଥାନ୍ତି—ବିଚାରାଗଣଙ୍କୁ ସ୍ତ୍ରୀ-ପୁତ୍ର ଛଡ଼ାଇ ସନ୍ନ୍ୟାସୀର ମନ୍ତ୍ରରେ ଦୀକ୍ଷିତ କରି ନ ଥାନ୍ତି । ନିଜେ ମଧ୍ୟ ସ୍ତ୍ରୀ-ପୁତ୍ର ନେଇ ଗୋସ୍ୱାମୀମାନଙ୍କ ଭଳି ଗୁରୁ ସାଜି ଶିଷ୍ୟର ମଧ୍ୟ ଦେହ-ମନ-ପ୍ରାଣର କୁଶଳ ଚିନ୍ତା କରିଥାନ୍ତି । କ'ଣ ଆଉ ଲେଖିବି—ଉପଦେଶରେ ତ ରୋଗ ଆରୋଗ୍ୟ ହେବ ନାହିଁ ! କାରଣ ମୋ ଭିତରେ ଉପଦେଶର ଟୋକେଇ ଅଛି କିନ୍ତୁ ରୋଗ ଛାଡୁ ନାହିଁ । ଗୁରୁବେଟା ମତେ ଏତେ କୃପା କଲେ, ବିଶ୍ୱାସ-ଭକ୍ତି-ଜ୍ଞାନ ସବୁ ଦେଲେ, କିନ୍ତୁ ରୋଗ ଛଡ଼େଇ ପାରିଲେ ନାହିଁ । ସୁତରାଂ ତୁମ୍ଭମାନଙ୍କ ପାଇଁ ଆଉ ମୁଁ କ'ଣ କରିବି ? ମୋର ଯାହା ନାହିଁ, ତୁମ୍ଭେମାନେ ତାହା ପାଇବ କିପରି ? ବାପୁ ! ନାରୀବୁଦ୍ଧି ଛାଡ଼ି ପୁରୁଷକାରର ପଥରେ ଚାଲ, ରୋଗ ହେଲେ ଡାକ୍ତର କବିରାଜ ଦେଖାଅ, ଭଲ ନ ହେଲେ ପଡ଼ି ପଡ଼ି ଭଗବାନଙ୍କର ନାମ କର । ଲୋକହସା ହୁଅନାହିଁ, ମୋର ଆଲିପୁର ଯିବା ମଧ୍ୟ ବନ୍ଦ କର ନାହିଁ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୨୯)

ସାରସ୍ୱତ ମଠ
ଆଷାଢ଼ ୧୭ ଦିନ, ୧୩୨୧

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ବହୁଦିନ ପରେ ତୁମର ପତ୍ର ପାଇ ଅବଗତ ହେଲି । ଶରୀରଟା ଅବସନ୍ନ ଓ ଅସୁସ୍ଥ ହୋଇଅଛି, ସୁତରାଂ ସେଥିପାଇଁ ସୁଚିକିତ୍ସାର ପ୍ରୟୋଜନ । ରୋଗ ପ୍ରତି ଔଦାସ୍ୟ କରିବା କର୍ତ୍ତବ୍ୟ ନୁହେଁ । କାରଣ ତାହା ପରିଣାମରେ ଭୀଷଣାକାର ଧାରଣ କରି ପାରେ । ଭଗବାନଙ୍କଠାରେ ନିର୍ଭରତା ଭୁଲ ନାହିଁ । ସର୍ବାବସ୍ଥାରେ ତାଙ୍କୁ ସ୍ମରଣ ମନନ କର । ଦୁଇଦିନ ପାଇଁ ସଂସାରକୁ ଆସି ଅସଲ କଥା ଭୁଲି ଯାଅ ନାହିଁ । ମୁଁ ସମ୍ଭବତଃ ମାର୍ଗଶିର ମାସ ଭିତରେ ଉତ୍ତରବଙ୍ଗକୁ ଯିବି । ସେହି ସମୟରେ ତୁମେ ଦେଖା କରିବାକୁ ଚେଷ୍ଟା କର । ସୁବିଧା ଓ ସୁଯୋଗ ହେଲେ ତୋମାର ମଧ ଯାଇ ପାରେ । ଅତ୍ର ମଙ୍ଗଳ । ମୋର ବିଜୟାର ଆଶୀର୍ବାଦ ଜାଣିବ । ରାଣାଘାଟରୁ ଝିଅର ପତ୍ର ମଧ ପାଇଛି । ଇତି—

ଶୁଭାନୁଧାୟୀ—
ଶ୍ରୀନିଗମାନନ୍ଦ

(୩୦)

ଶାନ୍ତି ଆଶ୍ରମ
୨୨।୭।୧୯

କଲ୍ୟାଣବରେଷୁ—

ଆଜିକୁ କିଛିଦିନ ହେଲା ତୁମର ସ୍ତ୍ରୀର ଖଣ୍ଡିଏ ପତ୍ର ପାଇ ବିସ୍ତାରିତ ଅବଗତ ହୋଇଅଛି, କିନ୍ତୁ କାର୍ଯ୍ୟର ଝଞ୍ଝାଟରେ ଉତ୍ତର ଦେଇ ପାରି ନାହିଁ । ବିଶେଷ କ'ଣ ଯେ ଉତ୍ତର ଦେବି ତାହା ମଧ ଭାବି ପାରୁ ନାହିଁ । ଯାହା ହୁଏ, ହୋଇଅଛି, ହେଉଅଛି, ସବୁ ଭଗବାନଙ୍କ ଇଚ୍ଛାରେ ହିଁ ହୋଇଥାଏ । ସାଧୁର ଇଚ୍ଛା ମଧ ଭଗବାନଙ୍କ ଇଚ୍ଛା ସହିତ ସଂଯୁକ୍ତ । ସ୍ୱତନ୍ତ୍ର ଇଚ୍ଛା ଯାହାର, ସେ ଏବେ ମଧ ସାଧାରଣ ଶ୍ରେଣୀଭୁକ୍ତ । ସୁତରାଂ ଭଗବାନଙ୍କ ଇଚ୍ଛାରେ ଯାହା ହେଉଅଛି ସେଥିରେ ବ୍ୟସ୍ତ ହେଲେ ଚଳିବ କିପରି ? ତାଙ୍କ ଉପରେ ନିର୍ଭର କରି ବସିଥାଅ ; ବ୍ରହ୍ମାଣ୍ଡଯାକର ଲୋକ କାନରେ ହଇ ଚଇ କରିଲେ ମଧ ତାଙ୍କର ମଙ୍ଗଳ ଇଚ୍ଛାରେ ବ୍ୟତିକ୍ରମ ହେବ ନାହିଁ । କିଏ ତାହା ରୋଧ କରିବ ? ରକ୍ତସ୍ରାବ ହେଉ ବା ନ ହେଉ, ଗର୍ଭଲକ୍ଷଣ ବୁଝିପାରିଲେ ଭଗବାନଙ୍କ ଉପରେ ନିର୍ଭର କରି ବସି ଥାଅ—ବିଶ୍ୱାସବଳରେ ନିଶ୍ଚିନ୍ତ ହୁଅ । ଆଉ ଯଦି ଗର୍ଭ ହୋଇଥାଏ ତେବେ କଥା ହିଁ ନାହିଁ । ତେବେ ବିପଦଟା ଯେ କ'ଣ ବୁଝି ପାରିଲି ନାହିଁ । ଗର୍ଭ ହୋଇ ଯଥା-ସମୟରେ ସନ୍ତାନ ନ ହେଲେ ବିପଦ ସତ, ତେବେ ଯେଉଁମାନଙ୍କର ଭଗବାନଙ୍କ କୃପା ଉପରେ ସନ୍ତାନ-କାମନା ନିର୍ଭର କରେ, ସେମାନେ ସାମାନ୍ୟ କାରଣରେ ଅସ୍ଥିର ବା ଚଞ୍ଚଳ ହେଲେ ଚଳିବ କିପରି ? ସୁତରାଂ ଏପରି ଅବସ୍ଥାରେ ଚିକିତ୍ସକଙ୍କର ପରାମର୍ଶ ଗ୍ରହଣ କରିବା ଉଚିତ । ସେମାନେ ଯେପରି କହିବେ କର । ସେମାନେ

ପରୀକ୍ଷା କରି ସବୁ ବ୍ୟାପାର ବୁଝି ପାରିବେ । ଏ ସମ୍ବନ୍ଧରେ ମତେ ପୁନଃପୁନଃ ଚିଠି ଲେଖିଲେ କ'ଣ ହେବ ?

ନିର୍ଭର ଅର୍ଥ କ'ଣ ଜାଣ ? ଜଣଙ୍କ ଉପରେ ଭାର ଦେଇ ନିଶ୍ଚିନ୍ତରେ ବସି ରହିବା । ମୁଁ ତୁମ୍ଭମାନଙ୍କର ପୁନଃପୁନଃ ଚିଠି ପାଇ ଏହି ସିଦ୍ଧାନ୍ତରେ ଉପନୀତ ହୋଇଅଛି ଯେ, ମୋ ଉପରେ ନିର୍ଭର କରି ହିଁ ତୁମ୍ଭେମାନେ ବିପଦଗ୍ରସ୍ତ ହୋଇଅଛ । ମୁଁ କିନ୍ତୁ ଭଗବାନଙ୍କ ବ୍ୟତୀତ କୌଣସି ତୁଚ୍ଛ ମନୁଷ୍ୟ ଉପରେ ନିର୍ଭର କରିବାକୁ କାହାରିକୁ ପରାମର୍ଶ ଦିଏ ନାହିଁ । ମୁଁ ସରଳ ଅନ୍ତଃକରଣରେ କହୁଛି ତୁମ୍ଭେମାନେ ବିଜ୍ଞଲୋକ ଓ ସୁଚିକିତ୍ସକଙ୍କର ପରାମର୍ଶ ଅନୁସାରେ କାର୍ଯ୍ୟକର । ମୁଁ କୌଣସି ପରାମର୍ଶ ଦେବାକୁ ସମ୍ମତ ନୁହେଁ । କାରଣ ଗୁରୁ ମତେ ବିଶ୍ୱାସ ଓ ନିର୍ଭରତା ବ୍ୟତୀତ ଆଉ କିଛି ଶିଖାଇ ନାହାନ୍ତି । ଯେଉଁମାନେ କିଛି ଚାହାନ୍ତି ନାହିଁ—ଏପରି କି ସ୍ତ୍ରୀ-ପୁତ୍ରାଦି ଛାଡ଼ି ମତେ ଆଶ୍ରୟ କରିଛନ୍ତି, ହାୟ ! ମୁଁ ସେମାନଙ୍କର କୌଣସି ଉପକାର କରି ପାରିଲି ନାହିଁ ! ମୋ ଭଳି ଶକ୍ତିହୀନ ସାଧୁର ସମାଜରେ ବାସ ବିଡ଼ମ୍ବନା ମାତ୍ର । ମୁଁ ଆଶୀର୍ବାଦ କରୁଛି, ତୁମ୍ଭମାନଙ୍କର ସର୍ବପ୍ରକାର ମଙ୍ଗଳ ହେଉ, ଏହା ବ୍ୟତୀତ କୌଣସି ଶକ୍ତି ସମ୍ବଳ ନାହିଁ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

ପ୍ରଃ—ମୁଁ ସନ୍ନ୍ୟାସୀ ହୋଇ ମଧ୍ୟ ଅବଗତ ଅଛି, ୧୩।୧୪ ମାସରେ ଏପରି କି ଦେଢ଼ ବର୍ଷରେ ମଧ୍ୟ ସନ୍ତାନ ପ୍ରସୂତ ହୋଇଅଛି । ସଂସାରୀ ଲୋକ ହୋଇ କେହି କ'ଣ ତାହା ଶୁଣି ନାହିଁ ?

(୩୧)

ଶାନ୍ତି ଆଶ୍ରମ

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ବହୁଦିନ ପରେ ତୁମର ପତ୍ର ପାଇ ଅବଗତ ହେଲି । ମୁଁ ପତ୍ର ନ ଲେଖିଲେ ମଧ୍ୟ ତୁମ୍ଭମାନଙ୍କୁ ଭୁଲି ନାହିଁ । ସର୍ବଦା ତୁମ୍ଭମାନଙ୍କର ମଙ୍ଗଳ କାମନା କରିଥାଏ । ମୁଁ ଯେତେ ଦୂରରେ ଅବସ୍ଥିତି କରେ ନା କାହିଁକି, ତୁମ୍ଭେମାନେ କେବେ ମୋର ସ୍ନେହରୁ ଦୂରରେ ରହିବ ନାହିଁ । ସଂସାରରେ ଜୀବର ସ୍ୱତନ୍ତ୍ରତା କେଉଁଠି ? ସର୍ବସ୍ୱ ଅର୍ଥାତ୍ ଭଲ-ମନ୍ଦ, ସୁଖ-ଦୁଃଖ ସବୁ ତାଙ୍କର ଚରଣରେ ଅର୍ପଣ କର, ସର୍ବାବସ୍ଥାରେ ତାଙ୍କୁ ସ୍ମରଣ କର, ନିୟତ ତାଙ୍କର ଜୟ ଉଚ୍ଚାରଣ କର, ତାହା ହେଲେ ହିଁ ମାନବଜୀବନ ଧନ୍ୟ ହେବ । ବିନ୍ଦୁମାତ୍ର ଅହଂ-ଅଭିମାନବଶତଃ ମୋହପ୍ରାପ୍ତ ହୋଇ "ମୁଁ" "ମୋର" କରି ଜାବୁଡ଼ି ଧର ନାହିଁ । "ତୁମେ" "ତୁମର" ଏହି ମୂଳମନ୍ତ୍ର ଭୁଲ ନାହିଁ । ପ୍ରାଣଖୋଲି ଅକପଟ ଚିତ୍ତରେ ପ୍ରାର୍ଥନା କର, ସେ ସବୁ ଭାର ନେବେ । ଅତ୍ର ମଙ୍ଗଳ । ମୁଁ ୪।୫ ଦିନ ଭିତରେ ମୁର୍ଶିଦାବାଦ ଯିବି, ଫେରିବା ସମୟରେ ଢାକା ହୋଇ ଆସିପାରେ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୩୨)

ଶାନ୍ତି ଆଶ୍ରମ
୨୯।୮।୧୬

ସ୍ନେହର ଧୀ—,

ତୁମର ପତ୍ରଖଣ୍ଡିକ ଯଥାସମୟରେ ପାଇ ଅବଗତ ଅଛି—କିନ୍ତୁ ନାନା କାରଣରୁ ଉତ୍ତର ଦେଇ ପାରି ନାହିଁ । ସମ୍ପ୍ରତି ଅଜୟ ଓ ଦାମୋଦର ନଦୀର ବନ୍ୟାରେ ପଶ୍ଚମବଙ୍ଗର ପ୍ରାୟ ଅର୍ଦ୍ଧେକ ଲୋକ ଗୃହାନ୍ନଶୂନ୍ୟ, ତଦୁପରି ନିଉମୋନିଆ ଓ କଲେରା ପ୍ରଭୃତି ରୋଗର ପ୍ରକୋପ । ତେଣୁ ଶ୍ରୀଗୌରାଙ୍ଗ ଅନାଥ-ନିକେତନର ଡାକ୍ତର ଓ ସେବକଗଣଙ୍କୁ ନେଇ ଆଶ୍ରମର ମ୍ୟାନେଜର ସେଠାକୁ ଯାଇଛନ୍ତି । ଆର୍ତ୍ତସେବାରେ ବହୁ ଅର୍ଥ ବ୍ୟୟ ହେଉଅଛି । ଆଶ୍ରମର ଯେଉଁକାର୍ଯ୍ୟ ୩ ଜଣ ସମ୍ପାଦନ କରୁଥିଲେ, ମତେ ମାତ୍ର ଜଣେ ସେବକ ଦ୍ୱାରା ତାହା ସମ୍ପନ୍ନ କରିବାକୁ ପଡୁଅଛି । ଏକଦଣ୍ଡ ଅବକାଶ ନାହିଁ । ମନ-ପ୍ରାଣ ବର୍ଦ୍ଧମାନରେ ପଡ଼ିଅଛି । ତେଣୁ ଏହି ପତ୍ରରେ ବିଶେଷ କିଛି ଲେଖି ପାରିଲି ନାହିଁ । ସମୟାନୁସାରେ ସବିଶେଷ ଜଣାଇବି ।

ମୁଁ ତୁମକୁ ଯେଉଁ କାର୍ଯ୍ୟ ଦେଇଛି ସେଥିରେ ପ୍ରାଣାୟାମ କରିବାର ବିଧି ନାହିଁ, ସୁତରାଂ ତୁମର ଏସବୁ କରିବାର ପ୍ରୟୋଜନ ନାହିଁ । ତୁମେ କେବଳ ଧ୍ୟାନ ଓ ଜପ କରିବ । ତତ୍‌ପରେ ପୁନରାୟ ସାକ୍ଷାତ ହେଲେ—ତୁମେ ସୁବିଧା ସୁଯୋଗ ଦେଖି ଏଠାକୁ ଥରେ ଆସିଲେ ଅନ୍ୟାନ୍ୟ ବିଷୟ ସମ୍ବନ୍ଧରେ ଉପଦେଶ ଦେବି । କେବଳ କେତେଗୁଡ଼ିଏ କର୍ମାନୁଷ୍ଠାନ ଦ୍ୱାରା ଜୀବନର ପୂର୍ଣ୍ଣତ୍ୱ ଲାଭ ହୁଏ ନାହିଁ । ଭଗବାନଙ୍କଠାରେ ଆତ୍ମନିର୍ଭର କରିବାକୁ ଅଭ୍ୟାସ କର । ସର୍ବସ୍ୱ

ତାଙ୍କଠାରେ ସମର୍ପଣ କରି ତାଙ୍କର ଶରଣାଗତ ହୋଇ ସୁଖ-ଦୁଃଖରେ, ରୋଗ-ଶୋକରେ, ସମ୍ପଦ-ବିପଦରେ ତାଙ୍କର ଜୟଗାନ କର, ନାମ ନେଇ ପଡ଼ି ରୁହ । ଆକୀଟ ବ୍ରହ୍ମ ପର୍ଯ୍ୟନ୍ତ ଏକମାତ୍ର ଭଗବାନଙ୍କର ବିକାଶ ଜାଣି ସର୍ବଭୂତର ହିତସାଧନରେ ଜୀବନ ଉତ୍ସର୍ଗ କର । ମାନବଜୀବନ ଧନ୍ୟ ହେବ, ପବିତ୍ର ଆନନ୍ଦର ଅଧିକାରୀ ହେବ । ମୁଁ ଭଲ ଅଛି । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୩୩)

ସାରସ୍ୱତ ମଠ

୧୦।୧୧।୨୫

କଲ୍ୟାଣୀୟାସୁ—

ପରମ ଶୁଭାଶୀରାସ୍ତାଶ୍ୱିଶେଷଃ—

ତୁମର ପତ୍ର ପାଇ ଆନନ୍ଦିତ ହେଲି । ମୁଁ କଲିକତା ଯିବି ଇଚ୍ଛା କରି ଢାକା ଗଲି । ସେଠାରେ ଜାଣି ପାରିଲି କଲିକତାରେ ଖୁବ୍ ଜ୍ୱର ହେଉଛି, କଲେଜାଦି ବନ୍ଦ, ସେବକଗଣ ଅଧିକାଂଶ କଲିକତାରେ ଅନୁପସ୍ଥିତ । ତେଣୁ ଆଉ କଲିକତା ଗଲି ନାହିଁ । ବଙ୍ଗଳାଦେଶ ବୁଲି ମାଘ ୧୨ଶ ଦିବସରେ ଆଶ୍ରମକୁ ଫେରି ଆସିଛି । ପୁଣି ସୁବିଧାନୁସାରେ ଯିବାକୁ ଚେଷ୍ଟା କରିବି ।

ତୁମ୍ଭମାନଙ୍କ ହୃଦୟରେ ମୋର ଆସନ । ସୁତରାଂ ତୁମ୍ଭମାନଙ୍କର ନୂତନ ଘରେ ତୁମ୍ଭେମାନେ ବାସ କଲେ ହିଁ ମୋର ବାସ କରିବା ହେଲା । ମତେ

ପ୍ରତ୍ୟକ୍ଷ ମନେ କରି ହିଁ ସଂସାର କରିବ । ସୁଖରେ-ଦୁଃଖରେ, ରୋଗରେ-ଶୋକରେ, ସମ୍ପଦରେ-ବିପଦରେ ମାଙ୍କର ନାମ ଭୁଲ ନାହିଁ । ଏହି ସଂସାରରେ କେହି ନିରୁଦ୍‌ବେଗରେ ନିଶ୍ଚିନ୍ତରେ ବାସ କରି ପାରେ ନାହିଁ—ଯେତେ ବଡ଼ କ୍ଷମତାଶାଳୀ ହେଉ ନା କାହିଁକି । କେବଳ ଭଗବଚ୍ଚରଣରେ ନିର୍ଭରଶୀଳ ବିଶ୍ୱାସୀ ଭକ୍ତ, ଦୀନହୀନ ହେଲେ ମଧ୍ୟ ସୁଖରେ-ଦୁଃଖରେ ମଧ୍ୟ ଶାନ୍ତିରେ କାଳଯାପନ କରେ । ଆଶୀର୍ବାଦ କରୁଛି ତୁମ୍ଭମାନଙ୍କର ମଧ୍ୟ ସେହିପରି ବିଶ୍ୱାସରେ ଦୃଢ଼ତା ଓ ନିର୍ଭରତା ପ୍ରତିଷ୍ଠିତ ହେଉ । ଏଠାରେ ମଙ୍ଗଳ । ଦେଶର ଅବସ୍ଥା ଖୁବ୍ ଶୋଚନୀୟ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୩୪)

ସାରସ୍ୱତ ମଠ

ଆଷାଢ଼ ୫ ଦିନ, ୧୩୨୨

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ଅବଗତ ହେଲି । ମୁଁ ପ୍ରାୟ ୬ ମାସ ପରେ ଗତ ବୈଶାଖ ୨୫ଶ ଦିବସରେ ଆଶ୍ରମକୁ ଆସିଅଛି । ଉତ୍ସବ ପରେ ଆଶ୍ରମର ସେବକଗଣଙ୍କ ମଧ୍ୟରୁ ଅନେକ ଜ୍ୱରରେ ଶଯ୍ୟାଶାୟୀ ହୋଇଥିଲେ, ଏବେ ମଧ୍ୟ ସ୍ୱ— ପ୍ରଭୃତି ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇ ନାହାନ୍ତି । ତଦୁପରି ଏକମାସ ଯାବତ୍ ଅତ୍ୟଧିକ ବର୍ଷଣ ହେତୁ ଚାରିଦିଗ ଭାସି ଯାଇଛି । ନାନା ଅସୁବିଧା ଏବଂ କାର୍ଯ୍ୟରେ ବିଶେଷ ବିଶୃଙ୍ଖଳା ହୋଇଅଛି । ଅନ୍ୟାନ୍ୟ କୁଶଳ ।

ତୁମେ ସର୍ଭେ ସ୍କୁଲରେ କ'ଣ କରୁଅଛ ଲେଖିନାହିଁ । ଯାହା ବି କର ନିଜ ଲକ୍ଷ୍ୟଚ୍ୟୁତ ହୁଅ ନାହିଁ । ସଂସାରରେ ଦୁଇଦିନ ପାଇଁ ସୁଖ-ଦୁଃଖରେ କାତର ହୋଇ କର୍ତ୍ତବ୍ୟ ଭୁଲି ଯାଅ ନାହିଁ । କେତେ ଦିନର ସଂସାର ? ସୁଖ-ଦୁଃଖ ମାୟା ମରୀଚିକା ! ମୃତ୍ୟୁ-ଅନ୍ତେ ରାଜା ପ୍ରଜାର ଗୋଟିଏ ଗତି । ବରଂ ଭଗବାନଙ୍କର ପ୍ରଦତ୍ତ ସୁଖ-ଦୁଃଖ ବା କର୍ମଫଳରେ ବିଚଳିତ ନ ହୋଇ ତାଙ୍କ ଚରଣରେ ସବୁ ନିର୍ଭର କରି ସବୁ ଅବସ୍ଥାରେ ତାଙ୍କର ଜୟୋଚ୍ଚାରଣ କରି ଯାଇ ପାରିଲେ ଦିନେ ଚରମ ଶାନ୍ତି ଲାଭ କରି ପାରିବ ।

ସମ୍ବାଦାଦି ପାଇଁ ପ୍ରୟୋଜନ ହେଲେ ଚି— ପ୍ରଭୃତି ସେବକଗଣଙ୍କ ନିକଟକୁ ପତ୍ର ଲେଖି ଆଶ୍ରମର ମଙ୍ଗଳାମଙ୍ଗଳ ସମ୍ବାଦ ଅବଗତ ହେବ । କାରଣ ମୋର ସବୁ ସମୟରେ ପତ୍ର ଲେଖିବାର ସୁଯୋଗ ଓ ସୁବିଧା ଘଟେ ନାହିଁ । ତୁମେ ମୋର ଆଶୀର୍ବାଦ ଜାଣିବ ।

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୩୫)

ଶାନ୍ତି ଆଶ୍ରମ

୧୯।୧୨।୧୯

କଲ୍ୟାଣୀୟାସୁ—

ସ୍ନେହର ଯୋ—, ବହୁଦିନ ପରେ ତୁମର ପତ୍ରଖଣ୍ଡକ ପାଇ ବିସ୍ତାରିତ ଅବଗତ ହେଲି । କିନ୍ତୁ ତୁମକୁ କ'ଣ ଲେଖିବି ଭାବି ପାରୁ ନାହିଁ । ଲେଖିବାକୁ ବସିଲେ ସ୍ତବ୍ଧ ହୋଇ ଯାଉଛି । ହାୟ ! କି ଅଶୁଭକ୍ଷଣରେ ତୁମର ସହିତ ମୋର ଦେଖା ହୋଇଥିଲା, ତୁମେ ସାଂସାରିକ ଶାନ୍ତି ହରାଇଲ, ଅଥଚ

କୌଣସି ପ୍ରକାର ଆଧ୍ୟାତ୍ମିକ ଆନନ୍ଦ ତୁମକୁ ଦେଇ ପାରିଲି ନାହିଁ । ବାସ୍ତବିକ, ମୋ ଉପରେ ମୋର ଘୃଣା ହୁଏ, କାହାରି କୌଣସି ଉପକାର କରି ପାରିଲି ନାହିଁ । ଅଥଚ ଅନେକେ ହିଁ ଅଶାନ୍ତିର ଦାବାନଳରେ ଜଳି ମରୁଛନ୍ତି । କିନ୍ତୁ ଏହା ନିଶ୍ଚୟ ବୋଲି ଜାଣ—ସଂସାରର ଭୋଗବିଳାସରେ ତାଙ୍କୁ ଭୁଲି ରହିବା ଅପେକ୍ଷା ତାଙ୍କର ଅଭାବଜନିତ ଅଶାନ୍ତି ଶତଗୁଣରେ ଶ୍ରେୟଃ । ସେ କାହାକୁ କେଉଁ ଭାବରେ ଦୟା କରନ୍ତି, କାହାକୁ କେଉଁ ପଥରେ ନିଜର କୋଳକୁ ଟାଣି ନିଅନ୍ତି, ତାହା ସାଧାରଣ ମାନବ-ବୁଦ୍ଧିର ଅତୀତ । ବର୍ତ୍ତମାନ ବିପଦରେ-ଆପଦରେ ଅଶାନ୍ତି-ଉଦ୍‌ବେଗରେ କିମ୍ବା ଶୋକରେ-ଦୁଃଖରେ ତାଙ୍କର ଦୟାମୟ ନାମରେ ଯେପରି ସନ୍ଦେହ ନ ଆସେ । ଦୃଢ଼ତା ଓ ଧୈର୍ଯ୍ୟର ସହିତ ତାଙ୍କଉପରେ ନିର୍ଭର କଲେ ଦିନେ ଅବଶ୍ୟ ସେ ସବୁ ଭାର ନେବେ, ଅଭାବ ଦୂର କରି ଦେବେ । ବିଶ୍ୱାସ ହରାଅ ନାହିଁ, ତାଙ୍କୁ ଭୁଲ ନାହିଁ—ତାଙ୍କର ନାମ ନେଇ ପଡ଼ିଥାଅ । ମୋ ଉପରେ ବିଶ୍ୱାସ ଥିଲେ ଅବଶ୍ୟ ମୋର ଉପଦେଶାନୁସାରେ ଚଳିବ । ସାଧନା ଥିଲେ ସିଦ୍ଧି ଅବଶ୍ୟମ୍ଭାବୀ, ଭଗବାନ୍ ଅବଶ୍ୟ ତୁମର ମନୋବାଞ୍ଛା ପୂର୍ଣ୍ଣ କରିବେ । * * *

ତୁମର ଅବୀରରେ ରଞ୍ଜିତ ହେଲି । ମୁଁ ଯେ ତୁମର ପ୍ରାଣର ଅନୁରାଗ-ରାଗରେ ସର୍ବଦା ରଞ୍ଜିତ ରହିଅଛି । ଏକମାତ୍ର ଶକ୍ତିର ହିଁ ସର୍ବତ୍ର ବିକାଶ, ସୁତରାଂ ତୁମର ଆନନ୍ଦମୟୀ ଲୀଳା ମୁଁ ପ୍ରତିକ୍ଷଣେ ହିଁ ଉପଲବ୍ଧି କରିଥାଏ । କନ୍ୟା ମା ଭିତରେ ଲୟ ହେଲେ ହିଁ ମୋର ହୃଦୟକୁ ଆସିବ, ସୁତରାଂ ମାଙ୍କୁ ଭୁଲ ନାହିଁ । ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୩୬)

ଶାନ୍ତି ଆଶ୍ରମ
କାର୍ତ୍ତିକ ୫ ଦିନ

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

* * * ତୁମର ଶରୀର ପ୍ରତି ଦୃଷ୍ଟି ରଖ । କିନ୍ତୁ ସେଥିପାଇଁ ଚିନ୍ତା କର ନାହିଁ । ଭଗବାନଙ୍କଠାରେ ନିର୍ଭର କରିବାକୁ ଶିକ୍ଷା କର । ମନୁଷ୍ୟ ଚେଷ୍ଟା ବା ଚିନ୍ତା ଦ୍ୱାରା ନିଜର କିଛି କରି ପାରେ ନାହିଁ । ସୁତରାଂ ବୃଥା ଚିନ୍ତା ନ କରି ସୁଖରେ-ଦୁଃଖରେ ତାଙ୍କର ଚରଣ ଚିନ୍ତା ଓ ତଦୀୟ ନାମର ଜୟ ଉଚ୍ଚାରଣ କରିଯାଅ । କେତେଦିନର ସଂସାର—କେତେଦିନର ଦେହ ? ଆଉ ମଙ୍ଗଳମୟଙ୍କ ଉପରେ ଭାରଦେଲେ ସେ ହିଁ ମଙ୍ଗଳ ବ୍ୟବସ୍ଥା କରିବେ । ଡାକ୍ତରଙ୍କ ଅସ୍ତ୍ର-ଚିକିତ୍ସାରେ ବାଧା ଦେଲେ କ୍ଷତ ଭଲ ହେବ କିପରି ? ଆଧ୍ୟାତ୍ମିକ ମଙ୍ଗଳ ପାଇଁ ସେ ତାଙ୍କର ଭକ୍ତକୁ ସାଂସାରିକ କଷ୍ଟ ଦେଇଥାନ୍ତି । ରୋଗ ବୁଝି ବ୍ୟବସ୍ଥା । କିନ୍ତୁ ସେ ମଙ୍ଗଳମୟ ଏକଥା ଭୁଲନା । ସେବକଗଣ ଅଦ୍ୟାପି ମଧ୍ୟ ଆସି ନାହିଁ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୩୭)

ଶାନ୍ତି ଆଶ୍ରମ
୧୭।୪।୨୦

ସ୍ନେହାସ୍ପଦାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ବହୁଦିନ ପରେ ତୁମର ଖଣ୍ଡିଏ ପତ୍ର ପାଇ ଅବଗତ ହେଲି । * * * ମୁଁ ରଙ୍ଗପୁରର ତିସ୍ତା ଷ୍ଟେସନରେ ବସି ମଧ ନବାବଗଞ୍ଜର ଲୋକଙ୍କ ନିକଟରୁ ତୁମର ଅନୁସନ୍ଧାନ କରିଅଛି । ତୁମକୁ ମୁଁ ଦିନକ ପାଇଁ ମଧ ଭୁଲି ନାହିଁ—ଅନ୍ତତଃ ତୁମର ନାମଟି ତୁମକୁ ଭୁଲିବାକୁ ଦେଇ ନାହିଁ । ତୁମେ ହର-ହୃଦକମଳର କମଳିନୀ, ସ୍ୱେଚ୍ଛାରେ ଗୃହସ୍ଥ ଘରେ ଆବଦ୍ଧା, ମୁଁ ତୁମକୁ ଖୋଜି ପାଇବି କିପରି ? କୌଣସି ଦିନ ହିଁ ମୋ ପକ୍ଷରେ ତାହା ସମ୍ଭବପର ନୁହେଁ । ସୁତରାଂ ତୁମକୁ ହିଁ ମୋ ନିକଟକୁ ଆସିବାକୁ ପଡ଼ିବ । ଭଗବାନ୍ ଯେତେଦିନ ପର୍ଯ୍ୟନ୍ତ ସେହି ସୁଯୋଗ ନ ଦିଅନ୍ତି, ସେତେଦିନ ପର୍ଯ୍ୟନ୍ତ ତାଙ୍କଉପରେ ନିର୍ଭର କରି ତାଙ୍କର ନାମ ନେଇ ବସି ଥାଅ । ସେ ନିରୁପାୟର ଉପାୟ, ସବୁ ଉପାୟ କରି ଦେବେ । ତୁମକୁ ମୋର ଦେଖିବାକୁ ଇଚ୍ଛା ଥିଲେ ମଧ ଇଚ୍ଛାମୟୀଙ୍କ ଇଚ୍ଛା ଉପରେ ସେହି ଇଚ୍ଛା ନିର୍ଭର କରି ବସିଅଛି । ବିଶ୍ୱାସ ରଖ ସେ ବାଞ୍ଛାକଳ୍ପତରୁ, ଅବଶ୍ୟ ତୁମର ମନୋବାଞ୍ଛା ପୂର୍ଣ୍ଣ କରିବେ । ମୁଁ ତୁମକୁ ନ ଦେଖି ବା ତୁମର ମନର କଥା ନ ଶୁଣି କୌଣସି ଉପଦେଶ ବା ସାଧନପନ୍ଥାର ବ୍ୟବସ୍ଥା କରି ପାରିବି ନାହିଁ । ସୁତରାଂ ସୁବିଧା ଓ ସୁଯୋଗ ଅନୁସାରେ ମୋ ସଙ୍ଗେ ଥରେ ସାକ୍ଷାତ୍ କରିବାକୁ ଚେଷ୍ଟା କରିବ ।

ମୁଁ ପୂଜା ପରେ ପୁଣି ରଙ୍ଗପୁର ଅଞ୍ଚଳକୁ ଯିବି । ପାରିବ ଯଦି ସେହି ସମୟରେ ମୋ ସହିତ ଦେଖା କର । ଆଶୀର୍ବାଦ କରୁଛି ତୁମେ ସର୍ବାନ୍ତଃକରଣରେ ଭଗବାନଙ୍କଠାରେ ଅନୁରକ୍ତା ହୁଅ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୩୮)

ଶାନ୍ତି ଆଶ୍ରମ

୪।୧୨।୧୯

କଲ୍ୟାଣୀୟାସୁ—

* * * ମୁଁ ପତ୍ର ଲେଖି ନ ପାରିଲେ ମଧ ତୁମ୍ଭମାନଙ୍କୁ ଭୁଲି ନାହିଁ,ଏହି ବିଶ୍ୱାସ ରଖ ।—ଭଗବାନଙ୍କଠାରେ ସମ୍ପୂର୍ଣ୍ଣ ନିର୍ଭର କରିବାକୁ ଅଭ୍ୟାସ କର । ସୁଖରେ-ଦୁଃଖରେ, ବିପଦରେ-ସମ୍ପଦରେ ତାଙ୍କର ଜୟ ଉଚ୍ଚାରଣ କରିବା ହିଁ ମାନବଜୀବନର ସିଦ୍ଧି । ନତୁବା ସବୁ ମିଥ୍ୟା, ଦୁଇଦିନର ସଂସାରର ଖେଳ ; ଆଦ୍ୟନ୍ତ ସବୁ ମିଥ୍ୟା, ମଝିରେ ଦୁଇଦିନର ସଂସାରରେ ମାୟାର ଅଭିନୟ । ଯେ ନିତ୍ୟ ସତ୍ୟ ସୁଖ-ଶାନ୍ତିର ଆଧାର, ତାଙ୍କର ଶରଣାପନ୍ନ ହୁଅ, ତାଙ୍କୁ ସର୍ବସ୍ୱ ବୋଲି ଜାଣ, ଜୀବନ ମଧୁମୟ ହେବ, ଉଦ୍‌ବେଗ ଅଶାନ୍ତି ଦୂରକୁ ଯିବ । ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୩୯)

ନୀଳାଚଳ କୁଟୀର (ପୁରୀ)
୪।୧୧।୩୮

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ଯଥାସମୟରେ ପାଇ ସମସ୍ତ ବିଷୟ ଅବଗତ ହେଲି । କେବଳ ତୁମର ବା ତୁମ୍ଭମାନଙ୍କ ଗ୍ରାମର ନୁହେଁ, ଅର୍ଥାଭାବରୁ ସର୍ବତ୍ର ହାହାକାର ପଡ଼ିଅଛି । ଆମ୍ଭେମାନେ ସେହି ଧକ୍କା ସର୍ବାପେକ୍ଷା ବେଶୀ ଅନୁଭବ କରୁଅଛୁ । କାରଣ ପାଞ୍ଚଜଣ ଆମ୍ଭମାନଙ୍କର ପ୍ରତିପାଳନ କରୁଛନ୍ତି । ଯାହା ହେଉ, ଯାହା ସର୍ବବ୍ୟାପୀ ଓ ଅବଶ୍ୟମ୍ଭାବୀ, ତାହା ପାଇଁ ହା-ହତାଶ କଲେ କ'ଣ ହେବ ? ଭଗବାନ୍ ଯେତେବେଳେ ଯେପରି ରଖିବେ, ତଦନୁରୂପ ରହିବାକୁ ଏବଂ ନିଜର ପରିବାରବର୍ଗଙ୍କୁ ସେହିପରି ଗଠିତ କରିବାକୁ ପଡ଼ିବ । ସବୁ ଭଗବାନଙ୍କର ଦାନ ଭାବି ଆନନ୍ଦରେ ମୁଣ୍ଡପାତି ନେବାକୁ ହେବ । ଅନର୍ଥକ ଭାବି ଚିନ୍ତାକରି ମନ ଖରାପ କର ନାହିଁ । ଭକ୍ତଗଣଙ୍କୁ ପରୀକ୍ଷାରେ ପକାଇ ସେ ପକ୍କା କରି ନେଇଥାନ୍ତି । ଅନେକ ସମୟରେ ବିପଦ ସମ୍ପଦର ହିଁ ନିଦାନ ହୁଏ । ସର୍ବାବସ୍ଥାରେ ତାଙ୍କ ଉପରେ ନିର୍ଭର କରି ତାଙ୍କର ନାମ କର, ତାଙ୍କର ଜୟ ଉଚ୍ଚାରଣ କର । ସେ ମଙ୍ଗଳମୟ, ହାତ ଧରି ମଙ୍ଗଳ ପଥରେ ନେଇଯିବେ । ବିପଦରେ-ଆପଦରେ ଲକ୍ଷ୍ୟଚ୍ୟୁତ ହୁଅ ନାହିଁ । ପ୍ର—ମଠକୁ ଯାଇ ଆସନ-ଘରର କାର୍ଯ୍ୟ ଆରମ୍ଭ କରି ଦେଇଛି । ମୋ ପାଖରେ ମଠର ଯେଉଁ ଟଙ୍କା ଥିଲା ପଠେଇ ଦେଇଛି । ତୁମେ ଏଠାକୁ ପ୍ରତିଶ୍ରୁତ ଟଙ୍କା ପଠାଅ । ମୁଁ ଏକପ୍ରକାର ଭଲ ଅଛି, ବାତ ବୋଧହୁଏ

ଅଚଳ କରି ଦେବ । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ସମସ୍ତେ ମୋର ସ୍ନେହାଶୀର୍ବାଦ ଜାଣିବ ଓ ଭକ୍ତମାନଙ୍କୁ ଜଣାଇବ । ଇତି—

ଶ୍ରୀମାନ୍ ବି—, ଅତ୍ର ପତ୍ରରେ ମୋର ଆଶୀର୍ବାଦ ଜାଣିବ । ତୁମର ପତ୍ର ଓ ପ୍ରେରିତ ୮ଟଙ୍କା ପାଇଅଛି । ତୁମର ଲିଖିତ ବହିଖଣ୍ଡିକ ମତେ ତ ଭଲ ଲାଗିଛି । ଲେଖିବାର ପ୍ରଣାଳୀ ମଧ୍ୟ ନୂତନ ଅଟେ । ତେବେ ଅନ୍ୟମାନଙ୍କୁ କିପରି ଲାଗିବ ଜାଣିନାହିଁ । କିନ୍ତୁ ଛପା ଓ କାଗଜ ଅତ୍ୟନ୍ତ ଖରାପ ହୋଇଅଛି । ବହି ବିକ୍ରୟ ହେଲେ ତୁମର ଖର୍ଚ୍ଚ ଟଙ୍କା ତୁମେ କାଟିନିଅ । ଚେଷ୍ଟା କଲେ ବହି ବିକ୍ରୟ ହେବ ବୋଲି ଆଶା କରାଯାଏ । ବହି ସମ୍ବନ୍ଧରେ ଅନ୍ୟାନ୍ୟ କଥା ସାକ୍ଷାତରେ କହିବି । ନ— ମତେ ଖଣ୍ଡିଏ ଚିଠି ଲେଖିଥିଲା, ପାଠ କରି ସନ୍ତୁଷ୍ଟ ହୋଇଛି । ତାର ଯେତେବେଳେ ବିବାହ କରିବାର ଇଚ୍ଛା ଅଛି, ସେତେବେଳେ ବିବାହ କରିଦେବା ହିଁ କର୍ତ୍ତବ୍ୟ । କିନ୍ତୁ ପରିବାର ପ୍ରତିପାଳନ କରିବ କିପରି ? ପ୍ରାରବ୍ଧ କେହି ରୋଧ କରି ପାରିବେ ନାହିଁ । ବିବାହ ନ କରିଥିଲେ ମୁଁ ତାର ଭାର ନେବାକୁ ପ୍ରସ୍ତୁତ ଥିଲି । କିନ୍ତୁ ପ୍ରାରବ୍ଧ ତାକୁ ନିଜ ପଥରେ ନେଇଗଲା ।

ଆଶୀର୍ବାଦକ—

"ଠାକୁର"

(୪୦)

ଶାନ୍ତି ଆଶ୍ରମ
୨୨।୯।୧୪

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ବିସ୍ତାରିତ ଅବଗତ ଅଛି । ତୁମେ କେଉଁଠି ବି ଚାକିରୀର ସୁବିଧା କରି ପାରି ନାହିଁ ଜାଣି ଚିନ୍ତିତ ରହିଲି । ଚେଷ୍ଟା କର, ଅବଶ୍ୟ ସୁଫଳ ପାଇବ ।

ବତ୍ସ ! ମୁଁ ଯେତେବେଳେ ତୁମକୁ ଶିଷ୍ୟ ବୋଲି ଗ୍ରହଣ କରିଅଛି, ସେତେବେଳେ ମୁଁ ଯେଉଁଠାରେ ରହେ ନା କାହିଁକି, ସର୍ବଦା ତୁମର ମଙ୍ଗଳ ଚିନ୍ତା କରିବି । କୌଣସି ଅବସ୍ଥାରେ ବିଶ୍ୱାସ ହରାଅ ନାହିଁ । ଯେତେବେଳେ ଯେଉଁ ଅବସ୍ଥାରେ ରୁହ—ସୁଖରେ-ଦୁଃଖରେ, ବିପଦରେ-ସମ୍ପଦରେ ଭଗବାନଙ୍କର ନାମ ଭୁଲ ନାହିଁ । ନାନାପ୍ରକାର ଅବସ୍ଥା ଭିତର ଦେଇ ସେ ଜୀବକୁ ମଙ୍ଗଳ ପଥରେ ନେଇଯାନ୍ତି । ସୁତରାଂ ସାଂସାରିକ ସୁଖ-ଦୁଃଖରେ ଚଞ୍ଚଳ ହୁଅନାହିଁ । ତାଙ୍କଠାରେ ସମ୍ପୂର୍ଣ୍ଣ ନିର୍ଭର କର । ମନେ ରଖ ତୁମର ଭାର ଭଗବାନ୍ ନେଇଛନ୍ତି । ସୁତରାଂ ତୁମର ଚିନ୍ତା କରିବାର କିଛି ନାହିଁ । କେବଳ କର୍ତ୍ତବ୍ୟ ସମ୍ପାଦନ କର ଏବଂ ସର୍ବାବସ୍ଥାରେ ତାଙ୍କର ନାମ ଗାନ କର । ସର୍ବଦା ସୁଖରେ-ଦୁଃଖରେ ତାଙ୍କର ଜୟ ଉଚ୍ଚାରଣ କର । ଜୀବର ଏତଦପେକ୍ଷା ପୁରୁଷାର୍ଥ ନାହିଁ । ଯେତେବେଳେ ଯେଉଁ ଅଭାବ ବା ଦୁର୍ବଳତା ଅନୁଭବ କରିବ, କାୟମନୋପ୍ରାଣରେ ସରଳ ଭାବରେ ତାଙ୍କ ଚରଣରେ ପ୍ରାର୍ଥନା କର—ସଦ୍ୟ ସଦ୍ୟ ଫଳ ଲାଭ କରି ପାରବ । ସର୍ବଦା ଆନନ୍ଦରେ ରହିବ । ଅତ୍ର ମଙ୍ଗଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୪୧)

ଶାନ୍ତି ଆଶ୍ରମ
୧୫।୧୧।୧୨

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇଛି । ମୁଁ ଜାଣେ ତୁମ୍ଭମାନଙ୍କ ଉପରେ ଭଗବାନଙ୍କର ଅପାର କରୁଣା ରହିଛି । ତାଙ୍କ ଦୟା ସାଂସାରିକ ହିସାବରେ ମାପ କରନା, ସ୍ତ୍ରୀ-ପୁତ୍ର ବା ବିଷୟ-ବିଭବ ସଙ୍ଗେ ତାଙ୍କର ଦୟାର ସମ୍ବନ୍ଧ ନାହିଁ । ପାଳନକର୍ତ୍ତା ବିଷ୍ଣୁଙ୍କର ଦୟା ହିଁ ସଂସାରରେ ବିଚାର୍ଯ୍ୟ । ଆଉ **ଭଗବାନଙ୍କର ଦୟା ବୁଦ୍ଧିରେ ପ୍ରକାଶିତ ହୁଏ । ଆତ୍ମଚରିତ୍ରରେ ତାଙ୍କର ଦୟାର ପ୍ରମାଣ ମିଳିଥାଏ ।** ସେ ଦୟା ତୁମ ଉପରେ ଅଛି ।

ବାଣଲିଙ୍ଗ ଯନ୍ତ୍ରବିଶେଷ । ସୁତରାଂ ସମସ୍ତ ଦେବତାଙ୍କର ସେଥିରେ ପୂଜା ହୁଏ । ତୁମେ ପ୍ରଥମେ ଶିବପୂଜା କରି ପରେ ଇଷ୍ଟଦେବତାଙ୍କର ପୂଜା କରି ପାର । ବହି ଦେଖି ନାରାୟଣଙ୍କର ପୂଜା କଲେ ଇଷ୍ଟପୂଜା ହୁଏ ନାହିଁ । ମନ୍ତ୍ରାନୁଯାୟୀ ପୂଜା ଭିନ୍ନ ଭିନ୍ନ । ଇଷ୍ଟଦେବଙ୍କର ପୂଜାର ପଦ୍ଧତି ମନ୍ତ୍ରାନୁଯାୟୀ ହେବା ପ୍ରୟୋଜନ । ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୪୨)

ଶାନ୍ତି ଆଶ୍ରମ
୧୮।୪।୨୦

ସ୍ନେହର ସ୍ୱ—,

ତୁମର ପତ୍ର ପାଇଲି ; ଯୋ—କୁ ଲିଖିତ ପତ୍ର ମଧ୍ୟ ସମସ୍ତ ପାଠ କଲି । ଯୋ— କାହାରିକୁ ବି ପତ୍ର ଲେଖେ ନାହିଁ । ତେବେ କେହି କୌଣସି ବିଷୟ ଜାଣିବାକୁ ଚାହିଁଲେ କାହାଦ୍ୱାରା ଉତ୍ତର ଲେଖାଇ ଦିଏ । ସୁତରାଂ ତୁମର ପତ୍ରର ଆଉ କି ଉତ୍ତର ଦିଆଇବ ? ଯୋ—ର ନିଜର କିଛି ନାହିଁ, ତାର ସବୁ ଠାକୁର ; ସୁତରାଂ ଠାକୁରଙ୍କୁ ଭଲପାଇ କେହି ଯଦି ତାକୁ ପଦାଘାତ କରେ, ତଥାପି ସେ ତାର ନିଜର ; ଆଉ ଠାକୁରଙ୍କୁ ଛାଡ଼ି କେହି ତାକୁ ଶତ ଆଦର କଲେ ମଧ୍ୟ ସେ ତାର କେହି ନୁହେଁ । ଜାଣେନା କେଉଁ କାରଣରୁ ତାର ବିଶ୍ୱାସ ଜନ୍ମିଛି,—'ତୁମର ପ୍ରାଣ ଠାକୁରମୟ ।' ତେଣୁ ପ୍ରାଣେ ପ୍ରାଣେ ତୁମକୁ ନିଜର ବୋଲି ମନେ କରେ, ଆପଣାର ଭଳି ଭଲପାଏ । ତେବେ କାହା ନିକଟରେ କୌଣସି କଥା ପ୍ରକାଶ କରିବା ତାର ସ୍ୱଭାବ-ବିରୁଦ୍ଧ । ମତେ ସେ ଅନେକ ସମୟରେ କହେ ଯେ, ଯେ ପ୍ରାଣ ଦେଇ ପ୍ରାଣ ବୁଝି ପାରେନା, ତାକୁ ମୁହଁର କଥାରେ କ'ଣ ବୁଝାଇବି ? ଆଉ ପ୍ରାଣର କଥା କ'ଣ ମୁହଁର ଭାଷାରେ ବାହାର ହୁଏ । ବିଶେଷତଃ ଯିଏ ଏବେ ମଧ୍ୟ ଠାକୁରଙ୍କୁ ଷୋହଳ ଅଣା ନ ବୁଝିଛି, ତା ନିକଟରେ ପ୍ରାଣର କଥା ଖୋଲା ପ୍ରଗଲ୍‌ଭତା ପ୍ରକାଶ ବୋଲି ତାର ଜ୍ଞାନ ହୋଇଅଛି । ସେ କହେ ଯେ—'ଠାକୁରଙ୍କର ନାରୀ-ଭକ୍ତଗଣଙ୍କ ମଧ୍ୟରେ ଏକମାତ୍ର ସ୍ୱ—ର ନିକଟରେ ଠାକୁରଙ୍କୁ ରଖି ସେ ନିଶ୍ଚିନ୍ତ ହୋଇ ପାରେ ।' ସୁତରାଂ ତାକୁ

ଆଉ ତୁମର ପତ୍ର କ'ଣ ଶୁଣାଇବି, କିମ୍ବା ତାର ପ୍ରଦତ୍ତ କି ଉତ୍ତର ଲେଖିବି ? ଆଉ ଯେ ଜଗଜ୍ଜନନୀ, ସେ ତ ତୁମର ରମଣୀସତ୍ତା ସର୍ବଦା ଆତ୍ମସତ୍ତାରେ ମିଳେଇ ନେବାକୁ ବ୍ୟାକୁଳ । ତୁମେ ନିଜକୁ ପୃଥକ୍ ରଖି ତ୍ରିତାପରେ ଜଳି ମରୁଅଛ । ବତ୍ସେ ! ନିଜକୁ ମାଙ୍କ ଭିତରେ ବୁଡ଼େଇ ଦିଅ, ତତ୍ପରେ ମାଙ୍କର ଦେହ-ଇନ୍ଦ୍ରିୟ ନେଇ ଠାକୁରଙ୍କ ନିକଟକୁ ଆସ । ମାଙ୍କର ସାଧନା ନ କଲେ କ'ଣ ନାରୀମାନେ ମାତୃତ୍ୱ ଲାଭ କରି ପାରିବେ ? ଆଉ ମାତୃତ୍ୱ ଲାଭ ନ କରି ଶୟତାନର ଉଚ୍ଛିଷ୍ଟ ଦେହ-ମନ ନେଇ କ'ଣ ଆଉ ଗୁରୁସେବା ଚଳେ ? ତେଣୁ ପଦେ ପଦେ ସନ୍ତୁଷ୍ଟି ସ୍ଥଳରେ ବିରକ୍ତି ବୋଧ କରୁଅଛ । ଗୁରୁପ୍ରେମ ସଖ୍ୟପ୍ରେମରେ ବଳି ଦେଇଛ, ଗୁରୁବାକ୍ୟ ସ୍ୱାମୀବାକ୍ୟରେ ଉଡ଼େଇ ଦେଇଛ, ଆଉ କ'ଣ ମାଙ୍କର ସ୍ନେହର ଆଶା କର ? ନାରୀ ଜାତିରେ ଜନ୍ମି ମାଙ୍କର ମର୍ଯ୍ୟାଦା ବୁଝି ନାହିଁ ? ମା କ'ଣ ବେଶ୍ୟା ?—ଯେଉଁ ମା ପିତାଙ୍କ ମୁଖରୁ ସ୍ୱାମୀ-ନିନ୍ଦା ଶୁଣି ଦେହତ୍ୟାଗ କରିଥିଲେ, ତାଙ୍କର ପତିବାକ୍ୟ ଅବଜ୍ଞାକରି ତାଙ୍କର କୋଳରେ ସ୍ଥାନ ପାଇବା ସମ୍ଭବ କି ?

—ତେବେ ଉପାୟ ?—

ଆଉ ମୁଁ ହିଁ ଗୁରୁରୂପେ ପୁଣି ଉପାୟ କରି ଦେଉଛି—ଗୁରୁବାକ୍ୟରେ ଅବଜ୍ଞା ମଧ୍ୟ ବୋଧହୁଏ ସେହି ମଙ୍ଗଳ ପାଇଁ ହୋଇଅଛି । ତୁମ ମୁଖରେ ଯେତେବେଳେ ଥରେ 'ମା' ଡାକ ଫୁଟିଅଛି, କାୟମନୋପ୍ରାଣରେ ତାହା ଆଉ ଛାଡ଼ ନାହିଁ । ଶିଶୁ ଭଳି ସରଳ ପ୍ରାଣରେ ମା ମା ବୋଲି ଡାକ, ଧୂଳିରେ ପଡ଼ି କାନ୍ଦ, ମାଙ୍କର ସ୍ୱଭାବରେ ଆତ୍ମାହୁତି ଦିଅ, ମା ତୁମର ସାରା ହୃଦୟ ପୂର୍ଣ୍ଣ କରି ଆବିର୍ଭୂତ ହେବେ । ସେତେବେଳେ ସବୁ ଶୃଙ୍ଖଳା ହେବ, ଚାରିଆଡ଼େ ସାମଞ୍ଜସ୍ୟ ଦେଖିବ । ବୁଦ୍ଧିର ବିକ୍ଷିପ୍ତ ଅବସ୍ଥା ଯାଇ

ସ୍ଥୈର୍ଯ୍ୟ ଏବଂ ଗାମ୍ଭୀର୍ଯ୍ୟ ଆସିବ, ଲଘୀୟସୀ ରମଣୀତ୍ୱ ସ୍ଥଳରେ ଗରୀୟସୀ ଜନନୀତ୍ୱ ଫୁଟି ଉଠିବ । ମୁଁ ତୁମକୁ ମାତୃମନ୍ତ୍ରରେ ଦୀକ୍ଷିତ କରିଅଛି, ଆଶା ମଧ୍ୟ ଥିଲା ତୁମ ଭିତରେ ମାଙ୍କର ଦର୍ଶନ ପାଇ ଗୁରୁଗିରିର ସାର୍ଥକତା କରିବି । କିନ୍ତୁ ମୁଁ ମାଙ୍କର ଆସନରେ ଏ ପର୍ଯ୍ୟନ୍ତ ଗୋଟିଏ ସ୍ୱାର୍ଥପର କ୍ଷୁଦ୍ର ରମଣୀକୁ ଦେଖି ଆସୁଅଛି, ଏ ଦୁଃଖ କ'ଣ କେହି ବୁଝିବେ ? ଏଥର ଏହି ଧକ୍କାରେ ଯଦି ସମ୍ଭାଳି ଉଠ । ତେଣୁ କହୁଛି—ମା ଡାକ ଯଦି ଧରିଛ, ପ୍ରାଣର ସହିତ ସୁର ବାନ୍ଧ, ଆଉ ବାବା ବାବା ବୋଲି ବେସୁରା ବଜାଅନା—କାନ ବଧିରପ୍ରାୟ ହେଉଅଛି । ତୁମର ଗୁରୁଦତ୍ତ ମନ୍ତ୍ର ମାତୃତ୍ୱ ବୋଲା, ବାବା କହିଲେ ଚୈତନ୍ୟ ହେବ କିପରି ? ପ୍ରଥମେ ମାତୃତ୍ୱ ଜଗାଅ, ତେବେ ବାବା ପାଇବ । ଅହଂକାରରେ ପଥ ହରାଇଥିଲ, ତେଣୁ ଗୁରୁଙ୍କର ଅନ୍ୟତର ମୂର୍ତ୍ତି ସ୍ୱାମୀଙ୍କ ଉପରେ ଅବିଶ୍ୱାସ ଜନ୍ମିଥିଲା, ଯଦି ସ୍ୱାମୀ ଚାହିଁଥାନ୍ତ ତାହାହେଲେ ସାମାନ୍ୟା ନାରୀଭାବରେ ତାହାର ସାଧନା ହୁଅନ୍ତା, ଯେତେବେଳେ ଗୁରୁରୂପେ ବାସନା ଜଗାଇଅଛ ସେତେବେଳେ ଶକ୍ତିସାଧନାରେ ଶକ୍ତିତ୍ୱ ମାତୃସାଧନାରେ ମାତୃତ୍ୱ ଲାଭ କର—ସବୁ ଠିକ୍ ହୋଇ ଯିବ । ସେହି ଚକ୍ଷୁରେ ମତେ ଦେଖିବାକୁ ପାଇବ ନାହିଁ, ମାଙ୍କର ଚକ୍ଷୁ ଦେଇ ଦେଖିବାକୁ ପଡ଼ିବ । ବୋଧହୁଏ ତୁମର ଭାବର ପଥ ବୁଝିଅଛ, ବିଶେଷ ଭାବରେ ବୁଝିବାକୁ ହେଲେ ମୋ ନିକଟକୁ ଆସ । ଯୋ—ର ମଧ୍ୟ ଇଚ୍ଛା ଥରେ ଆଶ୍ରମ ଆସି ଦେଖି ଯାଅ । କାରଣ ଯେଉଁ ଭକ୍ତ ଠାକୁରଙ୍କୁ ଚାହେଁ, ଏଇଟା ଯେ ତାର ନିଜର ଘର ! ନିଜ ଘରକୁ ଆସିବ ନାହିଁ ? ଅତ୍ର ମଙ୍ଗଳ ! ଭକ୍ତବୃନ୍ଦଙ୍କୁ ମୋର ଆଶୀର୍ବାଦ ଜଣାଇବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୪୩)

ଶାନ୍ତି ଆଶ୍ରମ
୨୭।୪।୨୦

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ରଖଣ୍ଡିକ ଯଥାସମୟରେ ପାଇ ଅବଗତ ଅଛି । ମନୁଷ୍ୟକୁ ଚିତ୍ ଓ ଆନନ୍ଦ ମନେ କରି ପାରିଲେ କ୍ଷତି ନାହିଁ, କିନ୍ତୁ କାଗଜରେ କଲମରେ କାଳି ଦେଇ ସେହି ପ୍ରାର୍ଥନା ଜଣାଇଲେ ପତ୍ର ମାର୍ଫତରେ ତାହା ପାଇବାର ଆଶା ନାହିଁ । ଆମର ଆଶ୍ରମଭୁକ୍ତା ଯୋ—କୁ ଭୈରବୀ ଭେକଧାରିଣୀ ବୋଲି ଏବଂ ଶା— ବ୍ରାହ୍ମଣୀ ବୋଲି ସେମାନଙ୍କୁ ମା କହିପାର ବା ପ୍ରଣାମ କରି ପାର, କିନ୍ତୁ କୌଣସି ଶିଷ୍ୟ ସେମାନଙ୍କୁ ବାହାରେ କେବଳ ମୁହଁରେ ଜଗଜ୍ଜନନୀ ସମାନ ବ୍ୟବହାର କରୁ ମୁଁ ତାହା ପସନ୍ଦ କରେନା । ତେଣୁ ତୁମର ପତ୍ର ମୁଁ କାହାରିକୁ ଦେଖାଇ ନାହିଁ । କିନ୍ତୁ ପ୍ରକୃତ 'ମା' ତୁମର ଆକୁଳ ପ୍ରାଣର ବ୍ୟାକୁଳ ପ୍ରାର୍ଥନା ଅବଶ୍ୟ ଶୁଣିଛନ୍ତି, ପ୍ରାର୍ଥନା ଅବଶ୍ୟ ପୂର୍ଣ୍ଣ ହେବ । ବସ ! ଭିତରେ ଆନନ୍ଦ-ଉପାଦାନ ଦ୍ୱାରା ମାଙ୍କର ମୂର୍ତ୍ତି ଗଢ଼ ଏବଂ ଚିତ୍‌ଶକ୍ତିରେ ତାଙ୍କର ପ୍ରାଣପ୍ରତିଷ୍ଠା କରି ଶ୍ରୀଗୁରୁଙ୍କ ପାର୍ଶ୍ୱରେ ବସାଇ ପ୍ରାଣର ପ୍ରାର୍ଥନା ଜଣାଅ, ମା ସବୁ ଶୁଣିବେ, ସମସ୍ତ ଆଶା ପୂର୍ଣ୍ଣ କରିବେ । ମା ଠିକ୍ ମାଙ୍କ ଭଳି ତୁମର ହୃଦୟରେ ଆବିର୍ଭୂତା ହୋଇ ତୁମକୁ କୋଳ କରି ବସିବେ । ନତୁବା ବାହାରେ ପଚାଶ ଜଣଙ୍କ ନିକଟରେ ମାୟାକାନ୍ଦ କାନ୍ଦିଲେ କିଛି ହେବ ନାହିଁ । ମନ ଠିକ୍ କର, ଲକ୍ଷ୍ୟ ଠିକ୍ କର, ଗୁରୁଙ୍କ ଉପରେ ବିଶ୍ୱାସ ଦୃଢ଼ ରଖି ତାଙ୍କର ନାମକୁ ଏକମାତ୍ର ଭରସା କରି ପଡ଼ି ଥାଅ । ସମୟରେ

ସବୁ ପାଇବ, କେବଳ ବଚନ-ରଚନରେ ହେବ ନାହିଁ । ଅତ୍ର ଶୁଭ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୪୪)

ଢାକା ଆଶ୍ରମ

୧୬।୭।୧୩୧୮

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ପ୍ରିୟ ଗୋ— ! ତୁମର ପତ୍ର ପାଇ ବିସ୍ତାରିତ ଅବଗତ ହେଲି । ସ୍ତବ-କବଚ ପାଠ ସମ୍ୱନ୍ଧରେ ପୁରୋହିତ ଯାହା କହିଛନ୍ତି ତାହା ହିଁ ସତ୍ୟ । ଅନ୍ୟ କାର୍ଯ୍ୟରେ କିମ୍ୱା ପୁସ୍ତକରେ ଯେଉଁଠାରେ ଯାହା ଅଛି ତାହା ପାଠ କରିବା ସମୟରେ କେଉଁଠି ନିଜର ବୀଜମନ୍ତ୍ର ଥିଲେ ତାହା ଉଚ୍ଚାରଣରେ ଦୋଷ ନାହିଁ । ପଂକ୍ତିଛନ୍ଦରେ ଉଚ୍ଚସ୍ୱରରେ ପାଠ କରି ଯିବାକୁ ସ୍ୱୀୟ ବୀଜମନ୍ତ୍ର ଉଚ୍ଚାରଣରେ ଦୋଷ ହେବ ନାହଁ । ପୁରୋହିତଙ୍କ ନିକଟରୁ ପୂଜାପଦ୍ଧତି ଦେଖି ଶିଖି ଅଭ୍ୟାସ କରି ତେବେଯାଇ କାଳୀପୂଜା କରିବ । ତୁମର ବିହାହ ସମ୍ୱନ୍ଧରେ ୨୬ଶ ଦିବସ ଉତ୍କୃଷ୍ଟ ଏବଂ ଏହି ଦିନ ଅନେକ ଲଗ୍ନ ଅଛି, କୋଷ୍ଠି ପଠାଇଲେ ଲଗ୍ନ ଠିକ୍ କରିଦେବି । କର୍ମଜୀବନ ପରିଚାଳନ କରିବାକୁ ଶରୀରଟା ପ୍ରତି ବିଶେଷ ମନୋଯୋଗ କରିବା କର୍ତ୍ତବ୍ୟ । ଅତ୍ର ଆଶ୍ରମରେ କୁଶଳ । ମ— ବାବୁ ଆସିଛନ୍ତି କି ? ତାଙ୍କୁ ମୋର ଆଶୀର୍ବାଦ ଜଣାଇବ । ଇତି—

ତୁମର—

ଠାକୁର

(୪୫)

ପୁରୀ

୧୭।୧୧।୩୪

କଲ୍ୟାଣୀୟାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଏଇମାତ୍ର ତୁମର ପତ୍ର ପାଇ ସମସ୍ତ ସମାଚାର ଅବଗତ ହେଲି । ବିବାହ ପ୍ରଜାପତିର ନିବନ୍ଧ ; କନ୍ୟାର ଜନ୍ମ ସମୟରେ ହିଁ ସ୍ୱାମୀ ନିର୍ଦ୍ଦିଷ୍ଟ ହୋଇଅଛି, ଯଥାକାଳରେ ମିଳନ ହେବ, ତେବେ ପିତାମାତାଙ୍କର କର୍ତ୍ତବ୍ୟ ଯଥାସାଧ୍ୟ ସୁପାତ୍ର ପାଇଁ ଚେଷ୍ଟା କରିବା, ତୁମ୍ଭେମାନେ ମଧ୍ୟ ତାହା କରୁଅଛ । ତେବେ କାହିଁକି ଭଗବାନଙ୍କ ଉପରେ ନିର୍ଭର କରି ନିରୁଦ୍‌ବିଗ୍ନ ହୋଇ ପାରୁ ନାହଁ ? ଭାବନା କରି ଆହାର-ନିଦ୍ରା ତ୍ୟାଗ କରିବା କ'ଣ ସୁବୁଦ୍ଧିର କାର୍ଯ୍ୟ ? କେଉଁ କାର୍ଯ୍ୟଟା ମାନବ ନିଜ ମନ ମୁତାବକ ଠିକ୍ ଠିକ୍ କରି ପାରେ ? ମନୁଷ୍ୟର କେତେ ବା ଶକ୍ତି ? ପ୍ରାରବ୍ଧ ହିଁ ମନୁଷ୍ୟକୁ ପରିଚାଳିତ କରୁଅଛି । ଅଜ୍ଞାନାନ୍ଧ ଅହଂସ୍ୱଭାବ ଜୀବ ଅକାରଣରେ ହା-ହତାଶ କରି ମରୁଅଛି । ସୁତରାଂ ଭଗବାନଙ୍କ ଉପରେ ନିର୍ଭର କରିବା ବ୍ୟତୀତ ଶାନ୍ତିର କୌଣସି ପଥ ନାହିଁ । ଅବଶ୍ୟ କର୍ତ୍ତବ୍ୟ ଜ୍ଞାନାନୁସାରେ ଚେଷ୍ଟା କରିବାକୁ ପଡ଼ିବ । ତୁମର ଉଲ୍ଲିଖିତ ପିଲାଟି ପାଇଁ ୧୬।୧୭ ଶତ ଟଙ୍କା ପର୍ଯ୍ୟନ୍ତ ଯେତେବେଳେ ଉଠିଅଛ, ସେତେବେଳେ ଆଉ ୩।୪ ଶତ ପାଇଁ ଏହି ପିଲାଟିକୁ ତ୍ୟାଗ କରିବା କ'ଣ ସଙ୍ଗତ ହେବ ? ସୁତରାଂ ବିବେଚନାପୂର୍ବକ ଆଉ ଥରେ ଭାବି ଚିନ୍ତି ଦେଖ । ପଲ୍ଲୀ ଗାଁ ବୋଲି ଭୟ, ନତୁବା......ର ଏପରି କି ବୟସ ବେଶୀ ହୋଇଅଛି ! ପିଲାଟିର ଯେତେବେଳେ ମତ ଅଛି, ସେତେବେଳେ କିଛିଦିନ ଅପେକ୍ଷା କରି

ଦେଖିଲେ ବାପା-ମାଙ୍କର ଦାବୀ ମଧ୍ୟ କିଛି କମିବା ଅସମ୍ଭବ ନୁହେଁ । ଅବଶ୍ୟ ଅନ୍ୟଦିଗରେ ଚେଷ୍ଟା ମଧ୍ୟ କରୁଥାଅ । ବିପଦରେ-ଆପଦରେ ଅଧୈର୍ଯ୍ୟ ହୁଅ ନାହିଁ, ଭଗବଦ୍‌ବିଧାନ ମୁଣ୍ଡପାତି ଗ୍ରହଣ କରିବାକୁ ଅଭ୍ୟାସ କର । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଏଠାକାର ସବୁ କୁଶଳ । ମୁଁ ଫାଲଗୁନ ୬ଷ୍ଠ ଦିବସରେ ପୁରୀକୁ ଆସିଛି, ଏବେ ଏଠାରେ ରହିବି । ଡାକ୍ତରଖାନାର ଗୋଳମାଳ ଏବେ ବି ମେଣ୍ଟି ନାହିଁ । ଶୀଘ୍ର କାର୍ଯ୍ୟ ଆରମ୍ଭ ହେବାର ସମ୍ଭାବନା । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୪୬)

ଶାନ୍ତି ଆଶ୍ରମ

କାର୍ତ୍ତିକ ୨୩ ଦିନ, ୧୩୨୦

ସ୍ନେହର ନ—,

ତୁମର ପତ୍ର ବହୁଦିନ ପରେ ପାଇଲି, ସଙ୍ଗେ ସଙ୍ଗେ ମୋ— ଓ ସ—ର ଖଣ୍ଡିଏ ପତ୍ର ମଧ୍ୟ ଆସିଅଛି, କାହାକୁ ଉତ୍ତର ଦେବି ଭାବି ତୁମକୁ ହିଁ ଲେଖିବାକୁ ସ୍ଥିର କଲି । ସ—ର ବିବାହ ସମ୍ବନ୍ଧରେ ଯାହା ଲେଖିଅଛ, ମୁଁ ତାର ଓଲଟା ବୁଝେ, ଅର୍ଥାତ୍ କେହି କାହାର ଭାଗ୍ୟ ପାଇଁ ଦାୟୀ ନୁହେଁ, ସମସ୍ତେ ନିଜ ନିଜର ହିଁ କର୍ମଫଳ ଭୋଗ କରନ୍ତି । କର୍ମାନୁଯାୟୀ ବିଧାତା ସ୍ୱାମୀ-ପୁତ୍ର ସହ ସଂଯୋଜନ କରନ୍ତି ମାତ୍ର । ଅତଏବ ପୁତ୍ରର ଭାଗ୍ୟ ନ ଖୋଜି ନିଜ କନ୍ୟାର ଅଦୃଷ୍ଟ ଅନୁସନ୍ଧାନ କରାଇଲେ ଆଉ ପାତ୍ର ପାଇଁ ଏତେଦିନ ପର୍ଯ୍ୟନ୍ତ ବିବାହ ବନ୍ଦ ରହି ନ ଥାନ୍ତା । ରାମଚନ୍ଦ୍ର

ବା ଗୌରାଙ୍ଗଦେବଙ୍କ ଅପେକ୍ଷା ରମଣୀର ପ୍ରାର୍ଥନୀୟ ସ୍ୱାମୀ କ'ଣ ହୋଇ ପାରେ ? କିନ୍ତୁ ସର୍ବଗୁଣବାନ୍ ଭଗବାନ୍ ସ୍ୱାମୀ ପାଇ ମଧ୍ୟ ସେମାନଙ୍କ ଭଳି ଦୁଃଖିନୀ (ସାଂସାରିକ ଭାଷାରେ) ରମଣୀଜୀବନ କେତେଜଣ ରମଣୀ ଭୋଗ କରିଛନ୍ତି ? ସେମାନଙ୍କ ଅପେକ୍ଷା ଉତ୍ତମ ବର କେଉଁଠୁ ପାଇବେ ? ଅତଏବ ତୁମର ଶାଶୁଙ୍କୁ ବୁଝାଇ ଉପସ୍ଥିତ ପରିସ୍ଥିତିରେ ଗୋଟିଏ ସ୍ଥାନରେ ବିବାହ ଦେବାକୁ କୁହ । ପାତ୍ର କଣା, ଛୋଟା ବା ଚରିତ୍ରହୀନ ନ ହୁଏ, ହିନ୍ଦୁ ପିତା-ମାତା ଏପରି ପାତ୍ର ହିଁ ପ୍ରାର୍ଥନା କରିଥାନ୍ତି । ମୁଁ ସଂସାର ଅନଭିଜ୍ଞ, ସୁତରାଂ ସେ ସମ୍ବନ୍ଧରେ କୌଣସି ପ୍ରଶ୍ନ କଲେ ମୋ ନିକଟରୁ ମିମାଂସା ପାଇବାର ଉପାୟ ନାହିଁ ।

ମୋ— ଘରେ ଥିଲେ କହିବ—ଜୀବର କର୍ତ୍ତବ୍ୟ ଅଶାନ୍ତିର କାରଣାନୁସନ୍ଧାନ ଓ ପ୍ରତିକାର, ସୁତରାଂ ତାର ପୁରୁଷକାର ପଥରେ ସାଂସାରିକ ଉନ୍ନତିର ଚେଷ୍ଟାରେ ମୁଁ ଅସମ୍ମତ ନୁହେଁ । ଏହାଦ୍ୱାରା ହୁଏ ତ ଆତ୍ମପ୍ରତିଷ୍ଠା ହେବ, ନତୁବା ଭଗବତ୍‌ପ୍ରଭାବରୁ ବିଶ୍ୱାସ ଜନ୍ମିବ । ଆଉ ଥରେ 'ଭଗବତ୍-ପ୍ରେରଣା ଜୀବର କର୍ମହେତୁ' ଏହି ପ୍ରତ୍ୟକ୍ଷଜ୍ଞାନ ଜନ୍ମିଲେ ଆତ୍ମଚେଷ୍ଟା ସେହି ଭିତ୍ତିରୁ ଆଉ ବିକ୍ଷିପ୍ତ କରି ପାରିବ ନାହିଁ । ସଂସାରର ଘଟଣା ତାଙ୍କର ହିଁ ଲୀଳାମାତ୍ର ଜାଣି ନିଶ୍ଚିନ୍ତ ହବ । କୌଣସି ଅବସ୍ଥାରେ ନିଜର ବା ଅନ୍ୟର ସ୍କନ୍ଧରେ କର୍ତ୍ତୃତ୍ୱାଭିମାନ ଚାପି ଦେଇ ଉଦ୍‌ବେଗ-ଅଶାନ୍ତିର ବୋଝ ବଢ଼ାଇବ ନାହିଁ । ସଂସାର ପରୀକ୍ଷା କ୍ଷେତ୍ର, ପରୀକ୍ଷାମାତ୍ରେ ହିଁ ଶିକ୍ଷା, ସୁତରାଂ ତାର ଚେଷ୍ଟାକୁ ମୁଁ ସର୍ବାନ୍ତଃକରଣରେ ସମର୍ଥନ କରୁଛି । ତେବେ କେହି ଯେପରି ବ୍ୟଥା ନ ପାଏ, ଆଉ ସତ୍ୟ ଯେପରି ଠିକ୍ ରହେ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୪୭)

ପୁରୀ
୯।୬।୩୫

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ବିସ୍ତାରିତ ସମ୍ବାଦ ଅବଗତ ହେଲି । ହେ— ବାବୁଙ୍କ କନ୍ୟା ସଙ୍ଗେ ଯେତେବେଳେ ବିବାହ ଦେବ ବୋଲି ସମ୍ମତି ଦେଇଛ, ଜ୍ୟୋତିଷ ମତରେ ପଣ୍ଡିତ ମହାଶୟ ଯେତେବେଳେ ମଧ୍ୟମ ଯୋଟକ କହିଛନ୍ତି, ବିଶେଷତଃ ଶ୍ରୀମାନ୍ ଦେ— ମଧ୍ୟ ଯେତେବେଳେ ସମ୍ମତ, ସେତେବେଳେ ଏହି ବିବାହ ଦିଆ ଯାଇପାରେ । ପ୍ରାରବ୍ଧ-କର୍ମାନୁସାରେ ଯେତେବେଳେ ଭୋଗ ନିର୍ଦ୍ଦିଷ୍ଟ ହୋଇ ଥାଏ, ସେତେବେଳେ କନ୍ୟା ଅଦଳ-ବଦଳ କଲେ ତାହା ଖଣ୍ଡିତ ହେବ ନାହିଁ । ମାତ୍ର ଅନର୍ଥକ ବିଳମ୍ବରେ ତୁମର ଗୃହସ୍ଥାଳୀର ଅଭାବ ଓ ଦେ—ର ବୟସ ବଢ଼ିଯିବ । ସୁତରାଂ କାର୍ତ୍ତିକ ୯ମ ଦିବସରେ ବିବାହ କାର୍ଯ୍ୟ ସମ୍ପନ୍ନ କର । ଭଗବତ୍-ବିଶ୍ୱାସୀର ସବୁ ଭାର ଭଗବାନଙ୍କଠାରେ ସମର୍ପିତ ହେବା ଶ୍ରେୟଃ । ମୋ ମତରେ ବର-କନ୍ୟାଙ୍କ ବୟସରେ ୭ରୁ ୧୦ ବର୍ଷ ପାର୍ଥକ୍ୟ ରହିବା ସମୀଚୀନ । ତେବେ ଏବେ ୩।୪ ବର୍ଷ ତଫାତରେ ବହୁ ବିବାହ ହେଉଅଛି । ସୁତରାଂ ବାହ୍ୟତଃ ଅଶୋଭନ ହେଲେ ମଧ୍ୟ ସାମାଜିକ ଆଦର୍ଶ କ୍ଷୁର୍ଣ୍ଣ ହେବ ନାହିଁ । ମୁଁ ଏହି ମାସର ଶେଷ ଆଡ଼କୁ କିଛିଦିନ ପାଇଁ ମଧ୍ୟଭାରତକୁ ବୁଲିବାକୁ ଯିବି । ସେଠାରୁ ପ୍ରତ୍ୟାବୃତ୍ତ ହୋଇ କିଛି ଦିନ ବିଶ୍ରାମ ପରେ ବଙ୍ଗଳା ଆଡ଼େ ବାହାରିବି । ସେହି ସମୟରେ ସାକ୍ଷାତରେ ଅନ୍ୟାନ୍ୟ ବିଷୟ ଶୁଣିବ ଓ କହିବ । ଶାରୀରିକ

ଭଲ ଅଛି । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ, ଆଶ୍ରମର ସେବକଗଣ ଓ ଗୃହସ୍ଥ-ଭକ୍ତଗଣଙ୍କୁ ମୋର ଆଶୀର୍ବାଦ ଜଣାଇବ । ଶ୍ରମାନ୍ ନ—ର ପତ୍ର ମଧ ଯଥାସମୟରେ ପାଇଛି । ସାକ୍ଷାତରେ ମୋର ବକ୍ତବ୍ୟ କହିବି ବୋଲି ଆଉ ପତ୍ରାଦି ଲେଖି ନାହିଁ । ପତ୍ର ଲେଖିବା ଏକପ୍ରକାର ଛାଡ଼ି ଦେଇଛି । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୪୮)

ପୁରୀ

୧୫।୧୨।୨୪

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ତୁମ୍ଭମାନଙ୍କର ଅସୁସ୍ଥତା ସମ୍ବାଦ ଦୁଃଖର କାରଣ ହେଲେ ମଧ, କର୍ମ ଛଡ଼ା ଯେତେବେଳେ ପଥ ନାହିଁ ସେତେବେଳେ ଆଉ କ'ଣ କରିବ ? ଏଠାକାର କର୍ମର ବୋଝ ଏଠାରେ ଓହ୍ଲାଇ ଦେଇ ନ ଗଲେ ପରଲୋକରେ ମଧ ଶାନ୍ତି ନାହିଁ । ଏଠାକୁ ଆମେ ନିରବଚ୍ଛିନ୍ନ ସୁଖ ଭୋଗ କରିବାକୁ ଆସି ନାହୁଁ, ସୁତରାଂ ରୋଗ-ଶୋକ ବିପଦ-ଆପଦ ଦୁଃଖ-କଷ୍ଟ ଦେଖି ଭୟଭୀତ ହେଲେ ଚଳିବ କିପରି ? ସବୁ ମାଙ୍କର ମଙ୍ଗଳହସ୍ତର ଦାନ ବୋଲି ଗ୍ରହଣ କରିବାକୁ ପଡ଼ିବ । ଶେଷ ବୟସରେ ଦେହଟା ସଙ୍ଗେ ସଙ୍ଗେ ମନ ମଧ ଦୁର୍ବଳ ହୋଇ ପଡ଼େ ସତ୍ୟ, କିନ୍ତୁ

ଧୈର୍ଯ୍ୟର ସହିତ ସବୁ ସହ୍ୟ କରି ନ ପାରିଲେ ମନଟା ଆହୁରି ଭାଙ୍ଗି ପଡ଼ିବ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ସଂସାରର ଅସାରତା ବୁଝି ବୁଦ୍ଧିମାନ୍ ଆସକ୍ତିଶୂନ୍ୟ ହୁଅନ୍ତି, ତେଣୁ ଦୀର୍ଘଜୀବନ ପୁଣ୍ୟର ଫଳ ବୋଲି ଶାସ୍ତ୍ରରେ ଉକ୍ତ ଅଛି ; ନତୁବା ଭୋଗ ପାଇଁ ଜୀବନର ସାର୍ଥକତା ନୁହେଁ ।

ଆଶୀର୍ବାଦ କରୁଛି ୰ମା ତୁମ୍ଭମାନଙ୍କ ପ୍ରାଣରେ ଶକ୍ତି ଓ ହୃଦୟରେ ଭକ୍ତି ଦାନ କରନ୍ତୁ । ତୁମେ ହସ ହସ ମୁଖରେ ବାର୍ଦ୍ଧକ୍ୟର ଜ୍ୱାଳା-ଯନ୍ତ୍ରଣା ଅତିକ୍ରମ କରି ୰ମାଙ୍କ ଆଡ଼କୁ ଅଗ୍ରସର ହୁଅ । ମୋର ମଧ୍ୟ ବାମ ଅଙ୍ଗରେ ବାତର ଆକ୍ରମଣ ହୋଇଅଛି । ଏଠାରେ ଖୁବ୍ ଜ୍ୱର ହେଉଅଛି, ବସାରେ କେହି କେହି ଜ୍ୱର ଭୋଗୁଛନ୍ତି । ଅନ୍ୟାନ୍ୟ କୁଶଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୪୯)

ସାରସ୍ୱତ ମଠ
ଆଷାଢ଼ ୫ ଦିନ, ୧୩୨୨

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ବହୁଦିନ ପରେ ତୁମର ପତ୍ର ପାଇ ଅବଗତ ହେଲି । ତୁମେ ଶ୍ରୀମତୀ ଯୋ—ର କଥା ନ ଜଣେଇଲେ ମଧ୍ୟ ତାର କରୁଣ ପ୍ରାର୍ଥନା ନିୟତ ମୋର କର୍ଣ୍ଣରେ ପହଞ୍ଚୁଅଛି । କିନ୍ତୁ କ'ଣ କରିବି ? ମଙ୍ଗଳମୟୀ ମାଙ୍କର ମଙ୍ଗଳ ବ୍ୟବସ୍ଥାରେ ପ୍ରକୃତି ଯେତେବେଳେ ତାକୁ ତୁମ୍ଭମାନଙ୍କ ଇଚ୍ଛାର

ପ୍ରତିକୂଳ ପଥରେ ନେଇ ଯାଉଛନ୍ତି, ସେତେବେଳେ ତାହା ଜାଣି କିଏ ସେହି ମଙ୍ଗଳମୟୀ ଇଚ୍ଛାର ବିରୁଦ୍ଧାଚରଣ କରିବ ? ଜଗଜ୍ଜନନୀ ଯେତେବେଳେ ତାକୁ କୋଳ କରିବା ପାଇଁ ହସ୍ତ ପ୍ରସାରଣ କରିଛନ୍ତି, ସେତେବେଳେ ତା ପାଇଁ ମୁଁ ବ୍ୟସ୍ତ ହେବି କାହିଁକି ? ତେବେ ସେ ଖୁବ୍ ଦୁଃଖ-ଯନ୍ତ୍ରଣା ପାଉଅଛି—ପାଇଅଛି ସତ୍ୟ, କିନ୍ତୁ ମା ଯାହାକୁ କୋଳକୁ ନିଅନ୍ତି, ଏହିପରି ହିଁ ତାର ଧୂଳି-କାଦୁଅ ଝାଡ଼ି ଦେଇ ନିଅନ୍ତି । ଅବଶ୍ୟ ସଂସାରଭାବରେ ବିଚାର କଲେ ତୁମର ଦୁଃଖ-କଷ୍ଟ ଯଥେଷ୍ଟ ସ୍ୱୀକାର କରିବ । ଯାହାକୁ ସଙ୍ଗିନୀ କରି ସ୍ୱରୂପ ପଥରେ ଅଗ୍ରସର ହେଉଥିଲ, ସହସା କିଛିଦୂର ଅଗ୍ରସର ହେଉ ନ ହେଉଣୁ ସଙ୍ଗିନୀଟି ଆଗରୁ ସ୍ୱସ୍ଥାନ ପ୍ରାପ୍ତ ହୋଇଅଛି । କିନ୍ତୁ ବାବା ! ବିଶେଷ ରୂପେ ବୁଝିଲେ ଜାଣିଲେ ଦେଖିବ, ତାର ଅଭାବ ଆଦୌ ଅନୁଭବକୁ ଆସିବ ନାହିଁ । ବରଂ ପୂର୍ବେ ଯେ ଅନଭିଜ୍ଞ ସଙ୍ଗିନୀମାତ୍ର ଥିଲା, ଏବେ ସେ ଅଭିଜ୍ଞ ଲିଡ଼ରର (Leader) କାର୍ଯ୍ୟ କରିବ । ମୋହ-ମାୟାନ୍ଧ ଜୀବ ଆମେମାନେ, ତାଙ୍କର ମଙ୍ଗଳମୟୀ ବ୍ୟବସ୍ଥା ନ ଦେଖି ନ ବୁଝି ସ୍ୱାର୍ଥହାନି ପାଇଁ ବ୍ୟାକୁଳ ହେଉ, ତାହାର ରହସ୍ୟ ବୁଝିବାକୁ ଚେଷ୍ଟା କରୁନାହୁଁ, ତେଣୁ ଚିର-ଅନ୍ଧକାରରେ ରହିଯାଉ । ସ୍ୱାର୍ଥହାନି ହେତୁ ଭଗବାନଙ୍କୁ ମଧ୍ୟ ଅବିଚାରକ ନିଷ୍ଠୁର ମନେ କରୁ । ଜଗତରେ ବିପଦ-ଶୋକ-ଦୁଃଖ-ତାପ ନାହିଁ, ଅଜ୍ଞାନ ହିଁ ଏ ଗୁଡ଼ିକର ଏକମାତ୍ର ଜନକ । ବସ ! ମୁଁ ଯେ ଜଣେ ଭୁକ୍ତଭୋଗୀ—ମୋର କଥା ବନ୍ଧୁଭାବରେ ମଧ୍ୟ ବିଶ୍ୱାସ କର ଯେ ଭଗବାନଙ୍କର ରାଜ୍ୟର କୌଣସି ବ୍ୟବସ୍ଥା ମଧ୍ୟ ଅମଙ୍ଗଳ ପାଇଁ ଅନୁଷ୍ଠିତ ହୁଏ ନାହିଁ । ବାବା ! ଭଗବାନ୍ ତୁମ ପାଇଁ ଯେଉଁ ବ୍ୟବସ୍ଥା କରିଛନ୍ତି—ତୁମକୁ ଯେଉଁ ଦାନ ଦେବା ପାଇଁ ହସ୍ତ ପ୍ରସାରଣ କରିଛନ୍ତି,

ତୁମେ ହସ ହସ ମୁଖରେ ତାହା ଗ୍ରହଣ କର—ଆଉ ସର୍ବାବସ୍ଥାରେ ତାଙ୍କର ନାମର ଜୟ ଉଚ୍ଚାରଣ କର । କିଏ କାହାର ? —କେତେଦିନ ପାଇଁ ସଂସାର ? ଏହା ଭୁଲି ସ୍ୱାର୍ଥପର ଯୁବକ ଭଳି ଭଗବାନଙ୍କର ବ୍ୟବସ୍ଥାରେ ଅସନ୍ତୋଷ ପ୍ରକାଶ କର ନାହିଁ, ବରଂ ଧୀର ସ୍ଥିର ଭାବରେ ଯୋ—କୁ ଆଶ୍ୱସ୍ତ କର । ସେ ଦୁଃଖ-କଷ୍ଟରେ ରୋଗ-ଯନ୍ତ୍ରଣାରେ ଯେପରି ଭଗବାନଙ୍କ ନାମ ନ ଭୁଲେ—ଭୁଲିଗଲେ ତୁମେ ସ୍ମରଣ କରାଇ ଦେଇ ପ୍ରକୃତ ସ୍ୱାମୀର କାର୍ଯ୍ୟ କର । ତାର ଶାନ୍ତି ନ ହେବା ପର୍ଯ୍ୟନ୍ତ ତୁମେ ନିକଟରେ ରହିବାକୁ ଚେଷ୍ଟା କର । ଯେତେବେଳେ ଯେପରି ହେବ ମତେ ଜଣାଇବ ।

* * * ଅନ୍ୟାନ୍ୟ କୁଶଳ । ଆଶୀର୍ବାଦ କରୁଛି ସର୍ବାବସ୍ଥାରେ ଚିତ୍ତ ଲକ୍ଷ୍ୟରେ ସଂଲଗ୍ନ ରହୁ । ଇତି--

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୫୦)

ଶାନ୍ତି ଆଶ୍ରମ
୪।୧୨।୧୯

କଲ୍ୟାଣବରେଷୁ—

ତୁମର ପତ୍ରଟି ଯଥାସମୟରେ ପାଇଅଛି । ମୁଁ ଫାଲ୍‌ଗୁନ ୧୨ଶ ଦିବସରେ ଅତ୍ର ଆଶ୍ରମରେ ଆସି ପହଞ୍ଚିଛି । ନାନାସ୍ଥାନରେ ଭ୍ରମଣ କରି ଶରୀରଟା ଖୁବ୍ ଅବସାଦଗ୍ରସ୍ତ ହୋଇ ପଡ଼ିଅଛି, କାର୍ଯ୍ୟର ମଧ୍ଯ ଖୁବ୍ ବେଶୀ ଭିଡ଼ ।

ଦେଖ, ମନୁଷ୍ୟ ଜୀବନଟା କେବଳ ପାଶ-ଫେଲ ନେଇ ଗଠିତ । କେବଳ ପରୀକ୍ଷା ଅଉ ପାଶ-ଫେଲ । ତାହାର ନିକଟରେ ୟୁନିଭରସିଟିର ପାଶ-ଫେଲ କିଛି ନୁହେଁ । ସଂସାର-ପରୀକ୍ଷାରେ ଜୀବ ପ୍ରତିନିୟତ ଫେଲ ହେଉ ଅଛି, ତେଣୁ ପୁନଃ ପୁନଃ ସଂସାରକୁ ପରୀକ୍ଷା ଦେବାକୁ ଆସୁଅଛି । ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବ ଏହି ଲକ୍ଷ୍ୟ ଠିକ୍ ରଖି ଅନ୍ୟ ପରୀକ୍ଷା ପାଇଁ ତାଙ୍କ ଉପରେ ନିର୍ଭର କର, ସେ ହିଁ ଉତ୍ତୀର୍ଣ୍ଣ ହେବାର ଉପାୟ କହିଦେବେ । ମୁଁ ଜାଣେ ଶ୍ରୀଭଗବାନଙ୍କର କୃପା ତୁମ ଉପରେ ଅଛି, ତୁମେ ସର୍ବାବସ୍ଥାରେ ତାଙ୍କର ଶରଣାପନ୍ନ ହୋଇ ରହିବ ଏବଂ କର୍ତ୍ତବ୍ୟ କର୍ମ ଯଥାସାଧ୍ୟ ସମ୍ପାଦନ କରି ଯିବ, ତାହାହେଲେ ହିଁ ହେଲା । ତାଙ୍କର କାର୍ଯ୍ୟ ସେ କରିବେ । ଭଗବାନ୍ ଅହେତୁକ ଦୟାମୟ ଏ କଥା ଭୁଲ ନାହିଁ । ଦୀନ ପ୍ରତି ତାଙ୍କର ଦୟା ପୁଣି ତତୋଧିକ । ମହା-ଆନନ୍ଦରେ କଲେଜର ପରୀକ୍ଷା ଦେବ, ସଂସାର ବା ଦୁଶ୍ଚିନ୍ତା ଆଦୌ ମନରେ ସ୍ଥାନ ଦେବ ନାହିଁ । କେବଳ ଫଳାଫଳ ତାଙ୍କ ଉପରେ ନିର୍ଭର କରି ତୁମର କାର୍ଯ୍ୟ କରିଯାଅ । କୌଣସି ପ୍ରକାର ଉଦ୍‌ବେଗ ମନରେ ସ୍ଥାନ ଦିଅ ନାହିଁ । ମୁଁ ଆଶୀର୍ବାଦ କରୁଛି ତୁମେ ଶାନ୍ତି ଲାଭ କର । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୫୧)

ପୁରୀ
୨୭।୧୧।୨୮ ଇଂ

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ପ୍ରୀତ ହେଲି । ପରୀକ୍ଷା ପାଇଁ ଯଥାସାଧ୍ୟ ଚେଷ୍ଟା-ଯତ୍ନ କରୁଅଛ—ବର୍ତ୍ତମାନ ତୁମର କର୍ତ୍ତବ୍ୟ ମଧ୍ୟ ତାହା । କାର୍ଯ୍ୟ ପୂର୍ବରୁ ଫଳାଫଳ ପାଇଁ ଉଦ୍‌ବିଗ୍ନ ହୋଇ ଅବସନ୍ନ ହୁଅ ନାହିଁ । ଫଳାଫଳ ପାଇଁ ଶ୍ରୀଭଗବାନଙ୍କ ଉପରେ ନିର୍ଭର କରି ଅକପଟରେ ଚେଷ୍ଟା-ଯତ୍ନ କରିବା ହିଁ ଆମର କର୍ତ୍ତବ୍ୟ । ଆମେ କର୍ମର ହିଁ ଅଧିକାରୀ ଫଳର ନୁହେଁ । ଫଳଦାତା ଏକମାତ୍ର ଶ୍ରୀଭଗବାନ୍ । ଆଶାକରେ ଶ୍ରୀଭଗବାନଙ୍କ କୃପାରୁ ସୁଫଳ ଲାଭ କରି କୃତକାର୍ଯ୍ୟ ହେବ । ମୁଁ ମଧ୍ୟଭାରତରୁ କିଛିଦିନ ପୂର୍ବେ କଲିକତା ହୋଇ ପୁରୀ ଆସିଅଛି । ପୁଣି ଏହି ମାସର ଶେଷ ଆଡ଼କୁ କିଛିଦିନ ପାଇଁ ଆସାମ ଯିବି । ଶାରୀରିକ ଭଲ ଅଛି । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୫୨)

ପୁରୀ

୨୫।୧୨।୩୪

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ବହୁଦିନ ପରେ ତୁମର ପତ୍ର ପାଇ ସମସ୍ତ ସମାଚାର ଅବଗତ ହେଲି । ତୁମର ତ ଗୋଟିଏ ନା ଗୋଟିଏ ଉପସର୍ଗ ଲାଗି ରହିଛି ! ଗ୍ରାମରେ ଆହୁରି ମଧ୍ୟ ଲୋକ ଅଛନ୍ତି, ଜମିଦାର ମଧ୍ୟ ଅଛନ୍ତି, ତେବେ ତୁମ ସ୍କନ୍ଧରେ ହିଁ ଏହି ସବୁ ଅପଦେବତାଙ୍କର ଅଧିଷ୍ଠାନ ହୁଏ କାହିଁକି ? ତୁମର ଦୁର୍ବଳତା ହିଁ ଏହି ସବୁ ଅଶାନ୍ତିର କାରଣ । ମୁଁ ତୁମକୁ ଗୃହସ୍ଥ-ଯୋଗୀଙ୍କ ଭଳି ଗଠିତ କରିବାକୁ ଚାହିଁଥିଲି, କିନ୍ତୁ ତୁମେ ନିଜକୁ ନେଇ ନିଜେ ସୁଖୀ ହୋଇ ପାରିଲ ନାହିଁ, ଆଦର୍ଶଭାବରେ ଜୀବନଯାପନ କରବାକୁ ଅଭ୍ୟସ୍ତ ହେଲ ନାହିଁ, କେବଳ ମାୟା ହାତରେ ଲାଞ୍ଛିତ ହେଉଅଛ । ଏସବୁ ଅବିଦ୍ୟାର ଅନୁଚର, ତେଣୁ ତୁମକୁ ମାଡ଼ି ବସିଛନ୍ତି । ସାବଧାନରେ ଚଳ, ସତ୍ୟନିଷ୍ଠ ହୁଅ, ପାପ-ସଂସର୍ଗ ତ୍ୟାଗ କର ; ନତୁବା ମୁଁ ମଧ୍ୟ ତୁମକୁ ରକ୍ଷା କରି ପାରିବି ନାହିଁ । ପ୍ରାର୍ଥନା କରୁଛି, ତୁମର ପ୍ରାଣରେ ଶକ୍ତି ଓ ହୃଦୟରେ ଭକ୍ତି ପ୍ରକାଶିତ ହେଉ । ଅପରର ଭଲ-ମନ୍ଦରେ ମୁଣ୍ଡ ଖେଳାଅ ନାହିଁ, ନିଜ ନିଜ କର୍ମ ସମସ୍ତେ ଭୋଗ କରିବେ, ଅତଏବ ପରର ଦୋଷାଦି ଆଲୋଚନା କରି ନିଜର ଚିତ୍ତ କଳୁଷିତ କର ନାହିଁ । ମୋର ଶରୀର ଭଲ ଅଛି । ବାତର ଆକ୍ରମଣରେ ଭୋଗୁଅଛି । ଅନ୍ୟାନ୍ୟ କୁଶଳ । ସମସ୍ତେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୩)

ପୁରୀ—ଓଡ଼ିଶା
୨୩।୧୧।୩୪

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ମର୍ମାହତ ହେଲି । ମୋର ଓ ଦେଶର ଦାରୁଣ ଦୁର୍ଭାଗ୍ୟ, ତେଣୁ ଯେଉଁ ଡାଳ ଧରୁଛି, ସେହି ଡାଳ ଭାଙ୍ଗି ପଡୁଛି ! ତୁମର ଚିଠିଖଣ୍ଡିକ ବେଶ୍ ତତ୍ତ୍ୱପୂର୍ଣ୍ଣ ; ଅଥଚ ତୁମ ଭଳି ଯୁବକକୁ ମଧ୍ୟ ଯେ ଅବିଦ୍ୟା ଖେଳର କଣ୍ଢେଇ କରିଦେଇ ପାରେ, ତାହା ଧାରଣାର ଅତୀତ । ଅବଶ୍ୟ ତୁମ ଭଳି ବୟସରେ ପ୍ରବୃତ୍ତି ଓ ଭାବପ୍ରବଣତା ଖୁବ୍ ପ୍ରବଳ ଏଥିରେ ସନ୍ଦେହ ନାହିଁ । ମୁଁ ଜାଣେ, ତୁମ୍ଭେମାନେ ଦେବସନ୍ତାନ, କୌଣସି ଅଭାବ ନ ଥିଲା, ସ୍ୱେଚ୍ଛାରେ ପ୍ରବୃତ୍ତି ମାର୍ଗ ସଂସାର ଛାଡ଼ି ଆସିଅଛ, ଆଜୀବନ ପ୍ରବୃତ୍ତି ସଙ୍ଗେ ଲଢ଼େଇ କରି ଜୟୀ ହେବ, କିନ୍ତୁ ପ୍ରବୃତ୍ତିର ସ୍ରୋତରେ ନିଜକୁ ଭସେଇ ଦେବ, ଏହା ଜାଣି ନ ଥିଲି । ତଥାପି ମୁଁ ତୁମକୁ ଆଶ୍ୱାସ ଓ ସାହସ ଦେଉଛି । ତୁମେ ମଧ୍ୟ ମନୁଷ୍ୟ, ମନୁଷ୍ୟର ପତନ ଅବଶ୍ୟମ୍ଭାବୀ ; ମୁନି-ଋଷିମାନଙ୍କର ମଧ୍ୟ ପଦସ୍ଖଳନ ହୁଏ, ବାଳକ ପଡ଼ିଉଠି ହିଁ ଚାଲିବାର ଶିଖେ, ତେଣୁ ଏଥରର ଅପରାଧ ମୁଁ ସରଳ ଭାବରେ କ୍ଷମା କରି ଆଶୀର୍ବାଦ କରୁଅଛି । ଏଥରର ପତନରେ ଯେପରି ତୁମର ଦୃଢ଼ତା ବୃଦ୍ଧି ହୁଏ । ଭବିଷ୍ୟତ ପାଇଁ ଆହୁରି ବେଶୀ ସାବଧାନ ହୁଅ । ଯେଉଁ ଆତ୍ମଗ୍ଲାନି ଓ ଅନୁତାପପୂର୍ଣ୍ଣ ପତ୍ର ଦେଇଛ, ତାହା ଅହର୍ନିଶ ପ୍ରାଣରେ ଜାଗ୍ରତ ରଖ, ତୁମର ମଙ୍ଗଳ ହେବ । ଯେଉଁ ଉଦ୍ଦେଶ୍ୟରେ ପିତା-ମାତା ପ୍ରଭୃତିଙ୍କୁ କନ୍ଦାଇ ଘର ଛାଡ଼ି ଆସିଅଛ, ତାହା ସାର୍ଥକ

କରିବାକୁ ପୁଣି କୃତସଙ୍କଳ୍ପ ହୁଅ । ଯଦି ଆଶ୍ରମରେ ରହିଲେ ସଙ୍କଳ୍ପ ସିଦ୍ଧିରେ ବିଘ୍ନ ହେବ ମନେ କରୁଛ, ତେବେ ଯେଉଁଠାକୁ ଇଚ୍ଛା ସେଠାକୁ ଚାଲିଯାଅ । କିନ୍ତୁ ଆତ୍ମହତ୍ୟାର ଚିନ୍ତା ମନରେ ସ୍ଥାନ ଦିଅ ନାହିଁ । ଆତ୍ମହତ୍ୟାଦ୍ୱାରା କୌଣସି ଉନ୍ନତି ହେବ ନାହିଁ, ବରଂ ତାହା ଆହୁରି ନରକ ଆଡ଼କୁ ଟାଣି ନେବ । ସୁତରାଂ ଜୀବିତ ରହି ଦାରୁଣ ଦୁଃଖ-କଷ୍ଟ ଦ୍ୱାରା କୃତପାପର ପ୍ରାୟଶ୍ଚିତ ସମ୍ଭବପର ହୋଇପାରେ, କିନ୍ତୁ ଆତ୍ମହତ୍ୟାଦ୍ୱାରା ସେହି ଆଶା ସୁଦୂରପରାହତ । ମୋର ଇଚ୍ଛା, ତୁମେ ଆଶ୍ରମରେ ରହି ହିଁ ପ୍ରବୃତ୍ତିକୁ ଜୟ କର ଏବଂ ଆତ୍ମଗଠନ କରି ମୋର କାର୍ଯ୍ୟରେ ଆତ୍ମନିୟୋଗ କର । ଏହା ଦ୍ୱାରା ବାହାରର ନିନ୍ଦା-ଗ୍ଲାନି ମଧ୍ୟ ଦିନେ ଧୋଇ ହୋଇଯିବ । କିଛି ଦିନ ଧୈର୍ଯ୍ୟର ସହିତ ଏସବୁ ସହ୍ୟ କର । ଗୋଟିଏ ବର୍ଷପରେ ତୁମକୁ ମଧ୍ୟ .....ପଠାଇବାର ବ୍ୟବସ୍ଥା କରି ପାରିବି । ଆଉ ନିତାନ୍ତ ଯଦି ଆଶ୍ରମରେ ରହି ନ ପାର, ମୋର ଚିଠିରୁ ବଳ ନ ପାଅ, ତେବେ କୌଣସି କାରଣ ଜଣାଇ ଆଶ୍ରମତ୍ୟାଗ କରି ନିଭୃତରେ ତପସ୍ୟା କର । ଚିତ୍ତଶୁଦ୍ଧି ହେଲେ ପୁଣି ମୋର ଆଶ୍ରମକାର୍ଯ୍ୟରେ ଯୋଗଦାନ କର ।

ମୁଁ ମଠ ଓ ଆଶ୍ରମ ପରିଚାଳନାର ଭାର ଟ୍ରଷ୍ଟ ହାତରେ ଅର୍ପଣ କରିଅଛି । ବିଧି-ବ୍ୟବସ୍ଥାର ଭାର ମଠର ଅଧ୍ୟକ୍ଷ ଏବଂ ଆଶ୍ରମର କର୍ତ୍ତାମାନେ ଗ୍ରହଣ କରିଛନ୍ତି । ସୁତରାଂ ଅଧ୍ୟାତ୍ମଗୁରୁଙ୍କ କାର୍ଯ୍ୟ ବ୍ୟତୀତ ମୁଁ ଆଉ କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରିବି ନାହିଁ । କଲେ ମୋ କଥାର ମୂଲ୍ୟ ରହିବ ନାହିଁ । ସୁତରାଂ ପ୍ରକାଶ୍ୟରେ ତୁମ ସମ୍ବନ୍ଧରେ କୌଣସି ବ୍ୟବସ୍ଥା କରି ପାରିବି ନାହିଁ । କାର୍ଯ୍ୟତଃ ଆଶ୍ରମାନ୍ତରିତ କରିବାର ଆଦେଶ ମୁଁ ଦେଇ ପାରିବି ନାହିଁ । ବରଂ ତୁମେ .....କୁ ଲେଖି ଏବଂ

·····ର ସମ୍ମତି ନେଇ ଯଦି କୌଣସି ବ୍ୟବସ୍ଥା କରାଇ ପାର, ସେଥିରେ ମୋର କୌଣସି ଆପତ୍ତି ନାହିଁ । ସେହି ଭାର ତୁମକୁ ନେବାକୁ ପଡ଼ିବ । ତୁମର ଚିଠିର କଥା ମୋ ବ୍ୟତୀତ ଦ୍ୱିତୀୟ ବ୍ୟକ୍ତି କେହି ଜାଣି ପାରିବେ ନାହିଁ । ତେବେ ମୋ ମତରେ ·····ରହି ତୁମର ଧୈର୍ଯ୍ୟ ସହକାରେ ଆତ୍ମଗଠନ କରିବା କର୍ତ୍ତବ୍ୟ । ମୁଁ ଏବେ ମଧ୍ୟ ବିଶ୍ୱାସ କରୁଛି, ତୁମେ ନିଶ୍ଚୟ ଅବିଦ୍ୟାକୁ ଦିନେ ଜୟ କରି ପାରିବ । ଛାଡ଼୍, ଏସମ୍ବନ୍ଧରେ ଆଉ ଅଧିକ ଲେଖିବି ନାହିଁ । ଶରୀରଟା ମଧ୍ୟ ଭଲ ନାହିଁ । ତୁମକୁ ଭାର ଦେଲି । ବେଶ୍ ଧୀର ଓ ସ୍ଥିର ଭାବରେ ଚିନ୍ତା କରି ଯାହା କର୍ତ୍ତବ୍ୟ ବୋଧ ହେଉଛି ତାହା ହିଁ କର । ତୁମେ ଆଶ୍ରମରେ ରୁହ ବା ଅନ୍ୟତ୍ର ଯାଅ, ମୁଁ ଗୁରୁରୂପେ ତୁମର ମଙ୍ଗଳ ଚିନ୍ତା କିରବି । କିନ୍ତୁ ସାବଧାନ!! ହଠକାରିତା ବଶତଃ କୌଣସି କାର୍ଯ୍ୟ କର ନାହିଁ । ଭାବି ଚିନ୍ତି କର୍ତ୍ତବ୍ୟ ସ୍ଥିର କର । ବାହାରେ ମଧ୍ୟ ଅନେକ ବିପଦ—ବହୁ ପ୍ରଲୋଭନ । ଆଶ୍ରମ ତଦପେକ୍ଷା ଅନେକାଂଶରେ ନିରାପଦ । ଆଶୀର୍ବାଦ କରୁଛି ତୁମର ଚିତ୍ତରେ ଦୃଢ଼ତା, ପ୍ରାଣରେ ଶକ୍ତି ଓ ହୃଦୟରେ ଭକ୍ତି ସଞ୍ଜାତ ହେଉ, ତୁମେ ପ୍ରବୃତ୍ତି ସଙ୍ଗେ ଯୁଦ୍ଧରେ ଜୟୀ ହୁଅ । ମୋର ଆଉ ବିଶେଷ କିଛି ଲେଖିବାର ପ୍ରୟୋଜନ ନାହିଁ । ଯାହା ଭଲ ବୁଝୁଛ କର । କିନ୍ତୁ ଶେଷ ସିଦ୍ଧାନ୍ତ ମତେ ଜଣାଅ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୪)

ପୁରୀ—ଓଡ଼ିଶା

ତା° ୪।୭।୩୮

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମ୍ଭେମାନେ ମୋର ଶୁଭ ୰ବିଜୟାର ଆଶୀର୍ବାଦ ଗ୍ରହଣ କର । ୰ମାଙ୍କ କୃପାରୁ ତୁମ୍ଭମାନଙ୍କର ଚିତ୍ତଶୁଦ୍ଧି ଓ ଶୁଭବୁଦ୍ଧି ଉଦ୍‌ବୁଦ୍ଧ ହେଉ । ନୂତନ ବର୍ଷରେ ନୂତନ ଉଦ୍ୟମ-ଉତ୍ସାହରେ ଗନ୍ତବ୍ୟ ପଥରେ ଅଗ୍ରସର ହୁଅ । ପଥର ବିଘ୍ନ-ବାଧା ଅପସାରିତ ହେଉ । ମୋର ଗୃହସ୍ଥ ସନ୍ତାନଗଣଙ୍କୁ ମୋର ବିଜୟାର ଆଶୀର୍ବାଦ ଜଣାଇବ । ଆଜି ଆଉ କିଛି ଲେଖିବି ନାହିଁ । ମୁଁ ଭଲ ଅଛି । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୫୫)

ପୁରୀ

୨୯।୧୧।୩୧

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପ୍ରେରିତ ଟଙ୍କା ପାଇଅଛି । ମୋର ଶରୀର ସୁସ୍ଥ ନାହିଁ । ସାମାନ୍ୟ ପରିଶ୍ରମ ଓ ବାକ୍ୟାଳାପରେ ଶ୍ୱାସ ବନ୍ଦ ହୋଇ ଆସେ । ବୁକୁରେ ବେଦନା ମଧ୍ୟ ହୁଏ । ଖଣ୍ଡିଏ ଚିଠି ଲେଖିବା ମଧ୍ୟ ମୋ ପକ୍ଷରେ

କଷ୍ଟସାଧ୍ୟ । ହୃତ୍‌ପିଣ୍ଡର ଦୁର୍ବଳତା ହିଁ ପ୍ରଧାନ କାରଣ । ବୋଧହୁଏ ଉତ୍ସବ ସମୟରେ ମଠକୁ ଯାଇ ପାରିବି ନାହିଁ । ଯିବାର ଇଚ୍ଛା ଅଛି । ଯଦି ଯିବା ସମ୍ଭବ ହୁଏ, ଯଥା ସମୟରେ ଜଣାଇବି ।

ଶ୍ରୀମତୀ ବ—ର ପ୍ରେରିତ ଘୃତ ପାଇଅଛି, ତାକୁ ଜଣାଇବ । ଅଦ୍ୟ ର— ଓ ଝା—ର ପତ୍ର ପାଇଲି । ଝା— ଲେଖିଅଛି, ଇ— ପତ୍ରୋତ୍ତର ନ ପାଇ ଉତ୍ୟକ୍ତ ହୋଇଅଛି । ଇ— କିନ୍ତୁ ଯେଉଁ ବିଷୟ ଜାଣିବାକୁ ଚାହିଁଥିଲା, ଗ—ର ପତ୍ରୋତ୍ତରରେ ତାହା ହିଁ ଲିଖିତ ହୋଇଅଛି । ମୋର ଅବସ୍ଥା କେହି ନ ବୁଝି ଉତ୍ୟକ୍ତ ହେଲେ ମୁଁ ଆଉ କ'ଣ କରିବି ? ଆଉ ର— ଓ ଝା—ର ପତ୍ର ପାଗଳାମୀରେ ପୂର୍ଣ୍ଣ । * * * ମୋ ନାମରେ କଳଙ୍କ ହେବ ଭାବି ସେମାନେ ଅସ୍ଥିର ! ରୋଗ, ପୀଡ଼ା, ଦରିଦ୍ରତାର କଥା ଲେଖିଲେ କୌଣସି ଫଳ ହେବ ନାହିଁ, ବରଂ ମୁଁ ବିରକ୍ତ ହେବି । ମୁଁ କୌଣସି ନିନ୍ଦାଜନକ କାର୍ଯ୍ୟ କରି ନାହିଁ, ତଥାପି ଭକ୍ତଙ୍କ ଠାରୁ ଯଦି କଳଙ୍କ ପାଇବି, ତାହା ମୋର ଅଦୃଷ୍ଟ । ଭକ୍ତଙ୍କର ଦୌରାତ୍ମ୍ୟରେ ମନେ ହୁଏ ଏବେ ହିଁ ଦେହତ୍ୟାଗ କରି ପାରିଲେ ବଞ୍ଚି ଯାଏ । ସେମାନଙ୍କୁ କହିବ, ମୁଁ ଯେଉଁ ସାଧନ-ଭଜନ ଦେଇଛି ତାହା ବ୍ୟତୀତ ବାଜେ କଥା ଲେଖିଲେ ମୋ ଦ୍ୱାରା କୌଣସି ଉପକାର ହେବ ନାହିଁ । ଶରୀର ପାଇଁ ସାମାନ୍ୟ କଥାରେ ବିରକ୍ତି ଆସେ । ଆଜି ବିରକ୍ତ ହୋଇ ହିଁ ଏହି ପତ୍ରଟି ଲେଖିଲି । ତୁମ୍ଭେମାନେ ଦୁଃଖିତ ହେବ ନାହିଁ । ମୋର ଦୁଃଖ-କଷ୍ଟ ମଧ୍ୟ ଟିକିଏ ବୁଝ । ସମସ୍ତେ ମୋର ସ୍ନେହାଶୀର୍ବାଦ ଜାଣିବ । ପ୍ରାର୍ଥନା କରୁଛି ତୁମ୍ଭମାନଙ୍କର ଶୁଭବୁଦ୍ଧି ଓ ସଦିଚ୍ଛା ସଞ୍ଜାତ ହେଉ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୬)

ନୀଳାଚଳ କୁଟୀର
୨୫।୧୨।୩୫

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ବହୁଦିନ ପରେ ତୁମର ପତ୍ର ପାଇ ସମସ୍ତ ସମାଚାର ଅବଗତ ହୋଇ ପ୍ରୀତ ହେଲି । କାମ ହିଁ ପ୍ରଧାନ ରିପୁ, ଅନ୍ୟାନ୍ୟ ଗୁଡ଼ିକ ଅନୁସଙ୍ଗିକ ମାତ୍ର । ଶ୍ରୀଗୀତାରେ ଅଛି—"କାମ ବାଧାପ୍ରାପ୍ତ ହେଲେ କ୍ରୋଧରୂପେ ପ୍ରକାଶ ପାଏ" ଇତ୍ୟାଦି ଯଥା—"କାମାତ୍ କ୍ରୋଧୋଭିଜାୟତେ ।" ସୁତରାଂ 'କାମ' ଅନ୍ତର୍ମୁଖୀ ବା ଭଗବତ୍‌ମୁଖୀ ହେଲେ ଯେପରି ପ୍ରେମ ହୁଏ, ସେହିପରି କ୍ରୋଧ ବା ରାଗ ସେତେବେଳେ ଅନୁରାଗରେ ପରିଣତ ହୁଏ, 'ଲୋଭ' ଆତ୍ମସେବା ଛାଡ଼ି ଇଷ୍ଟସେବାରେ ନିୟୋଜିତ ହୁଏ । ସହସା ଇଷ୍ଟଙ୍କ ନାମ ଓ ରୂପରେ ଜୀବ ମୁଗ୍ଧ ହୋଇପଡ଼େ । ଆଉ ସଂସାର-ମୋହ ତାକୁ ମୁଗ୍ଧ କରିପାରେ ନାହିଁ । ନିଜକୁ ଇଷ୍ଟଙ୍କର ନିଜଲୋକ ମନେ କରିବା ହିଁ ସେତେବେଳେ 'ମଦ' ର କାର୍ଯ୍ୟ ହୁଏ । ଆଉ ସେତେବେଳେ କଞ୍ଚା ମୁଁ ଛାଡ଼ି ଇଷ୍ଟଙ୍କ ଦାସ, ସନ୍ତାନ, ସଖା ଆଦିରେ 'ମାତ୍ସର୍ଯ୍ୟ' ସ୍ଥିତିଲାଭ କରେ । କାମାଦି ରିପୁ କୌଣସିକାଳରେ ବିନାଶ ହୁଏ ନାହିଁ, ଏହିପରି ଆତ୍ମମୁଖୀ ହେଇ ଶାନ୍ତ ହୋଇ ଯାଏ ମାତ୍ର । ତେଣୁ ଭକ୍ତ କହେ—'କାମାଦିକୁ ବଳି ନ ଦେଇ ଭଗବାନଙ୍କୁ ନିବେଦନ କରିଦିଅ ।' ଆଉ ଗୋଟିଏ ମତ ହେଉଛି ଯେ, ମୁଁ ଯୋଗୀଗୁରୁରେ ଲେଖିଅଛି, ରିପୁଦମନର ଉପାୟ ବିପରୀତ ବୃତ୍ତିର ଅନୁଶୀଳନ । ଯେପରି କାମର ବିପରୀତ ବୃତ୍ତି ପ୍ରେମ, କ୍ରୋଧର ବିପରୀତ ବୃତ୍ତି ଦୟା, ଲୋଭର

ବିପରୀତ ବୃତ୍ତି ଦାନ ଇତ୍ୟାଦି । ସୁତରାଂ ଭକ୍ତି, ଦୟା, ଦାନ ପ୍ରଭୃତିର ଯେତେ ଅନୁଶୀଳନ କରିବ, ସେତେ କାମାଦି ରିପୁ ନିବୃତ୍ତିପଥରେ ଭଗବନ୍ମୁଖୀ ହୋଇ ପଡ଼ିବେ । ଏଠାରେ କୁଶଳ । ମୁଁ ଚୈତ୍ର ୨୯ଶ ଦିବସରେ ଦାର୍ଜିଲିଂ ଯାଉଅଛି । ତୁମ୍ଭେମାନେ ମୋର ସ୍ନେହାଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୭)

ନୀଳାଚଳ କୁଟୀର (ପୁରୀ)

ଚୈତ୍ର ୬ ଦିନ, ୧୩୩୭ ସାଲ

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ବାହ୍ୟିକ ପୂଜା ଅର୍ଚ୍ଚନାର—ବିଶେଷତଃ କାମ୍ୟ ପୂଜାର ବିଧି-ପଦ୍ଧତି ମୁଁ ଅବଗତ ନୁହେଁ । ନିଜେ ଏସବୁ କେବେ କରି ନାହିଁ—ପଦ୍ଧତି-ଗ୍ରନ୍ଥାଦି ମଧ୍ୟ ଅନୁଶୀଳନ କରି ନାହିଁ । ତୁମେ ବଳି ଦେଇ ପୂଜା କରିବାକୁ ବିରୂପ ବୋଲି ହିଁ ମାନସିକ ପୂଜାନ୍ତେ ଅନ୍ତତଃ ବଳି ଉତ୍ସର୍ଗ କରି ଛାଡ଼ି ଦେବାକୁ ମୁଁ ବ୍ୟବସ୍ଥା ଦେଇଥିଲି । କାରଣ ଛାଗ ଉତ୍ସର୍ଗ କରି ଛାଡ଼ି ଦେବା ମୁଁ ଅନେକ ଦେଖିଅଛି ।

ଯେତେବେଳେ କଥା ହେଉଛି ମହିଷ ଉତ୍ସର୍ଗ କରି ଛାଡ଼ି ଦେବାର ବିଧି ଶାସ୍ତ୍ରରେ ନାହିଁ, ଏପରି କି ସେଥିରେ ମନ୍ତ୍ର ପର୍ଯ୍ୟନ୍ତ ପରିବର୍ତ୍ତନ କରିବାକୁ ପଡ଼ିବ, ବିଶେଷତଃ ଶ୍ରୀମତୀ ବ—ର ଯେତେବେଳେ ବଳି ନ ହେଲେ

ମନଃପୂତ ହେବ ନାହିଁ, ସେତେବେଳେ ଆଉ ଦ୍ୱିଧା ନ କରି ବଳି ଦେବାକୁ ଅନୁମତି ଦେଲି । ତୁମେ ଗୃହସ୍ଥ, ସମାଜରେ ରହିଅଛ, ସୁତରାଂ ସମାଜର ରୀତି-ନୀତି ଲଙ୍ଘନ କରି ସମାଜର ବ୍ରାହ୍ମଣ-ପଣ୍ଡିତ ବା କୁଳଗୁରୁଙ୍କର ଅବାଧ ହେବା କର୍ତ୍ତବ୍ୟ ନୁହେଁ । ଅନର୍ଥକ ଗୋଟିଏ ଆନ୍ଦୋଳନ ସୃଷ୍ଟି କରିବା ମଧ୍ୟ ବିଧେୟ ନୁହେଁ । ବିଶେଷତଃ ମାନସିକ ବା କାମ୍ୟ-ପୂଜା ସମ୍ବନ୍ଧରେ ସାବଧାନ ହୋଇ ବିଧି-ନିଷେଧ ପାଳନ କରିବା ହିଁ ଶ୍ରେୟଃ । ସୁତ଼ରାଂ ଏଥର ବଳି ଦେଇ ହିଁ ଜଗନ୍ମାତାଙ୍କର ପୂଜା କରିବ । ବଳି ସମୟରେ ତୁମକୁ ଯେ ସେହି ସ୍ଥାନରେ ଉପସ୍ଥିତ ରହିବାକୁ ହେବ, ଏପରି କୌଣସି ବିଧି ଅଛି ବୋଲି ମୁଁ ଜାଣି ନାହିଁ ।

କିନ୍ତୁ ଭବିଷ୍ୟତ ପାଇଁ ସାବଧାନ ହେବ—ଘରର ସମସ୍ତଙ୍କୁ ସାବଧାନ କରିଦେବ, ଆଉ ଯେପରି କେହି କଦାପି ଏପରି ମାନସିକ ନ କରନ୍ତି । ସ୍ୱାର୍ଥପର ଅଜ୍ଞାନାନ୍ଧ ସଂସାରୀ ବିପଦରେ ପଡ଼ି ପୂଜା ମାନସିକ କରେ ; କିନ୍ତୁ ପରିଣାମରେ ଏହା ଦ୍ୱାରା ଶ୍ରେୟଃ ଲାଭ ନ ହୋଇ କର୍ମଫଳର ବୋଝ ବଢ଼ିଯାଏ । ତୁମ୍ଭେମାନେ ଗୋସାଇଁଙ୍କ ଶିଷ୍ୟ ହୋଇ—ବିଷ୍ଣୁମନ୍ତ୍ରରେ ଦୀକ୍ଷା ନେଇ ମଧ୍ୟ ଏପରି ଶାକ୍ତାଚାରରେ ପ୍ରବୃତ୍ତି ହେଲା କିପରି ? ବଡ଼ଲୋକର ଅଭିମାନ ଅଛି ବୋଲି ହିଁ ବଡ଼ ଝିଅର ଜୋଡ଼ା ମହିଷ କଥାଟା ହିଁ ମନେ ପଡ଼ି ଯାଇଥିଲା । ନତୁବା ମା ଆମର ପାଞ୍ଚ ପଇସାର ଚିନି ବା ବାତାସାରେ ହିଁ ତୁଷ୍ଟ ହୋଇଥାନ୍ତେ । ଏପରି ମୋଟା ଘୁଷ୍ ଦେବାକୁ ଦରକାର ପଡ଼ି ନ ଥାନ୍ତା । ଯାହା ହେଉ ଏଥର କିନ୍ତୁ ତୁମକୁ 'ବଳି' ଦେଇ ହିଁ ପୂଜା କରିବାକୁ ପଡ଼ିବ ।

ଏହି ଗରମରେ, ଏପରି ଦେହ ନେଇ, ଏତେ ଦୂର ଶତାଧିକ ଟଙ୍କା ଖର୍ଚ୍ଚ କରି ମୋର ଯିବା ଅସମ୍ଭବ—ଅକ୍ଷମ ମଧ୍ୟ । ବିଶେଷତଃ ଏପରି ବ୍ୟାପାରରେ

ମୋର ଉପସ୍ଥିତି ମଧ୍ୟ କର୍ତ୍ତବ୍ୟ ନୁହେଁ । ତୁମ୍ଭେମାନେ ନିଜ ଅନ୍ତରରେ ମୋର ଆବିର୍ଭାବ ଉପସ୍ଥିତି ଉପଲବ୍ଧି କରି ପୂଜାରେ ବ୍ରତୀ ହେବ । ଆଶୀର୍ବାଦ କରୁଛି ନିର୍ବିଘ୍ନରେ ମହାମାୟାଙ୍କର ପୂଜା ସମ୍ପନ୍ନ ହେଉ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୮)

ଶାନ୍ତି ଆଶ୍ରମ

୯।୧।୨୦

ସ୍ନେହାସ୍ପଦାସ୍ଥୁ—

ତୁମର ପତ୍ର ପାଇ ଅବଗତ ହେଲି । ଯଦି ତୁମର ଚିତ୍ତ ପରିଷ୍କାର ହୋଇଥାଏ, ମାନବମଣ୍ଡଳୀଙ୍କୁ ଦେବତାଙ୍କ ଭଳି ଚକ୍ଷୁରେ ଦେଖିବାକୁ ଶିଖିଥାଅ, ମାନବୀୟ ବିକାର ଦୂର ହୋଇଥାଏ, ତେବେ ଅକ୍ଳେଶରେ ସ୍ୱାମୀଙ୍କୁ ଇଷ୍ଟଦେବୀଙ୍କ ସ୍ୱରୂପ ମନେ କରି ସେବା-ପୂଜା କରି ପାର, କୌଣସି ବାଧା ନାହିଁ । ସ୍ୱାମୀ ହିଁ ତ ନାରୀର ଇଷ୍ଟଦେବତା ! ପାଶବିକ ଭାବ ଅନ୍ତର୍ହିତ ହେଲେ ଏହା ହିଁ ସର୍ବାପେକ୍ଷା ଶ୍ରେଷ୍ଠ ସାଧନା—ଭାବ ସାଧନା । କିନ୍ତୁ ଭାବ ଘରେ ଚୋରି ଯେପରି ନ ହୁଏ । ତୁମର ସ୍ୱାମୀ ଯଦି ଫୁଲ ବେଲ ପତ୍ର ପାଦରେ ଦେବାକୁ ଦିଅନ୍ତି, ତେବେ ସ୍ୱାମୀଙ୍କୁ ଇଷ୍ଟଦେବୀଙ୍କ ସ୍ୱରୂପ ମନେକରି ବାହ୍ୟପୂଜା ମଧ୍ୟ କରି ପାର । ସେଥିରେ ତୁମର କୌଣସି ଦୋଷ ହେବ ନାହିଁ । ମନ ଠିକ୍ ଥିଲେ ହିଁ ହେଲା । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୫୯)

ପୁରୀ
୨୦।୨।୩୨

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ଯଥାସମୟରେ ପାଇ ସକଳ ସମାଚାର ଅବଗତ ହେଲି । ବର୍ତ୍ତମାନ କେବଳ ଗାର୍ହସ୍ଥ୍ୟ ଓ ସନ୍ନ୍ୟାସ ଏହି ଦୁଇଟି ଆଶ୍ରମ ଅଛି । ବ୍ରହ୍ମଚର୍ଯ୍ୟ ଆଶ୍ରମର ଅଭାବରୁ ଗୃହସ୍ଥ ଅତ୍ୟନ୍ତ ସ୍ୱାର୍ଥପର ଓ ସଂକୀର୍ଣ୍ଣଚେତା ହୋଇ ଉଠିଛି । ସେମାନେ ଅତ୍ୟନ୍ତ ବହିର୍ମୁଖୀ ହୋଇ ଶାନ୍ତି-ସୁଖ ହରାଉଛନ୍ତି । ବର୍ତ୍ତମାନ ପ୍ରକୃତ ଜ୍ଞାନୀ କିମ୍ବା ଅବିଦ୍ୟାମୋହିତ ଅଜ୍ଞାନ ବ୍ୟତୀତ ସଂସାରରେ ରହିବାକୁ କାହାରି ବି ସାଧ ନାହିଁ । ଯାହାର ସମାନ୍ୟ ବିବେକ ଜନ୍ମିଅଛି, ସେ ହିଁ ସଂସାରରେ ଅତିଷ୍ଠ ହୋଇ ଉଠୁଅଛି । ସୁତରାଂ ତୁମେ ଯେ ସଂସାରରେ ଲାଞ୍ଛିତ ଓ ବିଡ଼ମ୍ବିତ ହେବ, ସେଥିରେ ଆଶ୍ଚର୍ଯ୍ୟ ହେଉ ନାହିଁ । ସଂସାରରେ ରହି କର୍ତ୍ତବ୍ୟ ପ୍ରତିପାଳନପୂର୍ବକ ମନଃସ୍ଥିର କରି ଜ୍ଞାନଲାଭ କରିବା ମୁଁ ଏକବାରେ ଦୁଃସାଧ ବୋଲି ମନେ କରେ । ପ୍ରକୃତ ଜ୍ଞାନଲାଭ କରିବାକୁ ହେଲେ ସନ୍ନ୍ୟାସାଶ୍ରମ ଅବଲମ୍ବନପୂର୍ବକ କଠୋର ସନ୍ନ୍ୟାସଯୋଗ ବା ଜ୍ଞାନୀଗୁରୁଙ୍କ ସେବା ବ୍ୟତୀତ ଅନ୍ୟ ଉପାୟ ନାହିଁ ବୋଲି ମୁଁ ବିଶ୍ୱାସ କରେ । କିନ୍ତୁ କାହାରିକୁ ସନ୍ନ୍ୟାସାଶ୍ରମ ଗ୍ରହଣ କରିବାକୁ ପ୍ରରୋଚନା କରିବା ମଧ୍ୟ ମୁଁ ସଙ୍ଗତ ମନେ କରେ ନାହିଁ । ବୀଜ ପକ୍ୱ ହେଲେ ହିଁ ବୃକ୍ଷରୁ ସ୍ଖଳିତ ହେବ । କର୍ମବୀଜ ପାଚିଲେ ହିଁ ସଂସାର-ବନ୍ଧନ ଖସି ଯିବି । କେହି ବାଧା ଦେବାକୁ ସମର୍ଥ ହେବେ ନାହିଁ । ଜୋର କରି ସଂସାର ଛାଡ଼ି ଅନେକେ ପୁଣି ବମନଭୋଜନକାରୀଙ୍କ ଭଳି ପୁନଃ

ସଂସାରରେ ପ୍ରବିଷ୍ଟ ହୋଇ ହାସ୍ୟାସ୍ପଦ ହେଉଛନ୍ତି । କାର୍ଯ୍ୟତଃ ମନର ଜୋର—ପ୍ରାଣର ବଳ—ଶ୍ରୀ ଭଗବାନଙ୍କର ପ୍ରେରଣା ନ ବୁଝି ସଂସାର ଛାଡ଼ିବା ଅପେକ୍ଷା ସଂସାରରେ ଦୁଃଖ-କଷ୍ଟ ଭୋଗ କରି ମଧ୍ୟ ସଂସାର ରସରେ କର୍ମବୀଜ ପୁଷ୍ଟ କରିବା ହିଁ କର୍ତ୍ତବ୍ୟ । ତୁମକୁ ମୁଁ ସଂସାରରେ ରହିବାକୁ ମଧ୍ୟ ଆଦେଶ କରୁ ନାହିଁ, ସଂସାର ଛାଡ଼ିବାକୁ ମଧ୍ୟ କହୁ ନାହିଁ । ତୁମେ ଶିକ୍ଷିତ ଓ ବୁଦ୍ଧିମାନ୍ । ଭଲ-ମନ୍ଦ ବିବେଚନା କରି ଯେଉଁ ପଥ ଅବଲମ୍ବନ କରିବ, ମୁଁ ତୁମକୁ ସେହି ପଥରେ ହିଁ ସାହାଯ୍ୟ କରିବି । ମୋର ମତ ଓ ବିଶ୍ୱାସ କେବଳ ତୁମକୁ ଲେଖି ଜଣାଇଲି । ଯଦି ଏହାଦ୍ୱାରା ମଧ୍ୟ ସ୍ପଷ୍ଟ ବୁଝି ନ ପାରିବ, କିଛିଦିନ ଅପେକ୍ଷା କର । ମୁଁ ଆଷାଢ଼ ଶେଷରେ କିମ୍ବା ଶ୍ରାବଣ ପ୍ରାରମ୍ଭରେ କଲିକତା ହୋଇ ଆସାମ ଯିବି । ସେହି ସମୟରେ ସାକ୍ଷାତ୍‌ରେ ଆଲୋଚନା କରି ମିମାଂସା କରିଦେବି । ଅତ୍ର ମଙ୍ଗଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୦)

ଆଶ୍ରମ

୨୩।୧।୨୮

ସ୍ନେହାସ୍ପଦେଷୁ—

ପରମ ଶୁଭାଶୀରାସ୍ତାନ୍ୱିଶେଷଃ—

ତୁମର ପତ୍ର ଯଥାସମୟରେ ପାଇଅଛି । ମଝିରେ ମଝିରେ ତୁମର ସଂସାର ଛାଡ଼ିବାର ସଂକଳ୍ପ ଉଦୟ ହୁଏ । ଇଚ୍ଛା କଲେ ହିଁ ସଂସାର ଛାଡ଼ି

ହୁଏ ନାହିଁ, ଆଉ ସଂସାର ଛାଡ଼ିଲେ ମଧ୍ୟ ମୁକ୍ତି ହୁଏ ନାହିଁ । ସଂସାର-ବୀଜ ନଷ୍ଟ ନ ହେଲେ ଗଭୀର ଅରଣ୍ୟରେ ମଧ୍ୟ ତାହା ଅଙ୍କୁରିତ ହୁଏ । ଅବଶ୍ୟ ସଂସାର ଭୀଷଣ ସ୍ଥାନ ସତ ; କିନ୍ତୁ ସଂସାରରେ ହିଁ ତ ଜୀବର ପରୀକ୍ଷା ! ସୁତରାଂ ସଂସାରରେ ଉତ୍ତୀର୍ଣ୍ଣ ହୋଇ ନ ପାରିଲେ ମୁକ୍ତି ପଥରେ ଉନ୍ନୀତ ହେବା ସମ୍ଭବ ନୁହେଁ । ବିଶେଷତଃ ପ୍ରେମ-ଭକ୍ତି ଭଗବାନଙ୍କ କୃପା ବ୍ୟତୀତ ଲାଭ ହୁଏ ନାହିଁ । ଗୁରୁସେବା ଅବଶ୍ୟ ବଡ଼ କଥା ସତ, କିନ୍ତୁ ଯେ ପିତା-ମାତା ସ୍ତ୍ରୀ-ପୁତ୍ରର ସେବା କରିବାକୁ ଅକ୍ଷମ, ତା ଦ୍ୱାରା ଗୁରୁସେବା ମଧ୍ୟ ହୋଇ ପାରେ ନାହିଁ । ଅତଏବ ମୋର ଆଦେଶ, ତୁମକୁ ସଂସାରରେ ରହି ଗୁରୁସେବାର ଉପଯୁକ୍ତତା ଲାଭ କରିବାକୁ ପଡ଼ିବ, ସଂସାର-ଜ୍ୱାଳା ହସ ହସ ମୁଖରେ ସହ୍ୟ କରି ଭଗବାନଙ୍କର କୃପା ଲାଭ କରିବାକୁ ପଡ଼ିବ । ନତୁବା ଅନୁପଯୁକ୍ତ ଅବସ୍ଥାରେ ମୋ ନିକଟକୁ ଆସିଲେ ମା ଉପରେ ମଧ୍ୟ ଭକ୍ତି-ବିଶ୍ୱାସରେ ଗ୍ଲାନି ଜନ୍ମିବା ଅସମ୍ଭବ ନୁହେଁ । ଆଶୀର୍ବାଦ କରୁଛି—ହସ ହସ ମୁଖରେ ସାଂସାରିକ କର୍ତ୍ତବ୍ୟ ସମ୍ପାଦନ କର ଓ ନାମ ବଳରେ ପ୍ରଲୋଭନାଦି ବାଧା ପଦଦଳିତ କରି ଅଗ୍ରସର ହୁଅ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୧)

ସାରସ୍ୱତ ମଠ

ଜ୍ୟୈଷ୍ଠ ୮ ଦିନ [୧୩୩୪]

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ମୁଁ ପୂଜା ପରେ ଆଶ୍ରମରୁ ବାହାରି ନାନାସ୍ଥାନ ବୁଲି ହରିଦ୍ୱାର କୁମ୍ଭ ଦର୍ଶନାନ୍ତେ ବୈଶାଖ ୨୫ ଦିନ ଆଶ୍ରମକୁ ପ୍ରତ୍ୟାଗତ ହୋଇଅଛି । ଆସି ତୁମର ପତ୍ର ପାଠନ୍ତେ ଅବଗତ ହେଲି । ତୁମ ବିବାହ ତୁମର ଇଚ୍ଛା ଉପରେ ନିର୍ଭର କରେ, ଇଚ୍ଛା ଥିଲେ ବିବାହ କରିବା ହିଁ କର୍ତ୍ତବ୍ୟ । ଯଥାଶାସ୍ତ୍ରମତରେ ବିବାହ କରି ଗାର୍ହସ୍ଥ୍ୟଧର୍ମ ପାଳନ କରି ମଧ୍ୟ ଆଧ୍ୟାତ୍ମିକ ଉନ୍ନତି କରା ଯାଇପାରେ । ଆଉ ଶ୍ରୀଭଗବାନ୍ ଯାହାକୁ ଶ୍ରୀଚରଣକୁ ଟାଣିବେ, ସଂସାର କଦାପି ତାକୁ ବାନ୍ଧି ରଖି ପାରିବ ନାହିଁ । ବଙ୍ଗର ଶ୍ରୀଗୌରାଙ୍ଗ ତାର ବିଶେଷ ପ୍ରମାଣ । ତେବେ ଗୃହସ୍ଥାଶ୍ରମରେ ମଧ୍ୟ ବିଧି-ନିଷେଧ ଅଛି, ବର୍ଣ୍ଣାଶ୍ରମ ଧର୍ମ ଅଛି । ତାହାର ବ୍ୟଭିଚାର କଲେ ଗୃହସ୍ଥଧର୍ମ ମଧ୍ୟ କଳୁଷିତ ହୁଏ । ଯାହାହେଉ ଭଗବାନଙ୍କ ଉପରେ ନିର୍ଭର କରି ଚଳ, ସେ ସବୁ ଠିକ୍ କରି ଦେବେ । ମୁଁ ଆଷାଢ଼ ମାସରେ ବଗୁଡ଼ା ଯିବି, ସେହି ସମୟରେ ମୋ ସହିତ ଆସି ଦେଖା କରିବ । ସବିଶେଷ କହିବି ଓ ଶୁଣିବି । ଅନ୍ୟାନ୍ୟ କୁଶଳ, ମୋର ଅଶୀର୍ବାଦ ଜାଣିବ । ମୁଁ କାହା ନିକଟକୁ ବିଶେଷ ପତ୍ରାଦି ଲେଖୁ ନାହିଁ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୨)

ପୁରୀ
୪।୧୨।୩୭

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ବିଶେଷଃ—

ତୁମର ପତ୍ର ଯଥା ସମୟରେ ପାଇଅଛି । ପତ୍ରରେ ତୁମର ଜୀବନ-କାହାଣୀ ପାଠ କରି ସକଳ ସମାଚାର ଅବଗତ ହେଲି । କିନ୍ତୁ ତୁମେ ଏହି ପତ୍ରରେ ଯେଉଁ ସବୁ ତତ୍ତ୍ୱ ଜାଣିବାକୁ ଚାହିଁଅଛ, ପତ୍ରରେ ତାହାର ଉତ୍ତର ଦେବା ଅସମ୍ଭବ । ମୋ ଦେହ ପକ୍ଷରେ ଅସାଧ ମଧ୍ଯ ଅଟେ । ସାକ୍ଷାତ ଭିନ୍ନ ସେ ସବୁ କଥା ବୁଝାଇ ପାରିବି ନାହିଁ । ତୁମେ ଯଦି ମୋ ସଙ୍ଗେ ଦେଖା କରି ପାର,—କିମ୍ୱା କିଛିଦିନ ଅପେକ୍ଷା କର,—ମୁଁ ଯେତେବେଳେ ମୟନାମତୀ ଆଶ୍ରମକୁ ଯିବି, ସେତେବେଳେ ଦେଖା କରିବ, ସବୁ ବିଷୟ ମିମାଂସା ହେବ ।

ତୁମେ ଯଦି ବିବାହ କରିବାକୁ ଇଚ୍ଛା କରୁଥାଅ, ତେବେ ମୁଁ ସେଥିରେ ସମ୍ମତି ଦେଉଛି । ଯେତେବେଳେ ଆଶ୍ରମ-ଜୀବନଯାପନ କରି ପାରିଲ ନାହିଁ, ସେତେବେଳେ ବିବାହ କରି ଆଦର୍ଶ ଗୃହସ୍ଥ ହେବାକୁ ଚେଷ୍ଟା କର । ତୁମେ ଅର୍ଦ୍ଧଯୁଗ ଅର୍ଥାତ୍ ୬ ବର୍ଷ ଆଶ୍ରମରେ ଥିଲ, ବ୍ରହ୍ମଚର୍ଯ୍ୟ ପରେ ଗୃହସ୍ଥ ହେବା ନିନ୍ଦନୀୟ ନୁହେଁ, ବରଂ ଶାସ୍ତ୍ରାଚାର-ଅନୁକୂଳ । ସନ୍ନ୍ୟାସ ନେଇ ଗୃହକୁ ଗଲେ ସମାଜରେ ମଧ୍ଯ ନିନ୍ଦାର କାରଣ, ଶାସ୍ତ୍ରମତରେ ମଧ୍ଯ ଦୋଷାବହ, କିନ୍ତୁ ତୁମେ ସନ୍ନ୍ୟାସୀ ନୁହଁ, ବ୍ରହ୍ମଚାରୀ ମାତ୍ର । ତୁମେ ଆଶ୍ରମରେ ଯେତିକି ଜ୍ଞାନଲାଭ କରିଅଛ, ତଦ୍ୱାରା ତୁମକୁ କୌଣସି ଆସକ୍ତି ବାନ୍ଧି ରଖି ପାରିବ ନାହିଁ । ଅବଶ୍ୟ ତୁମେ କୌଣସି ଅବସ୍ଥାରେ

ମଧ୍ୟ ସୁଖୀ ମଧ୍ୟ ହୋଇ ପାରିବ ନାହିଁ । କିନ୍ତୁ ଏହାଦ୍ୱାରା ତୁମର କର୍ମବୀଜ ନଷ୍ଟ ହେବ । ସେତେବେଳେ ପୁନରାୟ ସନ୍ନ୍ୟାସାଶ୍ରମକୁ ଆସିଲେ କୌଣସି କ୍ଷତି ହେବ ନାହିଁ, ବରଂ ପରିପୁଷ୍ଟି ଲାଭ କରିବ । ଅବଶ୍ୟ ମୁଁ ତୁମକୁ ଗେରୁଆ ଦେଇଥିଲି, କିନ୍ତୁ ବ୍ରାହ୍ମଣସନ୍ତାନ ଉପନୟନ ଦ୍ୱାରା ଗେରୁଆଧାରୀ ବ୍ରହ୍ମଚାରୀ ହୋଇ ମଧ୍ୟ ସମାବର୍ତ୍ତନ କରି ଗେରୁଆ ତ୍ୟାଗ କରି ଗୃହସ୍ଥ ହୁଏ । ତୁମ ସମ୍ବନ୍ଧରେ ସେହି ବ୍ୟବସ୍ଥା ଦେଉଅଛି । ଯଦି ବିବାହ କର, ତେବେ ଗେରୁଆ ନଦୀ ଜଳରେ ଭସାଇଦେଇ ଗୃହସ୍ଥ-ଆଶ୍ରମରେ ପ୍ରବେଶ କର ।

ବସ ! ଆତ୍ମହତ୍ୟା କରି କେହି ଶାନ୍ତି ପାଇ ନାହିଁ, ବା ପରଜୀବନରେ ଉନ୍ନତି ଲାଭ କରି ପାରି ନାହିଁ, ବରଂ ଆତ୍ମହତ୍ୟା ଦ୍ୱାରା କର୍ମଫଳର ବୋଝ ବଢ଼ିଯାଏ । ସୁତରାଂ ସ୍ୱଭାବମୃତ୍ୟୁ ନ ହେବା ପର୍ଯ୍ୟନ୍ତ ସୁଖ-ଦୁଃଖ, ରୋଗ-ଶୋକ ସହ୍ୟ କରି ଯିବା ହିଁ ମାନବର କର୍ତ୍ତବ୍ୟ । ଏଠାକାର ବୋଝ ଏଠାରେ ହିଁ ପିଙ୍ଗି ଦେଇ ଯିବାକୁ ପଡ଼ିବ । ପ୍ରକୃତିର ବିଧାନ ଲଙ୍ଘନ କରି କଦାପି କେହି ସୁଖୀ ହୋଇ ନାହିଁ, ତୁମେ ମଧ୍ୟ ହୋଇ ପାରିବ ନାହଁ । ମୋର ଏହି କଥାଟି ଭୁଲିବ ନାହିଁ । ତୁମେ ଯେଉଁଠାରେ ଥାଅ, ମୁଁ ତୁମର ମଙ୍ଗଳ ଚିନ୍ତା କରିବି । ବିଶ୍ୱାସ କର, ମୁଁ ତୁମକୁ ସ୍ନେହ କରେ, ତୁମକୁ ଭୁଲି ପାରିବି ନାହିଁ । ଆଶୀର୍ବାଦ କରୁଛି ତୁମର ଶୁଭବୁଦ୍ଧି ଉଦ୍‌ବୁଦ୍ଧ ହେଉ । ଇତି—

ଶୁଭାନୁଧ୍ୟାୟୀ—

"ଠାକୁର"

(୬୩)

ସାରସ୍ୱତ ମଠ
୨୩।୬।୨୫ ବାং

ସ୍ନେହାସ୍ପଦେଷୁ—

ତୁମର ପତ୍ର ପାଇ ସମାଚାର ଅବଗତ ହେଲି । ପୂର୍ବରୁ ଚି—ର ପତ୍ରରୁ ଜାଣିଥିଲି ତୁମେ ସ୍ତ୍ରୀ-ପୁତ୍ରସହ ମନୁପାହାଡ଼ରେ ଆଶ୍ରମ କରି ରହିବ ଏବଂ ତୁମର ବଡ଼ ପୁଅଟିକୁ ମତେ ଦେବ । କିନ୍ତୁ ଏଥରର ପତ୍ର ଦେଖି ବିସ୍ମିତ ହେଲି । ଆମର ୨ୟ ବାର୍ଷିକ ଭକ୍ତସମ୍ମିଳନୀରେ ସର୍ବସମ୍ମତିକ୍ରମେ ନିର୍ଦ୍ଧାରିତ ହୋଇଅଛି, ମଠରେ ଆଉ ସ୍ତ୍ରୀଲୋକ ଗୃହୀତ ହେବେ ନାହିଁ—ଏପରି କି ଗୋଟିଏ ପରିବାରର ଦୁଇଜଣଙ୍କୁ ସ୍ଥାନ ଦିଆଯିବ ନାହିଁ । ଅନେକଙ୍କର ଧକ୍କା ଖାଇ ବୁଦ୍ଧି ଶିଖି ସେହି ଜ୍ଞାନ ଲାଭ ହୋଇଅଛି । ସନ୍ନ୍ୟାସର ସହିତ ଗୃହସ୍ଥ ଆଶ୍ରମର ସାମଞ୍ଜସ୍ୟ କରିବାକୁ ଯାଇ ·····ମିଶନର ପୁନରାଭିନୟ ହେବା ବିଚିତ୍ର ନୁହେଁ । ବରଂ ଆଶ୍ରମରେ ଯେଉଁ ଜଣେ ଦୁଇଜଣ ସ୍ତ୍ରୀଲୋକ ଅଛନ୍ତି, କ୍ରମଶଃ ସେମାନଙ୍କୁ ସ୍ଥାନାନ୍ତରିତ କରାଯିବ । ସୁତରାଂ ତୁମର ପ୍ରାର୍ଥନା କିପରି ପୂର୍ଣ୍ଣ କରିବି ?

ଅତଏବ ସ୍ତ୍ରୀ, ପୁତ୍ର, ଧନ, ଜନ, ସର୍ବସ୍ୱ ଶ୍ରୀଭଗବାନଙ୍କୁ ଉତ୍ସର୍ଗ କରି ତାଙ୍କର ସେବକ ରୂପେ ତାଙ୍କର ହିଁ ଆଶ୍ରମରେ ରହି ତାଙ୍କର ସେବା କର । ସେଠାରେ ହିଁ ତାଙ୍କର ପ୍ରକାଶ ଦେଖି ଧନ୍ୟ ଓ କୃତାର୍ଥ ହେବ । ଅନର୍ଥକ ଛୁଟାଛୁଟି କରି ଲାଭ କ'ଣ ? ସାକ୍ଷାତ ହେଲେ ସବୁ କଥା ବୁଝାଇ ଦେବି । ଏହି ବିକ୍ଷେପ-ଅବସ୍ଥା ଦୂର ହେବ, କିମ୍ବା ପରାମର୍ଶ ମତରେ ଯାହା ହେଲେ ଗୋଟାଏ କରାଯିବ । * * * ମୋର ଆଶୀର୍ବାଦ ଜାଣିବ ଓ ଅନ୍ୟାନ୍ୟ ଭକ୍ତଙ୍କୁ ମଧ୍ୟ ଜଣାଇବ । ଇତି—

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୬୪)

ସାରସ୍ୱତ ମଠ
ଆଷାଢ଼ ୩୦ ଦିନ

ସ୍ନେହାସ୍ପଦେଷୁ—

ତୁମର ପତ୍ର ପାଇ ଅବଗତ ହେଲି । ପୂର୍ବର ପତ୍ର ମଧ୍ୟ ପାଇଛି । କିନ୍ତୁ ସେହି ସମୟରେ ବୋ— ଆଶ୍ରମକୁ ଚାଲିଆସିଛି ଲେଖିବାରୁ ମୁଁ କୌଣସି ଉତ୍ତର ଦେଇ ନାହିଁ । ତୁମେ ଉଭୟ ପତ୍ରରେ ଯେଉଁ ସବୁ ସାଧନାର କଥା ଲେଖିଅଛ, ତାହା ବିଭିନ୍ନ ଅଧିକାରୀଙ୍କ ପାଇଁ । ଜୀବନରେ ଗୋଟିଏ ସାଧନା ଅବଲମ୍ବନ କରି ହିଁ ପୂର୍ଣ୍ଣତ୍ୱ ସାଧିତ ହୋଇ ପାରେ । ତୁମେ ବୈଦିକ ସନ୍ନ୍ୟାସୀ ; ତପ, ଜପ, କିମ୍ବା କୌଣସି ସାଧନା ଯାହା କର୍ମ ନାମରେ ଖ୍ୟାତ, ତାହା ତୁମର ନ କରିବା ହିଁ ଭଲ । ତୁମର ଏକମାତ୍ର ସାଧନା—'ଅପରୋକ୍ଷାନୁଭୂତି' । ବ୍ରହ୍ମଙ୍କ ସହିତ ଆତ୍ମ-ଅଭେଦ ଧ୍ୟାନଦ୍ୱାରା ହିଁ ତାହା ସମ୍ପାଦିତ ହୋଇ ପାରେ । ଧ୍ୟାନରେ ଅସକ୍ତ ହେଲେ ମହାବାକ୍ୟ ଜପ—ଏହା ହିଁ ସନ୍ନ୍ୟାସୀର ସାଧନା । ବିଶେଷତଃ ପତ୍ର ଦ୍ୱାରା ଭାବର ଉଚ୍ଚାଙ୍ଗର ସାଧନ-ତତ୍ତ୍ୱ ବୁଝାଇବାକୁ ଯିବା ବିଡ଼ମ୍ବନା ମାତ୍ର । ତୁମକୁ ଆଶ୍ରମରେ ରହିବାକୁ ଭଲ ନ ଲାଗୁଥିଲେ, ମତେ କହି ନିଜ ଜୀବନର ଲକ୍ଷ୍ୟ ଓ କର୍ତ୍ତବ୍ୟ ଗୁଡ଼ିକ ଜାଣି ଯିବା ଉଚିତ ଥିଲା । କେବଳ ମାତ୍ର ଭେକ ନେଇଥିଲ, ଆଉ ତ କିଛି ଜାଣ ନାହିଁ । ଏବେ ପତ୍ରଦ୍ୱାରା ଏହି ସବୁ କଠିନ ବିଷୟ ଜାଣିବାର ପ୍ରୟାସ ବାତୁଳତା ମାତ୍ର । ଉପଯୁକ୍ତ ଗୁରୁତୁଲ୍ୟ ସନ୍ନ୍ୟାସୀ ପାଇଲେ ତାଙ୍କଠାରୁ ସନ୍ନ୍ୟାସୀର କର୍ତ୍ତବ୍ୟାକର୍ତ୍ତବ୍ୟ ଜାଣି ନିଅ । ନତୁବା ପୁନରାୟ ମୋ ନିକଟକୁ ଆସି ସବୁ ଜାଣି ନିଅ । ମୁଁ ଶୀତକାଳରେ କାଶୀରେ ଥିବି । ଇଚ୍ଛା ହେଲେ ସେହି

ସମୟରେ ସେଠାରୁ ଜାଣି ନେଇ ପାର । ମନ ସ୍ଥିରପୂର୍ବକ ଗୋଟିଏ ବିଷୟରେ ଜୀବନ ଉତ୍ସର୍ଗ କରି ନ ପାରିଲେ ସନ୍ନ୍ୟାସ ପ୍ରତିଷ୍ଠା ହେବ ନାହିଁ । ମନର ଇଚ୍ଛାନୁସାରେ ଚଳିଲେ ତ୍ୟାଗର ଉଚ୍ଚାସନ ପାଇବ ନାହିଁ । ମନୋବୁଦ୍ଧିର ସହିତ ସ୍ଥୂଳ-ସୂକ୍ଷ୍ମଦେହର ବିନାଶ ନ ହେଲେ ସ୍ୱରୂପ ପ୍ରକାଶିତ ହୁଏ ନାହିଁ । ଶ୍ରୀଗୁରୁଦେବ ତୁମକୁ ସୁମତି ଦିଅନ୍ତୁ । ଜଗତର ସୁଖାର୍ଥେ ଆତ୍ମସୁଖ ଅର୍ଥାତ୍ ମାୟିକ 'ମୁଁ' କୁ ବଳିଦେଇ ସ୍ୱରୂପାନନ୍ଦ ଲାଭ କର । ଅତ୍ର ମଙ୍ଗଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୫)

ନୀଳାଚଳ କୁଟୀର

୧୦।୧୧।୩୮

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ବ୍ରହ୍ମଚର୍ଯ୍ୟ-ଜୀବନରେ ଚିତ୍ତଶୁଦ୍ଧି ପ୍ରଧାନ ଲକ୍ଷ୍ୟ, ଚିତ୍ତଶୁଦ୍ଧି ହେଲେ ଲକ୍ଷ୍ୟ ସ୍ଥିର କରି ଦେବା ସହଜ ହୁଏ । ସତ୍ତ୍ୱଶୁଦ୍ଧି ଲକ୍ଷ୍ୟ କରି ତୁମେ ଯାହା ହିଁ କରୁଅଛ ତାହା ଚିତ୍ତଶୁଦ୍ଧିର କାରଣ ଜାଣି ମୁଁ ତାହା ସମର୍ଥନ କରିଅଛି । ଇଚ୍ଛା ଅଛି ଯଥା ସମୟରେ ତୁମର ଭାବ ବୁଝି ବିଶେଷ କୌଣସି ସାଧନ-ପନ୍ଥା କହି ଦେବି ।

ମୋ ମତରେ ଶୁଦ୍ଧସତ୍ତ୍ୱ ବା ସ୍ୱରୂପ ଏକାର୍ଥବାଚକ ନୁହେଁ । ଶୁଦ୍ଧସତ୍ତ୍ୱରେ ରଜସ୍ତମର ମଇଳା ନ ଥାଇ ପାରେ, କିନ୍ତୁ ତାହା ମଧ୍ୟ ଗୁଣ । ସ୍ୱରୂପ

କହିଲେ ଆମେ ଗୁଣାତୀତ ଅବସ୍ଥା ବୁଝୁ । ଆଉ ବ୍ୟକ୍ତିତ୍ୱ ଓ ଜୀବତ୍ୱକୁ ଏକ ବୋଲି ମନେ କରୁ । ପ୍ରକୃତିର ଗୁଣାବରଣରେ ବ୍ରହ୍ମ ହିଁ ବହୁ ବ୍ୟକ୍ତିତ୍ୱ ବା ଜୀବତ୍ୱରେ ପ୍ରକାଶିତ ହୋଇଛନ୍ତି । ଜୀବ ବ୍ରହ୍ମଙ୍କର ଅଂଶ ନୁହେଁ—ସୁତରାଂ ନିତ୍ୟ ମଧ୍ୟ ନୁହେଁ । ଚିତ୍ତରେ ଚୈତନ୍ୟର ଆଭାସ ମାତ୍ର । ଆଧାର ନ ଥିଲେ ଯେପରି ପ୍ରତିବିମ୍ବ ମଧ୍ୟ ରହେ ନାହିଁ, ଚିତ୍ତ ନ ଥିଲେ ଜୀବ ମଧ୍ୟ ଲୟ ହୁଏ । ତେଣୁ **ଯୋଗପଥରେ** ଚିତ୍ତ ନିରୋଧ କଲେ ଜୀବତ୍ୱ ଲୟପ୍ରାପ୍ତ ହୁଏ, ସ୍ୱତଃ ସାକ୍ଷୀସ୍ୱରୂପ ପ୍ରକାଶିତ ହୁଅନ୍ତି । ଏହା ହିଁ ଆତ୍ମସାକ୍ଷତ୍କାର ; ନତୁବା ବ୍ୟକ୍ତିତ୍ୱର ସାକ୍ଷାତ୍କାର ଆତ୍ମସାକ୍ଷାତ୍କାର ନୁହେଁ । ନିଜକୁ ଜାଣିବାକୁ ଆତ୍ମସାକ୍ଷତ୍କାର କହିପାର, କିନ୍ତୁ ତା ପୂର୍ବରୁ ନିଜର ସ୍ୱରୂପ ଅବଧାରଣ କରିବା ଆବଶ୍ୟକ । ମୋ ମତରେ ମୁଁ ବ୍ୟକ୍ତି ନୁହେଁ । ଆଉ **ଜ୍ଞାନପଥରେ** ସନ୍ନ୍ୟାସଯୋଗ ଅବଲମ୍ବନପୂର୍ବକ ବ୍ୟକ୍ତିତ୍ୱ (ଜୀବ ଅର୍ଥାତ୍ ଆଭାସଚୈତନ୍ୟ) ପରିହାର କରି, ଶ୍ରବଣ, ମନନ, ନିଦିଧ୍ୟାସନ କିମ୍ବା ବ୍ରହ୍ମବିଦ୍ ଗୁରୁଙ୍କର ସେବା, ପୂଜା, ଭଲପାଇବାରେ ବ୍ୟକ୍ତିତ୍ୱ ବିସର୍ଜନ କଲେ ବ୍ରହ୍ମନିର୍ବାଣ ଲାଭ କରାଯାଏ । ଯୋଗପଥ ଏବଂ ଜ୍ଞାନପଥ ବା ବ୍ରହ୍ମବିଦ୍ ଗୁରୁଙ୍କ ସେବା ବ୍ୟତୀତ ବ୍ରହ୍ମନିର୍ବାଣ (ସ୍ୱରୂପମୁକ୍ତିର) ଆଉ ତୃତୀୟ ପଥ ନାହିଁ ।

ଯେଉଁମାନେ ନିର୍ବାଣମୁକ୍ତି ବା ବ୍ୟକ୍ତିତ୍ୱଲୟ ବିଷୟ ଧାରଣା କରି ପାରିବେ ନାହିଁ, ସେମାନେ ହିଁ **ଭକ୍ତିପଥର** ସିଦ୍ଧାନ୍ତ ବା ଲକ୍ଷ୍ୟ ଗ୍ରହଣ କରିଥାନ୍ତି । ଭକ୍ତଙ୍କ ମତରେ ଭଗବାନଙ୍କର ଗୋଟିଏ ସତ୍ତ୍ୱଶୁଦ୍ଧ ରୂପ ଅଛି, ଜୀବ ତାହାର ହିଁ ଅଂଶ, ସୁତରାଂ ନିତ୍ୟ । ଜୀବ ମଳିନ ଅବସ୍ଥାରେ (ରଜସ୍ତମୋଦ୍ଭଭିଭୂତ) ତାହା ଜାଣି ପାରେ ନାହିଁ । କାର୍ଯ୍ୟତଃ ଗୁଣର ଉତ୍କର୍ଷ ଦ୍ୱାରା ତମଃ-ରଜଃ ଅତିକ୍ରମ କଲେ ସତ୍ତ୍ୱଶୁଦ୍ଧାବସ୍ଥାରେ

ଭଗବାନଙ୍କଠାରେ ଦୃଢ଼ାଭକ୍ତିସମ୍ପନ୍ନ ହୁଏ । ସେତେବେଳେ କାହା ସହିତ କାହାରି ବି ବିରୋଧ ରହେ ନାହିଁ । ନିଜ ନିଜ ବ୍ୟକ୍ତିତ୍ୱର ଭାବାନୁସାରେ ଦାସ୍ୟ-ସଖ୍ୟ-ବାତ୍ସଲ୍ୟ ପ୍ରଭୃତି ଭାବରେ ସାଲୋକ୍ୟ-ସାରୂପ୍ୟ ପ୍ରଭୃତି ମୁକ୍ତିଲାଭ କରିଥାନ୍ତି । ଚରମରେ ସାଯୁଜ୍ୟ ମୁକ୍ତି ମଧ୍ୟ ଲାଭ ହୋଇପାରେ । କିନ୍ତୁ ଭକ୍ତ ନିର୍ବାଣ ଦୂରେଥାଉ ସାଯୁଜ୍ୟ ମୁକ୍ତିର ମଧ୍ୟ ବିରୋଧୀ ।

ଯାହାହେଉ—ଏହି କଥାଗୁଡ଼ିକ ତୁମେ ବୁଝି ପାରିବ କି ନା ଜାଣେନା । ଏହାଦ୍ୱାରା ମୂଳବିଷୟର ଆଭାସମାତ୍ର ଦେଲି । ସାକ୍ଷାତରେ ବିସ୍ତୃତ ଆଲୋଚନା କରି ବୁଝି ନିଅ । ମୁଁ ଭଲ ଅଛି । ତୁମ୍ଭେମାନେ ସମସ୍ତେ ମୋର ସ୍ନେହାଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୬)

ପୁରୀ

୧।୬।୩୩

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ବିଶେଷଃ—

ତୁମର ପତ୍ରଖଣ୍ଡିକ ପାଇ କ୍ଷୁର୍ଣ୍ଣ ହେଲି । ତୁମର ବର୍ତ୍ତମାନ ପୂର୍ଣ୍ଣ ଯୌବନକାଳ, ଏହି ସମୟରେ ନାନାପ୍ରକାର ଚିତ୍ତବିକ୍ଷେପ ସ୍ୱାଭାବିକ । ତଦୁପରି ରୋଗାଦିରେ ଚିତ୍ତ ଦୁର୍ବଳ ହୋଇ ପଡ଼ିଲେ ବିକ୍ଷେପଶକ୍ତିର କ୍ରିୟା ବୃଦ୍ଧି ହେବ ସନ୍ଦେହ ନାହିଁ । କିନ୍ତୁ ତାହା ବୋଲି କ'ଣ ନିରାଶ ହୋଇ

ପଡ଼ିବ ? ଜୀବନସାରା ଚିତ୍ତବୃତ୍ତି ସାଙ୍ଗରେ ଲଢ଼େଇ କରିବାକୁ ପଡ଼ିବ । କର୍ମଫଳାନୁସାରେ ସଞ୍ଚିତ ଗୁଣରେ ଆତ୍ମସମର୍ପଣ କଲେ ଚଳିବ ନାହିଁ । ପୁରୁଷାର୍ଥର ଅଗ୍ନିରେ ଗୁଣକୁ ଦଗ୍ଧ କରିବାକୁ ପଡ଼ିବ । ଏବେଠାରୁ ହତାଶ ହେବ କାହିଁକି ? ନିଜକୁ ସମ୍ପୂର୍ଣ୍ଣରୂପେ ଶ୍ରୀଗୁରୁଙ୍କଠାରେ ଆତ୍ମନିବେଦନ କରିବାକୁ ଅଭ୍ୟାସ କର । ମନରେ ବିରୁଦ୍ଧ ବୃତ୍ତିର ଉଦୟ ହେଲେ 'ଜୟଗୁରୁ' ମହାମନ୍ତ୍ର ଜପ କର—ଅକପଟ ଭାବରେ ତାଙ୍କ ନିକଟରେ ପ୍ରାର୍ଥନା କର, ମନରେ ବଳ ପାଇବ । ଯଦି ସଂଯମ ସହିତ ତ୍ୟାଗର ସଂସ୍କାର ନେଇ ମଧ୍ୟ ମରିପାର, ତାହା ମଧ୍ୟ ପରଜନ୍ମରେ ମହାସୌଭାଗ୍ୟର ସୂଚନା କରିବ । ଗୋଟିଏ ଜନ୍ମରେ ଆମର ସବୁ ଶେଷ ହୋଇଯିବ ନାହିଁ । ଆଶୀର୍ବାଦ କରୁଛି ତୁମ୍ଭମାନଙ୍କର ହୃଦୟରେ ଭକ୍ତି ଓ ଦେହରେ ଶକ୍ତି ସଞ୍ଜାତ ହେଉ । ସାକ୍ଷାତରେ ଏହି ସବୁ ବିଷୟରେ ଆଲୋଚନା କରିବି । ମୁଁ ଶାରୀରିକ ଭଲ ଅଛି । ସମସ୍ତଙ୍କୁ ମୋର ଆଶୀର୍ବାଦ ଜଣାଇବ । ଇତି—

ଆଶୀର୍ବାଦକ—

ତୁମ୍ଭମାନଙ୍କ ଠାକୁର

(୬୭)

ପୁରୀ

୨୭।୨।୩୧

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ଜ୍ଞାତ ହେଲି । ପୂର୍ବ ପତ୍ରଖଣ୍ଡିକ ମଧ୍ୟ ଯଥାସମୟରେ ପାଇଅଛି । କିନ୍ତୁ ···ସମ୍ବନ୍ଧରେ ଯେଉଁ ଅପବାଦର କଥା

ଲେଖା ଥିଲା, ତୁମ୍ଭେମାନେ ତାହା ଉଡ଼େଇ ଦେଲେ ମଧ ଏବଂ ମୁଁ ତାହା ବିଶ୍ୱାସ ନ କଲେ ମଧ ମୋ ଚିତ୍ତରେ ଖୁବ୍ ଧକ୍‌କା ଲାଗିଛି । ''ଯାହା ରଟେ, କିଛି ନା କିଛି ଘଟେ ।''

ନିଶ୍ଚୟ ତୁମ୍ଭମାନଙ୍କ ବ୍ୟବହାର ଏପରି ଅସାମାଜିକ ଯଦ୍ଦ୍ୱାରା ଲୋକମାନେ ଏହିସବୁ ଅପବାଦ ଦେବାର ସୁଯୋଗ ପାଇଛନ୍ତି । ସାଧାରଣ ଲୋକଙ୍କ ଭିତରେ ମଧ ଏହି ଆନ୍ଦୋଳନ ଚାଲିଛି । ର—ର ଚକ୍ଷୁଲଜ୍ଜା ନାହିଁ, ସେ ତୁମ୍ଭମାନଙ୍କର ମୁହଁ ଉପରେ ହିଁ କହିଅଛି ! ତେଣୁ ତାହା ଉପରେ ଦୋଷ ଲଦୁଅଛ । .....ର ବ୍ୟବହାରରେ ମୁଁ ମର୍ମାହତ ହୋଇଅଛି । ତାକୁ ପୁନଃ ପୁନଃ କ୍ଷମା ଓ ସାବଧାନ କରିବା ସତ୍ତ୍ୱେ ମଧ ସେ ସଂଯତ ହେଉ ନାହିଁ । ବିଶେଷ ପ୍ରୟୋଜନ ବ୍ୟତୀତ ସ୍ତ୍ରୀଲୋକଙ୍କ ସଙ୍ଗେ ବ୍ରହ୍ମଚାରୀର ବାକ୍ୟାଳାପ ନିଷେଧ । ସେ ମୋର ଉପଦେଶ ଉପେକ୍ଷା କରି ମାତୃଭାବରେ ବିଭୋର ହୋଇ ସମାଜବିଗର୍ହିତ ବ୍ୟବହାର କରୁଅଛି । ନିଜ ମା ବ୍ୟତୀତ ପରର ମା ସହିତ ଏପରି ବ୍ୟବହାର ବିସଦୃଶ । ସତ୍ୟକାର ମା ନିକଟରେ ମଧ ବୁଢ଼ା ପୁଅର ଏତେ ଆଦର ସୋହାଗ ଚଳେ ନାହିଁ । ହରିଦାସ ବୃଦ୍ଧା ହସ୍ତରୁ ଭିକ୍ଷା ଗ୍ରହଣ କରିବାରୁ ଗୌରାଙ୍ଗଦେବ କର୍ତ୍ତୃକ ପରିତ୍ୟକ୍ତ ହୁଅନ୍ତି । ଆଉ ବଗୁଡ଼ାରେ ତୁମକୁ ଏତେ ସାବଧାନ କରିବା ସତ୍ତ୍ୱେ ମଧ ବ୍ରହ୍ମଚାରୀମାନଙ୍କୁ ଏପରି ଭାବରେ ପ୍ରଶ୍ରୟ ଦେବା କିପ୍ରକାର ଗୁରୁଭକ୍ତିର ପରିଚୟ ମୁଁ ବୁଝି ପାରୁ ନାହିଁ । ଗୃହୀଲୋକମାନେ ସନ୍ନ୍ୟାସୀ ବା ବ୍ରହ୍ମଚାରୀର ସର୍ବନାଶ କରନ୍ତି ; ଶେଷରେ ଓଲଟା ଦୋଷ ଲଦି ବସନ୍ତି । ଜାଣେନା .....ର କେଉଁ ଗୁଣରେ ତୁମ୍ଭେମାନେ ମୁଗ୍ଧ ହୋଇ ପଡ଼ିଅଛ ! ତାର ବିଦ୍ୟାବୁଦ୍ଧି ଧର୍ମଜ୍ଞାନ ମୋର ଅବିଦିତ ନୁହେଁ । ନିତାନ୍ତ ବେହିୟା ବୋଲି ହିଁ ସେ ଏବେ ମଧ ଭଣ୍ଡାମି କରିବାକୁ ସାହାସ କରୁଅଛି । ଏଥର ମୁଁ ତାକୁ

ଗୁରୁତର ଶାସ୍ତି ପ୍ରଦାନ କରିବି ନତୁବା ତ୍ୟାଗ କରିବି । ଆଶ୍ରମ ନ ହେବା ହିଁ ଶ୍ରେୟଃ, ତେବେ ଏହିପରି ଗୁରୁଦ୍ରୋହୀ ଭୋଗୀ ସେବକ ଦ୍ୱାରା ତ୍ୟାଗୀ-ସମାଜ କଳଙ୍କିତ ହେବା ବାଞ୍ଛନୀୟ ନୁହେଁ । ତୁମ୍ଭମାନଙ୍କ ଉପରେ ମଧ୍ୟ ଏଥର ମୁଁ ବିରକ୍ତ ହୋଇଅଛି । ବି—ର ଘଟଣା ପରେ ମୋର ବିଶ୍ୱାସ ଥିଲା ଆଉ କେବେ ମଧ୍ୟ ତୁମ୍ଭମାନଙ୍କ ଦ୍ୱାରା ଅସାମାଜିକ କାଣ୍ଡ ଘଟିବ ନାହିଁ । ମୋର ଦୁର୍ଭାଗ୍ୟ, ମୁଁ ଯେଉଁମାନଙ୍କୁ ଟିକିଏ ଭଲପାଏ, ସେମାନେ ହିଁ ମୋର ବିରୁଦ୍ଧାଚରଣ କରିଥାନ୍ତି । .....ର ଭଳି ଅପଦାର୍ଥର ଯେଉଁଠାରେ ଆଦର, ଦ.....ର ପ୍ରଭାବ ସେଠାରେ କିପରି, ତାହା ଏବେ ବେଶ୍ ବୁଝୁଅଛି । .....ର ପାଇଁ ମୋତେ ଲଜ୍ଜା ହେଉଛି । ତୁମ୍ଭମାନଙ୍କୁ ଆଉ କ'ଣ ଲେଖିବି ? ସାକ୍ଷାତରେ ସେହି ସବୁ କୀର୍ତ୍ତି-କାହାଣୀ ଆଲୋଚନା କରିବି । ମୁଁ ଭଲ ଅଛି । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୬୮)

ଏପୁରୀଧାମ

୫।୮।୩୦

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ଇତିପୂର୍ବରୁ ସୁ—ର ଦୁଇଖଣ୍ଡ ପତ୍ରରୁ ସ୍ୱ—ର ଅବସ୍ଥା ଅବଗତ ହୋଇଅଛି । ତାହାର ଅବସ୍ଥା ଉତ୍ତୋରତ୍ତର ମନ୍ଦ ହୋଇଅଛି । ପୌଷ ୩ୟ ଦିବସରେ ଚରମ

ମନ୍ଦରେ ଉପନୀତ ହେବ । ଯଦିଓ ତାକୁ ଜୀର୍ଣ୍ଣଦେହରେ ଆଉ ଧରି ରଖିବା କର୍ତ୍ତବ୍ୟ ନୁହେଁ, ତଥାପି ଯେପରି ସମ୍ମିଳନୀ ପରେ ତାହା ସଂଘଟିତ ହେବ, ସେଥିପାଇଁ ଯଥାସାଧ୍ୟ ଚେଷ୍ଟା କରୁଅଛି । ଫଳ କ'ଣ ହେବ ଏବେ ମଧ୍ୟ ଠିକ୍ କହି ପାରିବି ନାହିଁ । ଯାହାହେଉ, ତା ପାଇଁ ତୁମ୍ଭେମାନେ ବିଚଳିତ ନ ହୋଇ ଯଥାସାଧ୍ୟ କର୍ତ୍ତବ୍ୟରେ ମନଃସଂଯୋଗ କର । ସମ୍ମିଳନୀ ଯେପରି ସୁଚାରୁରୂପେ ସମ୍ପନ୍ନ ହେବ ଯଥାସାଧ୍ୟ ସେଥିପାଇଁ ଚେଷ୍ଟା କରିବ । ଅବଶ୍ୟ ଯାହାର କାର୍ଯ୍ୟ ସେ ହିଁ କରାଇବେ । ତୁମ୍ଭମାନଙ୍କ ପ୍ରାଣରେ ଧୈର୍ଯ୍ୟ, ଉତ୍ସାହ, ଅଧ୍ୟବସାୟ ରହିବା ଆବଶ୍ୟକ । ମୁଁ ଆଗାମୀ ଶୁକ୍ରବାର ୨୮ଶ ଦିବସରେ ଏଠାରୁ ବଙ୍ଗଳାକୁ ପ୍ରସ୍ଥାନ କରିବି । ପଥରେ ପଶ୍ଚିମବଙ୍ଗ ଓ ପୁଁଠିଆରେ କିଛିଦିନ ବିଳମ୍ବ ହେବ । ତତ୍ପରେ ବଗୁଡ଼ା ଯିବି । ସାକ୍ଷାତରେ ଅନ୍ୟାନ୍ୟ ବିଷୟ ଓ ତୁମର ପାରିବାରିକ ବିଷୟରେ ଆଲୋଚନା କରିବି । ଅନ୍ୟାନ୍ୟ କୁଶଳ । ସମସ୍ତେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୯)

ସାରସ୍ୱତ ମଠ

ମାଘ ୧୨ ଦିନ, ୧୩୩୦

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାଦ୍ବିଶେଷଃ—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ଶ୍ରୀମାନ୍ ସ୍ୱ—ର ଅଭାବରେ ଆମର ଯେଉଁ କ୍ଷତି ହେବ ତାହା ଆଉ ପୂରଣ

ହେବାର ଉପାୟ ନାହିଁ । ସୁତରାଂ ତାକୁ ଜଗତରେ ରଖିବା ପାଇଁ ନାନାପ୍ରକାର ଚେଷ୍ଟା କରି ଆସୁଛି । ଆତ୍ମା ଆୟତ୍ତୀକୃତ ହେଲେ ମଧ୍ୟ ଦେହଟାକୁ କର୍ମୋପଯୋଗୀ କରିବାର ପନ୍ଥା ପାଉ ନାହିଁ । ଦେହର ପ୍ରତି ପରମାଣୁ ରୋଗବୀଜ ଜୀର୍ଣ୍ଣ କରିଅଛି । ପୌଷ ୩ୟ ଦିବସର ମୃତ୍ୟୁ ଗତ ପୂର୍ଣ୍ଣିମା ପର୍ଯ୍ୟନ୍ତ ହଟାଇ ଦିଆ ଯାଇଥିଲା । ପୂର୍ଣ୍ଣିମାଦିନ ହିଁ ମୁଁ ଜାଣି ପାରିଛି ସେହିଦିନ ଦେହତ୍ୟାଗ ହୋଇ ନାହିଁ । ସୁତରାଂ ପ୍ରତିପଦା ଠାରୁ ସଂକଳ୍ପ କରି ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ ଆରମ୍ଭ କରିଅଛି । ଫାଲଗୁନ ୮ମ ଦିବସରେ ତାହା ଶେଷ ହେବ । ଏଥର ଚରମଚେଷ୍ଟା । ଏହା ଦ୍ୱାରା ଯଦି ସୁଫଳ ନ ହୁଏ, ତେବେ ଆଉ ସେହି ଦେହରେ ତାକୁ ଅଟକାଇ ରଖିବି ନାହିଁ । ମୃତ୍ୟୁର ଦ୍ୱାର ଛାଡ଼ି ଦେବି । ଆଉ ଯଦି ସୁଫଳ ପାଏ, ତେବେ ସେତେବେଳେ ନଦୀତୀରରେ ବାସ ଆଦିର ବ୍ୟବସ୍ଥା କରିଲେ ହିଁ ହେବ । ଏବେ ଦରକାର ନାହିଁ । ତେବେ ଆୟୁହୀନ ଦେହ, ସବୁ ସମୟରେ ଦେହତ୍ୟାଗର ସମ୍ଭାବନା ରହି ଅଛି । କୌଣସି ଆଶା ନାହିଁ । କାର୍ଯ୍ୟତଃ ଅନ୍ୟ କେଉଁଠାକୁ ପଠାଇବା ଯୁକ୍ତିସଙ୍ଗତ ମନେ କରୁ ନାହିଁ । ଏହା ଭିତରେ ଯଦି କିଛି ନ ହୁଏ ତେବେ ଫାଲଗୁନ ୮ମ ଦିବସ ପରଦିନ ତାହାର ଅବସ୍ଥା ମତେ ଜଣାଇବ ।

ବଗୁଡ଼ା ଆଶ୍ରମ ହେବା ଠାରୁ ସେବକଙ୍କ ଅଭାବ ଏବଂ ବିରୁଦ୍ଧ ଦଳର କୁତ୍ସା କଥା ଶୁଣି ଶୁଣି ମୁଁ ବିରକ୍ତ ହୋଇ ଉଠିଛି । ଏ ପର୍ଯ୍ୟନ୍ତ ଏତେ ସେବକ କୌଣସି ଆଶ୍ରମକୁ ଦିଆ ଯାଇ ନାହିଁ । କିନ୍ତୁ ପ୍ରାଣବାନ୍ ଆଶ୍ରମ-ଧର୍ମାଭିଜ୍ଞ ପରିଚାଳକଙ୍କ ଅଭାବରୁ କୌଣସି ସେବକ ରହି ପାରୁ ନାହାନ୍ତି । କା—, ର—, ଦେ—, ଗୀ— ପ୍ରଭୃତି କାହିଁକି ଚାଲି ଯାଇଛନ୍ତି ତାହା ସେମାନେ ମତେ ଜଣାଇଛନ୍ତି ।

ଏହି ମଠରେ ଦୁଇ ଶ୍ରେଣୀର ସେବକ ଅଛନ୍ତି । ଗୋଟିଏ ଦଳ କର୍ମୀ ଓ ଅନ୍ୟଦଳ ଶିକ୍ଷାର୍ଥୀ । ଶିକ୍ଷାର୍ଥୀକୁ ଆଶ୍ରମର ସମସ୍ତ ନିୟମ ମାନି ଚଳିବାକୁ ପଡ଼େ । କିନ୍ତୁ କର୍ମୀସେବକ ଦ୍ୱାରା ତାହା ସମ୍ଭବପର ନୁହେଁ । ଅନେକେ ତମାଖୁ ଖାଏ ; ଏକାଦଶୀ, ଅମାବାସ୍ୟା, ପୂର୍ଣ୍ଣିମାଦି ପାଳନ କରନ୍ତି ନାହିଁ । କିନ୍ତୁ ସେମାନଙ୍କୁ ଛାଡ଼ି ଦିନେ ମଧ ଆଶ୍ରମର କାର୍ଯ୍ୟ ଚଳିବାର ଆଶା ନାହିଁ । ଅବସ୍ଥା ବୁଝି ମୁଁ ଏସବୁ ବ୍ୟବସ୍ଥା କରି ଦେଇଛି । ଗଞ୍ଜେଇଖୋର କା— ଦ୍ୱାରା ସେବାଶ୍ରମ ପ୍ରତି ସାଧାରଣଙ୍କର ଯେପରି ଦୃଷ୍ଟି ପଡ଼ିଥିଲା, ଏବେ ପର୍ଯ୍ୟନ୍ତ କୌଣସି ସେବକ ତାହା ପାରିଲେ ନାହିଁ । ସୁତରାଂ ଯାହାଦ୍ୱାରା କାର୍ଯ୍ୟ ହୁଏ, ତାପ୍ରତି ଟିକିଏ ସ୍ନେହଦୃଷ୍ଟି ରଖିବାକୁ ପଡ଼େ—ତାହାର ଆବ୍‌ଦାର-ଅଭିମାନ ଅଧକ୍ଷଙ୍କୁ ସହ୍ୟ କରିବାକୁ ପଡ଼େ । ନତୁବା କେବଳ କଠୋର ବିଧି-ନିଷେଧ ଦ୍ୱାରା ଶାସନ କଲେ ସେବକ ରହିବେ ନାହିଁ । ଆଉ ଘରୁ ଦେବତ୍ୱ ଲାଭ କରି କେହି ତୁମ୍ଭମାନଙ୍କର ଆଶ୍ରମକୁ ଆସିବେ ନାହିଁ । ଯେଉଁମାନେ ଆସିବେ ସେମାନଙ୍କୁ ଦେବତା କରି ନେବାକୁ ପଡ଼ିବ । ର— ତୁମ୍ଭମାନଙ୍କର ଆଶ୍ରମରେ ରହିଲା ନାହିଁ, କିନ୍ତୁ ଭାଓୟାଲ ଆଶ୍ରମରେ ସେ ଦୁଇବର୍ଷ କିପରି କାମ କରିଛି ମୁଁ ଦେଖିଛି । ଯାହା ହେଉ, ଏଠାକାର ଶିକ୍ଷାର୍ଥୀସେବକ ବା କର୍ମୀସେବକଙ୍କୁ ତୁମ୍ଭମାନଙ୍କର ସେଠାକୁ ପଠାଇଲେ ଚଳିବ ନାହିଁ, କାରଣ ସେମାନେ ବାହାରର ସେବା ବା ଅର୍ଥ ସଂଗ୍ରହରେ ଅଭ୍ୟସ୍ତ ନୁହନ୍ତି । ତୁମ୍ଭମାନଙ୍କୁ ହିଁ ସେବକ ସଂଗ୍ରହ ଓ ତିଆରି କରି ନେବାକୁ ପଡ଼ିବ । ବି—ର କିଛି କିଛି ବଦ୍‌ଖିଆଲ ଅଛି ଜାଣେ, କିନ୍ତୁ ସେ କାମର ଲୋକ । ତାକୁ ପରିଚାଳିତ କରି ପାରିଲେ ତାହାଦ୍ୱାରା କାମ ମିଳିଥାନ୍ତା । ତାହାକୁ ବାହାରର କାର୍ଯ୍ୟରେ ନିଯୁକ୍ତ ରଖ । ତୁମେ ଯେଉଁ ସବୁ କାର୍ଯ୍ୟର କଥା ଲେଖିଅଛ,

ତାହା ତାହାଦ୍ୱାରା ହିଁ ସମ୍ପନ୍ନ ହେବା ସମ୍ଭବ । ତଦପେକ୍ଷା କାହାରିକୁ ବି ଯୋଗ୍ୟ ଦେଖୁ ନାହିଁ । ତେବେ ଯଦି ସେ ନିତାନ୍ତ ଅବାଧ ଓ ଉଚ୍ଛୃଙ୍ଖଳ ହୁଏ, ତାହାହେଲେ ତଡ଼ି ଦିଅ । ମୋର ଅପେକ୍ଷା କରିବାର ପ୍ରୟୋଜନ ନାହଁ । ଗୋଟିଏ ପତ୍ର ତାକୁ ମଧ ଦେଲି ।

ଶ୍ରୀମାନ୍ ଦେ— ସମ୍ବନ୍ଧରେ ମୋର ଯାହା କର୍ତ୍ତବ୍ୟ, ଅବଶ୍ୟ କରିବି । ଏବେ ତୁମର ଅଦୃଷ୍ଟ । ତେବେ ସଂସାରର ସୁଖ-ସୁବିଧା ପାଇଁ ବାସନା-କାମନାରେ ଆସକ୍ତ ହୋଇ ପଡ଼ ନାହିଁ, ଅମୃତ ଭୁଲି ମୃତ ପାଇଁ ବ୍ୟାକୁଳ ହୁଅ ନାହିଁ । ମୁଁ ଫାଲ୍‌ଗୁନ ମାସରେ ହିଁ ବଙ୍ଗଦେଶକୁ ଯିବି । ଏଠାକାର ସବୁ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୭୦)

ନୀଳାଚଳ କୁଟୀର

୩।୧।୩୧

କଲ୍ୟାଣବରେଷୁ—

ଗରମହେତୁ କଲିକତାରେ ରହି ନ ପାରି ଶୀଘ୍ର ପୁରୀ ଚାଲି ଆସିଛି । ନୂତନ ଗୃହରେ ଉଠିଅଛି । ଗତକାଲି ତୁମର ପତ୍ର ହାଓଡ଼ାରୁ ଏଠାକୁ ଆସିଅଛି । ପାଠାନ୍ତେ ଅବଗତ ହେଲି । * * *

ସାନ୍ତାହାରରେ ଯେତେବେଳେ ବି— ଟଙ୍କା ଦେଇ ପ୍ରଣାମ କଲା, ସେତେବେଳେ ସୁ—ର ସହିତ ମୁଁ କଥାରେ ବ୍ୟସ୍ତ ଥିଲି । ଟଙ୍କା କଥା ପଚାରିବାକୁ ଓ ଅନ୍ୟ କଥା କହିବାକୁ ଇଚ୍ଛା ଥିଲା । କିନ୍ତୁ ହଠାତ୍ ଟ୍ରେନ

ଛାଡ଼ି ଦେବାରୁ ଆଉ କାହାକୁ କିଛି କହି ପାରିଲି ନାହିଁ । ତ୍ୟାଗୀ ବ୍ରହ୍ମଚାରୀ ସେବକଗଣ ଶ୍ରୀଗୁରୁଙ୍କ କାର୍ଯ୍ୟରେ ଦେହ-ମନ ଉତ୍ସର୍ଗ କରିଛନ୍ତି, ସୁତରାଂ ସେମାନଙ୍କର ଉପାର୍ଜିତ ବା ସଂଗୃହୀତ ଅର୍ଥ ସବୁ ଶ୍ରୀଗୁରୁଙ୍କର । ଯେଉଁମାନେ ଦେହ-ମନ ଶ୍ରୀଗୁରୁଙ୍କୁ ପ୍ରଣାମୀରୂପେ ଦେଇଛନ୍ତି, ସେମାନଙ୍କର ଟଙ୍କା ଦେଇ ପ୍ରଣାମ କରିବାକୁ ପ୍ରୟୋଜନ ନାହିଁ । ଯେଉଁ ସେବକ ଯେଉଁ ଆଶ୍ରମରେ ରହିବେ, ତାହାର ସଂଗୃହୀତ ଅର୍ଥ ସେହି ଆଶ୍ରମରେ ବ୍ୟୟିତ ହେବ । ଆଶ୍ରମଗୁଡ଼ିକ ମଧ୍ୟ ଶ୍ରୀଗୁରୁଦେବଙ୍କର । ତାହା ଛଡ଼ା ସେବକମାନଙ୍କର ନିୟମ ହେଉଛି ଯେ, ସେମାନେ ବ୍ୟକ୍ତିଗତଭାବରେ ଅର୍ଥସଂଗ୍ରହ କରି ପାରିବେ ନାହିଁ । କଲେ ମଧ୍ୟ ତାହା ଆଶ୍ରମରେ ଜମା ଦେବାକୁ ପଡ଼ିବ । ବି—ର ସେହି ଶିକ୍ଷା ବା ଜ୍ଞାନ ନାହିଁ । ତେଣୁ ମତେ ଟଙ୍କା ଦେଇ ବୃଥା ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଅଛି । ତାର ହାଲିସହରରେ ବ୍ୟବହାର, ଚରିତ୍ର, ଜ୍ଞାନ-ବୁଦ୍ଧି ମତେ ଅବିଦିତି ନୁହେଁ । ସଂଯମ, ତ୍ୟାଗ ଓ ସାଧୁ-ବ୍ୟବହାର ବ୍ୟତୀତ ମୁଁ କୌଣସି ସେବକ ଉପରେ ପ୍ରୀତ ହୋଇ ପାରିବି ନାହିଁ । ଏପରି କି ନିଜର ବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡ଼ିକ ମଧ୍ୟ ସେବକଗଣଙ୍କୁ କର୍ତ୍ତୃପକ୍ଷଙ୍କ ନିକଟରୁ ଚାହିଁ ନେବାକୁ ପଡ଼ିବ । ଏହିସବୁ କଥା ବି—କୁ ବୁଝାଇ କହିବ । ତାର ପ୍ରଦତ୍ତ ୧୦ ଟଙ୍କାର ନୋଟ ଖଣ୍ଡିକ ଏହି ପତ୍ର ସାଙ୍ଗରେ ଫେରସ୍ତ ଦେଲି । * * *

ରାଜସାହୀ ବିଭାଗର ଶିଷ୍ୟମାନଙ୍କର ଯେଉଁ ତାଲିକା ଦେଇଛି ତାହା ଗୋଟିଏ ଖାତାରେ ଉଠାଇବାକୁ ବ୍ୟବସ୍ଥା କରିବ ।

ଘରଟା ବେଶ୍ ମନୋନୀତ ହୋଇଛି । ତେବେ ଏବେ ମଧ୍ୟ ପ୍ରାୟ ଦୁଇହଜାର ଟଙ୍କା ଖର୍ଚ୍ଚ କରି ଅଭାବାଦି ଦୂର କରି ନେବାକୁ ପଡ଼ିବ ।

ବେଶ୍ ଆନନ୍ଦରେ ଅଛି । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ସମସ୍ତେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୭୧)

ସାରସ୍ୱତ ମଠ

ସ୍ନେହର ର—,

ବହୁଦିନ ପରେ ତୁମର ପତ୍ରଖଣ୍ଡିକ ପାଇ ବିସ୍ତାରିତ ଅବଗତ ହେଲି । ପୂଜା ଛୁଟୀରେ ଆଶ୍ରମକୁ ଅନେକ ଭକ୍ତ ଆସିଥିଲେ, ସେମାନଙ୍କୁ ନେଇ ସମୟ କଟିଯାଇଛି, ପତ୍ରାଦି ଲେଖିବାର ସମୟ ସୁଯୋଗ ପାଇ ନାହିଁ । ଯେତେବେଳେ ସମୟ ହେଲା, କେଉଁଠିକି ଉତ୍ତର ଦେବି ତାହା ଠିକ୍ କରି ପାରି ନାହିଁ । କାରଣ କଲେଜ ଖୋଲିବା ସମୟ ହୋଇଥିଲା, ତେଣୁ ଯଥାସମୟରେ ଉତ୍ତର ଦେଇ ପାରି ନାହିଁ ।

ବସ ! ପୂଜା ସମୟରେ ଯେଉଁ ବିଭ୍ରାଟ ହୋଇଯାଇଛି, ସେଥିପାଇଁ ଅନୁଶୋଚନା କରି ଫଳ ନାହିଁ, କିନ୍ତୁ ଭବିଷ୍ୟତ ପାଇଁ ସାବଧାନ ଓ ଦୃଢ଼ ହେବ । ସ୍ୱେଚ୍ଛାରେ ହେଉ ବା ଅନୁରୋଧରେ ହେଉ ଯେଉଁ ଦାୟିତ୍ୱ ଗ୍ରହଣ କରିବ ସେଥିରେ କଦାଚ ଔଦାସ୍ୟ କରିବ ନାହିଁ । ଦାୟିତ୍ୱ ଯେପରି ସର୍ବାଙ୍ଗସୁନ୍ଦରରୂପେ ପାଳିତ ହୁଏ, ସେଥିପାଇଁ ପ୍ରାଣପଣେ ଚେଷ୍ଟା କରିବ । ନିଜର ଦାୟିତ୍ୱ ଅପରଙ୍କ ଉପରେ ନ୍ୟସ୍ତ କରିବା ସମୟରେ ତାଙ୍କ ସମ୍ବନ୍ଧରେ ଅନୁସନ୍ଧାନ କରିବ । ବିଶେଷତଃ ଦେବତାଙ୍କ କାର୍ଯ୍ୟରେ ଅବହେଳା ବିଶେଷ ଗର୍ହିତ । ସମସ୍ତ ପ୍ରକାର ଦାୟିତ୍ୱରେ ସର୍ବଦା ଶେଷପର୍ଯ୍ୟନ୍ତ ମନୋଯୋଗୀ

ହେବାକୁ ମୁଁ ଉପଦେଶ ଦେଉଛି । ଆଶାକରେ ତୁମଦ୍ୱାରା ଆଉ କୌଣସି କର୍ତ୍ତବ୍ୟରେ କଦାପି ତ୍ରୁଟି ହେବ ନାହିଁ ।

ଆଶ୍ରମର କାର୍ଯ୍ୟ ଦିନକୁଦିନ ବଢ଼ି ଯାଉଅଛି । ସମ୍ମୁଖରେ ସ୍ନିଗ୍ଧୋଜ୍ଜ୍ୱଳ ଆଲୋକ ବିକଶିତ । ସେହି ଆଲୋକରେ କେତେ ପ୍ରଶସ୍ତ ପଥ ଦୃଷ୍ଟ ହେଉଅଛି । ମୁଁ ଓ ମୋର ବୋଲି ଯେଉଁମାନେ ଅଛନ୍ତି ସେମାନଙ୍କ ସମ୍ମୁଖରେ ଅସଂଖ୍ୟ କାର୍ଯ୍ୟ । ପୃଥିବୀବ୍ୟାପୀ ରଜୋଗୁଣର ଧ୍ୱଂସରେ ସାତ୍ତ୍ୱିକ ଗୁଣର ଅଭ୍ୟୁଦୟ ଅବଶ୍ୟମ୍ଭାବୀ । ଭାରତର ବ୍ରାହ୍ମଣ ସନ୍ନ୍ୟାସୀ ବ୍ୟତୀତ ଏହି ସାତ୍ତ୍ୱିକ ଗୁଣର ଆହାର ଜୁଟାଇ କିଏ ସେମାନଙ୍କୁ ପୁଷ୍ଟ କରିପାରିବ ? ଏହି ଉପସ୍ଥିତ ସାମ୍ୟ ଓ ଉଦାର ଯୁଗରେ ବେଦାନ୍ତ-ଧର୍ମ ବ୍ୟତୀତ ଆଉ କେଉଁ ଧର୍ମ ସମସ୍ତଙ୍କର ସମାନ ଭାବରେ ତୃପ୍ତିସାଧନ କରିପାରିବ ? ସେଥିପାଇଁ ବଙ୍ଗଳାର ସୁଦୂର ପ୍ରାନ୍ତରେ ଏହି ମଠ ସ୍ଥାପନ କରାଯାଇଛି । ଲୋକସମାଜରେ କେବଳ ଗୋଳରେ ହରିବୋଲ ନ ଦେଇ ଯଦ୍ଦ୍ୱାରା ବେଦାନ୍ତବିଦ୍ ଗୁରୁଙ୍କର ବିକାଶ ହୁଏ ସେଥିପାଇଁ ଅନାଥ ଅଶ୍ରମ ଓ ମଠର ପ୍ରତିଷ୍ଠା ଏବଂ ଜଗଦ୍‌ଗୁରୁ ତାହାର ପରିଚାଳକ । କାର୍ଯ୍ୟ କିପରି ହେଉଛି ସେ ହିଁ ତାହା ଜାଣନ୍ତି । ତେବେ ଏଇମାତ୍ର ସୂତ୍ରପାତ, ଏବେ ମଧ୍ୟ ପୂର୍ଣ୍ଣରୂପେ ପ୍ରତିଷ୍ଠା ହୋଇ ନାହିଁ । ଅନେକ ବିଭାଗର ଅନେକ ବିଷୟ ଏବେ ମଧ୍ୟ ଅସଂପୂର୍ଣ୍ଣ । ଅଭାବ ଭିତରେ ହିଁ ଆମମାନଙ୍କୁ ଭାବ ପ୍ରତିଷ୍ଠା କରିବାକୁ ପଡ଼ିବ । ତେବେ ଯେପରି କାର୍ଯ୍ୟାରମ୍ଭ ହୋଇଅଛି, ସେଥିରେ ହତାଶ ହେବାର କୌଣସି କାରଣ ନାହିଁ । ସେବକଗଣଙ୍କର ଉଦ୍ୟମ, ଅଧ୍ୟବସାୟ ଓ ସେବାପ୍ରାଣତା ଦିନକୁ ଦିନ ବର୍ଦ୍ଧିତ ହେଉଅଛି ।

ବତ୍ସ ! ତୁମ୍ଭମାନଙ୍କ ଭଳି ବାଳକ-ଭକ୍ତଗଣଙ୍କ ଉପରେ ମୁଁ ଅନେକ ଆଶା କରୁଅଛି । ତୁମ୍ଭେମାନେ ଯେଉଁଦିନ ଶିକ୍ଷା ସଂପୂର୍ଣ୍ଣ କରି

କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହେବ, ସେତେବେଳେ ଆମ୍ଭେମାନେ ସର୍ବପ୍ରକାର ପୂର୍ଣ୍ଣତା ଲାଭ କରିବା । ଦଶବର୍ଷ ଭିତରେ ହିଁ ଏହି ମଠର ସେବକଗଣ ବେଦାନ୍ତ ପ୍ରଚାରାର୍ଥେ ଜଗତକୁ ବାହାରି ପାରିବେ ବୋଲି ମୁଁ ମନେକରେ । ପ୍ରାର୍ଥନା କରୁଛି ଶ୍ରୀଗୁରୁଦେବ ତୁମ୍ଭମାନଙ୍କ ପ୍ରାଣରେ ତଦନୁରୂପ ଶକ୍ତି-ଭକ୍ତି ପ୍ରଦାନ କରନ୍ତୁ ।

ମୁଁ ଅତି ସତ୍ୱର ବଙ୍ଗଳାଦେଶକୁ ଯଦି, ତତ୍ପରେ କାଶୀ ଯିବି । ସେଠାରେ କିଛିଦିନ ଅବସ୍ଥାନାନ୍ତେ ଚୈତ୍ର ମାସରେ ହରିଦ୍ୱାର କୁମ୍ଭମେଳାରେ ଯୋଗଦାନ କରି ବୈଶାଖ ମାସରେ ଉତ୍ସବ ପୂର୍ବରୁ ଆଶ୍ରମକୁ ଆସିବି । ଶ୍ରୀମାନ୍ ଯ—ପ୍ରଭୃତିଙ୍କର କୌଣସି ସମ୍ବାଦ ଅବଗତ ହୋଇ ନାହିଁ । ତୁମେ ତାକୁ ମୋର ବିଜୟାର ଆଶୀର୍ବାଦ ଜଣାଇବ ଏବଂ ନିଜେ ମଧ୍ୟ ଜାଣିବ । ଇତି—

ଆଶୀର୍ବାଦକ—

"ଠାକୁର"

(୭୨)

ବେନାରସ ସିଟି

ପୌଷ ୧୭ ଦିନ

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ପ୍ରିୟ ରା— ଓ ସନ୍ତାନଗଣ ! ତୁମ୍ଭମାନଙ୍କୁ ଛାଡ଼ି—ହୃଦପିଣ୍ଡ ଉତ୍ପାଟିତ କରି ମୁଁ ଚାଲି ଆସିଛି । ସେହି ହୃତ୍‌ପିଣ୍ଡ ତୁମ୍ଭମାନଙ୍କ ଆଦର-ଯତ୍ନ ଦ୍ୱାରା ରକ୍ଷିତ ନ ହେଲେ ବନଫୁଲ ପରି ଲୋକଚକ୍ଷୁର ଆଗୋଚରରେ ଲୟପ୍ରାପ୍ତ

ହେବ । ତୁମ୍ଭେମାନେ କେହି ଏକଥାଭୁଲିବ ନାହିଁ । 'ଶାନ୍ତି ଆଶ୍ରମ'ଟି* ମୋର ଜୀବନବ୍ୟାପୀ ସାଧନାର ଫଳ, ଆଶ୍ରମ ନିକଟରେ ମୋର ପ୍ରାଣଟା ତୁଚ୍ଛ—ସେହି ଆଶ୍ରମ ପାଇଁ ମୁଁ ଶତବାର ମୋର ପ୍ରାଣ ବିସର୍ଜନ ଦେଇ ପାରେ । ଆଶାଅଛି ସେହି ଆଶ୍ରମରୁ ଦିନେ ଶତ ଶତ ନିଗମାନନ୍ଦଙ୍କର ବିକାଶ ହେବ । ବସ ! ତୁମ୍ଭେମାନେ ମୋର ସେହି ଆଶ୍ରମର ରକ୍ଷକ, ଆଶା ଅଛି ମୋର ପ୍ରାଣତୁଲ୍ୟ ଆଶ୍ରମକୁ ଅବହେଳା କରି ତୁମ୍ଭେମାନେ କେହି ମୋର ପ୍ରାଣହନ୍ତାରକ ହେବ ନାହିଁ । ପ୍ରାର୍ଥନା କରୁଛି ସ— ବା ସୁ— ଯେଉଁ ଲୀଳା କଲେ, ତୁମ୍ଭମାନଙ୍କ ହୃଦୟରେ ଯେପରି ସେହିପରି ଉପାଦାନ ସଂଗୃହୀତ ନ ହୁଏ । ମୋର ଆଶ୍ରମ ତ୍ୟାଗର କାରଣ ତୁମ୍ଭେମାନେ କେବେ ଭୁଲିଯିବ ନାହିଁ । ଠାକୁର ଠାକୁରଙ୍କ ଲୋକ ବ୍ୟତୀତ କଦାପି ଅନ୍ୟ ଲୋକଙ୍କୁ ନେଇ ଗୋଟିଏ ଆଶ୍ରମରେ ରହିବେ ନାହିଁ—ଏକଥା ବୋଧହୁଏ ଏଥର ବୁଝି ପାରିଅଛ । ଯେଉଁମାନେ ସ୍ତ୍ରୀ-ପୁତ୍ର ଭାଇ-ଭଗ୍ନୀ ପୁତ୍ର-କନ୍ୟା ନେଇ ଅନିତ୍ୟ ଜଗତରେ ନିତ୍ୟ ବାସ କରିବାକୁ ଚାହାନ୍ତି, ସେମାନଙ୍କ ସହିତ ଜଗଦ୍‌ଗୁରୁ ଶଙ୍କାରାଚାର୍ଯ୍ୟଙ୍କ ମତର ବା ସନ୍ନ୍ୟାସର କୌଣସି ସମ୍ବନ୍ଧ ନାହିଁ ।

*　　　*　　　*

ବସରେ ! କ'ଣ କହିବି ? —ତୀର୍ଥରାଜ କାଶୀ—ସର୍ବଧର୍ମର କେନ୍ଦ୍ରସ୍ଥଳ କାଶୀ—ଅନ୍ନପୂର୍ଣ୍ଣାଙ୍କର ସୁନାର କାଶୀକୁ ଆସି ମଧ୍ୟ ବିନ୍ଦୁମାତ୍ର ଶାନ୍ତି ନାହିଁ । ଆଶ୍ରମର ସ୍ମୃତି ଦାଉ ଦାଉ କରି ସବୁସମୟରେ ହୃଦୟକୁ ପୋଡ଼ିଦେଉଛି । ସର୍ବଦା ମନେ ହୁଏ, ମୁଁ ମୋର କାଶୀ ଓ ପ୍ରାଣତୁଲ୍ୟ

---

* ଆସାମର କୋକିଳାମୁଖଠାରେ ଅବସ୍ଥିତ 'ଆସାମ-ବଙ୍ଗୀୟ ସାରସ୍ୱତ ମଠ'ର ପୂର୍ବନାମ ।

ତୁମ୍ଭମାନଙ୍କୁ ଛାଡ଼ି ବ୍ୟାସକାଶୀକୁ ଆସିଅଛି । ଯେଉଁମାନେ ସର୍ବସ୍ୱ ଛାଡ଼ି ମୋର ଆଶ୍ରୟ ନେଲେ—ଜୀବନର ସମସ୍ତ ସୁଖ-ଶାନ୍ତି ପାଇଁ ମୋ ଉପରେ ନିର୍ଭର କଲେ, ମୁଁ ସେମାନଙ୍କୁ ଛାଡ଼ି କେଉଁ ପ୍ରାଣରେ ଏହି ସୁନ୍ଦର ସ୍ଥାନରେ ଦୋତାଲା ଘରେ ବାସ କରୁଅଛି ! ତୁମ୍ଭେମାନେ ମୋର ସନ୍ୟାସୀ-ଶିଷ୍ୟ—ତୁମ୍ଭମାନଙ୍କୁ ନେଇ ଗଛମୂଳରେ ଏକସନ୍ଧ୍ୟା ଭିକ୍ଷାନ୍ନ ମଧ୍ୟ ଯେ ଶ୍ଳାଘ୍ୟ ଥିଲା ! ତୁମ୍ଭମାନଙ୍କୁ ନେଇ ରହି ପାରିଲେ ମୁଁ ଯେ ମୁକ୍ତିକୁ ମଧ୍ୟ ଗ୍ରାହ୍ୟ କରିଥାନ୍ତି। !

ଯାହା ହେବାର ହେଲା । କିନ୍ତୁ ଏବେ ମଧ୍ୟ ଉଦ୍ଦେଶ୍ୟ ନଷ୍ଟ ହୋଇ ନାହିଁ—ତୁମ୍ଭେମାନେ ୫।୬ ଜଣ ସେବକ ଏକପ୍ରାଣ ହେଲେ ମୁଁ ଏବେ ମଧ୍ୟ ଅସାଧ ସାଧନ କରି ପାରିବି । ଜାଣେନା ଶ୍ରୀଗୁରୁ କାହିଁକି ମତେ କାଶୀ ଆଣିଛନ୍ତି ! ଅବଶ୍ୟ ତାଙ୍କର ମଙ୍ଗଳ ଉଦ୍ଦେଶ୍ୟ ନିହିତ ଅଛି ଜାଣିବ । ମୁଁ ଯେଉଁଠାରେ ରହେ ନା କାହିଁକି, ଅନୁକ୍ଷଣ ତୁମ୍ଭମାନଙ୍କର ଓ ଆଶ୍ରମର ମଙ୍ଗଳ ଚିନ୍ତା କରିବି ଓ ସବୁଦିଗରୁ ସେହି ଆଶ୍ରମର ଉନ୍ନତିର ଚେଷ୍ଟା କରିବି । ତୁମ୍ଭେମାନେ ରକ୍ଷା କରି ପାରିଲେ ତାହର ଉନ୍ନତି ଅନିବାର୍ଯ୍ୟ । ଆଶ୍ରମ ଅପେକ୍ଷା ମୁଁ ଏବେ ଅଧିକ ଚେଷ୍ଟା ଓ ପରିଶ୍ରମ କରୁଅଛି । ଶୀଘ୍ର କାଶୀରେ କାର୍ଯ୍ୟାରମ୍ଭ କରିବି । ଆସାମର ଜଙ୍ଗଲ ଭିତରେ ମୁଁ ଚୁପ୍ କରି ବସି ରହିବି, ଏହା ବୋଧହୁଏ ଶ୍ରୀଗୁରୁଙ୍କର ଇଚ୍ଛା ନୁହେଁ । ଜାଣେନା କାହିଁକି ସେ କାଶୀକୁ ଆଣିଛନ୍ତି । ତାଙ୍କର ଇଚ୍ଛା ହିଁ ପୂର୍ଣ୍ଣ ହେଉ ।

* * *

ଯାହାହେଉ—ମୁଁ ଯେଉଁ ନିୟମରେ ଚଳିବାକୁ କହିଅଛି, ସେପରି ଚଳିଲେ ଦିନେ ସେହି ଆଶ୍ରମ ଆନନ୍ଦଧାମ ହୋଇ ପାରେ, ପୁଣି ପ୍ରେମର ବନ୍ୟା ବହି ପାରେ । କିନ୍ତୁ ସାବଧାନ ! ଯେପରି .....ର ସହିତ

ମୋର କୌଣସି ସେବକର କୌଣସି ପ୍ରକାର ସମ୍ବନ୍ଧ ନ ରହେ । * * * ଆସିବା ସମୟରେ ମୁଁ ଆଶ୍ରମକୁ ନନ୍ଦନକାନନ ରୂପେ ଦେଖି ଆସିଅଛି—ଯେପରି ତୁମ୍ଭମାନଙ୍କର ଅବହେଳାରେ ତାହା ମରୁଭୂମି ନ ହୁଏ । ମୁଁ ଏଥର ଆଶ୍ରମକୁ ଯାଇ ତୁମ୍ଭମାନଙ୍କ ସମ୍ବନ୍ଧରେ ପକ୍‌କା ବ୍ୟବସ୍ଥା ଓ ବନ୍ଦୋବସ୍ତ କରିବି । ସ— ଫେରିଛି କି ନାହିଁ ? —ସେମାନଙ୍କ ସହିତ କୌଣସି ପ୍ରକାର କଥାନ୍ତର ଯେପରି ନ ହୁଏ । * * * ସମସ୍ତେ ଧୀର ସ୍ଥିର ଭାବରେ ଆଶ୍ରମର ଗୌରବ ରକ୍ଷା କରି ଚଳିବ ଏବଂ ସାଧାରଣଙ୍କ ସହିତ ବ୍ୟବହାର କରିବ । ନୂତନ ବର୍ଷରେ ଆର୍ଯ୍ୟଦର୍ପଣରେ ଗୋଟିଏ ଫର୍ମା ବଢ଼ାଇ ପାରିଲେ ଭଲ ହେବ । * * * ଶୈ—କୁ ସାବଧାନରେ ଓ ସଯତ୍ନରେ ରଖିବ । କୌଣସି ଦୁଃଖ-କଷ୍ଟ ସେ ଯେପରି ନିରାନନ୍ଦରେ ତମଃର ଉପାଦାନ ସଂଗ୍ରହ ନ କରେ । ବୁଝୁଛି ତାର ବହୁତ କଷ୍ଟ ହେଉଅଛି, କିନ୍ତୁ ଉପାୟ କ'ଣ ? ଶଙ୍କରା ମିସ୍ତ୍ରୀକୁ ସହୋଦର ଭଳି ସ୍ନେହ କରିବ । ତାର ମରିୟାନୀର ଭାବ—ଆକୁଳ ଉଚ୍ଛ୍ୱାସ—ବ୍ୟାକୁଳ ରୋଦନ ତୁମ୍ଭମାନଙ୍କ ଅପେକ୍ଷା ପ୍ରାଣରେ ଅଧିକ ଆଘାତ ଦେଉଛି । ନାରାୟାଣତୁଲ୍ୟ ଦଧିରାମଙ୍କ ସେବାପୂଜାରେ ଯେପରି ତ୍ରୁଟି ନ ହୁଏ । ବିରାଡ଼ିଗୁଡ଼ିକୁ ମଧ୍ୟ ଯତ୍ନ କରିବ । ମଣିର ଛୁଆ ହୋଇଛି କି ? ମେଦିନୀପୁରର ଅନାଥଦଳ କ'ଣ କରୁଅଛି ? * * * ତୁମ୍ଭେମାନେ ମୋର ପ୍ରାଣଭରା ଆଶୀର୍ବାଦ ଜାଣିବ । ଅନ୍ୟ କାଗଜରେ ଲେଖା ସମ୍ବାଦଟି ମାଘ କିମ୍ବା ଫାଲ୍‌ଗୁନର ଆର୍ଯ୍ୟ-ଦର୍ପଣରେ ପ୍ରକାଶ କରିବ । ଇତି—

ଶୁଭାନୁଧ୍ୟାୟୀ—

ତୁମ୍ଭମାନଙ୍କ ଠାକୁର

(୭୩)

ଶାନ୍ତି ଆଶ୍ରମ

ଭାଦ୍ର ୩୦ ଦିନ, ୧୩୨୦

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ମେଦିନୀପୁରରୁ ତୁମର ଲିଖିତ ପତ୍ର ଅଦ୍ୟ ପ୍ରାପ୍ତ ହୋଇ ଅବଗତ ହେଲି । ଇତିମଧ୍ୟରେ ବଙ୍ଗବାସୀ କଲେଜର ଠିକଣାରେ ମଧ୍ୟ ଗୋଟିଏ ପତ୍ର ଲେଖା ହୋଇଛି । ଆଶ୍ରମର କାର୍ଯ୍ୟ ସୁଚାରୁରୂପେ ଚାଲିଅଛି । * * * ଦିନକୁ ଦିନ ମୁଁ ଆଶ୍ଚର୍ଯ୍ୟରୁ ଆଶ୍ଚର୍ଯ୍ୟତର ହୋଇ ଯାଉଅଛି, ମତେ ମୁଁ ମଧ୍ୟ ଆଉ ବିଶ୍ୱାସ କରି ପାରୁ ନାହିଁ । ମାୟାର ମୂର୍ତ୍ତିଗୁଡ଼ିକ ହିଁ ସର୍ବନାଶ କରୁଅଛି । ବୁଝୁଛି, ଅଥଚ ପ୍ରତିକାରର ପନ୍ଥା ପାଉ ନାହିଁ । ବସ୍ ! ତୁମ୍ଭମାନଙ୍କ ଅଭାବରୁ ଆଶ୍ରମରେ ମତେ ଅତ୍ୟନ୍ତ ଦୀନ ଭାବରେ ଅବସ୍ଥାନ କରିବାକୁ ପଡୁଅଛି । ମୋର ମନ-ପ୍ରାଣ ତୁମ୍ଭମାନଙ୍କ ନିକଟରେ ପଡ଼ି ରହିଛି । ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଘୁରୁଅଛି । ଆଶାକରୁଛି ଏତେ ଦିନ ପରେ କାର୍ଯ୍ୟାରମ୍ଭ କରି ପାରିଛି । କାର୍ଯ୍ୟ କର, କାର୍ଯ୍ୟ କର, ଦୁଇଜଣ ଆର୍ତ୍ତ ନର-ନାରୀଙ୍କ ସେବା କରି ମଧ୍ୟ ସେବାବ୍ରତର ସାର୍ଥକତା କର । ତୁମ୍ଭମାନଙ୍କୁ ସଂସାର ଛଡ଼ାଇଥିଲି, ତାହା ସଫଳ ହେଉ । ଆଶ୍ରମ କଥା ଭୁଲି ନରନାରାୟଣଙ୍କର ସେବା କର । କର୍ତ୍ତବ୍ୟଜ୍ଞାନରେ ନୁହେଁ—ପ୍ରାଣର ଟାଣରେ । (ପ୍ରାଣର ଠାକୁର ଆଜି ନିଜକୁ ନିଜେ ବିପନ୍ନ କରି ଭକ୍ତ-ସେବକଗଣଙ୍କର ଭଲପାଇବା ପରୀକ୍ଷା କରୁଛନ୍ତି !) ମୋର ସବୁ ଛାଡ଼ି ଦେଇ ତୁମ୍ଭମାନଙ୍କ ନିକଟକୁ ଛୁଟି ଯିବା ପାଇଁ ମୋର ମନ ହେଉଛି, କିନ୍ତୁ କ'ଣ କରିବି ? ମୁଁ କର୍ତ୍ତବ୍ୟ-ଶୃଙ୍ଖଳରେ ବାନ୍ଧି ହୋଇ

ପଡ଼ିଛି, ତୁମ୍ଭେମାନେ ମୋର ପ୍ରାଣର ଆବେଗ ମେଣ୍ଟାଇ ଆସିବ । ଏ ପର୍ଯ୍ୟନ୍ତ ଆଶ୍ରମ ଦ୍ୱାରା ଜଗତର ସାମାନ୍ୟ କାର୍ଯ୍ୟ ମଧ୍ୟ ହୋଇ ନାହିଁ, କେବଳ ଆଭ୍ୟନ୍ତରୀଣ ଗୋଳମାଳ ହିଂସା-ଦ୍ୱେଷ ସ୍ୱାର୍ଥ ନେଇ କଟିଯାଇଛି । ଏଥରର ସୁଯୋଗରେ ଆଶ୍ରମ-ପ୍ରତିଷ୍ଠାର ସାର୍ଥକତା ନ ହେଲେ ସମସ୍ତ ଉଦ୍ୟମ ବୃଥା । ତୁମ୍ଭମାନଙ୍କର ଶାରୀରିକ ସେବା ସର୍ବତ୍ର ଅବାରିତ, ଅର୍ଥ ଯେତେଦୂର ସମ୍ଭବ ତ୍ରୁଟି ହେବ ନାହିଁ । ତୁମ୍ଭମାନଙ୍କର ଉଦ୍ୟମ ଓ ଉତ୍ସାହ ଦିନକୁ ଦିନ ବର୍ଦ୍ଧିତ ହେଉ । ବାହୁରେ ଶକ୍ତି, ହୃଦୟରେ ଭକ୍ତିର ଉଦୟ ହେଉ, ମୁଁ ଗୁରୁରୂପେ ତୁମ୍ଭମାନଙ୍କର ପ୍ରକୃତ ସେବା ଗ୍ରହଣ କରେ । * * *

ଆଶ୍ରମର ସର୍ବାଙ୍ଗୀଣ କୁଶଳ ! ଆଶ୍ରମ ପାଇଁ ତୁମ୍ଭେମାନେ କୌଣସି ଚିନ୍ତା କର ନାହିଁ । ମୁଁ ଯେତେବେଳେ ନିଜେ ଆଶ୍ରମରେ ଉପସ୍ଥିତ ଅଛି, ସେତେବେଳେ ତୁମ୍ଭମାନଙ୍କର ଚିନ୍ତାର କାରଣ କ'ଣ ? ବୋ—କୁ ମଧ୍ୟ କୌଣସି କଥା ଲେଖ ନାହିଁ, ତାକୁ ବୋଧ ହୁଏ ସ—ର ରୋଗ ଧରିଅଛି । ମନୁଷ୍ୟକୁ ଭଲପାଇ ଯେଉଁମାନଙ୍କର ଏବେ ମଧ୍ୟ ମନ ଭରି ନାହିଁ, ସେମାନେ ସନ୍ନ୍ୟାସ ପାଇଁ ଘର ଛାଡ଼ନ୍ତି କାହିଁକି ବୁଝି ପାରିଲି ନାହିଁ । ଯାହାହେଉ ତା'ସହିତ ପ୍ରକାଶ୍ୟରେ ମୋର କୌଣସି କଥା ହୋଇ ନାହିଁ, ସୁତରାଂ ତୁମେ ବା ତୁମ୍ଭେମାନେ ଏ ସମ୍ବନ୍ଧରେ ତାହାକୁ କିଛି ଲେଖନାହିଁ, ବା ଏସମ୍ବନ୍ଧରେ କିଛି ଭାବ ନାହିଁ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । * * * ଅନ୍ୟାନ୍ୟ ମଙ୍ଗଳ । ଇତି—

ଶୁଭାନୁଧ୍ୟାୟୀ—

ତୁମ୍ଭମାନଙ୍କ ଠାକୁର

(୭୪)

ଶାନ୍ତି ଆଶ୍ରମ
ଆଶ୍ୱିନ ୧୫ ଦିନ, ୧୩୨୦

ସ୍ନେହର ସୁ—,

ବହୁଦିନ ପରେ ତୁମର ଖଣ୍ଡିଏ ପତ୍ର ପାଇଲି । ମୁଁ ଏଥର ଆଶ୍ରମକୁ ଆସି ପାଗଳ ହୋଇ ଯାଇଛି । ବର୍ଦ୍ଧମାନ ବିଭାଗରେ ଖଣ୍ଡପ୍ରଳୟ ହେତୁ ଆଶ୍ରମ ଶୂନ୍ୟ । ଡାକ୍ତର ଓ ସେବକଗଣ ଆର୍ତ୍ତସେବା ପାଇଁ ଚାଲିଯାଇଛନ୍ତି, କେବଳ ବୋ—କୁ ନେଇ କାର୍ଯ୍ୟ କରୁଅଛି । ଏ ପର୍ଯ୍ୟନ୍ତ ୭।୮ ଶତ ଟଙ୍କା ବନ୍ୟାର୍ତ୍ତ ସେବା ପାଇଁ ଦିଆଗଲା, ଅଥଚ ପୌଷ ମାସ ପର୍ଯ୍ୟନ୍ତ ସେବା ଚଳେଇବାକୁ ପଡ଼ିବ । ଆଶ୍ରମରେ କଣା ପଇସାଟିଏ ମଧ୍ୟ ନାହିଁ । ଗୋଟିଏ ବର୍ଷର ପୁସ୍ତକର ଆୟ, ଯୋଗମାୟା ଭଣ୍ଡାର ସମ୍ପୂର୍ଣ୍ଣ ଶୂନ୍ୟ । ଗୃହସ୍ଥ ଶିଷ୍ୟଗଣ ନାରୀ-ମହଲରୁ ଚାନ୍ଦା ଉଠାଇ ଯଥେଷ୍ଟ ସାହାଯ୍ୟ କରୁଛନ୍ତି । ଢାକା, ଆଲିପୁର, ଶ୍ରୀହଟ୍ଟ ପ୍ରଭୃତି ସ୍ଥାନର ଶିଷ୍ୟଗଣଙ୍କର ପରିଶ୍ରମରେ ତ୍ରୁଟି ନାହିଁ । ମୁଁ କେବଳ ଚିଠି ହିଁ ଲେଖୁଛି । ଏହି ଦୁର୍ଦ୍ଦିନରେ ମାଙ୍କର ପ୍ରକୃତ ସନ୍ତାନ ୩।୪ ଜଣ ଶିଷ୍ୟ ଭ୍ରାତୃ-ସେବାରେ ଆତ୍ମ-ଉତ୍ସର୍ଗ କରି ମତେ କିଣି ନେଇଛନ୍ତି । ସେମାନଙ୍କର ଉଦ୍ୟମ-ଉତ୍ସାହ ତ୍ୟାଗ-ତିତିକ୍ଷାରେ ମୋର ଗୁରୁଗିରିର ଗୌରବ ବୃଦ୍ଧି କରିଛନ୍ତି । ଏହି ସମୟରେ ତୁମ୍ଭମାନଙ୍କର ଖଣ୍ଡିଏ ମଧ୍ୟ ପତ୍ର ପାଇଲି ନାହିଁ । ବସ୍ ! ଏଥର ବଙ୍ଗଦେଶରେ ପ୍ରକୃତ ବୋଧନ ହୋଇଅଛି, ବଙ୍ଗାଳୀ ପ୍ରକୃତ ମାତୃପୂଜା କରିବାକୁ ଶିଖୁଅଛି । ଏହି ଆନନ୍ଦ ଯେ ପ୍ରାଣରେ ଧରୁ ନାହିଁ ! ବଙ୍ଗବାସୀ ଓ ବେଙ୍ଗଲୀ (ପତ୍ରିକା) ରେ ଆମମାନଙ୍କ କାର୍ଯ୍ୟ-ବିବରଣୀ ପ୍ରକାଶ ହେଉଅଛି । ତୁମର ଓ ଗୋ—ର

କାନ୍ଦ ଯେ ଶୁଖିଯାଇଛି ତାହାର ପ୍ରମାଣ ବେଶ୍ ପାଉଅଛି । କିନ୍ତୁ ଯେଉଁ ସବୁ ଭକ୍ତ କେବେ ମଧ୍ୟ କାନ୍ଦି ନାହାନ୍ତି, ଏଥର ସେମାନଙ୍କର ଚକ୍ଷୁରେ ମଧ୍ୟ ବନ୍ୟା ଆସିଅଛି । ବାବା ! ସମୟ ନାହିଁ, ପରେ ସବୁ ବିବରଣ ଲେଖିବି । ତୁମେ ଓ ତୁମର ସ୍ତ୍ରୀ ଯଦି ତୁମର ପରିଧେୟ ପୁରୁଣା ବସ୍ତ୍ର ଦୁଇଖଣ୍ଡ ମଧ୍ୟ ଯଦି ବନ୍ୟାର୍ତ୍ତଙ୍କ ସେବା ପାଇଁ ମୋ ହାତରେ ଦିଅନ୍ତ, ତେବେ ମଧ୍ୟ ମୁଁ ନିଜ ମନକୁ ପ୍ରବୋଧ ଦିଅନ୍ତି, ବାବାଙ୍କର କାର୍ଯ୍ୟରେ ପୁଅଝିଅଙ୍କର ଶକ୍ତି ଯୁକ୍ତ ହୁଅନ୍ତା । ବାବା ! ମୁଁ ତୁମ୍ଭମାନଙ୍କୁ ଭୁଲି ନାହିଁ, ପୂର୍ବବତ୍ ଭଲପାଏ । ତେବେ ମା'ଙ୍କର ଆଦେଶ ପାଳନ କରିବାକୁ, ନିଜର—ମା'ଙ୍କର ନୁହେଁ—ଜଗତର ନୁହେଁ—ସନ୍ତାନମାନଙ୍କ ସନ୍ଧାନ କରି ପାରି ନାହିଁ । ଇତି—

ଆଶୀର୍ବାଦକ—

ତୁମ୍ଭମାନଙ୍କ ଠାକୁର

(୭୫)

ଶାନ୍ତି ଆଶ୍ରମ

୨୨।୧୦।୧୩

ସ୍ନେହାସ୍ପଦେଷୁ—

ପରମ ଶୁଭାଶୀରାସ୍ତାନ୍ୱିଶେଷଃ—

ତୁମ ଉଭୟଙ୍କର ପତ୍ର ପାଇଲି । ମୁଁ ନାନାକାରଣରୁ ଯଥାସମୟରେ ଉତ୍ତର ଦେଇ ପାରି ନାହିଁ । ଆଶ୍ରମର ସେବକଗଣ କାଁଥିରେ ରହିଛନ୍ତି । ବୋ—କୁ ନେଇ ମତେ ହିଁ କାମ ଚଳେଇବାକୁ ପଡୁଛି । ଚିଠିପତ୍ର ଲେଖା ଓ ଟଙ୍କାର ଯୋଗାଡ଼ କରିବାକୁ ମତେ ହଇରାଣ ହେବାକୁ ପଡୁଛି । ଏବେ

ସୁନ୍ଦରଭାବରେ କାମ ଚାଲିଛି । ଟଙ୍କା ଦେଇ ସାହାଯ୍ୟ କରିବାକୁ ଆଉ ସେବାକାର୍ଯ୍ୟ ପାଇଁ ସେବକଗଣ ରହିବାର ପ୍ରୟୋଜନ ହେବ ନାହିଁ । ସେମାନେ ଏହି କାର୍ତ୍ତିକ ମାସ ଶେଷରେ ବୋଧହୁଏ ଆଶ୍ରମକୁ ଆସିବେ । ଡ଼ିସେମ୍ୱର ୧୨ ତାରିଖର ଉତ୍ସବ ପରେ ମୁଁ ଢାକା ହୋଇ ଦିନାଜପୁର ଆଡ଼କୁ ଯିବି ବୋଲି ଇଚ୍ଛା କରିଅଛି । ଏଥର ବଙ୍ଗଦେଶବ୍ୟାପୀ ଦୁର୍ଭିକ୍ଷ ; ସେବକଗଣଙ୍କର ବିଶ୍ରାମ ନାହିଁ । ଯେ ଯାହା ପାର ଚେଷ୍ଟା କର । ନର ହିଁ ସାକ୍ଷାତ୍ ନାରାୟଣ, ନରଙ୍କର ସେବା ବ୍ୟତୀତ ନାରାୟଣଙ୍କର କୃପା ମିଳେନା । ତେଣୁ ଗାର୍ହସ୍ଥ୍ୟ ଧର୍ମର ଏତେ ମାହାତ୍ମ୍ୟ । ନିଜର ପ୍ରାଣକୁ ବିଶ୍ୱପ୍ରାଣ ସହିତ ମିଳାଇବାକୁ ପଡ଼ିବ । ସ୍ତ୍ରୀ-ପୁତ୍ରଙ୍କ ଦ୍ୱାରା ପ୍ରଥମେ ପ୍ରାଣରେ ସେହି ବୀଜ ଉପ୍ତ ହୁଏ, ପରେ ବିଶ୍ୱର କୀଟ-ପତଙ୍ଗଠାରେ ସମପ୍ରାଣତା ଆସେ । ସେତେବେଳେ ଭଗବାନ ଯାଚି ଦୟା କରିଥାନ୍ତି । ନତୁବା ମୌଖିକ ପ୍ରାର୍ଥନାରେ ତାଙ୍କର ସିଂହାସନ ଟଳେନା । ଆଶୀର୍ବାଦ କରୁଛି ତୁମ୍ଭମାନଙ୍କର ପ୍ରାଣର ଦ୍ୱାର ଖୋଲିଯାଉ, ଆତ୍ମସତ୍ତା ବିଶ୍ୱସତ୍ତାରେ ପରିଣତ ହେଉ, ତୁମ୍ଭେମାନେ ବିଶ୍ୱର ମଙ୍ଗଳ ପାଇଁ—ବିଶ୍ୱର ସେବା ପାଇଁ ଆତ୍ମହରା ପାଗଳପରି ହୋଇଯାଅ । ତୁମର ନବପ୍ରସୂତା କନ୍ୟାଟି ଭିତରେ ମାତୃତ୍ୱ ପ୍ରତିଷ୍ଠିତ ହେଉ । ସମସ୍ତ କୁଶଳ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୭୬)

ଶାନ୍ତି ଆଶ୍ରମ
୨୬।୧୧।୧୯

ସ୍ନେହର ନ—,

ତୁମର ପତ୍ରଖଣ୍ଡିକ ଯଥାସମୟରେ ପାଇଅଛି, ଇତିପୂର୍ବରୁ ସ—କୁ ପତ୍ର ଲେଖିଅଛି । ବତ୍ସେ ! ମୁଁ ପୂର୍ବରୁ ହିଁ ତୁମକୁ ଭଲପାଏ । ସ—ର ମୁହଁରୁ ତୁମର ପୁତ୍ରଶୋକରେ ଧୈର୍ଯ୍ୟର କଥା ଶୁଣିଅଛି, ନିଜେ ଜନନୀ ଭଳି ତୁମର ଗାମ୍ଭୀର୍ଯ୍ୟ ଦେଖିଅଛି, ତେଣୁ ପୂର୍ବରୁ ହିଁ ତୁମକୁ ଭଲପାଇ ବସିଥିଲି । ଏବେ ତ ମୋର ହୋଇ ଯାଇଛ, ସୁତରାଂ ଯେତେବେଳେ ଯେଉଁ ଦୁଃଖ-କଷ୍ଟ ଆସିବ ଅକପଟଭାବରେ ମତେ ଜଣାଇବ । ଆଉ ଏହି ଅଭାବମୟ ପୃଥିବୀରେ ରାଜରାଣୀଠାରୁ ଭିଖାରିଣୀ ପର୍ଯ୍ୟନ୍ତ ସମସ୍ତଙ୍କର ସମାନ ଅଭାବ । ଭାବ ରାଜ୍ୟରେ ନ ପହଞ୍ଚିଲେ ଏହି ଅଭାବ କାହାରି ବି ମେଣ୍ଟି ନାହିଁ । ଜୀବଜଗତକୁ ଭଲପାଇବା ଶିଖ, ମାତୃତ୍ୱର ବିକାଶ କର, ଜଗତ ଆନନ୍ଦମୟ ଦେଖିବ । ମୋର ଅବକାଶ ଅନୁସାରେ ଏହା ସମ୍ବନ୍ଧରେ ବିହିତ ଉପଦେଶ ଦେବି । ଗୁରୁ ଓ ଇଷ୍ଟଦେବତା ଅଭିନ୍ନ । ତୁମେ ଗୁରୁଙ୍କୁ ଶିବରୂପେ ଏବଂ ଦେବୀଙ୍କୁ ତତ୍‌ପତ୍ନୀ ରୂପେ ଚିନ୍ତା କରିବ । ତାହାହେଲେ ଭାବ-ମାଧୁର୍ଯ୍ୟରେ ବା ଜ୍ଞାନ-ଐଶ୍ୱର୍ଯ୍ୟରେ କୌଣସି ପ୍ରଭେଦ ରହିବ ନାହିଁ । ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଆଶୀର୍ବାଦକ—
ଶ୍ରୀନିଗମାନନ୍ଦ

(୭୭)

ଶାନ୍ତି ଆଶ୍ରମ

ପୌଷ ୫ ଦିନ, ୧୩୧୯

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ୱିଶେଷଃ—

ତୁମର ପତ୍ରପାଇ ବିସ୍ତାରିତ ବିବରଣ ଅବଗତ ହେଲି । ତୁମର ସ୍ତ୍ରୀର ଏପର୍ଯ୍ୟନ୍ତ ଯେତେ ସ୍ୱପ୍ନ ଶୁଣି ଆସିଛି ପ୍ରାୟ ସବୁଗୁଡ଼ିକ ହିଁ ସଫଳ ସ୍ୱପ୍ନ ; ସୁତରାଂ ଏହି ସ୍ୱପ୍ନଟିକୁ ଅଗ୍ରାହ୍ୟ କଲେ ଚଳିବ ନାହିଁ । ତାଙ୍କୁ କାଶୀଧାମକୁ ପଠାଇବାର ବ୍ୟବସ୍ଥା କରି ପାରିଲେ ଭଲ ହେବ, ଏପରି କି ମାସାଧିକ କାଳ ସେଠାରେ ବାସ କରିବାର ବନ୍ଦୋବସ୍ତ କରି ପାରିଲେ ଆହୁରି ସୁବିଧା ହେବ । ଗର୍ଭସଞ୍ଚାର ପୂର୍ବରୁ ଦୈବର କ୍ରୀଡ଼ା ହେଉଅଛି, ତୁମ୍ଭେମାନେ ମଧ୍ୟ ଦୈବ ଉପରେ ନିର୍ଭର କରିଅଛ । ସୁତରାଂ ସ୍ୱପ୍ନାନୁସାରେ ଉଭୟବାହିନୀ ଗଙ୍ଗାରେ ସ୍ନାନ ଏକାନ୍ତ ଆବଶ୍ୟକ ।

ମନ୍ତ୍ରଦାତା ଗୁରୁ, ଇଷ୍ଟଦେବତା ଓ ବୀଜମନ୍ତ୍ର ସବୁ ଏକ ପଦାର୍ଥ । ସୁତରାଂ ଯାହାଙ୍କୁ ନିଜର ମନ୍ତ୍ର କହିବାକୁ ପଡ଼ିବ, ତାଙ୍କୁ ମଧ୍ୟ ସେମାନଙ୍କ ସହିତ କାୟମନୋପ୍ରାଣରେ ଅଭେଦ ଭାବ ଜାତ ନ ହେଲେ, ଅର୍ଥାତ୍ ଗୁରୁ ଇଷ୍ଟସ୍ୱରୂପ ଜ୍ଞାନ ନ କଲେ ମନ୍ତ୍ରର ଚିତ୍‌ଶକ୍ତି ନଷ୍ଟ ହୁଏ । ଏଥିପାଇଁ ଅନ୍ୟକୁ ମନ୍ତ୍ର ଜଣାଇବା ଶାସ୍ତ୍ରରେ ନିଷେଧ । ମୁଁ ମନ୍ତ୍ର ନ ଜାଣିଲେ ପୂଜାର ପଦ୍ଧତି କହିବି କିପରି ? ଅତ୍ର ମଙ୍ଗଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୭୮)

ପୁରୀ

୨୦।୧୦।୩୨

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଗତକାଲି ତୁମର ପତ୍ର ପାଇ ସମାଚାର ଅବଗତ ହେଲି । ଜ—ର ଭକ୍ତମାନଙ୍କ ଚରିତ୍ର ମତେ ବିସ୍ମିତ କରିଅଛି । କାହାର କଥା ସତ୍ୟ ନିର୍ଣ୍ଣୟ କରିବା ଦୁଃସାଧ୍ୟ । ମତେ କେହି ମିଥ୍ୟା ଲେଖି ପାରେ, ତାହା ମୋ ଜ୍ଞାନର ବାହାରେ । ଶିଷ୍ୟ ହୋଇ ମୁହଁରେ ଗୋଟିଏ କଥା, ମନରେ ଗୋଟିଏ କଥା, ଏହାର ମାନେ କ'ଣ ? ଆଉ ଲାଭ ବା କ'ଣ ହେବ ? କମାରକୁ ଇସ୍ପାତ ଫାଙ୍କି ଦେଲେ ନିଜର ଅସ୍ତ୍ର ହିଁ ଯେ ଧାର ହେବ ନାହିଁ, ଏହି ସାଧାରଣଜ୍ଞାନ କ'ଣ କାହାରି ବି ନାହିଁ ? .....ଲେଖିଛି ସେ ଚିଠି କଥା କିଛି ଜାଣେ ନାହିଁ । ଯାହଉ ମୁଁ ଆଉ କାହାକୁ ବି କିଛି କହିବାକୁ ଚାହେଁ ନାହିଁ । ସବୁ ବୁଝିଅଛି । ମତେ ପ୍ରତାରିତ କରିବା ସମ୍ଭବ ହୋଇ ପାରେ ; କିନ୍ତୁ ତୁମ୍ଭମାନଙ୍କର ଫଳଦାତାରୂପେ ମୋ ହୃଦୟରେ ଯେ ଅଛନ୍ତି, ତାଙ୍କ ନିକଟରେ ଜାଲ୍ ଚଳିବ ନାହିଁ । ତୁମେ ମାର୍ଗଶିର ମାସରେ ଯେଉଁ ଚିଠି ଲେଖିଥିଲ, ସେଥିରେ ତ ମୋର ପ୍ରାଣ ବିଗଳିତ ହୋଇ ଯାଇଥିଲା । ପରବର୍ତ୍ତି ଚିଠିରେ ଏପରି ଲେଖିଲ କାହିଁକି ? ତୁମକୁ 'ମୋର ବି—' ବୋଲି ତ ଭଲପାଇଅଛି । ତୁମ ପାଇଁ ପରେ ଅନ୍ୟାନ୍ୟ ଭକ୍ତ ପାଇଅଛି । କିନ୍ତୁ କ୍ରମଶଃ ଜ—ର ଭକ୍ତମାନଙ୍କ ବ୍ୟବହାରରେ ମନଟା କଠିନ ହୋଇ ଉଠୁଛି । ଯାହଉ ବର୍ତ୍ତମାନ ତୁମ ଉପରେ ମୋର ବିରକ୍ତିର କୌଣସି କାରଣ ନାହିଁ । ସାବଧାନ ହୋଇ ସାଧାରଣଙ୍କ ସହିତ

ବ୍ୟବହାର କର । କାହାରି ପତ୍ରାଦି ଲେଖି ଦିଅ ନାହିଁ । ତୁମର ନିଜର କଥା ହିଁ ନିବେଦନ କର । ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୭୯)

ପୁରୀ

୨।୧୦।୩୨

କଲ୍ୟାଣୀୟାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ଅବଗତ ହେଲି । ଯେଉଁ ସବୁ ଶିଷ୍ୟ ମୋର ନାମ ମଧ୍ୟ ଶୁଣି ପାରନ୍ତି ନାହିଁ, ତୁମ୍ଭେମାନେ ଜୋର କରି ସେମାନଙ୍କୁ ମୋ ନାମ ଶୁଣାଇବାକୁ ଯାଅନା । ତୁମ୍ଭେମାନେ ମଧ୍ୟ ଯେ ବିଶେଷ କୌଣସି ଅବସ୍ଥା ଲାଭ କରି ଧନ୍ୟ ହେବ, ତାହା ତ ମୁଁ ଜାଣେନା । ଯଦି ସେହିପରି କୌଣସି ଆଶା କରିଥାଅ, ତେବେ ବଡ଼ ଭୁଲ କରିଅଛ । କାରଣ ସେପରି ବିଶେଷ କୌଣସି ସାଧନ-ଭଜନ ବା ଜୀବନ-ଗଠନୋପଯୋଗୀ ଶିକ୍ଷା ଏ ପର୍ଯ୍ୟନ୍ତ ମୋଠାରୁ ଗ୍ରହଣ କରିନାହଁ । ଆଜି ପର୍ଯ୍ୟନ୍ତ ମୁଁ ଜାଣିଥିଲି, ତୁମ୍ଭେମାନେ ଅକ୍ଷମ, ଏକମାତ୍ର ମୋର କୃପାପ୍ରାର୍ଥୀ । ଏ ସମ୍ବନ୍ଧରେ ବହୁଥର ବହୁକଥା ତୁମ୍ଭମାନଙ୍କ ସଙ୍ଗେ ଆଲୋଚନା କରିଅଛି । ଏବେ ଜୀବନ ସରିଯାଉଛି ବୋଲି ଯଦି ବୁଝିଥାଅ ଏବଂ ମୋର ମୁଖଚାହିଁ ରହି ଏତେଦିନ ପର୍ଯ୍ୟନ୍ତ କିଛି ହେଉନାହିଁ ବୋଲି ଯଦି ବୁଝିଥାଅ, ତେବେ ବିଶେଷ ଭାବରେ ଚେଷ୍ଟା-ଯତ୍ନ କରନା ! ଜାଗ, ଉଠ, ଲାଗି ପଡ଼ !

ଯେଉଁମାନେ ସଂସାର ଛାଡ଼ି ୨।୧୦ ଦିନ ଗୁରୁଙ୍କ ନିକଟରେ ରହି ପାରନ୍ତି ନାହିଁ, ସେମାନଙ୍କର ଏ ସବୁ କଥା ଲଜ୍ଜାଜନକ, ଅନ୍ତତଃ ମୁଁ ତ ପତ୍ରଖଣ୍ଡିକ ପଢ଼ି ଲଜ୍ଜାରେ ମରୁଅଛି । ରାମକୃଷ୍ଣଦେବଙ୍କର କଥାମୃତରେ ଅଛି—"ହଜାର ବର୍ଷର ଅନ୍ଧକାର ଘରେ ଗୋଟିଏ ଦୀପଶଲାକା ଜଳାଇ ଦେଲେ ମୁହୂର୍ତ୍ତକ ମଧ୍ୟରେ ସବୁ ଅନ୍ଧକାର ଦୂର ହୋଇ ଯାଏ, ଗୋଟିଏ ଦିନ ମଧ୍ୟ ଲାଗେ ନାହିଁ ।" ତେବେ ତୁମ୍ଭେମାନେ ଯଦି ଅପେକ୍ଷା କରି ନ ପାରିବ, ଅନ୍ୟ ଚେଷ୍ଟା କର । ତୁମ୍ଭମାନଙ୍କର ଏହି ଜାଗରଣ ମଧ୍ୟ ଅତି ସୁଖକର ବୋଲି ମନେ କରିବି । କିନ୍ତୁ ଏସବୁ ପୁରୁଷକାରର କଥା ପୁରୁଷଙ୍କ ମୁହଁରେ ହିଁ ଶୋଭା ପାଏ, ତୁମ ଭଳି ସ୍ତ୍ରୀଲୋକର ଧାରଣା ମଧ୍ୟ କ'ଣ ଏହିପରି ? ମୋର ମନେ ହୁଏ, ତୁମକୁ ଉପଲକ୍ଷ୍ୟ କରି ପୁରୁଷ ଶିଷ୍ୟଗଣ ସେମାନଙ୍କ କଥା ତୁମର ପତ୍ରରେ ଲେଖି ଦେଇଛି । ବାସ୍ତବିକ ତୁମ୍ଭେମାନେ ମତେ ଆଉ ଭଲପାଇବ କାହିଁକି ? ମୁଁ ଭଲ ଅଛି । ଆଶୀର୍ବାଦ ଜାଣିବ । * * * ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୮୦)

ମଠ

୧୫।୧୦।୨୮

ସ୍ନେହର ବି—,

ତୁମର ପତ୍ର ପାଇ ସବିଶେଷ ଅବଗତ ହେଲି । ତୁମକୁ ଯେତେବେଳେ ମୁଁ ଶିଷ୍ୟ ରୂପେ ଗ୍ରହଣ କରିଅଛି, ସେତେବେଳେ ଅବଶ୍ୟ ତୁମର ବାସନା

ପୂର୍ଣ୍ଣ ହେବ । ତେବେ ଜନ୍ମ-ଜନ୍ମାନ୍ତରର ସଂସ୍କାର କାମ, ଭୟ, ଘୃଣା, ଲଜ୍ଜା ପ୍ରଭୃତି ଦୂର ହେଉ ନାହିଁ ବୋଲି ପ୍ରେମ-ଭକ୍ତି ପ୍ରକାଶ ହେଇ ପାରୁ ନାହଁ । କିନ୍ତୁ ମୁଁ ଜାଣେ ତୁମଠାରେ ପ୍ରେମ-ଭକ୍ତିର ବୀଜ ନିହିତ ଅଛି । ଏହିଜନ୍ମରେ ହିଁ ତୁମେ ତାହା ଲାଭ କରି ଧନ୍ୟ ହେବ । ଆଉ ବୀ—କୁ ଯଦି ମନୁଷ୍ୟ କରି ପାରେ, ତୁମେ କାହିଁକି ତୁମର ବଂଶ ପର୍ଯ୍ୟନ୍ତ ଧନ୍ୟ ହୋଇ ଯିବ ।

ମୁଁ ବାର୍ଷିକ ହିସାବଦି ନେଇ ବ୍ୟସ୍ତ ଅଛି, ବେଶୀ ଲେଖି ପାରିଲି ନାହିଁ । * * * ଅତ୍ର ଶୁଭ । ତୁମ୍ଭେମାନେ ସମସ୍ତେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—
ଶ୍ରୀନିଗମାନନ୍ଦ

(୮୧)

ଢାକା ଶାନ୍ତି ଆଶ୍ରମ
ମାଘ ୧୨ ଦିନ, ୧୩୧୮

ପ୍ରିୟ ବୋ— ଓ ଚି—,

ତୁମ୍ଭମାନଙ୍କ ଦ୍ୱାରା ପ୍ରେରିତ ଟଙ୍କା ଏବଂ ପତ୍ର ପାଇ ଅବଗତ ହେଲି । ତୁମ୍ଭେମାନେ ଭଗବଦାଦେଶରେ ବାହାରି ଅଛ, ସୁତରାଂ ଯଥାସାଧ୍ୟ ଅଭିମାନ ତ୍ୟାଗ କରି କାର୍ଯ୍ୟ କରି ଯାଅ ; ସେଥିରେ କୃତକାର୍ଯ୍ୟ ହୁଅ ବା ନ ହୁଅ, ସେଥିରେ ବିଚଳିତ ହୁଅ ନାହିଁ । ତୁମ୍ଭମାନଙ୍କର କର୍ମ କରିବାରେ ହିଁ ଅଧିକାର, ଫଳାଫଳରେ ଅଧିକାର ନାହିଁ, ସୁତରାଂ ନିର୍ଲିପ୍ତ ଭାବରେ କର୍ମ କର ।

ତୁମ୍ଭମାନଙ୍କୁ ଦୂରତର ଦେଶକୁ ପଠାଇ ଆମେ ସର୍ବଦା ଚିନ୍ତିତ, ତେବେ ପ୍ରଥମ ପତ୍ରଖଣ୍ଡିକ ପାଇ କେତେଟା ଆଶ୍ୱସ୍ତ ହୋଇଅଛି । ଶରୀର ପ୍ରତି ଔଦାସ୍ୟ କର ନାହିଁ, ଯେଉଁଠାରେ ଥାଅ ସୁଖ ଓ ଶାନ୍ତିରେ ରହିଲେ ହିଁ ମୁଁ ନିଶ୍ଚିନ୍ତ ରହିବି । ତୁମ୍ଭେମାନେ ସନ୍ନ୍ୟାସୀ, ଅଥଚ ମୁଁ ତୁମ୍ଭମାନଙ୍କୁ ସଂସାରୀଙ୍କ ସଙ୍ଗେ କର୍ମରେ ନିଯୁକ୍ତ କରିଅଛି, ସୁତରାଂ ଦୁଃଖ–କଷ୍ଟରେ ମୋ ପ୍ରତି ବିରକ୍ତ ହୁଅ ନାହିଁ । ତୁମେ ଦୁଇଜଣ ମୋର ଦୁଇହାତ, ତୁମ୍ଭମାନଙ୍କ ବଳରେ ହିଁ ମୁଁ ସଂସାରରେ ଶ୍ରୀଗୁରୁଙ୍କ ଆଦେଶ କଥଞ୍ଚିତ୍ ପାଳନ କରିବାକୁ ଭରସା କରିଅଛି । ତୁମ୍ଭେମାନେ ଜଗତ୍‌ସେବାରେ ଆତ୍ମୋତ୍ସର୍ଗ କର । ମୁଁ ସର୍ବତ୍ର—ସୁତରାଂ ମୋ ନିକଟରେ ନ ଥିଲେ ମଧ ଦୁଃଖିତ ହୁଅ ନାହିଁ । ମୋର କାର୍ଯ୍ୟରେ ମୋର ଜଗତରେ ହିଁ ତୁମ୍ଭେମାନେ ବିଚରଣ କରୁଅଛ । ଆଶାକରେ ଅଦମ୍ୟ ଉତ୍ସାହରେ କର୍ମକ୍ଷେତ୍ରରେ ଅଗ୍ରସର ହୁଅ । ମୁଁ ଆଗାମୀ କାଲି ସ—ର ନିକଟକୁ ଆସାମ ଯବି । ସେବକଗଣଙ୍କ ମଧ୍ୟରୁ କେବଳ ର— ଆଶ୍ରମରେ ରହିଲା, ସୁତରାଂ ତା ନିକଟକୁ ପତ୍ରାଦି ଲେଖି ଆଶ୍ରମର ସମ୍ବାଦ ନେବ । ମୋର ଠିକଣା ଠିକ୍ ହେଲେ ର— ତୁମ୍ଭମାନଙ୍କୁ ଜଣାଇବ । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ମୁଁ ଆସାମରେ ହିଁ ଆଶ୍ରମ କରିବାକୁ ମନସ୍ଥ କରିଅଛି । ଇତି—

ତୁମ୍ଭମାନଙ୍କର—

ଠାକୁର

(୮୨)

ଶାନ୍ତି ଆଶ୍ରମ
୨୨।୪।୨୦

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଯଥାସମୟରେ ତୁମର ପତ୍ର ପାଇଅଛି । ମୋ ନିକଟରେ କୌଣସି ପ୍ରକାରେ ତୁମକୁ କୁଣ୍ଠିତ ଓ କାତର ହେବାକୁ ପଡ଼ିବ ନାହିଁ । ସରଳ ବିଶ୍ୱାସରେ କୌଣସି କାର୍ଯ୍ୟ କରି ଦୋଷୀ ହେଲେ ଜ୍ଞାନୀମାତ୍ରେ ହିଁ ତାହା ଗ୍ରହଣ କରନ୍ତି ନାହିଁ । ଆଉ ଶ୍ରୀଗୁରୁଦେବ ଶିଷ୍ୟର ଅହେତୁକ ମଙ୍ଗଳାକମୀ । ସେ ବରାଭୟ-ହସ୍ତରେ ସର୍ବଦା ଶିଷ୍ୟକୁ ଅଭୟ ପ୍ରଦାନ କରୁଛନ୍ତି, ସମସ୍ତ ଅପରାଧ କ୍ଷମାକରି ଶିଷ୍ୟକୁ ମଙ୍ଗଳ ପଥରେ ପରିଚାଳିତ କରୁଛନ୍ତି । ସୁତରାଂ ତାଙ୍କ ନିକଟରେ ତୁମକୁ ଭୀତ ଓ କୁଣ୍ଠିତ ହୋଇ କୌଣସି କାର୍ଯ୍ୟ କରିବାକୁ ପଡ଼ିବ ନାହିଁ ।

ବୁଢ଼ୀମାଙ୍କୁ ମଧ୍ୟ ଆଶୀର୍ବାଦ ଜଣାଇବ । ଯେଉଁଠାରୁ ପ୍ରଣାମ କରନ୍ତୁ ନା କାହିଁକି, ସବୁ ସ୍ଥାନରେ ତାଙ୍କର ପ୍ରତ୍ୟକ୍ଷ ଅବସ୍ଥିତିରେ ବିଶ୍ୱାସ ଥିବା ଆବଶ୍ୟକ, ସୁତରାଂ ପ୍ରଣାମ କରି ପାରି ନାହାନ୍ତି—ସେଥିପାଇଁ ଦୁଃଖ କାହିଁକି ? ମୁଁ ଯେ ପ୍ରତ୍ୟହ ତାଙ୍କର କେତେ ପ୍ରଣାମ ପାଉଅଛି ! ପ୍ର— ଓ ପୂ—କୁ ମୋର ଆଶୀର୍ବାଦ ଜଣାଇବ । ଆଶ୍ରମର ମଙ୍ଗଳ । ଆଶୀର୍ବାଦ କରୁଛି ପ୍ରେମଭକ୍ତି ଲାଭ କରି ଦିନକୁ ଦିନ ସ୍ୱରୂପରେ ପ୍ରତିଷ୍ଠିତ ହୁଅ । ଇତି—

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୮୩)

ପୁରୀ

ତା° ୧୩।୧୨।୩୫

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ମୁଁ ପ୍ରାୟ ଏକ ବର୍ଷ ପରେ ଗତ ଚୈତ୍ର ମାସର ୪ର୍ଥ ଦିବସ ପ୍ରାତଃକାଳରେ ପୁରୀକୁ ଆସିଅଛି । ତାପର ଦିନ ତୁମର ପତ୍ରଖଣ୍ଡିକ ପାଇ ସମସ୍ତ ସମାଚାର ଅବଗତ ହୋଇଛି । ମୁଁ ଏବେ ଆଉ କାହାରିକୁ ପତ୍ର ଲେଖୁ ନାହିଁ । କିନ୍ତୁ ଏଥର ସଂକଳ୍ପ ଭଙ୍ଗ କରିବାକୁ ବାଧ୍ୟ ହୋଇ କ୍ଷୁର୍ଣ୍ଣଚିତ୍ତରେ ଏହି ପତ୍ରଖଣ୍ଡିକ ଲେଖୁଅଛି । ଶ୍ରୀମାନ୍ .....ଏ ପର୍ଯ୍ୟନ୍ତ ମୋ ନିକଟରେ "ପୀର"ର କଥା କିଛି ଜଣାଇ ନାହିଁ, ସୁତରାଂ ମୁଁ ମଧ୍ୟ ତାକୁ କୌଣସି ପତ୍ରାଦି ନ ଲେଖି ମୋ କଥା ତୁମକୁ ହିଁ ଜଣାଉଅଛି । ତୁମେ ଏହି ପତ୍ର ତାକୁ ବା ମୋର ଅନ୍ୟାନ୍ୟ ସନ୍ତାନମାନଙ୍କୁ ଦେଖାଇପାର ।

ମୁଁ ମୋର ଯେ କୌଣସି ଶିଷ୍ୟ-ଭକ୍ତକୁ କୌଣସି ସାଧୁ-ମହାତ୍ମା ବା ମହାପୁରୁଷଙ୍କ ନିକଟକୁ ଯିବାକୁ କଦାପି ନିଷେଧ କରି ନାହିଁ । ତେବେ ବହୁ ମତ ବା ପଥ ଅଛି ; ସୁତରାଂ ସ୍ୱଗୁରୁଙ୍କର ମତ ବା ପଥ ଛାଡ଼ି ସହସା ଅନ୍ୟର ମତ ବା ପଥ ଗ୍ରହଣ କରିବା ମଙ୍ଗଳଜନକ ନୁହେଁ । ଶାସ୍ତ୍ରରେ ହିଁ ଏହିପରି ଆଦେଶ ଅଛି । କିନ୍ତୁ କୌଣସି ଶିଷ୍ୟ-ଭକ୍ତ ଯଦି କାହାକୁ ମଧ୍ୟ ମୋ ଅପେକ୍ଷା ବଡ଼ ବା କ୍ଷମତାଶାଳୀ ମନେ କରି ନିଜ ମଙ୍ଗଳ ପାଇଁ ତାଙ୍କର ମତ ବା ପଥ ଗ୍ରହଣ କରେ, ସେଥିରେ ମୁଁ ବିନ୍ଦୁମାତ୍ର ଦୁଃଖିତ ହେବି ନାହିଁ । ମୋର ଯାହା ନାହିଁ, ଅନ୍ୟ ନିକଟରୁ କେହି ଯଦି ତାହା ପାଇ ମତେ ପରିତ୍ୟାଗ ମଧ୍ୟ କରେ, ସେଥିରେ ମଧ୍ୟ ମୁଁ କ୍ଷୁର୍ଣ୍ଣ ହେବାର

କୌଣସି କାରଣ ନାହିଁ । କିନ୍ତୁ ମୁଁ ଯେଉଁମାନଙ୍କୁ ଭଲପାଏ, ସେମାନେ ଉନ୍ମାର୍ଗମାଗୀ ହୋଇ ସ୍ୱେଚ୍ଛାରେ ଅମଙ୍ଗଳ ଡାକି ଆଣିଲେ ଦୁଃଖର କାରଣ ଘଟେ ସନ୍ଦେହ ନାହିଁ । ଯେଉଁ ସବୁ ସାଧୁ ସହସା କିଛି ଦେଖାଇ ରାତାରାତି ସିଦ୍ଧି କରାଇ ଦିଅନ୍ତି, ବିଜ୍ଞବ୍ୟକ୍ତିର ସେଥିରେ ଟିକିଏ ସନ୍ଦେହ ହୁଏ । ବେଶ୍ ଭାବିଚିନ୍ତି ସେହି ସବୁ ସାଧୁସଙ୍ଗ କରିବା କର୍ତ୍ତବ୍ୟ । ବିଶେଷତଃ ଢ— ଅଞ୍ଚଳର ଲୋକଙ୍କର ଟିକିଏ ବେଶୀ ସାବଧାନ ହେବା ବୋଧହୁଏ ସ୍ୱାଭାବିକ । ଆଉ ସେହି ଲୋକ ଯଦି ଭିନ୍ନ ଧର୍ମାବଲମ୍ବୀ ହୁଏ, କିମ୍ବା ସମାଜଦ୍ରୋହକର ମତ ପୋଷଣ କରେ, ତେବେ ତ କଥା ହିଁ ନାହିଁ ! ତୁମ୍ଭେମାନେ ମୋର ମତ ଜାଣିବାକୁ ଚାହିଁଅଛ ଜାଣି ସନ୍ତୁଷ୍ଟଚିତ୍ତରେ ମୋର ମତାମତ ଜାଣାଇଲି । ଏବେ ବୁଝି ଶୁଝି କାର୍ଯ୍ୟ କରିବ ।

ଶ୍ରୀମାନ୍ .....କୁ ମୁଁ ସବୁବିଷୟରେ ଆଦର୍ଶ ଜାଣି କିଛିଦିନ ପର୍ଯ୍ୟନ୍ତ ତା ପ୍ରତି ବିଶେଷ ଦୃଷ୍ଟି ରଖିଥିଲି । ତାର ଉନ୍ନତି ଦ୍ୱାରା ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ଦେଶର ମଙ୍ଗଳ ହେବ ବୋଲି ବିଶ୍ୱାସ ଥିଲା । ତାହା ଫଳରେ ଜଣେ ଜଣେ କରି ଅନେକେ ମୋର ଶିଷ୍ୟ ହେଉଥିଲେ । ବିଶେଷତଃ କିଛିଦିନ ଯାବତ୍ .....ଏହା ମଧ୍ୟରେ ତ୍ୟାଗ, ବୈରାଗ୍ୟ, ନିଷ୍ଠା, ଭକ୍ତି ପ୍ରଭୃତି ଧୀରେ ଧୀରେ ଫୁଟୁଥିଲା, ତାହା ମଧ୍ୟ ଲକ୍ଷ୍ୟ କରି ଆସୁଛି । ଏଥର ବଗୁଡ଼ା ସମ୍ମିଳନୀକୁ ଆସି ଜଣାଇଲା, ସେ ଆଉ ଘରକୁ ଫେରିବ ନାହିଁ । ମୁଁ ଘରେ ରହି ହିଁ ସବୁ ହେବ କହି ଅନେକ ବୁଝାଇ ଘରକୁ ପଠାଇ ଦେଲି । କିନ୍ତୁ ଗେରୁଆ ପଗଡ଼ି କିମ୍ବା କୌଣସି ଗୁପ୍ତ ନାମ ମୁଁ ତ ଦେଇନାହିଁ । ଲିଖିତ ପୀର ସଙ୍ଗରେ ମୋର କୌଣସି ଆଧ୍ୟାତ୍ମିକଯୋଗ ଅଛି ବୋଲି ମଧ୍ୟ ମୁଁ କୌଣସି ଅନୁଭୂତି ପାଇ ନାହିଁ । ଗୋଟିଏ କଥାରେ ମୁଁ ସେହି ପୀରକୁ ଚିହ୍ନି ନାହିଁ । ତାହାର ବିକାଶୋନ୍ମୁଖ ଚିତ୍ତକୁ କିଏ କିପରି ଆସି ଦଖଲ କରି

ବସିଲା ତାହା ମଧ୍ୟ ବୁଝିପାରୁ ନାହିଁ । 'ପୀର'ଙ୍କ ଦ୍ୱାରା ତାର ମଙ୍ଗଳ ହେଉ—ଆଧ୍ୟାତ୍ମିକ ଉନ୍ନତି ହେଉ ସେଥିରେ ମୁଁ ଦୁଃଖିତ ନୁହେଁ, କିନ୍ତୁ ସେ ଗଞ୍ଜେଇ ଖାଇ ନିଶାଖୋର ହୋଇ ପଡ଼ିବ, ଏହା ମୁଁ କୌଣସି ପ୍ରକାରେ ସମର୍ଥନ କରି ପାରିବି ନାହିଁ । ବରଂ ପ୍ରୟୋଜନ ହେଲେ ମୁଁ ହିଁ ତାକୁ ତ୍ୟାଗ କରିବାକୁ ବାଧ୍ୟ ହେବି । ତେବେ ଆଦର୍ଶ କ୍ଷୁର୍ଣ୍ଣ ହେବାକୁ ଦେବି ନାହିଁ ।

ଅନ୍ୟାନ୍ୟ ଓ ଅସତ୍ୟ ଦିନେ ନିଶ୍ଚୟ ଧରା ପଡ଼ିଯିବ । .....ଯଦି ଅନ୍ୟାୟ ଓ ଅସତ୍ୟ ପଥରେ ଯାଇ ଥାଏ, ଦିନେ ସେ ନିଜର ଭ୍ରମ ବୁଝି ଫେରିଆସିବ । କିନ୍ତୁ ଏହାଦ୍ୱାରା ତାର ଓ .....ସଂଘର ଯେଉଁ କ୍ଷତି ହେବ, ତାହା ଆଉ କୌଣସି ମତେ ପୂରଣ ହେବ ନାହିଁ । ସେ ଗଞ୍ଜାଖୋର ନାମରେ ସାଧାରଣଙ୍କ ପାଖରେ ଉପହାସାସ୍ପଦ ହେବ । ତାହା ପ୍ରକୃତ ଉନ୍ନତି ମଧ୍ୟ ଆଉ କେହି ବିଶ୍ୱାସ କରିବେ ନାହିଁ । ତୁମ୍ଭେମାନେ ପାରିବ ଯଦି ତାକୁ ଫେରାଅ, ନଚେତ୍ ନିଜେ ସାବଧାନ ହୁଅ । ଏ ସମ୍ବନ୍ଧରେ ମୁଁ ଆଉ କିଛି କହିବାକୁ ଚାହୁଁନାହିଁ ।

ମୁଁ ବୈଶାଖ ମାସ ଅକ୍ଷୟତୃତୀୟା ସମୟରେ ମଠକୁ ଯାଇ ଫେରିବା ସମୟରେ .....ହୋଇ ଆସିବି ଏପରି ସଂକଳ୍ପ କିରିଥିଲି, କିନ୍ତୁ ସମ୍ପ୍ରତି ମୁଁ ତମଲୁକରେ ପ୍ରବଳଜ୍ୱରରେ ଓ ବ୍ରଙ୍କୋନିମୋନିୟାରେ ଆକ୍ରାନ୍ତ ହୋଇ ମାସାଧିକକାଳ ଶଯ୍ୟାଶାୟୀ ଥିଲି । ଏପରି ପୀଡ଼ିତ ଜୀବନରେ ଆଉ କେବେ ହୋଇ ନାହିଁ । କର୍ମ ଅଛି, ତେଣୁ ପୁଣି ବଞ୍ଚି ଉଠିଲି । ଏବେ ମଧ୍ୟ ଦୁର୍ବଳତା ଅଛି । ମଝିରେ ମଝିରେ ଡାହାଣକଡ଼ର ଫୁସ୍‌ଫୁସ୍‌ରେ ବେଦନା ଅନୁଭବ କରେ । ଏପରି ପୀଡ଼ିତ ଅବସ୍ଥାରେ ଦୀର୍ଘପଥ ଯାତ୍ରା କରି ମଠକୁ ଯିବା ସଙ୍ଗତ କି ନା ବୁଝିପାରୁନି । ତେବେ ଏବେ ମଧ୍ୟ ମାସାଧିକକାଳ ସମୟ ଅଛି । ସମ୍ପୂର୍ଣ୍ଣ ସୁସ୍ଥ ହେଲେ ନିଶ୍ଚୟ ମଠକୁ ଯିବି ।

ରାମାନୁଜତୁଲ୍ୟ ଶ୍ରୀମାନ୍ ନ—ର ଭାଇ ଶ—ର ମୃତ୍ୟୁ ସମ୍ବାଦରେ ମର୍ମବେଦନା ଅନୁଭବ କରୁଅଛି । ଗୁରୁଶକ୍ତି ଦ୍ୱାରା ତାକୁ ଅନ୍ତରରେ ସାନ୍ତ୍ୱନା ଦେଇ ନ ପାରିଲେ ପତ୍ର ଲେଖି କୌଣସି କଥା କହିବାକୁ ଲଜ୍ଜା ଲାଗୁଛି । ତୁମ୍ଭେମାନେ ତାକୁ ଦେଖ ।

ଆଶାଥିଲା .....ର ଉନ୍ନତି ଦେଖି ତୁମ୍ଭେମାନେ ଆନନ୍ଦରେ ସେହି ସମ୍ବାଦ ମତେ ଜଣାଇବ, କିନ୍ତୁ ଦୁର୍ଭାଗ୍ୟବଶତଃ ତଦ୍‌ବିପରୀତ ସମ୍ବାଦ ପାଇ ହତାଶ ହୋଇ ପଡ଼ିଲି । ଦେଶର ଦୁରଦୃଷ୍ଟ ସନ୍ଦେହ ନାହିଁ । ଯଦି ମଠକୁ ଯାଏ, ଥରେ .....ଯାଇ ପୀର ସାହେବଙ୍କୁ ଦେଖି ଚକ୍ଷୁ-କର୍ଣ୍ଣ ତୃପ୍ତ କରିବାର ବାସନା ରହିଲା । ଅତ୍ର ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ସମସ୍ତେ ମୋର ସ୍ନେହାଶୀର୍ବାଦ ଜାଣିବ । ପ୍ରାର୍ଥନା କରୁଛି ତୁମର କନ୍ୟା-ଜାମାତାଙ୍କର ଦାମ୍ପତ୍ୟଜୀବନ ଧର୍ମମୟ ଓ ମଧୁମୟ ହେଉ । * * * ଇତି—

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୮୪)

ସାରସ୍ୱତ ମଠ
୨।୭।୨୨

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପ୍ରେରିତ ପତ୍ର ଓ ଦ୍ରବ୍ୟାଦି ଯଥାସମୟରେ ପାଇଅଛି । ଦେଶୀ ଧୋତିଖଣ୍ଡିକ ସୁବିଧାନୁସାରେ ଆଶ୍ରମରେ ଅବସ୍ଥିତିକାଳୀନ ବ୍ୟବହାର

କରିବି । ତୁମ୍ଭମାନଙ୍କର ଭକ୍ତିର ଦାନ କ'ଣ ଉପେକ୍ଷା କରି ପାରେ ? ମୋର ଯେ ତୁମ୍ଭେମାନେ ହିଁ ସବୁ । ଭକ୍ତଙ୍କ ପାଇଁ ମୁଁ ଭଗବାନଙ୍କୁ ପର୍ଯ୍ୟନ୍ତ ଭୁଲିଅଛି । ଭକ୍ତଙ୍କୁ ନେଇ ହିଁ ମୁଁ ଅଧ୍ୟାତ୍ମ-ଜଗତର ସଂସାରୀ, ଆଉ ତୁମେ ଦୁଇଭାଇ ଯେ କେତେକାଳରୁ ପ୍ରେମରେ ମାତି ମୋର ଅନୁସରଣ କରୁଅଛ, ମୋର ସେବା ଓ ସୁଖ-ସ୍ୱଚ୍ଛନ୍ଦତାର ବ୍ୟବସ୍ଥା କରୁଅଛ ! ଯୋଗମାୟାଙ୍କ କୌଶଳରୁ ନୂତନଭାବରେ ମୋର ଆଶ୍ରୟ ନେଇ ଅଛ ଓ କୃପା ଚାହୁଁଅଛ । ତୁମ୍ଭେମାନେ ଭୁଲିଗଲେ ମଧ୍ୟ ମୁଁ ଜାଣେ ଯେ ତୁମ୍ଭେମାନେ ହିଁ ମୋର ଚିର-ଆପଣାର । ଏହି ତୁମର-ଆମର ଭାବ ମାୟିକ ନୁହେଁ, ପରମାର୍ଥିକ । ବସ ! ନିର୍ଭୟରେ ନିଶ୍ଚିନ୍ତରେ ମାଙ୍କର ନାମ କରି ଯାଅ, ମାଆଙ୍କ କୃପା—ମାଆଙ୍କର ନାମ ପ୍ରଚାରରେ ଜୀବନ-ମନ ଉତ୍ସର୍ଗ କର, ମା ମା ରବରେ ଜଗତ ଉଦ୍‌ବୁଦ୍ଧ ହେଉ । ଅତ୍ର ମଙ୍ଗଳ । ତୁମେ ଦୁଇଭାଇ ମୋର ବିଜୟାର ଆଶୀର୍ବାଦ ଗ୍ରହଣ କର ଏବଂ ଅନ୍ୟାନ୍ୟ ଭକ୍ତଙ୍କୁ ଜଣାଅ । ନୂତନ ବହି 'ମାଆଙ୍କ କୃପା' ଦୁଇଖଣ୍ଡ ଦୁଇ ଭାଇଙ୍କ ପାଇଁ ପଠାଇଲି । ଇତି—

ଆଶୀର୍ବାଦକ—

ତୁମ୍ଭମାନଙ୍କ ଠାକୁର

(୮୫)

ପୁରୀ

୪।୪।୩୮

ସ୍ନେହର ଯୋ—,

ତୁମର ପତ୍ରଖଣ୍ଡିକ ଯଥାସମୟରେ ପାଇ ପରମ ପ୍ରୀତିଲାଭ କରିଅଛି । ମଝିରେ ମୁଁ ଇନ୍‌ଫ୍ଲୁଏଞ୍ଜାରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଓ

କାତର ହୋଇ ପଡ଼ିଥିଲି । ଉତ୍କଟ କାଶ ଓ ଦୁର୍ବଳତା ମଧ୍ୟ କିଛିଦିନ ଥିଲା, ଏବେ ମଧ୍ୟ ଟିକିଏ ଟିକିଏ ଅଛି, ତେବେ କ୍ରମଶଃ ସୁସ୍ଥ ହେଉଅଛି । ଏହି କାରଣରୁ ଉତ୍ତର ଦେବାକୁ ବିଳମ୍ବ ହେଲା, କ୍ଷୁର୍ଣ୍ଣ ହୁଅନା । ଭକ୍ତ-ଶିଷ୍ୟ ଅନେକେ ହିଁ ତ ମତେ "ତୁମେ" "ତୁମର" କହିଥାନ୍ତି, ତେବେ ତୁମେ ଲେଖିବା ହେତୁ ମନେ କରିବି କାହିଁକି ? ସମ୍ଭ୍ରମରେ ଦୂରତ୍ୱ ରକ୍ଷା ହୁଏ, ଆଉ "ତୁମେ" "ତୁମର" ଶବ୍ଦ ଘନିଷ୍ଠତାର ପରିଚାୟକ । ଗୁରୁ-ଶିଷ୍ୟ ସମ୍ବନ୍ଧ ନିକଟରୁ ନିକଟତମ ସମ୍ବନ୍ଧ ; ପ୍ରକୃତ ଗୁରୁ-ଶିଷ୍ୟ ଏକ ଆତ୍ମା, କାୟା ଭିନ୍ନ ମାତ୍ର । ପୁଣି ଉଚ୍ଚସ୍ତରକୁ ଉଠିଲେ ଗୁରୁ ହିଁ କାୟା, ଶିଷ୍ୟ ଛାୟାମାତ୍ର । ଏହିପରି ଦିନେ ଛାୟା କାୟାରେ ମିଳେଇ ଯିବ । ସୁତରାଂ ଏହା ତୁମର ଅଳୀକ ସ୍ୱପ୍ନ ନୁହେଁ, ଦୁରାଶା ବା ଅସମ୍ଭବ ମଧ୍ୟ ନୁହେଁ ; ଭଲପାଇବା ହିଁ ଏହି ମିଳନର ସେତୁ । ମୁଁ ଜାଣେ ତୁମେ ମତେ କିପରି ଭଲପାଅ ; ସେହି ଦିନଗୁଡ଼ିକର କୌଣସି କଥା ତ ମୁଁ ଭୁଲି ନାହିଁ । ତୁମ୍ଭେମାନେ ହିଁ ଯେ ଏହି ସନ୍ନ୍ୟାସୀର ଅନ୍ତର୍ନିହିତ ରସକୁ ପ୍ରେମ-ପ୍ରୀତି-ଭଲପାଇବାର ଆକର୍ଷଣରେ ବାହାରେ ଫୁଟାଇ ତୋଳିଥିଲ, କଠିନକୁ ସହଜ ବା ସରସ କରିଥିଲ !

ତୁମ୍ଭମାନଙ୍କ ଭିତରୁ ଅନେକେ ଜଣେ ଜଣେ ଆନନ୍ଦଧାମକୁ ଚାଲି ଯାଇଛନ୍ତି, ତେଣୁ ଆଜି ପୁଣି ସେହି ରସ ଓ ଆନନ୍ଦ ଅନ୍ତରରେ ଲୁପ୍ତ । ବାହାରେ କଠୋର କର୍ମୀ ସାଜି କେତେ ଗୁଡ଼ିଏ ବାଳକଙ୍କ ସଙ୍ଗରେ କର୍ତ୍ତବ୍ୟ କରି ଯାଉଅଛି । ସେହି ଆନନ୍ଦ ଆଉ ବାହାରେ ପ୍ରକାଶ ହେଉ ନାହିଁ, ସଜୋରେ ବାର୍ଦ୍ଧକ୍ୟ ଆକ୍ରମଣ କରୁଛି, ସେହି ଜୀବନର ସାଥୀମାନଙ୍କ ମଧ୍ୟରେ ତୁମେ ହିଁ ଅବଶିଷ୍ଟ, ତେଣୁ ତୁମର ପତ୍ର ପଢ଼ି ଆଜି ଯୁବକର ଆନନ୍ଦରେ ଏତେ କଥା ଲେଖି ପକାଇଲି—ନତୁବା ପ୍ରାଣ ଖୋଲି ପ୍ରାଣର

କଥା କହିବାର ଲୋକ ଆଉ ନାହାନ୍ତି, ଭାବ ଓ ଭାଷା ସୁପ୍ତ । ବସ୍‌ ! ନିଶ୍ଚିନ୍ତରେ ନିରୁଦ୍‌ବେଗରେ ପୂର୍ବଭଳି ନିର୍ଭର କରି ଆନନ୍ଦ ସାଗରରେ ଭାସି ଚାଲ, ମଝିରେ ମଝିରେ ଆବର୍ତ୍ତରେ ପଡ଼ିଲେ ମଧ୍ୟ ନିଶ୍ଚିତ ଭାବରେ ଜାଣିରଖ ଯେ ତାହା କଦାପି ସ୍ଥାୟୀ ହେବ ନାହିଁ । ଦିନେ ପୁଣି ତୁମମାନଙ୍କୁ ନେଇ ଆନନ୍ଦଧାମରେ ଉପନୀତ ହୋଇ ନିରବଚ୍ଛିନ୍ନ ପ୍ରେମରସ ମାଧୁର୍ଯ୍ୟର ସମ୍ଭୋଗରେ ଆନନ୍ଦମୟ ହୋଇ ଯିବି । ଏଠାକାର ଅନ୍ୟାନ୍ୟ କୁଶଳ । ଶ୍ରୀମତୀ କ୍ଷୀ— ଓ ସ୍ନେ—କୁ ମୋର ସ୍ନେହାଶୀର୍ବାଦ ଦେବ । ତୁମେ ମୋର ପ୍ରାଣଭରା ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଠାକୁର

(୮୬)

ହାଓଡ଼ା

୨୨।୪।୩୯

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍‌—

ମୁଁ ମଧ୍ୟସ୍ଥଳ (ପାବନା) କୁ ଯାଇଥିଲି । ପରଦିନ ଆସି ପର ପର ତୁମର ଦୁଇଖଣ୍ଡ ପତ୍ର ପାଇ ସମାଚାର ଅବଗତ ହେଲି । ତୁମେ ଯାହା ଉପଲବ୍ଧି କରିଅଛ, ତାହା ପ୍ରକୃତ । ତୁମେ ସାଧନପଥରେ ଶ୍ରୀଗୁରୁଙ୍କର ସାହାଯ୍ୟମାତ୍ର ସ୍ୱୀକାର କରୁଥିଲ, କିନ୍ତୁ ତାଙ୍କର କୃପାରୁ ବିନା ସାଧନ-ଭଜନରେ ମଧ୍ୟ ଯେ ଭକ୍ତ ସତ୍ୟଲାଭ ବା ଆତ୍ମଦର୍ଶନ କରି ପାରେ, ତାହା ତୁମ ମୁହଁରୁ ଶୁଣି ନାହିଁ । ତେଣୁ ଏଥର ଶକ୍ତି-ସଞ୍ଚାରର ମାହାତ୍ମ୍ୟ ତୁମ

ନିକଟରେ ପ୍ରକାଶିତ ହେଲା । ଏବେ ବି ସମୟ ହୋଇ ନାହିଁ, ତେଣୁ ଶ୍ୱାସ ବନ୍ଦ ହେବାରୁ କଷ୍ଟ ଅନୁଭବ କରିଅଛ, ନତୁବା ଏହିଥର ହିଁ ଆତ୍ମଦର୍ଶନ ହୋଇ ଯାଇଥାନ୍ତା । ପ୍ରାଣଭରା ବିଶ୍ୱାସ ଓ ଆକୁଳ ଆକାଙ୍କ୍ଷା ନେଇ ଅପେକ୍ଷା କର ଏବଂ ଯଥାସାଧ୍ୟ ସାଧନ-ଭଜନ କରୁଥାଅ, ସମୟରେ ଆତ୍ମଦର୍ଶନ ହୋଇଯିବ । ବତ୍ସ ! ନିଜକୁ ଯେତେ ବୁଦ୍ଧିମାନ୍ ଓ ପଣ୍ଡିତ ମନେ କରନା କାହିଁକି, କିନ୍ତୁ "ଚାବିକାଠି" ଶ୍ରୀଗୁରୁଙ୍କ ହାତରେ ଏକଥା ଭୁଲ ନାହିଁ । ତାଙ୍କର କୃପାରୁ ଅସମ୍ଭବ ମଧ୍ୟ ସମ୍ଭବ ହେବା କିଛିମାତ୍ର ଆଶ୍ଚର୍ଯ୍ୟ ନୁହେଁ !.....

ମୁଁ ଏକପ୍ରକାର ଭଲ ଅଛି । ଅନ୍ୟାନ୍ୟ କୁଶଳ । ମୋର ସ୍ନେହାଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୮୭)

ସାରସ୍ୱତ ମଠ
ଆଷାଢ଼ ୩୦ ଦିନ

ସ୍ନେହର ସୁ—,

ବହୁଦିନ ପରେ ତୁମର ପତ୍ର ପାଇଲି । ମୁଁ ଦିନକୁ ଦିନ 'ଅଳସ' ହୋଇ ପଡୁଅଛି । ଆଉ ଚିଠିଟିଏ ଲେଖିବାକୁ ମଧ୍ୟ ଶ୍ରମ ବୋଧ ହୁଏ, ଉତ୍ସାହ ନାହିଁ । ଆଶ୍ରମର ସେବକଗଣ ଜ୍ୱର ୨।୩ ଥର ଲେଖାଏଁ ଭୋଗିଛନ୍ତି, ଏବେ ମଧ୍ୟ ୨।୩ ଜଣ ଶଯ୍ୟାଗତ । କାର୍ଯ୍ୟ-କର୍ମରେ ବହୁତ ବିଶୃଙ୍ଖଳା । ମୁଁ ମଧ୍ୟ ଅବସନ୍ନ । କାର୍ଯ୍ୟତଃ ଆଉ କାହାରିକୁ ପତ୍ରାଦି ଲେଖୁ ନାହିଁ ।

ନାନା କାରଣରୁ ବଙ୍ଗଳା ଯିବା ମୋ ପକ୍ଷରେ ସମ୍ଭବ ହେଉ ନାହିଁ । କେତେ ଗୁଡ଼ିଏ ଜଟିଳ କାର୍ଯ୍ୟ-କର୍ମ ପଡ଼ିଅଛି । ମୁଁ ଉପସ୍ଥିତ ରହି ତାହା ମେଣ୍ଟାଇ ନ ଗଲେ ଭବିଷ୍ୟତରେ ଗୋଳଯୋଗ ହୋଇ ପାରେ । କାର୍ଯ୍ୟତଃ ବାହାରି ପାରୁ ନାହିଁ । ପୂଜା ପୂର୍ବରୁ ଥରେ ନିଶ୍ଚୟ ବଙ୍ଗଳା ଯିବି ।

ପତ୍ରାଦି ନ ଲେଖିଲେ ମୁଁ ଭୁଲିଗଲି ଏପରି ଧାରଣା କରିବା ଦୁର୍ବଳତାପ୍ରସୂତ, ସନ୍ଦେହ ନାହିଁ । ବରଂ ଚୁପ୍ ହୋଇ ରହିଲେ ତୁମ୍ଭେମାନେ ସାରା ହୃଦୟଟାକୁ ଜଡ଼େଇ ବସ । ବାହାର ଅଭାବରେ ହିଁ ଭିତରେ ଭାବର ବିକାଶ ହୋଇ ଥାଏ । ବିଶେଷତଃ ବାହାରଟା ଯେ ଦିନେ ଲିଭି ଯିବ—କୌଣସି ସମ୍ବନ୍ଧ ରହିବ ନାହିଁ । ସୁତରାଂ ଏବେଠାରୁ ବାହାର ଛାଡ଼ି ଭିତରେ ଭିତରେ ପ୍ରସ୍ତୁତ ହୁଅ । ଭିତରେ ହିଁ ଡୁବି ଯାଅ । ଲ— ଓ ଗୋ—କୁ ମୋର ସ୍ନେହାଶୀଷ ଜଣାଅ, ତୁମେ ମଧ୍ୟ ଜାଣିବ । ଅନ୍ୟାନ୍ୟ କୁଶଳ । * * * ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୮୮)

ନୀଳାଚଳ କୁଟୀର

୧୪।୧।୩୧

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

କେତେ ଦିନ ପୂର୍ବରୁ ହ—ର ଏବଂ ଗତକାଲି ଗୋ— ଓ ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି ।

ହ—ର ପତ୍ରର ଉତ୍ତର :—ସେହି ପିଲାଟି ଯଦି ଆଶ୍ରମ ଖର୍ଚ୍ଚରେ ଆଶ୍ରମରେ ରହି ଆଶ୍ରମର କାର୍ଯ୍ୟରେ ଜୀବନ ଉତ୍ସର୍ଗ ନ କରେ, ତାକୁ ରଖିବାର ପ୍ରାୟୋଜନ ନାହିଁ । ଏପରି ଭାବରେ କାହାରିକୁ ମଧ୍ୟ ରଖିବ ନାହିଁ । ତେବେ ଯଦି ଏପରି ପିଲା ପାଅ, ସେ ମେଟ୍ରିକ ପାଶ କିମ୍ବା ସେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛି, ତେବେ ତାକୁ ଆଶ୍ରମରେ ରଖି ଟୋଲରେ କିମ୍ବା କୌଣସି ପଣ୍ଡିତଙ୍କ ନିକଟରେ ପଢ଼ାଇ ଆଶ୍ରମର ଶିକ୍ଷା-ବିଭାଗୋପଯୋଗୀ କରି ନେଇ ପାର ।

ହ—ର ବଗୁଡ଼ାରେ ରହିବା ହିଁ କର୍ତ୍ତବ୍ୟ । ଏତେଦିନ ପରେ—ଜନ୍ମସ୍ଥାନ ହେଲେ ମଧ୍ୟ—ସେହି ସ୍ଥାନରେ ମନରେ ଶାନ୍ତି ହେବ ନାହିଁ । ଏଠାରେ ଗୁରୁଭାଇଗଣ ମିଳିମିଶି ରହିଲେ ପରସ୍ପରର ସାହଚର୍ଯ୍ୟ ଦ୍ୱାରା ଉନ୍ନତି ଅବଶ୍ୟମ୍ଭାବୀ । ତାର ସ୍ତ୍ରୀର କଥା ମଧ୍ୟ ମୁଁ ସମର୍ଥନ କରେ । ବସାଘରେ ଆତ୍ମୀୟ-ସ୍ୱଜନ ପିଲା-ଛୁଆ ବେଶୀ ରଖିବା କର୍ତ୍ତବ୍ୟ ନୁହେଁ । ତେବେ ଆର୍ଥିକ ସାମର୍ଥ୍ୟ ଥିଲେ ଯଥା ସାଧ୍ୟ ସେମାନଙ୍କୁ ସାହାଯ୍ୟ କରି ପାର ।

ଗୋ—ର ପତ୍ରର ଉତ୍ତର :—ମୁଁ ଅର୍ଥନୀତି ଭଲ ବୁଝେ ନାହିଁ । ତେବେ ମୋର ମନେ ହୁଏ ବସାଘରଟା ରଖି ପାରିଲେ ଭଲ ହେବ । ତାହା ମର୍ଡ଼ଗେଜ ରଖି ଅଳ୍ପ ସୁଧରେ ଗୋଟିଏ ସ୍ଥାନରୁ ଟଙ୍କା ନେଇ ସେହି ସବୁ ଋଣ ଶୋଧ କରିବା କର୍ତ୍ତବ୍ୟ । ଆଉ ତୁମେ ତ ଅମିତବ୍ୟୟୀ । ଯେତେଦିନ ପର୍ଯ୍ୟନ୍ତ ଋଣ ଶୋଧ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ଖର୍ଚ୍ଚାଦି ସମ୍ବନ୍ଧରେ ଖୁବ୍ କୃପଣତା ପୂର୍ବକ ଚଳିବ । ଏହା ମୋର ଆଦେଶ ବୋଲି ଜାଣିବ । * * *

ଏବେ ତୁମର କଥା :—ତୁମେ ଯେଉଁ ଅନୁଭୂତି ପାଉଅଛ, ତାହା ଅକ୍ଷରେ ଅକ୍ଷରେ ସତ୍ୟ । କିନ୍ତୁ ତାହା ଲାଭ କରିବାର ଅବସ୍ଥା ବା ସମୟ

ଏବେ ମଧ୍ୟ ହୋଇ ନାହିଁ । ତେବେ ମଝିରେ ମଝିରେ ବା ଏଥର ଯେଉଁ ଅବସ୍ଥା ଆସିଥିଲା, ତାହା ଏକମାତ୍ର ତାଙ୍କର କୃପା । ତୁମ ଭିତରେ ଧର୍ମର ଯେଉଁ ସବୁ ମିଥ୍ୟା ବା ଅନ୍ଧ ସଂସ୍କାର ଅଛି, ତାହା ଦୂର ହୋଇ ଯେପରି ସତ୍ୟ ସଂସ୍କାର ଏବଂ କୃପା ଉପରେ ବିଶ୍ୱାସ ଜନ୍ମିବ, ସେହି ଉଦ୍ଦେଶ୍ୟରେ ମଝିରେ ମଝିରେ ଏହି ସବୁ ଅହେତୁକୀ କୃପା ପାଉଅଛ । ଦିନେ ଏପରି ଦିନ ଆସିବ ଯେ, ସେହି ସତ୍ୟ ସମସ୍ତ ହୃଦୟ ଜୋଡ଼ି ପ୍ରକାଶିତ ହେବ । ଅଜ୍ଞାନ-ଅନ୍ଧକାର ଚିରଦିନ ପାଇଁ ଦୂରକୁ ଚାଲିଯିବ । ବସ୍ ! ଆଉ ନିରାଶ ବା ବିଶ୍ୱାସହୀନ ହୁଅ ନାହିଁ । * * *

ଶ— ମୋ ସାଙ୍ଗରେ ଦେଖା କରି ଆସାମ ମଠ ଉଦ୍ଦେଶ୍ୟରେ ପ୍ରସ୍ଥାନ କଲା । ମୁଁ ବଗୁଡ଼ା ଆଶ୍ରମ ଦେଖି ଯିବାକୁ ଆଦେଶ କରିଥିଲି । ଦେଖ ଯେପରି ଅଧିକ ସନ୍ନ୍ୟାସୀଙ୍କ ଦ୍ୱାରା ବିଶୃଙ୍ଖଳା ଓ କର୍ମ ପଣ୍ଡ ନ ହୁଏ ।

ତୁମର ପ୍ରବନ୍ଧଟି ମୁଁ ସମୟ ପାଇଲେ ପଢ଼ି ମତାମତ ସହ ପ୍ରେରଣ କରିବି । କିନ୍ତୁ ବିଳମ୍ବ ହେବ । ମୁଁ ପ୍ରତିପଦାଠାରୁ ଉପବାସ ବ୍ରତ ଆରମ୍ଭ କରିଅଛି । ମାତ୍ର ସମୟ ସମୟରେ ଟିକିଏ ପାଣି ପିଉଅଛି । ଆଗାମୀ ୧୮ଶ ଦିବସରେ ପାରଣ କରିବି ଅର୍ଥାତ୍ ଅନ୍ନାହାର କରିବି । ହାତ କମ୍ପୁଛି, ଭଲକରି କିଛି ଲେଖି ପାରିଲି ନାହିଁ । ସବୁ ପ୍ରଣିଧାନପୂର୍ବକ ବୁଝି ନିଅ । ତୁମ୍ଭେମାନେ ଦିନକୁ ଦିନ ଯେପରି ମତେ କିଣି ନେଉଛ ! ତୁମ୍ଭେମାନେ ସମସ୍ତେ ମୋର ସ୍ନେହାଶୀର୍ବାଦ ଓ ପ୍ରାଣଭରା ଭଲପାଇବା ଜାଣିବ ଏବଂ ଆଶ୍ରମବାସୀଗଣଙ୍କୁ ମୋର ଆଶୀର୍ବାଦ ଜଣାଇବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୮୯)

ପୁରୀ
୨୧।୧।୩୧

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଗତକାଲି ତୁମର ଓ ସୁ—ର ପତ୍ର ପାଇ ଅବଗତ ହେଲି । ମୁଁ କ'ଣ ଉପବାସ ଦ୍ୱାରା ଆତ୍ମହତ୍ୟା କରିବାକୁ ବସିଛି ଯେ ତୁମ୍ଭେମାନେ ଭାବି ଅସ୍ଥିର ହେଉ ଅଛ ? ମୁଁ ବିଶେଷ ବିବେଚନା କରି ହିଁ ଉପବସ ଆରମ୍ଭ କରିଥିଲି । ଆଜି ୪ ଦିନ ଭାତ ଖାଇଅଛି । ଶରୀର ବେଶ୍ ସୁସ୍ଥ ଓ ସବଳ ଅଛି । ଆଉ ଚିନ୍ତାର କାରଣ ନାହିଁ ।

ଶ— ମଧ୍ୟ ଆଉ ଗୋଟିଏ ପିଲାକୁ ଟୋଲରେ ସଂସ୍କୃତ ପଢ଼ାଇବାର ବ୍ୟବସ୍ଥା କରୁଅଛି ଜାଣି ଖୁସୀ ହେଲି ।

ସୁ— ଓ ହ—କୁ କହିବ, ବି— ଯେତେବେଳେ ଆଦୌ ସୁପଥକୁ ଆସୁନାହିଁ, ସେତେବେଳେ ତାକୁ ତ୍ୟାଗ କରିବା ହିଁ କର୍ତ୍ତବ୍ୟ । ଆଉ ସେ ଯେତେବେଳେ ସଦ୍‌ବ୍ୟବହାରର ମର୍ଯ୍ୟାଦା ବୁଝିଲା ନାହିଁ, ସେତେବେଳେ ତାକୁ ବ୍ୟଥା ନ ଦେଇ ପ୍ରକାରାନ୍ତରେ ତ୍ୟାଗ କରିବା ଦୁର୍ବଳତାର ପରିଚାୟକ । ସୁତରାଂ ଉତ୍ସବ ପରେ ଜ୍ୟୈଷ୍ଠ ୫ମ/୬ଷ୍ଠ ଦିବସରେ ତାକୁ ଆଶ୍ରମରୁ ଚାଲିଯିବାକୁ କହିବ,—ସହଜରେ ନ ଗଲେ ବଳପୂର୍ବକ ବାହାର କରି ଦେବ । * * *

ସ୍ୱ—ର ମହୋତ୍ସବର ପତ୍ରରେ ଅଛି—''ଆତ୍ମାର ଉନ୍ନତିକଳ୍ପେ'' ଇତ୍ୟାଦି । ମହୋତ୍ସବ ଦ୍ୱାରା କ'ଣ ଆତ୍ମାର ଉନ୍ନତି ହୁଏ ? ''ଆତ୍ମାର ତୃପ୍ତି ପାଇଁ'' ଲେଖିବା ଉଚିତ ଥିଲା । ସାରସ୍ୱତ ମଠ ଓ ତାହାର

ଉଦ୍ଦେଶ୍ୟ ସମ୍ବନ୍ଧରେ ଯେଉଁ ପ୍ରବନ୍ଧ ସୁ— ଲେଖିଛି, ସେଥିରେ ଏପରି ଅସଙ୍ଗତି ଅନେକ ଅଛି । ଅନେକ ଉଦାହାରଣ ସୁଧୀସମ୍ମତ ହୋଇ ନାହିଁ । ଭାଷାର ପର୍ଯ୍ୟାୟ ମଧ୍ୟ ରକ୍ଷିତ ହୋଇ ନାହିଁ । ଯାହା ପଢ଼ିଅଛି, ସେଥିରୁ ବୁଝୁଛି ତାହା କାଟି ଛାଟି ସଂଶୋଧନ କରି ଦେବା ଏକ ବିରାଟ ବ୍ୟାପାର ! ଯାହା ହେଉ ଚେଷ୍ଟା କରୁଅଛି ।

ଏଥର ଭାଦ୍ର ମାସରେ ଯେତେବେଳେ ତୁମ୍ଭେମାନେ ରିପୋର୍ଟ ବାହାର କରିବ, ସେତେବେଳେ ପରିଶିଷ୍ଟରେ ଏଥରର ଭକ୍ତସମ୍ମିଳନୀର ସଂକ୍ଷିପ୍ତ ସମ୍ବାଦ ଦେଇ, ଯେଉଁ ମନ୍ତବ୍ୟ ଗୃହୀତ ହୋଇଅଛି ଅର୍ଥାତ୍ ଯାହାର ଗୋଟିଏ କପି ହ—କୁ ଦେଇ ଆସିଛି, ତାହା ପ୍ରକାଶିତ କରିବ ।

ଅନ୍ୟ ପତ୍ର ଖଣ୍ଡିକ ଦେ—କୁ ଦେବ । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ସମସ୍ତେ ମୋର ସ୍ନେହାଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୯୦)

ଶାନ୍ତି ଆଶ୍ରମ

୧୧।୧।୨୧

ସ୍ନେହର ଯୋ—,

ଏଇମାତ୍ର ତୁମର ପତ୍ରଖଣ୍ଡିକ ପାଇଲି । ଗୋ—ମଧ୍ୟ ଇତିପୂର୍ବରୁ ତୁମର ଚାକିରୀର ଗୋଳମାଳ ସମ୍ବନ୍ଧରେ କିଛି କିଛି ଲେଖିଥିଲା । ତୁମେ ସ୍ୱେଚ୍ଛାରେ ଚାକିରୀ ଛାଡ଼ିବ କାହିଁକି ? ସମସ୍ତ ବିଭାଗରେ ଚାକିରୀର ସମାନ ବିଡ଼ମ୍ବନା । ତେବେ ଚାକିରୀ ଛାଡ଼ିଦେଲେ ଯେଉଁମାନଙ୍କର

ସଂସାରରେ ବିଶେଷ କୌଣସି ଅଭାବ ହୁଏ ନାହିଁ, ସେମାନଙ୍କର ଚାକିରୀ ସ୍ୱୀକାର କରିବା କଦାପି କର୍ତ୍ତବ୍ୟ ନୁହେଁ । ଧୀର ଓ ସ୍ଥିର ଭାବରେ କର୍ତ୍ତବ୍ୟ ପାଳନ କରି ଯାଅ, ବିଧାତା ଯେଉଁ ବ୍ୟବସ୍ଥାର ବିଧାନ କରିବେ, କଦାଚ ତାହାର ଅନ୍ୟଥା ହେବ ନାହିଁ, ସୁତରାଂ ବିଚଳିତ ହେଲେ ଚଳିବ କିପରି ? କାହାର ମନ ଯୋଗାଇ ଚଳିବା କାଳର ଧର୍ମ ନୁହେଁ, ତେବେ ତାଙ୍କର ବ୍ୟବସ୍ଥା ଯେ ମଙ୍ଗଳମୟୀ, ସେଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ବିପଦ-ସମ୍ପଦରେ ତାଙ୍କର ନାମ ନିଅ, ଚିତ୍ତର ଗୋଟିଏ ପ୍ରକାର ଭାବ ରକ୍ଷା କରିବାକୁ ଦୃଢ଼ ହୁଅ, ସର୍ବାବସ୍ଥାରେ ଶରଣାଗତ ଭାବରେ ତାଙ୍କର ଜୟ ଉଚ୍ଚାରଣ କର । ବିପଦ ଦେହୀର ନିତ୍ୟସଙ୍ଗୀ, ମାୟାର ସଂସାରରେ ସବୁ ହିଁ କ୍ଷଣଭଙ୍ଗୁର, କେତେବେଳେ କେଉଁ ଦିଗରୁ ବିପଦ ଆସିବ ଠିକ୍ ନାହିଁ । ଜୀବର ସମୁଦ୍ରରେ ଶଯ୍ୟା—ସୁତରାଂ ଶିଶିରରେ ଅସ୍ଥିର ହେଲେ ସଂସାର କରିବ କିପରି ? କେବଳ ନାମ ନିଅ—'ଆପନା ହଇତେ ଗଳିବ ପ୍ରାଣ !' (ଆପେ ଆପେ ପ୍ରାଣ ବିଗଳିତ ହେବ ।)

ମୋର ସ୍ନେହମୟୀ କନ୍ୟା ମନ୍ତ୍ର ଭୁଲି ଯାଇଛି, କିମ୍ବା ସଂଶୟ ଆସିଅଛି, କିନ୍ତୁ ତାହା ତ ପ୍ରତ୍ୟକ୍ଷଭାବରେ ଆଉ ସଂଶୋଧନର ଉପାୟ ଦେଖୁ ନାହିଁ । ଅନ୍ୟ ଉପାୟରେ ସଂଶୋଧନର ଚେଷ୍ଟା କରିବି । ଏବେ ଯାହା ମନେ ଅଛି ତାହା ହିଁ ଜପ କରିବାକୁ କହି ଦେବ, ନହେବା ଆଉ ଉପାୟ କ'ଣ ? ଆଉ ଉତ୍ସବାନ୍ତେ ଥରେ ଉତ୍ତରବଙ୍ଗ ଯିବାକୁ ଚେଷ୍ଟା କରିବି ।

ସୁ—ର ପିତ୍ତଶୂଳ ରୋଗ ହୋଇଥିଲା ନା କ'ଣ, ସେ ମତେ କିଛି ଲେଖି ନାହିଁ, ତାର ପିତାଙ୍କ ପତ୍ରରୁ ଜ୍ଞାତ ହେଲି । ସୁ—କ'ଣ କରୁଛି ?

ବସ ! ମୁଁ ତୁମ୍ଭମାନଙ୍କୁ ନେଇ ସ୍ୱେଚ୍ଛାରେ—କର୍ମବଶରେ ନୁହେଁ—ସଂସାର ପାତିଅଛି, କାର୍ଯ୍ୟତଃ ପତ୍ରାଦି ନ ପାଇଲେ ଏହି ଖେଳର ପୁଷ୍ଟି ହୁଏ ନାହିଁ । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୯୧)

ଶାନ୍ତି ଆଶ୍ରମ

ଫାଲ୍‌ଗୁନ ୨୪ ଦିନ, ୧୩୨୦

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ବହୁଦିନ ପରେ ତୁମର ଖଣ୍ଡିଏ ପତ୍ର ପାଇ ଅବଗତ ହେଲି । ତୁମର ନିଜର କକା ନୃ—କୁ ଗୋଟିଏ ପତ୍ର ଲେଖିଛନ୍ତି, ଯେଉଁଥିରେ ତୁମର ବିବାହରେ ମୁଁ ଅନୁମତି ପ୍ରଦାନ କରେ । କେହି ବିବାହ କରିବ, ମୁଁ ନିଷେଧ କରିବି କାହିଁକି ? ଅତଏବ ଅନୁମତି ଦେଇଛି । ତୁମେ ବାଳକ ନୁହଁ, ବିଶେଷତଃ ଥରେ ବିବାହ କରି କିଛିଦିନ ସଂସାରୀ ହୋଇଥିଲ, ସୁତରାଂ ତାହାର ଇଷ୍ଟାନିଷ୍ଟ ସମ୍ବନ୍ଧରେ ତୁମେ ମୋ ଅପେକ୍ଷା ଅଧିକା ଅଭିଜ୍ଞତା ଲାଭ କରିଅଛ । ନିଜର ଦାୟିତ୍ୱ—ଜୀବନର କର୍ତ୍ତବ୍ୟ—ଗାର୍ହସ୍ଥ୍ୟର ଗୁରୁତ୍ୱ ବୁଝି ଯେପରି ସ୍ଥିର କରିବ, ତଦନୁସାରେ କାର୍ଯ୍ୟ କରିବା ହିଁ ପଣ୍ଡିତର ପାଣ୍ଡିତ୍ୟ । ଯଦି ବିବାହ କରିବା ହିଁ କର୍ତ୍ତବ୍ୟ ବୋଲି ବୁଝ, ବିବାହ କର ; ଆଉ ଅକର୍ତ୍ତବ୍ୟ ବୁଝିପାରିଲେ ମୋର

ଅନୁରୋଧ ପର୍ଯ୍ୟନ୍ତ ଉପେକ୍ଷା କର । ଏ ସମ୍ବନ୍ଧରେ ତୁମକୁ ଆଉ କିଛି ଲେଖି ପାରିବି ନାହିଁ । ତୁମେ ସଂସାରାନଭିଜ୍ଞ ବାଳକ ହୋଇଥିଲେ, ତୁମର କର୍ତ୍ତବ୍ୟ ନିର୍ଦ୍ଧାରଣ କରି ଦେଇଥାନ୍ତି ।

ତୁମେ ପୋଷ୍ଟକାର୍ଡ଼ରେ ଯେଉଁ ପ୍ରଶ୍ନ କରିଅଛ, ତାହାର ଉତ୍ତର ସେଥିରେ ଦେବାକୁ ସ୍ଥାନାଭାବ ; ବିଶେଷତଃ ସେହି ସବୁ ଗୁରୁତର ପ୍ରଶ୍ନର ଉତ୍ତର ସଂକ୍ଷେପରେ ଦେଲେ ତୁମେ ଠିକ୍ ଭାବ ଗ୍ରହଣ କରି ପାରିବନି, ତେଣୁ ଉତ୍ତର ଦେବାରୁ କ୍ଷାନ୍ତ ରହିଲି । ସାକ୍ଷାତରେ ବୁଝାଇବାକୁ ଚେଷ୍ଟା କରିବି । ସମ୍ଭବତଃ ଆଶ୍ରମର ଉତ୍ସବ ପରେ ମୁଁ ଥରେ ଢାକା ଯିବି, ସେହି ସମୟରେ ଏହି ସବୁ ପ୍ରଶ୍ନର ମିମାଂସା କରି ଦେବି । ଗୋଟିଏ ଉତ୍ତର ହେଉଛି ଯେ—ନିଜକୁ ନିଜର ସଂକୀର୍ଣ୍ଣ ଗଣ୍ଡୀଭିତରେ ବାନ୍ଧି ରଖି ପରର କାର୍ଯ୍ୟ କରାଯାଇ ପାରେ ନାହିଁ । ଯାହାର ନିଜର କୌଣସି ଗଣ୍ଡୀ ନାହିଁ, ସେ ହିଁ ପ୍ରକୃତରେ ପରିବାରର—ସମାଜର—ଦେଶର ସେବା କରି ପାରିବ । ଆଉ ବିବାହ କରି ଅନେକ ବ୍ୟକ୍ତି ନିଜର ମା–ବାପାଙ୍କୁ ମଧ୍ୟ ଭାତ ଦିଅନ୍ତି ନାହିଁ । ବିବାହ ନ କଲେ ଯେ ସନ୍ନ୍ୟାସୀ ହେବାକୁ ପଡ଼ିବ ଏପରି କୌଣସି କଥା ନାହିଁ । ଲକ୍ଷ ଲକ୍ଷ ଟଙ୍କା ସଂଗ୍ରହ କଲେ ମଧ୍ୟ ଖର୍ଚ୍ଚ ପାଇଁ ଭାବନା ନାହିଁ, କାରଣ ଚତୁର୍ଦ୍ଦିଗରେ କୋଟି କୋଟି ଅଭାବଗ୍ରସ୍ତ ପୁତ୍ରକନ୍ୟା ହାହାକାର କରୁଛନ୍ତି । ଏହି ସନ୍ତାନ ପାଳନ କ'ଣ ଗାର୍ହସ୍ଥ୍ୟ ଧର୍ମ ନୁହେଁ ? —ନା, ନିଜକୁ ପୁଅ–ଝିଅଙ୍କ ଭିତରେ ଖଣ୍ଡ ଖଣ୍ଡ ନ କଲେ ପାଳନରେ ସୁଖ ମିଳେ ନାହିଁ ? ତେବେ ଆତ୍ମୀୟସ୍ୱଜନ ବିବାହ ନ କଲେ ବିଶ୍ୱାସ କରନ୍ତି ନାହିଁ । ସେମାନେ ଭାବନ୍ତି କୌଣସି ସମୟରେ ହୁଏତ ସନ୍ନ୍ୟାସୀ ହୋଇଯିବ, କାରଣ ଦାମ୍ପତ୍ୟ ବା ବାତ୍ସଲ୍ୟରୂପ ଦୃଢ଼ତର ବନ୍ଧନ ନାହିଁ । କାର୍ଯ୍ୟତଃ ସେମାନେ ମନେ କରନ୍ତି, ରମଣୀର କୋମଳ କରର

ବଜ୍ରକଠୋର ବନ୍ଧନରେ ଥରେ ବାନ୍ଧି ପାରିଲେ ଆଉ ଯିବେ କେଉଁଠିକି ? —ଆମମାନଙ୍କ ଭଳି ହୋଇ ନାକ-ଫୋଡ଼ା ବଳଦଙ୍କ ଭଳି ସଂସାର-ଘଣାରେ ଘୁରି ବୁଲିବେ । କିନ୍ତୁ ଧର୍ମର ବନ୍ଧନରେ ମଧ୍ୟ ଯେ ତାହା କରାଯାଏ, ସେହି ଅଭିଜ୍ଞତା ସଂସାରୀର ନାହିଁ, କାର୍ଯ୍ୟତଃ ପ୍ରଚଳିତ ବନ୍ଧନ ପାଇଁ ବ୍ୟସ୍ତ ହୁଅନ୍ତି ଇତ୍ୟାଦି । * * * ଅନ୍ୟାନ୍ୟ ମଙ୍ଗଳ । ମୋର ଆଶୀର୍ବାଦ ଜାଣିବ ।

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

ପୁ :— ତୁମେ ବିବାହ କର ବା ନକର, କିନ୍ତୁ ମୋର ନିର୍ଦ୍ଧାରିତ କାର୍ଯ୍ୟରେ ଯୋଗଦାନ କରିବା ତୁମର କର୍ତ୍ତବ୍ୟ । ବିବାହ କଲେ ମଧ୍ୟ ସେଥିରେ ବାଧା ହେବ ନାହିଁ ବୋଲି ଜାଣିବ । ତେବେ ତୁମେ ନିର୍ଲିପ୍ତ ଭାବରେ ସଂସାରରେ ରହିବାକୁ ଚାହଁ, ସେହି ହୃଦୟ-ବଳ ତୁମେ ହିଁ ବୁଝିବ । ମୁଁ କୌଣସି ଆଦେଶ କରିଲି ନାହିଁ ।

(୯୨)

ସାରସ୍ୱତ ମଠ

୩୧।୬।୨୩

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ପ୍ରିୟ ଲ—, ମୋର କନ୍ୟା ଓ ତୁମର କନ୍ୟା ଓ ପୁତ୍ରଙ୍କ ସହିତ ମୋର ବିଜୟାର ଆଶୀର୍ବାଦ ଗ୍ରହଣ କର ଏବଂ ସୁ—, ଗୋ— ଓ ସେମାନଙ୍କ ବାସଗୃହର ସମସ୍ତଙ୍କୁ ଏବଂ ଅ— ପ୍ରଭୃତିଙ୍କୁ ଜଣାଇବ ।

ପତ୍ରରେ ଅନ୍ୟାନ୍ୟ ବିଷୟ ଯାହା ଲେଖିଅଛ, ତଦୁତ୍ତରରେ କ'ଣ ଲେଖିବି ? ନିଜ ଚିତ୍ତକୁ ସ୍ୱାଧୀକାରକୁ ଆଣି ଶାନ୍ତି-ପ୍ରୀତିର ଉତ୍ସ ଖୋଲିବାର ଉପଯୋଗୀ ସାଧନା ତୁମେ ଆଦୌ କରୁ ନାହଁ । ତୁମ୍ଭମାନଙ୍କର ସାଧନା—ଭଗବନ୍ନିର୍ଭରତା ଏବଂ ଅବଲମ୍ବନ ନାମ । ତେବେ ସେଥିରେ ମଧ୍ୟ ତାଙ୍କର କରୁଣା ଉପଲବ୍ଧି କରିବା ଆବଶ୍ୟକ । ସମୟେ ସମୟେ ବୁଝୁଥିଲେ ମଧ୍ୟ ତାହା ସ୍ଥାୟୀଭାବରେ ଅନୁଭବ କରିବା ଆବଶ୍ୟକ । ଅବଶ୍ୟ କରିବ ।

ବହୁଦିନ ହେଲା ତୁମ ସହିତ ଦେଖା ହୋଇ ନାହିଁ । ମୁଁ ସତ୍ୱର ବଙ୍ଗଳାଦେଶକୁ ଯାଉଅଛି । ବୋଧହୁଏ ୮।୧୦ ଦିନ ଭିତରେ ସୈୟଦପୁର ପହଞ୍ଚିବି, ପରେ ଅନ୍ୟାନ୍ୟ ସ୍ଥାନକୁ ଯିବି । ଏଥର ବଗୁଡ଼ା ଯିବାର ମଧ୍ୟ ବାସନା ଅଛି । ଅତ୍ର ମଙ୍ଗଳ । ସମସ୍ତଙ୍କୁ ଏହି ସମ୍ବାଦ ଜଣାଇବ । ସୈୟଦପୁର ପହଞ୍ଚି ପତ୍ର ଦେବି । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୯୩)

ସାରସ୍ୱତ ମଠ

ସ୍ନେହାସ୍ପଦେଷୁ—

ତୁମର ପତ୍ର ପାଇ ବିସ୍ତାରିତ ଅବଗତ ହେଲି । 'ମା' ତୁମର ସ୍ତ୍ରୀକୁ ନେଇ ଯେଉଁ ଖେଳ ଖେଳୁଛନ୍ତି, ତାହା ଉଦ୍‌ଯାପନର ସମୟ ଆସିଅଛି, ମୁଁ ମଧ୍ୟ ମା'ଙ୍କର ଶେଷ ଖେଳ ଦେଖିବା ପାଇଁ ଉଦ୍‌ଗ୍ରୀବ ହୋଇ ରହିଛି । ସେ ତୁମ୍ଭମାନଙ୍କୁ ଆଦେଶ ଦେଇ ହିଁ ଏପରି ପରିଚାଳିତ କରୁଛନ୍ତି,

ସୁତରାଂ ତୁମର ସ୍ତ୍ରୀର ଇଚ୍ଛାନୁସାରେ ହିଁ ବ୍ରତ ପ୍ରତିଷ୍ଠା କରାଯିବ । ଦରିଦ୍ର-ନାରାୟଣଙ୍କର ସେବା ସର୍ବସେବାର ସାର ଓ ଶ୍ରେଷ୍ଠ, ଏହା ମୋର ପ୍ରାଣର ମତ, ମା' ମଧ୍ୟ ସେହିପରି ଆଦେଶ ଦେଇଛନ୍ତି । କୁମାରୀ ପୂଜା ମଧ୍ୟ ବିହିତ । ଅବଶ୍ୟ ଶାସ୍ତ୍ରରେ ସମସ୍ତ ପ୍ରକାର ବ୍ୟବସ୍ଥା ଅଛି ; ତୁମେ ତୁମର ସାଧ୍ୟାନୁସାରେ ଯଥାନିୟମରେ କାର୍ଯ୍ୟ ସମ୍ପନ୍ନ କରିବ । ମା' ଯେପରି ଆଦେଶ କରନ୍ତି, ଠିକ୍ ତାହା ଯେପରି ପାଳିତ ହୁଏ । ଆଶା ଅଛି, ମା'ଙ୍କର ଇଚ୍ଛାରେ ସବୁ ମଙ୍ଗଳ ହେବ ।

ମୁଁ ଚଟ୍ଟଗ୍ରାମ ଯିବାକୁ ଇଚ୍ଛା କରିଥିଲି, କିନ୍ତୁ ନାନାକାରଣରୁ ତାହା ସମ୍ଭବ ହେଲା ନାହିଁ । ସେବକଗଣ ବ୍ରହ୍ମଦେଶ ଯାଉଛନ୍ତି, ମୁଁ ଆଶ୍ରମରେ ନ ରହିଲେ ଚଳିବ ନାହିଁ । କୁମ୍ଭ ଦର୍ଶନରେ ଯିବା ପାଇଁ ଅନେକ ଭକ୍ତ ପ୍ରାର୍ଥନା ଜଣାଉଛନ୍ତି, ସେଥିପାଇଁ ମାଘ ମାସରେ ହିଁ ଆଶ୍ରମ ଛାଡ଼ିବାକୁ ପଡ଼ିବ । ସୁତରାଂ ତତ୍‌ପୂର୍ବରୁ ଆଉ ଆଶ୍ରମ ଛାଡ଼ି କୁଆଡ଼େ ଯାଇ ପାରିବି ନାହିଁ । ବ୍ରତ ପ୍ରତିଷ୍ଠା ପୂର୍ବରୁ ମତେ ଜଣାଇବ, ମୁଁ ଉପସ୍ଥିତ ହୋଇ ପାରିବି ନାହିଁ ।

ଚାକିରୀର ଗୋଳମାଳ ସମ୍ପର୍କରେ ଯାହା ଲେଖିଅଛ ସେଥିପାଇଁ ଚିନ୍ତାର କାରଣ ନାହିଁ । ବିଶ୍ୱାସ ରଖ—ଭଗବାନଙ୍କ ଇଚ୍ଛା ବ୍ୟତୀତ ମାନବ ଏକପାଦ ମଧ୍ୟ ଅଗ୍ରସର ହୋଇ ପାରେ ନାହିଁ । ନିର୍ଦ୍ଦୋଷୀର ସହାୟ ଭଗବାନ୍—ସୁତରାଂ ତାଙ୍କର ଚରଣରେ ମନ ରଖି କର୍ତ୍ତବ୍ୟ ପାଳନ କରି ଯାଅ, କେହି ତୁମର କେଶ ସ୍ପର୍ଶ କରି ପାରିବେ ନାହିଁ । ତେବେ ଯଦି ବିପଦ ଆସେ, ସେହି ବିପଦ ସମ୍ପଦର କାରଣ—ପ୍ରଭୁଙ୍କର ଦାନ ମନେ କରି ମୁଣ୍ଡଥରେ ତୋଳିନିଅ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୯୪)

ମଠ
୨୦।୧୦।୩୦

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇଛି, ସୁ— ଓ ସ୍ୱ—ର ଅବସ୍ଥା ଜଣାଇ ପତ୍ର ଲେଖିଅଛ । ପୂର୍ଣ୍ଣିମା ପର୍ଯ୍ୟନ୍ତ ଅପେକ୍ଷା କରି କିପରି କଣ ହେଲା ତୁମେ ବା ସୁ—ଜଣାଇବ ।

ସମ୍ମିଳନୀ ଭିତରେ ପ୍ରକାଶ ହୋଇ ଯାଇଥିଲା ସ୍ୱ— ଆଗାମୀ ପୂର୍ଣ୍ଣିମାରେ ଦେହତ୍ୟାଗ କରିବ । ଆଜିକୁ ୫।୭ ଦିନ ଯାବତ୍ ଭକ୍ତଗଣଙ୍କ ପତ୍ର ପାଉଛି, ସେମାନେ ଲେଖୁଛନ୍ତି, "ବଗୁଡ଼ାର ପତ୍ରରୁ ଜାଣିଲୁ ଆପଣଙ୍କ କୃପାରୁ ସ୍ୱ— ଦାଦା ଏହି ଯାତ୍ରା (ମୃତ୍ୟୁମୁଖରୁ) ରୁ ରକ୍ଷା ପାଇଛନ୍ତି । ସେ ଆହୁରି ୪।୫ ବର୍ଷ ଜୀବିତ ରହିବେ" । ଅନେକେ କାରଣ ମଧ୍ୟ ଜାଣିବାକୁ ଚାହିଁଛନ୍ତି । ତେଣୁ ମୁଁ ଅତ୍ୟନ୍ତ ବିରକ୍ତ ହୋଇ ପଡ଼ିଅଛି । ଭବିଷ୍ୟତରେ ଶିଷ୍ୟ-ଭକ୍ତ ନିଜର ବା ସ୍ତ୍ରୀ-ପୁତ୍ରଙ୍କର ଅସୁଖ ହେଲେ ଏହି ନଜିର ଦେଖାଇ ରୋଗ ଆରୋଗ୍ୟ ବା ବଞ୍ଚାଇବା ପାଇଁ କନ୍ଦାକଟା କରିବେ, ବିଲକ୍ଷଣ ଅଶାନ୍ତିର କାରଣ ହେବ ସନ୍ଦେହ ନାହିଁ । କାର୍ଯ୍ୟତଃ ତୁମ୍ଭେମାନେ କାହା ନିକଟକୁ ପତ୍ର ଲେଖିଲେ ସାବଧାନ ସହକାରେ ଭାଷା ପ୍ରୟୋଗ କର । ସ୍ୱ—ର ପୂର୍ଣ୍ଣିମାରେ ଦେହତ୍ୟାଗ ହେବ ଏ କଥା ମୁଁ କହିନାହିଁ । ତୁମେ ଦିନେ ରାତ୍ରିରେ ସ୍ୱ—ର କଥା କହୁ କହୁ କହିଥିଲ, ସ୍ୱ— ଦାଦା ନିଜେ ବୁଝି ପାରିଛନ୍ତି, ତାଙ୍କର କର୍ମ ଶେଷ ହୋଇଅଛି ; ଏହି ପୂର୍ଣ୍ଣିମାରେ ଦେହତ୍ୟାଗ ହେବ । ତାହା ନିଶ୍ଚୟ ତୁମର

ସ୍ମରଣ ଥିବ । ମୁଁ କୌଣସି ଦିନ କହି ନାହିଁ ଯେ ଠିକ୍ ପୂର୍ଣ୍ଣିମାରେ ତାର ଦେହତ୍ୟାଗ ହେବ । ଆଶ୍ରମ ଛାଡ଼ିବା ଦିନ ଦ୍ୱିପ୍ରହରରେ ତୁମ ସାକ୍ଷାତରେ ସ୍ୱ—ର ସହିତ କଥା ହୁଏ । କିପରି ମୃତ୍ୟୁ ହୋଇ ପାରେ ଏବଂ ସେହି ସମୟରେ କର୍ତ୍ତବ୍ୟ କ'ଣ, ସେ ସମ୍ବନ୍ଧରେ ଉପଦେଶ ଦେଇ ଆସିଲି । ଅତଏବ ମତେ କେହି କିଛି ଜିଜ୍ଞାସା କଲେ ମୁଁ ତୁମ ଉପରେ ଭାର ଦେବି । କେହି ପତ୍ର ଲେଖିଲେ ତୁମେ ସତ୍ୟ କଥା ଜଣାଇବ, ଅର୍ଥାତ୍ ଲେଖ—"ଠାକୁର ପୂର୍ଣ୍ଣିମାରେ ଦେହତ୍ୟାଗ ହେବ ବୋଲି ପ୍ରକାଶ କରି ନାହାନ୍ତି ଏବଂ ତାଙ୍କ କୃପାରୁ ୨।୪ ବର୍ଷ ବଞ୍ଚିଗଲେ ତାହା ମଧ୍ୟ ଜଣାଇ ନାହାନ୍ତି । ଏ ସବୁ ହିଁ ସ୍ୱ—ର ଅନୁଭୂତି ।" ଦୋହାଇ ବାପୁ ! ଅନର୍ଥକ ମୋର ମହିମା ପ୍ରଚାର କରି ମୋର ଅଶାନ୍ତି ବଢ଼ାଅ ନାହିଁ । ମୁଁ ଆଉ କେବେ କୌଣସି କଥା କହିବି ନାହିଁ । ମିଥ୍ୟା କଥାର ଢୋଲ ବଜାଇ ମତେ ଆଉ ଅପଦସ୍ତ କର ନାହିଁ । ଚି—, ଗୋ— ଆପେ ଆସିଥିଲେ, ନା ସ୍ୱ—ର କଥାରେ ତୁମ୍ଭେମାନେ କେହି ପତ୍ର ଲେଖିଥିଲ, ତାହା ମୁଁ ଜାଣିବାକୁ ଚାହେଁ ।

ଶ୍ରୀମାନ୍ ଲ—ର ପତ୍ର ଓ ପ୍ରେରିତ ଗୁଡ଼ ପାଇଛି । ମୁଁ ଆଉ ଲ—କୁ ପୃଥକ୍ ପତ୍ର ଦେଉନାହିଁ । ତୁମେ ତାକୁ ସମ୍ବାଦ ଦେବ । ଅତ୍ର କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୯୫)

ଶାନ୍ତି ଆଶ୍ରମ
୧୪।୧୧।୧୯

ପ୍ରିୟ ସୁ—,

ମୁଁ ପୌଷ ମାସର ପ୍ରଥମ ଭାଗରେ ଆଶ୍ରମ ପରିତ୍ୟାଗ କରି ନାନାସ୍ଥାନ ପର୍ଯ୍ୟଟନାନ୍ତେ ପଅରଦିନ ସୋମବାର ଆଶ୍ରମରେ ପହଞ୍ଚିଅଛି ଏବଂ ତୁମର ପତ୍ର ପ୍ରାପ୍ତେ ଅବଗତ ହୋଇ ଅଛି । ଏହି ଜଗତରେ ସ୍ୱାର୍ଥପରତା ହିଁ ଏକମାତ୍ର ଭୀଷଣ ନରକ ସୃଷ୍ଟି କରିଅଛି । ସ୍ୱାର୍ଥରେ ଆଘାତ ଲାଗିଲେ କେହି ଆପଣାର ହୁଏ ନାହିଁ । ବସ୍ ! ଏକମାତ୍ର ଭଗବାନ ହିଁ ନିରପେକ୍ଷ ; ପର ପାଇଁ—ତୁମ ଆମ ପାଇଁ ବ୍ୟାକୁଳ । କିଛି ଚାହାଁନ୍ତି ନାହିଁ । ଜୀବ ତାଙ୍କୁ ଭୁଲି ସ୍ୱାର୍ଥ ନେଇ ବ୍ୟସ୍ତ ! ପୁତ୍ର-କନ୍ୟା ଆତ୍ମୀୟ-ସ୍ୱଜନ ଆଉ ବେଶୀ କଥା କ'ଣ ? ଆଶାକରେ ତୁମେ ତାଙ୍କୁ କୌଣସି ଅବସ୍ଥାରେ ଭୁଲିବ ନାହିଁ । ଆଶାକରେ ଶାନ୍ତି ଓ ନିରୁଦ୍‌ବେଗରେ ତାଙ୍କର ନାମ ଗାନ କରିବ । ଅତ୍ର ମଙ୍ଗଳ । ମଝିରେ ମଝିରେ ପତ୍ର ଲେଖ । ଇତି—

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୯୬)

ଶାନ୍ତି ଆଶ୍ରମ
୮।୧।୨୧

କଲ୍ୟାଣବ‌େରେଷୁ—

ପ୍ରିୟ ଅ—, ପ୍ରାଣାୟମରେ ତୁମେ ଅଗ୍ରସର ହୋଇ ପାରୁ ନାହିଁ, ତାହା ମୁଁ ବହୁ ପୂର୍ବରୁ ବୁଝିଅଛି । ପ୍ରାଣାୟାମ ଦୈହିକ କ୍ରିୟା, ଅଥଚ

ଗୋଟିଏ ବର୍ଷ ଭିତରେ ତୁମ ଦେହର କୌଣସି ପରିବର୍ତ୍ତନ ଦେଖୁ ନାହିଁ । ୬ମାସ ପ୍ରାଣାୟମ କଲେ ନୂତନ ଭାବରେ ଶରୀର ଗଠିତ ହୋଇଥାଏ । ବିଶେଷତଃ ତୁମର ଚେଷ୍ଟା-ଯତ୍ନ କମ୍ । ନିଦ୍ରାଳସ୍ୟ ଛାଡ଼ି ପାରୁ ନାହଁ ; ସର୍ବଦା ଯୋଗୀ ଭାବରେ ବ୍ୟବହାର କରୁ ନାହିଁ ; ଚାଲିବା, ବୁଲିବା, ବସିବା କୌଣସିଥିରେ ମଧ୍ୟ ତୁମେ ଯୋଗର ଭାବ ରକ୍ଷା କରୁ ନାହଁ ; ଅଥଚ ଯୋଗୀ ହେବାର ବାସନା ମଧ୍ୟ ଛାଡ଼ି ପାରୁ ନାହଁ । ମୋର ନିୟମ—ଶିଷ୍ୟ ଭିତରେ ଆତ୍ମବୁଦ୍ଧି ଥିଲେ ମୁଁ ତାର ଶ୍ରେୟଃ ନିର୍ଦ୍ଦେଶ କରି ଦେବି ନାହିଁ । ଯେତେବେଳେ ସମ୍ପୂର୍ଣ୍ଣ ରୂପେ ମୋ ଉପରେ ନିର୍ଭର କରିବ, ସେତେବେଳେ ମୁଁ ତାର ଲକ୍ଷ୍ୟ ନିର୍ବାଚନ କରି ଦେବି ।

ତୁମର ପତ୍ରର ମର୍ମରୁ ବୁଝିଲି ତୁମେ ସବୁ ପଥରେ ଥରେ ହାତମାରି ଦେଖିବାକୁ ଚାହଁ । ଯୋଗ ଭଳି ଦିନେ ତୁମେ ବେଦାନ୍ତଶାସ୍ତ୍ରର ମଧ୍ୟ ଅନଧିକାରୀ ବୋଲି ବୁଝିପାରିବ । ସୁତରାଂ ସାବଧାନ ହୁଅ, ସବୁ ଛାଡ଼ି ଭକ୍ତି-ମାର୍ଗ ଅବଲମ୍ବନ କର । ତାଙ୍କର ଶରଣାଗତ ହୋଇ ତାଙ୍କଠାରେ ସବୁ ସମର୍ପଣ କରି କେବଳ ନାମ ନେବାକୁ ଅଭ୍ୟାସ କର । ଏକମାତ୍ର ଜପ ଦ୍ୱାରା ଯୋଗ, ଜ୍ଞାନ ଓ ଭକ୍ତିର ଫଳ ଲାଭ କରି ପାରିବ । ଯୋ—, ସୁ— ଓ ରା— ପ୍ରଭୃତି ଆହ୍ଲାଦ-ଆମୋଦ ସହିତ ଯେଉଁ ଅନୁଭୂତି ପାଉଅଛି, ତାହା ଯୋଗ ବା ବେଦାନ୍ତ ଆଲୋଚନାରେ ପ୍ରାପ୍ତ ହେବା ସୁଦୂରପରାହତ । ତୁମେ ନିଜେ ଯେତେବେଳେ ଭିନ୍ନ ପଥ ନିର୍ବାଚନ କରିଅଛ, ସେତେବେଳେ ସେମାନଙ୍କ ଠାରୁ ଦୂରେଇ ଯାଉଅଛ । ସେଥିପାଇଁ ଆଶ୍ରମରେ ମଧ୍ୟ ସେମାନଙ୍କ ସହିତ ଏକତ୍ର ରହିବାର ସୁଯୋଗ ସୁବିଧା ହୁଏ ନାହିଁ । ଯାହାହେଉ, ତୁମେ ଏବେ ଏକମାତ୍ର ଜପ ହିଁ ଅବଲମ୍ବନ କର । ଜପରେ ମଧ୍ୟ ସମାଧି ଲାଭ ହୋଇଥାଏ । ଯୋନିମୁଦ୍ରା

ଯୋଗରେ ସେହିପରି ଜପ କର । ଅନ୍ୟ ସମୟରେ ମାଳାରେ ଜପ କରିବାକୁ ଇଚ୍ଛା ହେଲେ ଗୋଟିଏ ଗୁଚ୍ଛ ମାଳା ଗୁନ୍ଥି ବିଶ୍ୱେଶ୍ୱରଙ୍କୁ ସ୍ପର୍ଶ କରାଇ ଦେଲେ ହିଁ ଶୋଧନ ହୋଇଯିବ । ଅଜପା ଜପ ଅଭ୍ୟାସ କଲେ ମାଳାର ପ୍ରୟୋଜନ ନାହିଁ । ବିଶେଷତଃ ମାଳାର ମନ୍ତ୍ର ଦୀର୍ଘ ହେବା ପ୍ରୟୋଜନ । ତୁଳସୀ ମାଳାରେ 'ହରେକୃଷ୍ଣ' ପ୍ରଭୃତି ତାରକ ବ୍ରହ୍ମନାମ ଜପ ହିଁ ପ୍ରକୃତ ବ୍ୟବସ୍ଥା । ଜପର ଲକ୍ଷ୍ୟ ଜ୍ଞାନ ବା ପ୍ରେମ ଗୋଟିଏ ନିର୍ବାଚନ କରି ନିଅ । ଆଉ ସେବା କାର୍ଯ୍ୟ ସହଜ ନୁହେଁ । ପ୍ରକୃତ ବ୍ରାହ୍ମଣ ନ ହେଲେ କେହି ସେବକ ହୋଇ ପାରେ ନାହିଁ । ସନ୍ନ୍ୟାସୀ ହିଁ ପ୍ରକୃତ ସେବକର ଆଦର୍ଶ । ବ୍ରାହ୍ମଣତ୍ୱ ନାହିଁ ବୋଲି ହିଁ ବ୍ରାହ୍ମଣ-ସନ୍ତାନ ଅପରର ସେବାରେ ଆତ୍ମନିୟୋଗ କରି ପାରନ୍ତି ନାହିଁ । ଯେ ଛୋଟ, ସେ କ'ଣ ଛୋଟର ସେବା କରି ପାରିବ ? କାର୍ଯ୍ୟତଃ ଜଗତ୍-ସେବକ ବ୍ରାହ୍ମଣ ଆଜି ସମସ୍ତଙ୍କର ସର୍ବନାଶ କରି ଆତ୍ମସେବାରେ ମନ ଦେଇଛି । ତେଣୁ ବ୍ରାହ୍ମଣ ଆଜି ଜଗତ ନିକଟରେ ଘୃଣିତ ! ସୁତରାଂ ସେବାକାର୍ଯ୍ୟ ସହଜ ନୁହେଁ, ଉଚ୍ଚାଧିକାରୀ ବ୍ୟତୀତ ସେବାଧର୍ମରେ ଅନ୍ୟର ଅଧିକାର ନାହିଁ । ଜ୍ଞାନ, ଭକ୍ତି ଓ କର୍ମର ଏକତ୍ର ସମାବେଶ ଏବଂ ସେମାନଙ୍କର ପରିପୁଷ୍ଟି ହେଲେ ଯାଇ ସେବା-ଧର୍ମରେ ଅଧିକାର ହୁଏ । ସୁତରାଂ ସେବା-ଧର୍ମ ମାନବ-ଜୀବନର ସର୍ବଶ୍ରେଷ୍ଠ ଆଦର୍ଶ । ଜୀବ ପ୍ରଥମରୁ ଏହି ଆଦର୍ଶ-ଜୀବନ ଗଠନ କରି ଇହ-ପରକାଳରେ ଶାଶ୍ୱତୀ ଶାନ୍ତିର ଅଧିକାରୀ ହୋଇ ପାରେ । ଯାହା ହେଉ ତୁମେ ଯାହା ସ୍ଥିର କରିବ ମତେ ଜଣାଅ । ଆଶ୍ରମର ମଙ୍ଗଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୯୭)

ସାରସ୍ୱତ ମଠ
୧।୭।୨୧

ସ୍ନେହାସ୍ପଦେଷୁ—

ବତ୍ସ ! ସମ୍ମୁଖରେ ସ୍ନିଗ୍ଧ ଆଲୋକ ବିକଶିତ । ସେହି ଆଲୋକରେ ସୁପ୍ରଶସ୍ତ ଅନେକ ପଥ ଦେଖିବାକୁ ପାଉଅଛି, ସୁତରାଂ ମୋର ଓ ମୋର ବୋଲି ଯେଉଁମାନେ ଅଛନ୍ତି ସେମାନଙ୍କର ଆଉ ଜଡ଼ତାର ସମୟ ନାହିଁ । ପ୍ରତି ଭାଇକୁ ହାତ ଧରି କାନ୍ଧ କରି ମା'ଙ୍କ କୋଳକୁ ଟେକି ଦେବାକୁ ପଡ଼ିବ । ରଜୋଗୁଣର ଧ୍ୱଂସରେ ପୃଥିବୀବ୍ୟାପୀ ସାତ୍ତ୍ୱିକଗୁଣର ବିକାଶ ଅବଶ୍ୟମ୍ଭାବୀ । ଶ୍ରୀଗୁରୁଙ୍କର କାର୍ଯ୍ୟ ଗୁରୁତରରୂପେ ବର୍ଦ୍ଧିତ ହୋଇ ଚାଲିଲା । ଆଉ ଅନୁତାପ ଅନୁଶୋଚନାର ସମୟ ନାହିଁ । କେବଳ ମା' ମା' ମା' ରବରେ ମା'ଙ୍କର ପୁତ୍ରର ସ୍ୱରୂପ ଜଣାଅ ।

ଗୋ— ଓ ଲ—ର ପତ୍ର ପାଇଅଛି । ସମଷ୍ଟିଭାବରେ ଅନୁପ୍ରାଣିତ, ବ୍ୟଷ୍ଟି କଥା କିଛି ଲେଖି ପାରିଲି ନାହିଁ । ତେବେ ସମସ୍ତଙ୍କୁ ମୋର ଆଶୀର୍ବାଦ ଜଣାଇବ । ଇତି—

ଆଶୀର୍ବାଦକ—
"ଠାକୁର"

ପୁ :—ଏଇମାତ୍ର ଗୋ—ର ପତ୍ର ପାଇଲି । ତାକୁ କହିବ ସେ **ଯେତେ ବୋକା ବା କ୍ଷୁଦ୍ର ହେଉ ତଥାପି ସେ ମୋର ସନ୍ତାନ । ତେବେ ଅନୁଶୋଚନା କାହିଁକି ?**

(୯୮)

ପୁରୀ

ତା° ୨୩।୧୨।୩୫

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଗତକାଲି ତୁମର ପତ୍ର ପାଇଅଛି । ଚଞ୍ଚଳତା ହିଁ ମନର ସ୍ୱଭାବ, ପ୍ରାରବ୍ଧାନୁଯାୟୀ ସମୟ ସମୟରେ କମ୍ ବେଶୀ ହୁଏ ମାତ୍ର । ତୁମ୍ଭେମାନେ ଯେତେବେଳେ ସଂସାରୀ, ସେତେବେଳେ ମଝିରେ ମଝିରେ ବିପଦ୍ ବା ଅଶୁଭ ଘଟଣା ଭିତରେ ପଡ଼ିବାକୁ ହେବନି ତ ଆଉ କ'ଣ ? ସୁତରାଂ ସର୍ବପ୍ରକାର ଅବସ୍ଥା ପାଇଁ ସର୍ବଦା ପ୍ରସ୍ତୁତ ରହିବା ହିଁ ପକ୍କା ଗୃହସ୍ଥର କର୍ତ୍ତବ୍ୟ । କୌଣସି ଅବସ୍ଥାରେ ମଧ୍ୟ ମୂହ୍ୟମାନ ହେଲେ ଚଳିବ ନାହିଁ, ବୀରଙ୍କ ଭଳି ପ୍ରସ୍ତୁତ ରହିବାକୁ ହେବ । ରାମକୃଷ୍ଣଦେବ କହୁଥିଲେ—''ପୁତ୍ର ପିତାଙ୍କ ହାତ ଧରି ଚାଲିଲେ ସଂକୀର୍ଣ୍ଣ ପଥରେ ପୁତ୍ରର ପଡ଼ିଯିବାର ସମ୍ଭାବନା ଅଛି, କିନ୍ତୁ ପିତା ପୁତ୍ରର ହାତ ଧରି ଚାଲିଲେ ଆଉ ସେ ଭୟ ନ ଥାଏ ।'' **ବସ୍ ! ମୁଁ ମଧ୍ୟ ଯେ ତୁମ୍ଭମାନଙ୍କର ହାତ ଧରିଅଛି, ସୁତରାଂ ନିରାଶ ହେବାର ସମ୍ଭାବନା କାହିଁ ?** ତେବେ ଜପରେ ସ୍ପୃହା ନ ଥିଲେ ମଧ୍ୟ ମୋର ଆଦେଶ ମନେ କରି ଅଭ୍ୟାସ ଠିକ୍ ରଖ,—ଆପେ ଆପେ ଶାନ୍ତି ଆସି ସେବା କରିବ । **ତୁମେମାନେ ମଝିରେ ମଝିରେ ଯେଉଁ ଦୁର୍ବଳତା ଅନୁଭବ କର, ତାହା ପ୍ରାରବ୍ଧର ହିଁ ଅବଶ୍ୟମ୍ଭାବୀ ଫଳ ; ମୂଳରେ ତୁମ୍ଭମାନଙ୍କର ଭୟର କୌଣସି କାରଣ ନାହିଁ ।**

ସେହି ଔଷଧଟି ପ୍ରାୟ ଶେଷ ହୋଇ ଆସିଲା, କିନ୍ତୁ କୌଣସି ଫଳ ଏ ପର୍ଯ୍ୟନ୍ତ ବୁଝି ପାରିଲି ନାହିଁ । ବେଦନା ସମାନ ଭାବରେ ଅଛି । ଅଟେ

ଦାର୍ଜିଲିଂ ବୁଲି ଆସେ, ଦେଖେ କିପରି ହୁଏ । ଶୀଘ୍ର ଦାର୍ଜିଲିଂ ପ୍ରସ୍ଥାନ କରିବି । ଅତ୍ର ଅନ୍ୟାନ୍ୟ କୁଶଳ । ମୋର ସ୍ନେହାଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୯୯)

ପୁରୀ

୧୦।୧୦।୩୨

ସ୍ନେହାସ୍ପଦେଷୁ—

ଗତକାଲି ତୁମର ଓ ଅଦ୍ୟ ବ—ର ପତ୍ର ପାଇ ସକଳ ସମାଚାର ଅବଗତ ହୋଇ ପ୍ରୀତି ଲାଭ କଲି । ଏତେଦିନ ପର୍ଯ୍ୟନ୍ତ ମୁଁ ତୁମ୍ଭମାନଙ୍କୁ ଯେପରି ଭଲପାଇ ଆସିଛି, ପତ୍ରରେ ମଧ୍ୟ ତୁମ୍ଭମାନଙ୍କର ସେହି ଭାବର ପରିଚୟ ଅଛି । ଅକସ୍ମାତ୍ ପୂର୍ବର ରିପ୍ଲାଇ କାର୍ଡ଼ଖଣ୍ଡିକ ପାଇ ବିସ୍ମିତ ଓ ସ୍ତମ୍ଭିତ ହୋଇଥିଲି । ତେବେ ପତ୍ରଖଣ୍ଡିକ ଯେ ବ—ର ପ୍ରାଣର ଅଭିବ୍ୟକ୍ତି ନୁହେଁ, ତାହା ଅବଶ୍ୟ ବୁଝିବାକୁ ଭୁଲ କରି ନାହିଁ । କେଉଁ ଶିଷ୍ୟ ମୋର ବିରୋଧୀ ହେଲା, କିଏ ମୋର ନାମ ନେଲେ ହିଁ ଜଳିଯାଏ, ଏସବୁ କଥା ବ—ର ଲେଖିବାର ପ୍ରୟୋଜନ କ'ଣ ? ବିଶେଷ କରି ଏସବୁ ତାର ଅନଧିକାର ଚର୍ଚ୍ଚା । ନିଜ ପ୍ରତି ଦୃଷ୍ଟି ରଖ, ପରର ଚର୍ଚ୍ଚା କାହିଁକି ? ବିଶେଷତଃ ତୁମ୍ଭମାନଙ୍କର ଅଧିକାର ବୁଝି ତଦନୁରୂପ ଉପଦେଶ ଦେଇ ଆସୁଛି । ଗତଥର ·····ଯାଇ ଏବଂ ଏଥର ମୟନାମତୀରେ ଯେଉଁ ସବୁ କଥାବାର୍ତ୍ତା ହୋଇଥିଲା, ଆଜି ମଧ୍ୟ ତାହା ମୋର ବେଶ୍ ସ୍ମରଣ ଅଛି ।

ତେବେ ସହସା ଏପରି ପତ୍ର ଲେଖିବାର କାରଣ କ'ଣ ଭାବି ପାରିଲି ନାହିଁ । ''କିଏ କୌଣସି ବିଶେଷ ଅବସ୍ଥା ଲାଭ କରିବ କି ନାହିଁ, ଗୋଟିଏ ଦିନରେ ହୋଇଯିବ ନା କ'ଣ'' ଏପରି ଧୃଷ୍ଟତା ପ୍ରକାଶ କରି ମତେ ପତ୍ର ଲେଖ .....କାହିଁକି, ସମଗ୍ର ବଙ୍ଗଳାର କୌଣସି ଭକ୍ତର ଦାବୀ ଅଛି କି ? .....ଭକ୍ତଗଣଙ୍କ ଭିତରେ ଏପରି ତ୍ୟାଗୀ, ବିବେକୀ ସାଧକ କେହି ଅଛି ବୋଲି ମୁଁ ଜାଣେ ନାହିଁ । ବରଂ ସେମାନେ ସର୍ବାପେକ୍ଷା ମୂଢ଼, ଅନାଚାରୀ ଓ ଅସଂଯତ ବୋଲି ହିଁ ମୋର ଧାରଣା । ତେବେ କେହି କେହି ମତେ ଭଲ ପାଆନ୍ତି ଏବଂ ମୋର ଦୟା-କୃପାର ଭିଖାରୀ । ''ବିଷ ନାହିଁ କୁଲାପାନା ଚକ୍କର !'' (ବିଷହୀନ ସର୍ପର ଫଣା ଭଳି ଉପେକ୍ଷଣୀୟ ଆସ୍ଫାଳନ ବା କ୍ରୋଧ) ଚିଠିଖଣ୍ଡିକରେ ସେହି ଭାବ ହିଁ ପ୍ରକାଶ ପାଇଅଛି । ନତୁବା ଭିଖାରୀର ଏତେ ସ୍ପର୍ଦ୍ଧା କାହିଁକି ? ତୁମ୍ଭେମାନେ ତ ଚିଠି ପତ୍ରରେ ଏପର୍ଯ୍ୟନ୍ତ ନିଜର ଦୈନ୍ୟ ହିଁ ଜଣାଇ ଆସିଅଛ, କେବେ ବି ଏପରି ଔଦ୍ଧତ୍ୟ ପ୍ରକାଶ କରି ନାହିଁ । (ଚିଠିଖଣ୍ଡିକ ପଠାଇବାର ଇଚ୍ଛା ଥିଲା, କିନ୍ତୁ ଖୋଜି ପାଇଲି ନାହିଁ । ଯଦି ପାଏ ରଖି ଦେବି ।) ଯାହଉ ଚିଠିଖଣ୍ଡିକ ଯେ ବ— ବା ତୁମର ଲେଖା ନୁହେଁ, ତାହା ମୁଁ ବୁଝିଥିଲି । ତେବେ ତାର ନାମର ଚିଠି, ତେଣୁ ତାକୁ ହିଁ ଉତ୍ତର ଦେବାକୁ ପଡ଼ିଅଛି । ତୁମ୍ଭେମାନେ ପ୍ରେମଭକ୍ତିଲାଭେଚ୍ଛୁ ଅନ୍ତରଙ୍ଗ ଭକ୍ତ, ତୁମ୍ଭମାନଙ୍କର ଦୈନ୍ୟଭରା ପତ୍ରରେ ମୋର ପ୍ରାଣ ବିଗଳିତ ହୋଇଯିବ, କରୁଣାର ଉତ୍ସ ଉତ୍ସାରିତ ହେବ, ନା ତତ୍ପରିବର୍ତ୍ତେ ପତ୍ରପାଠ କରି ବିରକ୍ତିଭାବରେ ହୃଦୟ ଭରି ଯାଇଥିଲା । ହାୟରେ କପାଳ ! ତାହା ପୁଣି ବ—ର ପତ୍ରରେ । ଯାହଉ ସଂଶୟ ମେଣ୍ଟିଛି । ମୋର ରୂଢ଼ ପତ୍ରଦ୍ୱାରା ଯଦି ବେଦନା ପାଇଥାଅ ତେବେ ଭୁଲି ଯାଅ, ଚିରକାଳ ଯାହା କହି

ଆସିଅଛି—ପୁଣି କହୁଛି, ଯେଉଁମାନେ ମତେ—'ମୋର' ବୋଲି ଆତ୍ମସମର୍ପଣ କରି ଶରଣ ନେଇଛନ୍ତି, ସେମାନଙ୍କର ମୁକ୍ତି ନ ହେବା ପର୍ଯ୍ୟନ୍ତ ମୁଁ ମଧ ମୁକ୍ତ ହେବି ନାହିଁ । ଯେଉଁମାନେ ଧୈର୍ଯ୍ୟ ଧରି ଅପେକ୍ଷା କରି ପାରିବେ ନାହିଁ, ସେମାନେ ମୋ ଅପେକ୍ଷା ଅଧିକ ଶକ୍ତିସମ୍ପନ୍ନ ଗୁରୁଙ୍କର ଶରଣ ନିଅନ୍ତୁ, ମୁଁ ବିନ୍ଦୁମାତ୍ର ବିରକ୍ତ ହେବି ନାହିଁ । ଆଶୀର୍ବାଦ କରୁଛି, ତୁମ୍ଭମାନଙ୍କର ଶୁଭବୁଦ୍ଧି ଉଦ୍‌ବୁଦ୍ଧ ହେଉ, ଅଭିମାନ ଯେପରି ଲକ୍ଷ୍ୟଚ୍ୟୁତ ନ କରେ । ଅତ୍ର ମଙ୍ଗଳ । ଅନ୍ୟ ପତ୍ରଖଣ୍ଡିକ ଶ୍ରୀମାନ୍ ଈ—କୁ ଦେବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୧୦୦)

ପୁରୀ

୨୮।୧୨।୩୭

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ରଖଣ୍ଡିକ ଯଥାସମୟରେ ପାଇଛି । ତାର ୨।୪ ଦିନ ଆଗରୁ ଶ୍ରୀମାନ୍ ହ— ପ୍ରସ୍ଥାନ କରିଥିଲା, ତା ନିକଟରୁ ଏଠାକାର ସମ୍ବାଦ ଅବଗତ ହେବ ଭାବି ଆଉ ଉତ୍ତର ଦେଇ ନାହଁ । ପୁରୀ ଆସିବା ଅବଧି ଶ୍ୱାସକଷ୍ଟଟା ଟିକିଏ କମିଥିଲା, କିନ୍ତୁ ପେଶୀରେ ବାତର ଆକ୍ରମଣ ହେତୁ ଦୈହିକ କଷ୍ଟ ବଢ଼ିଅଛି । ବାମ ହାତଟା ଅକର୍ମଣ୍ୟ ହୋଇ ପଡୁଅଛି, କୌଣସି ଦିଗକୁ ଘୁରାଘୁରି କରିବାକୁ ବା ଊର୍ଦ୍ଧ୍ୱ ଦିଗକୁ ଟୋଳି ପାରୁ

ନାହିଁ । କୌଣସି କାରଣରୁ ଟିକିଏ ଝାଙ୍କି ଲାଗିଲେ ହିଁ ଅସହ୍ୟବେଦନା ହୁଏ । ଦେହର ଅନ୍ୟାନ୍ୟ ଅଙ୍ଗରେ ମଧ୍ୟ କ୍ରମଶଃ ଅନୁଭବ କରୁଅଛି । ଜାଣେ—ଚିକିତ୍ସାରେ କୌଣସି ଫଳ ହେବ ନାହିଁ । ତଥାପି ଏଇଟା ସେଇଟା ବ୍ୟବହାର କରୁଛି । ଭଗ୍ନ ସ୍ୱାସ୍ଥ୍ୟ ଓ ରୁଗ୍ଣ ଦେହ ନେଇ ବଞ୍ଚି ରହିବା ବିଡମ୍ବନା, କ୍ରମଶଃ ଦେହଟା ଦୁର୍ବହ ହୋଇ ଉଠୁଅଛି । କିନ୍ତୁ କୌଣସି ଉପାୟ ନାହିଁ—ମାଲିକର ଇଚ୍ଛା ଉପରେ ସବୁ ନିର୍ଭର କରୁଅଛି । ଯାହଉ—ତୁମ୍ଭେମାନେ ସୁଖରେ ଅଛ, ଆନନ୍ଦରେ ଅଛ ଜାଣିଲେ ମଧ୍ୟ କେତେମାତ୍ରାରେ ତୃପ୍ତିରେ ରହିପାରେ । କିନ୍ତୁ ଅପୂର୍ଣ୍ଣ ଜଗତରେ ବ୍ୟବହାରିକ ପରିପୂର୍ଣ୍ଣ ଶାନ୍ତି କାହାରି ବି ନାହିଁ । ଯାହଉ—**ମୋର ଦେହଟା ରୁଗ୍ଣ ହୋଇ ପଡ଼ିଲେ ମଧ୍ୟ ତୁମ୍ଭମାନଙ୍କର ହାତ ଧରି ଜୋର କରି ନିତ୍ୟାନନ୍ଦ ଧାମକୁ ଟାଣି ନେଇ ଯିବାର ଶକ୍ତି ଯଥେଷ୍ଟ ଅଛି । ନିଶ୍ଚିନ୍ତରେ ଯେତେଟା ପାର ସଂସାର ଭୋଗ କରି ନିଅ । ତେବେ ନିର୍ଭରତା ଟିକକ ଯେପରି ଥାଏ ।** ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ସମସ୍ତେ (ଆଶ୍ରମୀ ଓ ଗୃହୀ) ମୋର ସ୍ନେହାଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

ଦ୍ୱିତୀୟ ଖଣ୍ଡ ସମାପ୍ତ

ଠାକୁରଙ୍କ ଚିଠି

ତୃତୀୟ ଖଣ୍ଡ

ବଙ୍ଗଳା ସଂସ୍କରଣ

ପ୍ରଥମ ପ୍ରକାଶ—ପୌଷ ୧୩୪୫

ଦ୍ୱିତୀୟ ପ୍ରକାଶ—ଆଶ୍ୱିନ ୧୩୬୨

ତୃତୀୟ ପ୍ରକାଶ—ଆଶ୍ୱିନ ୧୩୮୨

ଚତୁର୍ଥ ପ୍ରକାଶ—ବୈଶାଖ ୧୪୦୫

ପ୍ରଥମ ସଂସ୍କରଣ (ଅଖଣ୍ଡ)—୧୪୧୮

ପ୍ରଥମ ସଂସ୍କରଣରେ ପ୍ରକାଶକଙ୍କ ବକ୍ତବ୍ୟ

ବର୍ତ୍ତମାନ ଭାରତରେ ଠାକୁର ଶ୍ରୀନିଗମାନନ୍ଦଙ୍କ ନାମରେ ଅପରିମିତ ନୁହେଁ । ସନାତନ ଧର୍ମର ରକ୍ଷା ଓ ଉନ୍ନତିକଳ୍ପେ ସେ ଯେଉଁସବୁ ଅନୁଷ୍ଠାନ-ପ୍ରତିଷ୍ଠାନ ସଂସ୍ଥାପିତ କରି ଯାଇଛନ୍ତି, ତାହା ସହିତ ମଧ୍ୟ ଅନେକେ ହିଁ ପରିଚିତ । ସାର୍ବଭୌମଭାବରେ ଉପଦେଶ ପ୍ରଦାନ ବ୍ୟତୀତ ବ୍ୟଷ୍ଟିଜୀବନର ଉନ୍ନତିସାଧନ ପାଇଁ ବ୍ୟକ୍ତିଗତ ଭାବରେ ମଧ୍ୟ ସେ କମ୍ ଉପଦେଶ ଦେଇ ଯାଇ ନାହାନ୍ତି । କାର୍ପଣ୍ୟରହିତ ଚିତ୍ତରେ ମୌଖିକ ଓ ଲିଖିତ ଭାବରେ ସେ ଅଜସ୍ର ଉପଦେଶ ପ୍ରଦାନ କରି ଯାଇଛନ୍ତି । ମୌଖିକ ଉପଦେଶ ଗୁଡ଼ିକ 'ଶ୍ରୁତି-ସ୍ମୃତି' ରେ ଏବଂ ଲିଖିତ ଉପଦେଶଗୁଡ଼ିକ 'ଚିଠି'ରେ ଅମର ହୋଇ ରହିଅଛି । ବ୍ୟକ୍ତିଗତ ସୁଖ-ଦୁଃଖ, 'ବ୍ୟଥା-ବେଦନା, ବିୟୋଗ-ବିରହରେ ଭାରାକ୍ରାନ୍ତ ଚିତ୍ତ ନେଇ ଯିଏ ଯେତେବେଳେ ତାଙ୍କର ସାନ୍ନିଧରେ ସମୁପସ୍ଥିତ ହୋଇଅଛି, ଅମୃତ-ନିଃସ୍ୟନ୍ଦୀ ଉପଦେଶ ପ୍ରଦାନ କରି ସେ ସେତେବେଳେ ହିଁ ତାର ସମସ୍ତ ବ୍ୟଥା ଅପନୋଦନ କରିଛନ୍ତି ; ନାନାବିଧ ସମସ୍ୟାର ଜଟିଳ-ଆବର୍ତ୍ତରେ ପଡ଼ି ଯିଏ ଯେତେବେଳେ ତାଙ୍କ ନିକଟକୁ ଚିଠି ଲେଖିଅଛି, ସେ ତତ୍କ୍ଷଣାତ୍ ତାହାର ପ୍ରତ୍ୟୁତ୍ତର ପ୍ରଦାନ କରି ସମସ୍ତ ସମସ୍ୟାର ସମାଧାନ କରି ଦେଇଛନ୍ତି । ପତ୍ରୋତ୍ତର ସ୍ୱରୂପରେ ଲିଖିତ ଏବଂ ବିଧ ଉପଦେଶପୂର୍ଣ୍ଣ ଚିଠିଗୁଡ଼ିକ ହିଁ ''ଠାକୁରଙ୍କ ଚିଠି''ରେ ଧାରାବାହିକଭାବରେ ପ୍ରକାଶିତ ହୋଇ ଆସୁଅଛି । ଠାକୁରଙ୍କ ଜୀବଦ୍ଦଶାରେ ପ୍ରଥମ ଓ ଦ୍ୱିତୀୟ ଖଣ୍ଡ ପ୍ରକାଶିତ ହୋଇଅଛି, ବର୍ତ୍ତମାନ ତାହାର ତୃତୀୟ ଖଣ୍ଡ ବା ଶେଷଖଣ୍ଡ ପ୍ରକାଶିତ ହେଲା ।

ଅତି ସହଜ-ସରଳ ଭାଷାରେ ଅଧ୍ୟାତ୍ମଜଗତର ନିଗୂଢ଼ ତତ୍ତ୍ୱ ଏହି ଚିଠିଗୁଡ଼ିକରେ ପ୍ରକାଶ ହୋଇଯାଇଛି । ଶୋକାତୁର ପ୍ରାଣରେ ସାନ୍ତ୍ୱନା ଦେବାକୁ, ହତାଶ ପ୍ରାଣରେ ଆଶାର ସଞ୍ଚାର କରିବାକୁ, ଅଳସ ପ୍ରାଣରେ କର୍ମପ୍ରେରଣା ଜାଗ୍ରତ କରିବାକୁ, ଗୃହୀ-ତ୍ୟାଗୀ, ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ଆଦର୍ଶ ଜୀବନଗଠନ, ଅବନତଶିରରେ ପ୍ରାରବ୍ଧଭୋଗ ଏବଂ ସର୍ବାବସ୍ଥାରେ ଭଗବତ୍ ନିର୍ଭରତା ଶିକ୍ଷା ଦେବାକୁ ଚିଠିଗୁଡ଼ିକ ଅଦ୍ୱିତୀୟ । ସର୍ବାବସ୍ଥାରେ ନହେଉ, ଉପଦେଶପ୍ରାର୍ଥୀର ଯେଉଁ ଯେଉଁ ଅବସ୍ଥା ଅନୁସରଣରେ ଏହି ଚିଠିଗୁଡ଼ିକ ପ୍ରକୃତରେ ଲିଖିତ ହୋଇଥିଲା, ଅଶାକରେ ପାଠକବର୍ଗ ତତ୍ତ୍ୱତ୍ ଅବସ୍ଥାରେ ପଡ଼ିଲେ ଅବଶ୍ୟହିଁ ଅପରିସୀମ ସାନ୍ତ୍ୱନା, ପ୍ରେରଣା, ଆନନ୍ଦ ଏବଂ ସମାଧାନ ପାଇବେ ।

ବିଶେଷ-ବିଭାଗକ୍ରମେ ଚିଠିର ସନ୍ନିବେଶ, ବର୍ଣ୍ଣାନୁକ୍ରମିକ ବିଷୟ-ସୂଚୀ, ଠାକୁରଙ୍କ ଶେଷ ଜୀବନର ପ୍ରତିକୃତି ଏବଂ ତାଙ୍କର ସ୍ୱହସ୍ତଲିଖିତ ଚିଠିର ପ୍ରତିଲିପି ଏହି ଖଣ୍ଡର ସୌଷ୍ଠବ ଏବଂ ଗୁରୁତ୍ୱ ଯେ ବୃଦ୍ଧି କରିଅଛି, ତାହା ନିଃସନ୍ଦେହ ।

ଗ୍ରନ୍ଥଟିକୁ ସର୍ବବିଧ ଦୋଷରୁ ମୁକ୍ତ ରଖିବାକୁ ସାଧ୍ୟାନୁରୂପ ଚେଷ୍ଟାରେ ତ୍ରୁଟି କରି ନାହିଁ, ତଥାପି ଏହି ମଧ୍ୟରେ ଯେ ସବୁ ଭ୍ରମପ୍ରମାଦ ଅପରିହାର୍ଯ୍ୟରୂପେ ରହି ଯାଇଛି, ସେଥିପାଇଁ ସୁଧୀ ପାଠକବର୍ଗଙ୍କର ସସ୍ନେହ କ୍ଷମାଦୃଷ୍ଟି ଆକର୍ଷଣ କରୁଅଛି ।

ବଗୁଡ଼ା
ପୌଷ ୧ ଦିନ, ୧୩୪୫

ଶ୍ରୀ ହରପ୍ରସାଦ ରାୟ

ବିଷୟ-ସୂଚୀ

[ବର୍ଣ୍ଣାନୁକ୍ରମିକ]

ବିଷୟ	କ୍ରମିକ ସଂଖ୍ୟା
ଅନାଥାର ବିବାହରେ	୫୨, ୫୩
ଅନ୍ତରର ବିକାଶରେ	୭୫
ଅବସ୍ଥା-ବିପର୍ଯ୍ୟୟରେ	୫୮
ଅଭିଚାରରେ	୭୦
ଅଶାନ୍ତିରେ	୫୯
ଅସଦ୍‌ବ୍ୟବହାରରେ	୭୩
ଉପଦେଶ-ସମସ୍ୟାରେ	୪୬
କର୍ମଭୋଗରେ	୩୯-୪୧
କାମାଖ୍ୟା-ମାହାତ୍ମ୍ୟରେ	୮୧
କୃପାଲାଭର ବ୍ୟସ୍ତତାରେ	୬୨, ୬୩
ଗତି-ବିଷୟରେ	୭
ଗୁର୍ବନ୍ତର ଗ୍ରହଣରେ	୭୬, ୭୭
ଚାକିରୀ-ବିଭ୍ରାଟରେ	୬୪-୬୬
ଚିତ୍ତ-ବିକ୍ଷେପରେ	୪୪
ଚିତ୍ତର ଦୁରାବସ୍ଥାରେ	୪୩
ପୁଅର ଅସୁଖରେ	୫୭
ଜପ-କୌଶଳରେ	୭୮, ୭୯
ଜ୍ୱର ରୋଗରେ	୫୫, ୫୬
ଦାରୁଣ ପରୀକ୍ଷାରେ	୬୮

ବିଷୟ	କ୍ରମିକ ସଂଖ୍ୟା
ଧର୍ମ ସାଧନରେ	୨୯–୩୨
ନିର୍ଭରତାରେ	୭୨
ପିତୃ-ବିୟୋଗରେ	୧୪, ୧୫
ପୁତ୍ର ଶୋକରେ	୮–୧୩
ପୁନର୍ବିବାହରେ	୫୧
ପ୍ରାର୍ଥନାରେ	୮୨–୮୪
ପ୍ରିୟ-ବିୟୋଗରେ	୧୯
ବଡ଼ ହେବା ପୂର୍ବରୁ	୮୯
ବିଜୟାରେ	୮୬–୮୮
ବିପଦରେ	୬୦
ବିବିଧ-ପ୍ରସଙ୍ଗରେ	୯୦–୯୬
ବିବାହିତ ଜୀବନରେ	୪୭, ୪୮
ବିବାହର ଅନୁମୋଦନରେ	୪୯, ୫୦
ବୈଧବ୍ୟ-ଜୀବନରେ	୨୦
ଭାବର ସାଧନାରେ	୩୩–୩୮
ଭୋଗ-ନିବେଦନରେ	୮୦
ଭୋଗର ମୋହରେ	୪୫
ଭ୍ରାତୃ-ବିୟୋଗରେ	୧୮
ମରଣ-ଭୟରେ	୧
ମାତୃତ୍ୱ-ପ୍ରତିଷ୍ଠାରେ	୨୩, ୨୪
ମାଆଙ୍କ କୃପାରେ	୭୧

ବିଷୟ	କ୍ରମିକ ସଂଖ୍ୟା
ମୃତ୍ୟୁ-କାମନାରେ	୯୮-୧୦୦
ମୃତ୍ୟୁ-ବିଷୟରେ	୪
ମୃତ୍ୟୁ-ପରେ	୫, ୬
ମୃତ୍ୟୁ-ସମ୍ବାଦରେ	୨, ୩
ଯୌବନ-ଆବେଗରେ	୪୨
ରୋଗ-ଶଯ୍ୟାରେ	୫୪
ଶକ୍ତି-ସଞ୍ଚାରେ	୭୪
ଶନି ଦଶାରେ	୬୯
ସଧବା-ଜୀବନରେ	୨୧, ୨୨
ସଂଶୟରେ	୬୧
ସନ୍ତାନ-କାମନାରେ	୨୫-୨୮
ସନ୍ନ୍ୟାସ-ଜୀବନରେ	୬୭
ସ୍ତ୍ରୀ-ବିୟୋଗରେ	୧୬-୧୭
ସ୍ୱପ୍ନ-ଅବଲମ୍ବନରେ	୮୫



জয়গুরু

হাওড়া

কল্যাণ বরেষু—

পরম শুভাশিষো রাশয়ঃ সন্তু নিত্যম্

তোমরা সকলে আমার শুভ ৺বিজয়ার স্নেহাশীর্ব্বাদ গ্রহণ কর। তোমাদের প্রাণে ভক্তি, বাহুতে শক্তি ও হৃদয়ে আনন্দের প্রকাশ হউক। তোমরা নব উদ্যম-উৎসাহে লক্ষ্যপথে অগ্রসর হও;—পথের বাধা অপসারিত হউক।

সেবা সহায়ে চিত্তশুদ্ধি-প্রয়াসী সেবক তোমরা; আর চিত্তশুদ্ধিই সর্ব্ব-প্রকার আধ্যাত্মিক উন্নতির সোপান, সুতরাং স্বীয় অধিকারানুরূপ যে কোন ভাবে নররূপী নারায়ণের সেবাই তোমাদের ধর্ম্ম। ফলাফলে দৃকপাত-না করিয়া কর্ত্তব্য কর্ম্ম করিয়া যাও। তোমাদের শ্রীগুরু সেবা ইহা দ্বারাই সার্থক হইবে। অদ্য আর, আর কিছু লিখিলাম না। ওঁ শান্তিঃ—

শুভানুধ্যায়ী—

শ্রীনিগমানন্দ

শ্রীশ্রীঠাকুরের স্বহস্ত–লিখিত একখানি চিঠির প্রতিলিপি

ଶ୍ରୀଶ୍ରୀଠାକୁରଙ୍କ ସ୍ୱହସ୍ତ–ଲିଖିତ ଖଣ୍ଡିଏ ଚିଠିର ପ୍ରତିଲିପି

ଜୟଗୁରୁ

ହାଓଡ଼ା

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୋମରା ସକଲେ ଆମାର ଶୁଭ ⁄ବିଜୟାର ସ୍ନେହାଶୀର୍ବାଦ ଗ୍ରହଣ କର । ତୋମାଦେର ପ୍ରାଣେ ଭକ୍ତି, ବାହୁତେ ଶକ୍ତି ଓ ହୃଦୟେ ଆନନ୍ଦେର ପ୍ରକାଶ ହଉକ । ତୋମରା ନବ ଉଦ୍ୟମ-ଉତ୍ସାହେ ଲକ୍ଷ୍ୟପଥେ ଅଗ୍ରସର ହଓ ;—ପଥେର ବାଧା ଅପସାରିତ ହଉକ ।

ସେବା ସହାୟେ ଚିତ୍ତଶୁଦ୍ଧି ପ୍ରୟାସୀ ସେବକ ତୋମରା ; ଆର ଚିତ୍ତଶୁଦ୍ଧିଇ ସର୍ବପ୍ରକାର ଆଧାତ୍ମିକ ଉନ୍ନତିର ସୋପାନ, ସୁତରାଂ ସ୍ୱସ୍ୱ ଅଧିକାରାନୁରୂପ ଯେ କୋନଭାବେ ନରରୂପୀ ନାରାୟଣେର ସେବାଇ ତୋମାଦେର ଧର୍ମ । ଫଳାଫଲେ ଦୃକ୍‌ପାତ ନା କରିୟା କର୍ତ୍ତବ୍ୟ କର୍ମ କରିୟା ଯାଓ । ତୋମାଦେର ଶ୍ରୀଗୁରୁସେବା ଇହାଦ୍ୱାରାଇ ସାର୍ଥକ ହଇବେ । ଆଜ ଆର, ଆର କିଛୁ ଲିଖିବନା । ଓଁ ଶାନ୍ତିଃ—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

ଦ୍ର:- ତୃତୀୟ ଖଣ୍ଡର ୮୭ ନମ୍ବର ଚିଠି ।

ଠାକୁରଙ୍କ ଚିଠି

ତୃତୀୟ ଖଣ୍ଡ

(୧)

ଜୟଗୁରୁ

ପୁରୀ
୧୮।୧୨।୩୨

କଲ୍ୟାଣୀୟାସୁ—

ପରମ ଶୁଭାଶିଷାଂ ରାଶୟଂ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ମରଣର ପରପାରିର ଖବର ଜାଣେନା ବୋଲି ହିଁ ଜୀବ ମାତ୍ରକେ ମୃତ୍ୟୁ ନାମରେ ଭୟ ପାଏ । ଆଜି ହେଉ ବା ଦୁଇଦିନ ପରେ ହେଉ, ଦିନେ ଯେତେବେଳେ ନିଶ୍ଚୟ ମରିବାକୁ ହେବ, ସେତେବେଳେ ମରଣକୁ ଭୟ କଲେ ଚଳିବ କିପରି ? ବିଶେଷତଃ ଯେଉଁମାନେ ସଦ୍‌ଗୁରୁଙ୍କ ଚରଣ ଆଶ୍ରୟ କରିଛନ୍ତି, ସେମାନେ ଏହି ରୋଗ-ଶୋକପୂର୍ଣ୍ଣ ଜ୍ୱାଳାମୟ ସଂସାର ଛାଡ଼ି ମୃତ୍ୟୁ ପରେ ଶାନ୍ତିପୂର୍ଣ୍ଣ ଆନନ୍ଦ-ଧାମକୁ ଶ୍ରୀଶ୍ରୀଗୁରୁଙ୍କସକାଶେ ଯିବେ । ମୃତ୍ୟୁ ହିଁ ଯେ ସେହି ରାଜ୍ୟର ଦ୍ୱାର ! ସୁତରାଂ ମରଣରେ ଭୟ ନ ହୋଇ ଆନନ୍ଦ ହିଁ ହେବା ଉଚିତ ।

ସଂସାରରେ ପ୍ରାରବ୍ଧ ଭୋଗ ଓ କର୍ତ୍ତବ୍ୟ କର୍ମ କରି ଯାଅ, କିନ୍ତୁ ମନଟା ମରଣର ପରପାରିରେ ଥିବା ଆନନ୍ଦ-ଧାମର ଚିନ୍ତାରେ ନିଯୁକ୍ତ ରଖ । ଏ ଜଗତକୁ ଏକା ଆସିଅଛ, ଏକା ଚାଲିଯିବ । ଏଠାକାର କିଛି ବି ସାଙ୍ଗରେ ଯିବ ନାହିଁ । କେହି ଆପଣାର ନୁହନ୍ତି, ଏକଥା ଭୁଲ ନାହିଁ । ସର୍ବାନ୍ତଃକରଣରେ ଶ୍ରୀଭଗବାନଙ୍କଠାରେ ଆତ୍ମନିର୍ଭର କରି ତାଙ୍କର ନାମ କରୁ କରୁ ଜୀବନର ବାକି କେତୋଟି ଦିନ କଟାଇ ଦିଅ । * * * ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୨)

ଜୟଗୁରୁ

ସାରସ୍ୱତ ମଠ

୨୨।୬।୨୪

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ମର୍ମାହତ ହେଲି । ଏଥର ପ୍ରକୃତ ଦୁର୍ବର୍ଷ । ଭକ୍ତବୃନ୍ଦଙ୍କ ପତ୍ରରେ ନିୟତ ପୁତ୍ର-କନ୍ୟା-ସ୍ୱାଇଁ ଇତ୍ୟାଦିଙ୍କର ମୃତ୍ୟୁସମ୍ବାଦ ପାଉଅଛି । * * * ଜାଣେ ଏହା ଅନିତ୍ୟ ଜଗତର ଅପରିହାର୍ଯ୍ୟ ନିତ୍ୟ ଘଟଣା । ଜନ୍ମ-ମୃତ୍ୟୁ, ମିଳନ-ବିରହ, ସଂଯୋଗ-ବିୟୋଗ ଏହା ହିଁ ସଂସାରର ଉପାଦାନ । ଏହା ରୋଧ ହେବାର ନୁହେଁ । ସୁତରାଂ ଏହି ସବୁ ନିତ୍ୟ-ନୈମିତ୍ତିକ ଘଟଣାରେ ବିଚଳିତ ହେଲେ ଚଳିବ

କିପରି ? ଧନ-ଜନ ଥିଲେ ହିଁ ତାହାର ବିୟୋଗ-ବିଚ୍ଛେଦ ଅବଶ୍ୟ ଭୋଗ କରିବାକୁ ପଡ଼ିବ । ସମ୍ପଦ୍-ବିପଦ୍ ଉଭୟ ସମୟରେ ସୁଖ ବା ଦୁଃଖରେ ବିଚଳିତ ନ ହୋଇ ବୀରଙ୍କ ଭଳି କର୍ମଫଳ ଅତିକ୍ରମ କରି ଲକ୍ଷ୍ୟ ପଥରେ ଅଗ୍ରସର ହେବା ହିଁ ମାନବର ସାଧନା । ଫଳାଫଳରେ ଦୃକ୍‌ପାତ ନ କରି କର୍ତ୍ତବ୍ୟଗୁଡ଼ିକ ଯଥାଯଥ ସମ୍ପାଦନ କିରବା ହିଁ ଗୃହସ୍ଥର ଆଦର୍ଶ । ଆଶୀର୍ବାଦ କରୁଛି ତୁମେ ଆଦର୍ଶ ଗୃହସ୍ଥ ଭଳି ସର୍ବ ଅବସ୍ଥାରେ ଜୀବନର ଲକ୍ଷ୍ୟ ସ୍ଥିର ରଖି ହସ ହସ ମୁଖରେ କର୍ତ୍ତବ୍ୟତତ୍ପର ହୁଅ । କୌଣସି ଅବସ୍ଥାରେ ଯେପରି ତୁମକୁ କର୍ତ୍ତବ୍ୟଚ୍ୟୁତ ନ କରେ । * * * ଅନ୍ୟାନ୍ୟ କୁଶଳ । ସମସ୍ତଙ୍କୁ ମୋର ଆଶୀର୍ବାଦ ଜଣାଇବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୩)

ଜୟଗୁରୁ

ହାଓଡ଼ା

୨।୭।୩୯

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ଏବଂ ବିନୟ ଓ ଅଧୀରର ପତ୍ର ପାଇ ଶମ୍ଭୁନାଥର କୈଳାସଯାତ୍ରା ବିଷୟ ଅବଗତ ହେଲି । ଶମ୍ଭୁ ପାଇଁ ମୋର କୌଣସି ଦୁଃଖ ନାହିଁ । ମୃତ୍ୟୁ ଭିତର ଦେଇ ଜୀବ କିପରି ଅମୃତତ୍ତ୍ୱ ଲାଭ କରେ, ତାହା ମୁଁ ଜାଣେ । ଶମ୍ଭୁ ମୋର ଦୃଷ୍ଟି ଅନ୍ତରାଳକୁ ଯାଇ ନାହିଁ । ସେ

କିଏ—କାହିଁକି ଆସିଥିଲା—ଏବଂ ବାଲ୍ୟକାଳରେ ହିଁ ଜୀବନ-ଲୀଳା ସମ୍ବରଣ କରି କାହିଁକି ଚାଲିଗଲା, ମୁଁ ସବୁ ଅବଗତ ଅଛି । ସୁତରାଂ ତାର ବର୍ତ୍ତମାନର ଅବସ୍ଥା ଦେଖି ମୁଁ ଆନନ୍ଦ ଅନୁଭବ କରୁଅଛି । କିନ୍ତୁ ତୁମ୍ଭମାନଙ୍କର କଥା ମନେ କରି ସମୟେ ସମୟେ ଅଭିଭୂତ ହୋଇ ପଡୁଅଛି । ଦୁଃଖ ମଧ୍ୟ ପାଉଅଛି, ଲଜ୍ଜା ମଧ୍ୟ ଅନୁଭବ କରୁଅଛି । ଅବଶ୍ୟ ବିନୟ ଓ ଅଧୀର ସେମାନଙ୍କ ଭାଇ ଓ ଭାଉଜଙ୍କ କଥା ଗର୍ବାନୁଭବ ସହିତ ଲେଖିଛନ୍ତି । ତେବେ ମନ ମାନୁ ନାହିଁ ।

ଏବେ ମଧ୍ୟ ତୁମ୍ଭମାନଙ୍କର ଅନ୍ତର୍ଦୃଷ୍ଟି ଖୋଲି ନାହିଁ, ମରଣର ପରପାରର ଅବସ୍ଥା ମଧ୍ୟ ସେପରି ଅବଗତ ନୁହଁ ; ଅଥଚ ଗୃହସ୍ଥର ସର୍ବାପେକ୍ଷା ଦୁର୍ବିସହ ପୁତ୍ରଶୋକ କିପରି ସହ୍ୟ କରୁଅଛ—ମୋର ସରଳା ବଡ଼ ମା'ଟି ଏହି ବ୍ୟଥା ଅକାତରରେ କିପରି ସହିଅଛି, ମୁଁ ତ ଭାବି ଠିକ୍ କରି ପାରୁ ନାହିଁ । ଗୁରୁଗତପ୍ରାଣ—ଗୁରୁଙ୍କଠାରେ ନିର୍ଭରଶୀଳ ଭକ୍ତ ତୁମ୍ଭେମାନେ, ତୁମ୍ଭମାନଙ୍କ ପୁତ୍ରଟିକୁ ମୁଁ ରକ୍ଷା କରି ପାରିଲି ନାହିଁ । ଏହି ଦାରୁଣ ଲଜ୍ଜାରେ ତୁମ୍ଭମାନଙ୍କୁ ମୁହଁ ଦେଖାଇବାକୁ ଇଚ୍ଛା ହୁଏ ନାହିଁ । କିନ୍ତୁ ଯେତେବେଳେ ତୁମ୍ଭମାନଙ୍କର ଚିଠି ପଢୁଛି, ସେତେବେଳେ ଗର୍ବରେ, ଆନନ୍ଦରେ ପ୍ରାଣ ନାଚି ଉଠୁଛି । ତୁମ୍ଭମାନଙ୍କ ପରି ଶିଷ୍ୟ ପାଇ ମୋର ଗୁରୁଗିରି ସାର୍ଥକ ହୋଇଛି ମନେ କରି ଧନ୍ୟ ଜ୍ଞାନ କରୁଅଛି । ଧନ୍ୟ ତୁମ୍ଭମାନଙ୍କର ଗୁରୁନିଷ୍ଠା, ଧନ୍ୟ ତୁମ୍ଭମାନଙ୍କର ନିର୍ଭରତା ! ମନେ ହେଉଛି, ଆଜି ତୁମ୍ଭମାନଙ୍କୁ ବୁକୁରେ ଚାପି ଧରି ମୋର ପ୍ରାଣଟା ଶୀତଳ କରିବି, ମୋର ଅନ୍ତରର ଅନ୍ତରତମ ପ୍ରଦେଶରେ ତୁମ୍ଭମାନଙ୍କୁ ପୂରେଇ ରଖିବି । ତୁମ୍ଭେମାନେ ଯେଉଁ ଆଦର୍ଶ ଦେଖାଇଲ, ତଦ୍ୱାରା ତୁମ୍ଭେମାନେ

ହିଁ ଯଥାର୍ଥ ଶ୍ରୀଗୁରୁ-କୃପା ଓ ମହିମା ଜଗତରେ ପ୍ରଚାର କଲ । ବସ ! ଆଉ ଲେଖି ପାରୁ ନାହିଁ, ହାତ ଅବଶ ହୋଇ ଆସୁଛି ।

ମୁଁ କୁକ୍ଷଣରେ କିମ୍ବା ସୁକ୍ଷଣରେ ଜାଣେନା, ଏଥର ତୁମ୍ଭମାନଙ୍କର ଘରକୁ ଯାଇଥିଲି, ସେହି ଅବଧି ତୁମ୍ଭମାନଙ୍କ ସଂସାରରେ "ଭାଙ୍ଗୁଣି" ଧରିଛି । ଆହୁରି ମଧ୍ୟ ଯେ କ'ଣ ହେବ, ତାହା ଭବିତବ୍ୟତା ହିଁ ଜାଣେ । ଲକ୍ଷଣ ଭଲ ବୋଲି ମନେ ହେଉ ନାହିଁ । ମହାମାୟା ତୁମ୍ଭମାନଙ୍କୁ କି ପରୀକ୍ଷାରେ ପକାଇଲେ ! ପରୀକ୍ଷାର ହାପରେ ବୋଧ ହୁଏ ତୁମ୍ଭମାନଙ୍କୁ ତରଳାଇ ଖାଦ ବାହାର କରି ଖାଣ୍ଟି ସୁନାରେ ପରିଣତ କରିବେ । କ'ଣ କରିବେ ସେ ହିଁ ଜାଣନ୍ତି । ତେବେ ମୁଁ ପ୍ରାଣଭରି ଆଶୀର୍ବାଦ କରୁଛି, ମାୟାର ପରୀକ୍ଷାରେ ତୁମ୍ଭେମାନେ ଡଙ୍କା ବଜାଇ ଉତ୍ତୀର୍ଣ୍ଣ ହୋଇ ଯାଅ ! କୌଣସି ଅବସ୍ଥାରେ ହିଁ ଯେପରି ତୁମ୍ଭେମାନେ ଅଭିଭୂତ ହୋଇ ନ ପଡ଼ । ବିପଦ-ସମ୍ପଦରେ, ସୁଖ-ଦୁଃଖରେ, ରୋଗ-ଶୋକରେ ସର୍ବ ଅବସ୍ଥାରେ ହିଁ ହସ ହସ ମୁଖରେ କର୍ତ୍ତବ୍ୟ ସଂପାଦନ କରିଯାଅ । କୌଣସି ଅବସ୍ଥାରେ ହିଁ କେହି ଯେପରି ତୁମ୍ଭମାନଙ୍କୁ ଲକ୍ଷ୍ୟଚ୍ୟୁତ କରି ନ ପାରେ । ତୁମ୍ଭେମାନେ "ଜୟଗୁରୁ" ନାମର ମହିମା ପ୍ରଚାର କରି ମର-ଜଗତରେ ଅମରତ୍ୱ ଲାଭ କର । ତୁମ୍ଭମାନଙ୍କର ପ୍ରାଣରେ ଭକ୍ତି, ବାହୁରେ ଶକ୍ତି, ଅନ୍ତରରେ ଆନନ୍ଦର ବିକାଶ ହେଉ । ତୁମ୍ଭମାନଙ୍କ ହୃଦୟରେ ଶ୍ରୀଗୁରୁଙ୍କର ସିଂହାସନ ଅଚଳ ଅଟଳ ଭାବରେ ପ୍ରତିଷ୍ଠିତ ହେଉ ।

ମୋର ବଡ଼ ମା'କୁ କହିବ, ତାର ବ୍ରଜବାଳା ଓ ଶମ୍ଭୁନାଥ ମୋ ନିକଟରେ ହିଁ ଅଛି । ମୁଁ ସେମାନଙ୍କୁ ଆଦର ସହିତ ତାର ଜେଜେବାପା ସେବାରେ ନିୟୋଜିତ କରିଅଛି । ତୁମ୍ଭମାନଙ୍କୁ ମଧ୍ୟ ଜଣ ଜଣକୁ ଆକର୍ଷଣ କରି ସେହି ଆନନ୍ଦଧାମକୁ ନେଇଯିବି । ପୁଣି ଦିନେ ସେହି ଜଗତରେ

ସମସ୍ତଙ୍କ ସାଙ୍ଗରେ ସେହି ମହାମିଳନ ହେବ । ତୁମେ ପାଞ୍ଚ ଭାଇ ଯେତେଦିନ ପର୍ଯ୍ୟନ୍ତ ଏପରି ପ୍ରେମରେ ଏକ ହୋଇ ଏକାସାଙ୍ଗରେ ରହିବ, ସେତେଦିନ ପର୍ଯ୍ୟନ୍ତ ମୁଁ ତୁମ୍ଭମାନଙ୍କ ଭିତରେ ଅକୁଣ୍ଠିତ ଭାବରେ ବିରାଜ କରିବି । ମା' ଭଉଣୀ ସହିତ ତୁମେ ପାଞ୍ଚ ଭାଇ ଓ ପାଞ୍ଚଟି ବୋହୂ ଆଜି ପୁନରାୟ ମୋର ସ୍ନେହାଶୀର୍ବାଦ ଗ୍ରହଣ କର । * * * ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୪)

ଓଁ ତତ୍‌ସତ୍

ସାରସ୍ୱତ ମଠ

୨୭।୬।୨୪

କଲ୍ୟାଣୀୟାସୁ—

ପରମ ଶୁଭାଶୀରାସ୍ତାନ୍ୱିଶେଷଃ—

ତୁମର ପତ୍ର ପାଇ ବିସ୍ତାରିତ ଅବଗତ ହେଲି । ୨।୩ଟି ପ୍ରଶ୍ନର ଉତ୍ତର ନିମ୍ନରେ ଦେଲି :—

୧ । ମୋ ସହିତ ସାକ୍ଷାତ ପୂର୍ବରୁ ଯଦି ବ୍ୟାଧିରେ ଦେହତ୍ୟାଗ କରିବାକୁ ବାଧ କରେ, ତେବେ ମୁଁ ହିଁ ଚେଷ୍ଟା କରି ତୁମର ଆତ୍ମା ସହିତ ପରିଚୟ କରିବି ଏବଂ ଅଜ୍ଞାନ ନାଶ କରି ଦେବି ।

୨ । ମନୁଷ୍ୟ ମଲେ ଏକବାରେ ସବୁ ଭୁଲି ଯାଏ ନାହିଁ । ଯେଉଁ ସଂକଳ୍ପ ନେଇ ମୃତ୍ୟୁ ହୁଏ, କିମ୍ବା ଜୀବନରେ ଯେଉଁ ସବୁ ବିଷୟରେ

ବେଶୀ ଆସକ୍ତି ଥାଏ, ତତ୍‌ସଂକ୍ରାନ୍ତ କଥା ବେଶ୍ ମନେ ରହେ । ଅନ୍ୟାନ୍ୟ ବିଷୟ ସ୍ୱପ୍ନ ଭଳି ବୋଧ ହୁଏ । କେହି ସ୍ମରଣ କରାଇ ଦେଲେ ପୁଣି ସବୁ ମନେ ପଡ଼େ ।

୩ । ମୃତ୍ୟୁର ୨।୪ଦିନ ଆଗରୁ ସମ୍ବାଦ ପାଇଲେ ମୁଁ ସୂକ୍ଷ୍ମଦେହରେ ମୃତ୍ୟୁକାଳରେ ତୁମ ନିକଟରେ ଉପସ୍ଥିତ ରହି ପାରିବି ।

ଏବେ କଥା ହେଉଛି ଯେ, ଯଦି ନିତାନ୍ତ ଏହି ଜଗତରେ ଆଉ ଦେଖା ନ ହୁଏ, ତେବେ ହିଁ ଏପରି ବ୍ୟବସ୍ଥା ହେବ । ନତୁବା ମୋ ସହିତ ସାକ୍ଷାତ ପରେ ପରଲୋକ-ତତ୍ତ୍ୱ, ଜୀବ ଓ ଈଶ୍ୱରଙ୍କ ସମ୍ବନ୍ଧ, ସାଧନ-ରହସ୍ୟ ଓ ମୃତ୍ୟୁକାଳରେ କର୍ତ୍ତବ୍ୟ ପ୍ରଭୃତି ଉପଦେଶ ନେଇ କିଛିମାତ୍ରାରେ ପ୍ରସ୍ତୁତ ହୋଇ ମରି ପାରିଲେ ତୁମ ପକ୍ଷରେ ବିଶେଷ ଭଲ ହୁଅନ୍ତା—ମୋର ମଧ୍ୟ ପରିଶ୍ରମ ଲାଘବ ହୁଅନ୍ତା । ତେଣୁ ମନେ କରିଛି ମାର୍ଗଶିର କିମ୍ବା ପୌଷ ମାସରେ ମୁଁ ଢାକା ଯାଇ ସବୁ ଠିକ୍ କରି ଦେଇ ଆସିବି । * * * କୌଣସି ଚିନ୍ତା ନାହିଁ । ଏବେ ମରିବ ନାହିଁ । କେବଳ ତୁମର ପ୍ରଶ୍ନ ପାଇଁ ଏପରି ଉତ୍ତର ଦେଲି । ମୋର ଆଶୀର୍ବାଦ ଜାଣିବ । ଇତି—

ଆଃ—

ଠାକୁର

(୫)

ଜୟଗୁରୁ

ପୁରୀ
ନୀଳାଚଳ କୁଟୀର
୮।୭।୨୮ ଇଂ

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇଛି । ପରଲୋକ-ତତ୍ତ୍ୱ ମହା ରହସ୍ୟମୟ । ଇହଲୋକରେ ଯେପରି ଜୀବ ଜୀବ ଭିତରେ ବିଷମ ବୈଷମ୍ୟ, ପରଲୋକରେ ମଧ୍ୟ ତଦ୍ରୂପ । ସୁତରାଂ ମୃତ୍ୟୁ ପରେ ଜୀବ ସୂକ୍ଷ୍ମ ଜଗତରେ ଗୋଟିଏ ନିୟମରେ ଜାଗେ ନାହିଁ । ନିଜ ନିଜ ଜ୍ଞାନ ଓ କର୍ମାନୁସାରେ ଆଗରୁ ବା ପରେ ଜୀବର ଭୋଗଦେହ ଗଠିତ ହୁଏ । କାହାରି କାହାରି ମୃତ୍ୟୁର ଅବ୍ୟବହିତ ପରେ ହିଁ ସୂକ୍ଷ୍ମଦେହ ହୋଇଥାଏ । ସାକ୍ଷାତ ବ୍ୟତୀତ ଏହି ସମସ୍ତ ଜଟିଳ ତତ୍ତ୍ୱ ଲେଖି ବୁଝାଇବା ଅସମ୍ଭବ । ଆମର ଶା—ର ମୃତ୍ୟୁ ପୂର୍ବରୁ ଦୈହିକ ଭୋଗ ଟିକିଏ ବେଶୀ ରକମ ହୋଇଛି ବୋଲି ଜାଗିବାକୁ ମଧ୍ୟ ଟିକିଏ ବେଶୀ ବିଳମ୍ବ ହେବ । ଏହି ସବୁ ମଙ୍ଗଳମୟଙ୍କର କାରୁଣିକ ବ୍ୟବସ୍ଥା । କାରଣ ଏହାଦ୍ୱାରା ଭୁବର୍ଲୋକର ଆସକ୍ତିର ଭୋଗ ଅନେକ ପରିମାଣରେ ହ୍ରାସ ହୋଇଥାଏ । ଯାହଉ ପରବର୍ତ୍ତୀ ଭାର ମୋର, ତୁମକୁ ସେଥିପାଇଁ ଉଦ୍‌ବିଗ୍ନ ହେବାକୁ ପଡ଼ିବ ନାହିଁ ।

ତୁମେ କେଉଁଠିକି ଯିବ, କିପରି ଅବସ୍ଥାରେ ରହିବ, ମଝିରେ ମଝିରେ ମତେ ପତ୍ର ଦ୍ୱାରା ଜଣାଇବ । ଦେହ ପ୍ରତି ଅଯତ୍ନ କରିବ ନାହିଁ ।

ସାବଧାନରେ ରୁହ । ମୁଁ ଏବେ ପୁରୀଧାମରେ ହିଁ ଅଛି । * * * ଅତ୍ର ମଙ୍ଗଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୬)

ଜୟଗୁରୁ

ପୁରୀ

* * *

ସ୍ନେହାସ୍ପଦେଷୁ—

ଗତକାଲି ତୁମର ପତ୍ର ପାଇଛି । ମୁଁ ୨୭ଶ ଦିବସରେ ମଙ୍ଗଳବାର ପୁରୀ ଆସିଛି । ତୁମର ଦେହ-ମନ ଭଲ ଅଛି ଜାଣି ସୁଖୀ ହେଲି ।

ଶା—ମଝିରେ ଥରେ ପ୍ରେତଦେହରେ ଜାଗି ଉଠିଥିଲା । ଆସକ୍ତିଜନିତ ଭୋଗ ମଧ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ମୋର ସ୍ମୃତି ଜାଗ୍ରତ କରାଇ ଦେବାରୁ ପିତୃଲୋକକୁ ଉନ୍ନୀତ ହୋଇଅଛି । ଅଳ୍ପ ବୟସ—ଭଲ ବା ମନ୍ଦ କୌଣସି କର୍ମର ଫଳ ସଞ୍ଚିତ ନ ଥିବାରୁ ପାରଲୌକିକ ଭୋଗ ବିଶେଷ କିଛି ନାହିଁ । ସୁତରାଂ ଅତି ଅଳ୍ପ ସମୟ ଭିତରେ ତାର ପୁଣି ଜନ୍ମ ହେବ । ଦେବ-ସଂସ୍କାର ନେଇ ଯେପରି ଜନ୍ମି ପାରିବ ତାହାର ଚେଷ୍ଟା କରିବି ।

ତାର ଆସକ୍ତି ବ୍ୟତୀତ କୌଣସି ଭୋଗ ନାହିଁ । ତାହା ମଧ୍ୟ ଅଧିକ ସମୟ ସୁଷୁପ୍ତ ଥିବାରୁ ଅନେକ ବିଷୟ ଭୁଲି ଯାଇଥିବାରୁ ସାମାନ୍ୟ ଭୋଗରେ ହିଁ ଶେଷ ହୋଇ ଯିବ । ପ୍ରେତଲୋକରେ ଅତି ଅଳ୍ପ ସମୟ

ଥିଲା । ମତେ ଜଣାଇଛି ତାର କୌଣସି କଷ୍ଟ ହୋଇ ନାହିଁ । ଇହ ଲୋକରେ କୌଣସି ବସ୍ତୁ ବା ବ୍ୟକ୍ତି ପାଇଁ କଷ୍ଟ ହୋଇ ନାହିଁ । କେବଳ ଡାକ୍ତରୀ ଚିକିତ୍ସା ପାଇଁ ସ୍ତ୍ରୀ-ଦେହରେ ଯେଉଁ ସବୁ ଅତ୍ୟାଚାର ହୋଇଥିଲା, ସେହି ଯନ୍ତ୍ରଣାର ସ୍ମୃତି ଏବେ ମଧ୍ୟ ଭୁଲି ପାରି ନାହିଁ, କିନ୍ତୁ ପିତୃଲୋକରେ ସେହି ସ୍ମୃତି ମଧ୍ୟ ରହିବ ନାହିଁ । ବିଶେଷତଃ ଶୀଘ୍ର ହିଁ ଜନ୍ମ ହେବ । ସୁତରାଂ ତାପାଇଁ ତୁମର ଆଉ କିଛି କରିବାର ନାହିଁ । ଜନ୍ମ ନ ହେବା ପର୍ଯ୍ୟନ୍ତ ମୁଁ ଲକ୍ଷ୍ୟ ରଖିବି । * * * ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୭)

ଜୟଗୁରୁ

ନୀଳାଚଳ କୁଟୀର
ସ୍ୱର୍ଗଦ୍ୱାର (ପୁରୀ)
୧୩।୩।୪୦

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ୱିଶେଷଃ—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ପୂର୍ବର କାର୍ଡ଼ଖଣ୍ଡିକ ମଧ୍ୟ ଯଥା ସମୟରେ ପାଇଅଛି । ରଥଯାତ୍ରା ଉପଲକ୍ଷେ ଶିଷ୍ୟ-ଭକ୍ତଙ୍କ ଭିଡ଼ ଖୁବ୍ ବେଶୀ ହୋଇଅଛି । ଚିଠି ଲେଖିବାକୁ ମଧ୍ୟ ସମୟ ପାଉ ନାହିଁ । ସଂକ୍ଷେପରେ ତୁମ ପ୍ରଶ୍ନର ଉତ୍ତର ଦେଉଛି ।—

ପ୍ଲାନ୍‌ଚେଟରେ ଯେଉଁ ସବୁ ଆତ୍ମାର ଚିନ୍ତା କରାଯାଏ, ସେମାନଙ୍କ ଭିତରୁ ଅନେକେ ହୁଏତ ମୋଟେ ଆସନ୍ତିନି । ଆଖପାଖର ଭୂତମାନେ ହିଁ ପଶି ଆସନ୍ତି । ଆଉ ସେମାନଙ୍କର ଯେପରି ଜ୍ଞାନ, ତଦନୁରୂପ ଉତ୍ତର ଦିଅନ୍ତି । ପ୍ଲାନ୍‌ଚେଟର ଉତ୍ତର ଅଧିକାଂଶସ୍ଥଳରେ ସତ୍ୟ ହୁଏ ନାହିଁ । ପ୍ଲାନ୍‌ଚେଟ ଯେଉଁମାନେ ଧରନ୍ତି, ସେମାନଙ୍କର ଧାରଣାନୁରୂପ ଉତ୍ତର ମଧ୍ୟ ଅନେକ ସମୟରେ ଲିଖିତ ହୁଏ । ମୁକ୍ତ ପୁରୁଷ, ଉନ୍ନତଲୋକକୁ ଉନ୍ନୀତ ଆତ୍ମା ଓ ଯେଉଁମାନେ ଜନ୍ମ ଗ୍ରହଣ କରିଛନ୍ତି, ସେମାନଙ୍କୁ ଆକର୍ଷଣ କରିବା ସାଧାରଣଙ୍କର ସାଧ୍ୟାତୀତ, ସୁତରାଂ ଅସମ୍ଭବ ।

ସାଧାରଣ ଜୀବ ମୃତ୍ୟୁ ପରେ ପ୍ରଥମେ ଭୁବର୍ଲୋକରେ ପରେ ସ୍ୱର୍ଲୋକରେ ନିଜ କୃତକର୍ମ ଅନୁସାରେ ଦୁଃଖ ଓ ସୁଖ ଭୋଗ କରେ (ଯେଉଁ କର୍ମ ଯେତେ ଅଧିକ, ସେହି ଲୋକରେ ସେହିପରି ସମୟ), ପରେ ମହର୍ଲୋକକୁ ଯାଇ ଭୋଗଦେହ ଅଭାବରୁ ପୁନରାୟ ଜନ୍ମଗ୍ରହଣ କରିବାକୁ ବାଧ୍ୟ ହୁଏ । ସେ ଅଦ୍ଭୁତ ରହସ୍ୟ ।

ଆଉ ଯେଉଁମାନଙ୍କର ବାସନା–କାମନା ନଷ୍ଟ ହେଇଅଛି, ସଦ୍‌ଗୁରୁଙ୍କର ବା ଭଗବାନଙ୍କର ଆଶ୍ରିତ ଓ ଭକ୍ତିପରାୟଣ, ଅଥଚ ଅପରୋକ୍ଷନୁଭୂତି ହୋଇ ନାହିଁ, ସେମାନେ ମହର୍ଲୋକ ହୋଇ ଜନ, ତପଃ ଓ ସତ୍ୟ ଲୋକରେ ଉପନୀତ ହୁଅନ୍ତି ଏବଂ ପ୍ରଳୟ ପର୍ଯ୍ୟନ୍ତ ସେଠାରେ ରହି ବ୍ରହ୍ମାଣ୍ଡପତିଙ୍କ ସଙ୍ଗେ ବ୍ରହ୍ମନିର୍ବାଣ ଲାଭ କରନ୍ତି । ଏହା ହିଁ କ୍ରମମୁକ୍ତି ।

ଆଉ ଯେଉଁମାନେ ଏହି ଜୀବନରେ ଜ୍ଞାନଲାଭ କରି ଜୀବନ୍ମୁକ୍ତ ହୋଇଛନ୍ତି, ସେମାନେ ଦେହାନ୍ତେ ନିର୍ବାଣ ଲାଭ କରନ୍ତି । ନିର୍ବାଣର ଅବସ୍ଥା ଲେଖି ବୁଝାଇ ପାରିବି ନାହିଁ, ସାକ୍ଷାତରେ କହିବି ।

ଯେଉଁମାନେ କାୟମନୋବାକ୍ୟରେ ସ୍ୱ ସ୍ୱ ଗୁରୁଙ୍କଠାରେ ଆତ୍ମସମର୍ପଣ କରିଛନ୍ତି, ତାଙ୍କୁ ହିଁ ଆଶ୍ରୟ କରିଛନ୍ତି, ଗୁରୁଙ୍କର ପ୍ରିୟ କର୍ମ ଅନୁଷ୍ଠାନ ଅର୍ଥାତ୍ ଗୁରୁସେବା କରୁଛନ୍ତି, ସେମାନେ ଅଜ୍ଞାନୀ ମୂର୍ଖ ହୁଅନ୍ତୁ, ବିବେକ-ବୈରାଗ୍ୟ ନ ଥାଉ, ଏପରି କି ଭୋଗାସକ୍ତି ଥିଲେ ମଧ୍ୟ ସେମାନଙ୍କର ଗୁରୁଙ୍କର ଯେଉଁ ଗତି ହେବ, ସେମାନଙ୍କର ମଧ୍ୟ ସେହି ଗତି ହୋଇଥାଏ ।

ତୁମର ପ୍ରଶ୍ନର ଉତ୍ତର ଦେଲି । ଏହାକୁ ଭିତ୍ତି କରି ଆଲୋଚନା କଲେ ହୁଏତ ଆହୁରି ପରିଷ୍କାର ହୋଇଯିବ । 'ଗତି' ସମ୍ବନ୍ଧରେ ମୋର ଲିଖିତ ଗୋଟିଏ ତାଲିକା ଅଛି । ସାକ୍ଷାତରେ ମୁଁ ଅନ୍ୟାନ୍ୟ ବିଷୟ ବୁଝାଇବି । * * * ଭଲ ଅଛି । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ସମସ୍ତେ ମୋର ଆଶୀର୍ବାଦ ଜାଣିବ। ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୮)

ଜୟଗୁରୁ

ଆସାମ-ବଙ୍ଗୀୟ ସାରସ୍ୱତ ମଠ
ପୋଃ କୋକିଳାମୁଖ
ଯୋରହାଟ-ଆସାମ
୮।୨।୩୮

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ଗତକାଲି ସହସା ତୁମର ପତ୍ର ପାଇ ମର୍ମାହତ ହେଲି । ଯେଉଁ ଗୋପାଳ—ରୂପରେ, ଗୁଣରେ, ବ୍ୟବହାରରେ ମୋ ଭଳି ମାୟା-ମମତାହୀନର ହୃଦୟରେ ମଧ୍ୟ ଆନନ୍ଦର ତୋଫାନ ବୁହାଇ ଦେଉଥିଲା, ସେହି ଗୋପାଳର ଅଭାବରେ ଯେ କି ଶୋଚନୀୟ ଅବସ୍ଥା ହୋଇଅଛି, ତାହା କେତେମାତ୍ରାରେ ବୁଝି ପାରୁଅଛି । କ'ଣ କହି ତୁମ୍ଭମାନଙ୍କୁ ସାନ୍ତ୍ୱନା ଦେବି ? ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଅଛି, ସେ ତୁମ୍ଭମାନଙ୍କ ପ୍ରାଣରେ ଶାନ୍ତିବାରି ଢ଼ାଳି ଦିଅନ୍ତୁ ।

ଗୋପାଳ ସ୍ୱର୍ଗର ପାରିଜାତ, ଶାପଭ୍ରଷ୍ଟ ଦେବ-ଶିଶୁ ; ତୁମ୍ଭମାନଙ୍କ ଘରକୁ ଆସି ପ୍ରାରବ୍ଧ ଶେଷ ହେବାରୁ ସ୍ୱସ୍ଥାନକୁ ଚାଲି ଯାଇଛି । ତାପାଇଁ ଶୋକ କରିବା ବୃଥା, ବରଂ ତୁମ୍ଭମାନଙ୍କର ଶୋକ-ତାପରେ ସେ ସ୍ୱସ୍ଥାନକୁ ଯାଇ ମଧ୍ୟ ଶାନ୍ତି ପାଉ ନାହିଁ । ତୁମ୍ଭେମାନେ ତାର ମୁହଁ ଚାହିଁ ଆଶ୍ୱସ୍ତ ହୁଅ । ତୁମ୍ଭେମାନେ ତୁମର ବାବାଙ୍କୁ ମଧ୍ୟ ସାନ୍ତ୍ୱନା ଦିଅ । ସବୁ ମଙ୍ଗଳମୟ ଭଗବାନଙ୍କର ବିଧାନ ଭାବି—ଅନିତ୍ୟ ଜଗତର ନିତ୍ୟ ଘଟଣା ଜାଣି ଧୈର୍ଯ୍ୟ ଧରିବାକୁ ଚେଷ୍ଟା କରିବ । ଭଗବାନଙ୍କ ନିକଟରେ

ପ୍ରାର୍ଥନା କର—ତାଙ୍କର ନାମ କର । ବୃଥା ଶୋକରେ ଅଭିଭୂତ ହୋଇ ନିଜେ କଷ୍ଟ ପାଅ ନାହିଁ—ଗୋପାଳକୁ ମଧ୍ୟ ଅଶାନ୍ତି ଦିଅ ନାହିଁ । ମୁଁ ପୁରୀ ଯାତ୍ରା କାଳରେ ତୁମ୍ଭମାନଙ୍କ ବସା ହେଇ ଯିବି । ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୯)

ଜୟଗୁରୁ

ପୁରୀ

୮।୨।୪୦

କଲ୍ୟାଣୀୟାସୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ତୁମର ଓ ଅ—ର ପତ୍ର ପାଇ ସମସ୍ତ ବିଷୟ ଅବଗତ ହେଲି । ତୁମର ପୁଅ ବଞ୍ଚିବ ନାହିଁ ବୋଲି ମୁଁ ଆଗରୁ ଜାଣିଥିଲି । ଏଥର ତୁମ୍ଭମାନଙ୍କୁ ମଧ୍ୟ ଆଭାସ ଦେଇଥିଲି । ତୁମର ସନ୍ତାନ ପୂର୍ବରୁ ମରି ଯାଇଥାନ୍ତା ଜାଣି ମୁଁ ସେହି-ଥର ମୃତବତ୍ସାଦୋଷ ଶାନ୍ତି ପାଇଁ ଯେଉଁ କ୍ରିୟା କରିଥିଲି, ତାହା ଫଳରେ ସେହି ପୁଅଟି କେତେ ବର୍ଷ ବଞ୍ଚିଥିଲା, କିନ୍ତୁ ଏହାର ଆୟୁ ମୋଟେ ନ ଥିଲା । ଏହାପରେ ସନ୍ତାନାଦି ହେଲେ ଦୀର୍ଘଜୀବୀ ହେବାର ସମ୍ଭାବନା ଅଛି । ତେବେ ସନ୍ତାନ ସ୍ଥାନରେ ମଙ୍ଗଳଗ୍ରହର ଦୃଷ୍ଟି ଥିବାରୁ ସନ୍ତାନଭାଗ୍ୟ ତୁମ୍ଭମାନଙ୍କର ଭଲ ନୁହେଁ । ସନ୍ତାନର ଲାଳନ-ପାଳନ, ଶିକ୍ଷାଦାନ, ରୋଗରେ ସେବା-ଶୁଶ୍ରୂଷା ଓ ସୁଚିକିତ୍ସା ହିଁ ପିତା-ମାତାଙ୍କ

କର୍ତ୍ତବ୍ୟ । ଜନ୍ମ-ମୃତ୍ୟୁ—ଯାହା ମାନବର ସାଧ୍ୟାୟତ୍ତ ନୁହେଁ, ସେଥି ପାଇଁ ଅଧୀର ହେବା ମାୟାର କାର୍ଯ୍ୟ—ଜ୍ଞାନୀର ଉଚିତ ନୁହେଁ । ଜାଣେ, ତୁମ୍ଭମାନଙ୍କର ମର୍ମାନ୍ତିକ ଦୁଃଖର କାରଣ ହେଲେ ମଧ୍ୟ ମଙ୍ଗଳମୟ ଭଗବାନଙ୍କର ଦାନ ମୁଣ୍ଡପାତି ଗ୍ରହଣ କରିବାକୁ ପଡ଼ିବ । ଏପରି ଭାଷା ନାହିଁ, ଯାହା ଲେଖି ତୁମ୍ଭମାନଙ୍କୁ ସାନ୍ତ୍ୱନା ପ୍ରଦାନ କରିବି । ଶ୍ରୀଗୁରୁଦେବ ତୁମ୍ଭମାନଙ୍କୁ ଏହି ଦାରୁଣ ଶୋକରେ ଶାନ୍ତି ପ୍ରଦାନ କରନ୍ତୁ, ତୁମ୍ଭମାନଙ୍କର ଶୁଭବୁଦ୍ଧି ଜାଗ୍ରତ କରାଇ ଦିଅନ୍ତୁ, ଇଷ୍ଟଙ୍କ ଠାରେ ନିଷ୍ଠା ଦୃଢ଼ ହେଉ ।

ମୁଁ ଶାରୀରିକ ଭଲ ଅଛି । ଆଷାଢ଼ ମାସରେ କଲିକତା ଯିବି । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ସମସ୍ତେ ମୋର ସ୍ନେହାଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

ପୁଃ—ତୁମ୍ଭମାନଙ୍କ ସନ୍ତାନଟି ପରଲୋକରେ ଶାନ୍ତିରେ ଅଛି । ତା'ସମ୍ବନ୍ଧରେ ଆଉ କିଛି ଜାଣିବାର ପ୍ରୟୋଜନ ନାହିଁ । ଏଥର ଭଲ ଜନ୍ମ ହେବ । ଏହି ପୁତ୍ରଟି ଗର୍ଭକୁ ଆସିବା ପୂର୍ବରୁ ଯଦି କ୍ରିୟା କରାଯାଇଥାନ୍ତା, ତାହା ହେଲେ ନିଶ୍ଚୟ ଦୀର୍ଘଜୀବୀ ହୋଇଥାନ୍ତା, ସନ୍ଦେହ ନାହିଁ । ତୁମର ଦୀକ୍ଷା ପୂର୍ବରୁ ହିଁ ଗର୍ଭାଧାନ ହୋଇଥିଲା ବୋଲି ମନେ ହୁଏ ।

(୧୦)

ଜୟଗୁରୁ

ସାରସ୍ୱତ ମଠ
୧।୧୨।୩୪ ଇଂ

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

* * * ତୁମର ଚିଠିଖଣ୍ଡିକ ପୁରୀରୁ ନାନାସ୍ଥାନ ଘୁରି ଏତେଦିନ ପରେ ପାଇ ସମାଚାର ଅବଗତ ହେଲି । ପାଞ୍ଚଜଣ ପ୍ରିୟଜନଙ୍କୁ ନେଇ ଘର କରିବାକୁ ଗଲେ ରୋଗ-ଶୋକ, ବିରହ-ବିଚ୍ଛେଦ ଅବଶ୍ୟମ୍ଭାବୀ । ସେଥିପାଇଁ ଅଧୀର ହେଲେ ଚଳିବ କିପରି ? ତାଙ୍କର ସବୁ ପ୍ରକାର ଦାନ ମୁଣ୍ଡପାତି ଗ୍ରହଣ କରିବାକୁ ପଡ଼ିବ । ସେ ଯାହାକୁ ପଠାଇବେ, ତାକୁ ଯେପରି ହସହସ ମୁଖରେ ବରଣ କରିନେବାକୁ ହେବ—ସ୍ନେହ-ଯତ୍ନରେ ପାଳନ କରିବ, ପିତା-ମାତାର କର୍ତ୍ତବ୍ୟ ଯଥାଯଥ ସମ୍ପାଦନ କରିବ, ପୁଣି ତାଙ୍କର ଆହ୍ୱାନ ଆସିଲେ ସେହିପରି ହସ ହସ ମୁଖରେ ତାକୁ ତାଙ୍କର କୋଳକୁ ଟେକି ଦେବ । ତେବେ ଯାଇ ନା ସଂସାର ? ତେବେ ଯାଇ ନା ସଦ୍‌ଗୁରୁଙ୍କ ଶିଷ୍ୟର ପରିଚୟ ? ଶ୍ୟା—କୁ କହିବ, ତାର ସ୍ନେହର ସନ୍ତାନ ମୋ ନିକଟରେ ଅଛି । ଦୁଃଖ କାହିଁକି ?

ମୁଁ ଭକ୍ତସମ୍ମିଳନୀ ପରେ ବରଦପୁର ପଥରେ ମୟନାମତୀ ଆଶ୍ରମ ହୋଇ କଲିକତାକୁ ଯିବି, ଶାରୀରିକ ଭଲ ଅଛି । ଅତ୍ର ଅନ୍ୟାନ୍ୟ କୁଶଳ । ସମ୍ମିଳନୀର ଉଦ୍ୟୋଗ-ଆୟୋଜନ ଚାଲିଅଛି । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ ଏବଂ ତଥାକାର ଶିଷ୍ୟ-ଭକ୍ତଗଣଙ୍କୁ ଜଣାଇବ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୧୧)

ଜୟଗୁରୁ

ପୁରୀ

୨୮।୨।୪୧

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ତୁମର ପତ୍ର ପାଇ ମର୍ମାହତ ହେଲି । ପୁତ୍ରଶୋକ ପିତା-ମାତାଙ୍କ ପକ୍ଷରେ ମର୍ମଭେଦୀ ଯନ୍ତ୍ରଣାର କାରଣ ଜାଣେ, କିନ୍ତୁ ଆଉ ତ କୌଣସି ଉପାୟ ନାହିଁ । ପ୍ରତିନିୟତ ଏହା ଘରେ ଘରେ ଘଟୁଅଛି । ପ୍ରାରବ୍ଧଭୋଗ ଅନିବାର୍ଯ୍ୟ । ବ୍ୟାଧିଗ୍ରସ୍ତ ଦେହ ତ୍ୟାଗ କରି ଯେ ଚାଲିଯାଏ, ତାର ତ କୌଣସି ଦୁଃଖ ନାହିଁ, ସେ ବରଂ ନୂତନ ଦେହରେ ନୂତନ ଲୋକରେ ଆନନ୍ଦ ହିଁ ଭୋଗ କରେ, କିନ୍ତୁ ହତଭାଗ୍ୟ ପିତା-ମାତା ହିଁ ଅଜ୍ଞାନବଶତଃ ହାହାକାର କରି ମରନ୍ତି । ତୁମ୍ଭମାନଙ୍କୁ ବିଚାରପୂର୍ବକ ଧୈର୍ଯ୍ୟ ଧରିବାକୁ ହେବ । ଯେଉଁଥିରେ କାହାରି ବି ହାତ ନାହିଁ, ସେଥି ପାଇଁ ଅନର୍ଥକ ଦୁଃଖ କଲେ କ'ଣ ହେବ ? ବରଂ ଯାହାଙ୍କ ଇଚ୍ଛାରେ ଏସବୁ ଘଟୁଅଛି, ପ୍ରାଣଭରି ତାଙ୍କୁ ଡାକ, ତାଙ୍କ ଉପରେ ନିର୍ଭର କର, ସର୍ବ ଅବସ୍ଥାରେ ତାଙ୍କର ନାମ କର । ଯେ ରୋଗ-ଶୋକ ଦେଇଛନ୍ତି, ସେ ତାହା ସହ୍ୟ କରିବାର ଶକ୍ତି ମଧ ଦେବେ । ମୁଁ ଆଶୀର୍ବାଦ କରୁଛି, ଭଗବାନ ତୁମ୍ଭମାନଙ୍କ ପ୍ରାଣରେ ଶାନ୍ତି ଦିଅନ୍ତୁ । ତୁମ୍ଭମାନଙ୍କର ମଙ୍ଗଳ ହେଉ ।

ଅଧିକାଂଶଙ୍କର ପ୍ରଥମ ଜୀବନ ଭଲଭାବେ ଯାଏ ; ଯେତେ ବୟସ ବଢ଼େ ସେତେ ସଂସାର ବଢ଼ିଥାଏ, ସେତେ ରୋଗ-ଶୋକ-ଅଶାନ୍ତି

ଜୀବକୁ ଆକୁଳ କରି ତୋଳେ । ସଙ୍ଗେ ସଙ୍ଗେ ଦୈହିକ ବଳ, ମନର ତେଜ ହ୍ରାସ କରି ଏକବାରେ ଧରାଶାୟୀ କରେ । ଅବଶ୍ୟ ଏହା ଭିତରେ ଭଗବାନଙ୍କର ମଙ୍ଗଳ ଇଚ୍ଛା ନିହିତ ଅଛି । ଟିକିଏ ସ୍ଥିର ଭାବରେ ଚିନ୍ତା କଲେ ବୁଝାଯାଏ । ଏହା ଦ୍ୱାରା ଆସକ୍ତିଶୂନ୍ୟତା ଓ ବୈରାଗ୍ୟ ଆସି ପରଲୋକ ପଥ ସୁଗମ କରେ, ଆତ୍ମାର ଉନ୍ନତି ହୁଏ, ଭଗବାନଙ୍କ ବ୍ୟତୀତ ଆଉ କେହି ଶାନ୍ତିଦାତା ନାହାନ୍ତି—ଏହି ବୋଧ ଜନ୍ମେ ।

ମୁଁ ମଧ୍ୟ ଦିନକୁ ଦିନ ଶ୍ୱାସକଷ୍ଟରେ ଅଚଳ ହୋଇ ପଡୁଅଛି । ସ୍ୱାସ୍ଥ୍ୟ ଏକବାରେ ନଷ୍ଟ ହୋଇ ଯାଇଛି । ଶୀତକାଳରେ ବଙ୍ଗଳା ଯାଇପାରେ । ଯଥାସମୟରେ ତୁମ୍ଭମାନଙ୍କୁ ଜଣାଇବି । ଅନ୍ୟାନ୍ୟ କୁଶଳ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୨)

ଜୟଗୁରୁ

ନୀଳାଚଳ କୁଟୀର
ସ୍ୱର୍ଗଦ୍ୱାର (ପୁରୀ)
ତା° ୧୭।୨।୪୦

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସକଳ ସମାଚାର ବିସ୍ତାରିତ ଅବଗତ ହେଲି । ତୁମର ପରଲୋକଗତ ପୁତ୍ରଟି ଜଣେ ସାଧୁପୁରୁଷ । କୌଣସି ଦୁରତିକ୍ରମଣୀୟ କର୍ମବଶରେ ଭକ୍ତ-ବ୍ରାହ୍ମଣଙ୍କ ଘରେ ଜନ୍ମ ହୋଇଥିଲା,

କର୍ମକ୍ଷୟ ହେବାରୁ ତାର ଗୁରୁ ଆସି ତାକୁ ସାଙ୍ଗରେ ନେଇ ଯାଇଛନ୍ତି । ତାର ଆଉ ଜନ୍ମ ହେବ ନାହିଁ । ତୁମେ ତୁମର କର୍ମଫଳରେ ପୁତ୍ରଶୋକ ପ୍ରାପ୍ତ ହେଲ, ନହୁବା ତୁମ ସହିତ ତାର ଅନ୍ୟ କୌଣସି ପ୍ରକାର ଯୋଗସୂତ୍ର ନ ଥିଲା ।

ପିଲାଟିର ଏହି ସମୟରେ ଦେହତ୍ୟାଗ ତାର ଅବଶ୍ୟମ୍ଭାବୀ ପ୍ରାରବ୍ଧ । କେହି କୌଣସି ପ୍ରକାରେ ତାର ଏହି ମୃତ୍ୟୁ ରୋଧ କରି ପାରନ୍ତା ନାହିଁ । ତୁମର କୌଣସି ପ୍ରକାର ତ୍ରୁଟି ଯୋଗୁ ତାହାର ମୃତ୍ୟୁ ହୋଇଅଛି,ଏହି ଧାରଣା ତୁମର ଭୁଲ । ତୁମେ ନିମିତ୍ତ କାରଣ ମାତ୍ର । ରୋଗୀର ମୃତ୍ୟୁକାଳରେ ବଡ଼ ବଡ଼ ଚିକିତ୍ସକ ମଧ୍ୟ ଭୁଲ କରିଥାଏ । ମୃତ୍ୟୁକୁ ରୋଧ କରିବାର କ୍ଷମତା କାହାରି ମଧ୍ୟ ନାହିଁ । ପ୍ରକୃତି ଯାହାକୁ ଆରୋଗ୍ୟ ପଥରେ ନେଇ ଯାଏ, ଔଷଧ ତାକୁ ସାହାଯ୍ୟ କରେ ମାତ୍ର । ନହୁବା ଔଷଧର ଜୀବନ-ଦାନର କ୍ଷମତା ନାହିଁ । ଆଶାକରେ ଅତଃପର ତୁମେ ତୁମର ନିଜର ତ୍ରୁଟି ପାଇଁ ଅନୁତପ୍ତ ହେବ ନାହିଁ ବା ଦୁଃଖ-କଷ୍ଟ କରିବ ନାହିଁ । ଆଉ ମୃତ ବ୍ୟକ୍ତିଙ୍କ ପାଇଁ ଶୋକ କରିବା ଅଜ୍ଞାନତା, ସ୍ୱାର୍ଥପରତା ମଧ୍ୟ ! ରୋଗ-ଶୋକ, ଜରା-ମରଣ, ବିରହ-ବିଚ୍ଛେଦ ଅନିତ୍ୟ ଜଗତର ନିତ୍ୟ ଘଟଣା । ଯାହା ଜୀବର କରାୟତ୍ତ ନୁହେଁ, ସେଥି ପାଇଁ ଦୁଃଖ ପାଇବା ଅନିବାର୍ଯ୍ୟ କର୍ମଫଳ । କାର୍ଯ୍ୟତଃ ଗୁରୁକୃପାପ୍ରାପ୍ତ ଭକ୍ତ ସେଥିରେ କଦାପି ଅଭିଭୂତ ହେବ ନାହିଁ । ହସହସ ମୁଖରେ ନିଜର କର୍ତ୍ତବ୍ୟ ପାଳନ କରି ଯିବ । ସାଧ୍ୟାନୁସାରେ କର୍ତ୍ତବ୍ୟରେ ଅବହେଳା କରିବ ନାହିଁ । ଶ୍ରୀଗୁରୁକୃପାରୁ ତୁମ୍ଭେମାନେ ଶାନ୍ତି ଲାଭ କର ଏବଂ ତୁମ୍ଭମାନଙ୍କର ଶୁଭବୁଦ୍ଧି ଜାଗରିତ ହେଉ ।

ଅନ୍ୟାନ୍ୟ ଯାହା ଜାଣିବାକୁ ଚାହିଁଅଛ, ବାହୁଲ୍ୟ ବୋଧରେ ତାହା ଲେଖିବାକୁ ପ୍ରୟୋଜନ ବୋଧ କଲି ନାହିଁ । ମୋର ଦେହଟା ମଧ୍ୟ ସୁସ୍ଥ ନୁହେଁ । ଏଥର ଦାରୁଣ ରୋଗରେ ମୃତ୍ୟୁଶଯ୍ୟାରୁ ଉଠି ଏବେ ମଧ୍ୟ ପୂର୍ବଭଳି ସବଳ ଓ ସୁସ୍ଥ ହୋଇ ପାରି ନାହିଁ । କୌଣସିପ୍ରକାରେ ଚିଠିଖଣ୍ଡିକ ଲେଖିଲି । ଅତ୍ର ଅନ୍ୟାନ୍ୟ କୁଶଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୩)

ଜୟଗୁରୁ

ପୁରୀ

୨୬।୧୧।୩୨

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ଅଦ୍ୟ ଏଇମାତ୍ର ତୁମର ପତ୍ର ପାଇଲି । ତୁମେ ଯେ ମୋର ଏକନିଷ୍ଠ ଭକ୍ତ, ଗୁରୁଙ୍କଠାରେ ନିର୍ଭରଶୀଳ, ତାହା ମୁଁ ଜାଣେ । ମୁଁ ମଧ୍ୟ ତୁମକୁ ସ୍ନେହ କରି ଥାଏ । କିନ୍ତୁ କର୍ମଫଳ ଅନିବାର୍ଯ୍ୟ । ଭୋଗ ବ୍ୟତୀତ ଖଣ୍ଡିତ ହୁଏ ନାହିଁ । ସୁତରାଂ ରୋଗ-ଶୋକ ଭୋଗ କରିବାକୁ ହିଁ ପଡ଼ିବ । ଆଶୀର୍ବାଦ କରୁଛି, ପ୍ରାଣରେ ଶକ୍ତି ଓ ହୃଦୟରେ ଭକ୍ତି ଲାଭକର । ଜଗନ୍ମାତାଙ୍କ ଇଚ୍ଛାରେ ତୁମର କ୍ଷୁଦ୍ର ଇଚ୍ଛା ଲୟ ହୋଇଯାଉ । ଜୀବନର ଲକ୍ଷ୍ୟଆଡ଼କୁ ଚାହିଁ ଧୈର୍ଯ୍ୟର ସହିତ ସବୁ ପ୍ରକାରର ଭୋଗ ଏଥର ଶେଷ

କରି ମା'ଙ୍କର ଅମୃତମୟ କୋଳରେ ସ୍ଥାନ ପ୍ରାପ୍ତ ହୁଅ । ଜଗନ୍ମାତା ଦାରୁଣ ପୁତ୍ରଶୋକରେ ତୁମ୍ଭମାନଙ୍କୁ ଶାନ୍ତି ଦାନ କରନ୍ତୁ । * * * ମୁଁ ଶାରୀରିକ ଭଲ ଅଛି । ଅନ୍ୟାନ କୁଶଳ । ସନ୍ଦ୍ୱୀପବାସୀ ଭକ୍ତଗଣଙ୍କୁ ମୋର ଆଶୀର୍ବାଦ ଜଣାଇବ । ଇତି—

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୧୪)

ଜୟଗୁରୁ

ପୁରୀ
୩।୮।୩୨ ବାং

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଏଇମାତ୍ର ତୁମର ପତ୍ର ପାଇ ସମାଚାର ଅବଗତ ହେଲି । ତୁମର ସାଧୁ ପିତାଙ୍କର ସାଧୁଭାବରେ ହିଁ ଦେହତ୍ୟାଗ ହୋଇଅଛି । ତାଙ୍କର ସଦ୍‌ଗତି ପାଇଁ ବିଶେଷ କିଛି କରିବାକୁ ପଡ଼ିବ ନାହିଁ । ସମାଜିକଭାବରେ ଶ୍ରାଦ୍ଧାଦି କର । ବିଶେଷ ଆଡ଼ମ୍ବରର ପ୍ରୟୋଜନ ନାହିଁ ।

ନିଜ ନିଜ କର୍ମାନୁସାରେ ଜୀବର ଗତି ହୋଇଥାଏ । ସୁତରାଂ ତୁମର ମାତୃଦେବୀଙ୍କ ପାଇଁ ପୂର୍ବରୁ କୌଣସି ବ୍ୟବସ୍ଥା କରିବାର ପ୍ରୟୋଜନ ନାହିଁ । ମୁଁ ଏହି ରାସ୍ତାରେ ଯାତାୟାତ କାଳରେ ତୁମ୍ଭମାନଙ୍କ ଘରକୁ ଯିବାକୁ ଚେଷ୍ଟା କରିବି ।

ମୁଁ ପଞ୍ଜିକା ଦେଖିଲି, ସେହି ଦିନ ମୃତ୍ୟୁରେ ସାମାନ୍ୟ ଦୋଷ ଅଛି, କିନ୍ତୁ ତାହା ସେତେ ପ୍ରବଳ ନୁହେଁ । ମୁଁ ସେଥି ପାଇଁ କିଛି କରିବି । ତୁମ୍ଭେମାନଙ୍କୁ ସେଥିପାଇଁ କିଛି କରିବାକୁ ପଡ଼ିବ ନାହିଁ । ତୁମ ଉପରେ ସଂସାରର ସମସ୍ତ ଦାୟିତ୍ୱ ପଡ଼ିଲା । ଶ୍ରୀଭଗବାନଙ୍କ ଉପରେ ନିର୍ଭର କରି ସଦ୍‌ଭାବରେ ସଂସାର ଚଳାଇବ । କୌଣସି ଚିନ୍ତା କର ନାହିଁ । ଅତ୍ର କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୫)

ଜୟଗୁରୁ

ପୁରୀ

୧।୩।୪୧

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ୱିଶେଷଃ—

ଅଦ୍ୟ ଏଇମାତ୍ର ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ତୁମକୁ ସନ୍ନ୍ୟାସ ପ୍ରଦାନ କରି ନାହିଁ, ଅତଏବ ପିତୃଶ୍ରାଦ୍ଧ କରିବାକୁ ତୁମର କୌଣସି ବାଧା ନ ଥିଲା । ନ କଲେ ମଧ୍ୟ କିଛି ତ୍ରୁଟି ହେବ ନାହିଁ । * * * ତୁମର ସ୍ୱର୍ଗୀୟ ପିତୃଦେବଙ୍କର ପାରଲୌକିକ ମଙ୍ଗଳ ପାଇଁ ଯାହା କିଛି କରିବା କର୍ତ୍ତବ୍ୟ, ମୁଁ କରିବି ; ସେଥି ପାଇଁ ତୁମେ ଚିନ୍ତା କର ନାହିଁ । ଆଉ ତୁମର ମା-ଭଉଣୀ ଯାହାଙ୍କ ଇଚ୍ଛାରେ ଅନାଥା ହେଲେ, ସେ ହିଁ ସେମାନଙ୍କର ଭାର ବହନ କରିବେ । ତାଙ୍କ ଉପରେ

ନିର୍ଭର କରି ନିଶ୍ଚିନ୍ତ ହୁଅ । ଯେଉଁ ଲକ୍ଷ୍ୟ ନେଇ ପିତୃପୁରୁଷଗଣଙ୍କୁ ଛାଡ଼ି ଆସିଅଛ, ସେହି ଲକ୍ଷ୍ୟ ସ୍ଥିର ରହିଲେ ପିତୃପୁରୁଷଗଣ ପରଲୋକରେ ଆନନ୍ଦିତ ହେବେ । ଶାସ୍ତ୍ରାଦି ଲୌକିକ ଅନୁଷ୍ଠାନ ଅପେକ୍ଷା ଏହି ପଥରେ ଢେର ମଙ୍ଗଳ ହେବ, ବଂଶ ଧନ୍ୟ ହେବ—ଶାସ୍ତ୍ରର ବିଧାନ ।

ମୁଁ ଭଲ ଅଛି । ତେବେ ମଝିରେ ମଝିରେ ଶ୍ୱାସକଷ୍ଟ ବୃଦ୍ଧି ହୁଏ । ଅନ୍ୟାନ୍ୟ କୁଶଳ । * * * ଆନନ୍ଦରେ ରୁହ । ସମସ୍ତେ ମୋର ସ୍ନେହାଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—
ଶ୍ରୀନିଗମାନନ୍ଦ

(୧୬)

ଓଁ ଜୟଗୁରୁ

ପୁରୀ
୨୮।୯।୩୧

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଏଇମାତ୍ର ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ଗୃହୀ ପକ୍ଷରେ ସ୍ତ୍ରୀ-ବିୟୋଗ ହିଁ ବଡ଼ ମର୍ମାନ୍ତିକ ଘଟଣା, ସନ୍ଦେହ ନାହିଁ । ତେବେ ସବୁ ସହ୍ୟ କରିବାକୁ ପଡ଼ିବ । ସଂସାରରେ ଅନିତ୍ୟ ଉପାଦାନରେ ଯେଉଁ ବସା ଜୀବ ବାନ୍ଧିଅଛି, ପ୍ରତି ମୁହୂର୍ତ୍ତରେ ତାହା ଭାଙ୍ଗି ଯିବାର ସମ୍ଭାବନା । ରୋଗ-ଶୋକ, ଜରା-ମୃତ୍ୟୁ ଦେଇ ଏ ଜଗତ ଗଠିତ । ସୁତରାଂ ସମ୍ପଦରେ ବା ବିପଦରେ ଅବିଚଳିତ ରହି ଧୀର ଓ ସ୍ଥିରଭାବରେ

କର୍ତ୍ତବ୍ୟ ପାଳନ କରି ଯିବାକୁ ପଡ଼ିବ । ସର୍ବାବସ୍ଥାରେ ଶ୍ରୀଭଗବାନଙ୍କଠାରେ ଆତ୍ମସମର୍ପଣ କରି ତାଙ୍କର ଜୟଗାନ କରିବାକୁ ପଡ଼ିବ । ଆଶୀର୍ବାଦ କରୁଛି ଶ୍ରୀଗୁରୁ ତୁମକୁ ଶାନ୍ତି ଦାନ କରନ୍ତୁ ।

ତୁମର ସ୍ତ୍ରୀ ବଡ଼ ଭାଗ୍ୟବତୀ । ଦୀକ୍ଷା-ଗ୍ରହଣ କରି ଗୁରୁଙ୍କ ଆଶ୍ରମରେ ତିନିଦିନ ବାସ କରି ସ୍ୱାମୀ କୋଳରେ ମୁଣ୍ଡ ରଖି ଯେଉଁ ନାରୀ ମରି ପାରେ, ତାର ସୌଭାଗ୍ୟର ସୀମା ନାହିଁ । ତାପାଇଁ ଶୋକ କରିବା ଅନାବଶ୍ୟକ । ତାକୁ ସତୀଲୋକରେ ସ୍ଥାନ ମିଳିଅଛି, ସେଥିରେ କୌଣସି ସନ୍ଦେହ ନାହିଁ । ତାର ଭାର ମୁଁ ନେଇ ଅଛି । ତାର ବିନା ଶ୍ରାଦ୍ଧରେ ମଧ୍ୟ ଊର୍ଦ୍ଧ୍ୱଗତି କେହି ରୋଧ କରି ପାରିବେ ନାହିଁ । ତେବେ ସମାଜିକ ନିୟମାନୁସାରେ ଯଥାସାଧ୍ୟ ଶ୍ରାଦ୍ଧ ସମ୍ପନ୍ନ କରିବ । ବିଶେଷ କୌଣସି ଆଡ଼ମ୍ବରର ପ୍ରୟୋଜନ ନାହିଁ ।

ତୁମର୍ ଭାଇବୋହୂ ଆସନର କାମ କରି ପାରିବ । ମୁଁ ଅନୁମତି ଦେଲି । ଏହି ଆକସ୍ମିକ ଘଟଣାରେ ତୁମର ଚିତ୍ତ ସମାନ୍ୟ ବିକ୍ଷିପ୍ତ ହୋଇଅଛି, ଅତଏବ ଜପାଦିରେ ମନଃ ସଂଯୋଗ ହେଉନାହିଁ । ଏବେ କିଛିଦିନ ନିୟମିତଭାବରେ ଜପ ନ କରି ସର୍ବଦା ସ୍ମରଣ-ମନନ କର । ପ୍ରାର୍ଥନାଦି କଲେ ମଧ୍ୟ ସହଜରେ ଚିତ୍ତ-ବିକ୍ଷେପ ପ୍ରଶାନ୍ତି ହେବ । ଝିଅ ଦୁଇଟିର ସାଦରେ ଲାଳନ-ପାଳନର ବ୍ୟବସ୍ଥା କର । ଅତ୍ର କୁଶଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୭)

ଓଁ

ସାରସ୍ୱତ ମଠ
୧୪।୫।୨୩

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ବିସ୍ତାରିତ ସମାଚାର ଅବଗତ ହେଲି । ତୁମର ସ୍ତ୍ରୀ ପୁଣ୍ୟବତୀ ସତ୍ତ୍ୱଶୁଦ୍ଧା ଝିଅଟିଏ ; ଏକମାତ୍ର ପୁତ୍ରକାମନା ବ୍ୟତୀତ ଅନ୍ୟ କୌଣସି ଆବରଣ ନ ଥିଲା । କାର୍ଯ୍ୟତଃ ମୃତ୍ୟୁପରେ ପାରଲୌକିକ ଭୋଗ ତାର ଆଦୌ ହୋଇ ନାହିଁ । ପବିତ୍ର ପୁତ୍ରକାମନା ନେଇ ବ୍ରାହ୍ମଣ-ଗୃହରେ ଜନ୍ମ ହୋଇଅଛି । ସୁତରାଂ ସୂକ୍ଷ୍ମଭାବରେ ତାର ସତ୍ତା ଅନୁଭବ କରିବାର ଆଉ ଉପାୟ ନାହିଁ ।

ଆଉ ଏଯାବତ୍ ଯେପରି କଟାଇଅଛ, ଏବେ ଅନ୍ୟ ଅବସ୍ଥାରେ ପଡ଼ି ନିର୍ଜନ ଭଲ ଲାଗୁ ନାହିଁ ; କିନ୍ତୁ ଧୈର୍ଯ୍ୟ ଧରି ଯଦି ନିର୍ଜନରେ ଏକାକୀ ରହିବାକୁ ଅଭ୍ୟାସ କରିବ, ପରେ ଅପ୍ରାକୃତ ଆନନ୍ଦ ପାଇବ । ଲୋକସଙ୍ଗ ଆଦୌ ଭଲ ଲାଗିବ ନାହିଁ । ସତ୍ୱର ଭଗବାନଙ୍କର ଅସ୍ତିତ୍ୱ ଉପଲବ୍ଧି ହେବ । ଆଉ ଏକା ରହିବ କାହିଁକି, ଶ୍ରୀଭଗବାନ୍ ପାରିଷଦ ସହ ସର୍ବଦା ଉପସ୍ଥିତ ଅଛନ୍ତି ଭାବିବ । ତାଙ୍କୁ ନେଇ ରହିବ ।

ମୁଁ ପୂଜାଛୁଟି ପରେ ବଙ୍ଗକୁ ଯିବି । ସମ୍ମିଳନୀର ଉଦ୍ୟୋଗ-ଆୟୋଜନ ପୂଜା ପରେ ହିଁ ହେବ । ଅନନ୍ତ ସାଧୁଙ୍କୁ ଦେଖିବାକୁ ଏହି ସମୟରେ ଗୋରକ୍ଷପୁର ଯିବା ବଙ୍ଗାଳୀ ପକ୍ଷରେ ନିରାପଦ ନୁହେଁ । ତେବେ ସତ୍ ଉଦ୍ଦେଶ୍ୟରେ ଭୟର ମଧ୍ୟ ବିଶେଷ କୌଣସି କାରଣ

ନାହିଁ । ଅନ୍ୟ ସମୟରେ ଯିବାକୁ ଚେଷ୍ଟା କର । ମୋର ଶରୀରଟା ସୁସ୍ଥ ନାହିଁ, ଅନ୍ୟାନ୍ୟ କୁଶଳ । ମୋର ଆଶୀର୍ବାଦ ଜାଣିବ ଓ ଭକ୍ତଗଣଙ୍କୁ ଜଣାଇବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୧୮)

ଜୟଗୁରୁ

ପୁରୀ

୧୧।୧।୪୦

କଲ୍ୟାଣବରେଷୁ—

ସ୍ନେହର ଅ— ! ତୁମର ପତ୍ର ପାଇ ତୁମର ଗୋଟାଏ ଭାଇକୁ ବାଘ ଖାଇ ଦେଇଛି ଅବଗତ ହୋଇ ମର୍ମାହତ ହେଲି । ତୁମେ ଏତେଦିନରେ ନିଶ୍ଚୟ ବୁଝିଅଛ ଯେ ସ୍ୱାଭାବିକ ମୃତ୍ୟୁରେ ଦୁଃଖ-କଷ୍ଟର କୌଣସି କାରଣ ନାହିଁ, କିନ୍ତୁ ଅସ୍ୱାଭାବିକ—ବିଶେଷତଃ ଏହିପରି ଶୋଚନୀୟ ମୃତ୍ୟୁରେ ଆତ୍ମୀୟ ସ୍ୱଜନଙ୍କର ହୃଦୟରେ ଦାରୁଣ ଆଘାତ ଲାଗିବା ସ୍ୱାଭାବିକ । ଆଉ ଅଜ୍ଞାନ ଓ ଅଳ୍ପଦୃଷ୍ଟି ଲୋକଙ୍କର ତ କଥା ହିଁ ନାହିଁ । କିନ୍ତୁ ତୁମେ ତ ଶୋକରେ ଅଭିଭୂତ ହେଲେ ଚଳିବ ନାହିଁ ! ତୁମେ ସାଧୁ-ଆଶ୍ରମରେ ସଦ୍‌ଭାବରେ ଜୀବନଯାପନ କରୁଛ—ଜ୍ଞାନଚର୍ଚ୍ଚା କରୁଛ, ସୁତରାଂ ଯାହା ବିଧିଲିପି—ଯାହା ଅନିବାର୍ଯ୍ୟ କର୍ମଫଳ, ଯାହା ଜଗତରେ ନିତ୍ୟ ଘଟୁଅଛି, ସେଥିପାଇଁ ଶୋକ-ମୋହରେ ଅଭିଭୂତ ହେବା କର୍ତ୍ତବ୍ୟ ନୁହେଁ । ଯାହାଙ୍କର ଇଚ୍ଛା ବ୍ୟତୀତ ପତ୍ରଟିଏ ମଧ ହଲେ ନାହିଁ—ଫୁଲଟିଏ

ଝଡ଼େ ନାହିଁ, ତାଙ୍କର ଇଚ୍ଛାରେ ହିଁ ତୁମର ଭାଇଙ୍କର ଏହି ଶୋଚନୀୟ ମୃତ୍ୟୁ ଘଟିଅଛି । ଭଗବାନ୍ ମଙ୍ଗଳମୟ—ସୁତରାଂ ଏହାଦ୍ୱାରା ରୋ—ର ଆତ୍ମାର କୌଣସି ବିଶେଷ ମଙ୍ଗଳ ସାଧିତ ହୋଇଅଛି ସନ୍ଦେହ ନାହିଁ । ତୁମେ ଧୈର୍ଯ୍ୟ ଓ ସ୍ଥୈର୍ଯ୍ୟ ନ ହରାଇ ଦୃଢ଼ଚିତ୍ତରେ କର୍ତ୍ତବ୍ୟ ପାଳନ କର । ତୁମେ ଏହି ସମୟରେ ଗୃହକୁ ଯାଇ ଭଲ କରିଅଛ । ଶୁଣିଛି ତୁମର ମାତୃଦେବୀ ରୁଗ୍‌ଣା—ଏହି ବୃଦ୍ଧ ବୟସରେ ପୁତ୍ରଶୋକରେ ସେ ଯେ ଦାରୁଣ ଆଘାତ ପାଇ ପାଗଳିନୀ ହୋଇବେ, ଏହା ସ୍ୱାଭାବିକ । ସର୍ବାପେକ୍ଷା ସେ ହିଁ ଏହି ଘଟଣାରେ ଅଧିକ ଆଘାତ ପାଇଛନ୍ତି, ସେଥିରେ ସନ୍ଦେହ ନାହିଁ । ତୁମେ ଓ ତୁମର ଅନ୍ୟାନ୍ୟ ଭାଇମାନେ ଏହି ସମୟରେ ତାଙ୍କ ପାଖରେ ରହିଲେ, ସେ ସାମାନ୍ୟ ବଳ ପାଇବେ । ଏହି ଶୋକରେ ସାନ୍ତ୍ୱନା ଦେବା ଭଳି ଭାଷା ନାହିଁ । ଶ୍ରୀଗୁରୁଙ୍କ ନିକଟରେ ପ୍ରାର୍ଥନା କରୁଅଛି, ତୁମର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସେ ଶାନ୍ତି ପ୍ରଦାନ କରନ୍ତୁ । ଅତ୍ର ମଙ୍ଗଳ । ମୋର ଆଶୀର୍ବାଦ ଜାଣିବ । କିପରି କ'ଣ ହେଲା, ଘଟଣା ବିସ୍ତାରିତ ଲେଖି ଜଣାଇବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୧୯)

ଜୟଗୁରୁ

ନୀଳାଚଳ କୁଟୀର
ସ୍ୱର୍ଗଦ୍ୱାର—ପୁରୀ
୧୯।୧୧।୪୦

କଲ୍ୟାଣବରେଷୁ—

ତୁମର ତିନଖଣ୍ଡ ପତ୍ର କ୍ରମାନ୍ୱୟରେ ପାଇଅଛି । ମୃତ୍ୟୁକାଳରେ ଜୀବର ମନର ଭାବ ଜାଣି ନ ପାରିଲେ, ତାର ଗତି ସମ୍ବନ୍ଧରେ କିଛି କହିବା କଠିନ । ତେବେ ଯେତେବେଳେ ସେତେବେଳେ ମରିବା ଅପେକ୍ଷା ତୁମର ଦାଦାଙ୍କର ୨।୧ ଘଣ୍ଟା ପରେ ମୃତ୍ୟୁହେବାରୁ ଅପେକ୍ଷାକୃତ ଭଲ ହିଁ ହୋଇଅଛି । ବାଘ ବା କୁମ୍ଭୀର ଧରିଲେ ମନଟା ଭୟରେ ତଦାକାରାକାରିତ ହୁଏ । ତାହା ଫଳରେ ବାଘ ବା କୁମ୍ଭୀର-ଜନ୍ମ ହୋଇ ଥାଏ । ତେବେ କିଛି ସମୟ ପରେ ମରି ଥିବାରୁ ବାଘ-ଯୋନିରେ ଜନ୍ମ ନ ହେଲେ ମଧ୍ୟ ଅନ୍ତତଃ ପରଲୋକରେ ବାଘଧନ୍ଦାରେ କିଛିଦିନ ଘୁରିବାକୁ ପଡ଼ିବ, ଏହା ଅନିବାର୍ଯ୍ୟ । ଏକମାତ୍ର ଜୀବନ୍ମୁକ୍ତଙ୍କ ବ୍ୟତୀତ ଏହି ନିୟମର ପ୍ରାୟ ବ୍ୟତିକ୍ରମ ହୁଏ ନାହିଁ । ତୁମ୍ଭମାନଙ୍କ ପକ୍ଷରେ ଏହି ସମ୍ବାଦ ଅପ୍ରିୟ ହେଲେ ମଧ୍ୟ ସତ୍ୟ । ତେବେ ତାର ମୃତ୍ୟୁକାଳରେ ମନର ଅବସ୍ଥା ଯେପରି ହୋଇଥିଲା, ତଦନୁସାରେ ବ୍ୟବସ୍ଥା ହେବ । ମୁଁ ଆପାତତଃ ବିଶେଷ କିଛି କରି ପାରିବି ବୋଲି ମନେ ହୁଏନା, ତେବେ ଯଥାସାଧ୍ୟ ଚେଷ୍ଟା କରିବି ।

ମାୟିକ ସମ୍ବନ୍ଧ ନିତ୍ୟ ହୋଇ ପାରେନା । ଦାମ୍ପତ୍ୟ-ଭାବ ସୁଦୃଢ଼ କରିବା ପାଇଁ ସମାଜ-ଶାସ୍ତ୍ରରେ ସ୍ୱାମୀ-ସ୍ତ୍ରୀର ସମ୍ବନ୍ଧ ନିତ୍ୟ

କୁହାଯାଇଅଛି । ଗୃହସ୍ଥମାନେ ତାହା ବିଶ୍ୱାସ କରନ୍ତି, କିନ୍ତୁ ତାହା ଯୁକ୍ତିରେ ପ୍ରତିଷ୍ଠିତ ନୁହେଁ, ଅଧ୍ୟାତ୍ମ ଶାସ୍ତ୍ର ମଧ୍ୟ ତାହା ସ୍ୱୀକାର କରେ ନାହିଁ । ବରଂ ବିରୁଦ୍ଧ କଥା ହିଁ କହେ । ଯଦି ସ୍ୱାମୀ–ସ୍ତ୍ରୀ ଭିତରେ ସୁଦୃଢ଼ ଭଲପାଇବା ଥାଏ, ତେବେ କ୍ରମମୁକ୍ତି ପଥରେ ଦେଖା କିମ୍ବା ଗୋଟିଏ ସ୍ଥାନରେ କିଛିଦିନ ଅବସ୍ଥାନ ଘଟି ପାରେ । କିନ୍ତୁ ଯେଉଁମାନଙ୍କର ଜନ୍ମ ହୁଏ, ସେମାନଙ୍କ ସ୍ଥଳରେ ଏହା ଅସମ୍ଭବ । ତେବେ କାକତାଳୀୟବତ୍ କାହାର ଏକ ଜନ୍ମର ସ୍ୱାମୀ ପରଜନ୍ମରେ ମଧ୍ୟ ସ୍ୱାମୀ ହୋଇ ପାରେ, କିନ୍ତୁ ଏହା ସାଧାରଣ ନିୟମ ନୁହେଁ । ସ୍ୱାମୀ–ସ୍ତ୍ରୀ ପରସ୍ପରର ଭଲପାଇବା ଆରୋପ ଧର୍ମାନୁସାରେ ଭଗବାନଙ୍କ ଆଡ଼କୁ ଅଗ୍ରସର ହୋଇଥାଏ, କିନ୍ତୁ ସମ୍ବନ୍ଧ ଚିରସ୍ଥାୟୀ ହୁଏନା ।

ସଧବା ନାରୀ ସ୍ୱାମୀଙ୍କ ମଧ୍ୟରେ ଭଗବାନଙ୍କୁ ଏବଂ ବିଧବା ନାରୀ ଭଗବାନଙ୍କ ଭିତରେ ସ୍ୱାମୀଙ୍କୁ ଚିନ୍ତା କରିବ, ଏହା ହିଁ ମୋର ଅଭିମତ । ନହୁବା ଧର୍ମ ବା ଭଗବାନ୍ ନ ବୁଝି କେବଳ ମୃତ ସ୍ୱାମୀର ଚିନ୍ତାରେ କାହାରି ବି ବିନ୍ଦୁମାତ୍ର ଉନ୍ନତି ହେବ ନାହିଁ ।

ତୁମେ ମତେ ଯେଉଁ ପ୍ରଶ୍ନ କରିଥିଲ, ମୋର ଉପରୋକ୍ତ କଥାଗୁଡ଼ିକରୁ ଆଶାକରେ ତୁମେ ତାହାର ଉତ୍ତର ବୁଝି ପାରିବ । ତୁମର ଭ୍ରାତୃବଧୂର ଅବସ୍ଥା ହିଁ ସର୍ବାପେକ୍ଷା ମର୍ମାନ୍ତିକ । ତୁମେ ଠିକ୍ ସତ୍ୟ ପ୍ରକାଶ ନ କରି ତାଙ୍କୁ ଆଶା ଦିଅ । ଏକବାରେ ନିରାଶ କର ନାହିଁ । ତେବେ ଯଦି ସେ ବିଶ୍ୱାସ କରନ୍ତି, ଭଗବାନ୍ ହିଁ ସ୍ୱାମୀ, ପିତା, ପୁତ୍ର ରୂପେ ପ୍ରକାଶିତ, ସ୍ୱାମୀଙ୍କ ମୃତ୍ୟୁପରେ ସେ ଭଗବାନଙ୍କଠାରେ ମିଶି ଯାଇଛନ୍ତି, ତାହାହେଲେ ଭଗବାନଙ୍କୁ ସ୍ୱାମୀଙ୍କ ମୂର୍ତ୍ତିରେ ଧ୍ୟାନ ଓ ଆନ୍ତରିକ ଭଲପାଇବା ସହିତ ଭଜନ କଲେ ତାଙ୍କର ପ୍ରଭୂତ ଉପକାର

ହେବ । ଏପରି କି ଭଗବାନଙ୍କୁ ସ୍ୱାମୀରୂପେ ମଧ୍ୟ ପାଇପାରିବ । ଏପରି ଗୋଟିଏ ଦୁଇଟି ଘଟଣା ମୁଁ ଜାଣେ । ସୁତରାଂ ଏହା ପ୍ରତ୍ୟକ୍ଷ ସତ୍ୟ । * * *

ମୁଁ ଭଲ ଅଛି ; ଅନ୍ୟାନ୍ୟ କୁଶଳ । ମୋର ସ୍ନେହାଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୨୦)

ଓଁ ତତ୍‌ସତ୍

ମଠ

* * *

ସ୍ନେହାସ୍ପଦାସୁ—

ତୁମର ପତ୍ର ପାଇ ସମାଚାର ଅବଗତ ହେଲି । ତୁମର ମନର ପବିତ୍ରତା ଓ ପ୍ରାର୍ଥନାରେ ପ୍ରକୃତରେ ଆନନ୍ଦିତ ହେଲି । ଆଶୀର୍ବାଦ କରୁଛି ସାଂସାରିକ ସୁଖ-ଦୁଃଖ, ମାନାଭିମାନ, ରାଗ-ଦ୍ୱେଷ, ଏପରି କି ରୋଗ-ଶୋକକୁ ତୁଚ୍ଛ କରି ଦେବୀଭାବରେ ଅନୁପ୍ରାଣିତା ହୁଅ । ପାର୍ଥିବ କାମନା-ବାସନା ପଦଦଳିତ କରି ଦେବୀ-ମୂର୍ତ୍ତିରେ ପ୍ରକାଶିତା ହୁଅ । ପରଲୋକରେ ଅନନ୍ତମିଳନର ଆନନ୍ଦରେ ବିଭୋର ହୋଇ ରୁହ । ସ୍ୱାମୀର ବିରହ ଯେତେବେଳେ ସହ୍ୟ କରୁଅଛ, ସେତେବେଳେ ସାଂସାରିକ ସାମାନ୍ୟ ସୁଖ-ଦୁଃଖରେ ବିଚଳିତା ବା କ୍ଷୁର୍ଣ୍ଣ ହେଲେ ଚଳିବ

କିପରି ? ଭଗବାନଙ୍କର ଦାନ ଭାବି ସୁଖ-ଦୁଃଖ ସମାନ ଭାବରେ ସହ୍ୟ କରିବାକୁ ଅଭ୍ୟାସ କର । * * *

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୨୧)

ଜୟଗୁରୁ

ଢାକା

* * *

୬।୧୦।୧୮

ସ୍ନେହର ମା—,

ଯଥାସମୟରେ ତୁମର ପତ୍ର ପାଇଛି । କିନ୍ତୁ ତାପରେ ମତେ ସ୍ଥାନାନ୍ତରକୁ ଯିବାକୁ ପଡ଼ିଥିଲା । ଗତକାଲି ରାତିରେ ଆଶ୍ରମକୁ ଫେରି ଆସିଛି । କାର୍ଯ୍ୟତଃ ପତ୍ର ଲେଖିବାରେ ବିଳମ୍ବ ହେଲା ବୋଲି ଅଭିମାନ କର ନାହିଁ ।

ବତ୍ସେ ! * * * ଯେଉଁଦିନ ମୁଁ ବି—କୁ ମାନସପୁତ୍ରରୂପେ ଗ୍ରହଣ କରିଅଁଛି, ସେହି ଦିନରୁ ମୋର ହୃଦୟ ଅଧିକାର କରି ବସିଅଛି, ସେହିଦିନରୁ ତୁମେ ମଧ୍ୟ ଏହି ହୃଦୟ ଅଧିକାର କରିଅଛ । ଏହି ଦଗ୍ଧ ହୃଦୟ କେବଳ ତୁମ୍ଭମାନଙ୍କର ସ୍ନେହରସରେ ଶୀତଳ କରିବି ବୋଲି ହିଁ ସନ୍ୟାସ ଛାଡ଼ି ସଂସାରକୁ ଆସିଅଛି । ସୁତରାଂ ତୁମକୁ ମୁଁ ନ ଦେଖିଲେ ମଧ୍ୟ ବି—ର ସହିତ ଭଲପାଇ ବସିଅଛି । ବି—କୁ ଦେଖିଲେ ତୁମର ମଧ୍ୟ କଳ୍ପନାମୟୀ ମୂର୍ତ୍ତି ପ୍ରାଣରେ ଜାଗି ବାତ୍ସଲ୍ୟଭାବରେ ହୃଦୟ ଭରି ଯାଏ । * * *

ବତ୍ସେ ! ସ୍ୱାମୀ ହିଁ ସ୍ତ୍ରୀଲୋକର ଗୁରୁ । କାୟ-ମନ-ପ୍ରାଣରେ ତାଙ୍କର ଆଦେଶ ପ୍ରତିପାଳନ ଓ ତାଙ୍କର ସେବା ହିଁ ନାରୀର ପ୍ରଧାନ ଧର୍ମ । ଏକମାତ୍ର ଗୁରୁବ୍ରହ୍ମଜ୍ଞାନରେ ସ୍ୱାମୀ ପ୍ରେମର ଅଧୀନ ହୋଇ ରହିପାରିଲେ ହିଁ ନାରୀଜନ୍ମ ସାର୍ଥକ ହୁଏ । ସୁତରାଂ ତୁମେ ମତେ ଦେଖିବା ପାଇଁ ବି— ନିକଟରେ ଜିଦ୍ କର ନାହିଁ । ତୁମର କର୍ତ୍ତବ୍ୟ ତୁମେ ପାଳନ କର । ଆପେ ଆପେ ସେ ସ୍ୱାମୀର କର୍ତ୍ତବ୍ୟରେ ମନଯୋଗୀ ହେବ । ତୁମର ମନର ଅନ୍ଧାର ଦୂର କରିବା, ଶିକ୍ଷା ଦାନ କରିବା, ଅଧ୍ୟାତ୍ମ ପଥ ଦେଖାଇ ଦେବା, ଅସମୋର୍ଦ୍ଧ ପ୍ରେମମାଧୁର୍ଯ୍ୟରେ ବୁଡ଼ାଇ ରଖିବା ସ୍ୱାମୀର କର୍ତ୍ତବ୍ୟ । ସେହି କର୍ତ୍ତବ୍ୟ-ପ୍ରଣୋଦିତ ହୋଇ ହିଁ ତୁମକୁ ଗୁରୁପଦାଶ୍ରୟ ଦାନ କରିବାକୁ ସେ ବାଧ୍ୟ । ତୁମେ କଦାପି ତାର ଇଚ୍ଛା ବିରୁଦ୍ଧରେ ଆଶା ପୋଷଣ କରନା । ତାକୁ ଛାଡ଼ି କୌଣସି ଚିନ୍ତା କରନା । ତୁମର ଅହଂତ୍ୱ ସ୍ୱାମୀଙ୍କ ଅହଂତ୍ୱରେ ଆହୁତି ଦିଅ । ଦୁଇ ଭୁଲି ଦୁଇଜଣ ଯାକ ଗୁରୁଙ୍କଠାରେ ମିଶିଯାଅ । ତାହା ହେଲେ କାହାରି ବି ସ୍ୱତନ୍ତ୍ର ଅସ୍ତିତ୍ୱ ରହିବ ନାହିଁ । ଆଉ ଗୋଟିଏ କଥା, ତୁମର ଏକମାତ୍ର ସ୍ୱାମୀଚିନ୍ତାରେ ମୁଁ ହିଁ ଶକ୍ତି ଜାଗ୍ରତ କରାଇବି । * * * ତୁମକୁ ଭଗବାନ୍ ଅବଶ୍ୟ ସମୟ ଦେବେ । ତୁମେ ମଧ୍ୟ ମତେ ଦେଖିବ, ମୁଁ ମଧ୍ୟ ତୁମକୁ ଦେଖିବି । ତେବେ ସେହି କଥା ଇଚ୍ଛାମୟୀଙ୍କ ଇଚ୍ଛା ଉପରେ ନିର୍ଭର କରେ । ନିଶ୍ଚିନ୍ତ ରୁହ । ଗୁରୁ ଆଉ ବେଶୀଦିନ ଦୂରରେ ରହିବେ ନାହିଁ । ଅବଶ୍ୟ ଦିନେ ଦେଖା ହେବ । ଆଶୀର୍ବାଦ କରୁଛି ପ୍ରେମଭକ୍ତିର ଅଧିକାରିଣୀ ହୋଇ ଆନନ୍ଦଧାମକୁ ଅଗ୍ରସର ହୁଅ । * * * ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୨୨)

ଜୟଗୁରୁ

ପୁରୀ

୨୯।୧୨।୩୧

କଲ୍ୟାଣୀୟାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ମା ଶଙ୍କରୀ ! ତୁମର ପତ୍ର ପାଇ ସକଳ ସାମାଚାର ଅବଗତ ହେଲି । ଦୀକ୍ଷା ଗ୍ରହଣ ପରେ ଯେଉଁ ସ୍ପନ୍ଦନ ଅନୁଭବ କରାଯାଏ, ତାହା ଗୁରୁଶକ୍ତିଙ୍କର ପ୍ରଭାବ । ଏବେ ତାହା ଆଉ ଅନୁଭବ ନ କଲେ ମଧ୍ୟ ସମୟକ୍ରମେ ପୁଣି ଅନୁଭୂତ ହେବ । ତେବେ ତାହା ଅଳ୍ପ ସମୟ-ସାପେକ୍ଷ ।

ସଖୀମାନଙ୍କ ଭଳି ଯୁଗଳରୂପର କୁଞ୍ଜସେବା କରିବାକୁ ତୁମର କୌଣସି ବାଧା ନାହିଁ । ସ୍ୱଚ୍ଛନ୍ଦରେ କରିପାର । ହୃଦୟରେ ଇଷ୍ଟଦେବତାଙ୍କର ଏବଂ ମସ୍ତକରେ ଗୁରୁଦେବଙ୍କର ମାନସପୂଜା କରି ଜପ କର ; ସେଥିରେ କୌଣସି ଦୋଷ ହେବ ନାହିଁ । ଆଉ କୌଣସି ଦିନ ସମୟାଭାବରୁ ବେଶୀ ଜପ କରି ନ ପାରିଲେ ଅନ୍ତତଃ ଦଶଥର କରିବାକୁ ଏଠାରେ ରହିବା ସମୟରେ ଆଦେଶ ଦେଇଅଛି ।

ମା ! ତୁମର ପତ୍ରଖଣ୍ଡିକ ପଢ଼ି ପରମ ପ୍ରୀତିଲାଭ କରିଅଛି । କାହାର ଭଲ ମନ୍ଦ କଥାରେ କାନ ଦିଅନା । ସାଂସାରିକ ଆବିଳତାରେ ବେଶୀ ମିଶନା । ନିଜଭାବରେ—ନିଜମନରେ ରହିବାକୁ ଚେଷ୍ଟା କର । କେହି କାହାର ନୁହେଁ, ଏକା ଆସିଅଛ, ଏକା ଯିବାକୁ ପଡ଼ିବ, ଏକଥା ସର୍ବଦା ସ୍ମରଣ କର । ପାର୍ଥିବ ବସ୍ତୁର ଆସକ୍ତିରେ ମୋହଗ୍ରସ୍ତ ହୁଅନା । ସମ୍ପଦ-

ବିପଦରେ, ରୋଗ-ଶୋକରେ, ସୁଖ-ଦୁଃଖରେ, ସର୍ବାବସ୍ଥାରେ ସମଭାବରେ ରହି ଭଗବାନଙ୍କର ନାମ କରିବ । ଶରଣାଗତଭାବରେ ଭଗବାନଙ୍କଠାରେ ଆତ୍ମସମର୍ପଣ କରିବାକୁ ଅଭ୍ୟାସ କରିବ । ସବୁ ସମୟରେ ତାଙ୍କର ଜୟଗାନ କରିବ, ଗୁଣଗାନ କରିବ । ତାଙ୍କ ଅପେକ୍ଷା ଆପଣାର ଆଉ କେହି ନାହାନ୍ତି । ତାଙ୍କ ଭଳି ସ୍ନେହ, ଦୟା କାହା ନିକଟରେ ବି ନାହିଁ ; ତାଙ୍କ ଭଳି କେହି ଭଲପାଏ ନାହିଁ । ପିତା-ମାତାଙ୍କର ସ୍ନେହ, ସ୍ୱାମୀର ପ୍ରେମ ଏକମାତ୍ର ତାଙ୍କର ହିଁ ସ୍ନେହ-ପ୍ରେମର କଣା ମାତ୍ର । ସୁତରାଂ ତାଙ୍କୁ ଭୁଲି ପାର୍ଥିବ ଭାବରେ ମୁଗ୍ଧ ହୁଅନା । ସ୍ୱାମୀ-ପୁତ୍ରଙ୍କର ସେବା ମଧ୍ୟ ତାଙ୍କର ସେବା ଜ୍ଞାନ କରିବ । କାହାକୁ ବି ହିଂସା-ନିନ୍ଦା-ଘୃଣା କରନା । ସବୁ ହିଁ ଯେ ତାଙ୍କର ବିକାଶ ! ସେ ସବୁର ସକଳ—ସକଳଙ୍କର ସବୁ, ଏକଥା ବିଶ୍ୱାସ କର । ତେବେ ଯାଇ ଦିନେ ତାଙ୍କର ପ୍ରେମର ଅଧିକାରିଣୀ ହୋଇ ନାରୀ-ଜନ୍ମ ସାର୍ଥକ କରି ପାରିବ ।

ମୋର ଶରୀର ଏବେ ଭଲ ଅଛି । * * * ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୨୩)

ଓଁ ତତ୍‌ସତ୍

ସାରସ୍ୱତ ମଠ

* * *

ସ୍ନେହାସ୍ପଦାସୁ—

ଦୁଃଖହରା, ତୁମର ପତ୍ର ପାଇ ଆନନ୍ଦିତ ହେଲି । * * * ତୁମେ ଆନନ୍ଦମୟଙ୍କର ନାମ କରୁଥାଅ—ମା'ଙ୍କ ନାମରେ ବିଭୋର ହୋଇ ମାତୃତ୍ୱର ବିକାଶ କରି ''ଦୁଃଖହରା'' ନାମର ସାର୍ଥକତା କର । ମୁଁ ଯେ ନାରୀଙ୍କ ଭିତରେ ମା'ଙ୍କୁ ଖୋଜି ଖୋଜି ହଇରାଣ ହେଲିଣି । ଓଗୋ ! ପ୍ରକାଶିତ ହୁଅ—ମୁଁ ଦେଖିବି ଓ ଶିଷ୍ୟ-ଭକ୍ତଙ୍କୁ ଦେଖାଇବି । ସୁ—କୁ ଆଉ ପତ୍ର ଲେଖିଲି ନାହିଁ । ତାକୁ କୁହ ଯେ ସେମାନଙ୍କୁ ଯେପରି ''ବିଧା'' ମାରି ଜାଗ୍ରତ କରିବାକୁ ନ ପଡ଼େ—ଏହି କଠୋର ହାତର ''ବିଧା'' ସହ୍ୟ ହେବ ନାହିଁ । ମୁଁ ଯେ କୁତୁକୁତୁ କରି ସେମାନଙ୍କୁ ଜାଗ୍ରତ କରିବାକୁ ଠିକ୍ କରିଛି । * * * ଇତି—

ଶୁଭାନୁଧ୍ୟାୟୀ—

ତୁମ୍ଭମାନଙ୍କ ଠାକୁର

(୨୪)

ଓଁ ତତ୍‌ସତ୍

ଶାନ୍ତି ଆଶ୍ରମ
ପୋ :କୋକିଳାମୁଖ (ଯୋରହାଟ)
ଆଶ୍ୱିନ ୫ ଦିନ, ୧୩୧୯

ସ୍ନେହର ବିଜଳି !

ବହୁଦିନ ତୁମ୍ଭମାନଙ୍କର ସମ୍ବାଦ ପାଇନି । ଧୀ— ପୂର୍ବେ ଗୋଟିଏ ପତ୍ର ଲେଖିଥିଲା, ଶା—ର ପତ୍ରରୁ ତୁମର ସମ୍ବାଦ ପାଉଅଛି, ତେଣୁ ନିଜେ ଆଉ ପତ୍ର ଲେଖି ନାହିଁ । ଲେଖିବାର ସମୟ ବା ଅବକାଶ ମଧ୍ୟ ନାହିଁ । ବର୍ଦ୍ଧମାନ ବିଭାଗର ୬ଟି ଜିଲ୍ଲାର ଅଧିକାଂଶ ସ୍ଥାନ ବନ୍ୟାପ୍ଲାବିତ । ସେହି ଦେଶର ଅଧିବାସୀବୃନ୍ଦ ଅତ୍ୟନ୍ତ ବିପନ୍ନ—ଗୃହାନ୍ନଶୂନ୍ୟ ! ତଦୁପରି ନାନାବିଧ ସଂକ୍ରାମକ ରୋଗର ପ୍ରାଦୁର୍ଭାବ । ତେଣୁ ଅତ୍ର ଆଶ୍ରମର ଶ୍ରୀଗୌରାଙ୍ଗ ଅନାଥନିକେତନରୁ ଜଣେ ସବ୍ ଆସିଷ୍ଟାଣ୍ଟ ସର୍ଜନ ଡ଼ାକ୍ତର ଓ ସେବକଗଣଙ୍କୁ ସେଠାକୁ ଆର୍ତ୍ତସେବା ପାଇଁ ପ୍ରେରଣ କରିଅଛି । ସେମାନେ ସେହି ଦେଶରେ ୩।୪ ମାସ ରହିବେ । ମୁଁ ମାତ୍ର ଜଣେ ସେବକ ନେଇ ଆଶ୍ରମର ସମସ୍ତ ବିଭାଗର କାର୍ଯ୍ୟ କରୁଅଛି । ଗୋଟିଏ ଦଣ୍ଡ ମଧ୍ୟ ବିଶ୍ରାମ ନାହିଁ । ଅର୍ଥସଂଗ୍ରହ ହିଁ ପ୍ରାଧାନକାର୍ଯ୍ୟ । ଗୃହସ୍ଥ ଶିଷ୍ୟ ଓ ଶିଷ୍ୟାଗଣ ସେ ଭାର ଗ୍ରହଣ କରିଛନ୍ତି । ସହରର ନାରୀ ଶିଷ୍ୟାଗଣ ମଧ୍ୟ ନାରୀ-ମହଲରୁ ଭିକ୍ଷା କରି ପଠାଉଛନ୍ତି । ମୁଁ କେବଳ ପତ୍ର ଲେଖି ସେମାନଙ୍କୁ ଉଦ୍‌ବୁଦ୍ଧ ଓ ଉତ୍ସାହିତ କରୁଅଛି । ଏହି କାର୍ଯ୍ୟ ପାଇଁ ମୁଁ ସମସ୍ତ କାର୍ଯ୍ୟ ଭୁଲି ଯାଇଛି । ତେଣୁ ପତ୍ର ଲେଖିବାର ଇଚ୍ଛା ସତ୍ତ୍ୱେ ମଧ୍ୟ ଏତେ ଦିନ ପର୍ଯ୍ୟନ୍ତ ଲେଖି ପାରି ନାହିଁ ।

*   *   *

ମୋର ଆଦରର ଗରବିଣୀ ବିଜଳି ! ମୋର ଉପଯୁକ୍ତ ଶିଷ୍ୟାଭଳି ସଂଯତ ହୁଅ ଓ ଚରିତ୍ର ଗଠନ କର । ତୁମ୍ଭେମାନେ ନାରୀ ଜାତି, ରମଣୀତ୍ୱ ଭୁଲି ଜନନୀତ୍ୱର ଆସନରେ ପ୍ରତିଷ୍ଠିତା ହୁଅ । ନିଜ ଭିତରେ ଆତ୍ମସ୍ୱରୂପରେ ସେହି ଜଗଜ୍ଜନନୀ ଦୟାମୟୀ ପ୍ରେମମୟୀଙ୍କୁ ଉପଲବ୍ଧି କର । ଜଗତର ସମସ୍ତ ନରନାରୀଙ୍କୁ ପୁଅ-ଝିଅ-ସ୍ଥାନରେ ପବିତ୍ର ଭାବରେ ଦେଖ, ସମସ୍ତଙ୍କର ସୁଖ-ଦୁଃଖ ନିଜ ହୃଦୟରେ ଅନୁଭବ କର । ମା'ଙ୍କ ଭଳି ଜଗତର ମଙ୍ଗଳର ଇଚ୍ଛା ତୋର ପ୍ରାଣରେ ଜାଗି ଉଠୁ । ପାପୀ, ତାପୀ, କାମୁକ, ଲମ୍ପଟ ଯେପରି ତୋର ମୁଖମଣ୍ଡଳକୁ ଚାହିଁ ମାତୃଶକ୍ତିରେ ଆବିଷ୍ଟ ହୋଇ ଯାଏ—ପବିତ୍ରଭାବରେ ତୋର ଚରଣରେ ଲୋଟି ପଡ଼େ ।

ମା ! ଏହି ସଂସାର ଭୋଗ-ବିଳାସର ସ୍ଥାନ ନୁହେଁ—ଏହା ଯେ କର୍ମକ୍ଷେତ୍ର ! କର୍ମ-ପ୍ରଭାବରୁ ପରକାଳର ଯବନିକା ଉତ୍ତୋଳନ କରିବାକୁ ପଡ଼ିବ ; ଭୋଗରେ ତାହା ଆହୁରି ଜମାଟ ବାନ୍ଧି ପଥ ରୋଧ କରିବ । ତେଣୁ କହୁଛି, ନିଜର ଦେହ-ପ୍ରାଣ ଭୁଲି ପରସେବାରେ ନିଜ ଅସ୍ତିତ୍ୱ ଭୁଲି ଯାଅ । ବାସନା-କାମନା ହିଁ ବନ୍ଧନର କାରଣ ; ଏକମାତ୍ର ଭଗବଚ୍ଚରଣାରବିନ୍ଦ ବ୍ୟତୀତ ଆଉ କୌଣସି ବାସନା-କାମନା ହୃଦୟରେ ସ୍ଥାନ ଦିଅ ନାହିଁ । କେତେ ଦିନର ଏ ସଂସାର—କେତେକ୍ଷଣ ପାଇଁ ସୁଖ-ଦୁଃଖ ? ଏ ସଂସାରକୁ ଖଟିବାକୁ ଆସିଅଛ, ଖଟି ଯିବ ; ଅଭାବ ଦେଇ ଗଢ଼ା ଜଗତରେ ପୂର୍ଣ୍ଣ ସୁଖ-ଶାନ୍ତିର ଆଶା ବିଡ଼ମ୍ବନା ମାତ୍ର । ଏଠାରେ ଏକାଧାରେ ହସ, ଏକାଧାରେ କାନ୍ଦ ; ଏକାଧାରେ ଜୀବନ, ଅନ୍ୟ ପାଖରେ ମୃତ୍ୟୁ ; ଗୋଟିଏ ଦିଗରେ ସଂଯୋଗ, ଅନ୍ୟ ଦିଗରେ

ବିୟୋଗ ; ଏକାଧାର ମିଳନ, ଅନ୍ୟ ପାଖରେ ବିରହ ; ତେବେ ନିରବଚ୍ଛିନ୍ନ ଅନବଦ୍ୟ ସୁଖ-ଶାନ୍ତି କେଉଁଠି ? ସେହି ଚିଦାନନ୍ଦମୟ ଭଗବାନଙ୍କ ଚରଣରେ ! ସୁତରାଂ କୌଣସି ଅବସ୍ଥାରେ ସେହି ଚରଣରୁ ଯେପରି ଲକ୍ଷ୍ୟଚ୍ୟୁତ ନ ହୁଅ । ମୁଁ ଯେ ତତେ ମୋର ଆନନ୍ଦମୟୀ ମା-ରୂପେ ଚାହେଁ—ଜଗଜ୍ଜନନୀରୂପେ ଜଗତରେ ପ୍ରତିଷ୍ଠିତା ଦେଖିବାକୁ ଚାହେଁ । ତୋର ସାକାର ମୂର୍ତ୍ତିରେ ମୋର ବିଶ୍ୱରୂପା ନିରାକାରା ମାଙ୍କୁ ଦେଖି ମୋର ଗୁରୁଗିରିର ସାର୍ଥକତା କରିବି । ରମଣୀ-ହୃଦୟ କାମଗନ୍ଧଶୂନ୍ୟ ମା'ଙ୍କ ଭଳି ପବିତ୍ର ଓ ପ୍ରେମପୂର୍ଣ୍ଣ ହେଲେ ସେହି ହୃଦୟରେ ଜଗଜ୍ଜନନୀଙ୍କ ଆବେଶ ହୋଇଥାଏ । ମା, ସ୍ତ୍ରୀ ଓ କନ୍ୟା ଏକ ମହାମାୟାଙ୍କର ହିଁ ଭିନ୍ନ ଭିନ୍ନ ଭାବର ବିକାଶ, ଆଉ ଜନନୀତ୍ୱରେ ରମଣୀ-ଜୀବନର ପୂର୍ଣ୍ଣତ୍ୱ, ଏ କଥା ଭୁଲ ନାହିଁ !

ମୋର କୁଳଲକ୍ଷ୍ମୀ ମାତୃସ୍ୱରୂପା ଶ୍ରୀମତୀ ଅନୁପମା ଦେବୀଙ୍କୁ ମୋର ସ୍ନେହାଶୀର୍ବାଦ ଜଣାଇବ । ମାଙ୍କର ମଙ୍ଗଳ, ସନ୍ତାନ ସର୍ବଦା ଆଶା କରୁଅଛି । ତାର ଚିଠି ମୁଁ ଆଗ୍ରହରେ ସାଦରେ ପାଠ କରିଅଛି । ନିଃସଙ୍କୋଚରେ ତାକୁ ମୋ ନିକଟକୁ ପତ୍ର ଲେଖିବାକୁ କହିବ । ମା ଦ୍ୱାରା ମୋର ବଂଶର ଗୌରବ ପ୍ରତିଷ୍ଠା ହେଉ, ଏହା ହେଉଛି ଏକମାତ୍ର ତାର ପତ୍ରର ଉତ୍ତର । ମୁଁ ସନ୍ନ୍ୟାସୀ ହେଲେ ମଧ୍ୟ ଭଟ୍ଟାଚାର୍ଯ୍ୟଗୃହର ନୂତନ ପୁଅ-ଝିଅମାନଙ୍କର ପବିତ୍ର ସ୍ନେହମାଖା ମୁହଁ ଭୁଲି ପାରି ନାହିଁ । ନରା ତ ଇଷ୍ଟଦେବତାଙ୍କ ଭଳି ହୃଦୟ ଆବୋରି ବସି ଅଛି । ହରିଦାସୀ ମଧ୍ୟ ହୃଦୟ ଅଧିକାର କରିଅଛି । ତାର ସେହି ପାଗଳି ଭଳି ସ୍ୱଭାବ ଓ ସରଳ ହସ ପ୍ରାଣରେ ସ୍ନେହର ଉତ୍ସ ସୃଜନ କରୁଅଛି । ସେ ଯେ କେତେ ଆଦରର—କେତେ ସ୍ନେହର ! ଭଉଣୀମାନଙ୍କ ଭିତରେ ସେ ହିଁ ପ୍ରଥମେ

ମତେ ଦାଦା ବୋଲି ଡାକିଅଛି । ହାୟ ! ସେହି ଡୁବି ଆଜି ସମସ୍ତଙ୍କର ସ୍ନେହ-ଆଦରରୁ ବଞ୍ଚିତା ! ମା ମଲେ ହିଁ ଆଉ କେହି ତାକୁ ଆଦର କରିବାକୁ ରହିବେ ନାହିଁ ; ତେଣୁ ଡୁବିର କଥା ଭୁଲି ପାରେନା । ତୁ ତାକୁ ମୋର ଆଶୀର୍ବାଦ ଜଣାଇବୁ । * * * ଅତ୍ର ଅନ୍ୟାନ୍ୟ କୁଶଳ । ତୁମ୍ଭମାନଙ୍କର ମଙ୍ଗଳ ଲେଖିବୁ । ତୁ ମୋର ଆଶୀର୍ବାଦ ଜାଣିବୁ ।

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୨୫)

ଓଁ ତତ୍‌ସତ୍

ଢାକା—ଶାନ୍ତି ଆଶ୍ରମ
ପୋଃ ଫରିଦାବାଦ
୭।୪।୧୮

ସ୍ନେହମୟୀ ମା ମୋର !

ଯଥା ସମୟରେ ତୁମର ପତ୍ରଖଣ୍ଡିକ ପାଇଅଛି । କେତେଦିନ ହେଲା ଶରୀରଟା ଟିକିଏ ଅସୁସ୍ଥ ଥିବାରୁ ଉତ୍ତର ଦେଇ ପାରି ନାହିଁ । ତୁମେ ଏଠାକୁ ଆସିବାକୁ ଚାହିଁଅଛ—ମା ସନ୍ତାନ ପାଖକୁ ଆସିବ, ଏଥିରେ ମତାମତର କି ପ୍ରୟୋଜନ ? ତୁମର ପ୍ରାର୍ଥନା ମୋର ସ୍ମରଣ ଅଛି—କିନ୍ତୁ ମୁଁ ଯେ ଏ ପର୍ଯ୍ୟନ୍ତ କିଛି କରି ପାରିନାହିଁ । ତୁମର ଯିଏ ସନ୍ତାନ ହେବ, ତାର ଜନ୍ମାନ୍ତରର ସୁକୃତି ଥିବା ଆବଶ୍ୟକ । କେତେ ନିରନ୍ନ ପାଷାଣୀ-ମା'ମାନଙ୍କ ଘରେ ସନ୍ତାନର ଅଭାବ ନାହିଁ, ଆଉ ତୁମେ ଗୋଟିଏ ସନ୍ତାନ ପାଇଁ ଲାଳାୟିତା—ଅଥଚ ସେଥିରୁ ବଞ୍ଚିତା ! ମୁଁ କେତେ ଆତ୍ମିକଙ୍କୁ ତୁମର ଗର୍ଭକୁ ପ୍ରେରଣ କରିବା ପାଇଁ ଆକର୍ଷଣ କରି ଆଣିଥିଲି, କିନ୍ତୁ କାହାର ମଧ୍ୟ କର୍ମ

ସହିତ ତୁମ୍ଭମାନଙ୍କର ସାମଞ୍ଜସ୍ୟ କରି ପାରୁ ନାହିଁ । ଅତଏବ ବାଧ ହୋଇ ସେମାନଙ୍କୁ ପରିତ୍ୟାଗ କରିବାକୁ ପଡୁଛି । ଏହି କାରଣରୁ ଏ ପର୍ଯ୍ୟନ୍ତ କିଛି କରିପାରୁ ନାହିଁ । ଉଭୟ ଦିଗର ସାମଞ୍ଜସ୍ୟ ନ ରହିଲେ ଭଗବାନଙ୍କ ରାଜ୍ୟରେ ମୋଦ୍ୱାରା ବିଦ୍ରୋହ ଉପସ୍ଥିତ ହେବ । ଅତଏବ ସମୟର ପ୍ରତୀକ୍ଷାରେ ଅପେକ୍ଷା କରିବାକୁ ପଡୁଛି । ଏବେ ତୁମର ଅଦୃଷ୍ଟ !

ମୁଁ ବିବେକଚ୍ୟୁତ ହୋଇଥିଲେ, ନିଜ ଶକ୍ତି ପ୍ରୟୋଗ କରି ଏତେଦିନ ଭିତରେ ତୁମର ବାସନା ପୂରଣ କରି ଦେଇଥାନ୍ତି, କିନ୍ତୁ ତୁମ୍ଭେମାନେ ଯେ ଭବିଷ୍ୟତରେ ଅଶାନ୍ତି ଭୋଗ କରିବ—ସୁଖ ପରିବର୍ତ୍ତେ ନିୟତ ଦାବାଗ୍ନିରେ ଦଗ୍ଧ ହେବ ! ତେଣୁ କିଛି କରି ପାରୁ ନାହିଁ । ଯେଉଁମାନଙ୍କୁ ଭଲପାଏ, ସେମାନଙ୍କ ଉପରେ ସନ୍ତାନ ନାମରେ ଶୟତାନର ବୋଝ ଲଦି ଦେଇ ପାରେନା । ନତୁବା ମୋ ନିକଟରେ ବହୁଦିନ ଧରି ଯେଉଁ ବାସନା ନେଇ ତୁମେ ଘୁରୁଅଛ, ଏତେଦିନ ଭିତରେ କିଛି ଗୋଟିଏ କରି ପକାଇଥାନ୍ତି ; ଆପାତତଃ ତୁମ୍ଭେମାନେ ମଧ ମୋ ଉପରେ ସନ୍ତୁଷ୍ଟ ହୋଇଥାନ୍ତ । କିନ୍ତୁ ହାୟ ! ମୋର ବିବେକ ଏହି ମତର ସମ୍ପୂର୍ଣ୍ଣ ବିପରୀତ । ତେଣୁ ଆଜି ଶକ୍ତିହୀନ ଭଳି ଅବସ୍ଥିତି କରି ଆଦୃତମାନଙ୍କ ନିକଟରେ ମଧ ଲାଞ୍ଛିତ ହେଉଅଛି !

ଆହୁରି ମଧ ଗୋଟିଏ ବୈପରୀତ୍ୟ କାରଣରୁ ତୁମେ ଗର୍ଭବତୀ ହେଉ ନାହଁ । ସେହି କାରଣଟା ତୁମ୍ଭମାନଙ୍କୁ ଜଣାଇବା ଉଚିତ ନୁହେଁ । ଏହି କାରଣରୁ ନୀ— ବାବୁଙ୍କ ନିକଟରେ ତାହା କହିବାକୁ ଚାହିଁଥିଲି । ତାହା ଶୁଣିଲେ ମଧ ତୁମମାନଙ୍କର କୌଣସି ବିଶେଷ ଲାଭ ହେବ ନାହିଁ । ଯାହା ହେଉ, ମୁଁ ଆଉ କିଛିକାଳ ନିଜ ଶକ୍ତି ପ୍ରୟୋଗ କରି ଦେଖିବି, ସାମ୍ୟାକୃତି କୌଣସି ଜୀବ ପାଉଛି କି ନାହିଁ !

ତୁମେ ଯଦି ଏଠାକୁ ଆସିବାକୁ ଚାହୁଁଛ, ତେବେ ପୂଜାଛୁଟୀରେ ଆସ । ସେହି ସମୟରେ ରା— ବାବୁ ମଧ୍ୟ ଆସି ପାରିବେ । କାରଣ ତାଙ୍କୁ ମଧ୍ୟ ଦେଖିବାକୁ ଇଚ୍ଛା ହେଉଛି । ହାୟ ! ଯେଉଁମାନଙ୍କୁ ଏକ ସପ୍ତାହ ନ ଦେଖିଲେ ଆପଦ-ବିପଦ ଘଟିଛି ମନେ କରି ଚିନ୍ତା କରୁଥିଲି, ଆଜି ୭।୮ ମାସ ହେଲା ସେମାନଙ୍କୁ ଦେଖି ନାହିଁ । ମୋର ଶିଷ୍ୟ ଅପେକ୍ଷା ମଧ୍ୟ ସେହି ତିନି ଜଣଙ୍କୁ ମୁଁ ସ୍ନେହଚକ୍ଷୁରେ ଦେଖୁଥିଲି । ସେମାନଙ୍କ ଭକ୍ତି ମଧ୍ୟ କେତେ ନିଷ୍କାମ-କେତେ ହୃଦୟଗ୍ରାହୀ ଥିଲା ! ଇଚ୍ଛାମୟୀଙ୍କ ଇଚ୍ଛା ପୂର୍ଣ୍ଣ ହେଉ ।

ଅତ୍ର ଆଶ୍ରମରେ ମଙ୍ଗଳ । ଆଶାକରେ ତୁମ୍ଭେମାନେ କୁଶଳରେ ଅଛ । ମୁଁ ତମ୍ଭମାନଙ୍କୁ ଆଶୀର୍ବାଦ କରୁଛି, ତୁମ୍ଭେମାନେ ପରାଭକ୍ତିର ଅଧିକାରୀ ହୋଇ ଭଗବଚ୍ଚରଣରେ ଲୀଳା-ମାଧୁର୍ଯ୍ୟରେ ବୁଡି ଯାଅ । ଭଗବାନଙ୍କୁ ସନ୍ତାନରୂପେ ପାଇବାକୁ ଇଚ୍ଛାକର—ଏହି ମଳ-ମୂତ୍ରର ସନ୍ତାନଙ୍କ ପାଇଁ ପରମାର୍ଥଚିନ୍ତା ଭୁଲ ନାହିଁ । ସେ ବାଞ୍ଛାକଳ୍ପତରୁ, ଅବଶ୍ୟ ତୁମର ମନୋବାଞ୍ଛା ପୂର୍ଣ୍ଣ କରିବେ । ଆଉ ମା, ତୋର ଏହି କାଙ୍ଗାଳ ପୁଅଟିକୁ ଭୁଲି ଯାଆନା । ମୁଁ ଯେପରି ତୋର ମଧୁର ସନ୍ତାନ-ବାତ୍ସଲ୍ୟର ଅଂଶଭାଗୀ ହୋଇ ପାରେ । ମୁଁ ତୁମ ନିକଟରେ ସାଧୁ ହେବାକୁ ଚାହେଁନା, ତୁମେ ମତେ ଶିଶୁ ଭଳି ତୁମର ପବିତ୍ର ହୃଦୟରେ ଜଡ଼େଇ ରଖ । ମୁଁ ସାଂସାରର ଅପବିତ୍ର କୋଳାହଳରୁ ପଳାଇ ଯାଇ ମା'ର କୋଳରେ ବସି ଆତ୍ମହରା ହୋଇ ଯାଏ । ମା ! ତୁ କ'ଣ ମୋର ସେହି ମା ? ମା ! ମା !—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୨୬)

ଓଁ

ଶାନ୍ତି ଆଶ୍ରମ
କାର୍ତ୍ତିକ ୧୩ ଦିନ
* * *

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ବିସ୍ତାରିତ ଅବଗତ ହେଲି । * * * ମଙ୍ଗଳମୟ ଭଗବାନଙ୍କର ବିଧାନରେ ଜୀବ ସନ୍ତୁଷ୍ଟ ରହି ନ ପାରି ଗୁଣାନୁଯାୟୀ କାମନା କରେ । ତାର ପରିଣାମ କେବଳ ଉଦ୍‌ବେଗ ଓ ଅଶାନ୍ତି । ମୁଁ ମଧ୍ୟ ତୁମ୍ଭମାନଙ୍କ ସ୍ନେହରେ ଜ୍ଞାନ ଛାଡ଼ି ମାୟା ହାତରେ ଲାଞ୍ଛିତ ହେଉଅଛି, ତୁମ୍ଭମାନଙ୍କ ତ କଥା ହିଁ ନାହିଁ ।

ତୁମର ସ୍ତ୍ରୀ ଜନ୍ମାନ୍ତରର ସାଧିକା, ଭଗବାନଙ୍କ କୃପା ମଧ୍ୟ ଯଥେଷ୍ଟ ; କିନ୍ତୁ ସନ୍ତାନ-କାମନା ହେତୁ ଅନନ୍ତ ମଙ୍ଗଳ ଆବରିତ । ଭଗବତ୍‌ପ୍ରେମ ସନ୍ତାନସ୍ନେହରେ ନିଃଶେଷ ହୁଏ (ସନ୍ତାନ ସ୍ନେହ ଭଗବତ୍‌ପ୍ରେମରେ ପରିଣତ ହେବା ହିଁ ସାଧନା) ଏପରି କୃପା ଦାନବ ବ୍ୟତୀତ ଦେବତା କରନ୍ତି ନାହିଁ । ଏବେ ସର୍ବଜୟା ବ୍ରତ କରିବା ଏକାନ୍ତ କର୍ତ୍ତବ୍ୟ । ଦେବାଦେଶରେ ଅନେକେ ବିରୁଦ୍ଧ ଭାବରେ ସ୍ନାନାହାର କରି ଆରୋଗ୍ୟ ହୋଇଛନ୍ତି । ସାଧାରଣଙ୍କ ବିଶ୍ୱାସ, ସ୍ନାନାହାରରେ ବିକାର ହେବ ; କିନ୍ତୁ ଯେ ଯାହା ପାରିବ ନାହିଁ, ଦେବତା ତାହା ତାକୁ ଆଦେଶ କରନ୍ତି ନାହିଁ । ଅତଏବ ଅବିଶ୍ୱାସ ନ କରି ବ୍ରତାରମ୍ଭ କରିବା କର୍ତ୍ତବ୍ୟ । ତେବେ ବାର ମାସରେ ବାରଟି ଦ୍ରବ୍ୟ ତ୍ୟାଗ ନ କରି କେବଳ "ମାଘେ ତୈଳଂ

ପରିତ୍ୟଜ୍ୟ ପ୍ରିୟଂ ପ୍ରାପ୍ନୋତି ମାନବୀଃ''—ଅର୍ଥାତ୍ ମାଘ ମାସରେ ତୈଳ ପରିତ୍ୟାଗ କଲେ ହିଁ ହେବ। ଆଉ ଏକ ବର୍ଷ ସାଧାରଣ ସଂଯମରେ ରହିଲେ ହିଁ ହେବ। ମା'ଙ୍କର ଆଦେଶ ଲଙ୍ଘନ ନ କରିବା ହିଁ କର୍ତ୍ତବ୍ୟ। ଏହି ବ୍ରତରେ ଦେବୀଙ୍କର ଅଶେଷ କୃପା ଲାଭ ହୁଏ। ସୁତରାଂ ଦଶକର୍ମାନ୍ୱିତ ବ୍ରାହ୍ମଣ ପଣ୍ଡିତଙ୍କ ବ୍ୟବସ୍ଥାନୁସାରେ ଏଥିରେ ବ୍ରତୀ ହେବା ତୁମ ସ୍ତ୍ରୀ ପକ୍ଷରେ ନାନା କାରଣରୁ ଅତୀବ ପ୍ରୟୋଜନ ବୋଲି ଜାଣିବ। ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ ଓ ଭକ୍ତବୃନ୍ଦଙ୍କୁ ଜଣାଇବ। ଇତି—

ଆଃ—

ଶ୍ରୀନିଗମାନନ୍ଦ

(୨୭)

ଓଁ ଶ୍ରୀଗୁରୁ

ଶାନ୍ତି ଆଶ୍ରମ
ପୋ : କୋକିଳାମୁଖ
ବୈଶାଖ ୧୧ ଦିନ, ୧୩୧୯

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ବିସ୍ତାରିତ ସମାଚାର ଅବଗତ ହେଲି। ତୁମର ଲିଖିତ ବିଷୟରେ କୌଣସି ବିପଦ ବା ଅମଙ୍ଗଳର ଆଭାସ ମୋର ମନକୁ ବିଚଳିତ କଲା ନାହିଁ। ମୁଁ ଜାଣେ ତୁମର ସ୍ତ୍ରୀର ଗର୍ଭ ଆଶ୍ରୟ କରି କୌଣସି ମହାପୁରୁଷ ଆବିର୍ଭୂତ ହେବେ। ମୁଁ ତିନିବର୍ଷ କାଳ ଚେଷ୍ଟା କରି

ଏହାଙ୍କୁ ତୁମର ସ୍ତ୍ରୀର ଗର୍ଭ ନିର୍ଦ୍ଦିଷ୍ଟ କରି ଦେଇଛି । ତୁମର ସ୍ତ୍ରୀ ସେ ସବୁ ଜାଣେ, ଆଶାଥିଲା ପୁତ୍ର ଜନ୍ମାନ୍ତେ ମୁଁ ନିଜେ ତାର ସଂସ୍କାର କରିବି ଓ ସେହି ସମୟରେ ତୁମକୁ ସବୁ ଜଣାଇବି । ଯାହାହେଉ ତୁମେ ଭୀତ ହୁଅ ନାହିଁ । ମଝିରେ ମଝିରେ ଯେଉଁ ସାମାନ୍ୟ ରକ୍ତସ୍ରାବ ହୁଏ, ସେଥିରେ କୌଣସି ଭୟର କାରଣ ନାହିଁ । ଏହା ସୁଲକ୍ଷଣ, ମହାପୁରୁଷଙ୍କର ଆଗମନଚିହ୍ନ, ଏପରି କି ୮।୯ ମାସରେ ମଧ୍ୟ ଏପରି ରକ୍ତସ୍ରାବ ହୋଇପାରେ ।

ବତ୍ସ ! ତୁମ୍ଭେମାନେ ମହା ଭାଗ୍ୟବାନ୍, ପୁତ୍ର ଦ୍ୱାରା ତୁମ୍ଭେମାନେ ଧନ୍ୟ ହେବ—କୁଳ ପବିତ୍ର ହେବ । କିନ୍ତୁ ଏହା ମଧ୍ୟ ସ୍ମରଣ ରଖ, ଏହି ଜଗତରେ ନିରବଚ୍ଛିନ୍ନ ସୁଖ ସମ୍ଭବ ହୁଏ ନାହିଁ । ସୁଖ ପାର୍ଶ୍ୱରେ ଦୁଃଖ, ସମ୍ପଦ ପାର୍ଶ୍ୱରେ ବିପଦ ସ୍ୱାଭବିକ ନିୟମ । ଏହି ଜଗତରେ କେଉଁ ମହାପୁରୁଷଙ୍କ ପିତା-ମାତା ଦିବାରାତ୍ର ଚକ୍ଷୁଜଳରେ ବକ୍ଷ ନ ଭସେଇଛନ୍ତି ? ଅତଏବ କୌଣସି ପ୍ରକାରେ ଅଧୈର୍ଯ୍ୟ ନ ହୋଇ ଭଗବାନଙ୍କଠାରେ ଆତ୍ମନିର୍ଭର କରି ସ୍ୱାମୀ-ସ୍ତ୍ରୀ ମିଶି ତାଙ୍କର ଗୁଣଗାନ କର । ସାତ୍ତ୍ୱିକ ଭାବରେ ହୃଦୟ ପୂର୍ଣ୍ଣ କର । ଏହି ସମୟରେ ଦୁଶ୍ଚିନ୍ତା ଓ ବ୍ୟାକୁଳତା ଗର୍ଭସ୍ଥ ସନ୍ତାନ ପକ୍ଷରେ ବିପଜ୍ଜନକ । ସୁତରାଂ ତୁମ ସ୍ତ୍ରୀକୁ ମୋର ଆଶୀର୍ବାଦ ଜଣାଇ ନିଶ୍ଚିନ୍ତରେ ଆନନ୍ଦରେ ଧର୍ମଭାବରେ ରହିବାକୁ କହିବ । ଆଉ ଏହି ଦୈବଲୀଳା କୌଣସି ମନୁଷ୍ୟ ଯେପରି ଜାଣି ନ ପାରେ । ସେଥିରେ ଭୟର କାରଣ ଅଛି, ଏପରି କି ତୁମର ପିତା-ମାତା ମଧ୍ୟ ଯେପରି ନ ଜାଣନ୍ତି । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୨୮)

ଓଁ ଜୟଗୁରୁ

ମଠ

୯।୧୧।୩୦

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ଯଥା ସମୟରେ ପାଇଛି । ତୁମର ନିଜ ସମ୍ବାଦରେ ଦୁଃଖିତ ହେଲି । କିନ୍ତୁ ତୁମେ ତ ନିଜର ଅବସ୍ଥା ବୁଝୁଅଛ, ପତ୍ରରେ ତୁମକୁ ଆଉ କ'ଣ ବୁଝାଇବି ? ତୁମର ଭକ୍ତି-ବିଶ୍ୱାସର ଅଭାବ ନ ଥିଲା, କିନ୍ତୁ ତାହା କାମନାର ପଙ୍କିଳ ପଥରେ ଚାଲିବାରୁ କୌଣସି ଦିନ ସୁଫଳ ଲାଭ କରି ପାରୁ ନାହଁ । ସଂସାର ବୋଝ ଏଡ଼ାଇବା ପାଇଁ ଲୋକେ କନ୍ଦାକଟା କରନ୍ତି, ଆଉ ସେହି ବୋଝ କାନ୍ଧରେ ଲଦିବା ପାଇଁ କ'ଣ କିଏ ଭଗବାନଙ୍କ ନିକଟରେ ପ୍ରାର୍ଥନା କରେ ? ତୁମେ ବୋଲି ନୁହଁ, ଭକ୍ତ ମାତ୍ରେ ହିଁ ଜ୍ଞାନର ଅଭାବରୁ ନିଜର ଦୁର୍ଦ୍ଦଶା ନିଜେ ଡାକି ଆଣେ । ତୁମର ସନ୍ତାନ-ସ୍ଥାନରେ ମଙ୍ଗଳର ଦୃଷ୍ଟି ; ସୁତରାଂ ତାହା ତାବିଜ-କବଚର କର୍ମ ନୁହେଁ । ମୁଁ ଯେତେବେଳେ କୁମିଲ୍ଲା ଯିବି, ପ୍ରତିକାରର ପନ୍ଥା ଥିଲେ ସେତେବେଳେ ଚେଷ୍ଟା କରାଯିବ । ବସ ! ସମୟ ନିକଟ ହୋଇ ଆସିଲା, ଏବେ ଟିକିଏ ବିବେକ-ବୈରାଗ୍ୟର ଅନୁଶୀଳନ କର । * * * ଅତ୍ର କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଆଃ—

ଶ୍ରୀନିଗମାନନ୍ଦ

(୨୯)

ଓଁ ତତ୍‌ସତ୍

ଶାନ୍ତି ଆଶ୍ରମ

୩।୫।୧୯

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ଅବଗତ ହେଲି । * * * ଆତ୍ମଜ୍ଞାନରେ କିମ୍ବା ନାରାୟଣଜ୍ଞାନରେ ଯଥାସାଧ୍ୟ ଜୀବର ସେବା କର, ପରର ଉପକାର କରିବାକୁ କୁଣ୍ଠିତ ହୁଅ ନାହିଁ । ଏହି ପ୍ରତ୍ୟକ୍ଷ ଧର୍ମ ତ୍ୟାଗ କଲେ ଆଧ୍ୟାତ୍ମିକ ଶକ୍ତି ଲାଭ ହୁଏନା । ନାମ-ଜପ ଓ ଜୀବ-ସେବା ହିଁ କଳିର ଏକମାତ୍ର ଯୁଗଧର୍ମ ! * * * ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୩୦)

ଓଁ ତତ୍‌ସତ୍

ଶାନ୍ତି ଆଶ୍ରମ

୨୪।୧୧।୧୯

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ତୁମର ପତ୍ର ଯଥାସମୟରେ ପାଇଅଛି । * * * ଏକମାତ୍ର ନିର୍ଭରତା ଓ ତାଙ୍କର ନାମ ହିଁ ଜୀବର ପ୍ରକୃଷ୍ଟ ସାଧନା । ସାଧନ-ଭଜନ ବା

ଆତ୍ମଶକ୍ତି ଅନୁପାନ ମାତ୍ର—କେବଳ ଅହଂକାରର ସୃଷ୍ଟି ! ଦୀନର ଦୀନ ହୋଇ ପ୍ରାଣ ଭରି ତାଙ୍କୁ ଡାକ, ଜୀବନ ମଧୁମୟ ହେବ । * * * ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୩୧)

ଓଁ ତତ୍‌ସତ୍

ଶାନ୍ତି ଆଶ୍ରମ

୨୪।୧୧।୧୯

କଲ୍ୟାଣବରେଷୁ—

* * * ଭଗବାନଙ୍କ ଦାନ (ଭଲ ବା ମନ୍ଦ ହେଉ) ଅବିଚଳିତ ଭାବରେ ଗ୍ରହଣ କରି ତାଙ୍କର ଜୟ ଉଚ୍ଚାରଣ କରି ପାରିବା ହିଁ ମାନବ-ଜୀବନର ସିଦ୍ଧାବସ୍ଥା । ନତୁବା ପଦେ ପଦେ ସଂସାରରେ ଅଶାନ୍ତି-ଉଦ୍‌ବେଗ ଭୋଗ କରିବାକୁ ପଡ଼ିବ । ତୁମର କ୍ଷୁଦ୍ର ଇଚ୍ଛା ତାଙ୍କର ମହତୀ ଇଚ୍ଛାରେ ବୁଡ଼ାଇ ଦେଇ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଯାଅ । * * * ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୩୨)

ଓଁ ତତ୍‌ସତ୍

ଶାନ୍ତି ଆଶ୍ରମ
୪।୧୨।୧୯

କଲ୍ୟାଣବରେଷୁ—

ତୁମର ପତ୍ର ପାଇଲି । * * * ଧର୍ମର ବାହ୍ୟ ଆଚରଣ ସବୁ ଲୋକଙ୍କ ଆଖିରେ ପଡ଼େ । ସୁତରାଂ ସାଧାରଣଲୋକେ ଯେପରି ଜାଣି ନ ପାରିବେ, ତାହା କରିବା କର୍ତ୍ତବ୍ୟ । ଗେରୁଆ ଧାରଣର ପ୍ରୟୋଜନ ନାହିଁ, ବରଂ ତାହାଦ୍ୱାରା ଲୋକେ ନାନା କଥା କହିବେ । ବିଶ୍ୱାସ ଥିଲେ ସର୍ବକାର୍ଯ୍ୟ ସିଦ୍ଧ ହେବ, ଭଗବାନଙ୍କଠାରେ ସବୁ ନିର୍ଭର କରିବ । ତାଙ୍କର ଦର୍ଶନ ପାଇଁ ବ୍ୟାକୁଳ ଭାବରେ ପ୍ରାର୍ଥନା କରିବ । ଇତି—

ଆଶୀର୍ବାଦକ—
ତୁମର ଠାକୁର

(୩୩)

ଜୟଗୁରୁ

ସାରସ୍ୱତ ମଠ, ଆସାମ
୧୯।୨।୨୩

କଲ୍ୟାଣୀୟାସୁ—

ପରମ ଶୁଭାଶୀରାସ୍ତାଦ୍ବିଶେଷଃ—

ତୁମର ପତ୍ର ପାଇ ପରମ ପ୍ରୀତିଲାଭ କଲି । ତୁମେ କ୍ରମଶଃ ଭକ୍ତିତତ୍ତ୍ୱରେ ଅଧିକାର ଲାଭ କରୁଅଛ ଜାଣି ମଧ୍ୟ ପ୍ରୀତ ହେଲି । ଯେଉଁ

ଭାବରେ ଡାକିଲେ—ଯେଉଁରୂପେ ଭଜିଲେ ତୁମର ପ୍ରାଣରେ ଆନନ୍ଦ ହୁଏ, ସେହି ରୂପେ ହିଁ ଉପାସନା କର । ମନରେ ଭୟ ବା ସଙ୍କୋଚ କର ନାହିଁ । ତୁମର ଅପୂର୍ଣ୍ଣ ଆସକ୍ତି ଓ ବାସନା ହିଁ ଶ୍ରୀଭଗବାନଙ୍କ ଆଡ଼କୁ ଆକର୍ଷଣ କରିବ । ଭୋଗ ମନୁଷ୍ୟର ଚିତ୍ତକୁ ଦୁର୍ବଳ କରି ପକାଏ, ତେଣୁ ସେ ଆଉ ଭଗବାନଙ୍କ ଆଡ଼କୁ ଅଗ୍ରସର ହୋଇ ପାରେ ନାହିଁ । ଯୌବନର ଉଦ୍ଦାମ ଲାଳସା ହିଁ ପ୍ରେମଭକ୍ତିର ସୋପାନ । ପ୍ରେମିକଗୁରୁରେ ବୋଧହୁଏ ରୂପାନୁଗା ଏବଂ କାମାନୁଗା ପ୍ରଭୃତି ଭକ୍ତିର ବିଷୟ ପାଠ କରିଅଛ । ସଂସାରରେ ଯେ କୌଣସି ବିଶେଷ ଆଶା ତୁମର ପୂର୍ଣ୍ଣ ହୋଇ ନାହିଁ, ତାହା ମଧ୍ୟ ଭଗବାନଙ୍କର କୃପା । ଏବେ ସେହି ସାଧନାର ଧନଙ୍କୁ ନେଇ ସମସ୍ତ ଆଶା ପୂର୍ଣ୍ଣ କରିବା ପାଇଁ ବ୍ୟାକୁଳ ହୁଅ । ତୁମର ସର୍ବସ୍ୱ ତାଙ୍କର ଚରଣରେ ନିବେଦନ କରି ତାଙ୍କ ପାଇଁ ଉଦ୍‌ଗ୍ରୀବ ହୋଇ ବସି ରୁହ । ଶ୍ରୀରାଧା ଯେପରି ବାସର-ସଜ୍ଜା କରି ଶ୍ରୀକୃଷ୍ଣଙ୍କ ପାଇଁ ସାରାରାତ୍ରି ଉତ୍କଣ୍ଠିତଭାବରେ ଅପେକ୍ଷା କରୁ ଥିଲେ, ତୁମେ ମଧ୍ୟ ସେହିପରି ଶ୍ରୀଭଗବାନଙ୍କ ପ୍ରତୀକ୍ଷାରେ ତୁମର ହୃଦୟ-ଦ୍ୱାର ଉଦ୍‌ଘାଟିତ କରି ବସି ରୁହ । ଏଇ ତ ସାଧନା ! ଯୋଗ, ଜପ, ତପ ଏହାର ଅନେକ ନିମ୍ନରେ । ଆଶୀର୍ବାଦ କରୁଛି, ତୁମେ ତୁମର ପ୍ରାଣର ଦେବତାଙ୍କର ନାମରୂପରେ ଦିନକୁଦିନ ଆତ୍ମହରା ହୋଇ ପଡ଼ । * * * ମୁଁ ଶାରୀରିକ ଭଲ ଅଛି । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୩୪)

ଜୟଗୁରୁ

ନୀଳାଚଳ କୁଟୀର
ପୁରୀ (ଓଡ଼ିଶା)
ତା° ୪।୧।୩୫

କଲ୍ୟାଣୀୟାସୁ—

ସ୍ନେହର ହ—, ତୁମର ପତ୍ରଖଣ୍ଡିକ ପାଇ ପରମ ପ୍ରୀତିଲାଭ କଲି। ତୁମେ କ୍ରମଶଃ 'ସହଜ' ଅବସ୍ଥା ଲାଭ କରୁଅଛ ଜାଣି ସୁଖୀ ହେଲି। ତୁମର ଭାବ-ଦେହ ଗଠିତ ହୋଇ ପ୍ରେମସେବୋତ୍ତରା ଗତିର ଉପଯୁକ୍ତତା ଲାଭ କରିଅଛ—ସେବାର ଯୋଗ୍ୟତା ପାଇଅଛ—ଏହା ଅପେକ୍ଷା ଆଉ ଆନନ୍ଦର କଥା କ'ଣ ଅଛି ? ପ୍ରାର୍ଥନା କରୁଛି, କ୍ରମଶଃ ଭାବର ଦୃଢ଼ତା ଲାଭ କରି ଅସମୋର୍ଦ୍ଧ ପ୍ରେମ-ମାଧୁର୍ଯ୍ୟ ଭୋଗ କର ଏବଂ ସାକ୍ଷାତ୍ ସେବାର ଅଧିକାରିଣୀ ହୁଅ। ପ୍ରାକୃତ ଦେହ-ସଂସ୍କାର ଭୁଲି ଅପ୍ରାକୃତ ଭାବ-ଦେହ ପ୍ରାପ୍ତ ହୁଅ।

ତୁମକୁ ଦୀକ୍ଷା ପରେ ଯେଉଁ ଉପଦେଶ ଦେଇଥିଲି, ଜପାଦିର କ୍ରିୟା ଯାହା ଦେଖାଇଥିଲି, ତାହା କେତେମାତ୍ରାରେ ବୈଧୀ-ମାର୍ଗର ଅନୁଗତ ; ତେଣୁ ସମୟାଦି ନିର୍ଦ୍ଦେଶ କରି ଦେଇଥିଲି। କିନ୍ତୁ ଏଥର ସଂପୂର୍ଣ୍ଣ ରାଗମାର୍ଗର ଉପଦେଶ ଦେଇଛି, ସୁତରାଂ ଏଥିରେ କାଳାକାଳର କୌଣସି ଧରାବନ୍ଧା ନିୟମ ନାହିଁ। ଯେତେବେଳେ ତୁମର ସୁଯୋଗ ବା ସୁବିଧା ହେବ, ସେତେବେଳେ ଏହା କରି ପାରିବ। କୌଣସି ବିଧି-ନିଷେଧର ଅନୁବର୍ତ୍ତୀ ହୋଇ ଚଳିବାର ପ୍ରୟୋଜନ

ନାହିଁ, ସୁତରାଂ ତୁମର ଇଚ୍ଛାନୁସାରେ କ୍ରିୟାଦି କର । * * * ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୩୫)

ଜୟଗୁରୁ

ପୁରୀ
ନୀଳାଚଳ କୁଟୀର
୧୧।୪।୩୫

କଲ୍ୟାଣୀୟାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ମାସାଧିକ କାଳ ଯାବତ୍ ରାଜା, ଜମିଦାର ପ୍ରଭୃତି କେତେଜଣ ଶିଷ୍ୟ ଆସି ବ୍ୟସ୍ତ କରି ତୋଳିଛନ୍ତି । ମୋତେ ଅବକାଶ ପାଇ ନାହିଁ । ବିଶେଷତଃ ଶାରୀରିକ ଅବସାଦ ହେତୁ ପତ୍ରାଦି ଲେଖିବାକୁ ପ୍ରବୃତି ମଧ୍ୟ ହେଉ ନାହିଁ । ଅନ୍ତରରେ ବୁଡ଼ି ରହିବାକୁ ଇଚ୍ଛା କରେ । ତେଣୁ ଅନେକ ଦିନ ପତ୍ରାଦି ଲେଖି ନାହିଁ । ଉତ୍ତର ମଧ୍ୟ ଯଥାସମୟରେ ଦେଇ ପାରି ନାହିଁ । ବିଳମ୍ବ ହୋଇ ଗଲା ।

* * * ତୁମର ଯେତେବେଳେ ଯେଉଁ ରୂପ ଭଲ ଲାଗେ, ତଦନୁରୂପ ଧ୍ୟାନକର । ସ୍ଥୂଳ, ସୂକ୍ଷ୍ମ ଦୁଇ ଭାବର ଧ୍ୟାନ କରି ପାର । ସେଥିରେ କୌଣସି ପ୍ରତ୍ୟବାୟ ହେବ ନାହିଁ । ମୁଁ ଆଉ ଥରେ ମଧ୍ୟ ଲେଖିଥିଲି, ତୁମେ ରାଗମାର୍ଗର ସାଧିକା । ସାଧନ-ଭଜନରେ ତୁମର କୌଣସି ବିଧି-

ନିଷେଧ ନାହିଁ । ନିଜ ଅନୁରାଗ ଅନୁଯାୟୀ ମନୋମତଭାବରେ ସେବାପୂଜା କର । ଆଉ ସ୍ୱପ୍ନରେ ଯେଉଁ କୁ-ଦୃଶ୍ୟାଦି ଦେଖୁ ଅଛ, ତାହାର ମଧ୍ୟ ବିଶେଷ କାରଣ ଅଛି । କୌଣସି କୌଣସି ଔଷଧ ସେବନ ଦ୍ୱାରା ଯେଉଁ ରୋଗର ବୃଦ୍ଧି ହୁଏ, ତାହାର କାରଣ ଔଷଧ ଶରୀରସ୍ଥ ରୋଗର ବୀଜ ବାହାର କରିଦେଇ ତାର ମୂଳ ମାରିଦିଏ । ତଦ୍ରୂପ ଭଗବଭକ୍ତର ମଧ୍ୟ ଭଗବାନଙ୍କ କୃପାରୁ ମନରେ ଯେଉଁ ଜନ୍ମଜନ୍ମାନ୍ତରର ଭୋଗସଂସ୍କାର ଥାଏ ଓ ଯେଉଁ କର୍ମଫଳ ସଞ୍ଚିତ ଥାଏ, ସ୍ୱପ୍ନରେ ତାହାର କ୍ରିୟା ହୋଇଯାଏ । କର୍ମାନୁଯାୟୀ ସ୍ଥୂଳରେ ଯାହା ଭୋଗ କରିବାକୁ ପଡ଼ିଥାନ୍ତା, ସ୍ୱପ୍ନରେ ତାହା ହିଁ ଭୋଗ ହୋଇ କର୍ମକ୍ଷୟ ହୋଇ ଯାଉଅଛି । ଏଥିରେ ଦୁଃଖିତ ନ ହୋଇ ଭଗବାନଙ୍କର କୃପା ମନେ କରି ନିର୍ବିକାରଭାବରେ ଅବସ୍ଥାନ କରିବା ହିଁ କର୍ତ୍ତବ୍ୟ । ଭଲ-ମନ୍ଦ, ବିପଦ-ଆପଦ ତାଙ୍କର ହିଁ ଦାନ ଭାବି ମଥାପାତି ନେବାକୁ ଶିଖ । ସବୁ ନିଜ ମନ ମୁତାବକ ପାଇବାକୁ ହେଲେ ଆଉ କାମନା ଛାଡ଼ିଲ କେଉଁଠି ? ପ୍ରେମିକା ଭଳି ପ୍ରେମମୟଙ୍କର ସମସ୍ତ ପ୍ରକାର ଦାନ ସମଭାବରେ ଗ୍ରହଣ କରିବାକୁ ପଡ଼ିବ । ଅନିତ୍ୟ ସୁଖ-ଦୁଃଖ ତୁଚ୍ଛ ଭାବି ସର୍ବଦା ଆନନ୍ଦରେ ରହିବାକୁ ଅଭ୍ୟାସ କର । ହ୍ଲାଦିନୀରୂପେ ଆନନ୍ଦମୟଙ୍କର ପ୍ରେମରସରେ ବୁଡ଼ି ଯାଅ । * * * ଅତ୍ର ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ମୋର ସ୍ନେହାଶୀର୍ବାଦ ଜାଣିବ । ଆଜି ଏଇ ପର୍ଯ୍ୟନ୍ତ । ଇତି—

ଶୁଭାନୁଧ୍ୟାୟୀ—

ତୁମର ଠାକୁର

(୩୬)

ଜୟଗୁରୁ

ପୁରୀ
୧୬।୧୨।୩୬

କଲ୍ୟାଣୀୟାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ମୁଁ ୪ ତାରିଖରେ ପୁରୀ ଆସିଛି । ମାଘ ମାସରେ ପ୍ରବଳ ଜ୍ୱର ଓ ବ୍ରଙ୍କୋନିମୋନିୟା ହୋଇ ଏକ ମାସ କାଳ ଶଯ୍ୟାଶାୟୀ ଥିଲି । ଏବେ ମଧ ଦୁର୍ବଳତା ଯାଇ ନାହିଁ । ମଝିରେ ମଝିରେ ଡ଼ାହାଣପଟର ଫୁସଫୁସରେ ବେଦନା ଅନୁଭବ କରେ । ନିହାତି କର୍ମଶେଷ ହୋଇ ନାହିଁ, ତେଣୁ ପୁଣି ବଞ୍ଚି ଉଠିଲି । ତୁମର ପ୍ରଶ୍ନ କେତୋଟିର ଉତ୍ତର ଦେବା ପାଇଁ ବାଧ ହୋଇ ପତ୍ର ଲେଖିବାକୁ ପଡ଼ିଲା । * * *

୧ମ ପ୍ରଶ୍ନର ଉତ୍ତର—ଏହା ଏକ ପ୍ରକାର ସୂକ୍ଷ୍ମ ଶକ୍ତି ବା ଭାବସଞ୍ଚାର ବୋଲି ଜାଣ ।

୨ୟ ପ୍ରଶ୍ନର ଉତ୍ତର—ଅନ୍ତରରେ ତାଙ୍କୁ ପାଇଲେ ଆଉ ବାହ୍ୟ-ସନ୍ଧ୍ୟାର ପ୍ରୟୋଜନ ନାହିଁ ।

୩ୟ ପ୍ରଶ୍ନର ଉତ୍ତର— ଗୌରାଙ୍ଗଙ୍କୁ ଡାକିବାରେ ଦୋଷ ନାହିଁ । କିନ୍ତୁ କେତେଗୁଡିଏ ଭିନ୍ନ ଭିନ୍ନ ମୂର୍ତ୍ତିର ଧାରଣାରେ ଏକାଗ୍ରତା ନଷ୍ଟ ହୁଏ । ଗୁରୁ ହିଁ ତ ଗୌରାଙ୍ଗ ସ୍ୱରୂପ !

୪ର୍ଥ ପ୍ରଶ୍ନର ଉତ୍ତର—ବିଧି ଓ ରାଗ ଉଭୟ ଭକ୍ତିର ସାଧନା ଏକସଙ୍ଗେ ଚାଲିପାରେ, କିନ୍ତୁ ରାଗ ପ୍ରବଳ ହେଲେ ବିଧି ରକ୍ଷା କରିବା କଠିନ ହୁଏ ।

୫ମ ପ୍ରଶ୍ନର ଉତ୍ତର—ଧ୍ୟାନ ବା ଭାବ ସମୟରେ ଜପ ନ କଲେ ମଧ୍ୟ କ୍ଷତି ନାହିଁ ।

୬ଷ୍ଠ ପ୍ରଶ୍ନର ଉତ୍ତର—ଶ୍ୱାସ-ଶ୍ୱାସରେ ଜପ ସମୟରେ ଶ୍ୱାସରୋଧ ହୋଇଗଲେ ଜପ ମଧ୍ୟ ସ୍ୱତଃ ବନ୍ଦ ହେବ । ସେତେବେଳେ ଧ୍ୟାନ ପ୍ରଗାଢ଼ ବା ଭାବରେ ତନ୍ମୟ ହୋଇ ରହିବ । ଜୋର କରି ଜପ କରିବାର ପ୍ରୟୋଜନ ନାହିଁ ।

ତୁମର ପ୍ରଶ୍ନର ଉତ୍ତର ଲିଖିତ ହେଲା । ଆଉ ମହିଁଷି ଘିଅ ଖାଇଲେ ଭାବ ନଷ୍ଟ ହେବ କାହିଁକି ? ଅନ୍ୟ କୌଣସି କାରଣ ଥିବା ସମ୍ଭବ । ତେବେ ମହିଁଷି ଘିଅରେ ତୁମର ଅମ୍ଳ ହୋଇ ଯଦି ଶାରୀରିକ କୌଣସି ବୈଲକ୍ଷଣ୍ୟ ହୋଇ ଭାବରେ ବ୍ୟାଘାତ ହୁଏ, ତାହା ସ୍ୱତନ୍ତ୍ର କଥା । ଆଶାକରେ, ତୁମର ପ୍ରାଣବଲ୍ଲଭଙ୍କୁ ନେଇ ଆନନ୍ଦରେ ହିଁ ଅଛ । ଆଶୀର୍ବାଦ କରୁଛି, ବୃନ୍ଦାବନ ଦର୍ଶନ ନିର୍ବିଘ୍ନରେ ସମ୍ପନ୍ନ ହେଉ । ଅନ୍ୟାନ୍ୟ କୁଶଳ । ଇତି—

ଶୁଭାନୁଧ୍ୟାୟୀ—

ତୁମର ଠାକୁର

(୩୭)

ଜୟଗୁରୁ

ପୁରୀ

୨୧।୪।୪୧ ବାং

କଲ୍ୟାଣୀୟାସୁ—

ପରମ ଶୁଭାଶିଷାং ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପ୍ରେମ-ଭକ୍ତିପୂର୍ଣ୍ଣ ପତ୍ରଖଣ୍ଡିକ ପାଇ ପରମ ପ୍ରୀତିଲାଭ କଲି । ତୁମକୁ କେତେଥର ଲେଖିବି, ତୁମେ ଯେ ରାଗମାର୍ଗର ସାଧିକା ! ତୁମର କୌଣସି ବିଧି-ନିଷେଧ ନାହିଁ । ପାର୍ଥିବ ବାସନା-କାମନା ଛାଡ଼ି ହୃଦୟ ରିକ୍ତ କରି ପାରିଲେ ପ୍ରେମର ଠାକୁର ପ୍ରେମରେ ହୃଦୟ ସିକ୍ତ କରିଦେବେ । ଶୂନ୍ୟ ହୃଦୟ ପୂର୍ଣ୍ଣ ହୋଇଯିବ । ଏକାନ୍ତ ଭଗବାନ୍-କାମନା ବିଫଳ ହେବନାହିଁ ।

ଅନ୍ତରରେ ଚିନ୍ତିତାଭୀଷ୍ଟ ଦେହରେ ସୂକ୍ଷ୍ମ ଭଗବାନଙ୍କର ସେବା ଏବଂ ବାହାରେ ସ୍ଥୂଳଦେହରେ ଗୁରୁସେବା ହିଁ ରାଗମାର୍ଗର ଏକମାତ୍ର ସାଧନାର ସୋପାନ । ସୁତରାং ତୁମର କୌଣସି ଦୋଷ ହେଉ ନାହିଁ । ପରିଣାମରେ ଦୁଇ ଦେହ ଏକ ହୋଇଯିବ । ତୁମେ ମଧ୍ୟ ରାଧାରାଣୀଙ୍କ ଦେହରେ ଲୟ ହୋଇଯିବ । ଏହା ହିଁ ଭାବ-ସମାଧି । ଅନ୍ୟ କୌଣସି ସମାଧି ପ୍ରେମ-ସାଧକଙ୍କର ଲକ୍ଷ୍ୟ ନୁହେଁ ।

ନିତ୍ୟ ଭାବଲୋକରେ (ଗୋଲୋକରେ) ଶ୍ରୀଭଗବାନଙ୍କର ସେବାଧିକାର ଲାଭ କରିବା ହିଁ ପ୍ରେମସେବୋତ୍ତରା ଗତି । ଗୋପୀଭାବର ଏହା ହିଁ ଏକମାତ୍ର ଲକ୍ଷ୍ୟ । ରାଧାଭାବ ଏହାର ଚରମୋତ୍କର୍ଷ । ଆଶୀର୍ବାଦ କରୁଛି, ତୁମର ଲକ୍ଷ୍ୟ ଆମରଣ ସ୍ଥିର ରହୁ । * * * ଇତି—

ଶୁଭାନୁଧ୍ୟାୟୀ—

ଠାକୁର

(୩୮)

ଜୟଗୁରୁ

ନୀଳାଚଳ କୁଟୀର
ପୁରୀ (ଓଡ଼ିଶା)
ତା° ୧୦।୯।୩୮

କଲ୍ୟାଣୀୟାସୁ—

ପରମ ଶୁଭାଶିରାସ୍ତାନ୍ବିଶେଷଃ—

ତୁମର ପତ୍ର ଯଥା ସମୟରେ ପାଇଛି । ଗତକାଲି କାର୍ଡ଼ଖଣ୍ଡିକ ମଧ୍ୟ ପାଇଲି । ବନ୍ୟାରେ ଆର୍ତ୍ତ ଓ ବିପନ୍ନ ଜନଗଣଙ୍କର ସେବାର ଭାର ମଠ ଓ ଆଶ୍ରମର ସେବକଗଣ କିଛି କିଛି ଗ୍ରହଣ କରିଛନ୍ତି । ସେହି ସବୁ ବ୍ୟବସ୍ଥା ଓ ବନ୍ଦୋବସ୍ତ ପାଇଁ ସର୍ବଦା ନାନାସ୍ଥାନକୁ ଚିଠିପତ୍ର ଲେଖିବା, ରିପୋର୍ଟାଦି ଦେଖି ମନ୍ତବ୍ୟ ପ୍ରକାଶ କରିବା ପ୍ରଭୃତି କାର୍ଯ୍ୟରେ ସର୍ବଦା ବ୍ୟସ୍ତ ଥିବାରୁ ତୁମର ପତ୍ରର ଉତ୍ତର ଦେଇ ପାରି ନାହିଁ । ସେଥିପାଇଁ କ୍ଷୁର୍ଣ୍ଣ ହୁଅନା । ବୋଧହୁଏ ଅତିଶୀଘ୍ର ଥରେ ଉତ୍ତରବଙ୍ଗର ଏହି ସବୁ ସ୍ଥାନ ପରିଦର୍ଶନ କରିବା ପାଇଁ ମତେ ଯିବାକୁ ପଡ଼ିବ । * * *

ତୁମର ଶରୀର ଅସୁସ୍ଥ ହୋଇଛି ଶୁଣି ଦୁଃଖିତ ହେଲି । କିନ୍ତୁ କ'ଣ କରିବ, ପ୍ରାରବ୍ଧ ଭୋଗ କରିବାକୁ ପଡ଼ିବ । ପ୍ରେମ-ଭକ୍ତି ଲାଭ ପାଇଁ କୃଚ୍ଛ୍ର ସାଧନାଦି କରିବାକୁ ପଡ଼େ ନାହିଁ । ଚିତ୍ତଶୁଦ୍ଧି ଓ ମନଃସ୍ଥିର ପାଇଁ ସାଧନା । ସୁତରାଂ ଦେହ ରୁଗ୍ଣ ହେଲେ ମଧ୍ୟ ପ୍ରେମ-ଭକ୍ତି ଲାଭରେ ବାଧା ହୁଏନା । ହଁ—ତେବେ ରୋଗ-ଯନ୍ତ୍ରଣାରେ ମନ ଅବସନ୍ନ ହୋଇ ପଡ଼େ । ତୁମ ଭିତରେ ଆନନ୍ଦ ଅଛି ଜାଣି ପ୍ରୀତ ହେଲି । ଭାବର ସାଧନା ମନ ନେଇ, ମନ ଠିକ୍ ଥିଲେ ହିଁ ସବୁ ହେବ । ତୁମେ

ଦିନେ ନିଶ୍ଚୟ ପ୍ରେମ-ଭକ୍ତି ଲାଭ କରିବ । ଯେତେବେଳେ ଯେଉଁ ଅବସ୍ଥାରେ ରୁହ, ନିର୍ଭର ଠିକ୍ ରଖ । ବିଶ୍ୱାସ କର, ଯେଉଁ ବୀଜ ସଞ୍ଚାର କରିଅଛି, ବୃଥା ଯିବ ନାହିଁ । ଦିନେ ପ୍ରେମ-ଭକ୍ତିର ଅଧିକାରିଣୀ ହେବ ହିଁ ହେବ ।

ଇଚ୍ଛା କରି ମରିବାକୁ ଚାହିଁବ ନାହିଁ । ତାଙ୍କ ଉପରେ ସବୁ ନିର୍ଭର କରିବ । ରୋଗ-ଶୋକ, ଦୁଃଖ-କଷ୍ଟ ତାଙ୍କର ହିଁ ଦାନ ଭାବି ମୁଣ୍ଡପାତି ନେବ । ଏଠାକାର ବୋଝ ଏଠାରେ ହିଁ ପକାଇ ଦେଇ ଯିବାକୁ ପଡ଼ିବ । କର୍ମଭୂମିରେ କର୍ମ ଶେଷ କରିବାକୁ ପଡ଼ିବ । ଭୋଗ ଶେଷ ହେଲେ ହିଁ ଆତ୍ମା ନିର୍ମଳ ହେବ । ଦୁଃଖରେ ବିଚଳିତ ହୁଅ ନାହିଁ । ରୋଗ-ଶୋକରେ ଲକ୍ଷ୍ୟଚ୍ୟୁତ ହୁଅ ନାହିଁ । ଧୈର୍ଯ୍ୟ ସହକାରେ ସହ୍ୟ କରିବାକୁ ଅଭ୍ୟାସ କର । ତାଙ୍କର ନାମ-ରୂପରେ ମଜ୍ଜି ରୁହ ।

ମୁଁ ଭକ୍ତ-ସମ୍ମିଳନୀ ପୂର୍ବରୁ ହାଓଡ଼ା ଯିବି । ତୁମେ କଲିକତା ଆସିଲେ ହାଲିସହରରେ ଦେଖା କର । ମୁଁ ସମ୍ପ୍ରତି ଭଲ ଅଛି । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀଠାକୁର

(୩୯)

ଓଁ

ସାରସ୍ୱତ ମଠ
୪।୬।୨୪

ସ୍ନେହାସ୍ପଦେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ବହୁଦିନ ପରେ ତୁମର ପତ୍ର ପାଇ ଆନନ୍ଦିତ ହେଲି । ପ୍ରାରବ୍ଧ କର୍ମର ପରିଚ୍ଛେଦ ଏହି ଦେହ । ସୁତରାଂ ଦେହ ବର୍ତ୍ତମାନ ଥିବା ପର୍ଯ୍ୟନ୍ତ କର୍ମର, ଗୁଣର ବା ଅଜ୍ଞାନର ପ୍ରଭାବ ରହିବ ନିଶ୍ଚୟ—ତେବେ ବିଚାର ଦ୍ୱାରା ତାର ଫଳକୁ ଅତିକ୍ରମ କରିବାକୁ ପଡ଼ିବ । ଆଉ ଲକ୍ଷ୍ୟରେ ପ୍ରତିଷ୍ଠିତ ହୋଇପାରିଲେ ସେତେବେଳେ ପ୍ରାରବ୍ଧ ଭୋଗ କରି ମଧ୍ୟ ସାକ୍ଷୀଭଳି ସ୍ୱରୂପାନନ୍ଦରେ ଅବସ୍ଥିତି କରାଯାଇ ପାରେ । ଦେହର ଭୋଗ ସେତେବେଳେ ବିଚଳିତ କରି ପାରେ ନାହିଁ । ପ୍ରଜ୍ଞାଜ୍ୟୋତିଃ ପ୍ରକାଶ ହେବା ପର୍ଯ୍ୟନ୍ତ ବିଚାର, ପୁରୁଷାର୍ଥ ଓ ମାଙ୍କ କୃପା ଦ୍ୱାରା ପ୍ରାରବ୍ଧର ପ୍ରଭାବ ଅତିକ୍ରମ କରିବାକୁ ପଡ଼ିବ ।

* * * ତୁମର କୁଟୁମ୍ବଗଣ ମତେ ଅନୁଯୋଗ କରି ପତ୍ର ଦେଉଛନ୍ତି । ସେମାନଙ୍କର ପତ୍ରଗୁଡ଼ିକ ବାସ୍ତବିକ ପୀଡ଼ାଦାୟକ—ସେମାନେ ଅଦୃଷ୍ଟର ଫଳ ହିଁ ଭୋଗ କରୁଛନ୍ତି । ଅନ୍ୟାନ୍ୟ କୁଶଳ । ତୁମେ ମୋର ଆଶୀର୍ବାଦ ଜାଣିବ । * * * ଇତି—

ଶୁଭାନୁଧାୟୀ—
ଶ୍ରୀନିଗମାନନ୍ଦ

(୪୦)

ଓଁ

ମଠ

୨।୫।୨୯

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ଯଥା ସମୟରେ ପାଇ, ପତ୍ର ପାଠାନ୍ତେ ମର୍ମାହତ ହେଲି । ତୁମର କାତର ପ୍ରାର୍ଥନା ଶୁଣିଲେ ଅତି କଠିନ ହୃଦୟ ମଧ୍ୟ ଦ୍ରବୀଭୂତ ହୁଏ । ତୁମ୍ଭମାନଙ୍କର ସାଂସାରିକ ଅବସ୍ଥା ମୋର ଅବିଦିତ ନୁହେଁ । ଉପଯୁକ୍ତ ପୁରୁଷଙ୍କ ଶାସନାଧୀନରେ ନ ଥିବା ହେତୁ ତୁମ ଭାଇମାନେ ଯେ ସବୁ ଉଚ୍ଛୃଙ୍ଖଳ ହୋଇ ପଡ଼ିଛ, ତାହା ମୁଁ ବେଶ୍ ବୁଝି ପାରୁଅଛି । କିନ୍ତୁ ଉପାୟ ମଧ୍ୟ କିଛି ଦେଖୁନାହିଁ ।

ମାନବର କର୍ମଫଳ ଭଗବଦ୍ବିଧାନରେ ଲୋକଚକ୍ଷୁର ବହିର୍ଭୂତ । ଭଗବାନ୍ ଯାହା ଆବରିତ ରଖିଛନ୍ତି, ତାହା ଉଦ୍‌ଘାଟନ କରିଦେବା କାହାରି କର୍ତ୍ତବ୍ୟ ନହେଁ । ବିଶେଷତଃ ମୁଁ ଶକ୍ତିର ଉପାସକ ନୁହେଁ, ମୁକ୍ତିର ସାଧକ । ଶିଷ୍ୟଗଣଙ୍କୁ ମଧ୍ୟ ସେହି ମୁକ୍ତିପଥରେ ପରିଚାଳନା କରି ଥାଏ । ସୁତରାଂ ସେମାନଙ୍କର ସାଂସାରିକ ସୁଖ-ଦୁଃଖ ପାଇଁ କୌଣସି ଶକ୍ତି ବା ଗୁଣର କ୍ରିୟା କରିବା ମୋ ପକ୍ଷରେ ଅସମ୍ଭବ । ତାନ୍ତ୍ରିକମାନେ ହିଁ ଏହିପରି କରିଥାନ୍ତି । ତେବେ ତୁମ୍ଭମାନଙ୍କ ପାଇଁ, ତୁମର ମାଙ୍କ ବିଷୟରେ ଯାହା ଅବଗତ ହୋଇଛି, ତାହା ଲେଖୁଅଛି । ଅବଶ୍ୟ ତୁମର ମାଙ୍କୁ ଏହା ଜଣାଇବ ନାହିଁ । ତଦ୍ଦ୍ୱାରା ଆହୁରି ଖରାପ ହେବ ।

ପ୍ରାରବ୍ଧକର୍ମ ପାଇଁ ଏହି ଜୀବନ । ତୁମ ମାଙ୍କର ଶେଷ କର୍ମଫଳ ଆରମ୍ଭ ହୋଇଅଛି । ଏହି କର୍ମଭୋଗ ଶେଷ ହେଲେ ତାଙ୍କର ମୃତ୍ୟୁ ହେବ । ସୁତରାଂ ସାଧୁଙ୍କ ଶକ୍ତିଦ୍ୱାରା ବା ଯୋଗବଳରେ ତାଙ୍କର ଭୋଗ ଖଣ୍ଡନ କରିଦେଲେ ଏବେ ହିଁ ତାଙ୍କର ମୃତ୍ୟୁ ହେବ । ତାଙ୍କର ମୃତ୍ୟୁ କ'ଣ ତୁମ୍ଭେମାନେ ଏବେ ଚାହଁ ? ବିଶେଷତଃ ଏପରି ଅବସ୍ଥାରେ ତାଙ୍କର ମୃତ୍ୟୁ ହେଲେ ତାଙ୍କର ଅଧୋଗତି ହେବ । ସୁତରାଂ ଧୀର ସ୍ଥିରଭାବରେ ତାଙ୍କୁ କର୍ମଫଳ ଭୋଗ କରିବାକୁ ଦେବା ହିଁ କର୍ତ୍ତବ୍ୟ । ଭୋଗ ଦ୍ୱାରା ଦାରୁଣ ପାପ କ୍ଷୟ ହେବ, ସେତେବେଳେ ସଦ୍‌ଗତି କରି ଦିଆଯିବ । ସୁତରାଂ ହଇଚଇ ନ କରି ବା ଅନର୍ଥକ ଅର୍ଥବ୍ୟୟ ନ କରି ଯେତେଦୂର ସମ୍ଭବ ତାଙ୍କୁ ଶାନ୍ତିରେ ରଖ, ସେବା-ଶୁଶ୍ରୂଷାର ବ୍ୟବସ୍ଥା କର, ନତୁବା ଅନ୍ୟ ଉପାୟ ନାହିଁ । ସାଂସାରିକ ଶାନ୍ତି ପାଇଁ ମୁଁ ତାଙ୍କୁ ନରକପଥରେ ପଠାଇ ପାରିବି ନାହିଁ । ଏହି ଜଗତରେ ହିଁ ଭୋଗ ହୋଇ ଯାଉ । ତେବେ ଯେତେଦୂର ସମ୍ଭବ ମୁଁ ଦୃଷ୍ଟି ରଖିବି, ଭୋଗଟାକୁ ଲଘୁ କରିବାକୁ ଚେଷ୍ଟା କରିବି, ଏଇ ପର୍ଯ୍ୟନ୍ତ । ତୁମ୍ଭେମାନେ କନ୍ଦାକଟା କଲେ ମଧ୍ୟ ବେଶୀ କିଛି କରି ପାରିବି ନାହିଁ । ମୋର ଯାହା କର୍ତ୍ତବ୍ୟ, ତାହା ଅବଶ୍ୟ କରିବି । ଏକମାତ୍ର ତୁମର ପିତୃଦେବଙ୍କ ବ୍ୟତୀତ ତୁମ ପରିବାରରେ କାହାରି କର୍ମ ଦୋଷମୁକ୍ତ ନୁହେଁ । ନିଦାରୁଣ କର୍ମରେ ସମସ୍ତେ ଦୂଷିତ । କେବଳ ତୁମର ବାବାଙ୍କ ପାଇଁ ଅନେକଟା ଠିକ୍ ଅଛି । ଯାହଉ ହା-ହୁତାଶ ନ କରି ନିଜ ନିଜ କର୍ତ୍ତବ୍ୟ ପାଳନ କର । ଅଧିକ ଲେଖିବା ବାହୁଲ୍ୟ । ମୋର କଥାଗୁଡ଼ିକ କଠୋର ହେଲେ ମଧ୍ୟ ସତ୍ୟ ସନ୍ଦେହ ନାହିଁ । ସତ୍ୟ ଚିରକାଳ ହିଁ କଠୋର । ମୁଁ ଶୀଘ୍ର ପୁରୀ ଯିବି । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୪୧)

ଜୟଗୁରୁ

ପୁରୀ

୨୧।୩।୩୪

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ୱିଶେଷଃ—

ଏଇମାତ୍ର ତୁମର ପତ୍ରପାଇ ସମ୍ବାଦ ଅବଗତ ହେଲି । * * * ତୁମର ମାତୃଦେବୀ କାଶୀରେ ରୋଗ-ଶଯ୍ୟାରେ କଷ୍ଟ ପାଉଛନ୍ତି, ମୃତ୍ୟୁରେ ସବୁ ଶାନ୍ତି ହେବ ସତ୍ୟ, କିନ୍ତ ଏଠାକାର ପ୍ରାରବ୍ଧ ଏଠାରେ ଭୋଗି ଶେଷ କରି ଯିବା ହିଁ ଶ୍ରେୟଃ । ଭୋଗ ଥାଉ ଥାଉ ମୃତ୍ୟୁ ହେଲେ ପରଲୋକରେ ଅଶାନ୍ତି ହେବ । ମୁଁ ତାଙ୍କ ପ୍ରତି ଦୃଷ୍ଟି ରଖିବି । ଯଦ୍ୱାରା ସବୁଦିଗରୁ ମଙ୍ଗଳ ହେବ, ତାହାର ବ୍ୟବସ୍ଥା କରିବି । ତେବେ ତୁମେ ମଧ୍ୟ ସେଥିପାଇଁ ପ୍ରାର୍ଥନା କର । ତୁମର ମାଙ୍କର ଭାର ମୋ ଉପରେ ଦେଇ ନିଶ୍ଚିନ୍ତ ରୁହ । * * * ଅତ୍ର କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୪୨)

ଜୟଗୁରୁ

ପୁରୀ

୨୨।୫।୩୩

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ଯଥାସମୟରେ ପାଇ ତୁମର ଓ ମଠର ଅନ୍ୟାନ୍ୟ ସମ୍ବାଦ ଅବଗତ ହୋଇଅଛି । ମନେ କରିଥିଲି, ମଠର ପତ୍ର ପାଇଲେ ଏକା ସଙ୍ଗରେ ତୁମର ପତ୍ରର ଉତ୍ତର ଦେବି ; କିନ୍ତୁ ଏ ପର୍ଯ୍ୟନ୍ତ ମଠର କୌଣସି ପତ୍ର ନ ପାଇ ତୁମକୁ ହିଁ ଲେଖୁଅଛି ।

କିଛିଦିନ ଯାବତ୍ ପ୍ରାୟ ମଝିରେ ମଝିରେ ତୁମର ମନ ଖରାପ ହୁଏ । ଏବେ ତୁମର ଯୌବନ କାଳ, ରଜୋଗୁଣର ପ୍ରାଧାନ୍ୟ । ଏହି ସମୟରେ ଚିତ୍ତବିକ୍ଷେପ ହେବ ସ୍ୱାଭାବିକ । କାରଣ ବାସନା-କାମନାଗୁଡ଼ିକ ଜାଗି ନାନାପ୍ରକାର କଳ୍ପନା-ଜଳ୍ପନା ସୃଜନ କରେ, କିନ୍ତୁ ତାହା ପୂରଣର ବ୍ୟବସ୍ଥା ନ ହେବାରୁ ମନ ଖରାପ ହୋଇଯାଏ । ଏହି ସମୟରେ ଯେଉଁଠାରେ ଥିଲେ ମଧ, ସେଠାରେ ହିଁ ମନ ଖରାପ ହୁଅନ୍ତା । ତେବେ ଏବେ ଯେଉଁ ସବୁ କାରଣରୁ ମନ ଖରାପ ହୁଏ, ସେତେବେଳେ ହୁଏତ ଅନ୍ୟ କାରଣରୁ ତାହା ଘଟନ୍ତା । ନତୁବା ଭୋଗ-ବିଳାସରେ ଆସକ୍ତ ହୋଇ ପଡ଼ିଥାନ୍ତ । ମଠରେ ବିଧି-ନିଷେଧ ଭିତରେ ରହିବାକୁ ପଡ଼େ ବୋଲି ମନ ବେଶୀ ଖରାପ ହୁଏ—କର୍ତ୍ତୃପକ୍ଷମାନଙ୍କ ଉପରେ ବିରକ୍ତ ହୁଅ । ବୟସ ଆଉ ଟିକିଏ ବେଶୀ ହେଲେ, ଚିନ୍ତା ପରିପକ୍ୱତା ଲାଭ କଲେ, ସେତେବେଳେ ମଠରେ ରହିବାର ସୁଫଳ ବୁଝି ପାରିବ । ଏବେ

ମନ ଖରାପ ହେଲେ ଶ୍ରୀଗୁରୁଙ୍କର ନାମ ଜପ କର—ତାଙ୍କ ନିକଟରେ ପ୍ରାର୍ଥନା କର । ଯେଉଁମାନଙ୍କ ଉପରେ ଶ୍ରଦ୍ଧା ଅଛି, ସେହି ସବୁ ସେବକଙ୍କ ନିକଟରେ ମନର କଥା କହି ଉପଦେଶ ନିଅ । ଭଲ ପୁସ୍ତକାଦି ପଢ଼ । କାର୍ଯ୍ୟ-କର୍ମରେ ମନୋନିବେଶ କର । ତୁମେ ସରଳ, ସତ୍ୟନିଷ୍ଠ ଓ ସଚ୍ଚରିତ୍ର ବୋଲି ମୁଁ ତୁମକୁ ଭଲପାଏ । ମୋର ବିଶ୍ୱାସର ଅପଚୟ କରନା । ଆଶୀର୍ବାଦ କରୁଛି ତୁମର ଶୁଭବୁଦ୍ଧି ଉଦ୍‌ବୁଦ୍ଧ ହେଉ । ଅନ୍ୟାନ୍ୟ ସେବକମାନଙ୍କୁ ମୋର କୁଶଳସମ୍ବାଦ ଓ ଆଶୀର୍ବାଦ ଜଣାଇବ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୪୩)

ଓଁ ତତ୍‌ସତ୍

ସାରସ୍ୱତ ମଠ

୧୮।୫।୨୬

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ମୁଁ କଲିକତାରୁ ମଠକୁ ଆସି ତୁମର ପତ୍ର ପ୍ରାପ୍ତ ହୋଇ ଅବଗତ ହେଲି । ବାଲ୍ୟକାଳରେ ବ୍ରହ୍ମଚର୍ଯ୍ୟ-ପାଳନ ଯଥାଯଥ ନ କଲେ କର୍ମଜୀବନରେ (ବ୍ୟବହାରିକ ଓ ଆଧ୍ୟାତ୍ମିକ) କେବଳ ବିଡ଼ମ୍ବନା ଭୋଗ କରିବାକୁ ପଡ଼େ । ଆମ ସମାଜର ପ୍ରତ୍ୟେକ ବ୍ୟକ୍ତି ହିଁ ତାହାର ଉଦା-ହରଣସ୍ଥଳ । କେବଳ ତୁମର ନୁହେଁ—ଅନେକଙ୍କର ଦେହ-ମନ ଘୁଣ ଧରିଛି । ତେବେ ହତାଶ ହେବାର କାରଣ ନାହିଁ । ନିଜର ଦୁରବସ୍ଥା ବୁଝି ସର୍ବାନ୍ତକରଣରେ ମାଙ୍କର ଶରଣାପନ୍ନ ହୁଅ । ବିପଦ-ସମ୍ପଦରେ, ସୁଖ-ଦୁଃଖରେ, ରୋଗ-ଶୋକରେ

ସର୍ବାବସ୍ଥାରେ ତାଙ୍କର ମଙ୍ଗଳ ଇଚ୍ଛା ଉପରେ ନିର୍ଭର କର । ମା'ଙ୍କର ନାମ କର । ନିଜେ ଯେତେ ଦୁର୍ବଳ ହୁଅ ନା କାହିଁକି, ଭୁଲନା ମା'ଙ୍କର ଇଚ୍ଛାରେ ମୂକ ବାଚାଳ ହୁଏ—ପଙ୍ଗୁ ପର୍ବତ ଲଙ୍ଘନ କରି ପାରେ । ମୁଁ ଜାଣେ, ତୁମ ଉପରେ ମା'ଙ୍କର ଯଥେଷ୍ଟ କୃପା ଅଛି ।

ମୁଁ ଯେଉଁ ନିୟମରେ ଜପ କରିବାକୁ ଉପଦେଶ ଦେଇଥିଲି, ତଦନୁସାରେ ଜପ କରୁଛ ତ ? ଯଦି ଏହି ନିୟମରେ ପ୍ରତ୍ୟହ ଅନ୍ତତଃ ଏକଘଣ୍ଟା ଜପ କରି ପାର, ତେବେ ମନ୍ତ୍ରର ଶକ୍ତି ଅବଶ୍ୟ ବୁଝି ପାରିବ । ଚିତ୍ତର ଦୁରବସ୍ଥା ଦେଖି ଭୀତ ହୁଅନାହିଁ । ମା'ଙ୍କର ଚରଣରେ ଚିତ୍ତ ଅର୍ପଣ କର । ଅତ୍ର ଶୁଭ । ମୋର ଆଶୀର୍ବାଦ ଜାଣିବ ଓ ସମସ୍ତଙ୍କୁ ଜଣାଇବ । ଇତି—

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୪୪)

ଜୟଗୁରୁ

ନୀଳାଚଳ କୁଟୀର
ପୁରୀ (ଓଡ଼ିଶା)
ତା° ୮।୨।୩୫

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଗତକାଲି ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ମଠରୁ ବାହାର ହୋଇ ତୁମେ ଗୋଟିଏ ଗୋଟିଏ କରି ପ୍ରାୟ ସମସ୍ତ

ବିଭାଗୀୟ ଆଶ୍ରମଗୁଡ଼ିକରେ କିଛିଦିନ ଲେଖାଏଁ ଅବସ୍ଥିତି କଲ, କିନ୍ତୁ କେଉଁଠାରେ ତୁମେ ମନଃସ୍ଥିର କରି ରହି ପାରିଲ ନାହିଁ । ମୁଁ ମନେ କରୁଥିଲି, ଅଧ୍ୟକ୍ଷମାନଙ୍କ ସହିତ ମନାନ୍ତର ହିଁ ତାହାର ଏକମାତ୍ର କାରଣ, ତେଣୁ ଏଥର ତୁମକୁ ସ୍ୱାଧୀନତା ଦେଇ ବଗୁଡ଼ା ଆଶ୍ରମର ଅଧ୍ୟକ୍ଷତାର ଭାରାର୍ପଣ କରିଅଛି । ଆଶା ଥିଲା ସ୍ୱ—ର ଭଳି ତୁମେ ମଧ୍ୟ ନିଜର ଜ୍ଞାନ କରି ବଗୁଡ଼ା ଆଶ୍ରମର ଉନ୍ନତି କଳ୍ପେ ଆତ୍ମନିୟୋଗ କରିବ । କାରଣ ମୋର କାର୍ଯ୍ୟରେ ଆତ୍ମୋତ୍ସର୍ଗ ହିଁ ତୁମ୍ଭମାନଙ୍କର ଜୀବନର ଯେତେବେଳେ ଲକ୍ଷ୍ୟ । କିନ୍ତୁ ତୁମର ପତ୍ର ପାଇ ହତାଶ ହେଲି । ପ୍ରାୟ ୧୧ ବର୍ଷ ତୁମେ ଆଶ୍ରମ-ଜୀବନଯାପନ କରିଅଛ । ଏହି ଦୀର୍ଘ ସମୟ ଭିତରେ ମଧ୍ୟ ତୁମର ଚିତ୍ତ ସଂଯତ ବା ଲକ୍ଷ୍ୟ ସ୍ଥିର ହେଲା ନାହିଁ । ଆଉ କେବେ କ'ଣ ହେବ—ଆଉ କେବେ ତୁମେ ମୋର ନିଜ ଲୋକ ଭଳି ମୋର ସ୍ୱହସ୍ତରେ ପ୍ରତିଷ୍ଠିତ ମଠ ଓ ଆଶ୍ରମଗୁଡ଼ିକୁ ନିଜର ମନେ କରି ତାହାର କାର୍ଯ୍ୟରେ ଜୀବନ ଉତ୍ସର୍ଗ କିରବ ! ଅନ୍ତତଃ ଗୋଟିଏ ଆଶ୍ରମର ଭାରନେଇ ମତେ ନିଶ୍ଚିନ୍ତ ଓ ତୃପ୍ତ କରିବ ! ଚିରଦିନ କ'ଣ ମନଦ୍ୱାରା ଚାଳିତ ହେଉଥିବ ? ମନର ଦାସତ୍ୱ କରିବାକୁ କ'ଣ ସୁଖର ସଂସାର ଛାଡ଼ି ଦୁଃଖକୁ ବରଣ କରି ନେଇଅଛ ? ଗୁରୁଙ୍କ ମନ ମୁତାବକ ହେବା କ'ଣ ଏତେ ଦୁଃସାଧ୍ୟ ? ମୋର ମନେ ହୁଏ ଆଶ୍ରମର ଅର୍ଥ-ସଂଗ୍ରହ ଓ ମୋ ସାଙ୍ଗରେ ଗୃହସ୍ଥଙ୍କ ଘର ବୁଲି ବୁଲି ତୁମର ମନ ଇତସ୍ତତ ହୋଇ ଯାଇଛି । ଏକନିଷ୍ଠ ଭାବରେ କୌଣସି କାର୍ଯ୍ୟରେ ମନ ଲାଗୁ ନାହିଁ । କେବଳ ଚଞ୍ଚଳତା ଓ ବିଶୃଙ୍ଖଳା ହୋଇ ତୁମକୁ ଲକ୍ଷ୍ୟଚ୍ୟୁତ କରୁଅଛି । ମତେ—ବା ମୋର କାର୍ଯ୍ୟ ଛାଡ଼ି ଅନ୍ୟ କେଉଁଠିକି ଯାଇ କ'ଣ ଶାନ୍ତି ପାଇବ ? ମୋର ତ ବିଶ୍ୱାସ ହେଉ ନାହିଁ । ଘରର ଲୋକଙ୍କ ସହିତ

ବେଶୀ ମିଶାମିଶି ମଧ୍ୟ ତୁମର ଅମଙ୍ଗଳର କାରଣ ହୋଇଅଛି । ତୁମେ ତୁମର ମନକୁ ବୁଝି ପାରୁ ନାହିଁ, ତେଣୁ ବିକ୍ଷିପ୍ତ ଚିତ୍ତରେ ଅଶାନ୍ତି ପାଉଅଛ । ମୁଁ ଆଉ ତୁମକୁ ବିଶେଷ ଉପଦେଶ କ'ଣ ଲେଖିବି ? ଆଜିକୁ ୧୦ ବର୍ଷ ଧରି ମୋ ସଙ୍ଗରେ ରହି ମୋ କଥା ଶୁଣୁଅଛ । ବୟସ ମଧ୍ୟ ହୋଇଛି । ଆଉ ତ ଉଦ୍ଧତ ଯୁବକ ନୁହଁ ! ନିଜର ଭଲ-ମନ୍ଦ ବୁଝି ଚଳ । ମୁଁ ଆଉ କ'ଣ କହିବି ? ଯଦି ନିତାନ୍ତ ଆଶ୍ରମରେ ରହି ନ ପାର, ଲୋକ-ସଙ୍ଗ ତ୍ୟାଗ କରି କୌଣସି ନିଭୃତ ସ୍ଥାନରେ ସାଧନ-ଭଜନ ନେଇ ମନ ସହିତ ବୁଝାମଣା କରି ଦେଖ । ମୁଁ ଜୋର କରି ତୁମକୁ ଅଟକାଇ ରଖିବାକୁ ଚାହୁଁ ନାହିଁ । ତୁମେ ତୁମର ଭଲ-ମନ୍ଦ ନିର୍ଦ୍ଦେଶ କରି ନିଅ । ସଂସାରତ୍ୟାଗ ସାର୍ଥକ କର ।

ମୁଁ କାହାରିକୁ ବି ପତ୍ରାଦି ଲେଖୁନାହିଁ । ଅନେକେ ଅନୁମତି ଚାହିଁ ମଧ୍ୟ ପାଇ ନାହାନ୍ତି । ସୁତରାଂ ତୁମକୁ ଯେଉଁ ପତ୍ର ଲେଖିଲି, ସମ୍ଭବ ହେଲେ ଗୋପନ ରଖ । ଅତ୍ର ମଙ୍ଗଳ । ଆଶୀର୍ବାଦ କରୁଅଛି, ତୁମର ଶୁଭବୁଦ୍ଧି ଉଦ୍‌ବୁଦ୍ଧ ହେଉ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୪୫)

ଜୟଗୁରୁ

ପୁରୀ
୧୮।୨।୩୨

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ମୁଁ ତୁମକୁ ନିୟତ ଶାନ୍ତି ଓ ମଙ୍ଗଳ ପଥକୁ ନେଇ ଯିବାକୁ ଚେଷ୍ଟା କରୁଅଛି, କିନ୍ତୁ ତୁମେ ବି.ଏ. ପରୀକ୍ଷା ଓ ସଂସାରର ମୋହ ହେତୁ ସେହି ପଥକୁ ଆସି ପାରିଲ ନାହିଁ ; ଅଥଚ କୃପା ଉପରେ କଟାକ୍ଷ କରି ପତ୍ର ଲେଖିଅଛ ।

ତୁମେ ସଂସାରୀ ହୋଇଅଛ, ସେଥିରେ ମୁଁ କ୍ଷୁର୍ଣ୍ଣ ନୁହେଁ ; କାରଣ ଜନ୍ମଜନ୍ମାନ୍ତରର ଅର୍ଜିତ ଉଚ୍ଚ ଅନ୍ତଃକରଣ ଓ ବିବେକ-ବୁଦ୍ଧି ବ୍ୟତୀତ କେହି ଭୋଗର ମୋହ କଟେଇ ତ୍ୟାଗପଥକୁ ଆସି ପାରେ ନାହିଁ । ମଣିମୟ ମୟୂର-ସିଂହାସନରେ ବସି ମଧ ଦିଲ୍ଲୀର ବାଦଶାହଗଣ ସୁଖ-ଶାନ୍ତି ପାଇ ନାହାନ୍ତି । ଭୋଗପଥ ସତତ ବିପଦସଙ୍କୁଳ ଓ ଉଦ୍‌ବେଗପୂର୍ଣ୍ଣ । ''ବୈରାଗ୍ୟମେବାଭୟମ୍'' ଶ୍ରୁତିବାକ୍ୟ ମିଥ୍ୟା ନୁହେଁ । ଯାହଉ, ଏବେ ବିବାହ କରି ନୂତନ ଜୀବନ ଆରମ୍ଭ କରିଅଛ । ଏହି ସମୟରେ ମଠରେ କିମ୍ୱା କୌଣସି ଆଶ୍ରମରେ ଥରେ ମୋ ସହିତ ଦେଖା କରି କିପରି ଭାବରେ ଦାମ୍ପତ୍ୟଜୀବନ ଗଠନ କରିବାକୁ ହେବ, ତାହା ଆଲୋଚନା କର । ପତ୍ରରେ ସେ ସବୁ ଲେଖିବା ଅସମ୍ଭବ । ବିଶେଷତଃ ମୋର ଶରୀରଟା ମଧ ଭଲ ରହୁ ନାହିଁ । ପତ୍ରାଦି

ଲେଖିବାକୁ ମଧ୍ୟ ବିରକ୍ତି ବୋଧ କରେ । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୪୬)

ଓଁ ଜୟଗୁରୁ

ପୁରୀ

୧୯।୨।୩୧

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସମାଚାର ଜ୍ଞାତ ହେଲି । ତମୋଗୁଣାଭିଭୂତ ହିନ୍ଦୁମାନଙ୍କୁ ରଜୋଗୁଣରେ ଉଦ୍‌ବୁଦ୍ଧ କରିବା ପାଇଁ ବିବେକାନନ୍ଦ ପ୍ରଧାନତଃ ଚେଷ୍ଟା କରିଥିଲେ । ତେଣୁ ତାଙ୍କର ଅନେକ ଉପଦେଶ ରାମକୃଷ୍ଣଙ୍କ ମଧ୍ୟ ମତ ବିରୁଦ୍ଧ । ଜାତି ହିସାବରେ ଉପଦେଶ ଆଉ ଅଧିକାରଭେଦରେ ବ୍ୟକ୍ତିଗତ ଉପଦେଶ ଏକ ନୁହେଁ । ଶ୍ରୀରାଧାକୃଷ୍ଣ କର୍ମ, ଜ୍ଞାନ ଓ ଭକ୍ତିର ସମନ୍ୱୟରେ ଉପାସ୍ୟ । ପ୍ରେମରେ ସର୍ବସ୍ୱ ସମର୍ପଣ କରି ସେମାନଙ୍କ ପ୍ରୀତ୍ୟର୍ଥେ କର୍ମ କରିବା ହିଁ ପ୍ରକୃତ କର୍ମଯୋଗ । ବିବେକାନନ୍ଦ ବର୍ତ୍ତମାନର ବୈରାଗୀମାନଙ୍କର ଗୋଡ଼ାମି ଲକ୍ଷ୍ୟ କରି ସେହି କଥା ଲେଖିଛନ୍ତି । ତୁମ ପକ୍ଷରେ କୌଣସି ବାଧା ହେବ ନାହିଁ । ଆଉ ହ୍ଲାଦିନୀଶକ୍ତି ସମ୍ବନ୍ଧରେ ପ୍ରେମିକଗୁରୁ ଓ ତତ୍ତ୍ୱମାଳା ୨ୟ ଖଣ୍ଡରେ ଯାହା ଲିଖିତ ଅଛି, ପାଠ କର । ସାକ୍ଷାତରେ

ଏହି ସମସ୍ତ ବିଷୟର ମିମାଂସା କରି ନିଅ । ପତ୍ରରେ ସୁବିଧା ହେବ ନାହିଁ ।

ମିଳିମିଶି ଭଲପାଇ ପଶୁଭାବ ପରିବର୍ତ୍ତେ ପ୍ରେମଭାବ ବିକାଶ ହିଁ ଦାମ୍ପତ୍ୟ ଜୀବନର ସାର୍ଥକତା । ଭୟ ଥିଲେ ଜୟ ହେବ ନାହିଁ । ତେବେ ଯୌବନର ପ୍ରବଳ ଉତ୍ତେଜନା ସମୟରେ ଅବସ୍ଥା ବୁଝି ସମୟେ ସମୟେ ପୃଥକ୍ ରହିବା ମନ୍ଦ ନୁହେଁ । କିନ୍ତୁ ଲକ୍ଷ୍ୟ ରହିବ, ଏକତ୍ର ରହି ମଧ୍ୟ ଯେପରି ସଂଯମ ରକ୍ଷା କରାଯାଇ ପାରେ । ଆଉ ଦେଖିବାକୁ ହେବ, ବେଶୀ ଟଣାଟଣିରେ ଯେପରି ଛିଣ୍ଡି ନ ଯାଏ । ସବୁ ଦିଗକୁ ରକ୍ଷା କରି ବିବେଚନାନୁସାରେ ଚଳ । ମୁଁ ଶାରୀରିକ ଭଲ ଅଛି, ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୪୭)

ଓଁ ତତ୍‌ସତ୍

ମଠ

୨୧।୨।୨୬

କଲ୍ୟାଣବରେଷୁ—

ତୁମର ପତ୍ର ପାଇ ଅବଗତ ହେଲି—ତୁମେ ବିବାହ କରି ଗୃହସ୍ଥାଶ୍ରମରେ ପ୍ରବିଷ୍ଟ ହୋଇଅଛ । ଏବେ ନୂତନଭାବରେ ଜୀବନଯାପନ କରିବାକୁ ହେବ । ସୁତରାଂ ଏ ସମୟରେ ଥରେ ଦେଖା କରି ନୂତନ ଉପଦେଶ ନେବା କର୍ତ୍ତବ୍ୟ । ଯଦି ଏଠାକୁ ଆସିବାକୁ ଏବେ କୌଣସି

ସୁଯୋଗ-ସୁବିଧା ନ ହୁଏ, ତେବେ କେତେ ମାସ ଅପେକ୍ଷା କର । ମୁଁ ଆଗାମୀ ୶ମହାପୂଜା ପରେ ନିଶ୍ଚୟ କଲିକତା ଯିବି । ତୁମେ କଲିକତା ଆସି ମୋ ସହିତ ସାକ୍ଷାତ କରି ନୂତନ ଭାବରେ ଜୀବନ-ଗଠନର ଉପଦେଶ ଓ ପଦ୍ଧତି ଜାଣିନିଅ ।

ବିବାହିତ ଜୀବନ ବା ଗାର୍ହସ୍ଥ୍ୟ ଧର୍ମ ସ୍ୱେଚ୍ଛାଚାରୀଙ୍କ ପାଇଁ ନୁହେଁ । ଗୃହସ୍ଥ ହୋଇ ମଧ୍ୟ ପୂର୍ଣ୍ଣ ସଂଯମ ଶିକ୍ଷା କରିବାକୁ ହେବ । ଆଦର୍ଶ ଗୃହସ୍ଥ ହେବାକୁ ହେବ । କିଛିଦିନ ଦୃଢ଼ଭାବରେ ବ୍ରହ୍ମଚର୍ଯ୍ୟ ପାଳନ କର । ଉଭୟଙ୍କ ଦେହର ପୂର୍ଣ୍ଣ ପରିଣତି ଓ ପରିପୁଷ୍ଟି ନ ହେବା ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରିବା କର୍ତ୍ତବ୍ୟ । ଉଭୟଙ୍କୁ ଉକ୍ତଭାବରେ ଭାଇ-ଭଉଣୀ ଭଳି ରହିବାକୁ ହେବ । ଭକ୍ତଙ୍କ ଭଳି ଉଭୟଙ୍କୁ ଗୁରୁ-ଭଗବାନଙ୍କର ଭଜନ-ସାଧନ ଓ ପ୍ରାର୍ଥନାଦି କରିବାକୁ ହେବ । ଭୋଗ-ରସିକତାରେ ନ ମାତି ପବିତ୍ରଭାବରେ ଉଭୟେ ଧର୍ମ ପାଳନ କରିବ । ଯେପରି ମନରେ କୌଣସି ପ୍ରକାର କୁ-ପ୍ରବୃତ୍ତି ସଂଞ୍ଚାର ନ ହୁଏ । ପରସ୍ପରର ସାହାଯ୍ୟରେ ସନ୍ତାନ-ସେବା, ଜୀବ-ସେବା, ଜଗତ୍-ସେବାର ଉପଯୋଗୀ ଦେହ-ମନ ଗଠନ କରିବାକୁ ହେବ । ଆତ୍ମସ୍ୱାର୍ଥ,ଭୋଗ-ବାସନା ଛାଡ଼ି ଜୀବ ହିତ ପାଇଁ ଜୀବନ ଉତ୍ସର୍ଗ କରିବାକୁ ହେବ । ନରର ସେବା କରି ନାରାୟଣଙ୍କର ପ୍ରେମଲାଭ କରିବାକୁ ହେବ । ନାରାୟଣଙ୍କର ବାହ୍ୟ ବିକାଶ ହିଁ ନରମୂର୍ତ୍ତି ! ସୁତରାଂ ଦୟା-ପ୍ରେମରେ ହୃଦୟ ପୂର୍ଣ୍ଣ କରିବାକୁ ହେବ ।

"ଜୀବେ ଯଦି ନାହି କର ଦୟା
ଦେବତାର ଦୟା କିରୂପେ କରିବେ ଲାଭ ?"

(ଜୀବକୁ ଯଦି ଦୟା ନ କରିବ ତେବେ ଦେବତାଙ୍କ ଦୟା କିପରି ଲାଭ କରିବ ?)

ଦେଶର ଅବସ୍ଥା ସର୍ବପ୍ରକାରେ ଶୋଚନୀୟ । * * * ଅନ୍ୟାନ୍ୟ କୁଶଳ । ତୁମେ ସସ୍ତ୍ରୀକ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୪୮)

ଓଁ ଶ୍ରୀଗୁରୁ

ଶାନ୍ତି ଆଶ୍ରମ

ପୌଷ ୧୫ ଦିନ, ୧୩୨୨

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ବହୁଦିନ ପରେ ତୁମର ପତ୍ରଖଣ୍ଡିକ ପାଇ ବିସ୍ତାରିତ ଅବଗତ ହେଲି । * * * ତୁମର ବର୍ତ୍ତମାନର ଅବସ୍ଥା ସନ୍ତୋଷଜନକ ଜାଣି ଆନନ୍ଦିତ ହେଲି । ସ୍ତ୍ରୀଠାରୁ ଦୂରେଇ ଦୂରେଇ ନ ରହି ପ୍ରକୃତ ସହଧର୍ମିଣୀ ରୂପେ ତା ସହିତ ବ୍ୟବହାର କରିବ । ଉଭୟଙ୍କର ସ୍ତ୍ରୀତ୍ୱ ଓ ପୁରୁଷତ୍ୱ ଉଭୟଙ୍କ ସହିତ ମିଳିମିଶି ଏକ ହୋଇଗଲେ ଉତ୍ତେଜନା ବା କାମଭାବ ଚାଲି ଯିବ । ପ୍ରକୃତ ପ୍ରେମ ଜନ୍ମିଲେ ଘୃଣ୍ୟ କାମ ଆପେ ଆପେ ଚାଲିଯିବ । ଏତଦର୍ଥେ ଉଭୟେ ଏକସଙ୍ଗେ ଭଗବତ୍‌-ଉପାସନା ବା ପ୍ରାର୍ଥନାଦି କରିବ । ଉଭୟେ ଏକତ୍ର ଭକ୍ତ ଓ ଭଗବାନଙ୍କର ଲୀଳାକାହାଣୀ ଆଲୋଚନା କରିବ । ଯେପରି କାହାରି ବି ମନରେ କୌଣସି ପ୍ରକାର ଅପବିତ୍ର ଭାବର ଉଦ୍ରେକ

ନ ହୁଏ । ପ୍ରଥମେ ପ୍ରଥମେ ହେଲେ ମଧ୍ୟ ପରେ ଅଶାନ୍ତି ବା ଉଦ୍‌ବେଗ ଚାଲିଯିବ, ନତୁବା ଦୂରେଇ ଦୂରେଇ ରହିଲେ ସହଜରେ ସଂଯମର ବନ୍ଧ ଭାଙ୍ଗିଯିବ । ଏଠାକାର ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୪୯)

ଜୟଗୁରୁ

ସାରସ୍ୱତ ମଠ

୧୫।୧।୨୬

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ସ୍ନେହର ·····, ତୁମର ପତ୍ର ପାଇ ଅବଗତ ହେଲି । ତୁମେ ଦେହ ଓ ମନରେ ସ୍ୱାଚ୍ଛନ୍ଦ୍ୟ ଓ ସବଳତା ଲାଭ କରିଅଛ ଜାଣି ଆନନ୍ଦିତ ହେଲି । ତୁମର ମନ୍ତ୍ର ଓ ଶୂଳବେଦନା ସମ୍ବନ୍ଧରେ ସାକ୍ଷାତ ବ୍ୟତୀତ କୌଣସି ପ୍ରତିକାରର ସମ୍ଭାବନା ନାହିଁ ।

ବିବାହ କରିବାକୁ ଆପତ୍ତି କାହିଁକି ? ସମସ୍ତେ ତ ବିବାହ କରୁଛନ୍ତି । ବିବାହାନ୍ତେ ସ୍ତ୍ରୀକୁ ନିଜ ଭଳି କରି ନେଇ ପାରିଲେ ଅନେକ ସମୟରେ ତା ଦ୍ୱାରା ନାନାପ୍ରକାର ସାହାଯ୍ୟ ହୁଏ । ଲୋକେ ସ୍ତ୍ରୀକୁ ବିଳାସର ଉପକରଣ ମନେ କରି ସୁଫଳରୁ ବଞ୍ଚିତ ହୁଏ ଏବଂ ଜୀବନ ଅଶାନ୍ତିମୟ କରି କରି ତୋଳନ୍ତି । ଉଭୟେ ସଂଯତ ହୋଇ ଭକ୍ତ ଭଳି ଜୀବନଯାପନ ପାରିଲେ

ଦାମ୍ପତ୍ୟଜୀବନ ମଧୁମୟ ହୁଏ । ଆଦର୍ଶ ଗୃହସ୍ଥ ହୋଇ ସଂସାର-ସମାଜର ପ୍ରଭୂତ ଉପକାର ସାଧନ କରାଯାଇପାରେ । ସୁତରାଂ ମୋ ମତରେ ପ୍ରତ୍ୟକ୍ଷ ଦେବତା ପିତା-ମାତାଙ୍କ କଥାନୁସାରେ ବିବାହ କରିବା ହିଁ ସଙ୍ଗତ । * * *

ବିନା ଉପାସନାରେ ପ୍ରାଣରେ ଯେଉଁ ଆନନ୍ଦ ପାଉଅଛ, ତାହା ତାଙ୍କର ଅହେତୁକ ଦୟା । ତଥାପି ଉପାସନାର ବିଶେଷ ପ୍ରୟୋଜନ ଅଛି । କାରଣ ଉପାସନା ବ୍ୟତୀତ କୌଣସି ଭାବ ପୁଷ୍ଟ ବା ସ୍ଥାୟୀ ହୋଇ ପାରେ ନାହିଁ । ୩ ଦିନ ପରେ ମଠରେ ଉତ୍ସବ । ଅତ୍ୟନ୍ତ ବ୍ୟସ୍ତ ଅଛି । ବେଶୀ ଲେଖିବାର ଅବକାଶ ନାହିଁ । ଅତ୍ର ମଙ୍ଗଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୫୦)

ଓଁ ସତ୍ୟମେବ ଜୟତି

ଦୁର୍ଗାପୁର ଶାନ୍ତି ଆଶ୍ରମ
୧୩।୧୧।୧୫

ଦିବ୍ୟଜ୍ଞାନାନନ୍ଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ମୁଁ ନାନାସ୍ଥାନରେ ପର୍ଯ୍ୟଟନ କରି ପ୍ରାୟ ଏକମାସ ପରେ ଗତ ଫାଲ୍‌ଗୁନ ୮ମ ଦିବସରେ ଆଶ୍ରମକୁ ଆସି ତୁମର ଦୁଇଖଣ୍ଡ ପତ୍ର ପାଇ ଅବଗତ ହେଲି । ତୁମର ପତ୍ରର ଭାବାର୍ଥ ବୁଝିବାକୁ ଅକ୍ଷମ । ପିତା-ମାତା

ବିବାହ ଦେଉଛନ୍ତି ଭଲ—ସ୍ତ୍ରୀ-ପୁରୁଷ ଉଭୟେ ଉଭୟଙ୍କର ସହାୟତାରେ ଆଧ୍ୟାତ୍ମିକ ଉନ୍ନତି ଲାଭ କରିବା ହିଁ ହିନ୍ଦୁଶାସ୍ତ୍ରର ବିବାହର ଉଦ୍ଦେଶ୍ୟ । ସେଥିରେ ଭୀତ ହେଉଛ କାହିଁକି ? ସବୁ ଭଗବାନଙ୍କର ଇଚ୍ଛା । ତାଙ୍କର ଇଚ୍ଛାର ଗତି କିଏ ରୋଧ କିରବ ? ଅତ୍ର ମଙ୍ଗଳ—ନିଜ ମଙ୍ଗଳ ଆବଶ୍ୟକ । ମୋର ଆଶୀର୍ବାଦ ଜାଣିବ ॥ ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀସ୍ୱାମୀ ନିଗମାନନ୍ଦ

(୫୧)

ଓଁ

ସାରସ୍ୱତ ମଠ

୫।୭।୨୨

କଲ୍ୟାଣବରେଷୁ—

ପରମ ଶୁଭାଶିଷଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ବିବରଣ ଅବଗତ ହେଲି । ବିବାହ କରିବା ନ କରିବା ସମ୍ପୂର୍ଣ୍ଣ ତୁମର ଇଚ୍ଛା ଉପରେ ନିର୍ଭର କରୁଛି । ମୁଁ ତ ତୁମକୁ ଗାର୍ହସ୍ଥ୍ୟ ଧର୍ମରେ ହିଁ ଦୀକ୍ଷା ଦେଇଥିଲି । ସ୍ତ୍ରୀ ମରି ଗଲା, ସୁତରାଂ ସ୍ତ୍ରୀ ଗ୍ରହଣ କଲେ ମଧ୍ୟ ତୁମର ଧର୍ମରେ ହାନୀ ହେବ ନାହିଁ । ତେବେ ନିଃସଙ୍ଗ ଜୀବନ ଅଭ୍ୟାସ ହେଲେ ପରିଣାମରେ ଅଧିକତର ଶାନ୍ତିରେ କଟେଇ ପାରିବ । ବିଶେଷତଃ ବାଳିକା ସ୍ତ୍ରୀ ଗ୍ରହଣ କରି ମନର ଗତି ନିମ୍ନାଭିମୁଖୀ ଯେପରି ନ ହୁଏ । ତୁମେ ସଂସାର-ଅଭିଜ୍ଞ ; ବିବାହିତ ଜୀବନ ବହନ କରିଅଛ । ସୁତରାଂ ଏବେ ପୁନରାୟ ବିବାହ କରିବା ନ କରିବା ସମ୍ବନ୍ଧରେ

ତୁମେ ହିଁ ବିଶେଷରୂପେ ବିବେଚନା କରିବ । ମୁଁ ଏତିକି ମାତ୍ର କହି ପାରେ, ତୁମର ଶ୍ୱଶୁରଙ୍କର ଏହି କନ୍ୟା ମଧ୍ୟ ଧାର୍ମିକା ହେବ । ଶେଷ ବୟସର ପୁଅ-ଝିଅ ଅଧିକତର ଧର୍ମଭୀରୁ ହୋଇଥାନ୍ତି । ବିବାହ କଲେ ତାକୁ ହିଁ କରିବା କର୍ତ୍ତବ୍ୟ । * * * ଅନ୍ୟାନ୍ୟ କୁଶଳ । ତୁମେ ମୋର ଆଶୀର୍ବାଦ ଜାଣିବ ଏବଂ ଭକ୍ତଗଣଙ୍କୁ ଜଣାଇବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୨)

ଜୟଗୁରୁ

ଆସାମ-ବଙ୍ଗୀୟ ସାରସ୍ୱତ ମଠ
ପୋଃ କୋକିଳାମୁଖ (ଯୋରହାଟ)
ମାର୍ଗଶିର ୨୧ ଦିନ, ୧୩୪୧

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ଗତକାଲି ତୁମର ପତ୍ର ପାଇଅଛି । ସେହି ସମୟରୁ ଆଜି ଏଇ ରାତ୍ରି ପର୍ଯ୍ୟନ୍ତ କେବଳ ତୁମ୍ଭମାନଙ୍କର କଥା ହିଁ ମନେ ହେଉଛି, ଆଉ ଆଖିରେ ଲୁହ ଆସୁଅଛି । ତୁମ୍ଭମାନଙ୍କର ଗୁରୁନିଷ୍ଠା, ଗୁରୁଙ୍କ ଉପରେ ନିର୍ଭରତା, ସ୍ୱାର୍ଥତ୍ୟାଗ ଏବଂ ମହତ୍ ଅନ୍ତଃକରଣର ପରିଚୟ ପାଇ ମୁଁ ଗର୍ବାନୁଭବ କରୁଅଛି । ତୁମ୍ଭମାନଙ୍କର ସର୍ବପ୍ରକାର ସୁବିବେଚନା ହେତୁ ମୁଁ ସନ୍ତୁଷ୍ଟ ହୋଇଅଛି ।

ଜିତେନ୍‌ର ଭଗିନୀ ସହିତ ଦୁର୍ଗାର ବିବାହ ଦେବାକୁ ହେବ, ଏପରି ଆଦେଶ ମୁଁ ତୁମ୍ଭମାନଙ୍କୁ କରି ନାହିଁ । ଜିତେନ୍ ମୋର ଆଶ୍ରିତ, ତାର ଭଗିନୀ ଯେତେବେଳେ ତାର ବୋଝ ହୋଇ ପଡ଼ିଛି, ସେତେବେଳେ ମତେ ହିଁ ତାର ଗୋଟିଏ ବ୍ୟବସ୍ଥା କରିବାକୁ ପଡ଼ିବ । ତେବେ ମୁଁ କୌଣସି ବଡ଼ ଆଶା କରି ନାହିଁ । ମନେ ମନେ ବ୍ରାହ୍ମଣ ଶିଷ୍ୟମାନଙ୍କ ମଧ୍ୟରୁ ପାତ୍ର ଖୋଜୁଥିଲି । ଦୁର୍ଗାର କଥା ମୋର ଆଦୌ ମନେ ନ ଥିଲା । ବୋଧହୁଏ ଜିତେନ୍ ନିକଟରୁ ଶୁଣି ଭୁବନ ମତେ ଦୁର୍ଗା କଥା ଜଣାଇଲା । ତାର କେତେଦିନ ପରେ ଯୋଗେଶ ଦେଖା କରିବାକୁ ଆସିଲା, ଭୁବନ ଯୋଗେଶକୁ ଜଣାଇଲା । ତାପରେ ତୁମେ ଆସିବାରୁ ତୁମକୁ ସବୁ କଥା ମୁଁ କହିଲି । ଯଦି ଝିଅକୁ ଦେଖି ତୁମ୍ଭମାନଙ୍କର ପସନ୍ଦ ହୁଏ ଏବଂ ଝିଅଟିର ସର୍ବପ୍ରକାର ବିପନ୍ନ ଅବସ୍ଥା ଦେଖି ଦୟା ହୁଏ, ତେବେ ବିବାହ ଦିଅ, ଏହା ମୋର ଇଚ୍ଛା । କିନ୍ତୁ ଗ୍ରହଣ କିରବାକୁ ହିଁ ହେବ ଏପରି ଆଦେଶ ମୁଁ ଦେଇ ନାହିଁ ।—ଏବେ ମଧ୍ୟ ଦେଉ ନାହିଁ । ତୁମ୍ଭେମାନଙ୍କ ଉପରେ ହିଁ ନିର୍ଭର କରୁଛି ।

ଜିତେନର ଭଗିନୀକୁ ମୁଁ ପୂର୍ବରୁ ଦେଖି ନାହିଁ । ଏଥର ଦିନେ ଅଧଘଣ୍ଟା ପାଇଁ ବେଲଘରିଆ ଆସିଥିଲା । ସେହି ଦିନ ଏତେ ଲୋକ ଆସିଥିଲେ ଯେ, ତାକୁ ଭଲ କରି ଦେଖିବାର ବା ଦୁଇଟା କଥା କହିବାର ସମୟ ପାଇ ନାହିଁ । କାର୍ଯ୍ୟତଃ ତାହାର ଅନ୍ତରର ପରିଚୟ ବିଶେଷ ଜାଣି ନାହିଁ । ଆଜି ତାର ଚେହେରା ମଧ୍ୟ ମନେ ପଡୁ ନାହିଁ । ତାର ପିତା-ମାତା ମୋର ଶିଷ୍ୟ ନୁହନ୍ତି—କିନ୍ତୁ ଦୁଇଥର ସେମାନେ ମତେ ଦେଖା କରିଥିଲେ, ସେଥିରେ ସେମାନଙ୍କ ଯେଉଁ ପରିଚୟ ପାଇଛି, ସେଥିରେ ମୁଗ୍ଧ ହୋଇଛି । ଏକମାତ୍ର ପୁତ୍ରର ସଂସାର-ତ୍ୟାଗରେ ମଧ୍ୟ ସେମାନେ

ମହତ୍ତ୍ୱ ଦେଖାଇଛନ୍ତି । ପୋଲିସ ଚାକିରୀ କରି ମଧ୍ୟ ସେମାନଙ୍କ ଚରିତ୍ର କଳୁଷିତ ହୋଇ ନାହିଁ । ସୁତରାଂ ଏପରି ପିତା-ମାତାଙ୍କର ପୁଅଝିଅଙ୍କ ସଙ୍ଗେ ବୈବାହିକ ସମ୍ବନ୍ଧ ସ୍ଥାପନ କରିବା ହିଁ ଦିନେ ହିନ୍ଦୁମାନଙ୍କର ଆଦର୍ଶ ଥିଲା । ଜିତେନ୍ ଚାଲାକ, ଚତୁର ବା ବୁଦ୍ଧିମାନ୍ ନୁହେଁ ; କିନ୍ତୁ ସାଧାସିଧା, ସରଳ ଓ ସତ୍ୟନିଷ୍ଠ । ସୁତରାଂ ତାହା ଭଗିନୀ ମଧ୍ୟ ଏ କାଳର ଶିକ୍ଷିତା ଝିଅଙ୍କ ପରି ନ ହୋଇ ପାରେ ମଧ୍ୟ । ତେବେ ତାହାକୁ କୁଳବଧୂରୂପେ ଗ୍ରହଣ କଲେ ତୁମ୍ଭମାନଙ୍କର ସଂସାରରେ ଅଶାନ୍ତିର କାରଣ ହେବ ନାହିଁ । ଦୁର୍ଗା ମଧ୍ୟ ଯଦି ତୁମ୍ଭମାନଙ୍କ ଅନ୍ତରର ଅଧିକାରୀ ହୋଇଥାଏ, ତେବେ ତାର ଦାମ୍ପତ୍ୟଜୀବନ ସୁଖମୟ ଓ ଧର୍ମମୟ ହେବ, ଏହା ମୁଁ ଅନ୍ତରର ସହ ବିଶ୍ୱାସ କରେ । ତଥାପି ଯଦି ତାହା ଅନ୍ୟ ପ୍ରକାର ହୁଏ, ତେବେ ତାହା କର୍ମଫଳ । ଯେ କୌଣସି ଝିଅକୁ ବଧୂ କରିବ, ତା ଦ୍ୱାରା ମଧ୍ୟ ତାହା ହିଁ ଘଟିବ, ଏହା ଅବଶ୍ୟମ୍ଭାବୀ । ଝିଅଟି ସମ୍ବନ୍ଧରେ ଏହା ହିଁ ମୋର ଅଭିମତ ।

ମୁଁ ବିଶେଷ ଭାବରେ ଜାଣେ, ଦୁର୍ଗାର ବିବାହ ଅନେକ ଉଚ୍ଚଘରେ ବଡ଼ ଲୋକଙ୍କ ଝିଅ ସଙ୍ଗେ କରି ପାର । ଇଚ୍ଛା କଲେ ତୁମ୍ଭେମାନେ ବହୁତ ଟଙ୍କା ପାଇ ପାରିବ, ନତୁବା ଦାନ ସାମଗ୍ରୀ ଓ ଅଳଙ୍କାରାଦିରୂପେ ମଧ୍ୟ ଅନେକ କିଛି ଘରକୁ ଆସି ପାରିବ ; କୁଟମ୍ବିତାର ଗୌରବ ଓ ବର୍ଷରେ ବହୁବାର ବହୁ ପର୍ବୋପଲକ୍ଷେ ଉପଢ଼ୌକନାଦି ଆସି ପାରେ, ଦୁର୍ଗାର ମଧ୍ୟ ଶ୍ୱଶୁରକୁଳର ସହାୟ ଓ ମୁରବି ଜୁଟିପାରେ । କିନ୍ତୁ ଏହି ବିବାହରେ କୌଣସି ଆଶା ନାହିଁ । ଘରର ଟଙ୍କା ଖର୍ଚ୍ଚ କରି ବିବାହ ଦେବାକୁ ହେବ । କୌଣସି ଆଶା ତ ମେଣ୍ଟିବ ନାହିଁ, ବରଂ ଆତ୍ମୀୟସ୍ୱଜନ ଗ୍ରାମବାସୀ ତୁମ୍ଭମାନଙ୍କ ନିର୍ବୁଦ୍ଧିତାକୁ

ନିନ୍ଦା କରିବେ—ମତେ ମଧ୍ୟ ନାନା କଥା କହିବାକୁ ଛାଡ଼ିବେନା । କାର୍ଯ୍ୟତଃ ତୁମ୍ଭେମାନେ ବେଶ୍ ଭଲ କରି ଚିନ୍ତାକର, ତୁମର ବଡ଼ ଦାଦା ଓ ଭାଉଜଙ୍କୁ ଅବସ୍ଥା ଭଲ ଭାବରେ ବୁଝାଇ ଦିଅ । ଭାବବିହ୍ଵଳତାରେ କୌଣସି କାର୍ଯ୍ୟ କରିବ ନାହିଁ । ଭାବିଚିନ୍ତି କାର୍ଯ୍ୟ କରିବାକୁ ପଡ଼ିବ । ଶେଷରେ ଯେପରି ପସ୍ତେଇବାକୁ ନ ପଡ଼େ । କିମ୍ବା ମତେ ଏହାର କାରଣ ମନେ କରି ମୋ ଉପରେ ଯେପରି କ୍ଷୁର୍ଣ୍ଣ ନ ହୁଅ । ଯଦି ତୁମେ ଏହି ବିବାହ ନ ଦିଅ, ତଥାପି ମୁଁ ତୁମ୍ଭମାନଙ୍କ ଉପରେ କିଛିମାତ୍ର ଅସନ୍ତୁଷ୍ଟ ହେବି ନାହିଁ । ମୋର ସ୍ନେହ ତୁମ୍ଭମାନଙ୍କ ଉପରେ ଅକ୍ଷୁର୍ଣ୍ଣ ରହିବ ।

ଏହା ପରେ ମଧ୍ୟ ଯଦି ତୁମ୍ଭେମାନେ ଏହି ବିବାହ ଦେବାକୁ ଦୃଢ଼ସଂକଳ୍ପ ହୁଅ, ତେବେ ତୁମ୍ଭମାନଙ୍କ ଇଚ୍ଛାନୁସାରେ ଦିନ ସ୍ଥିର କରି ତୁମ ଦାଦାମାନଙ୍କ ଛୁଟୀ ନେବାର ବ୍ୟବସ୍ଥା କର । ମଠର କାର୍ଯ୍ୟ ଶେଷ କରି ପୂର୍ବବଙ୍ଗ ବୁଲି ମୋର କଲିକତା ଯିବାବେଳକୁ ଫାଲ୍‌ଗୁନ ମାସ ଶେଷ ହୋଇଯିବ । ମୋର ଯିବାର ପ୍ରୟୋଜନ କ'ଣ ? ବିବାହପରେ ମୋର ସୁବିଧାନୁସାରେ ଯାଇ ବର-କନ୍ୟାଙ୍କୁ ଆଶୀର୍ବାଦ କରିବି । ତେବେ ମୋର ଉପସ୍ଥିତି ଯଦି ତୁମ୍ଭେମାନେ ନିତାନ୍ତ ପ୍ରୟୋଜନ ବୋଧକର, ମତେ ଲେଖିଲେ ଯଥା ସମୟରେ ଉପସ୍ଥିତ ହେବି । ଅବଶ୍ୟ ମତେ ପୁନରାୟ ମଠକୁ ଆସିବାକୁ ପଡ଼ିବ ଏବଂ ଦୁଇଜଣ ସେବକସହ ଯାତାୟାତରେ ବହୁତ ଟଙ୍କା ମଧ୍ୟ ଖର୍ଚ୍ଚହେବ । କିନ୍ତୁ ଶିଷ୍ୟମାନେ ଯଦି ଅସାମାନ୍ୟ ତ୍ୟାଗ ସ୍ୱୀକାର କରିପାରିବେ, ତେବେ ସେମାନଙ୍କ ଗୁରୁ ମଧ୍ୟ ଏହି ତ୍ୟାଗ ସ୍ୱୀକାର କରିବାକୁ କୁଣ୍ଠିତ ହେବ ନାହିଁ । ତେବେ ତୁମ୍ଭେମାନେ ଭଲଭାବରେ ବିବେଚନା କରି ମୋ

ସମ୍ବନ୍ଧରେ ଯାହା ସ୍ଥିର କରିବ, ନିର୍ଭୟରେ ତାହା ଲେଖି ଜଣାଇବ । ସବୁ ବିଷୟରେ ତୁମ୍ଭେମାନେ ନିର୍ଭୟରେ କର୍ତ୍ତବ୍ୟ ସ୍ଥିର କର । ମୁଁ ସର୍ବାନ୍ତଃକରଣରେ ତୁମ୍ଭମାନଙ୍କ ବିବେଚନା ଉପରେ ନିର୍ଭର କରୁଅଛି ।

ପରିଶେଷରେ ବକ୍ତବ୍ୟ ହେଉଛି, ଯଦି ବିବାହ ଦେବା ହିଁ ସ୍ଥିର ହୁଏ, ତେବେ ଗୁରୁଙ୍କ ଇଚ୍ଛା ଉପରେ ନିର୍ଭର ନ କରି—ଗୁରୁଙ୍କ ଆଶୀର୍ବାଦ ରୂପେ ଝିଅଟିକୁ ଗ୍ରହଣ ନ କରି ଆଉ ଟିକିଏ ଆଗେଇ ଯାଅ । ଗୁରୁଙ୍କ ଆଦେଶରେ ଶିଷ୍ୟ ବାଘ ମୁହଁକୁ ମଧ୍ୟ ଯାଇ ପାରେ । ଅଗ୍ନିମଧ୍ୟକୁ ବା ଅତଳଜଳକୁ ପ୍ରବେଶ କରିପାରେ, ତୁମ୍ଭେମାନେ ଏହି ଝିଅଟିକୁ ପିତୃମାତୃହୀନା, ଗୃହାନ୍ନଶୂନ୍ୟା ଜାଣି କେବଳ ଦୟାପରବଶ ହୋଇ ସର୍ବପ୍ରକାର ସ୍ୱାର୍ଥତ୍ୟାଗ କରି ଗ୍ରହଣପୂର୍ବକ ଶ୍ରୀଭଗବାନଙ୍କ ଆଶୀର୍ବାଦ ଲାଭକର ଏବଂ ସ୍ୱାର୍ଥ-କଲୁଷିତ ସଂସାରରେ ମହତ୍ ଦୃଷ୍ଟାନ୍ତ ପ୍ରଦର୍ଶନ କର । ଆଜିକାଲି ବଡ଼ ବଡ଼ ନେତାମାନେ ସଭା-ସମିତି କରି ବକ୍ତୃତା ଦ୍ୱାରା ପୁଅ-ଝିଅଙ୍କ ବିବାହ ସମ୍ବନ୍ଧରେ ନାନା ସ୍ୱାର୍ଥତ୍ୟାଗର କଥା କହୁଛନ୍ତି କିନ୍ତୁ କାର୍ଯ୍ୟକ୍ଷେତ୍ରରେ କେହି କାଣୀପଇସାଟିଏ ମଧ୍ୟ ଛାଡୁନାହାନ୍ତି । ଏହି ଦୁର୍ଦ୍ଦିନରେ ତୁମ୍ଭେମାନେ ସ୍ୱାର୍ଥତ୍ୟାଗର ଆଦର୍ଶ କାର୍ଯ୍ୟ ଦ୍ୱାରା ପ୍ରତିଷ୍ଠା କର । ଶ୍ରୀଭଗବାନଙ୍କ ଦାନରୂପେ ଝିଅଟିକୁ ଗ୍ରହଣ କର । ମୁଁ ଏହି ବିବାହ ଦେବାକୁ ଆଦେଶ ଦେଉ ନାହିଁ, କେବଳ ସୁଯୋଗ ଦେଖାଇ ଦେଉଛି । ଦୟା ଓ ଧର୍ମ ଯେପରି ଏହି କାର୍ଯ୍ୟରେ ତୁମ୍ଭମାନଙ୍କୁ ପ୍ରଣୋଦିତ କରେ । ତୁମ୍ଭେମାନେ ହିନ୍ଦୁର—ହିନ୍ଦୁଧର୍ମର—ହିନ୍ଦୁସମାଜର ଉଦାରତା ଓ ଗୌରବ ଦେଖାଇ ଧନ୍ୟ ହୁଅ । ସର୍ବସାଧାରଣଙ୍କର ଆଶୀର୍ବାଦ ଗ୍ରହଣ କର । ମୁଁ ତ ଅଛି ।

ମୁଁ ଶାରୀରିକ ଭଲ ଅଛି । ତୁମ୍ଭେମାନେ ମୋର ସ୍ନେହାଶୀର୍ବାଦ ଜାଣିବ । ତୁମ୍ଭମାନଙ୍କ ଚରମ ଅଭିମତ ଜାଣିବା ପାଇଁ ଉଦ୍‌ଗ୍ରୀବ ରହିଲି । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

ପୁ :— ବଡ଼ଲୋକଙ୍କ ଝିଅ ବା ଆଧୁନିକ ଶିକ୍ଷିତା ଝିଅ ଗର୍ବିତା, ଧର୍ମହୀନା, ଉଗ୍ରଚଣ୍ଡୀ ହୋଇ ଏକାନ୍ନବର୍ତ୍ତୀ ପରିବାର ଭାଙ୍ଗି ଛାରଖାର କରି ଅଶାନ୍ତିର ଅଗ୍ନି ଜଳାଉଛନ୍ତି, ଏ ଆଦର୍ଶ ମଧ୍ୟ ବିରଳ ନୁହେଁ । ଏ ଦିଗଟାକୁ ମଧ୍ୟ ଚିନ୍ତା କରିବ ।

(୫୩)

ଜୟଗୁରୁ

ଆସାମ-ବଙ୍ଗୀୟ ସାରସ୍ୱତ ମଠ

ପୋ: କୋକିଳାମୁଖ (ଯୋରହାଟ)

୨୨।୯।୪୧

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

୩।୪ ଦିନ ହେଲା ତୁମର ପତ୍ର ପାଇଛି । ମୁଁ ସେଥର ତୁମ୍ଭମାନଙ୍କ ପତ୍ର ପାଇ ମୁଗ୍ଧ ହୋଇ ଯେଉଁ ଦୀର୍ଘ ପତ୍ର ଦେଇଥିଲି, ଏଥର ବୁଝିଲି ସେଥିରେ ମୋର ମନର ଭାବ ପ୍ରକାଶ ପାଇ ନାହିଁ ; ତେଣୁ ତୁମ୍ଭେମାନେ ସଂଶୟରେ ପଡ଼ିଅଛ । କାର୍ଯ୍ୟତଃ ଆଉଥରେ ଲେଖିବାକୁ ପଡ଼ିଲା ।

୧ । ବାହ୍ୟ ଚେହେରା ଦେଖି ପସନ୍ଦ କରିବା ବିଷୟରେ ତୁମ୍ଭମାନଙ୍କ ଉପରେ ନିର୍ଭର କରିଥିଲି । ତୁମେ ଲେଖିଥିଲ—''ଝିଅ ଦେଖି ତୁମର ଅପସନ୍ଦ ହୋଇ ନାହିଁ ।'' ସୁତରାଂ ସେ ସମ୍ବନ୍ଧରେ କିଛି ଲେଖିବାର ନାହିଁ ।

୨ । ଅନ୍ତରର ପରିଚୟ ଅର୍ଥରେ ମୁଁ ସ୍ୱଭାବ-ଚରିତ୍ର ଅର୍ଥାତ୍ ଧୀର, ସ୍ଥିର, ବିନୟନମ୍ରକୁଶଳତା ପ୍ରଭୃତି ବୁଝେ । ତାହା ଥରେ ଦେଖି ବା ୨।୪ ଥର ଦେଖି କେହି ସ୍ଥିର କରି ପାରିବେ ନାହିଁ । ଏକସଙ୍ଗେ କିଛିକାଳ ବାସ ନ କଲେ କେହି କାହାରି ବି ପରିଚୟ ପାଏ ନାହିଁ । ମୁଁ ତ ତାକୁ ଥରେ କେତେ ମିନିଟ ମାତ୍ର ଦେଖିଛି, ସୁତରାଂ ଅନ୍ତରର ପରିଚୟ ଜାଣି ନାହିଁ । କୌଣସି ଦିନ ଜାଣିବାର ସୁଯୋଗ ବି ହେବ ନାହିଁ । ତେଣୁ ତାର ପିତା-ମାତା-ଭ୍ରାତାର ପରିଚୟ ଗ୍ରହଣଯୋଗ୍ୟ ମନେ କରୁଅଛି । ବିବାହ ବ୍ୟାପାରରେ ସାଧାରଣଲୋକେ ମଧ୍ୟ ଜାତି, କୁଳ, ପିତା-ମାତାଙ୍କ ସ୍ୱଭାବ ଅନୁସନ୍ଧାନ କରି କନ୍ୟା ନିର୍ବାଚିତ କରନ୍ତି ।

୩ । ସବୁଠାରୁ କଠିନ ସମସ୍ୟା ଆଜିକାଲିର ଅର୍ଥନୈତିକ ଓ ସାମାଜିକ ସ୍ୱାର୍ଥ । ତୁମ୍ଭେମାନେ ତାହା ମଧ୍ୟ ତ୍ୟାଗ କରିବାକୁ ପ୍ରସ୍ତୁତ । ତେଣୁ ଆଉ ଥରେ ତୁମ୍ଭମାନଙ୍କୁ ବିଶେଷ ଭାବରେ ବିବେଚନା କରିବାକୁ ଉପଦେଶ ଦେଇଥିଲି ଏବଂ ବିଶେଷ ଜୋର ଏହିସବୁ କଥାକୁ ହିଁ ଦେଇଥିଲି । ଏଥର ପତ୍ରରେ ମଧ୍ୟ ତୁମ୍ଭେମାନେ ସେ ସମ୍ବନ୍ଧରେ ଦୃଢ଼ସଂକଳ୍ପ ଜଣାଇଛ ।

୪-ସଂକ୍ଷିପ୍ତ-କୋଷ୍ଠିର ବିଚାର ମୁଁ ଜାଣେନା, ବୁଝେନା, ସେଥିପାଇଁ ବିଶ୍ୱାସ ମଧ୍ୟ ନାହିଁ । ମା'ଙ୍କ କୃପାରୁ ପ୍ରତ୍ୟେକ ଜୀବର ଆତ୍ମାର ପରିଚୟ ମୋ ନିକଟରେ ପ୍ରକାଶିତ । ପାତ୍ରୀ ନିର୍ବାଚନରେ ସବୁଠାରୁ ସେହି ଉପାୟଟି ହିଁ ପ୍ରକୃଷ୍ଟ ଉପାୟ । ଝିଅ ମାତ୍ରେ ହିଁ ମାଙ୍କର ଅଂଶ । ତେବେ

କେତେଗୁଡ଼ିଏ ଝିଅ ମାଙ୍କର ଅବିଦ୍ୟାଂଶରୁ ଜନ୍ମ, ଆଉ କେତେଗୁଡ଼ିଏ ବିଦ୍ୟାଂଶରୁ ଜନ୍ମ । ରେଣୁ ଅର୍ଥାତ୍ ଜିତେନ୍‌ର ଭଗ୍ନୀ ଯଦି ଅବିଦ୍ୟାଂଶ ହୋଇଥାନ୍ତା, ତେବେ ଏହି ବିବାହ ପ୍ରସ୍ତାବ କରିବାକୁ ଦେଇ ନ ଥାନ୍ତି, ତୁମ୍ଭେମାନେ କରିଥିଲେ ମଧ୍ୟ ମୁଁ ବାଧା ଦେଇଥାନ୍ତି । ଝିଅଟିର ବିଦ୍ୟାଂଶରୁ ଜନ୍ମ ଏବଂ ମୁଁ ଆହୁରି ମଧ୍ୟ ଜାଣେ ସେ ଲକ୍ଷ୍ମୀ, କଲ୍ୟାଣୀ, ସେବିକା ଓ ମାତା । ଯେ ତାକୁ ବିବାହ କରିବ, ତାର ଅନ୍ନକଷ୍ଟ ହେବ ନାହିଁ, ମଙ୍ଗଳ ହେବ, ସେବାପରାୟଣା ସହଧର୍ମିଣୀ ଓ ସନ୍ତାନ-ଜନନୀ ପାଇବ । ତେଣୁ ଲେଖିଥିଲି, ରେଣୁ ସହିତ ଦୁର୍ଗାର ବିବାହ ହେଲେ ସେମାନଙ୍କର ଦାମ୍ପତ୍ୟଜୀବନ ସୁଖମୟ ଓ ମଧୁମୟ ହେବ ।

ଦୁର୍ଗା ବା ରେଣୁକୁ ମୁଁ ବାହାରେ ଦେଖିବାର କୌଣସି ପ୍ରୟୋଜନ ବୋଧ କରୁ ନାହିଁ । ଝିଅଟିର ଯଥାର୍ଥ ପରିଚୟ ଜଣାଇଲି । ଏବେ ବିବାହ ଦେବା ନ ଦେବା ତୁମ୍ଭମାନଙ୍କ ଇଚ୍ଛା ଉପରେ ନିର୍ଭର କରୁଅଛି । ଏହି ବିଷୟରେ ଶିଷ୍ୟକୁ ଅନୁରୋଧ କରିବା କିମ୍ବା ଆଦେଶ କରିବା ମୋର ସ୍ୱଭାବବିରୁଦ୍ଧ ।

ଝିଅଟି କୁଳବଧୂରୂପେ ଗ୍ରହଣଯୋଗ୍ୟା ବୋଲି ହିଁ ମୁଁ ଏହି ବିବାହ ପ୍ରସ୍ତାବ ଅନୁମୋଦନ କରିଅଛି । ତେବେ ବାହାରର ପସନ୍ଦ ଓ ଆର୍ଥିକ ସାମାଜିକ ସ୍ୱାର୍ଥ ତୁମ୍ଭମାନଙ୍କ ବିବେଚନା ଉପରେ ହିଁ ନିର୍ଭର କରୁଅଛି । ଯଦି ଏହି ସବୁ ବାଧା ନ ମାନ, ତେବେ ସ୍ୱଚ୍ଛନ୍ଦରେ ଝିଅଟିକୁ ଗ୍ରହଣ କରି ପାର ।

ସମ୍ପନ୍ନ ଘରେ—ତୁମ୍ଭମାନଙ୍କ ଆଦର୍ଶାନୁଯାୟୀ ଘରେ ସୁଲକ୍ଷଣା ଝିଅ ଯେ ପାଇବ ନାହିଁ, ଏପରି କଥା କହୁ ନାହିଁ । ସର୍ବପ୍ରକାର ତ୍ୟାଗ-ସ୍ୱୀକାର କରି ମାତୃ-ପିତୃହୀନା ଅନାଥା କନ୍ୟାଟିକୁ ଗ୍ରହଣ କଲେ ତୁମ୍ଭମାନଙ୍କ ମହତ୍ତ୍ୱ ପ୍ରକାଶିତ ହେବ । ମୁଁ ମଧ୍ୟ ତୁମ୍ଭମାନଙ୍କ ଗୁରୁ ବୋଲି

ଗୌରବ ଅନୁଭବ କରିବି । ମୋର ଆଶୀର୍ବାଦ ତ ନିଶ୍ଚୟ ପାଇବ-ଭଗବାନଙ୍କ ମଧ୍ୟ କୃପାଲାଭ କରିବ । ସମାଜର ମଧ୍ୟ ମଙ୍ଗଳ ହେବ । ପୂର୍ବ ପତ୍ରରେ ବିସ୍ତୃତ ଭାବରେ ଏହା ହିଁ ଲେଖିଅଛି । ଲେଖାର ଭାବରୁ ତୁମ୍ଭେମାନେ ତାହା ବୁଝି ପାରି ନାହଁ ।

ଯଦି ବିବାହ ଦେବ, ପର ଘରେ ଝିଅଟିକୁ ଆଉ ରଖନା । ମାଘ ମାସରେ ହିଁ—ଅଗତ୍ୟା ଫାଲ୍‌ଗୁନରେ ବିବାହ ଦେଇ ଦିଅ । ଶୁଭକାର୍ଯ୍ୟରେ ସନ୍ନ୍ୟାସୀ ଓ ବିଧବାଙ୍କ ଉପସ୍ଥିତି ବାଞ୍ଛନୀୟ ନୁହେଁ । ଆମ୍ଭମାନଙ୍କ ଆଶୀର୍ବାଦରୁ ସେମାନେ ବଞ୍ଚିତ ହେବ ନାହିଁ । ମୁଁ ସର୍ବ୍ଦ-କାଶରେ ସାମାନ୍ୟ ଶାରୀରିକ ଅସୁସ୍ଥ ଅଛି । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ମୋର ସ୍ନେହାଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୪)

ଜୟଗୁରୁ

ପୁରୀ

୧୭।୪।୩୪ ଇଂ

ସ୍ନେହର ଅ—,

ତୁମର ପତ୍ର ପାଇଛି । ଇତିପୂର୍ବରୁ ଜି— ଓ ପ୍ର—ର ପତ୍ରରୁ ତୁମର ଅସୁଖର ସମ୍ବାଦ ଅବଗତ ହୋଇଅଛି । ଦେହଧାରୀ ପକ୍ଷରେ ଅସୁଖ-ବିସୁଖ ନିତ୍ୟ-ନୈମିତ୍ତିକ ଘଟଣା । କେହି ଆଧି-ବ୍ୟାଧି ହାତରୁ ନିସ୍ତାର ପାଏ ନାହିଁ । ଅବଶ୍ୟ ତୁମେ ଖୁବ୍ କଷ୍ଟ ପାଉଅଛ, ସେଥିରେ ସନ୍ଦେହ

ନାହିଁ । କିନ୍ତୁ ପ୍ରାରବ୍ଧ ଭୋଗ କରିବା ବ୍ୟତୀତ ଆଉ ଉପାୟ କ'ଣ ? ତେବେ ଯେ ରୋଗ ଦେଇଛନ୍ତି, ସେ ସହ୍ୟ କରିବାର ଶକ୍ତି ମଧ୍ୟ ଦେବେ । ରୋଗଭୋଗଦ୍ୱାରା ଚିତ୍ତଶୁଦ୍ଧି ହୁଏ ଏବଂ ଭଗବାନଙ୍କ କରୁଣା ହୃଦୟଙ୍ଗମ କରାଯାଏ । ତୁମେ ଆରୋଗ୍ୟଲାଭ କରି ତାଙ୍କର ମହିମା ଉପଲବ୍ଧି କରିବ । ଆଶୀର୍ବାଦ କରୁଛି ଶୀଘ୍ର ଆରୋଗ୍ୟ ହୋଇ ଉଠ । * * * ଅତ୍ର ଅନ୍ୟାନ୍ୟ କୁଶଳ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୫)

ଓଁ ତତ୍‌ସତ୍

ଶାନ୍ତି ଆଶ୍ରମ

କାର୍ତ୍ତିକ ୫ ଦିନ, ୨୨

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ଯଥାସମୟରେ ଆସିଥିଲା, କିନ୍ତୁ ମୁଁ ଆଶ୍ରମରେ ଉପସ୍ଥିତ ନ ଥିଲି । * * * ଆଜି ପୁଣି କାର୍ଡ଼ଖଣ୍ଡିକ ପାଇ ଅବଗତ ହେଲି । ତୁମର ସ୍ତ୍ରୀର ଯଦି ଆଜି ବି ଜ୍ୱର ଛାଡ଼ି ନ ଥାଏ, ତେବେ ପତ୍ର-ପାଠ ମାତ୍ରକେ "ଜୟନ୍ତୀ" ବୃକ୍ଷର ଉତ୍ତର ଦିଗର ଚେର ଉପାଡ଼ି ଆଣି ଚାରି ଆଙ୍ଗୁଳ ପ୍ରମାଣ ଏହି ଚେର ତୁମେ ଦଶଥର ଇଷ୍ଟମନ୍ତ୍ର ଜପ କରି ତାର ମସ୍ତକର ତାଳୁର ଚୁଳମୂଳରେ ବାନ୍ଧି ଦେବ । ଆଉ ଭବିଷ୍ୟତରେ କୌଣସି କାରଣରୁ ଚିକିତ୍ସା କରାଇବାକୁ ହେଲେ କବିରାଜୀ ଚିକିତ୍ସା କରାଇବ ।

ତୁମ୍ଭମାନଙ୍କୁ ଆଧ୍ୟାତ୍ମିକ ସମ୍ବନ୍ଧରେ ପତ୍ରଦ୍ୱାରା କି ଆଉ ଉପଦେଶ ଦେବି ? ସାକ୍ଷାତରେ କିଛି କହିବାର ଇଚ୍ଛା ଅଛି । ଏବେ ପ୍ରାର୍ଥନା ଓ ଜପ କରୁଥାଅ । ଉଦ୍ଦେଶ୍ୟପଥରେ ଯିବାକୁ ଯେଉଁ ସବୁ ବାଧା-ବିଘ୍ନ ପାଇବ, ସେଥିପାଇଁ ଅକପଟରେ ପ୍ରାଣ ଖୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କର । ସେ ହିଁ ସବୁ ବାଧା ଦୂର କରିଦେବେ । ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ⁄ବିଜୟାର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୬)

ଜୟଗୁରୁ

ପୁରୀ

୩।୧୨।୩୨

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ଅତ୍ୟନ୍ତ ଦୁଃଖିତ ହେଲି । କାହିଁକି ଯେ ତୁମର ଜ୍ୱର ଛାଡୁ ନାହିଁ—କ୍ରମେ କ୍ରମେ ଅନେକ ଦିନ ହୋଇଗଲା ଯେ ! ଏଲୋପ୍ୟାଥିକ ଡ଼ାକ୍ତରଙ୍କ ଇଞ୍ଜେକ୍ସନ୍ ଚିକିତ୍ସା କଲେ ବୋଧ ହୁଏ ସୁବିଧା ହୋଇ ପାରେ । ସ୍ଥାନ ପରିବର୍ତ୍ତନ ବା ଚିକିତ୍ସାରେ ଯାହା ଭଲ ବିବେଚନା କରିବ, ଅଚିରେ ତାହାର ବ୍ୟବସ୍ଥା କରିବା କର୍ତ୍ତବ୍ୟ । ଏବେ ବସନ୍ତ କାଳ, ଜ୍ୱରାଦି ରୋଗ ନ ହେବା କଥା । ତୁମ ପାଇଁ ବିଶେଷ ଚିନ୍ତିତ ରହିଲି ।

ଗୋଟିଏ ତିନି ଆଙ୍ଗୁଳି ପରିମାଣ ଜୟନ୍ତୀର ମୂଳ (ତାରକଣ୍ଟା ଭଳି ମୋଟା) ନେଇ ସେଥିରେ ୨୮ଥର ଗାୟତ୍ରୀ ଜପ କରି ଟିକିଚୁଳରେ (ମସ୍ତକ ଶିଖା) ବା ସୂତା ଦ୍ଵାରା ଟିଙ୍କି ନିକଟରେ ଚୁଳମୂଳରେ କିଛିଦିନ ବାନ୍ଧି ରଖିବ ।

* * * ମୋର ଶରୀର ମଧ୍ୟ ବିଶେଷ ଅସୁସ୍ଥ । ଶ୍ଵାସ ଭଳି ହୋଇ କେତେଦିନ ଖୁବ୍ କଷ୍ଟ ପାଉଛି । ଏବେ ମଧ୍ୟ ମଝିରେ ମଝିରେ ଟାନ୍ ଓ ଶ୍ଵାସକଷ୍ଟ ହୁଏ । ମୋ ଦ୍ଵାରା ଆଉ କୌଣସି କାର୍ଯ୍ୟର ଆଶା ନାହିଁ । ତୁମ୍ଭେମାନେ ହିଁ ଏକମାତ୍ର ବଳ-ଭରସା । ମୁଁ ଦୂରରେ ରହି କେବଳ ତୁମ୍ଭମାନଙ୍କୁ ଆଶୀର୍ବାଦ କରିବି । ତୁମର ଶରୀର ଯଦ୍ଵାରା ସତ୍ଵର ଆରୋଗ୍ୟ ହୁଏ, ତାର ବ୍ୟବସ୍ଥା କର । ଅନ୍ୟାନ୍ୟ କୁଶଳ । ସମସ୍ତେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୭)

ଓଁ ଜୟଗୁରୁ

ଆସାମ ମଠ

୨୮।୧୦।୩୦

କଲ୍ୟାଣୀୟାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ତୁମର ପୁଅର ଅସୁଖ ସମ୍ବାଦରେ କ୍ଷୁର୍ଣ୍ଣ ହେଲି । ତୁମ୍ଭମାନଙ୍କ ସାଧ୍ୟାନୁସାରେ ଯେପରି

ଚେଷ୍ଟା କରିଅଛ, ସେତେବେଳେ ଆଉ କ'ଣ କହିବି ? କର୍ମଫଳରେ ଯାହା ଅଛି, ତାହା ଅବଶ୍ୟ ଭୋଗ କରିବାକୁ ପଡ଼ିବ । କେହି ଖଣ୍ଡନ କରି ପାରିବେ ନାହିଁ । ଭଗବାନଙ୍କ ଇଚ୍ଛା ଉପରେ ନିର୍ଭର କରିବା ବ୍ୟତୀତ ଉପାୟ ନାହିଁ । ସଂସାର କରିବାକୁ ହେଲେ ଏପରି ବିପଦ ଅବଶ୍ୟମ୍ଭାବୀ । ଯାହା ହେଉ, ଯାହା ହେବାର ହେବ ; ତେବେ ପ୍ରତ୍ୟହ ପ୍ରାତଃକାଳରେ ଛାଗୀର ଦୁଗ୍ଧ ସହିତ ମକରଧ୍ୱଜ ଖୁଆଅ ଏବଂ ଛାଗଳର ଦୁଗ୍ଧ ଖୁଆଇବାର ବ୍ୟବସ୍ଥା କର । ଯଦି ରକ୍ତ ପୁଣି ପଡ଼େ, ତେବେ ଉପରଓଳା ଦୂର୍ବାର ରସ ସହିତ ମକରଧ୍ୱଜ ଖୁଆଇବ । ମୁଁ ଭଲ ଅଛି । * * * ଅତ୍ର ଅନ୍ୟାନ୍ୟ କୁଶଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୮)

ଜୟଗୁରୁ

ପୁରୀ

୭।୩।୪୧

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ୱିଶେଷଃ—

ତୁମର ପତ୍ର ପାଇଛି । ଯଦି ସଂସାରକୁ ଯାଇ ବିବାହାଦି କରି ପିତୃଲୋକଙ୍କର ଶ୍ରାଦ୍ଧ-ତର୍ପଣ ବା ଦେବପୂଜା ଓ ଦଶସଂସ୍କାରାଦି ନ କର, ତେବେ ସଦାଚାରୀ ବ୍ରାହ୍ମଣେତର ଜାତିର ଅନ୍ନ ଭକ୍ଷଣ କରିବାରେ ବାଧା ନାହିଁ । ଏହାଦ୍ୱାରା ବର୍ଣ୍ଣାଶ୍ରମୋଚିତ ବୈଦିକ କର୍ମକାଣ୍ଡର ଅଧିକାର ରହିବ

ନାହିଁ ସତ, କିନ୍ତୁ ଆଧ୍ୟାତ୍ମିକ ଉନ୍ନତିରେ କୌଣସି ବିଘ୍ନ ହେବ ନାହିଁ । ବରଂ କଦାଚାରୀ ବ୍ରାହ୍ମଣ ଅପେକ୍ଷା ସଦାଚାରୀ ଅନ୍ୟ ଜାତିର ଅନ୍ନଗ୍ରହଣ ଯୁକ୍ତିଯୁକ୍ତ । ବିଶେଷତଃ ତ୍ୟାଗୀ ବ୍ରହ୍ମଚାରୀ ଗୁରୁଭାଇ ସମ୍ବନ୍ଧରେ ଆଉ କଥା କ'ଣ ? ମୁଁ ଅନୁମତି ଦେଲି ନାହିଁ, ମୋର ମତ ଜଣାଇଲି । ଏବେ ତୁମର ପ୍ରବୃତ୍ତି, ରୁଚି ଓ ଅବସ୍ଥାନୁସାରେ କର୍ତ୍ତବ୍ୟ ସ୍ଥିର କର ।

ଦୁଃଖ-କଷ୍ଟରେ ଧୈର୍ଯ୍ୟ ହରାଅନା । ଶ୍ରୀଗୁରୁ-ଭଗବାନଙ୍କ ଉପରେ ନିର୍ଭର କରି କର୍ମଫଳଭୋଗ ସହ୍ୟ କରିବାକୁ ଅଭ୍ୟାସ କର । ସୁଖ ଅପେକ୍ଷା ଦୁଃଖରେ ହିଁ ଜୀବର ମଙ୍ଗଳ ବେଶୀ ହୁଏ । ଦୈହିକ ବଳ-ବୀର୍ଯ୍ୟ ବା ବିଦ୍ୟାବୁଦ୍ଧିର ଅଭିମାନ ନଷ୍ଟ ହୋଇ ନିର୍ଭରର ଭାବ ଦୁଃଖରେ ହିଁ ଅଧିକ ସହଜସାଧ୍ୟ ହୁଏ । ସବୁ ଅବସ୍ଥାରେ ଆନନ୍ଦରେ ରହିବାକୁ ଚେଷ୍ଟା କର ।

* * * ମୋର ଆଶୀର୍ବାଦ ଜାଣିବ ଏବଂ ଆଶ୍ରମ-ସେବକ ଓ ଗୃହସ୍ଥ-ଭକ୍ତଗଣଙ୍କୁ ମୋର ଆଶୀର୍ବାଦ ଜଣାଇବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୫୯)

ଜୟଗୁରୁ

ସାରସ୍ୱତ ମଠ
୨୨।୨।୩୩

କଲ୍ୟାଣୀୟାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ରୋଗ-ଶୋକ, ଜନ୍ମ-ମୃତ୍ୟୁ ଏ ସବୁ ଏହି ଅନିତ୍ୟ ସଂସାରର ନିତ୍ୟ ଘଟଣା । କେହି ଏହା ରୋଧ କରି ପାରିବେ ନାହିଁ । ଏକମାତ୍ର ଭଗବାନଙ୍କ ଚିନ୍ତା ଓ ତାଙ୍କ ପ୍ରେମ-ରସରେ ମଜ୍ଜି ନ ପାରିଲେ ଶାନ୍ତିର ଆଉ ଦ୍ୱିତୀୟ ଉପାୟ ନାହିଁ । ଧନ-ଜନ ନେଇ ଏ ପର୍ଯ୍ୟନ୍ତ କେହି ଶାନ୍ତି ପାଇ ନାହାନ୍ତି । ଏଇ ସବୁ ବିବେଚନା କରି ଚିତ୍ତ ଦୃଢ଼ କରିବାକୁ ଏବଂ ଭଗବାନଙ୍କଠାରେ ସମ୍ପୂର୍ଣ୍ଣ ଆତ୍ମନିବେଦନ କରିବାକୁ ଅଭ୍ୟାସ କରିବ । ସଂସାରରେ ନିତ୍ୟ ନୂତନ ବିପଦ ଘଟିଥାଏ । ତାହା ପ୍ରକାଶ କରିବା କର୍ତ୍ତବ୍ୟ ନୁହେଁ । ଏହା ଦ୍ୱାରା ଜୀବନ ଆହୁରି ଅଶାନ୍ତିମୟ ହେବ । ସକଳ ଅବସ୍ଥାରେ ଜଗତର ଅନିତ୍ୟତା ସ୍ମରଣ କରି କେବଳ ଭଗବାନଙ୍କ ଚିନ୍ତା କର ।

ଦେଖା-ସାକ୍ଷାତ୍ ବ୍ୟତୀତ ପତ୍ରରେ ଜପର ପ୍ରଣାଳୀ ବୁଝାଯାଇ ପାରିବ ନାହିଁ । ତୁମେ ଏବେ ଯେପରି ଜପ କରୁଅଛ, ତଦନୁସାରେ କର । ବେଶୀ ଯଦି ନ ପାରୁଛ ତେବେ ୧୦୮ଥର ଜପ କରିବ । ଆଉ ଅସୁସ୍ଥ ହେଲେ ଅନ୍ତତଃ ୧୦ଥର ଜପ କର । * * * ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୦)

ଜୟଗୁରୁ

ପୁରୀ
୧୯।୪।୩୧

ସ୍ନେହାସ୍ପଦେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ତୁମର ପତ୍ର ପାଇ ପ୍ରୀତିଲାଭ କଲି । ସତ୍‌ଲୋକର ବିପଦ ସମ୍ପଦର କାରଣ ; କାରଣ ବିପଦରେ ଚିତ୍ତ ଦୃଢ଼ିଷ୍ଠ ଓ ବଳିଷ୍ଠ ହୁଏ । ଆତ୍ମୀୟସ୍ୱଜନ ପ୍ରଭୃତି ସଂସାରର ସ୍ୱାର୍ଥପରତା ହୃଦୟଙ୍ଗମ ହୁଏ । ଈଶ୍ୱର-ନିର୍ଭରତା ବୃଦ୍ଧି ପାଏ । ତୁମ ପତ୍ରରେ ତାହାର ପ୍ରମାଣ ପାଇ ପ୍ରୀତିଲାଭ କରିଅଛି । ଏଠାକର ସମସ୍ତ ହଙ୍ଗାମା ଦିନେ ଶେଷ ହୋଇଯିବ, ସୁତରାଂ କୌଣସିଥିରେ ମଧ୍ୟ ଅଧୀର ହୁଅ ନାହିଁ । ସୁଖ-ଦୁଃଖରେ, ବିପଦ-ସମ୍ପଦରେ, ରୋଗ-ଶୋକରେ ସର୍ବାବସ୍ଥାରେ ଜୀବନର ଲକ୍ଷ୍ୟ ଠିକ୍ ରଖି ଅଗ୍ରସର ହୁଅ । ମଙ୍ଗଳମୟଙ୍କ ଦାନରେ ବିଶ୍ୱାସ ହରାଅନା । ତାଙ୍କର ଜୟଗାନ କରିବାକୁ ଭୁଲନା ।

ଶା— ଭୟ ପାଇ ମତେ ଜଣାଇଥିଲା, ତୁମେ ହୁଏତ ଏହି ବିପଦରେ କେଉଁଠିକି ଚାଲିଯିବ କିମ୍ବା ଆତ୍ମହତ୍ୟା କରିବ । ମୁଁ ଅବଶ୍ୟ ସେଥିରେ ବିଚଳିତ ହୋଇ ନାହିଁ । କାରଣ ତୁମ ଉପରେ ମୋର ବିଶ୍ୱାସ ଅଛି, ତୁମେ ନିତ୍ୟାନ୍ତ ମୂଢ଼ ଭଳି କୌଣସି କାର୍ଯ୍ୟ କରି ପାରିବ ନାହିଁ । * * * ତୁମେ ମୋର ସ୍ନେହାଶୀର୍ବାଦ ଜାଣିବ ଏବଂ ଶା—କୁ ଜଣାଇବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୧)

ଓଁ

ସାରସ୍ୱତ ମଠ

୭।୪।୨୬

ସ୍ନେହାସ୍ପଦେଷୁ—

ପରମ ଶୁଭାଶୀରାସ୍ତାନ୍ତିଶେଷଃ—

ତୁମର ପତ୍ର ପାଇଅଛି । ମାନବ-ଜୀବନ ସଂଶୟରେ ପୂର୍ଣ୍ଣ । ଅପରୋକ୍ଷ ଅନୁଭୂତି ବ୍ୟତୀତ ସମ୍ପୂର୍ଣ୍ଣ ସଂଶୟ କାହାରି ବି ନଷ୍ଟ ହୁଏ ନାହିଁ । ତେବେ ସତ୍ତ୍ୱଗୁଣର ତାରତମ୍ୟାନୁସାରେ କେତେବେଳେ ବା ବେଶୀ କେତେବେଳେ କମ୍ ହୋଇଥାଏ । ଜୀବନ-ରହସ୍ୟ ଅବଗତ ହୋଇ ନିଷ୍ଠା ଓ ବିଶ୍ୱାସ ଏକମୁଖୀ ରଖିବାକୁ ଯଥାସାଧ୍ୟ ଚେଷ୍ଟା କରିବ । ସାମାନ୍ୟ କିଛିରେ ମଙ୍ଗ ଛାଡ଼ି ଦିଅନା । ହାତ ଧରି ରଖିବାର ସୁଯୋଗ ଦିଅ, ତାହାହେଲେ ଆଉ ପଡ଼ି ଯିବାର ଭୟ ରହିବ ନାହିଁ । * * * ଅତ୍ର କୁଶଳ । ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୨)

ଶ୍ରୀଶ୍ରୀ ଗୁରବେ ନମଃ

ସାରସ୍ୱତ ମଠ
୧୮।୯।୨୭

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ୱିଶେଷଃ—

ବହୁଦିନ ପରେ ତୁମର ପତ୍ର ପାଇ ସୁଖୀ ହେଲି । ମୁଁ ମଧ ପତ୍ରାଦି ଲେଖିବା ପ୍ରାୟ ଛାଡ଼ି ଦେଇଛି । ତୁମର କ୍ଷୋଭର କାରଣ ଯାହା ଘଟିଛି, ତାହା ନାନା କାର୍ଯ୍ୟ-କାରଣରୁ ହିଁ ବୁଝିଅଛି । ତୁମେ କୃପାଲାଭ ପାଇଁ ଅତିଶୟ ବ୍ୟସ୍ତ ହୋଇ ଉଠିଥିଲ, ତେଣୁ ମୁଁ .....ପ୍ରଭୃତି ମହାପୁରୁଷଙ୍କ ନିକଟକୁ ଯିବାକୁ ଚେଷ୍ଟା କରିବାକୁ ଅନୁମତି ଦେଇଥିଲି । ମୋର ମୁହଁ ଚାହିଁ ବସି ରହିବା ଅପେକ୍ଷା ଚେଷ୍ଟା କରି ଦେଖିବାରେ କ୍ଷତି କ'ଣ ? ତଦ୍ଦ୍ୱାରା ବିଶେଷଭାବରେ ବୁଝି ପାରିଥାନ୍ତ, ଶ୍ରୀଗୁରୁକୃପାଲାଭ ମଧ ସମୟ ସାପେକ୍ଷ । ତଦ୍ଦ୍ୱାରା ଚିତ୍ତର ବିକ୍ଷେପ ଘୁଞ୍ଚି ଜଣଙ୍କ ପ୍ରତି ନିର୍ଭରତା ଆସିଥାନ୍ତା, ନତୁବା ସାଧନା କରିବାର ବାସନା ପ୍ରବଳ ହୋଇଥାନ୍ତା—ଅଧ୍ୟବସାୟ ଜାଗିଥାନ୍ତା ।

ଆତ୍ମଶକ୍ତି ହରାଇ ଭାରତର ଲୋକେ ଭିଖାରୀ ସାଜିଛନ୍ତି । ସ୍ୱାୟତ୍ତଶାସନରୂପକ କୃପାଲାଭରେ ବିଳମ୍ବ ଦେଖି କ୍ଷୁବ୍ଧ ଦେଶର ଗରମ ନେତାମାନେ ଆତ୍ମଶକ୍ତି ଜାଗ୍ରତ କରିବାକୁ ଚେଷ୍ଟା କରୁଛନ୍ତି, ଆଉ ନରମ ନେତାମାନେ ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ କୃତସଂକଳ୍ପ । ସୁତରାଂ କୃପାଲାଭ ବ୍ୟତୀତ ଯେ ଅନୁପଯୁକ୍ତ ଅଧିକାରୀର ଗତି ନାହିଁ, ତାକୁ ଦାତାଙ୍କ ମୁହଁ ଚାହିଁ ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ ପଡ଼ିବ ।

କୃପାପ୍ରାର୍ଥୀର ଅଧୈର୍ଯ୍ୟ ବାସ୍ତବିକ ଅତ୍ୟନ୍ତ ବିରକ୍ତକର । ତେଣୁ ତୁମକୁ କୃପାଲାଭ ପାଇଁ ବଡ଼ ବଡ଼ ମହାପୁରୁଷଙ୍କ ନିକଟରେ ଚେଷ୍ଟା କରିବାକୁ କହିଥିଲି ।

ଗୁରୁ ପ୍ରଥମତଃ ଶିଷ୍ୟର ଆତ୍ମଶକ୍ତି ଉଦ୍‌ବୋଧନରେ ସାହାଯ୍ୟ କରି ସାଧନାଦି ବିଧାନ କରନ୍ତି । କିନ୍ତୁ ଚେଷ୍ଟା କରି ମଧ୍ୟ ଶିଷ୍ୟ ଅକ୍ଷମ ହେଲେ, ଏକନିଷ୍ଠ ଭକ୍ତ ପ୍ରତି ଗୁରୁଦେବ ଅବଶ୍ୟ କୃପା କରିଥାନ୍ତି । ବତ୍ସ ! କେଉଁ ପ୍ରକାର ବ୍ୟକ୍ତି ଶ୍ରୀଭଗବାନ୍ ବା ଗୁରୁଙ୍କର କୃପା ଲାଭ କରିଛନ୍ତି, ଶାସ୍ତ୍ରରେ ଅବଶ୍ୟ ପଢ଼ିଅଛ ; ତୁମେ କୃପାଲାଭ ପାଇଁ ସେହିପରି ଉପଯୁକ୍ତତା ଲାଭ କରିଅଛ କି ନା, ଥରେ ଚିନ୍ତା କରି ଦେଖ । ବେଶୀ କଥା ଲେଖିବାକୁ ସାହାସ ହେଉ ନାହିଁ, କାରଣ ତଦ୍ଦ୍ୱାରା ପୁଣି କ୍ଷୋଭର କାରଣ ଘଟିପାରେ । ନତୁବା ଅନେକ କଥା କହି ପାରିଥାନ୍ତି ।

ସେହି ପତ୍ରଖଣ୍ଡିକରେ ସବୁ କଥା ଲେଖିଅଛି । ସେ ସମ୍ବନ୍ଧରେ ଆଉ କ'ଣ ଲେଖିବି ? ତୁମେ ସୁଶିକ୍ଷିତ * * * ଅଥଚ ଇଷ୍ଟଦେବତାଙ୍କ ବିବାଦ ମେଣ୍ଟାଇ ପାରିଲ ନାହିଁ । ଭଗ୍‌ବାନ୍ ଅଖଣ୍ଡମଣ୍ଡଳାକାରରେ ଚରାଚର ବ୍ୟାପ୍ତ । ମୂର୍ତ୍ତିଗୁଡ଼ିକ ତାଙ୍କର ବିଶେଷ ବିଶେଷ ଭାବ । ମୋ ବିଶ୍ୱାସରେ ତୁମକୁ ଉଚ୍ଚଭାବର ଆଦର୍ଶ ଦେଇଛି । ଯେଉଁ ବୀଜକୁ ତୁମେ କୃଷ୍ଣମନ୍ତ୍ର ବୋଲି ପୁସ୍ତକାଦିରେ ଦେଖିଅଛ, ସେହି ବୀଜ କୌଣସି କୌଣସି ମାତୃମୂର୍ତ୍ତିଙ୍କର ମଧ୍ୟ ମନ୍ତ୍ର । ତନ୍ତ୍ରାଦିରେ ଅନୁସନ୍ଧାନ କଲେ ଦେଖିବାକୁ ପାଇବ ।

ମନ୍ତ୍ର–ବିଚାରାଦିରେ ମୁଁ ନିତାନ୍ତ ଅନଭିଜ୍ଞ ନୁହେଁ । ମୋ ପ୍ରତି ଗୁରୁଙ୍କର ଉଚ୍ଚ ଧାରଣା ନାହିଁ ବୋଲି ସଂଶୟ ମେଣ୍ଟୁନାହିଁ । ପତ୍ରରେ ମଧ୍ୟ

ଏହି ବିଷୟ ଲେଖି ବୁଝାଇ ପାରିବି ନାହିଁ । ସାକ୍ଷାତ୍‌ରେ ପୁଣି ଆଲୋଚନା କରିବି ଏବଂ ତନ୍ତ୍ରରେ ''କ୍ଲୀଂ'' ବୀଜ ରେ କେଉଁ କେଉଁ ଦେବତା ଆରାଧ ଦେଖାଇ ଦେବି । ପତ୍ରରେ ଲେଖିବା ବାହୁଲ୍ୟ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୬୩)

ଜୟଗୁରୁ

ପୁରୀ

୪।୭।୩୦

କଲ୍ୟାଣବରେଷୁ—

ତୁମର ଓ ନି—ର ପତ୍ର ପାଇଛି । ନି—ର ପ୍ରାର୍ଥନା ଅବଗତ ହେଲି । କୃପାଲାଭ କରିବାକୁ ମଧ୍ୟ ଯୋଗ୍ୟତା ଅର୍ଜନ କରିବା ଅବଶ୍ୟକ । କ୍ରିୟା ଭିତର ଦେଇ ସେହି କୃପା ଫୁଟି ଉଠିବ । ଧୈର୍ଯ୍ୟର ସହିତ କ୍ରିୟା କରି ଯାଅ । ରାମକୃଷ୍ଣ କଥାମୃତରେ ''ଖାନଦାନୀ ଚଷା''ର କଥା ପାଠ କରି ନାହଁ କି ? ନିଶ୍ଚିତ ବିଶ୍ୱାସ, ଧୈର୍ଯ୍ୟ ଓ ଉତ୍ସାହ ଥିବା ଆବଶ୍ୟକ । ଏସବୁ କଥା ସାକ୍ଷାତରେ ହେଲେ ହିଁ ଭଲ ହୁଏ । ପତ୍ରରେ ଆଉ ବେଶୀ କ'ଣ ଲେଖିବି ?

ବିଜୟାର ତତ୍ତ୍ୱ ଆମର ବହିରେ ଏବଂ ପତ୍ରିକାରେ ପୂର୍ବରୁ ଆଲୋଚନା ହୋଇଅଛି । * * * ମୋର ଶରୀରଟା ସେତେ ଭଲ ନହେଁ । ତୁମେ,

ନି—, ଗୀ— ପ୍ରଭୃତି ସମସ୍ତେ ମୋର ବିଜୟାର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—
ଶ୍ରୀନିଗମାନନ୍ଦ

(୬୪)

ଜୟଗୁରୁ

ନୀଳାଚଳ କୁଟୀର
ପୁରୀ (ଓଡ଼ିଶା)
ତା° ୧୫।୯।୩୪ ଇ°

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ସତ୍ୟ ପଥରେ ରହି ନ୍ୟାୟମତରେ କାର୍ଯ୍ୟ କରିଗଲେ ମଧ୍ୟ ଯଦି ଲୋକେ ଶତ୍ରୁତାଚରଣ କରନ୍ତି, ତେବେ ସେମାନଙ୍କର ଅତ୍ୟାଚାର-ଅବିଚାର ମଥାପାତି ଗ୍ରହଣ କରିନେବା ହିଁ କର୍ତ୍ତବ୍ୟ । ସେମାନଙ୍କ ପ୍ରତି ଭ୍ରୂକ୍ଷେପ ନ କରିବା ହିଁ ତ ପୁରୁଷାର୍ଥ ! ପ୍ରାଣରେ ବଳ ଥିଲେ ପାପୀର ଧମକରେ ଭୟ ପାଇଲେ ଚଳିବ କିପରି ? ହୃଦୟସ୍ଥ ଆତ୍ମାକୁ ସାକ୍ଷୀ ରଖି କର୍ତ୍ତବ୍ୟ ପାଳନ କରି ଯାଅ, ତଥାପି ଯଦି ନିର୍ଯ୍ୟାତନ ସହ୍ୟ କରିବାକୁ ପଡ଼େ, କର୍ମଫଳ ଭାବି ତାଙ୍କ ହାତର ଦାନ ମନେ କରି ହସହସ ମୁଖରେ ସହ୍ୟ କରିବାକୁ ଅଭ୍ୟାସ କର ।

ସଂସାରରେ ଏସବୁ ନିତ୍ୟ ଘଟଣା, ଘାବଡ଼ାଇଲେ ଚଳିବ କିପରି ? ଅକାରଣରେ ମନୁଷ୍ୟ ଶତ୍ରୁତାଚରଣ କଲେ ନିଜର କର୍ମଫଳ ବୋଲି ମନେ କରିବାକୁ ପଡ଼ିବ । ସୁତରାଂ ଯେଉଁଠାକୁ ବଦଳି ହୋଇ ଯିବ, ସେଠାରେ ମଧ୍ୟ ଶତ୍ରୁର ଅଭାବ ହେବ ନାହିଁ । ଅତଏବ ବଦଳି ପାଇଁ ଚେଷ୍ଟା ନ କରି ଆପାତତଃ ଯେପରି ଅଛ, ସେହି ପରି ଥାଅ । ନୂତନ ସାହେବ ଆସି ତୁମ ସହିତ କିପରି ବ୍ୟବହାର କରୁଅଛି ଦେଖ, ତାପରେ ପ୍ରୟୋଜନ ହେଲେ ଛୁଟିର ବ୍ୟବସ୍ଥା କର । ଅଦୃଷ୍ଟକୁ ତ ଆଉ ଫିଙ୍ଗି ଦେଇ ପାରିବ ନାହିଁ, ସେ ସାଙ୍ଗରେ ହିଁ ଯିବ ।

ଶ୍ରୀଭଗବାନଙ୍କ ଉପରେ ନିର୍ଭର କରି ନିଶ୍ଚିନ୍ତ ହେବାକୁ ଚେଷ୍ଟା କର । ଏହା ହିଁ ସବୁଠାରୁ ବଡ଼ ସାଧନା । ମନୁଷ୍ୟ ନିଜେ ହିଁ ନିଜର ଶତ୍ରୁ, ସୁତରାଂ ଶତ୍ରୁ ମନେ କରି କାହା ପ୍ରତି ବିଦ୍ୱେଷ କର ନାହିଁ । ତୁମେ ସମସ୍ତଙ୍କୁ ବନ୍ଧୁ ମନେ କରିବ, ଏବଂ ସମସ୍ତଙ୍କ ପ୍ରତି ସଦ୍‌ବ୍ୟବହାର କରିବ—ଏହାଦ୍ୱାରା ହିଁ ତୁମେ ଶାନ୍ତିଲାଭ କରିବ ।

ଜୟ-ପରାଜୟ, ମାନ-ଅପମାନ, ସମ୍ପଦ-ବିପଦ, ସୁଖ-ଦୁଃଖ, ଜନ୍ମ-ମୃତ୍ୟୁ ସର୍ବାବସ୍ଥାକୁ ସମାନ ଭାବରେ ଗ୍ରହଣ କରି ପାରିଲେ ଆଉ ମାୟାମରୀଚିକା ଉଦ୍‌ଭ୍ରାନ୍ତ କରି ପାରିବ ନାହିଁ । ଆଶୀର୍ବାଦ କରୁଛି, ତୁମେ ଏହିପରି ସତ୍ୟରେ ପ୍ରତିଷ୍ଠିତ ହୁଅ । ତୁମର ସାଧୁଭାବ ଉଦ୍‌ବୁଦ୍ଧ ହେଉ ।

ମୁଁ ଭଲ ଅଛି । ପୂଜା ପରେ କାର୍ତ୍ତିକ ମାସର ପ୍ରଥମ ଭାଗରେ ହିଁ ପୁରୀରୁ ପ୍ରସ୍ଥାନ କରି ମୟନାମତୀ ପଥ ଧରି ଆସାମ ଯିବି । ଅନ୍ୟାନ୍ୟ କୁଶଳ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୫)

ଜୟଗୁରୁ

ବେଲଘରିଆ
୭।୧୧।୩୪ ଇଂ

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାଦ୍ବିଶେଷଃ—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହୋଇଅଛି । ଶ୍ରୀମାନ୍ ମ—ର ନିକଟରୁ ସବୁ ଶୁଣିଅଛି । "ସଂଶୟାତ୍ମା ବିନଶ୍ୟତି"—ସଂଶୟ-ବୁଦ୍ଧି ହେତୁ ତୁମେ ଅକାରଣରେ କଷ୍ଟ ପାଅ । ମୁଁ ତୁମକୁ ପୂର୍ବ ପତ୍ରରେ ମଧ୍ୟ ଲେଖିଅଛି, ଯିଏ ଯେପରି ବ୍ୟବହାର କରୁ ନା କାହିଁକି, ତୁମେ ସତ୍ୟ ଓ ନ୍ୟାୟ ପଥରେ ରହି ସମସ୍ତଙ୍କ ସହିତ ସଦ୍‌ବ୍ୟବହାର କର । ତୁମର ପ୍ରାରବ୍ଧ ହିଁ ତୁମର ବୁଦ୍ଧି ବିପର୍ଯ୍ୟୟର କାରଣ । ମୁଁ ତୁମକୁ ପୂର୍ବରୁ ଲେଖିଥିଲି, ଏବେ ଛୁଟି ନ ନେଇ ନୂତନ ସାହେବ ଆସିଲେ, କିପରି ବ୍ୟବହାର ପାଉଅଛ ଦେଖି ଯାହା କରିବା କଥା କର । ଏବେ ମଧ୍ୟ ଯେତେବେଳେ ସେହି ବ୍ୟବସ୍ଥା, ଏପରି କି ଚାକିରୀ ଯିବାର ମଧ୍ୟ ସମ୍ଭାବନା, ସେତେବେଳେ ଛୁଟି ନେଇ ଆଉ ଥରେ ଅଦୃଷ୍ଟକୁ ପରୀକ୍ଷା କରି ଦେଖ । ଏହାଦ୍ବାରା ତୁମର ନିର୍ଭରତାର ଭାବ ଦୃଢ଼ ହେବ । କାରଣ ଅନ୍ୟ ସ୍ଥାନକୁ ଯାଇ ମଧ୍ୟ ଯଦି ଦେଖ ସେହିପରି ହିଁ ଅବସ୍ଥା, ସେତେବେଳେ ବୁଝି ପାରିବ ଏହା ଲୋକଙ୍କର ଦୋଷ ନୁହେଁ—ସବୁ ତୁମ ଅଦୃଷ୍ଟର ଦୋଷ ; ବୁଦ୍ଧି ମଧ୍ୟ ତଦନୁସାରେ ପ୍ରକାଶିତ । କାର୍ଯ୍ୟତଃ ନିର୍ଭରତା ଭିନ୍ନ ସେତେବେଳେ ଆଉ

ଅନ୍ୟ ଉପାୟ ନ ପାଇ ଦୃଢ଼ ହେବ ଓ ଶାନ୍ତି ପାଇବ । * * * ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୬)

ଓଁ ଜୟଗୁରୁ

ଆସାମ ମଠ

୨୮।୧୦।୩୦

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ୱିଶଷଃ—

ତୁମର ପତ୍ର ପାଇ ସବିଶେଷ ଜ୍ଞାତ ହେଲି । ହିନ୍ଦୁମାନେ କହନ୍ତି, ଇଚ୍ଛାକରି ଚାକିରୀ ଛାଡ଼ିଲେ ତାର କଷ୍ଟ ହୋଇଥାଏ । ଅବଶ୍ୟ ଚାକିରୀଜୀବୀ ବଙ୍ଗାଳୀର ଏଇ କଥାର ସତ୍ୟତା କେତେ ଜାଣେନା । ଲୋକ ସୁଖ ପାଇଁ ଚାକିରୀ କରନ୍ତି, ତୁମେ ଚାକିରୀରେ ଯେଉଁ ସବୁ ଦୁଃଖର କଥା ଲେଖି ଅଛ, ସେଥିରେ ଚାକିରୀ ଛାଡ଼ି ଅନ୍ୟ ଚେଷ୍ଟା କରିବା ମନ୍ଦ ନୁହେଁ । ଏବେ ମଧ୍ୟ ତୁମେ ଯୁବକ, ସୁତରାଂ ଅନ୍ୟପ୍ରକାର ଚେଷ୍ଟା କରି ଦେଖି ପାର । ତେବେ ତୁମର ଅର୍ଥଭାଗ୍ୟ ଭଲ ନୁହେଁ ; ଯେଉଁ ଦିଗକୁ ଯାଅ କୌଣସି ପ୍ରକାରେ ତିଷ୍ଠି ରହି ପାରିବ ମାତ୍ର, ବିଶେଷ ସୁବିଧା ହେବ ନାହିଁ । * * * ଅତ୍ର କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୭)

ଜୟଗୁରୁ

ପୁରୀ

୧୮।୧୨।୩୨

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ତିଶେଷଃ—

ତୁମର ପତ୍ର ପାଇ କ୍ଷୁର୍ଣ୍ଣ ହେଲି । ହିନ୍ଦୁସ୍ଥାନୀ ହିନ୍ଦୁ ଅକାରଣରେ ସନ୍ନ୍ୟାସୀଙ୍କୁ ଆଘାତ କଲା, ପ୍ରକୃତରେ ବିସ୍ମୟର ବିଷୟ । ଅବଶ୍ୟ ସେହି ବ୍ୟକ୍ତି ତାର କୃତକର୍ମର ଫଳଭୋଗ କରିବ । ସନ୍ନ୍ୟାସୀଙ୍କୁ କେହି ନାରାୟଣଙ୍କ ଭଳି ସମ୍ମାନ କରେ, ପୁଣି କେହି ବା ଅପମାନ କରି ଥାଏ । ମୁଁ ମଧ୍ୟ ଦଣ୍ଡୀ-ଜୀବନରେ କମ୍ ଲାଞ୍ଛନା ଭୋଗ କରିନାହିଁ ! ଏହା ମଧ୍ୟ ଭଗବାନଙ୍କ ପରୀକ୍ଷା । କାରଣ ସନ୍ନ୍ୟାସୀଙ୍କୁ ମାନ-ଅପମାନ ସମାନ ଜ୍ଞାନ କରିବାକୁ ପଡ଼ିବ । ବିଚଳିତ ହେଲେ ଚଳିବ କିପରି ? ବିଶେଷତଃ ଯେଉଁମାନେ ଦଶର ଓ ଦେଶର କାର୍ଯ୍ୟଭାର ଗ୍ରହଣ କରିଛନ୍ତି, ସେମାନଙ୍କୁ ପଦେ ପଦେ ଲାଞ୍ଛିତ ହେବାକୁ ପଡ଼େ । ଆଶୀର୍ବାଦ କରୁଛି ତୁମର ଚିତ୍ତ ଦୃଢ଼ ଓ ସର୍ବାବସ୍ଥାରେ ଆନନ୍ଦଯୁକ୍ତ ହେଉ । * * * ତୁମେ ଯେତେବେଳେ ଯେଉଁଠାରେ ଥାଅ ସାବଧାନରେ ରହିବ ଏବଂ ସତର୍କତାର ସହିତ ସାଧାରଣଙ୍କ ସଙ୍ଗେ ବ୍ୟବହାର କର । ଅତ୍ର ଅନ୍ୟାନ୍ୟ କୁଶଳ । * * * ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୬୮)

ଜୟଗୁରୁ

ସାରସ୍ୱତ ମଠ
୨୨।୨।୩୩

କଲ୍ୟାଣୀୟାସୁ—

ପରମ ଶୁଭାଶୀରାସ୍ତାନ୍ୱିଶେଷଃ—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ସନ୍ଦୀପରୁ ପ୍ରାୟ ପତ୍ରାଦି ଆସି ଥାଏ, ଅତଏବ ତୁମ୍ଭମାନଙ୍କର ସକଳ ସମ୍ବାଦ ମୁଁ ଅବଗତ ଅଛି ।

ତୁମ୍ଭେମାନେ ମୋର ପ୍ରିୟ ଭକ୍ତ, ତେଣୁ ମା ତୁମ୍ଭମାନଙ୍କୁ ଏହି ଦାରୁଣ ପରୀକ୍ଷାରେ ପକାଇ ଅଛନ୍ତି । ସର୍ବାନ୍ତଃକରଣରେ ମା'ଙ୍କର ଚରଣରେ ଆତ୍ମସମର୍ପଣ କର, ସବୁ ମା'ଙ୍କର ଦାନ ବୋଲି ମୁଣ୍ଡପାତି ନେବାକୁ ଅଭ୍ୟାସ କର । ଆଶୀର୍ବାଦ କରୁଛି, ମା ତୁମ୍ଭମାନଙ୍କ ହୃଦୟରେ ଭକ୍ତି ଓ ପ୍ରାଣରେ ଶାନ୍ତି ପ୍ରଦାନ କରନ୍ତୁ । * * * ମୁଁ ଶାରୀରିକ ଭଲ ଅଛି । ଅନ୍ୟାନ୍ୟ କୁଶଳ । ମୋର ଆଶୀର୍ବାଦ ଜଣାଇବ । ଇତି—

ଆଶୀର୍ବାଦକ—
ଶ୍ରୀନିଗମାନନ୍ଦ

(୬୯)

ଜୟଗୁରୁ

ପୁରୀ

୨୨।୬।୩୪ ଇଂ

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ତୁମର ପତ୍ର ପାଇଛି । ଶନି ଦଶାରେ ଦୁଃଖ-କଷ୍ଟ-ଯନ୍ତ୍ରଣା ଭୋଗ ହେଲେ ମଧ୍ୟ ଜୀବନର ହାନୀ ହୁଏ ନାହିଁ । ସ୍ୱସ୍ତ୍ୟୟନ ତ ଶିବ ବା ନାରାୟଣଙ୍କର ହିଁ ଆରାଧନା, ସୁତରାଂ ତାହା କରିବାକୁ ବାଧା ନାହିଁ । ତେବେ ସାଧାରଣ ପୁରୋହିତ ଦେଇ ନ କରାଇ ଜଣେ ନୈଷ୍ଠିକ ବ୍ରାହ୍ମଣ ଦ୍ୱାରା କରାଇ ପାରିଲେ ଭଲ ହେବ ।

ମୋର ଶ୍ୱାସକଷ୍ଟର କାରଣ କୌଣସି ଡାକ୍ତର ବିଶେଷତଃ ବିଧାନ ରାୟଙ୍କ ଭଳି ସୁଚିକିତ୍ସକ ମଧ୍ୟ ଧରି ପାରୁ ନାହାନ୍ତି । ନାନା ଲୋକ ନାନା କଥା କହୁଛନ୍ତି ମାତ୍ର । କାର୍ଯ୍ୟତଃ ଔଷଧ ଖାଇ ମଧ୍ୟ କୌଣସି ଫଳ ହେଉ ନାହିଁ । ଏହା ଯୋଗକ୍ରିୟାର ହିଁ ପରିଣତି ବୋଲି ମନେ ହୁଏ । ଯାହଉ, ମୋ ପାଇଁ ତୁମ୍ଭେମାନେ କୌଣସି ଚିନ୍ତା କର ନାହିଁ । ବାକି ଜୀବନ ଏହି ଭାବରେ ହିଁ କଟିଯିବ । ଅନ୍ୟାନ୍ୟ କୁଶଳ । ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୭୦)

ଓଁ ଶ୍ରୀଗୁରୁ

* * *

କାର୍ତ୍ତିକ ୨୫ ଦିନ
୧୩୨୧ ବାଂ

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର କ୍ରମାଗତ ଦୁଇଟି ପତ୍ର ପାଇ ଅବଗତ ହେଲି । ତୁମେ ଲୋକଟିର ଯେଉଁ ଅବସ୍ଥା ଲେଖିଅଛ, ସେଥିରୁ ଭାବି ଦେଖିଲି, ତୁମ୍ଭମାନଙ୍କର ଅନୁମାନ କେତେକାଂଶରେ ସତ୍ୟ । ତାହାର ଶତ୍ରୁପକ୍ଷ ଦ୍ୱାରା ଅଭିଚାର-କର୍ମଦ୍ୱାରା ବର୍ତ୍ତମାନର ଅବସ୍ଥା ଘଟିଅଛି । କିଛିଦିନ ପରେ ଆପେ ଆପେ ଦୂର ହୋଇ ଯିବ । ତେବେ ଅଭିଜ୍ଞ ତାନ୍ତ୍ରିକ ଦ୍ୱାରା ଶାନ୍ତିକର୍ମ କରାଇଲେ ଅଚିରେ ଆରୋଗ୍ୟ ହୋଇପାରେ । ମୁଁ ଶିଖା-ସୂତ୍ର ପରିତ୍ୟାଗୀ ବୈଦିକ ସନ୍ନ୍ୟାସୀ, ସୁତରାଂ ମୋ ଦ୍ୱାରା ସେହି କର୍ମ ହେଇ ପାରିବ ନାହିଁ । ମୁଁ ମଧ୍ୟ ଏପରି କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ଇଚ୍ଛୁକ ନୁହେଁ ।

* * *

ନିଜକୁ ମନ ଠାରୁ ପୃଥକ୍ ଭାବରେ ଉପଲବ୍ଧି କରିବାକୁ ଅଭ୍ୟାସ କର । ମନର ଅବସ୍ଥା ସହିତ ନିଜକୁ ମିଶ୍ରିତ କଲେ କିପରି ସ୍ୱରୂପ-ଆନନ୍ଦ ଉପଲବ୍ଧି କରିବ ? ଏଥିପାଇଁ ସର୍ବ ଅବସ୍ଥାରେ ସାକ୍ଷୀରୂପେ ରହି ସୁଖ-ଦୁଃଖ, ରୋଗ-ଶୋକରେ ଲକ୍ଷ୍ୟ ଠିକ୍ ରଖ—ସମ୍ପୂର୍ଣ୍ଣରୂପେ ଭଗବାନଙ୍କୁ ନିର୍ଭର କରି ସର୍ବଦା ତାଙ୍କର ଜୟ ଉଚ୍ଚାରଣ କର—ନାମ କରୁଥାଅ ।

ପ୍ରାରବ୍ଧ ହାତରୁ କାହାରି ବି ନିସ୍ତାର ନାହିଁ । ଅତ୍ର ମଙ୍ଗଳ । ତୁମେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୭୧)

ଓଁ

ମଠ

୩୦।୪।୨୯

ସ୍ନେହାସ୍ପଦେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ତୁମର ପତ୍ର ପାଇ ସମାଚାର ଅବଗତ ହେଲି । ସାଂସାରିକ ବୁଦ୍ଧିରେ ଦେଖିବାକୁ ଗଲେ ତୁମକୁ କେତେକାଂଶରେ ହତଭାଗ୍ୟ ବୋଲି ମନେ ହୁଏ ସତ, ଯଦିଓ ତୁମ ଅପେକ୍ଷା ଶତ ଶତ ଦୁର୍ଭାଗା ବର୍ତ୍ତମାନ ଅଛନ୍ତି—କିନ୍ତୁ ତୁମ ଉପରେ ମାଙ୍କର କୃପା ମଧ୍ୟ ବେଶ୍ ଅନୁଭବ କରି ପାରୁଅଛି । ତୁମେ ଏବେ ତାହା ବୁଝି ନ ପାରିଲେ ମଧ୍ୟ ଦିନେ ନିଶ୍ଚୟ ବୁଝି ପାରିବ ଏବଂ ନିଜକୁ ଭାଗ୍ୟବାନ୍ ବୋଲି ମନେ କରିବ । ମା'ଙ୍କର କୃପା ଯେ କିପରି ଧାରାରେ ଜୀବ ଉପରେ ବର୍ଷିତ ହୁଏ, ତାହା ସାଧାରଣ ବୁଦ୍ଧିରେ ବୋଧଗମ୍ୟ ହୁଏ ନାହିଁ । ମା'ଙ୍କର କୃପା ବିପଦ ଭିତର ଦେଇ ହିଁ ଚିରଦିନ ପ୍ରକାଶ ପାଉଅଛି । ସୁଖ-ଦୁଃଖ ମା'ଙ୍କର ଦାନ ମନେ କରି ସମଭାବରେ ମଥାପାତି ଗ୍ରହଣ କରିବାକୁ ହୁଏ । ଧୈର୍ଯ୍ୟ ଧରି କର୍ତ୍ତବ୍ୟ ପ୍ରତିପାଳନର ଚେଷ୍ଟା କର, ତେବେ ଶୀଘ୍ର ହିଁ ତାଙ୍କର କୃପା ବୁଝି ପାରିବ ।

ମୁଁ ଶୀଘ୍ର କଲିକତା ହୋଇ ପୁରୀ ଯିବି । ସାକ୍ଷାତରେ ଏ ସବୁ ଆଲୋଚନା କରାଯିବ । ମୁଁ ଭଲ ଅଛି । * * * ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୭୨)

ଓଁ ତତ୍‌ସତ୍

ସାରସ୍ୱତ ମଠ

୧୯।୫।୨୬

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାବ୍ବିଶେଷଃ—

ଆପଣଙ୍କ ପତ୍ର ପାଇ ଆନନ୍ଦିତ ହେଲି । ଆଶାକରେ ନବପ୍ରସୂତ ଶିଶୁ ଓ ପ୍ରସୂତି କୁଶଳରେ ଅଛନ୍ତି । ମୋର କର୍ତ୍ତବ୍ୟ ଯଥାରୀତି ସମ୍ପନ୍ନ କରିଅଛି ।

ଭଗବନ୍ନିର୍ଭରତା ବ୍ୟତୀତ ଜୀବର ଉପାୟ କ'ଣ ? ରୋଗ-ଶୋକ-ମୃତ୍ୟୁ ଯେ ଜଗତର ନିତ୍ୟ ଘଟଣା, ସେଠାରେ ଏକମାତ୍ର ନିତ୍ୟସତ୍ୟ ଶ୍ରୀଭଗବାନଙ୍କୁ ଆଶ୍ରୟ ନ କଲେ ଗୋଟିଏ ମୁହୂର୍ତ୍ତ ମଧ୍ୟ ନିରୁଦ୍‌ବିଗ୍ନ ହେବାର ଉପାୟ ନାହିଁ । ସର୍ବଦା ସମ୍ଭାଳ ସମ୍ଭାଳ କରି ପୂର୍ଣ୍ଣ ମାନବ-ଜୀବନଟା ନଷ୍ଟ ହୋଇ ଯିବ । ସୁତରାଂ ସରଳଭାବରେ ଭଗବାନଙ୍କଠାରେ ଆତ୍ମସମର୍ପଣ କରି ସମସ୍ତ ବିଷୟରେ ସମ୍ପୂର୍ଣ୍ଣ ତାଙ୍କର କୃପା ଉପରେ ନିର୍ଭର କରିବାକୁ ଅଭ୍ୟାସ କରନ୍ତୁ । ଅଚିରେ ଜୀବନ ମଧୁମୟ ହୋଇଯିବ ।

କଲିକତାରେ ଅବସ୍ଥାନ କାଳରେ ସନ୍ନ୍ୟାସୀର କଠୋର ଜୀବନ ମଧ୍ୟ ଆପଣଙ୍କର ପୁଅ-ଝିଅମାନେ ସରସ କରି ରଖିଥିଲେ, ଏବେ ମଧ୍ୟ ସେମାନେ ମତେ ତ୍ୟାଗ କରି ନାହାନ୍ତି । ବିଶେଷତଃ ''ଛାନା''ର ମଧୁର ମୂର୍ତ୍ତି ନିୟତ ଆଖି ସାମ୍ନାରେ ଭାସି ଉଠୁଛି । ପ୍ରାର୍ଥନା କରୁଛି, ପୁଅ-ଝିଅଙ୍କୁ ନେଇ ଆପଣଙ୍କ ସମୟ ଆନନ୍ଦରେ ଅତିବାହିତ ହେଉ । ସେମାନଙ୍କ ମଧ୍ୟରେ ମା'ଙ୍କର ଆହ୍ଲାଦିନୀ ମୂର୍ତ୍ତିର ବିକାଶ ଦେଖି ଆପଣ ଧନ୍ୟ ହୁଅନ୍ତୁ । ଆପଣମାନଙ୍କ ଉପରେ ମା'ଙ୍କର ଅଜସ୍ର କୃପା ବର୍ଷିତ ହେଉ । ଅତ୍ର ଶୁଭ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୭୩)

ଓଁ ଜୟଗୁରୁ

ପୁରୀ

୩୧।୩।୩୧

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସମାଚାର ଅବଗତ ହେଲି । ତୁମର ସ୍ୱାସ୍ଥ୍ୟ ଖରାପ ହୋଇଅଛି, କିଛିଦିନ ବିଶ୍ରାମ ନେବା ପ୍ରୟୋଜନ । ସ୍ୱାସ୍ଥ୍ୟ ଭଲ ନ ରହିଲେ ସାଂସାରିକ ବା ଆଧ୍ୟାତ୍ମିକ କୌଣସି ପ୍ରକାର ଉନ୍ନତି ସମ୍ଭବପର ନୁହେଁ । ଆଶା କରେ, ସ୍ୱାସ୍ଥ୍ୟ ସମ୍ବନ୍ଧରେ ଔଦାସନ୍ୟ କରିବ ନାହିଁ । * * *

ଗୋ—ର ବ୍ୟବହାରରେ ଅତ୍ୟନ୍ତ ଦୁଃଖିତ ହେଲି । ଗୁରୁଭାଇଙ୍କ ଭିତରେ ଏକତା ଓ ପ୍ରେମ ନ ଥିଲେ ଜଗତ୍‌ପ୍ରେମ କିପରି ସମ୍ଭବ ହେବ ? ଯାହଉ, ସେ ଯେପରି ବ୍ୟବହାର କରୁଛି କରୁ, ତୁମ୍ଭେମାନେ ତାର ବିରୁଦ୍ଧାଚରଣ କରନା । ସତ୍ୟ ଦ୍ୱାରା ଅସତ୍ୟକୁ, କ୍ଷମାଦ୍ୱାରା କ୍ରୋଧକୁ, ପ୍ରେମଦ୍ୱାରା ହିଂସାକୁ ଜୟ କରିବାକୁ ପଡ଼ିବ । ତୁମ୍ଭେମାନେ ଯଦି ସଦ୍‌ବ୍ୟବହାର କରି ପାର, ନିଶ୍ଚୟ ଦିନେ ସେ ତାର ଭୁଲ ବୁଝି ଅନୁତପ୍ତ ହେବ ଏବଂ ତୁମ୍ଭମାନଙ୍କ ସଙ୍ଗରେ ମିଶିବ । * * * ଅତ୍ର ଶୁଭ । ସମସ୍ତେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୭୪)

ଓଁ

ଆସାମ ମଠ

୧୫।୧।୨୭

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ଦୁଇଟି ପାଇଛି । ଅକ୍ଷୟତୃତୀୟା ଦିନ ଯେଉଁ ଘଟଣା ଅନୁଭବ କରିଅଛ, ତାହା ଶକ୍ତିସଞ୍ଚାରର ଅନୁରୂପ ଅଟେ । ସର୍ବତୋଭାବରେ ତାହା ଶ୍ରୀଗୁରୁଙ୍କ କୃପା ଏଥିରେ ସନ୍ଦେହ ନାହିଁ । କିନ୍ତୁ ତୁମର ଅନ୍ତଃକରଣ ଏବେ ମଧ୍ୟ ସମ୍ପୂର୍ଣ୍ଣରୂପେ ଗୁରୁଶକ୍ତି ଧାରଣକ୍ଷମ ହୋଇ ନାହିଁ । ସମୟକ୍ରମେ ଆହୁରି ସ୍ପଷ୍ଟରୂପେ ଗୁରୁକୃପା ଅନୁଭବ କରିବ ।

କେବଳ ଏକନିଷ୍ଠ ଶ୍ରଦ୍ଧାଭକ୍ତି ଓ ପବିତ୍ରତା ଆବଶ୍ୟକ । * * * ନିରାପଦରେ ଉତ୍ସବ ହୋଇ ଯାଇଛି । ତୁମେ ମୋର ଆଶୀର୍ବାଦ ଜାଣିବ ଏବଂ ଅନ୍ୟାନ୍ୟ ଭକ୍ତଗଣଙ୍କୁ ଜଣାଇବ । ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୭୫)

ଜୟଗୁରୁ

ଆସାମ ମଠ

୩୧।୨।୩୩

କଲ୍ୟାଣୀୟାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ତୁମର ମନର ଅବସ୍ଥା ମୁଁ ଜାଣେ, ଚିଠି-ପତ୍ରରେ ଆଉ ବିଶେଷ କ'ଣ ଲେଖିବି ? * * *

ପରଲୋକରେ ଚରମ ମିଳନ ପାଇଁ ପ୍ରସ୍ତୁତ ହୋଇ ଜୀବନର ବାକୀ କେତୋଟି ଦିନ କଟାଇ ଦିଅ । ପ୍ରାଣରେ ନ ପାଇଲେ ବାହାରେ ପାଇବା କିଛି ନୁହେଁ । ବିରହ ବ୍ୟତୀତ ପ୍ରାଣରେ ମିଳନ ହୁଏନା । ଅଭାବରେ ହିଁ ଭାବ ଲାଭ ହୁଏ । ଆଉ ପାଇଲେ ସ୍ୱଭାବ ପ୍ରକାଶିତ ହୁଏ । ଆଶୀର୍ବାଦ କରୁଛି, ତୁମେ ଅନ୍ତରରେ ଅନୁଭୂତି ଲାଭ କର । ବାହାରର ଆଶା ନ ଛାଡ଼ିଲେ ଅନ୍ତର ବିକଶିତ ହେବ ନାହିଁ । ଯେତେବେଳେ ଯେଉଁ ଅବସ୍ଥାରେ ରୁହ ନ କାହିଁକି, ସର୍ବାନ୍ତଃକରଣରେ ଆତ୍ମନିବେଦନ କରି ଏକାଗ୍ରଚିତ୍ତରେ

ଆଶାପଥ ଚାହିଁ ରୁହ । ତାହା ହେଲେ ଅନ୍ତର-ଦ୍ୱାର ଉଦ୍‌ଘାଟିତ ହେବ । * * * ଇତି—

ଶୁଭାନୁଧ୍ୟାୟୀ—

ଠାକୁର

(୭୬)

ଓଁ

ସାରସ୍ୱତ ମଠ

ଚୈତ୍ର ୨୮ ଦିନ, ୧୩୨୪

ସ୍ନେହାସ୍ପଦେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇବାକୁ ବିଳମ୍ୱ ହୋଇଛି । ଜଣେ ସେବକ ଯୋରହାଟ ଯାଇଥିଲା, କାର୍ଯ୍ୟବଶତଃ ତାକୁ କେତେଦିନ ଯୋରହାଟରେ ରହିବାକୁ ପଡ଼ିଥିଲା । ଗତକାଲି ସନ୍ଧ୍ୟାପରେ ପତ୍ର ପାଇ ସମାଚାର ଅବଗତ ହେଲି । ଆମର ଏହି ସମୟରେ ଟିକିଏ କାର୍ଯ୍ୟର ଝଞ୍ଜଟ ଥାଏ, ତେଣୁ ତୁମର ଘରକୁ ଯିବା ବନ୍ଦ ରହିବ ଭାବି ସଙ୍ଗେ ସଙ୍ଗେ ଉତ୍ତର ଦେଲି ।

ତୁମେ ଯେଉଁଦିନ କାଳୀଘାଟରେ କାଳୀଦର୍ଶନ କରି ମୋ ସହିତ ଦେଖା କରିବାକୁ ଆସିଲ, ସେହିଦିନ ହିଁ ବୁଝିଥିଲି, ତୁମେ "ମା'ଙ୍କର ସେବକ" ; ତୁମେ ଦିନେ ମା'ଙ୍କର କୃପାଲାଭ କରିବ । ତଥାପି ଅଯୋଗ୍ୟ ଗୁରୁଙ୍କ ଭଳି ତୁମକୁ ଶିଷ୍ୟ କରିବାର ପ୍ରଲୋଭନ କିମ୍ୱା ଯୋଗ୍ୟ ଗୁରୁଙ୍କ ଭଳି କୃପା କରିବାର ଇଚ୍ଛା ହୋଇ ନାହିଁ । ଅନେକ ସମୟରେ କଲିକତାରେ ମହାପୁରୁଷଗଣ ମଧ୍ୟ ଅବସ୍ଥିତି କରନ୍ତି ; କିନ୍ତୁ

ତୁମେ ଆଜିକୁ ତିନି ବର୍ଷ ଧରି ମୋର ଅପେକ୍ଷା କରିଅଛ । ଏ ବର୍ଷ କଲିକତା ଯାଇ ତୁମର ବ୍ୟାକୁଳତା ଦେଖି ମଧ୍ୟ ବୁଝିଲି ଯେ, ତୁମେ ମୋ ପାଇଁ ହିଁ ଅପେକ୍ଷା କରୁଅଛ । ଯେ କୌଣସି କାରଣରୁ ହେଉ ତୁମେ ଯେତେବେଳେ କେତେମାତ୍ରାରେ ମୋ ଆଡ଼କୁ ଆକୃଷ୍ଟ ହୋଇଅଛ, ସେତେବେଳେ ତୁମକୁ ଦୀକ୍ଷା ଦେବାରେ ବାଧା ନାହିଁ । ଗୁରୁ, ଶିଷ୍ୟ, ଇଷ୍ଟଦେବତା, ଦୀକ୍ଷା, ଏ ସବୁ କ'ଣ, ସେହି ସବୁ ତତ୍ତ୍ୱ ନ ବୁଝାଇ ବିଶ୍ୱାସୀ ହିନ୍ଦୁ ଭଳି ଦୀକ୍ଷା ଦେଲି । ଅବଶ୍ୟ କହିଥିଲି, ସମୟାନୁସାରେ ଆଶ୍ରମକୁ ଯାଇ ମୋ ସହିତ କେତେ ଦିନ ବାସ କରିବା ଏକାନ୍ତ କର୍ତ୍ତବ୍ୟ । କିନ୍ତୁ ଯେଉଁ ଆଶଙ୍କା କରୁଥିଲି, ଦୁଇମାସ ଯାଉ ନ ଯାଉଣୁ ତାହାର ଫଳଭୋଗ ଆରମ୍ଭ ହେଲା ।

ତୁମର ପତ୍ରର ଉତ୍ତର ଦେବାକୁ ଗଲେ ବି—ର ବିରୁଦ୍ଧରେ କହିବାକୁ ପଡ଼ିବ ଏବଂ ସ୍ୱପକ୍ଷରେ ଓକିଲାତି କରିବା ହେବ । ମୋର କୌଣସି ଶିଷ୍ୟ ଏ ପର୍ଯ୍ୟନ୍ତ ଭାରତର ଅନ୍ୟ କୌଣସି ସାଧୁ-ମହାପୁରୁଷଙ୍କ ନିକଟକୁ ଯାଇ ଏପରି ଧିକୃତ ହୋଇ ନାହାନ୍ତି, ବରଂ ସସମ୍ମାନରେ ଗୃହୀତ ଓ ଆଦୃତ ହୋଇଛନ୍ତି । ମୁଁ ଯେ ତୁମ ନିକଟରେ ବ୍ୟବସାୟୀ ଗୁରୁରୂପେ ପ୍ରତିପନ୍ନ ହୋଇଅଛି ! କାରଣ ମୁଁ ତୁମର କର୍ମଫଳ ଓ ଜନ୍ମାନ୍ତର-ରହସ୍ୟ (ପୂର୍ବଜନ୍ମର ମନ୍ତ୍ରବିଚାର ସମ୍ବନ୍ଧରେ ତାନ୍ତ୍ରିକଗୁରୁରେ ବୋଧ ହୁଏ ମୁଁ ହିଁ ପ୍ରଥମେ କଲମ ଧରିଅଛି) ନ ଜାଣି ତୁମକୁ ଗୋଟିଏ ଯାହା-ତାହା ମନ୍ତ୍ର ଦେଇଛି । ସୁତରାଂ ମୋ ନିକଟରୁ ଆପାତତଃ ତୁମକୁ ଶାନ୍ତି ମିଳିବ ନାହିଁ । ତୁମେ ଶିକ୍ଷିତ ପିଲା, ମନ୍ତ୍ର ନେବା ପୂର୍ବରୁ ମୋ ସହିତ ବୁଝାମଣା କରିବା ଉଚିତ ଥିଲା । ବି— କାହିଁକି, ସ୍ୱୟଂ ତୁମର ଇଷ୍ଟଦେବୀ ଆସି ମୋ ବିରୁଦ୍ଧରେ କହିଥିଲେ ମଧ୍ୟ ସଗର୍ବରେ ଓ ଗୌରବରେ ତାହା ଉପେକ୍ଷା

କରି ପାରିଥାନ୍ତ—ଏହିପରି ବଳ ସଞ୍ଚୟ କରି ଗୁରୁ କରିବାକୁ ପଡ଼େ । ଯାହଉ, ମୁଁ ତୁମକୁ ଅଭୟ ଦେଉଛି, ତୁମେ ଦ୍ୱିତୀୟ ଥର ଗୁରୁ କର । ଯେତେବେଳେ ତୁମର ଅବିଶ୍ୱାସ ଆସିଅଛି—ପୂର୍ବଜନ୍ମର ମନ୍ତ୍ର ପାଇ ନାହିଁ ବୋଲି ଦୁଃଖ ହୋଇଛି, ସେତେବେଳେ ମୋ ଉପରେ ଆଉ ନିର୍ଭର କରିବା କର୍ତ୍ତବ୍ୟ ନୁହେଁ । କାରଣ ତଦ୍ୱାରା କୌଣସି ଫଳ ହେବ ନାହିଁ । ତୁମର ଆଶୁ ମନଶ୍ଚାଞ୍ଚଲ୍ୟ ବାରଣ ଓ ଆନନ୍ଦ ଦାନ ମୁଁ କରି ପାରିବି ନାହିଁ । କିମ୍ବା ବନ୍ଧୁବିଚ୍ଛେଦ, ଅର୍ଥନାଶ, ମନସ୍ତାପ, ରୋଗ-ଶୋକରେ କଦାପି ବିନ୍ଦୁମାତ୍ର ପ୍ରତିକାର କରି ଦେଇ ପାରିବି ନାହିଁ । ଇଷ୍ଟଦେବତା ଦେଖାଇବା କିମ୍ବା ପୂର୍ବ ପୂର୍ବ ଜନ୍ମର କୌଣସି ସମ୍ବାଦ ମଧ୍ୟ କହିପାରିବି ନାହିଁ କିମ୍ବା ସେହି ଶକ୍ତି ମୋର ଆଦୌ ନାହିଁ । ନିଜର ଅଧ୍ୟାତ୍ମ-ଚକ୍ଷୁର ବିକାଶ ବ୍ୟତୀତ ଅନ୍ୟ କେହି ଦେଖାଇ ବା କହି ଦେଲେ କାହାରି ବି ଉପକାର ହୁଏ ବୋଲି ମୁଁ ବିଶ୍ୱାସ କରେନା । ଶିଷ୍ୟ ସଙ୍ଗେ ବାଜେ ବାଚାଳତା ବା ଚିନ୍ତା ବା ଭାବ ପରିଚାଳନା ଦ୍ୱାରା ମୂର୍ତ୍ତିବିଶେଷ ଦେଖାଇବା ମୋ ଶ୍ରେଣୀର ଲୋକ ପସନ୍ଦ କରନ୍ତି ନାହିଁ । ତାହା ସାଧାରଣ ଶ୍ରେଣୀ ମଧ୍ୟରେ ହିଁ ଆବଦ୍ଧ । ମୋର ଜଣେ ଦୁଇଜଣ ଗୃହସ୍ଥ ଶିଷ୍ୟ ମଧ୍ୟ ଏ ସବୁ ବିଦ୍ୟାରେ ଅଭ୍ୟସ୍ତ । ଯାହଉ, ମୋ ଦ୍ୱାରା ଆପାତତଃ କୌଣସି ଉପକାରର ସମ୍ଭାବନା ଯେତେବେଳେ ଦେଖୁ ନାହଁ, ସେତେବେଳେ ତୁମେ ଦ୍ୱିତୀୟ ଗୁରୁ କର । ମୋର ପ୍ରଦତ୍ତ ମନ୍ତ୍ରର ସାଧନ ନ କଲେ ତାହା ତ୍ୟାଗ କରା ହେଲା । ଏହାଦ୍ୱାରା ତୁମର କୌଣସି ପ୍ରତ୍ୟବାୟ ହେବ ନାହିଁ । ମୁଁ ସରଳ ଭାବରେ ଅନୁମତି ଦେଉଛି, ସୁତରାଂ ତୁମର କୌଣସି ଅପକାର ହେବ ନାହିଁ । ମୁଁ ସେଥିରେ ବିନ୍ଦୁମାତ୍ର କ୍ଷୁର୍ଣ୍ଣ ହେବି ନାହିଁ । ଯେଉଁଠାକୁ ଯାଇ ତୁମେ ମନୁଷ୍ୟତ୍ୱ ଲାଭ କରି

ପାର—ଯଥାର୍ଥ ଶାନ୍ତି ଓ ତୃପ୍ତି ପାଅ, ସେଠାକୁ ଅବଶ୍ୟ ଯିବ । ମୋ ସ୍ୱାର୍ଥ ପାଇଁ ମୁଁ ବାଧା ଦେଲେ ତାହା ଶୁଣିବ କାହିଁକି ? ଯେଉଁଠାରେ ତୁମର ଅଭୀଷ୍ଟ ସିଦ୍ଧ ହେବ, ସେହିଠାରେ ହିଁ ଶରଣାଗତ ହୋଇ ତାଙ୍କର ଉପଦେଶାନୁସାରେ ଚଳିବ । କିନ୍ତୁ ପୁନଃ-ପୁନଃ ଗୁରୁତ୍ୟାଗ ଓ ଗ୍ରହଣ କଲେ ପରିଣାମରେ ତୁମର ଅମଙ୍ଗଳ ହେବ । ରାମକୃଷ୍ଣଙ୍କ ଭାଷାରେ—"କୂଅଁ ଖୋଳିବା ହିଁ ସାର ହେବ, ଜଳ ଆଉ ମିଳିବ ନାହିଁ ।" କିନ୍ତୁ ମତେ ତ୍ୟାଗ କଲେ ତୁମର କୌଣସି ଅମଙ୍ଗଳ ହେବ ନାହିଁ । ମୁଁ ଚିରଦିନ ତୁମର ମଙ୍ଗଳ ଚିନ୍ତା କରିବି ଓ ଭଲପାଇବି । ମତେ ଆଉ ପତ୍ରାଦି ଲେଖିବାର ପ୍ରୟୋଜନ ନାହିଁ । ଯାହାଙ୍କୁ ଏଥର ଗୁରୁ କରିବ, ଏକନିଷ୍ଠ ହୋଇ ତାଙ୍କ ଉପରେ ନିର୍ଭର କରି ରହିବ । ପାଞ୍ଚଦିଗକୁ ମନ ରହିଲେ ଚିତ୍ତର ବିକ୍ଷିପ୍ତତା ଦୂର ହେବ ନାହିଁ । ଆଶୀର୍ବାଦ କରୁଛି, ଏଥର ତୁମେ ଶାନ୍ତି ପାଅ । ଈଶ୍ୱର ନ କରନ୍ତୁ—ଯଦି କେଉଁଠି ତୁମେ ତୃପ୍ତି ନ ପାଅ, ପୁନଶ୍ଚ ମୋ ନିକଟକୁ ଆସିବାର ପ୍ରୟୋଜନ ବୋଧ କର, ବା କେହି ବୋଧ କରାଏ, ନିର୍ଭୟରେ ଚାଲି ଆସ, ରାଗ ବା ଅଭିମାନ ନ କରି ପୁଣି କୋଳକୁ ଉଠାଇ ନେବି । ଆପାତତଃ କିଛିଦିନ ପାଇଁ ଅନ୍ତର୍ହିତ ହେଲି । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୭୭)

ଜୟଗୁରୁ

ନୀଳାଚଳ କୁଟୀର
ପୁରୀ (ଓଡ଼ିଶା)
ତା° ୨।୬।୩୫

କଲ୍ୟାଣବରେଷୁ—

ପରମ ଶୁଭାଶିରାସ୍ତାନ୍ବିଶେଷଃ—

ଗତକାଲି ତୁମର ପତ୍ର ପାଇ ସକଳ ସମାଚାର ଅବଗତାନ୍ତେ ଦୁଃଖିତ ହେଲି । * * * ପୁରୁଷକାର ଦ୍ୱାରା ସିଦ୍ଧିଲାଭ ତୁମ୍ଭମାନଙ୍କ ପକ୍ଷରେ ଅସମ୍ଭବ, କୃପା ଭିନ୍ନ ଗତି ନାହିଁ । କିନ୍ତୁ ତୁମ୍ଭେମାନେ ଯେତେବେଳେ ସେବାଧର୍ମକୁ ବାହାରର କାର୍ଯ୍ୟ ମନେ କରି ମୋର ନିର୍ଦ୍ଦିଷ୍ଟ ପନ୍ଥାକୁ ଅବିଶ୍ୱାସ କରି ଚାଲି ଯାଇଅଛ, ସେତେବେଳେ ସାହାସ କରି ମୁଁ ଆଉ ତମ୍ଭମାନଙ୍କୁ କୌଣସି ଉପଦେଶ ଦେବି ନାହିଁ । ଯଦି ପ୍ରକୃତରେ ତୁମ୍ଭମାନଙ୍କର ସାଧନ-ଭଜନରେ ବା ସତ୍ୟଲାଭରେ ପ୍ରବୃତ୍ତି ଜାଗି ଥାଏ, ତେବେ ବଙ୍ଗଳାର ଦରଜା କାଶୀରେ ନ ରହି ପ୍ରକୃତ ସାଧନକ୍ଷେତ୍ର ଉତ୍ତରାଖଣ୍ଡ, କେଦାରଖଣ୍ଡ, ଗୀର୍ଣ୍ଣାର, ନର୍ମଦାକୂଳ ପ୍ରଭୃତି ନିଭୃତ ସାଧନକ୍ଷେତ୍ରକୁ ଚାଲିଯାଅ । ହ— ଲେଖିଥିଲା ତୁମ୍ଭେମାନେ ଦେହର ସୁଖ-ସୁବିଧା ଚାହଁନା ବରଂ ଘୃଣା କର । କିନ୍ତୁ ତୁମେ ଲେଖିଥିଲ—''ପାହାଡ଼ର ଜଳବାୟୁ ଏବେ ଭଲ ନୁହେଁ, ତେଣୁ ଲୋକେ ପାହାଡ଼କୁ ଯିବାକୁ ନିଷେଧ କରୁଛନ୍ତି ।'' ଅଥଚ କେତେ ସାଧକ ସେଠାରେ ପଡ଼ି ରହିଛନ୍ତି ! ସୁତରାଂ ସତ୍ୟଲାଭ କରିବାକୁ ହେଲେ ଦେହର ସୁଖ-ସୁବିଧା ମନେକଲେ ଚଳିବ ନାହିଁ । ଆଉ ମୁଁ ବିନ୍ଦୁମାତ୍ର

ଦୁଃଖିତ ଦେବି ନାହିଁ, ଯଦି ତୁମ୍ଭେମାନେ ମନ-ପ୍ରାଣରେ କାହାକୁ ମହାପୁରୁଷ ବୋଲି—ସଦ୍‌ଗୁରୁ ବୋଲି ବୁଝିପାରିଲେ ତାଙ୍କର ଶରଣ ନିଅ—ସାଧନ-ଭଜନ ଶିଖ । କିନ୍ତୁ ସ୍ତ୍ରୀ-ଗୁରୁ ମାନଙ୍କୁ ସାପ-ବାଘ ମନେ କରି ଦୂରେଇ ରହିବ । ଶାସ୍ତ୍ର-ପୁରାଣ, ଦେଶ-ବିଦେଶର ଇତିହାସରେ କେତେ ଅବତାର-ମହାପୁରୁଷଙ୍କର, ସଦ୍‌ଗୁରୁଙ୍କର କଥା ଅଛି, କିନ୍ତୁ ସ୍ତ୍ରୀ-ଗୁରୁଙ୍କ ସମ୍ବାଦ କେହି ଜାଣନ୍ତି ନାହିଁ । ନିର୍ବିକଳ୍ପ ସମାଧିରୁ ବ୍ୟୁତ୍ଥାନ ନହେଲେ କେହି ସଦ୍‌ଗୁରୁ ହୋଇ ପାରନ୍ତି ନାହିଁ । ନାରୀମାନେ ସେବିକା ଓ ପ୍ରେମିକାରୂପେ ହିଁ ପୂଜନୀୟା । ନିର୍ବିକଳ୍ପରେ ସେମାନଙ୍କର ଅଧିକାର ନାହିଁ । ତେଣୁ ସ୍ୱୟଂ ଜଗଜ୍ଜନନୀ ନିଜେ ଗୁରୁ ନ ହୋଇ ଜଗଦ୍‌ଗୁରୁଙ୍କର ଦାସୀତ୍ୱ ସ୍ୱୀକାର କରି ବରଣୀୟା ଓ ମହାନୀୟା ହୋଇଛନ୍ତି । ମତେ ଭାରତର ସଦ୍‌ଗୁରୁ ମାତ୍ରେ ହିଁ ନିଶ୍ଚୟ ଜାଣିବେ । ସୁତରାଂ ଅନ୍ୟ ସଦ୍‌ଗୁରୁଙ୍କର ଆଶ୍ରୟ ନେଲେ ହିଁ ତୁମ୍ଭମାନଙ୍କ ସାଧନ-ଭଜନର ଅହଂକାର ଚୂର୍ଣ୍ଣ ହେବ—ନିଜର ଭ୍ରମ ବୁଝିପାରିବ । ମୁଁ ଆଜି ଦମ୍ଭକରି କହୁଛି, ମୋର କୃପା ବ୍ୟତୀତ ଏହି ଜନ୍ମରେ ତୁମ୍ଭମାନଙ୍କର ଗତ୍ୟନ୍ତର ନାହିଁ । ଭଗବାନ୍ କୃପା କରିବା ପାଇଁ ତୁମ୍ଭମାନଙ୍କ ଭାର ମୋ ଅନ୍ତରରେ ନିହିତ କରିଛନ୍ତି । ଏ କଥା ଯଦି ମିଥ୍ୟା ହୁଏ—ତୁମ୍ଭେମାନେ ଯଦି ଅନ୍ୟ କାହାର କୃପାରୁ ସିଦ୍ଧିଲାଭ କରି ଫେରି ଆସ, ମୁଁ ତୁମ୍ଭମାନଙ୍କୁ କାନ୍ଧରେ ବସାଇ ନାଚିବି—ଆଉ ଯଦି ନିଜର ଭ୍ରମ ବୁଝି ମୋର ଜୀବିତକାଳ ଭିତରେ ଫେରି ଆସି ଶରଣ ନିଅ, ତାହାହେଲେ ମଧ୍ୟ ପୂର୍ବଭଳି ଆଦର-ସ୍ନେହ ସହକାରେ ଆଶ୍ରୟ ଦେବି । ମୁଁ ତୁମ୍ଭମାନଙ୍କ ଅପେକ୍ଷାରେ ରହିଲି ; ଯେପରି କୌଣସି ଭଣ୍ଡ ଗୁରୁଙ୍କ ହାତରେ ପଡ଼ି ଜୀବନଟା ପଣ୍ଡ ନ ହୁଏ । ସତ୍ୟପଥରେ ରହିଲେ ମୁଁ ନିଶ୍ଚୟ ତୁମ୍ଭମାନଙ୍କୁ

ରକ୍ଷା କରିବି । ମୁଁ ଜାଣେ ପୁଣି ଦିନେ ମୋ ନିକଟକୁ ଫେରି ଆସିବାକୁ ହିଁ ପଡ଼ିବ । ମୋ ପାଇଁ କାନ୍ଦିବାକୁ ହିଁ ହେବ । ଆଜି ପ୍ରକୃତ ବିଦାୟ ନେଲି, ଆଉ ଚିଠି-ପତ୍ରରେ ସମ୍ବନ୍ଧ ରଖିବି ନାହିଁ । ଶେଷ କଥା, ତୁମ୍ଭମାନଙ୍କ ବ୍ୟବହାରରେ ଯେପରି ମୁଁ ଅଶାନ୍ତି ନପାଏ—କିମ୍ବା ଆଶ୍ରମଗୁଡ଼ିକର କୌଣସି କ୍ଷତି ନହୁଏ । ମୁଁ ସର୍ବଦା ସ୍ନେହର ସହିତ ତୁମ୍ଭମାନଙ୍କୁ ସ୍ମରଣ କରିବି । ଇତି—

ଶୁଭାନୁଧାୟୀ—

ଠାକୁର

(୭୮)

ଜୟଗୁରୁ

ପୁରୀ

୨୨।୧୨।୩୧

କଲ୍ୟାଣୀୟାସୁ—

ପରମ ଶୁଭାଶୀରାସ୍ତାନ୍ତିଶେଷଃ—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ଦେ—ର ଉପଦେଶଦ୍ୱାରା କିଛି ଶାନ୍ତି ପାଇଛ ଜାଣି ସୁଖୀ ହେଲି । ଶ୍ରୀଭଗବାନଙ୍କ ବ୍ୟତୀତ ଜୀବର ନିଜଲୋକ ଆଉ କେହି ନାହାନ୍ତି । ସୁତରାଂ କୌଣସି ଅବସ୍ଥାରେ ତାଙ୍କୁ ଭୁଲନା । ତାଙ୍କଠାରେ ଆତ୍ମନିର୍ଭର କରି ତାଙ୍କର ନାମ-ରୂପରେ ମଜ୍ଜି ରହିବ । ସର୍ବସ୍ୱ ତାଙ୍କ ଚରଣରେ ନିବେଦନ କରି ଦେଇ ସମ୍ପଦ-ବିପଦରେ, ସୁଖ-ଦୁଃଖରେ, ରୋଗ-ଶୋକରେ ତାଙ୍କର ହିଁ ଜୟ ଉଚ୍ଚାରଣ କରିବ ।

ତୁମେ ଅଜପା ଜପ କରି ପାର ଅର୍ଥାତ୍ ସର୍ବଦା ସକଳ ଅବସ୍ଥାରେ ନାମ ସ୍ମରଣ କର । ଆଉ ଜପକାଳରେ ନିଃଶ୍ୱାସ ଗ୍ରହଣ ସମୟରେ ନାମ ନେବାକୁ ପଡ଼େ, ନିଃଶ୍ୱାସ ଛାଡ଼ିବା ସମୟରେ ନାମ ଗ୍ରହଣ କରାଯାଏ ନାହିଁ ।

ମୋର ଶରୀର ଭଲ ନାହିଁ । କାହାରିକୁ ବି ପତ୍ରାଦି ଲେଖେନା । କୌଣସି ପ୍ରୟୋଜନ ହେଲେ ଦେ—ର ନିକଟରୁ ଜାଣି ନିଅ । ତାକୁ ମଧ ମୁଁ ଅନୁମତି ଦେଲି । *** ଅନ୍ୟାନ୍ୟ କୁଶଳ । ତୁମେ ମୋର ଆଶୀର୍ବାଦ ଜାଣିବ ଏବଂ ସୁ— ଓ ତାର ସ୍ତ୍ରୀକୁ ଜଣାଇବ । ଇତି—

ଶୁଭାନୁଧ୍ୟାୟୀ—

ଠାକୁର

(୭୯)

ଜୟଗୁରୁ

ପୁରୀ

୪।୯।୩୪ ଇଂ

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ଏଇମାତ୍ର ତୁମର ପତ୍ର ପାଇ ସେବାକାର୍ଯ୍ୟରେ ତୁମ୍ଭମାନଙ୍କର ସାଫଲ୍ୟ ଲାଭର କଥା ଜାଣି ଆନନ୍ଦିତ ହେଲି । ଶ୍ରୀମାନ୍ ପୂ—ର ଜ୍ୱର ଏବେ ଆରୋଗ୍ୟ ହୋଇଅଛି, ଆଶାକରେ । ତୁମ୍ଭେମାନେ ମଙ୍ଗଳରେ ମଠରେ ପହଞ୍ଚିଲେ ନିଶ୍ଚିନ୍ତ ହେବି ।

ବୈଦିକ ଗାୟତ୍ରୀ ସ୍ୱତଃ ତିନି ଅଂଶରେ ବିଭକ୍ତ । ସମଗ୍ର ମନ୍ତ୍ର ଜପ କଲେ ପ୍ରାଣାୟାମ ସଙ୍ଗେ ଗାୟତ୍ରୀଜପ ମଧ ହୋଇ ଯିବ । ପ୍ରତି ଶ୍ୱାସ-ପ୍ରଶ୍ୱାସରେ (କୁମ୍ଭକ ସହ) ଥରେ ମାତ୍ର ଗାୟତ୍ରୀଜପର ବିଧାନ ଅଛି । ସୁତରାଂ ସେହି ଭଦ୍ରଲୋକ ସେହିପରି ହିଁ ଜପ କରୁ ଥାନ୍ତୁ ।

ପୁରୀରୁ କୁତବପୁର ଯାତାୟାତରେ ଅନେକ ଖର୍ଚ୍ଚ, ତେଣୁ ଆଉ ଉତ୍ସବକୁ ଯାଉ ନାହିଁ । ଏକବାରେ କାର୍ତ୍ତିକ ମାସରେ ପୁରୀରୁ ବାହାରି ମାର୍ଗଶିର ମାସରେ ମଠରେ ପହଞ୍ଚିବି । ଶାରୀରିକ ଭଲ ଅଛି । ଅନ୍ୟାନ୍ୟ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ ଓ ଶ୍ରୀମାନ୍ ଗୋ— ପ୍ରଭୃତିଙ୍କୁ ମୋର ଆଶୀର୍ବାଦ ଜଣାଇବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୮୦)

ଜୟଗୁରୁ

ସାରସ୍ୱତ ମଠ

* * *

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

* * * ଯଦି ତୁମେ ଅନ୍ୟଲୋକ ଦ୍ୱାରା ପରିଚାଳିତ ହୁଅ, ତେବେ ତ ତୁମର କୌଣସି ଦାୟିତ୍ୱ ନାହିଁ । ଏହା ଯେ ବୁଝିଅଛି, ଜାଣିଅଛି ଏବଂ ଉପଲବ୍ଧି କରିଅଛି, ସେ ସିଦ୍ଧପୁରୁଷ ଅର୍ଥାତ୍ "ମୁକ୍ତ" ।

ଆମ୍ଭମାନଙ୍କ ନିକଟରେ କୃଷ୍ଣମନ୍ତ୍ରର ବୈଷ୍ଣବ ବା ଶାକ୍ତଙ୍କ ଭିତରେ କୌଣସି ଭେଦ ନାହିଁ । ଚିତ୍ତଶୁଦ୍ଧି ପାଇଁ ସମସ୍ତଙ୍କର ସାତ୍ତ୍ୱିକ ଆହାର କର୍ତ୍ତବ୍ୟ । ଅତଏବ ମୁଁ କୌଣସି ଆଦେଶ ଦେବି ନାହିଁ । ତୁମେ ବିବେଚନା ଅନୁସାରେ ଖାଇବ । ଏହି ବୟସରେ ଆହାରାଦିର ବିଧି-ନିଷେଧରେ କୌଣସି ଫଳ ହେବ ନାହିଁ । ତେବେ ସହ୍ୟ କରି ପାରିଲା ଭଳି ଆହାର କରିବାକୁ ପଡ଼ିବ ।

ମନ୍ତ୍ରର କୌଣସି ପ୍ରୟୋଜନ ନାହିଁ, ଇଚ୍ଛାନୁସାରେ ମାନସ-ନିବେଦନ କର । ଯାହା ଖାଇବ, ପ୍ରସାଦ ମନେ କରି ଖାଇବ । କୌଣସି ବିଶେଷ ଦିନରେ ଫୁଲତୁଳସୀ ଦେଇ ନିବେଦନ ମଧ୍ୟ କରି ପାର ।

ଇଷ୍ଟ ଓ ଗୁରୁଙ୍କୁ ଅଭେଦ ମନେ କରି ଗୋଟିଏ ପାତ୍ରରେ ଭୋଗ ଦିଆଯାଇ ପାରେ ।

ଶ୍ରୀଗୁରୁଙ୍କ ଉପରେ ନିର୍ଭର କରି ତାଙ୍କର ଆଦେଶ ପାଳନ କରି ଯାଅ । ଦିନେ ମନୋବାସନା ପୂର୍ଣ୍ଣ ହେବ । ୧୨ବର୍ଷ କିଛି ନୁହେଁ । ପ୍ରୟୋଜନ ହେଲେ ଯୁଗ-ଯୁଗାନ୍ତର ଅପେକ୍ଷା କରିବାକୁ ପଡ଼ିବ । କିନ୍ତୁ ଦିନେ ନିଶ୍ଚୟ ପାଇବ । ଆଶୀର୍ବାଦ ଜାଣିବ । ଇତି—

ଆଃ—

ଶ୍ରୀନିଗମାନନ୍ଦ

(୮୧)

ଓଁ ତତ୍‌ସତ୍

ପୋ : କାମାଖ୍ୟା ହିଲ
ଜିଲ୍ଲା : କାମରୂପ
ଲକ୍ଷ୍ମୀକାନ୍ତ ପଣ୍ଡାଙ୍କ ଗୃହ
ଚୈତ୍ର ୨୧ ଦିନ, ୧୩୧୬ ବାଂ

ପ୍ରିୟ ଚ—,

ଏଇ ମାତ୍ର ତୁମର ପତ୍ର ଖଣ୍ଡିକ ପାଇଲି । ନିତାନ୍ତ କର୍ତ୍ତବ୍ୟ ଅନୁରୋଧରେ ମୁଁ କାମଖ୍ୟା ଆସିବାକୁ ବାଧ୍ୟ ହୋଇଛି । ଅପରୋକ୍ଷଭାବରେ ତଦ୍ଵାରା ତୁମ୍ଭେମାନେ ମଧ୍ୟ ଶାନ୍ତି ପାଇବ—ତେଣୁ ତୁମ୍ଭମାନଙ୍କୁ ଛାଡ଼ି

ଆସିଛି । ମୋର କିଛି ନାହିଁ, ସୁତରାଂ ମୁଁ ଯାହା କିଛି କରେ, ତୁମ୍ଭମାନଙ୍କର ମଙ୍ଗଳ ପାଇଁ । କାରଣ ତୁମ୍ଭେମାନେ ହିଁ ଯେ ମୋର ସବୁ !

ଆମେ ଏଠାକୁ ଆସିବା ଅବଧି ଦିନେ ମଧ୍ୟ ବୃଷ୍ଟି ବାଦ୍ ଯାଇ ନାହିଁ, ସୁତରାଂ ଯେଉଁ କୁଣ୍ଡରେ ସ୍ନାନ କରେ, ତାହାର ଜଳ ଅନେକଟା ଭଲ ହୋଇଅଛି । ଦୁର୍ଗନ୍ଧ ଓ ବଦ୍-ରଙ୍ଗ ଦୂରୀଭୂତ ହୋଇଅଛି । ଆମେ ଯେପରି ଅବସ୍ଥାରେ ଅଛୁ । ପଇସା ବ୍ୟୟ କରି ମଧ୍ୟ ତଦପେକ୍ଷା ଆଉ ଅଧିକ ସୁବିଧା ହୋଇ ପାରିବ ନାହିଁ । * * * ଆମର ପଣ୍ଡାଟି ଅତିଶୟ ଭଦ୍ର ଓ ସଜ୍ଜନ । ବିଶେଷତଃ ମୁଁ ଜଣେ ନାମଜାଦା ସାଧୁ ଜାଣି ପାରି ଭବିଷ୍ୟତରେ ମୋର ପରିଚିତ ଯାତ୍ରୀଙ୍କ ଠାରୁ ଲାଭ ପାଇବା ଆଶାରେ ପ୍ରାଣପଣେ ଆମମାନଙ୍କ ତତ୍ତ୍ୱାବଧାନ କରୁଅଛି । ସୁତରାଂ ବିଶେଷ କୌଣସି ଅସୁବିଧାରେ ପଡ଼ିବାକୁ ହୋଇନାହିଁ । * * *

ମହିଷୀଦୁଗ୍ଧ ଓ ମହିଷୀଘୃତ ହିଁ ଏଠାକାର ଏକମାତ୍ର ଆହାର୍ଯ୍ୟ । କଦଳୀ, ଅମୃତଭଣ୍ଡା ଓ ଆଖୁ ମିଳେ । ଆଜି ମଧ୍ୟ ମୁଁ ସର୍ବପ୍ରକାର ଅବସ୍ଥାରେ ସମାନ ଭାବରେ ଅତିବାହିତ କରିବାର ଶକ୍ତି ରଖେ । ଆଶ୍ରମରେ ଥିଲାବେଳେ ମନେ କରୁଥିଲି ହୁଏତ ଜଡ଼ ହୋଇ ଯାଇଛି । କିନ୍ତୁ—ନା, ଏଠାକୁ ଆସି କର୍ମକ୍ଷେତ୍ରକୁ ଓହ୍ଲାଇ ଯୌବନର ଉଦ୍ୟମ ପୁଣି ବେଶ୍ ଅନୁଭବ କରୁଛି । ସୁତରାଂ ମୋ ପାଇଁ ତୁମ୍ଭମାନଙ୍କର ଚିନ୍ତାର କୌଣସି କାରଣ ନାହିଁ ।

କା— ଦୁଇ ପ୍ରହର ମୋ ସହିତ ହବିଷ୍ୟ କରେ, ଆଉ ରାତିରେ ପଣ୍ଡାର ଘରେ ଆହାର କରେ । ସେ ଯଥାସାଧ୍ୟ ମତେ ସୁଖରେ ରଖିବାକୁ ଯତ୍ନ କରିଥାଏ । ମୋର ଶରୀର ଏବେ ମଧ୍ୟ ବିନ୍ଦୁମାତ୍ର କମି ନାହିଁ । ଖୁବ୍ ସ୍ଫୂର୍ତ୍ତି ଓ ଆନନ୍ଦରେ କ୍ରିୟା କରି ଯାଉଛି, ଶାନ୍ତିରେ ଦିନ କଟି ଯାଉଛି । ପ୍ରକୃତିର ଲୀଳାଭୂମି କାମାଖ୍ୟାର ଏହି ଶୋଭା ଓ ସୌନ୍ଦର୍ଯ୍ୟରେ କାହାର

ମନ-ପ୍ରାଣ ଊର୍ଦ୍ଧ୍ୱମୁଖୀ ନ ହୋଇ ଯିବ ! ଏହି ପବିତ୍ର ଦୃଶ୍ୟ ଦର୍ଶନ କରି ଶିବ ଓ ସତୀଙ୍କର ପବିତ୍ର ପ୍ରେମର ଚିତ୍ର ଚିତ୍ତକ୍ଷେତ୍ରରେ ଚିତ୍ରିତ ହୋଇ ଯୁଗପତ୍ ପ୍ରେମାନନ୍ଦରେ ଆତ୍ମହରା ହୋଇଯାଏ । ସୁତରାଂ ଏଠାରେ ମୋର କୌଣସି କଷ୍ଟ ନାହିଁ—ଅନର୍ଥକ ତୁମ୍ଭେମାନେ କୌଣସି ଚିନ୍ତା କର ନାହିଁ ।

ମୁଁ ଆର୍ଯ୍ୟଦର୍ପଣ ପାଇଁ "କାମାଖ୍ୟା-ମାହାତ୍ମ୍ୟ" ଶୀର୍ଷକ ଗୋଟିଏ ପ୍ରବନ୍ଧ ଲେଖିଅଛି ।

ଏଠାକାର ଅଧିବାସୀ ରମଣୀଗଣଙ୍କର କଠୋର କଣ୍ଠର ଅନର୍ଗଳ ଚିତ୍କାରରେ ଓ ଝଗଡ଼ାରେ ମଝିରେ ମଝିରେ ବ୍ୟସ୍ତ ହେଲେ ମଧ ଏବଂ ଲୋକଗୁଡ଼ାକଙ୍କର ଅର୍ଥଗୃଧ୍ନୁତାରେ ସମୟେ ସମୟେ ବିରକ୍ତି ଆସିଲେ ମଧ, କାମାଖ୍ୟା ଦେବୀଙ୍କର ଡ଼ାକିନୀ-ଶାକିନୀ ଭୂତ-ପ୍ରେତ ଭାବି ଭାବକ୍ଷେତ୍ରରେ ତାଳି ଦିଏ । * * *

ବ୍ରହ୍ମଚର୍ଯ୍ୟ ସାଧନ ବାହାରିଲା କି ନାହିଁ ଜଣାଇବ । ଯେତେବେଳେ ଯାହା ପ୍ରୟୋଜନ ହୁଏ, ଯୋ—କୁ ଜଣାଇ ଯଥାରୀତି ସମ୍ପନ୍ନ କରିବ । କାର୍ଯ୍ୟରେ ଯେପରି କୌଣସିପ୍ରକାର ବିଶୃଙ୍ଖଳା ଉପସ୍ଥିତ ନ ହୁଏ, ବାଜେ ଲୋକ ଯେପରି ମୋର ଏଠାକାର ଠିକଣା ଜାଣି ନ ପାରନ୍ତି । * * * ଆଶ୍ରମରେ କାହାରି ଦ୍ୱାରା କେହି ଯେପରି ମନଃପୀଡ଼ା ନ ପାଏ, ସେ ବିଷୟରେ ତୁମେ ମୋର ପ୍ରତିନିଧି ରୂପେ ପ୍ରତିବିଧାନ କରିବ । କାହାର ଅନ୍ୟାୟ ବା ଉଦ୍ଧତ ବ୍ୟବହାରରେ କେହି କଷ୍ଟ ପାଇଲେ ମୁଁ ବିଶେଷ କ୍ଷୁବ୍ଧ ହେବି ।

ତୁମ୍ଭମାନଙ୍କୁ ଛାଡ଼ି ଅନ୍ୟ ସ୍ଥାନକୁ ଯାଇ ରହିବାକୁ ମୋର ମୁହୂର୍ତ୍ତେ ମଧ ଇଚ୍ଛା ହୁଏ ନାହିଁ । କିନ୍ତୁ କର୍ମଫଳ ଯେ ମତେ ଛାଡୁ ନାହଁ । ଯୋ— ମତେ ନିଷେଧ କରିଥିଲେ ମୁଁ କଦାପି ଏଠାକୁ ଆସି ନ ଥାନ୍ତି । କାହିଁ ସେ ତ ମତେ ନିଷେଧ କଲା ନାହିଁ । ବରଂ ଏହିପରି ଶେଷ ମୁହୂର୍ତ୍ତରେ ପ୍ରସ୍ଥାନ

କରି ଠିକ୍ ସମୟରେ ଏଠାକୁ ଆସି କାର୍ଯ୍ୟାରମ୍ଭ କରିବା ଏକାନ୍ତ ଅସମ୍ଭବ । ରାତି ଗୋଟିଏ ବେଳେ ଗୌହାଟୀ ଷ୍ଟେସନରେ ଓହ୍ଲାଇ ଦେଖେ, ମାତ୍ର ଗୋଟିଏ ଗାଡ଼ି ଯେପରି ଆମମାନଙ୍କ ପାଇଁ ଅପେକ୍ଷା କରୁଅଛି । ଗାଡ଼ି କରି ପର୍ବତମୂଳେ ଓହ୍ଲାଇଲି । କିଛି ସମୟ ବୃକ୍ଷ ତଳେ ଅପେକ୍ଷା କରିବା ପରେ କେତେଜଣ ଯାତ୍ରୀ ପାଇଲି । ସହସା ସେମାନଙ୍କ ସହିତ ପର୍ବତାରୋହଣ ଆରମ୍ଭ କଲି । ଅବଶ୍ୟ ପାହାଡ଼ ଚଢ଼ିବାକୁ ମତେ ଖୁବ୍ କଷ୍ଟ ହେଉଥିଲା । ଉଠି ଭୋରବେଳା ପଣ୍ଡା ସହିତ ଦେଖା ହେଲା । ସହସା ଘର ଠିକ୍ ହୋଇଗଲା । ସ୍ନାନ କରି ଆସି ଦେଖେ ପଣ୍ଡାଠାକୁର ଫୁଲ ବିଲ୍ୱପତ୍ର ଚନ୍ଦନାଦି ଘୃତ-ପ୍ରଦୀପ ଧୂପାଦି ଯୋଗାଡ଼ କରି ରଖିଛନ୍ତି । ମୁଁ ସହସା ପୂଜାରେ ବସିଗଲି । ଠିକ୍ ସମୟରେ—ସମୟର ସାମାନ୍ୟ ବ୍ୟତିକ୍ରମ ହୋଇ ନାହିଁ । କି ଅଭାବନୀୟ ବ୍ୟାପାର—ଯେପରି ଦୈବବଳରେ ସବୁ ଠିକ୍ ହୋଇଗଲା । ଯୋଗମାୟାଙ୍କ ଇଚ୍ଛା ବ୍ୟତୀତ ଏପରି ହୋଇ ପାରେ କି ? କେତେ ଲୋକ ମତେ କାମାଖ୍ୟା ଯିବାକୁ ନିଷେଧ କରିବାକୁ ଯୋ—କୁ ଅନୁରୋଧ କରିଥିଲେ, କାହିଁ, ସେ ତ ତାହା ରକ୍ଷା କରି ନାହିଁ ! ତାଙ୍କର ମୁହଁର ଗୋଟିଏ କଥାରେ ଯାହା ହୋଇ ଯାନ୍ତା, ସେଥିପାଇଁ ଏତେ ଆଡ଼ମ୍ବର କରା କାହିଁକି ? ଏବେ ଶେଷ ଫଳ ପାଇଁ ଉଦ୍‌ଗ୍ରୀବ ହୋଇଅଛି । ଯୋ—କୁ ପାଇବା ପର୍ଯ୍ୟନ୍ତ ମୁଁ କୌଣସି କାର୍ଯ୍ୟରେ ବିଫଳ ମନୋରଥ ହୋଇ ନାହିଁ, ଏଥର ଶେଷ ପରୀକ୍ଷା ! ଦେଖିବି ମୁଁ ପ୍ରକୃତରେ ତାଙ୍କର ପ୍ରେମ ଲାଭ କରିଅଛି, ନା ମାୟାରେ ଅନ୍ଧ ଭଳି ଘୁରୁଅଛି ! ଇଚ୍ଛାମୟୀଙ୍କ ଇଚ୍ଛା ହିଁ ପୂର୍ଣ୍ଣ ହେଉ ! * * * ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ତୁମ୍ଭମାନଙ୍କର—

ଠାକୁର

(୮୨)

ଜୟଗୁରୁ

ନୀଳାଚଳ କୁଟୀର, ପୁରୀ
୨୩।୨।୩୧

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ତୁମର ପତ୍ରପାଇ ସକଳ ବିଷୟ ଅବଗତ ହେଲି । ତୁମେ ଯେଉଁ ଦୁଇଟି ପ୍ରାର୍ଥନା କରିଅଛ, ତାହା ଏକବାରେ ଅସମ୍ଭବ ନ ହେଲେ ମଧ୍ୟ ବିଶେଷଭାବରେ ଚିତ୍ତଶୁଦ୍ଧି ଓ ପ୍ରେମଭକ୍ତିର ଉଦୟ ନ ହେଲେ ଅର୍ଥାତ୍ ଭକ୍ତିରେ ପାତ୍ର ସମ୍ପୂର୍ଣ୍ଣ ଆତ୍ମବିସର୍ଜନ ଦେଇ ନ ପାରିଲେ କାହାରି ମଧ୍ୟ ଏହି ପ୍ରାର୍ଥନା ପୂର୍ଣ୍ଣ ହୋଇ ପାରେନା । ସ୍ଥୂଳରେ ଯୋଗ ନ ହେଲେ ଅନ୍ତରରେ ଯୋଗ ହେବ କିପରି ? ମୋଠାରେ ଆତ୍ମବିସର୍ଜନ ଓ ମୋ କର୍ମରେ ଆତ୍ମବିସର୍ଜନ ଗୋଟିଏ କଥା ।

ଆଶ୍ରମ-ଜୀବନ ଯେତେବେଳେ ଅଶାନ୍ତିମୟ ହୋଇ ଉଠିଅଛି, ସେତେବେଳେ ବୁଝିବାକୁ ହେବ 'ତତ୍' ଅପେକ୍ଷା 'ତ୍ୱଂ'ର ପ୍ରେମରେ ଚିତ୍ତ ଏବେ ପୂର୍ଣ୍ଣ । ତୁମେ ସାମାନ୍ୟ ଲେଖାପଢ଼ା ଶିଖିଅଛ—ବିଚାର-ବିବେଚନା କରି ପ୍ରାର୍ଥନା କରିବା ହିଁ କର୍ତ୍ତବ୍ୟ । ପ୍ରଥମେ ଅଧିକାର ଅର୍ଜ୍ଜନ କର, ଲକ୍ଷ୍ୟଚ୍ୟୁତ ନ ହେଲେ ଦିନେ ପ୍ରାର୍ଥନା ପୂର୍ଣ୍ଣ ହେବ । ପତ୍ରରେ ବେଶୀ ବୁଝାଇ ପାରିବି ନାହିଁ ।

ମଠରେ ବା ଆଶ୍ରମରେ ଯେତେବେଳେ ତୁମର ରହିବାକୁ ଇଚ୍ଛା ନାହିଁ, ଯେଉଁଠାରେ ରହିଲେ ତୁମର ଭଲ ହେବ, ସେଠାକୁ ଯାଇ ପାର । ମୁଁ ଜୋର କରି କାହାକୁ କୌଣସି ଆଦେଶ ଦେବା ସଙ୍ଗତ ମନେ କରେନା ।

ଆଉ ଭକ୍ତ-ସମ୍ମିଳନୀରେ ଶୁଣିଅଛ । ମୁଁ କାହାରିକୁ ବି ପତ୍ରାଦି ଲେଖି ପାରିବି ନାହିଁ । ପ୍ରୟୋଜନ ହେଲେ ସୁବିଧା-ସୁଯୋଗାନୁସାରେ ଦେଖା କରି ଉପଦେଶାଦି ନେବାକୁ ପଡ଼ିବ । ଅତ୍ର କୁଶଳ । ତୁମ୍ଭେମାନେ ସମସ୍ତେ ମୋର ସ୍ନେହାଶୀର୍ବାଦ ଜାଣିବ । ଇତି—

ଆଶୀର୍ବାଦକ—

ଶ୍ରୀନିଗମାନନ୍ଦ

(୮୩)

ଓଁ

ମଠ

୧୪।୫।୩୨

କଲ୍ୟାଣୀୟାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ଯଥା ସମୟରେ ପାଇ ଆନନ୍ଦିତ ହୋଇ ଅଛି । * * * ତୁମର ଗୋଟିଏ ମାତ୍ର ପ୍ରାର୍ଥନା, ଅବଶ୍ୟ ତାହା ପୂର୍ଣ୍ଣ ହେବ । ତେଣୁ ତୁମର ପତ୍ରର ବିଶେଷ କୌଣସି ଉତ୍ତର ଦେଇ ନାହିଁ । ଆତ୍ମହତ୍ୟାକାରୀର ଉଦ୍ଧାର ନାହିଁ ଏ କଥା ଠିକ୍ ନୁହେଁ । ତେବେ ତାକୁ ଦୀର୍ଘଦିନ ପରଲୋକରେ ଯନ୍ତ୍ରଣା ଭୋଗ କରିବାକୁ ପଡ଼େ । ପରେ ପ୍ରାକୃତିକ ନିୟମରେ ପୁନଃ ଜନ୍ମଗ୍ରହଣ କରି ଉନ୍ନତି କରିପାରେ । * * * ଶାରୀରିକ ଭଲ ଅଛି । ପୂଜା ପରେ ଡାକା ଯିବି । ଅତ୍ର ମଙ୍ଗଳ । ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଠାକୁର

(୮୪)

ଓଁ

ସାରସ୍ୱତ ମଠ

୨।୬।୨୬

ସ୍ନେହାସ୍ପଦେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ତୁମର ପତ୍ର ଯଥାସମୟରେ ପାଇଅଛି । * * * ତୁମ୍ଭେମାନେ ମୋର ପ୍ରାଣତୁଲ୍ୟ ସ୍ନେହର ପାତ୍ର । ଶିଷ୍ୟ କରିବା ସଦ୍‌ଗୁରୁଙ୍କର ବ୍ୟବସାୟ ନୁହେଁ—ପ୍ରାଣର ପ୍ରେରଣା । ଶିଷ୍ୟ-ହୃଦୟରେ ଶ୍ରୀଭଗବାନଙ୍କର ବିକାଶ ଦେଖିବା ଆଶାରେ ହିଁ ଗୁରୁଦେବ ଶିଷ୍ୟର ଭାର ଗ୍ରହଣ କରନ୍ତି । ସୁତରାଂ ମୋ ନିକଟରେ କାଙ୍ଗାଳଙ୍କ ଭଳି କାତର ପ୍ରାର୍ଥନ କରିବାକୁ ପଡ଼ିବ ନାହିଁ । ମା'ଙ୍କ ଉଦ୍ଦେଶ୍ୟରେ କାନ୍ଦ । * * * ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୮୫)

ଜୟଗୁରୁ

ପୁରୀ

୩।୫।୩୩

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ମୁଁ ପଅରଦିନ ପୁରୀ ଆସି ତୁମର ପତ୍ର ପାଠାନ୍ତେ ସମାଚାର ଅବଗତ ହେଲି । * * * ତୁମର ସ୍ୱପ୍ନଟି ସୁନ୍ଦର ; ତେବେ ସ୍ୱପ୍ନ । ସ୍ୱପ୍ନଟିଏ ହେଲେ

ମଧ୍ୟ ଏଥିରେ ତୁମର ଆଶା-ଆକାଙ୍‌କ୍ଷାର ପରିଚୟ ବେଶ୍ ପରିସ୍ଫୁଟ । ଆଉ ଏପରି ସ୍ୱପ୍ନ ତୁମର ସାତ୍ତ୍ୱିକ ହୃଦୟ-ବୃତ୍ତିର ମଧ୍ୟ ପରିଚୟକ ଅଟେ । ତୁମର ଅନ୍ୟାନ୍ୟ ପ୍ରାର୍ଥନା ମଧ୍ୟ ଯଥାସମୟରେ ପୂର୍ଣ୍ଣ ହେବ । ଆଉ ମୁଁ ଯାହା କହି ଆଶୀର୍ବାଦ କରିଅଛି, ତାହା ମଧ୍ୟ ମିଥ୍ୟା ହେବ ନାହିଁ ।

ତୁମେ ସର୍ବତୋଭାବରେ ଭଗବାନଙ୍କଠାରେ ବା ଗୁରୁଙ୍କଠାରେ ଆତ୍ମନିବେଦନ କରିବାକୁ ଅଭ୍ୟାସ କର । ସର୍ବାବସ୍ଥାରେ ତାଙ୍କର ନାମ ନେବାକୁ ଚେଷ୍ଟା କର । କର୍ତ୍ତବ୍ୟ ବ୍ୟତୀତ ଯେପରି ସଂସାରାସକ୍ତି ନ ଜନ୍ମେ । ସୁତରାଂ ସମୟାନୁସାରେ ନିତ୍ୟାନିତ୍ୟ ବିଚାର କରିବ । ସତ୍ୟଲାଭ ପାଇଁ ବ୍ୟାକୁଳତା ହିଁ ଏକମାତ୍ର ଉପାୟ । ଆଶୀର୍ବାଦ କରୁଛି, ଦିନକୁ ଦିନ ତୁମର ଶୁଭବୁଦ୍ଧି ଉଦ୍‌ବୁଦ୍ଧ ହେଉ । * * *

ଗତକାଲି ଶ—ର ପ୍ରେରିତ ଟଙ୍କା ଓ ପତ୍ର ପାଇଅଛି । ତାକୁ କୁହ ତାର ଯେଉଁ ସବୁ ଲକ୍ଷଣ ପ୍ରକାଶ ପାଉଅଛି, ତାହା ଶୁଭଦାୟକ । ତେବେ ଏ କଥା ଯେପରି ଅନ୍ୟ କାହା ନିକଟରେ ନ କହେ । * * * ଏକ ପ୍ରକାର ଅଛି । ସମସ୍ତଙ୍କୁ ମୋର ଆଶୀର୍ବାଦ ଜଣାଅ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୮୬)

ଓଁ

ସାରସ୍ୱତ ମଠ

୨୭।୬।୨୩

ସ୍ନେହାସ୍ପଦାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ମା ! ତୁମ୍ଭେମାନେ ମୋର ବିଜୟାର ଆଶୀର୍ବାଦ ଗ୍ରହଣ କର ଓ ଭକ୍ତବୃନ୍ଦଙ୍କୁ ଜଣାଅ । ଭଗବାନଙ୍କର ଶରଣାଗତ ଓ ଭକ୍ତିବଶମ୍ବଦ ହୋଇ ତାଙ୍କର ନାମ କର, କୌଣସି ଅବସ୍ଥାରେ ସାଂସାରିକ ସୁଖ-ଦୁଃଖର ଘାତ-ପ୍ରତିଘାତରେ ଲକ୍ଷ୍ୟଚ୍ୟୁତ ହୁଅନା । ଯେତେବେଳେ ଯେଉଁ ଅବସ୍ଥାରେ ଥାଅ ନା କାହିଁକି, ପ୍ରାଣେ ପ୍ରାଣେ ପ୍ରାର୍ଥନା କର । ତୁମ୍ଭମାନଙ୍କ ପକ୍ଷରେ ଯାହା ମଙ୍ଗଳ, ଅବଶ୍ୟ ତଦନୁରୂପ ବିଧାନ ହେବ । * * * ଇତି—

ଆः—

ଶ୍ରୀନିଗମାନନ୍ଦ

(୮୭)

ଜୟଗୁରୁ

ହାଓଡ଼ା

* * *

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମ୍ଭେମାନେ ସମସ୍ତେ ମୋର ୰ଶୁଭ ବିଜୟାର ସ୍ନେହାଶୀର୍ବାଦ ଗ୍ରହଣ କର । ତୁମ୍ଭମାନଙ୍କର ପ୍ରାଣରେ ଭକ୍ତି, ବାହୁରେ ଶକ୍ତି ଓ ହୃଦୟରେ

ଆନନ୍ଦର ପ୍ରକାଶ ହେଉ । ତୁମ୍ଭେମାନେ ନବ ଉଦ୍ୟମ-ଉତ୍ସାହରେ ଲକ୍ଷ୍ୟପଥରେ ଅଗ୍ରସର ହୁଅ ;—ପଥର ବାଧା ଅପସାରିତ ହେଉ ।

ସେବା-ସହାୟରେ ଚିତ୍ତଶୁଦ୍ଧିପ୍ରୟାସୀ ସେବକ ତୁମ୍ଭେମାନେ ; ଆଉ ଚିତ୍ତଶୁଦ୍ଧି ହିଁ ସର୍ବପ୍ରକାର ଆଧାତ୍ମିକ ଉନ୍ନତିର ସୋପାନ । ସୁତରାଂ ସ୍ୱ ସ୍ୱ ଅଧିକାରାନୁରୂପ ଯେ କୌଣସିଭାବରେ ନରରୂପୀ ନାରାୟଣଙ୍କର ସେବା ହିଁ ତୁମ୍ଭମାନଙ୍କର ଧର୍ମ । ଫଳାଫଳପ୍ରତି ଦୃକ୍‌ପାତ ନ କରି କର୍ତ୍ତବ୍ୟ କର୍ମ କରିଯାଅ । ତୁମ୍ଭମାନଙ୍କର ଶ୍ରୀଗୁରୁସେବା ଏହା ଦ୍ୱାରା ହିଁ ସାର୍ଥକ ହେବ । ଆଜି ଆଉ, ଆଉ କିଛି ଲେଖିବି ନାହିଁ । ଓଁ ଶାନ୍ତିଃ—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୮୮)

ଜୟଗୁରୁ

ପୁରୀ

୨୧।୬।୪୨

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାନ୍ଵିଶେଷଃ—

ତୁମ୍ଭେମାନେ ସମସ୍ତେ ମୋର ୰ଶୁଭ ବିଜୟାର ଆଶୀର୍ବାଦ ଗ୍ରହଣ କରିବ । ୰ମା'ଙ୍କ କୃପାରୁ ତୁମ୍ଭମାନଙ୍କର ଚିତ୍ତଶୁଦ୍ଧି ଓ ଶୁଭବୁଦ୍ଧି ଉଦ୍‌ବୁଦ୍ଧ ହେଉ ।

ଶ୍ରୀମାନ୍ ଶରତର ପତ୍ରଗୁଡ଼ିକ ପାଇ ମଠର ସମ୍ବାଦ ଜାଣିଅଛି । ପ୍ର—ର ଯେପରି ପତ୍ରାଦି ପାଉ ଅଛି, ତାହାଦ୍ୱାରା ଆମେ ଆଉ ସାହାଯ୍ୟ ପାଇବା, ତାହା ମନେ ହୁଏନା । ତୁମ୍ଭମାନଙ୍କୁ ହିଁ ମଠର ସମ୍ପୂର୍ଣ୍ଣ ଭାର

(ସବୁ ପ୍ରକାର କାର୍ଯ୍ୟର) ଗ୍ରହଣ କରିବାକୁ ପଡ଼ିବ । ତୁମ୍ଭେମାନେ ସଂଘବଦ୍ଧ ଭାବରେ ମଠର କାର୍ଯ୍ୟ ସୁଚାରୁରୂପେ ସମ୍ପନ୍ନ କରି ପାରିଲେ ମୁଁ ନିଶ୍ଚିନ୍ତରେ ଓ ନିରୁଦ୍‌ବେଗରେ ତୁମ୍ଭମାନଙ୍କର ମଙ୍ଗଳଚିନ୍ତା କରି ଜୀବନର ବାକୀ କେତୋଟି ଦିନ କଟାଇ ପାରେ, ଏହି ଲକ୍ଷ୍ୟ ମନରେ ରଖି ତୁମ୍ଭେମାନେ ନିଜକୁ ଗଠନ କରିବ । ଆଜି ବିଜୟାର ଦିନରେ ଏହା ହିଁ ମୋର ଆଶୀର୍ବାଦ ।

ମୁଁ ପୁରୀ ଆସି ଶାରୀରିକ ଭଲ ଅଛି । ତୁମ୍ଭମାନଙ୍କର ମାଙ୍କୁ ନେଇ ତୁମ୍ଭେମାନେ ଆନନ୍ଦରେ ରୁହ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୮୯)

ଜୟଗୁରୁ

ନୀଳାଚଳ କୁଟୀର
ପୁରୀ (ଓଡ଼ିଶା)
ତାଂ ୨୨।୪।୩୫

କଲ୍ୟାଣବରେଷୁ—

ପରମ ଶୁଭାଶୀରାସ୍ତାଦ୍ୱିଶେଷଃ—

ତୁମର ବିନୀତ ପତ୍ରଖଣ୍ଡିକ ଯଥାସମୟରେ ପାଇଛି । ନାନା କାରଣରୁ ମନଟା ଭଲ ନ ଥିଲା, ତେଣୁ ଉତ୍ତର ଦେବାକୁ ବିଳମ୍ବ ହେଲା । ତୁମର କାତର ପ୍ରାର୍ଥନା ଚିରକାଳ ମୋର ମନେ ରହିବ । * * * ତୁମେ ଯେଉଁଥିପାଇଁ ମତେ ବା ଆଶ୍ରମର କାର୍ଯ୍ୟ ଛାଡ଼ି ଚାଲି ଯାଇଛ, ଏକନିଷ୍ଠଭାବରେ ତାହା ହିଁ ସଫଳ କର । କାର୍ଯ୍ୟସିଦ୍ଧି ହେଲେ ଚାଲି

ଆସିବ ଏବଂ ଆଶ୍ରମ କାର୍ଯ୍ୟରେ ଆତ୍ମନିୟୋଗ କରିବ । ମୁଁ ସେହି ଆଶାରେ ଅପେକ୍ଷା କରିବି । ତା ପୂର୍ବରୁ ମୋର ପ୍ରୟୋଜନ ପାଇଁ ତୁମକୁ ଡାକିବି ନାହିଁ । ଆଶାକରେ ତୁମ୍ଭେମାନେ ମୋର ଜୀବନବ୍ୟାପୀ ପରିଶ୍ରମର ଫଳ ସାର୍ଥକ କରିବ । ବଡ଼ ହେବା ଆଗରୁ ୨।୪ ଟି ଉପଦେଶ ଦେଉଛି, ସର୍ବଦା ସ୍ମରଣ ରଖିବ ।

୧ । ତୁମର ପିତା-ମାତା-ଭ୍ରାତାମାନେ ତୁମ ଉପରେ କେତେବଡ଼ ଆଶା କରନ୍ତି, ଏକଥା ଭୁଲ ନାହିଁ । ଯେଉଁଥିପାଇଁ ସାଂସାର ଛାଡ଼ିଅଛ—ଆଜି ମତେ ପର୍ଯ୍ୟନ୍ତ ଛାଡ଼ିଲ, ସେହି ଲକ୍ଷ୍ୟରୁ ଯେପରି କଦାପି ଚ୍ୟୁତ ନ ହୁଅ ।

୨ । ଔଦ୍ଧତ୍ୟ, ଉତ୍ତେଜନା, ଆତ୍ମାଭିମାନ, ନିନ୍ଦା-କୁତ୍ସା ପ୍ରଭୃତି ସ୍ୱଧର୍ମଦ୍ୱେଷୀ ଶକ୍ତିବାନ୍‌ଙ୍କ ଅପେକ୍ଷା ସାଧାରଣ ଲୋକ ମଧ୍ୟ ଅନେକ ଭଲ । ସାଧକର ଧୈର୍ଯ୍ୟ, ତିତିକ୍ଷା, ପରମତ-ସହିଷ୍ଣୁତା, ସମଦର୍ଶିତା ଅଙ୍ଗର ଭୂଷଣ ହେବ ।

୩ । ଭଗବାନ୍ କାହା ଭିତରେ ରହି କିପରି ଭାବରେ କାର୍ଯ୍ୟ କରାଉଛନ୍ତି, ତାହା ବୁଝି ନ ପାରିବା ପର୍ଯ୍ୟନ୍ତ କାହାରି ବି ଦୋଷର ସମାଲୋଚନା କରନା । ମୁଁ ସର୍ବଗୁଣରେ ଗୁଣାନ୍ୱିତ, ଆଉ ସବୁ ଦୋଷର ଆକର, ଭ୍ରମରେ ମଧ୍ୟ ମନରେ ଏପରି ଅଭିମାନ ପୋଷଣ କରିବ ନାହିଁ । କାହାରି ପ୍ରତି ଇତର ଭାଷା ମଧ୍ୟ ପ୍ରୟୋଗ କରନା ।

୪ । ଆଚାର୍ଯ୍ୟ, ଶିକ୍ଷକ, ପିତା-ମାତା ପ୍ରଭୃତି ଗୁରୁଜନ ତ ଦୂରର କଥା, ସାଧାରଣଙ୍କ ନିକଟରେ ମଧ୍ୟ କଦାପି ନିଜର ମହତ୍ତ୍ୱ ପ୍ରଚାର କରନା । ନିଜ ମୁଖରେ ଆତ୍ମପ୍ରଶଂସା ଆତ୍ମହତ୍ୟାର ହିଁ ନାମାନ୍ତର । ମହାଭାରତରେ ଶ୍ରୀକୃଷ୍ଣ-ଉକ୍ତି ।

୫ । ତୁମର ଗର୍ଭଧାରିଣୀ ମାତା ଅଛନ୍ତି । ସୁତରାଂ କୌଣସି ନାରୀଙ୍କୁ "ମା" ବୋଲି ପାଦରେ ଲୋଟି ପଡ଼ନା । ଅଥଚ ପ୍ରତ୍ୟେକ ନାରୀଙ୍କୁ ମାଙ୍କର ରୂପ ମନେ କରି ସମ୍ମାନର ଚକ୍ଷୁରେ ଦେଖିବ । ନାରୀଙ୍କୁ "ମାଗୀ ଛାଗୀ" ପ୍ରଭୃତି ଅପଭାଷା ପ୍ରୟୋଗ କରନା । କାଲନାର ସିଦ୍ଧ ଭଗବାନ ଦାସ, ରାମକୃଷ୍ଣ ପରମହଂସ ପ୍ରଭୃତି ମହାତ୍ମାମାନେ ବେଶ୍ୟାକୁ ମଧ୍ୟ ମାତୃଭାବରେ ପ୍ରଣାମ କରିଛନ୍ତି ।

୬ । କେବେ କୌଣସି ବିଷୟରେ 'ବଡ଼େଇ' କରିବ ନାହିଁ । ସିଝାଆଳୁ ପରି ନରମ ହୋଇ ଯିବା ହିଁ ସିଦ୍ଧପୁରୁଷଙ୍କର ଲକ୍ଷଣ । ମହତ୍ ନ ହେଲେ କେହି ନତ ହୋଇ ପାରେନା । ବଡ଼ ନ ହେଲେ ସ୍ୱେଚ୍ଛାରେ କେହି ଛୋଟ କାର୍ଯ୍ୟ କରି ପାରେ ନାହିଁ । ଯେ ଯେତେ ଅଜ୍ଞାନ, ଅଭିମାନ ତାର ସେତେ ବଡ଼ ; ଏକଥା ଭୁଲିବ ନାହିଁ ।

୭ । ଗୁରୁଙ୍କ ଉପରେ ଗୁରୁଗିରି—ଖୋଦାଙ୍କ ଉପରେ ଖୋଦାକାରୀ କା—ର ଭଳି ଲୋକ ହିଁ କରି ପାରେ । ଅବଶ୍ୟ ଏବେ ଦେଖୁଛି, କା—ଅନେକ ଅଛନ୍ତି । ଯେଉଁ ଦିନ ବୁଝିବ, ଗୁରୁ ତୁମ କଥା ବୁଝୁନାହାନ୍ତି ବରଂ ଭୁଲ ବୁଝୁଛନ୍ତି, ଯେଉଁ ଦିନ ଗୁରୁଙ୍କ କଥା ସମର୍ଥନ କରି ପାରିବ ନାହିଁ, ସେହି ଦିନ ଗୁରୁଙ୍କୁ ଉପଦେଶ-ଆଦେଶ ଦେଇ ବୁଝାଇବାକୁ ନ ଯାଇ ବରଂ ସେହି ଗୁରୁଙ୍କୁ ତ୍ୟାଗ କରିବ । ସେଥିରେ ମଙ୍ଗଳ ହେବ । କିନ୍ତୁ ଖୋଦାକାରୀ କରି ମଙ୍ଗଳଘଟରେ ପଦାଘାତ କରନା ।

୮ । ମନୁଷ୍ୟର ଯେତେପ୍ରକାର ପତନ ହୋଇ ପାରେ, ନିଜକୁ 'ବଡ଼' ମନେ କରିବା ସର୍ବାପେକ୍ଷା ପ୍ରଧାନ । କାରଣ ଯେ ଅବିଦ୍ୟାଗ୍ରସ୍ତ, ସେ ବୁଝି ପାରେନା ତାର ବାକ୍ୟ ବା କାର୍ଯ୍ୟ ତାକୁ କେଉଁଠାରେ ପହଞ୍ଚାଇ ଦେଉଛି । ସାଧକର ଅଭିମାନ ହିଁ ସର୍ବପେକ୍ଷା ଭୟପ୍ରଦ । ଅଭିମାନକୁ

ସୁରାପାନ, ପ୍ରତିଷ୍ଠାକୁ ବିଷ୍ଠା ତୁଲ୍ୟ ମନେ କରି ବୃକ୍ଷ ଭଳି ସହିଷ୍ଣୁ ହୋଇ ସାଧନ କରିବାକୁ ପଡ଼େ । ମାୟା କାହାକୁ କେଉଁ ଭାବରେ ପତନ ଆଡ଼କୁ ଟାଣିନିଏ, ତାହାର ରହସ୍ୟ ବୁଝିବା କଠିନ । ସୁତରାଂ ସାବଧାନରେ ଚଳିବାକୁ ପଡ଼ିବ । ଭୂତ ଲାଗିବା ଲୋକ ଯେ ଭୂତଗ୍ରସ୍ତ ତାହା କଦାପି ବୁଝି ପାରେନା ।

୯ । ଗୁରୁନିଷ୍ଠା ଥିଲେ ତାଙ୍କ ଶକ୍ତି ସମସ୍ତ ବିପଦରୁ ରକ୍ଷା କରିବ । କିନ୍ତୁ ଗୁରୁଙ୍କ ଉପରେ ଗୁରୁତ୍ୱ ଜନ୍ମିଲେ ଆଉ ରକ୍ଷା ନାହିଁ । ଗୁରୁ ହୋଇ ବହୁଲୋକଙ୍କ ସମ୍ବନ୍ଧରେ ଏପରି ପ୍ରମାଣ ପାଇଅଛି ।

୧୦ । * * * ପରନିନ୍ଦା ଦ୍ୱାରା ଚିତ୍ତ ଅଶୁଦ୍ଧ ହୁଏ । ମନ୍ଦକୁ ଦୂରେଇ ରଖ, କିନ୍ତୁ ନିନ୍ଦା ବା ଘୃଣା କର ନାହିଁ । ମୈତ୍ରୀ, କରୁଣା, ମୁଦିତା ଓ ଉପେକ୍ଷାର କଥା ନିଶ୍ଚୟ କୌଣସି ବହିରୁ ପଢ଼ିଥିବ ।

ଯାହଉ ଆଜି ଏ ପର୍ଯ୍ୟନ୍ତ । ପତ୍ରାଦି ଲେଖିବାର କୌଣସି ପ୍ରୟୋଜନ ନାହିଁ । ଏହି ଉପଦେଶଗୁଡ଼ିକ ସ୍ମରଣ ରଖ, ତାହା ହେଲେ ହିଁ ହେବ । ବାତରେ ମୋର ବାମ ପାଦଟି ଅଚଳ ହେବାକୁ ବସିଛି । ଅନ୍ୟାନ୍ୟ ମଙ୍ଗଳ । ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୯୦)

ଓଁ ତତ୍‌ସତ୍

ସାରସ୍ୱତ ମଠ
୧୮।୧।୨୭

ସ୍ନେହାସ୍ପଦେଷୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ତୁମକୁ ଏଥିପୂର୍ବରୁ ଖଣ୍ଡିଏ କାର୍ଡ଼ ଲେଖିଛି । ତୁମର ଶେଷ ପତ୍ର ପାଇ ଅବଗତ ହେଲି । ତୁମର ପିତାଙ୍କୁ ଦୁର୍ଗାମୂର୍ତ୍ତି ଧ୍ୟାନ କରିବାକୁ ଉପଦେଶ ଦେଇଥିଲି । ଦୁର୍ଗା କହିଲେ ସିଂହବାହିନୀ ଦଶଭୂଜା ମୂର୍ତ୍ତି ବୁଝିବାକୁ ପଡ଼ିବ । ଭିତରର କ୍ରିୟା ତୁମେ କହିଦେଲେ କ୍ଷତି ନାହିଁ । ଆଉ ତାଙ୍କର ଯଦି ମନ୍ତ୍ର ସମ୍ବନ୍ଧରେ ସଂଶୟ ଉପସ୍ଥିତ ହୋଇଥାଏ, ତେବେ ଯାହା ମନେ ଅଛି, ସେଇଟା ମତେ ଲେଖି ପଠାଇଲେ ମୁଁ ସେ ସମ୍ବନ୍ଧରେ ବିଶେଷ ବ୍ୟବସ୍ଥା କରିବି । ତୁମର ପିତାଙ୍କୁ ତାହାର ଜାପ୍ୟ ମନ୍ତ୍ରଟି ଲେଖି ପଠାଇବାକୁ କହିବ ।

ଅକ୍ଷମ ହେଉ, କିମ୍ବା ସାଧନ-ଭଜନରେ ପ୍ରବୃତ୍ତି ନ ହେଉ, କିନ୍ତୁ ଆଧ୍ୟାତ୍ମିକ ଉନ୍ନତିର ଅନ୍ତତଃ ଇଚ୍ଛା ଥିଲେ ଗୁରୁକୃପା କାର୍ଯ୍ୟକାରୀ ହୁଏ । ଇଚ୍ଛା ବ୍ୟତୀତ ଶକ୍ତି ପରିଚାଳିତ ହେବ କିପରି ? ତେବେ ତୁମର ପିତା ଅବସର ନେଇ କିଛିଦିନ ବଞ୍ଚି ରହିଲେ ସେହି ଚେଷ୍ଟା କରିବି । ତୁମେ ପିତା-ପୁତ୍ର ଆଧ୍ୟାତ୍ମିକ ଆଲୋଚନା କର । ଆଉ ଥରେ ସୁଯୋଗ ଅନୁସାରେ ମୋ ସହିତ ଦିନେ ଦୁଇଦିନ ପାଇଁ ଦେଖା ସାକ୍ଷାତ ହେଲେ ବିଶେଷ ସୁବିଧା ହୁଏ । ତୁମର ପିତାଙ୍କ ପାଇଁ ତୁମେ ମଧ୍ୟ ମା'ଙ୍କ ନିକଟରେ ପ୍ରାର୍ଥନା କର । * * * ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ

(୯୧)

ଜୟଗୁରୁ

ପୁରୀ

୨୬।୧୨।୩୨

କଲ୍ୟାଣୀୟାସୁ—

ପରମ ଶୁଭାଶୀରାସ୍ତାନ୍ୱିଶେଷଃ—

ତୁମର ପତ୍ର ପାଇ ସକଳ ସାମଚାର ଅବଗତ ହେଲି । ପୂର୍ବର ପତ୍ରଖଣ୍ଡିକ ମଧ୍ୟ ପାଇଛି । ଘୃତ ମଧ୍ୟ ବ୍ୟବହାର କରୁଅଛି ।

ଅସୁସ୍ଥତା ହେତୁ ମୁଁ ମୋଟେ ପତ୍ର ଲେଖି ପାରେନା । ପତ୍ର ଲେଖି ବସିଲେ ବୁକୁରେ ବ୍ୟଥା ହୁଏ । ସେଦିନ ମୋ ସହିତ ଦେଖା କରି ଗଲ, ପତ୍ରରେ ଆଉ ବିଶେଷ କ'ଣ ଲେଖିବି ? ମୋର କଥା ଶୁଣିବାକୁ ଇଚ୍ଛା ହେଲେ ମୋର ବହିଗୁଡ଼ିକ ପଢ଼ । ଧ୍ୟାନ-ଧାରଣାରେ ଲିପ୍ତ ରୁହ । ତୁମ ମନରେ ଯେପରି ଭାବ ଆସିବ, ତଦନୁରୂପ ଚିନ୍ତା କର । ମୁଁ ତୁମକୁ ଭୁଲିବି କାହିଁକି ? ଅନେକ ସମୟରେ ତୁମ କଥା ମନେ ପଡ଼େ । ଏ ପର୍ଯ୍ୟନ୍ତ କୌଣସି ଅପରାଧ ଗ୍ରହଣ କରି ନାହିଁ । ତୁମେ ମନରେ କୌଣସି ଶଙ୍କା କରନା । ମତେ ଯେପରି ନିଜର ବୋଲି ବୁଝିଅଛ, ନିଃସଂକୋଚରେ ସେହିପରି ବ୍ୟବହାର କର ।

ଶ୍ରୀମାନ୍ ଅ—ର ଅସୁସ୍ଥ ସମ୍ବାଦରେ କ୍ଷୁର୍ଣ୍ଣ ହେଲି । ଯାହା ହେଉ, ଜୀବନର ବାକୀ ସମୟ ତାକୁ ଟିକିଏ ଶାନ୍ତିରେ ରଖିବାକୁ ଚେଷ୍ଟା କର । ସେବା-ଯତ୍ନରେ ଯେପରି ତ୍ରୁଟି ନ ହୁଏ । ଏଠାକାର ଅନ୍ୟାନ୍ୟ କୁଶଳ ।

ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ତୁମର ଦୁଇ ଝିଅଙ୍କର ସୁସ୍ଥ ସମ୍ବାଦ ଜଣାଇବ । ଇତି—

ଶୁଭାନୁଧାୟୀ—
ଶ୍ରୀନିଗମାନନ୍ଦ

(୯୨)

ଓଁ ସଦ୍‌ଗୁରୁ

କାଶୀ ଗମ୍ଭୀରା
୧୧।୧।୨୩

କଲ୍ୟାଣୀୟାସୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ଆନନ୍ଦିତ ହେଲି । ମା, ମୁଁ ଯେ ଜଗତର କାର୍ଯ୍ୟରେ ବିକି ହୋଇଯାଇଛି ! ମୋର ସମୟ କାହିଁ ? ନିଜ ଲୋକଙ୍କର ସନ୍ଧାନ କରିବାର ଅବକାଶ କାହିଁ ? ତେବେ ଜଗତରେ ଯେଉଁଠାରେ ଯେଉଁ ଅବସ୍ଥାରେ ରହେ ନା କାହିଁକି, ତୁମ୍ଭମାନଙ୍କୁ ଭୁଲିବନା, ନିୟତ ମଙ୍ଗଳ କାମନା କରିବି । ତୁମ୍ଭେମାନେ ମଧ୍ଯ ସର୍ବାନ୍ତଃକରଣରେ ମାଙ୍କ ଉପରେ ନିର୍ଭର କର—ସବୁ ଅବସ୍ଥାରେ ତାଙ୍କର ନାମ ନେବାକୁ ଅଭ୍ୟାସ କର । ଭିତରେ ତାଙ୍କୁ ଦେଖିବା ପାଇଁ ଯତ୍ନ କର—ବ୍ୟାକୁଳ ହୁଅ । ନତୁବା ମୋ ସହିତ ବାହାରେ ଦେଖା କରିବା ସବୁ ସମୟରେ ସୁବିଧା ହେବ ନାହିଁ । ମୋର ସେହି ଅବସର କାହିଁ ?

ମୁଁ କିଛି ଦିନ ଭିତରେ ଏଠାରୁ ଆସାମକୁ ପ୍ରସ୍ଥାନ କରିବି । ଏଥର ଆଉ ବଙ୍ଗଳାରେ କେଉଁଠି ବିଶ୍ରାମ କରିବି ନାହିଁ । ଆସାମରୁ ଫେରିବା ସମୟରେ

ଉତ୍ତର ଓ ପୂର୍ବବଙ୍ଗରେ କିଛିଦିନ ଅବସ୍ଥିତି କରିବ । ସେହି ସମୟରେ ଯେପରି ତୁମ୍ଭମାନଙ୍କ ସହିତ ସାକ୍ଷାତ ହୁଏ, ତାହାର ବ୍ୟବସ୍ଥା କରିବ । * * * ଅତ୍ର ମଙ୍ଗଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଶୁଭାନୁଧାୟୀ—

ତୁମ୍ଭମାନଙ୍କ ଠାକୁର

(୯୩)

ଜୟଗୁରୁ

ପୁରୀ

୧୩।୨।୩୨

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ପତ୍ର ପାଇ ସମାଚାର ଅବଗତ ହେଲି । * * * ଆଶାକରେ ଜନ୍ମୋତ୍ସବରେ ତୁମ୍ଭମାନଙ୍କ ସହିତ ମଠରେ ସାକ୍ଷାତ ହେବ । ମୋର ଶରୀର ଆଜିକାଲି ଭଲ ଅଛି । ଚିକିତ୍ସାରେ ବିଶେଷ କୌଣସି ଫଳ ହେବ ବୋଲି ମନେ ହେଉ ନାହିଁ । ତଥାପି ଯେତେବେଳେ ବେଶୀ ହୁଏ, ସେତେବେଳେ କୌଣସି କୌଣସି ଔଷଧ ସେବନ କରିଥାଏ ।

ମୋର ପାର୍ଥିକ ଦେହ ପାଇଁ ଉଦ୍‌ବିଗ୍ନ ହୁଅନା । ଶ୍ରୀଗୁରୁଭଗବାନ୍ ତୁମ୍ଭମାନଙ୍କର ଅନ୍ତରରେ ଅଛନ୍ତି । ତାଙ୍କର ପ୍ରେମରସରେ ମଜି ତାଙ୍କୁ ପ୍ରକାଶିତ କର । ତେବେ ଯାଇ ସବୁ ଅଭାବ ମେଣ୍ଟିବ । ମୁଁ ମଧ୍ୟ ସେହି ଆଶୀର୍ବାଦ କରୁଅଛି । * * * ଇତି—

ଶୁଭାନୁଧାୟୀ—

ଶ୍ରୀନିଗମାନନ୍ଦ

(୯୪)

ଜୟଗୁରୁ

ନୀଳାଚଳ କୁଟୀର
ପୁରୀ (ଓଡ଼ିଶା)
୨୨।୫।୩୪

କଲ୍ୟାଣୀୟାସୁ—

ପରମ ଶୁଭାଶୀରାସ୍ତାନ୍ବିଶେଷଃ—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ମୁଁ ଏଭିତରେ ଆସାମ-ମଠକୁ ଯାଇଥାନ୍ତି, କିନ୍ତୁ ପୁରୀର ରେଳ-ଲାଇନ ବନ୍ୟାରେ ଭାଙ୍ଗି ଯାଇଥିବାରୁ ରାସ୍ତା ବନ୍ଦ । ଏଥି ପାଇଁ ନାନାବିଧ ଅସୁବିଧା ଭୋଗ କରୁଅଛି । * * *

ମୋର ଶରୀରଟା ପ୍ରାୟ ଭଲ ରହେନା । ଦାନ୍ତର ଯନ୍ତ୍ରଣା ଲାଗି ରହିଛି । କିଛିଦିନ ହେଲା ମନଟା ମଧ୍ୟ ଅବସନ୍ନ । କୌଣସି କାର୍ଯ୍ୟରେ ଉଦ୍ୟମ-ଉତ୍ସାହ ନାହିଁ । ଆନନ୍ଦ ମଧ୍ୟ ପାଉ ନାହିଁ । ଏବେ ସ୍ଥୂଳ କାର୍ଯ୍ୟ ଶେଷ କରି ଯାଇ ପାରିଲେ ହିଁ ମଙ୍ଗଳ । ତେବେ ଯେଉଁ କେତେଦିନ ରହିବାକୁ ପଡ଼ିବ, ସବୁ ତାଙ୍କର ଦାନ ଭାବି ମୁଣ୍ଡପାତି ନେବାକୁ ହେବ । ତୁମ ସମ୍ବନ୍ଧରେ ମଧ୍ୟ ସେହି କଥା । ଆଉ ଉପଦେଶାଦି କ'ଣ ଦେବି ? ନିଜ ଘରକୁ ଫେରି ଯିବା ପାଇଁ ଉତ୍କଣ୍ଠିତ ଭାବରେ କାଳଯାପନ କର । ପରର ସଂସାରରେ ପର ପାଇଁ ଯେପରି ମୋହଗ୍ରସ୍ତ ହୁଅନା । ନିଜର ଅନ୍ତର ପରିଷ୍କାର ରଖ । ପାର୍ଥିକ ମାୟା-ମୋହରେ ଲକ୍ଷ୍ୟ ହରାଅ ନାହିଁ ।

ମୋର ଆଶୀର୍ବାଦ ଜାଣିବ । ମୁଁ ଆଉ କାହାରିକୁ ବି ପତ୍ରାଦି ଲେଖୁ ନାହିଁ । ଭଲ ମଧ୍ୟ ଲାଗେନା । ଅବସରର ଚେଷ୍ଟାରେ ଅଛି । ଏଥର

ଭକ୍ତ-ସମ୍ମିଳନୀରେ ମଠ ଓ ଆଶ୍ରମ ଗୁଡ଼ିକୁ ଦାନପତ୍ର ରେଜିଷ୍ଟ୍ରୀ କରି ଦେଇ ଏହି ଜୀବନ ପାଇଁ ବିଶ୍ରାମ ନେବି । ଇତି—

ଶୁଭାନୁଧାୟୀ—

ଠାକୁର

(୯୫)

ଜୟଗୁରୁ

ନୀଳାଚଳ କୁଟୀର
ପୁରୀ (ଓଡ଼ିଶା)
୧୩।୧୨।୩୫

କଲ୍ୟାଣୀୟାସୁ—

ସ୍ନେହର ସ—, ମୁଁ ଦୀର୍ଘଦିନ ନାନା ଦେଶ ବୁଲି ଗତ ଚୈତ୍ର ୧୦ମ ଦିବସରେ ପୁରୀରେ ଆସି ପହଞ୍ଚିଛି । ଆସି ତୁମର ପତ୍ର ପାଠାନ୍ତେ ପରମ ପ୍ରୀତ ହେଲି । * * * ମୋର ଶରୀରଟା ଭଲ ନାହିଁ । ବାତରେ ଅଚଳ ହୋଇ ପଡ଼ୁଅଛି । ଚିଠିଖଣ୍ଡିଏ ଲେଖିବାର ଶକ୍ତି ମଧ୍ୟ ନାହିଁ । ଏ ମାସ ଶେଷ ଆଡ଼କୁ ମୁଁ ଦାର୍ଜିଲିଂ ଯାଉଅଛି । ଭଲ ଲାଗିଲେ ସେଠାରେ ୨।୩ ମାସ ରହିବି । ବାକୀ ଜୀବନଟା ଏହିପରି ହିଁ କଟିବ । ନୂତନ ଲୋକରେ ନୂତନ ଦେହରେ ନବ ଆନନ୍ଦରେ ମିଳିତ ହେବା ଆଶାରେ ଉତ୍କଣ୍ଠିତ ରୁହ । ସେ ଆନନ୍ଦ-ମିଳନର ଚିନ୍ତାରେ ବିଭୋର ହୋଇ ରୁହ । ଏହି ଜୀବନର ଯବନିକା ପଡ଼ିଲେ ହିଁ ଆନନ୍ଦ-ରାଜ୍ୟର ରାସ୍ତା ଖୋଲି ଯିବ । ବୁଝିଲ ତ ?

ଏଠାକାର ଅନ୍ୟାନ୍ୟ କୁଶଳ । ମୋର ସ୍ନେହାଶୀର୍ବାଦ ଜାଣିବ । ଅଧିକ ଆଉ କ'ଣ ଲେଖିବି । ସମୟ ସାବକାଶ ଖୁବ୍ ଅଳ୍ପ । ଦୁଃଖ ପାଇବ ବୋଲି ବାଧ ହୋଇ ଉତ୍ତର ଦେଲି । ମୁଁ ପତ୍ର ଲେଖିବା ଏକ ପ୍ରକାର ବନ୍ଦ କରି ଦେଇଛି । ପ୍ରାୟ କାହାରିକୁ ବି ଲେଖୁ ନାହିଁ । ପିଲାମାନେ ହିଁ ଉତ୍ତରାଦି ଦିଅନ୍ତି । ଇତି—

ଶୁଭାନୁଧାୟୀ—

ଠାକୁର

(୯୬)

ଜୟଗୁରୁ

ପୁରୀ

୧୬।୧।୪୧

ସ୍ନେହର ଶ—,

ତୁମର ପତ୍ର ପାଇ ପ୍ରୀତ ହେଲି । ସହସ୍ରାରକୁ କୁଣ୍ଡଳନୀ ଉଠାଇ ପ୍ରଥମେ ପ୍ରକୃତି-ପୁରୁଷଙ୍କ କାର୍ଯ୍ୟ କରିବ, ପରେ ପ୍ରଣବ ଧ୍ୟାନ କରିବ । ତୁମେ ତ କୃପା ପାଇଅଛ ! ନିର୍ଭର କରି ନିଶ୍ଚିନ୍ତରେ ନାମ ନେଇ ଜୀବନ କଟାଅ ଏବଂ ଯେଉଁ କାର୍ଯ୍ୟ ଦେଇଛି, ତାହା ହିଁ କରୁଥାଅ ।

ଚିଠି ଲେଖିବା ଅପେକ୍ଷା ସାକ୍ଷାତରେ ଜିଜ୍ଞାସା କରିବା ଭଲ । ବରଂ ଚିଠି ଲେଖିବାକୁ ବେଶୀ କଷ୍ଟ ହୁଏ । ଶରୀର ଅତ୍ୟନ୍ତ ଅସୁସ୍ଥ । ମୋର ସ୍ନେହାଶୀର୍ବାଦ ଜାଣିବ । ଇତି—

ଆଃ—

ଠାକୁର

(୯୭)

ଓଁ

ଶାନ୍ତି ଆଶ୍ରମ

୬।୭।୧୩୧୯

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶାୟଃ ସନ୍ତୁ ନିତ୍ୟମ୍—

ତୁମେ ଏଥର ଯେଉଁ ସବୁ ଗୁରୁତର ବିଷୟରେ ପ୍ରଶ୍ନ ଜିଜ୍ଞାସା କରିଅଛ, ତଦୁତ୍ତର ଦେବା ଏବେ ମୋର ସାଧ୍ୟାତୀତ । ମୋର ମନର ଗତି ହିଁ ବଡ଼ ବିଷମ—ସୁତରାଂ ସମୟ ଓ ସୁବିଧାନୁସାରେ ସେହି ସବୁ କଥାର ମିମାଂସା କରିବି । ବାଣଲିଙ୍ଗ ପୂଜା ସମ୍ବନ୍ଧରେ ଯେଉଁ ନିୟମରେ କରି ଆସୁଅଛ, ତାହା ହିଁ କରି ଯାଅ । ପରେ ତାଙ୍କର ବିଶେଷ ପୂଜାପଦ୍ଧତି ଜଣାଇ ଦେବି । ଜାତାଶୌଚ ଓ ମୃତାଶୌଚ ଦିନରେ ଉକ୍ତ ପୂଜା ନିଷିଦ୍ଧ ବୋଲି ହିଁ ଶାସ୍ତ୍ରରେ ବ୍ୟବସ୍ଥା ଅଛି । ତୁମ୍ଭେମାନେ ମତେ ଏମିତି ତ ଶ୍ରଦ୍ଧା-ଭକ୍ତି କର ; ସୁତରାଂ ମତେ ଗୁରୁ କଲେ ଆଉ ବିଶେଷ କ'ଣ ହେବ ? ଆଜିକୁ ୪ବର୍ଷ ଯାହାଙ୍କର ସଂସ୍ପର୍ଶରେ ଆସି ତୁମ୍ଭମାନଙ୍କର ଗୋଟିଏ ଯତ୍‌ସାମାନ୍ୟ ସାଂସାରିକ ବାସନା ପୂରଣ ହେଲା ନାହିଁ, ତାହା ଦ୍ୱାରା କୌଣସି ପ୍ରକାର ଆଧ୍ୟାତ୍ମିକ ଉନ୍ନତିର ଆଶା ହାସ୍ୟଜନକ । ସାଂସାରିକ ଅଭାବ ପୂରଣର କାମନା ଥିଲେ ଅନ୍ୟ କାମନା ବନ୍ଧ୍ୟାନାରୀଠାରେ ସନ୍ତାନୋତ୍ପାଦନ ଭଳି ବୃଥା । ଛିଦ୍ର ଥିବା କଳସୀରେ ଯେତେ ଜଳ ଢାଳିବ, ତାହା ତଳଦେଶ ଦେଇ ବୋହି ଯିବ । ସାଂସାରିକ ଅଭାବ ସେହି ଛିଦ୍ରବିଶେଷ । କାମୀ ଭକ୍ତ ଓ ଲୋଭୀ ଗୁରୁ ଏମାନଙ୍କର ଆଧ୍ୟାତ୍ମିକ ସମ୍ବନ୍ଧ ସୁଦୂରପରାହିତ ।

ତୁମର ସ୍ତ୍ରୀ ସମ୍ବନ୍ଧରେ ସ୍ତ୍ରୀଲୋକ ଓ ବୃଦ୍ଧାଲୋକଙ୍କର ପରାମର୍ଶ ଗ୍ରହଣ କରି ତଦନୁସାରେ କାର୍ଯ୍ୟ କରିବ । ଗୁହ୍ୟ ରହସ୍ୟଗୁଡ଼ିକ ପ୍ରକାଶ ନ କରି ସାଧାରଣ ଗର୍ଭିଣୀମାନଙ୍କର ଯେପରି ପ୍ରତିକାର କରାହୁଏ, ତୁମ ସ୍ତ୍ରୀ ସମ୍ବନ୍ଧରେ ତାହା କରିବାରେ କୌଣସି ବାଧା ନାହିଁ । ଥରେ କୌଣସି ଅନିଷ୍ଟର ସମ୍ଭାବନା ମଧ୍ୟ ନାହିଁ । ମତେ ଆଉ ତାହା ଲେଖି ଲାଭ କ'ଣ ? ପ୍ରକୃତିର ସ୍ରୋତରେ ଯାହା ହେବ, ତାହା କେହି ରୋଧ କରି ପାରିବେ ନାହିଁ । ତେବେ ଲୌକିକ କୌଣସି କାର୍ଯ୍ୟରେ ବାଧା ନାହିଁ । ନିଶ୍ଚୟକରି ଜାଣ—"ଯାହା କରିବେ ସାଇଁ, ତାହା କେହି ଭାବେ ନାହିଁ ।"

ଆଶ୍ରମର ଅନ୍ୟାନ୍ୟ ସମସ୍ତ କୁଶଳ । ତୁମ୍ଭେମାନେ ମୋର ଆଶୀର୍ବାଦ ଜାଣିବ । ଇତି—

ଭକ୍ତକୃପାଭିକ୍ଷୁ—
ଦୀନ—ଶ୍ରୀନିଗମାନନ୍ଦ

(୯୮)

ଓଁ ତତ୍‌ସତ୍

ସାରସ୍ୱତ ମଠ
୨୩।୫।୨୫

ସ୍ନେହାସ୍ପଦେଷୁ—

ପରମ ଶୁଭାଶୀରାସ୍ତାନ୍ତ୍ୱିଶେଷଃ—

ଇଦାନୀଂ ତୁମର ପତ୍ରାଦି ପାଉ ନାହିଁ । ତୁମେ ଶ୍ରୀମାନ୍ ସୁ—କୁ ଯେଉଁ ପତ୍ର ଦେଇଛ, ତାହାର ସବୁଗୁଡ଼ିକ ଦେଖିଅଛି । ତୁମେ ନାନା

କାରଣରୁ ବିଶେଷତଃ ଶାରୀରିକ ଅସୁସ୍ଥତା ବଶତଃ କ୍ରିୟାଦିରେ ହତାଶ ହୋଇ ପଡ଼ିଅଛ ଏବଂ ମୃତ୍ୟୁ ହିଁ ଶ୍ରେୟଃ ଜ୍ଞାନ କରୁଅଛ । ବସ ! ମୃତ୍ୟୁ ମଧ ପ୍ରାର୍ଥନା ଆତ୍ମହତ୍ୟାର ନାମାନ୍ତର ମାତ୍ର । ଯାହାଙ୍କ ଇଚ୍ଛାରେ ଏହି ଜଗତକୁ ଆସିଅଛ, ମୃତ୍ୟୁ ତାଙ୍କ ଇଚ୍ଛାରେ ହିଁ ହେବ । ତାଙ୍କ ଇଚ୍ଛାରେ ଯୋଗ, ଜପ, ସାଧନ ବ୍ୟତୀତ ମଧ ମୁହୂର୍ତ୍ତକ ମଧରେ ଧନ୍ୟ ହୋଇ ଯାଇ ପାରିବ । ସୁତରାଂ ତାଙ୍କ ଇଚ୍ଛା ଉପରେ ସମ୍ପୂର୍ଣ୍ଣ ଆତ୍ମନିର୍ଭର କର । ଯଦି କିଛି କରି ନ ପାର, ପଡ଼ି ପଡ଼ି ତାଙ୍କର ନାମ କର । ମରି ଲାଭ କ'ଣ ?—ତ୍ୟାଗୀ ତୁମେ, ମଲେ ବହୁଦିନ ସ୍ୱର୍ଗଭୋଗ କରିବାକୁ ପଡ଼ିବ—ତତ୍ପରେ କେତେଦିନରେ ପୁନଃ ଜନ୍ମ ହେବ ତାହାର ନିଶ୍ଚୟତା କ'ଣ ? ସ୍ୱର୍ଗଭୋଗରେ କିପରି ସଂସ୍କାର ସଞ୍ଚିତ ହେବ । ତାର ଠିକ୍ କ'ଣ ? ତୁମେ ସନ୍ନ୍ୟାସୀ—ସନ୍ନ୍ୟାସ ରକ୍ଷା କରି ଅନ୍ତତଃ କର୍ମକ୍ଷୟାନ୍ତେ ମରି ପାରିଲେ ମୁକ୍ତି ନିଶ୍ଚୟ । ଆଉ ତାଙ୍କ କୃପାରୁ ଏହି ଜୀବନରେ ପ୍ରତ୍ୟକ୍ଷ ଜ୍ଞାନଲାଭ ମଧ ଅସମ୍ଭବ ନୁହେଁ । ସୁତରାଂ ହତାଶ ନ ହୋଇ ଯାହା ପାର କର—ନାମ ଭୁଲନା, ଆଶାକରେ ତଦ୍ୱାରା ହିଁ ବାସନା ପୂର୍ଣ୍ଣ ହେବ । * * * ମୋର ଆଶୀର୍ବାଦ ଜାଣିବ । ଇତି—

ଆଃ—

ଶ୍ରୀନିଗମାନନ୍ଦ

(୯୯)

ଜୟଗୁରୁ

ପୁରୀ

୨୫।୬।୪୨

କଲ୍ୟାଣବରେଷୁ—

ପରମ ଶୁଭାଶିଷାଂ ରାଶୟଃ ସନ୍ତୁ ନିତ୍ୟମ୍—

ତୁମର ଓ ଅବନୀର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ଡାକ୍ତରୀ ଚିକିତ୍ସା ହେବା ସତ୍ତ୍ୱେ ୧୨ ଦିନରେ ଜ୍ୱର ଛାଡ଼ି ନାହିଁ ଶୁଣି ବିଶେଷ ଚିନ୍ତିତ ହେଲି । ଇଞ୍ଜେକ୍ସନ୍ କରା ହୋଇଛି କି ? ଜ୍ୱର ଛଡ଼ାଇବାର ବ୍ୟବସ୍ଥା କର । ସତ୍ୱର ସୁସମ୍ବାଦରେ ନିରୁଦ୍‌ବିଗ୍ନ କରିବ । ଆଉ ଅସୁଖ-ବିସୁଖ ବା ବିପଦ-ଆପଦରେ ଚିତ୍ତ ଦୁର୍ବଳ ହେବ କାହିଁକି ? ନିରୁତ୍ସାହ ହୋଇ ପଡ଼ିବ କାହିଁକି ? କର୍ମ ଭୋଗିବାକୁ ତ ଜୀବ ଜଗତକୁ ଆସେ । ଏଠାକାର ବୋଝ ଏଠାରେ ହିଁ ଓହ୍ଲାଇ ରଖିଯିବାକୁ ହେବ । ମୃତ୍ୟୁକାମନା କରି ବୋଝର ଓଜନ ବଢ଼ାଇଲେ ଚଳିବ ନାହିଁ । ନିର୍ଭର ମାନେ ସର୍ବପ୍ରକାରେ ନିର୍ଭର ହେବା ଦରକାର । ସୁଖ ଓ ଦୁଃଖକୁ ସମାନଭାବରେ ଭୋଗ କରିବା ଦରକାର । ଯାହାଙ୍କର ଯନ୍ତ୍ର, ସେ ଯେପରିଭାବରେ ଇଚ୍ଛା ବଜାନ୍ତୁ, ତୁମ୍ଭେମାନେ କେବଳ ଦେଖି ଶୁଣି ଯାଅ । ଧୈର୍ଯ୍ୟ, ସ୍ଥୈର୍ଯ୍ୟ ଓ ଗାମ୍ଭୀର୍ଯ୍ୟର ବର୍ମ ପିନ୍ଧି କର୍ମକ୍ଷେତ୍ରରେ ଯୁଦ୍ଧ କର । ଜୟୀ ହେଲେ ପୃଥିବୀ-ରାଜ୍ୟ—ଆଉ ମଲେ ସ୍ୱର୍ଗରାଜ୍ୟ, ଏହି ଭଗବଦ୍‌ବାକ୍ୟ ବା ମଦ୍‌ବାକ୍ୟ ଭୁଲନା । * * * ଭଲ ଅଛି । ଇତି—

ଶୁଭାନୁଧ୍ୟାୟୀ—

ଶ୍ରୀନିଗମାନନ୍ଦ ସରସ୍ୱତୀ

(୧୦୦)

ଜୟଗୁରୁ

ପୁରୀ
୧୩।୪।୪୧

କଲ୍ୟାଣବରେଷୁ—

ପରମ ଶୁଭାଶୀରାଷ୍ଟାନ୍ତିଶେଷଃ—

ତୁମର ପତ୍ର ପାଇ ସକଳ ସମାଚାର ଅବଗତ ହେଲି । ଏ ସଂସାରରେ ସୁଖ-ଦୁଃଖ, ରୋଗ-ଶୋକ, ଅଭାବ-ଅଭିଯୋଗାଦି ନିତ୍ୟ ଘଟଣା । ଏଥିରେ ହତାଶ ହେଲେ ଚଳିବ କିପରି ? ଆଦୌ ନିରାନନ୍ଦ ବା ନିରାଶ ହୁଅ ନାହିଁ । ଶ୍ରୀଗୁରୁଙ୍କ ଉପରେ ନିର୍ଭର କରି କର୍ତ୍ତବ୍ୟ କର୍ମ କରି ଯାଅ—ଫଳାଫଳ ସେ ହିଁ ଜାଣନ୍ତି । * * *

ପିତା ପୁତ୍ର ଉପରେ ସଂସାରର ଭାର ଦେଇ ପରଲୋକକୁ ପ୍ରସ୍ଥାନ କରନ୍ତି । ତୁମ୍ଭେମାନେ ମୋର ଦାୟିତ୍ୱ ଗ୍ରହଣ କରିଅଛ, ମୁଁ ନିଶ୍ଚିନ୍ତରେ ତୁମ୍ଭମାନଙ୍କର ମଙ୍ଗଳ ଚିନ୍ତା କରି କରି ସ୍ୱଧାମକୁ ଚାଲି ଯିବି । ତୁମେ ଓଲଟା ପ୍ରାର୍ଥନା କରି ମତେ ବେଦନା ଦେଉଛ । ଏପରି ପ୍ରାର୍ଥନା ଆଉ କରନା । ମତେ ପ୍ରଥମେ ଯିବାକୁ ଦିଅ, ତୁମ୍ଭେମାନେ ପଶ୍ଚାତରେ ଆସ । * * * ଇତି—

ଶୁଭାନୁଧାୟୀ—
ଶ୍ରୀନିଗମାନନ୍ଦ

ତୃତୀୟ ଖଣ୍ଡ ସମାପ୍ତ

ସାରସ୍ୱତ ମଠ